ଅପ୍ରେଲ ୨୦୨୪ • ୫୦ ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in



ପ୍ରସଙ୍ଗ :

ଓଡ଼ିଆ କବିତା


RUCHI
FOODLINE
Since 1976
Karlo Dosti Sehat Se...
ଫେଷ୍ଟିଭାଲ୍
ବୋନାଞ୍ଜା
ଅଫର୍
Kheer mix
Chaat Masala
Garam Masala
Fish Masala
Meat Masala
Dalma Powder
Curry Powder
Chicken Masala
ରୁଚି ମସଲା କିଣନ୍ତୁ, ଭାଗ୍ୟ ଚମକାନ୍ତୁ
*ଏହି ସ୍କିମ୍ 50 ଗ୍ରାମ୍ ଓ 100 ଗ୍ରାମ୍‌ର ରୁଚି କରି ପାଉଡ଼ର, ଚିକେନ୍ ମସଲା, ମିଟ୍ ମସଲା, 25 ଗ୍ରାମ୍ ଓ 50 ଗ୍ରାମ୍‌ର ଗରମ ମସଲା, 50 ଗ୍ରାମ୍‌ର ଚାଟ୍ ମସଲା, ଡାଲ୍‌ମା ପାଉଡ଼ର, ଫିସ୍ ମସଲା ଏବଂ 300 ଗ୍ରାମ୍‌ର କ୍ଷୀର୍‌ମିକ୍ସ ପ୍ୟାକ୍ ଉପରେ ବୈଧ ।
ଲକି ଡ୍ରରେ ଭାଗନେବା ପାଇଁ
ଷ୍ଟେପ୍-1
ରୁଚି ପ୍ୟାକ୍ ଭିତରେ ଥିବା "WINNING CODE" ଟିକୁ ଖୋଜନ୍ତୁ
ଷ୍ଟେପ୍-2
STATE NAME ଓ "WINNING CODE" କୁ ଲେଖି 72310 06006 ରେ SMS କରନ୍ତୁ
ବମ୍ପର ପୁରସ୍କାର
3ଟି କାର୍
30ଟି ଇ-ସ୍କୁଟର
ଦୈନିକ ପୁରସ୍କାର
ସୁନା କଏନ୍
ରୁପା କଏନ୍
ସ୍ମାର୍ଟ ୱାଚ୍#
*ଏହି ଅଫର୍ ଷ୍ଟକ୍ ଥିବା ପର୍ଯ୍ୟନ୍ତ ସୀମିତ *ନିୟମ ଓ ସର୍ତ୍ତାବଳୀ ପ୍ରଯୁଜ୍ୟ *ଚିତ୍ରଗୁଡ଼ିକ କେବଳ ଉଦାହରଣ ପାଇଁ ଦିଆଯାଇଛି #ପୁରସ୍କାରଗୁଡ଼ିକ ଭିନ୍ନ ହୋଇପାରେ
ଗୁଣବତ୍ତା
ବିଶ୍ୱାସନୀୟତା
ଶୁଦ୍ଧତା
ଅନ୍‌ଲାଇନ୍‌ରେ କିଣନ୍ତୁ amazon | Flipkart ରୁ
www.ruchifoodline.com

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

## ରେବତୀ
### ଆମ ମାଟିର ସ୍ୱର

ଷଷ୍ଠ ବର୍ଷ : ୬ଷ୍ଠ ସଂଖ୍ୟା, ଅପ୍ରେଲ ୨୦୨୪ ■ Vol-6, Issue : 06, April 2024



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି
■
ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ ମୁଖ୍ୟ
**ରବୀନ୍ଦ୍ର କୁମାର ବିଶ୍ୱାଳ**

ଅଳଂକରଣ ବିଭାଗ
- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ଣ୍ଣ
- ଚିତ୍ରକଳା : ସୁସ୍ମିତା ମିଶ୍ର, ସଞ୍ଜୟ ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

**Bhubaneswar Office**
Rebatee Media House Pvt. Ltd.
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
E-mail
*rebatimedia@gmail.com*

**Editorial Office**
Editor : Rebati Ama Matira Swara
O.T. Road, Balasore
Pin - 756001, Odisha
Phone : 9437080003
7008845920
E-mail :
*rebati.rebati2018@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : ୫୦ ଟଙ୍କା ମାତ୍ର ■ Price : **INR 50/-**
■ ବାର୍ଷିକ : ୭୯୦ ଟଙ୍କା ମାତ୍ର ■ Annual : **INR 790/-**

ଆମ ମାଟିର ସ୍ୱର


**୪**
ସମ୍ପାଦକୀୟ : ମାତୃତ୍ୱ ଅଭିଶାପ ନୁହେଁ ବରଦାନ:
**ସୁବାସିନୀ ଜେନା**

**୯** ଜୀବନ ଯେମିତି: ଗୋଟିଏ ନାଟକର ନିୟତି: ରାମଚନ୍ଦ୍ର ବେହେରା

**୧୮** ପ୍ରସଙ୍ଗ-୧ : ଓଡ଼ିଆ କବିତାର ଧୂଆଁ ଓ ଧୂନ୍ ଡକ୍ଟର ଦିଲୀପ କୁମାର ସ୍ୱାଇଁ

**୨୬** ପ୍ରସଙ୍ଗ-୨ : ବିବିଧବର୍ଣ୍ଣୀ ବସନ୍ତ: ଶିଶିର ବେହେରା

**୩୦** ପ୍ରସଙ୍ଗ-୩: ଓଡ଼ିଆ କବିତାର...: ଡକ୍ଟର ଗୌତମ ଜେନା


**୩୭** ପ୍ରସଙ୍ଗ-୪ : ପଲ୍ଲୀପ୍ରାଣର ପ୍ରେମିକ: ଡକ୍ଟର ବିଶ୍ୱରଂଜନ ଦାସ

**୪୬** ପ୍ରସଙ୍ଗ-୫ : ସରୋଜଙ୍କ ସାରେଗାମା: ଭରତ ବେହେରା











୫୩ ଆଇନ କାନୁନ୍ : ସ୍ନିଗ୍ଧା ତ୍ରିପାଠୀ
୫୪ ଦ୍ୱି-ପ୍ରଚ୍ଛଦ : ଶରନ୍ୟା ସାମନ୍ତରାୟ

**ଧାରାବାହିକ କାବ୍ୟ**

୫୬ : ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି


**ସମକାଳ କବିତା**

୫୭ : ଦୁର୍ଗା ମାଧବ ପଣ୍ଡା
ଅଶ୍ୱିନୀ କୁମାର ମିଶ୍ର
୫୮ : ଅମରେନ୍ଦ୍ର ଖଟୁଆ
ପ୍ରବାସିନୀ ମହାକୁଡ଼
୫୯ : ଡକ୍ଟର ଶୁଭଶ୍ରୀ ଲେଙ୍କା
ସୌଭାଗ୍ୟ କୁମାର ମିଶ୍ର
୬୦ : ଶ୍ରୀଦେବ


## ସମ୍ପାଦକୀୟାଂଶ...

××× ନାରୀଟିଏ କଦାଚିତ୍ ମାଗେ ନାହିଁ ସନ୍ତାନ ଧାରଣର ମୂଲ । କଦାଚିତ ସେ କହେ ନାହିଁ, ସନ୍ତାନ ପ୍ରାପ୍ତିର ପଶ୍ଚାତ୍‌ରେ ସେ କେତେ କେତେ ଦିନ ଭୋଗିଥିବା କଷ୍ଟ ଓ ଯନ୍ତ୍ରଣାର କଥା । ସେ କେବଳ ଆନନ୍ଦରେ ଅଧୀର ହୁଏ । ସେ କେବଳ ସନ୍ତାନର ସୁରକ୍ଷାରେ ଲାଗିଥାଏ । ନିଜର ସୌନ୍ଦର୍ଯ୍ୟ, ନିଜର ସୁଖସ୍ୱାଚ୍ଛନ୍ଦ୍ୟ, ନିଜର ଭଲମନ୍ଦ କଥାକୁ ପଛ କରି ନାରୀଟିଏ ବାରବାର ନିଜ ସନ୍ତାନର ସୁରକ୍ଷା କବଚ ପାଲଟି ଯାଏ । ସୃଷ୍ଟି ହିଁ ତା' ଭିତରେ ଅଭୂତପୂର୍ବ ଶକ୍ତିସବୁ ଭରି ଦେଇଥାଏ, ସନ୍ତାନକୁ ଧାରଣ କରିବା ଠୁ ଆରମ୍ଭ କରି ଜନ୍ମଦେବା ଓ ବଡ଼ କରିବା ପର୍ଯ୍ୟନ୍ତ ସମୟଖଣ୍ଡରେ ଆସୁଥିବା ଯାବତୀୟ ବାଧା ଓ ବିପତ୍ତିକୁ ସାମ୍ନା କରିବାର । ଯେକୌଣସି ବିପଦକୁ ବରିନେବା ପାଇଁ ସାମାନ୍ୟତମ ଡର ନଥାଏ ଜଣେ ମାଆ ହୋଇଥିବା ନାରୀର । ଏହା ହିଁ ବୋଧେ ଭଗବାନଙ୍କ ସୃଷ୍ଟିର ମହତ୍ତର ପ୍ରାପ୍ତି । ଏ ପ୍ରାପ୍ତି ହିଁ ନାରୀର ।

ସୁବାସିନୀ ଜେନା














୭୭ କଥା-କାହାଣୀ-୧ : ଉଦୟ ନାରାୟଣ ଦାସ
୮୪ କଥା-କାହାଣୀ-୨ : ଭୁବନେଶ୍ୱରୀ ପଣ୍ଡା
୮୮ ପ୍ରସଙ୍ଗ-୬ : ସୁବ୍ରତ କୁମାର ଦାସ
୯୨ ପ୍ରସଙ୍ଗ-୭ : ଈପ୍‌ସିତା ଷଡ଼ଙ୍ଗୀ
୧୦୨ ପ୍ରସଙ୍ଗ-୮ : ଡକ୍ଟର ସଂଘମିତ୍ରା ଭଞ୍ଜ

୧୦୬: ଶେଷପୃଷ୍ଠା : ସାହିତ୍ୟରେ ଅସହିଷ୍ଣୁତା:
**କୃଷ୍ଣ କୁମାର ମହାନ୍ତି**

୬୧ : ସେନାପତି ପ୍ରଦ୍ୟୁମ୍ନ କେଶରୀ
୬୨ : ବିରଜା ବଳ
ଦୁର୍ଗା ପ୍ରସାଦ ପଣ୍ଡା
୬୩ : ଡକ୍ଟର ହରିଶ୍ଚନ୍ଦ୍ର ବେହେରା
ଜୟନ୍ତିକା
୬୪ : ପ୍ରଶାନ୍ତ ଦାସ
ବିପିନ୍ ନାୟକ
୬୫ : ତ୍ରିନାଥ ସିଂହ
ସୁଧୀର ମେହେର
୬୬ : ସମରେନ୍ଦ୍ରନାଥ ମହାପାତ୍ର
ମୋହିତ ଚକ୍ରବର୍ତ୍ତୀ
୬୭ : ଅକ୍ଷୟ ବେହେରା
୬୮ : ପ୍ରତୀକ୍ଷା ଜେନା
୬୯ : ବିଜୟଲକ୍ଷ୍ମୀ ପରିଡ଼ା
୭୦ : ମୋନାଲିସା ମିଶ୍ର
ଆଶିଷ କୁମାର ମିଶ୍ର
୭୧ : ସୁରେନ୍ଦ୍ର ପାଣିଗ୍ରାହୀ
ଅମରେନ୍ଦ୍ର ମାଧବ ଦାଶ
୭୨ : ତପନ କୁମାର ପଣ୍ଡା
ଶକ୍ତି ମହାନ୍ତି
୭୩ : ସାବିତ୍ରୀ କବି
୭୪ : କେ. ଶ୍ୟାମବାବୁ ଦୋରା
ସୁଶାନ୍ତ ଦାଶ
୭୫ : ନରେନ୍ଦ୍ର କୁମାର ଭୋଇ
ଡାକ୍ତର ସରୋଜିନୀ ଷଡ଼ଙ୍ଗୀ
୭୬ : ଯୀଶୁକ୍ରିଷ୍ଟ ଦାସ





ପ୍ରଚ୍ଛଦ ଭାବନା : ରବୀନ୍ଦ୍ର କୁମାର ବିଶ୍ୱାଳ
ପ୍ରଚ୍ଛଦ ମଡେଲ୍ : ଏଲିନା ସାମନ୍ତରାୟ, ଅଭିନେତ୍ରୀ
ଉଚ୍ଚତା : ୫ ଫୁଟ୍ ୪ ଇଞ୍ଚ୍
ବୃତ୍ତି : ଅଭିନେତ୍ରୀ
ରୁଚି : ନୃତ୍ୟ
ଶିକ୍ଷା : ଇଂରାଜି ସମ୍ମାନରେ ସ୍ନାତକ
ପ୍ରଚ୍ଛଦ ଫଟୋଗ୍ରାଫି : ଅବିନାଶ ବିଶ୍ୱାଳ,ଭୁବନେଶ୍ୱର
ମେକ୍‌ଅପ୍ : ଶାଗି ଷ୍ଟୁଡ଼ିଓ, ଭୁବନେଶ୍ୱର
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କର୍ମ, ସୋନପୁର
ଫଟୋଶୁଟ୍ ସ୍ଥାନ : ଭୁବନେଶ୍ୱର

**ମଲାଟ କଥା :** ଅଳଙ୍କାର ନାରୀର ସହଚରୀ । ଅଳଙ୍କାର ପ୍ରତି ନାରୀର ଦୁର୍ବଳତା ସବୁବେଳେ ରହିଥାଏ । ନାରୀର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ଏହି ଅଳଙ୍କର ବା ଗହଣା । ନାରୀକୁ ପ୍ରକୃତି ସହିତ ତୁଳନା କରାଯାଏ ଏଇଥି ପାଇଁ ଯେ, ପ୍ରକୃତି ଯେମିତି ସବୁଜିମାରେ ସଜେଇ ହୋଇ ଆମର ଚିତ୍ତ ହରଣ କରେ, ସେମିତି ନାରୀଟିଏ ଅଳଙ୍କାରରେ ସଜେଇ ହୋଇ ନିଜର ରୂପକୁ ଅପରୂପା କରି ତୋଳେ । ଆମ ସାହିତ୍ୟର କାବ୍ୟକବିତାରେ ମଧ୍ୟ ଅଳଙ୍କାରର ପ୍ରୟୋଗ ହାଇଥାଏ କବିତାକୁ ସରସ ଓ ରମଣୀୟ କରିବାକୁ । ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର- ଏହିପରି ଦୁଇ ଭାଗରେ ବିଭକ୍ତ ହୋଇଥାଏ ଅଳଙ୍କାର । ଅଳଙ୍କାରର ଏହି ପ୍ରତୀକ ଆମର ଏ ମାସର ପ୍ରଚ୍ଛଦ ।

ସମ୍ପାଦକୀୟ

# ମାତୃତ୍ୱ ଅଭିଶାପ ନୁହେଁ ବରଦାନ

ନାରୀତ୍ୱ ଓ ମାତୃତ୍ୱ ହେଉଛି ସମାଜର ଶ୍ରେଷ୍ଠତମ ଓ ସୁନ୍ଦରତମ ସୃଷ୍ଟି । ସୃଷ୍ଟିଶୀଳତାର ପ୍ରକାଣ୍ଡ ରହସ୍ୟ ଭିତରେ ନାରୀତ୍ୱର ପରାକାଷ୍ଠା ଜାଜ୍ୱଲ୍ୟମାନ । ଏକଥା ଆମେ ସମସ୍ତେ ଜାଣୁ ଯେ ନାରୀତ୍ୱର ବରଦାନ ହିଁ ସକଳ ସୃଷ୍ଟିର ସୂତ୍ର । ନାରୀ ହିଁ ଧାରଣ କରେ । ନାରୀ ହିଁ ସୃଷ୍ଟି କରେ । ନାରୀ ହିଁ ପ୍ରତିପାଳନ କରେ । ସୁତରାଂ ନାରୀତ୍ୱର ଆବଶ୍ୟକତା କେତେବେଳେ ଜରୁରୀ, ତାହା କାହାକୁ ଆଉ ବୁଝେଇବାକୁ ପଡ଼େ ନାହିଁ । ସେହିପରି ନାରୀଟି ଯେତେବେଳେ ସନ୍ତାନସମ୍ଭବା ହୋଇ ମାତୃତ୍ୱ ପ୍ରାପ୍ତିର ଦ୍ୱାର ଦେଶରେ ପହଞ୍ଚେ, ସେ କ୍ଷଣଟି ତା' ଜୀବନର ସବୁଠୁ ବଡ଼ ମହାର୍ଘ ମୁହୂର୍ତ୍ତ ହୋଇଉଠେ । ପ୍ରତ୍ୟେକଟି ନାରୀଜୀବନରେ ଗୁନ୍ଥା ହୋଇଥାଏ ଏ ପ୍ରକାର ଏକ ମହାର୍ଘ କ୍ଷଣର ଅନନ୍ୟ ଅନୁଭବ । ହୁଏତ କ୍ୱଚିତ୍ ନାରୀଙ୍କ ଭାଗ୍ୟରେ ପ୍ରତ୍ୟକ୍ଷ ମାତୃତ୍ୱ ଲାଭର ଅବସର ଆସିନଥାଏ । କିନ୍ତୁ ସେମାନେ ମଧ୍ୟ ସନ୍ତାନର ମାଆ ହେବାର ସାମାନ୍ୟତମ ନିଷ୍ଠାକୁ ହାତଛଡ଼ା କରିନଥାନ୍ତି । ଗର୍ଭରେ ଧାରଣ ନକରି ମଧ୍ୟ ମାଆ ହୋଇଥିବା ଅନେକ ନାରୀଙ୍କର ଦୃଷ୍ଟାନ୍ତ ଆମ ସମାଜରେ ବିରଳ ନୁହଁ । ସୁତରାଂ ସନ୍ତାନ ପ୍ରାପ୍ତି ସହ ମାତୃତ୍ୱର ସେ ଯେଉଁ ବିରଳ ଅନୁଭବ, ଏହା କେବଳ ଜଣେ ନାରୀ ହିଁ ପାଇଥାଏ । ନାରୀ ମନ ଭିତରେ ସନ୍ତାନକୁ ଧାରଣ କରିବାର ଆଗ୍ରହ ସହିତ ଥାଏ ତଜ୍ଜନିତ ସବୁ ପ୍ରକାର ଶାରୀରିକ ପୀଡ଼ା ଓ ଯନ୍ତ୍ରଣାକୁ ସହିଯିବାର ଅଫୁରନ୍ତ ମନୋକାମନା । ନାରୀଟିଏ କଦାଚିତ୍ ମାଗେ ନାହିଁ ସନ୍ତାନ ଧାରଣର ମୂଲ୍ୟ । କଦାଚିତ ସେ କହେ ନାହିଁ, ସନ୍ତାନ ପ୍ରାପ୍ତିର ପଶ୍ଚାତ୍‌ରେ ସେ କେତେ କେତେ ଦିନ ଭୋଗିଥିବା କଷ୍ଟ ଓ ଯନ୍ତ୍ରଣାର କଥା । ସେ କେବଳ ଆନନ୍ଦରେ ଅଧୀର ହୁଏ । ସେ କେବଳ ସନ୍ତାନର ସୁରକ୍ଷାରେ ଲାଗିଥାଏ । ନିଜର ସୌନ୍ଦର୍ଯ୍ୟ, ନିଜର ସୁଖସ୍ୱାଚ୍ଛନ୍ଦ୍ୟ, ନିଜର ଭଲମନ୍ଦ କଥାକୁ ପଛ କରି ନାରୀଟିଏ ବାରବାର ନିଜ ସନ୍ତାନର ସୁରକ୍ଷା କବଚ ପାଲଟି ଯାଏ । ସୃଷ୍ଟି ହିଁ ତା' ଭିତରେ ଅଭୂତପୂର୍ବ ଶକ୍ତିସବୁ ଭରି ଦେଇଥାଏ, ସନ୍ତାନକୁ ଧାରଣ କରିବା ଠୁ ଆରମ୍ଭ କରି ଜନ୍ମଦେବା ଓ ବଡ଼ କରିବା ପର୍ଯ୍ୟନ୍ତ ସମୟଖଣ୍ଡରେ ଆସୁଥିବା ଯାବତୀୟ ବାଧା ଓ ବିପତ୍ତିକୁ ସାମ୍ନା କରିବାର । ଯେକୌଣସି ବିପଦକୁ ବରିନେବା ପାଇଁ ସାମାନ୍ୟତମ ଡର ନଥାଏ ଜଣେ ମାଆ ହୋଇଥିବା ନାରୀର । ଏହା ହିଁ ବୋଧେ ଭଗବାନଙ୍କ ସୃଷ୍ଟିର ମହତ୍ତର ପ୍ରାପ୍ତି । ଏ ପ୍ରାପ୍ତି ହିଁ ନାରୀର ।

ଆମ ସଂସାରରେ ମାଆଟିଏ ସନ୍ତାନ ପାଇଁ କେବଳ ବ୍ୟାକୁଳ ହୁଏ ନାହିଁ, ବରଂ ସେ ନିଜକୁ ସମର୍ପି ଦେଇଥାଏ ସନ୍ତାନକୁ ଭଲ ଭାବେ ଗଢ଼ି ତୋଳିବାରେ । ଘରେ ଯେତେବେଳେ ନାରୀଟିଏ ଜନ୍ମ ଦିଏ ସନ୍ତାନକୁ, ନବଜନ୍ମର ଆନନ୍ଦରେ ଘର ପୂରି ଉଠେ । ତା'ପରେ ନବଜାତକଟିର ଲାଳନପାଳନରେ ମାଆଟି ଲାଗିଯାଏ । ଅନାବିଳ ସ୍ନେହ, ମମତା ଆଉ ଅତୁଟ ବନ୍ଧନର ଏକ ଡୋର ବାନ୍ଧି ହୋଇଯାଏ, ମାଆ ଓ ସନ୍ତାନ ଭିତରେ । ମାତୃତ୍ୱ ପାଳିବା ତେଣୁ ମୋଟେ ବି ସହଜ ନୁହେଁ- ଏ କଥା ଆମେ ବେଶ୍ ବୁଝୁ । ନିଜ ସନ୍ତାନର ମାଆ ହେବାର ସେ ଯେଉଁ ଭାଗ୍ୟ ନାରୀଟି ପାଏ, ତାହା ତା'ର ଅନ୍ୟ କୌଣସି ପ୍ରାପ୍ତିଠୁ ବଡ଼ ହୋଇ ଦିଶେ ନାହିଁ । ଯେହେତୁ ତା' ଗର୍ଭରେ ଧାରଣ କରି ତାକୁ ଭ୍ରୁଣରୁ ଆକାର ଦେବା ପର୍ଯ୍ୟନ୍ତ ନାରୀଟି ସବୁକିଛିକୁ ତୁଚ୍ଛ କରିଦେଇ ସେଇ ମହନୀୟ ଅନୁଭବକୁ ଅପେକ୍ଷା କରେ, ସୁତରାଂ ସନ୍ତାନଟି ଭୂମିଷ୍ଠ ହେବା ମାତ୍ରେ ହିଁ ତା' ଆତ୍ମାରେ ଖେଳିଯାଏ ଅପୂର୍ବ ହିଲ୍ଲୋଳ । ସନ୍ତାନଟିର ଭୂମିଷ୍ଠ ମାତ୍ରେ ହିଁ ନାରୀଟିକୁ ମିଳିଯାଏ ଅଚିରେ 'ମାଆ'ର ପରିଚୟ । ଏଇ ପରିଚୟଟି ଯେହେତୁ ସେଇ ନବଜାତକଟି ମାଧ୍ୟମରେ ସେ ପାଏ, ତେଣୁ ଜୀବନରେ ତାକୁ ଜୀବନ ଠୁ ବଳି ଭଲ ପାଇ ବସେ ସେ । ସନ୍ତାନ ହୋଇ ଉଠେ ତା'ର ସବୁକିଛି । ଆସିବାକୁ ଥିବା ସମସ୍ତ ବିପଦକୁ ମୁଣ୍ଡପାତି ବରିନେବାକୁ ପଣ କରି ବସେ ସେ ।

ଗୋଟିଏ ସର୍ଟ ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ଦେଖୁଥିଲି । ଗୋଟେ କୁକୁଡ଼ା ସଦ୍ୟ ଅଣ୍ଡାରୁ ଫୁଟେଇଥିବା ତା'ର ପାଞ୍ଚଟି କୁନିକୁନି ଛୁଆକୁ ନିଜ ପେଟ ତଳେ ଜାକି ରଖିଥାଏ ଏବଂ ଅନ୍ୟପଟେ ସେ ଯେଉଁ ପାଛିଆଟି ଭିତରେ ଥାଏ, ତା' ଭିତରକୁ ପଶି କୁକୁଡ଼ାଛୁଆକୁ ଖାଇବାର ଉପକ୍ରମ କରୁଥାଏ ଗୋଟେ ସାପ । ସାପଟି ବାରମ୍ବାର କୁକୁଡ଼ା ଛୁଆକୁ ଖାଇବାକୁ ଚେଷ୍ଟା କରୁଥାଏ ସତ କିନ୍ତୁ ମାଆ କୁକୁଡ଼ାଟି ସାପକୁ ଆକ୍ରମଣ କରୁଥାଏ ତା ଥଣ୍ଟରେ । ବଡ଼ ଦୟନୀୟ ସ୍ଥିତି । ସାପ ଫଣା ଟେକି ଯେତେଥର ମାଆ କୁକୁଡ଼ାକୁ ଚୋଟ ମାରିବାକୁ ଚେଷ୍ଟା କରୁଥାଏ, ସେତେଥର ମାଆ କୁକୁଡ଼ା ସାପର ଫଣା ଉପରେ ମାରୁଥାଏ ତା' ଥଣ୍ଟର ପ୍ରହାର । ଏପରି କିଛି ସମୟ ଆକ୍ରମଣ ପ୍ରତି-ଆକ୍ରମଣରେ ସାପଟି ଲହୁଲୁହାଣ ହୋଇ ପଳାଇ ଗଲା । ମାଆ କୁକୁଡ଼ାଟିର ପେଟ ତଳେ ଥିବା କୁନିକୁନି ଛୁଆଗୁଡ଼ିକ କ'ଣ ବୁଝିଥିବେ ଏ ଲଢ଼େଇର ଅର୍ଥ । ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ମାଆର ଯେଉଁ ରୂପ ହେଉ ନା କାହିଁକି, ସେ ସନ୍ତାନ ପାଇଁ ସବୁ କିଛି କରି ପାରିବ । ଏ ଭିଡ଼ିଓଟିରୁ ଅନ୍ତତଃ ଏତିକି ହୃଦ୍‌ବୋଧ ହେଲା ମୋର ।

ଆମ ମଣିଷ ସମାଜରେ ମଧ୍ୟ ଅନୁରୂପ ଭାବେ ମାଆଟିଏ ସବୁବେଳେ ସନ୍ତାନର ସୁରକ୍ଷା ପାଇଁ ନିଜକୁ ଉତ୍ସର୍ଗ କରି ଦେଇଥାଏ । ସେଇଥିପାଇଁ ତ ମାଆ ଆଉ ସନ୍ତାନର ଏଇ ନିବିଡ଼ ସମ୍ପର୍କକୁ ଆଉ କୌଣସି ସମ୍ପର୍କ ସହିତ ତୁଳନା କରା ଯାଇପାରିବ ନାହିଁ ।

ଆଜିର ସମୟରେ ନାରୀଟିଏ ବହୁ ଦୃଷ୍ଟିରୁ ସୌନ୍ଦର୍ଯ୍ୟ ପିପାସୁ । ନିଜର ସୌନ୍ଦର୍ଯ୍ୟକୁ ଓ ଶରୀରକୁ ଅକ୍ଷୁର୍ଣ୍ଣ ରଖିବା ସହ ଅଧିକ ସୁନ୍ଦର ଦିଶିବା ପାଇଁ ଆଜିର ନାରୀ ସବୁଠାରୁ ବେଶି ସଚେତନ ଓ ସମ୍ବେଦନଶୀଳ । ଅନେକ କ୍ଷେତ୍ରରେ ଆଜିର ଏଇ ସୌନ୍ଦର୍ଯ୍ୟ-ସଚେତନ ନାରୀଟି ମଧ୍ୟ ମାଆ ହେବା ପରେ ନିଜ ସନ୍ତାନଟି ପାଇଁ ସେସବୁକୁ ଜଳାଞ୍ଜଳି ଦେବାର ଅନେକ ନଜିର୍ ରହିଛି । ପ୍ରଥମଥର ସନ୍ତାନର ମାଆ ହେଉଥିବା ନାରୀଟି ବି ତା'ର ନିଜସ୍ୱ ସୁଖସ୍ୱାଚ୍ଛନ୍ଦ୍ୟକୁ ଭୁଲି ଯାଉଛି । କାରଣ ମାଆ ହେବା ମାତ୍ରେ ତା' ଭିତରର ନାରୀତ୍ୱ ତାକୁ ଅନେକ କ୍ଷେତ୍ରରେ କେବଳ ଅଭିଜ୍ଞ କରି ଦିଏନା, ଅନେକ କିଛି ପରିବର୍ତ୍ତନ ମଧ୍ୟ କରିଦିଏ । ମାଆ ହେବା ପୂର୍ବରୁ ସେ ଯେପରି ସ୍ୱଚ୍ଛନ୍ଦ ଜୀବନ ଅତିବାହିତ କରୁଥିଲା, ସ୍ୱାମୀଙ୍କ ସହ ବୁଲୁଥିଲା, ମନ ମୁତାବକ ଯାହା ଖାଇବାକୁ ଇଚ୍ଛା ହେଲେ ଖାଉଥିଲା, ମନ ହେଲେ ବୁଲିବାକୁ ବାହାରି ଯାଉଥିଲା- ଏମିତି ଅନେକ କଥାରେ କିନ୍ତୁ ଆସେ ଆଶ୍ଚର୍ଯ୍ୟଜନକ ଭାବେ ପରିବର୍ତ୍ତନ । ନିଜର ରୁଚି-ଅଭିରୁଚି, ଖାଦ୍ୟପେୟ, ବୁଲାବୁଲିକୁ ଭୁଲିଯାଏ ସେ । ତାକୁ କେବଳ ଦିଶେ ତା' ସନ୍ତାନର ମୁହଁ । ସେ ମୁହଁର ହସରୁ ସାଉଁଟି ଆଣେ ସେ ପରିତୃପ୍ତିର ପାପୁଲିଏ ଖୁସି । ସନ୍ତାନର ଲାଳନପାଳନ ସହ ତା'ର ସମସ୍ତ କ୍ରିୟାକଳାପରେ ଯୋଡ଼ି ହୋଇଯାଏ ମାଆ । ମାଆ ହିଁ ପାଲଟି ଯାଏ ଶିକ୍ଷକ । ସନ୍ତାନଟି ଯାହା ବି ଶିଖେ, ମାଆ ଠୁ ଶିଖେ । ସୁତରାଂ ମାଆ ହେବାର ଏ ଯେଉଁ ପଦବୀ- ଏହାର ଦାୟିତ୍ୱ ସମ୍ଭାଳିବା ଏଡ଼େ ସହଜ ନୁହେଁ । ଯେତେ ସହଜରେ ଆମେ କହିଦେଉ ଜଣେ ନାରୀର ଦୋଷ ଦୁର୍ବଳତା । ହଜାରେ ଦୋଷ ଦୁର୍ବଳତା ପରେ ବି ନାରୀ କ୍ଷମାର ପାତ୍ରୀ- ଏଇଥିପାଇଁ ଯେ, ସେ ସନ୍ତାନର ମାଆ । ସେ ସନ୍ତାନର ପାଳନକର୍ତ୍ତ୍ରୀ । ଆଗାମୀର ସ୍ରଷ୍ଟା । ସୁସ୍ଥ ସମାଜଟିଏ ଗଢ଼ି ତୋଳିବାର ପ୍ରଥମ ଦାୟିତ୍ୱଟି ଏଇ ମାଆ ହିଁ ନିର୍ବାହ କରେ ।

ସମସ୍ତଙ୍କୁ ବିଷୁବ ସଂକ୍ରାନ୍ତିର ଶୁଭେଚ୍ଛା ।



ସମ୍ପାଦିକା




## ସଂପାଦିକାଙ୍କ ଆନନ୍ଦର ଅନ୍ୱେଷଣ ସାରଗର୍ଭକ

● ‘ରେବତୀ’ର ମାର୍ଚ୍ଚ ସଂଖ୍ୟା ପଢ଼ା ସରିଲା । ପର୍ଯ୍ୟଟନକୁ ନେଇ ଆଲେଖ୍ୟ ଗୁଡ଼ିକ ମାଧ୍ୟମରେ ଆମ ଦେଶର ତଥା ବିଦେଶରେ ଥିବା କେତେ ଗୁଡ଼ିଏ ସ୍ଥାନର ଭୌଗୋଳିକ ଏବଂ ସାଂସ୍କୃତିକ ପରିବେଶ ସହ ପରିଚୟ ହେଲା । କବିତା ଏବଂ କାହାଣୀ ଗୁଡ଼ିକ ସୁନିର୍ବାଚିତ ଏବଂ ସୁଖ ପାଠ୍ୟ । ସମ୍ପାଦିକାଙ୍କର ଆନନ୍ଦର ଅନ୍ୱେଷଣ ସାରଗର୍ଭକ । ‘ଶେଷପୃଷ୍ଠା’ରେ ସୃଜନାନନ୍ଦ ହୃଦୟସ୍ପର୍ଶୀ ଏବଂ ଅନେକାଂଶରେ ଅନୁଭୂତ ମଧ୍ୟ । ଈର୍ଷା ଦ୍ୱେଷରୁ ଊର୍ଦ୍ଧ୍ୱରେ ରହି ସୃଜନମନସ୍କ ହେବା ଅଧିକ ଆନନ୍ଦ ଦାୟକ ।

**ପ୍ରଦ୍ୟୁମ୍ନ ପଟ୍ଟନାୟକ**
ଫ୍ଲାଟ୍ ନମ୍ବର-୧୦୧, ପ୍ରକାଶ ଦୀପ ଟାୱାର
ଜୟ ଦୁର୍ଗା ନଗର, ଭୁବନେଶ୍ୱର -୭୫୧୦୦୬
ଫୋନ:୯୯୬୮୨୮୦୮୯୬

## ସ୍ୱାଗତିକା ବେହେରା ସଫଳ ଗପଟିଏ ଲେଖିଛନ୍ତି

● ଏଥର ‘ରେବତୀ’ରେ ସ୍ଥାନିତ ଦୁଇଟି ଗଳ୍ପ ପଢ଼ିଲି । ‘ବାଇ ଚଢେଇ’ ଗଳ୍ପଟିରୁ ବୁଧି ମାଉସୀ ଚରିତ୍ରଟି ହୃଦୟସ୍ପର୍ଶୀ । ରଚନାଶୈଳୀ ଚମତ୍କାର । ପାକଳ ଲେଖନୀର ଛାପ ସୁସ୍ପଷ୍ଟ । କାହାଣୀ ଶେଷରେ ସୁଲକ୍ଷଣା ଦେବୀ ରୋଜିକୁ ଚେକ୍ ଦେବା କରଜ ଶୁଝିବା ଭଳି ବୋଧ ହେଲା । ପର କାହାଣୀଟି ଥିଲା, ଗୋଟିଏ ଫୁଲର ପ୍ରଶ୍ନ । ଯୁବ ଗାଳ୍ପିକା ଶିଶୁ ମନସ୍ତତ୍ତ୍ୱକୁ ନେଇ ସବୁଦୃଷ୍ଟିରୁ ସଫଳ ଗପଟିଏ ଲେଖିଛନ୍ତି । ପିଲାଟିର ପ୍ରଶ୍ନସବୁ ମଣିଷକୁ ଘାଇଲା କରିଦେଇଛି । ଆମ ସମସ୍ତଙ୍କୁ ଏକ ଉତ୍ତର ମିଳିଛି । ଯୁବଗାଳ୍ପିକା ସହିତ କଥା ହେଲି । ସେ ପ୍ରଥମ ଗଳ୍ପ ପୁସ୍ତକ ଛାପିବା ଅପେକ୍ଷାରେ । ବଧାଇ ତାଙ୍କୁ ।

**ଡ. ଶିଶିର କୁମାର କର**
ଚୁନଭାଟି କଲୋନୀ, ବାଲେଶ୍ୱର
ଫୋନ୍ : ୯୭୭୮୫୪୩୮୯୭

## ଜନଜାତି ବିଶେଷ ସଂଖ୍ୟାରୁ ବହୁକଥା ଜାଣି ହେଲା

● ମୁଁ ଟିକେ ବାହାରେ ଥିଲି, ଫେବୃଆରୀ ମାସ ‘ରେବତୀ’ ଆସି ପଢ଼ିଲି । ବାରଥାଳିରୁ ବାଥୁଡି, ଝୁମେଇ ଦିଏ ଝୁମର ସହିତ ଅନ୍ୟାନ୍ୟ ଜନଜାତି ଉପରେ ଲେଖା ବେଶ୍ ଉଚ୍ଚକୋଟୀର ଓ ଜ୍ଞାନ ବର୍ଦ୍ଧକ । ସବୁ ବିଷୟରେ ଆମ ଆଦିବାସୀ କଳା ଓ କୃତିତ୍ୱର ଝଲକ । ବହୁ ଅଜଣା କଥା ଜାଣିହେଲା । ଧନ୍ୟବାଦ ସମସ୍ତ ସ୍ରଷ୍ଟାଙ୍କୁ ।

**ଗାୟତ୍ରୀ ବେହେରା**
ଦୁର୍ଗାପୁର, ପଶ୍ଚିମବଙ୍ଗ




## ରୁଚିଶୀଳ ପତ୍ରିକାର ଆବଶ୍ୟକତା ହୋଇ ପାରିଛି ‘ରେବତୀ’

● ଶୁଭେଚ୍ଛା । ‘ରେବତୀ’ ମାର୍ଚ୍ଚ ସଂଖ୍ୟା ପ୍ରାପ୍ତ ହେଲି । ଆମୂଳଚୂଳ ପାଠ କଲି । ‘ରେବତୀ’ର ଜନ୍ମଲଗ୍ନରୁ ଏ ପର୍ଯ୍ୟନ୍ତ ପ୍ରତ୍ୟେକ ସଂଖ୍ୟାର ମୁଁ ଜଣେ ହାଲ୍କା ଫୁଲ୍କା ପାଠକ ନୁହେଁ । ଅତି ଗଭୀର ମନନଶୀଳ ଭାବରେ ‘ରେବତୀ’ ପଢ଼ିଥାଏ, ପଢ଼ିବାରେ ମୁଁ ଆତ୍ମସନ୍ତୋଷ ଲାଭ କରିଥାଏ, ତାହା ଅବର୍ଣ୍ଣନୀୟ । ଯେହେତୁ ‘ରେବତୀ’ ଏକ ପାରିବାରିକ ପତ୍ରିକା,ଏହାକୁ ଗୋଟିଏ କୋଠରୀରେ ପରିବାରର ପ୍ରତ୍ୟେକ ବ୍ୟକ୍ତି ପଢ଼ି ପାରିବେ ଓ ପାଠକୀୟ ଆନନ୍ଦ ନୁହେଁ ଜୀବନର କଳାତ୍ମକ ଦିଗର ନିକଟତର ହୋଇ ପାରିବେ । ଅନେକ ସମୟରେ ଏ ଉପଲବ୍ଧିକୁ ମୁଁ ଆତ୍ମବିଶ୍ୱାସର ସହ ଗ୍ରହଣ କରିଛି । ‘ରେବତୀ’ ପରି ଏକ ସାମାଜିକ, ସାଂସ୍କୃତିକ, ପରମ୍ପରା ଓ ଜୀବନବୋଧ, ଜାତୀୟତା ଭିତ୍ତିକ ପତ୍ରିକା ଦୀର୍ଘଦିନର ଅଭାବକୁ ପୂରଣ କରିଥିବା କମ୍ କଥା ନୁହେଁ । ଗୋଟେ ସତ୍ୟ ସୁନ୍ଦର ବିଚାରବୋଧ ଓ ସମ୍ବେଦନଶୀଳ ଘର ପାଇଁ ଯେମିତି ଜଣେ ଭଲ ପରିବାର ଦରକାର, ଠିକ୍ ସେହିପରି ମାନବ ସମାଜର ମାର୍ଗଦର୍ଶକ ନିମନ୍ତେ ଗୋଟେ ରୁଚିଶୀଳ ପତ୍ରିକାର ଆବଶ୍ୟକତା ଅଛି ।ଏହି ଆବଶ୍ୟକତାର ଅନ୍ୟନାମ ହୋଇ ପାରିଛି ‘ରେବତୀ’ । ଏହି ‘ରେବତୀ’ ଯେହେତୁ ପାରିବାରିକ ଓ ପ୍ରତି ହୃଦୟ ସହିତ ଯୋଡି ହୋଇ ସାରିଛି,ଏହାକୁ ଦୃଷ୍ଟିରେ ରଖି ‘ରେବତୀ ’ ସମ୍ପାଦିତ ହୋଇଥାଏ । କିନ୍ତୁ ଚଳିତବର୍ଷ ମାର୍ଚ୍ଚ ସଂଖ୍ୟାରେ ସାମାନ୍ୟ ବ୍ୟତିକ୍ରମ ହୋଇଥିବାର ଅନୁଭବ କଲି । ହୁଏତ ମୋର ଅନୁଭବ ସହଯୋଗୀ ସମ୍ପାଦକଙ୍କ ଦୃଷ୍ଟିରେ ଗ୍ରହଣଯୋଗ୍ୟ ହୋଇ ନପାରେ,ଏହା ସ୍ୱାଭାବିକ । ଏଇଥି ପାଇଁ ଯେ କାରଣ ଦର୍ଶାଇବା ପାଇଁ ସରଳ ଯୁକ୍ତି ବି ଥିବ । ଏପରି ଯୁକ୍ତି ପାଖରେ ମୋ ପରି ପାଠକଟିଏ ନିରୁପାୟ ବ୍ୟତୀତ ଅନ୍ୟକିଛି ଚାରା ନାହିଁ । ଏଇଠି ମୁଁ ମୋ କଥା ରଖୁଛି । କିଛି ମାସ ତଳେ ‘ରେବତୀ’ରେ ମୋର ଏକ ପ୍ରେମ କବିତା ‘ବିଭୋର ଏପ୍ରିଲ୍’ ପ୍ରକାଶ ପାଇସାରିଛି । ଏହାର ପ୍ରକାଶନ ପୂର୍ବରୁ ସ.ସମ୍ପାଦକ ଦୂରଭାଷ ଯୋଗେ ଜଣାଇଲେ, ମୋର ସେହି କବିତାରେ ‘ସ୍ତନ୍ୟବତୀ’ ଶବ୍ଦ ବଦଳରେ ଅନ୍ୟକିଛି ଶବ୍ଦ ବସା ଯାଇ ପାରିଲେ ଭଲ ହେବ । ଯେହେତୁ ‘ରେବତୀ’ ଏକ ପାରିବାରିକ ପତ୍ରିକା । ସହମତ ହେଲି । ବଦଳାଇ ଦେବା ପାଇଁ ସମ୍ମତି ଦେଲି । କାରଣ ଏକ ପାରିବାରିକ ପତ୍ରିକା ପରିବାରର ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ,ସେଥିରେ ଅରୁଚିକର, ଗ୍ରହଣୀୟ ନହେଲା ପରି ଶବ୍ଦ, ସଭ୍ୟ ଓ ମାର୍ଜିତ ଶୃଙ୍ଖଳାଗତ ଭାବଭୂମି ଭାଷା ରହିବା ଦରକାର । ଏହାକୁ ‘ରେବତୀ’ ତାର ଜନ୍ମ କାଳରୁ ବଜାୟ ରଖି ଆସିଛି । କିନ୍ତୁ ଗତ ମାର୍ଚ୍ଚ ସଂଖ୍ୟାରେ ’ବେଶ୍ୟା’ ଶୀର୍ଷକ କବିତା ନକହି ନକହି ଅନେକ ଅରୁଚିକର ଭାବ ବିନ୍ୟାସର ସୂଚନା ଦେଇଥିବା କଣ ‘ରେବତୀ’ର ସାମାଜିକ ଆଭିମୁଖ୍ୟ ସହିତ ଖାପ୍ ଖାଉଛି କି ? ଏ ସମ୍ପର୍କରେ ବୃହତ୍ତର ପାଠକ ସମାଜ ଉପରେ ଦାୟିତ୍ୱଟି ନ୍ୟସ୍ତ କରାଯାଉ । ‘ରବତୀ’ ପରି ଏକ ବିବେକବନ୍ତ, ସାମାଜିକ ମୂଲ୍ୟବୋଧ ଉପରେ ଗଭୀର ବିଶ୍ୱାସ ରଖୁଥିବା ପତ୍ରିକା ‘ବେଶ୍ୟା’ ପରି କବିତାକୁ ପ୍ରକାଶ କରିବା ଠିକ୍ ତ ? ଏଇ କବିତାଟି ପ୍ରକାଶ ନିମନ୍ତେ ଓଡ଼ିଶାରେ ଅନେକ ପତ୍ରିକା ଅଛି, କିନ୍ତୁ ‘ରେବତୀ’ ନୁହେଁ । ଜଣେ ୧୨ବର୍ଷର ଝିଅ ତାର ମା’କୁ ପଚାରିବ,ମା ! ବେଶ୍ୟା କଣ ? ଇଏ କଣ କରେ ? ମାଆ କି ଉତ୍ତର ଦେବ ? ଏହାର ଉତ୍ତର ଯଦି ସଙ୍କୋଚଜନକ, ତାହେଲେ ଆଗାମୀ ସଂଖ୍ୟା ମାନଙ୍କରେ ରୁଚିଶୀଳତା ପ୍ରତି ଧ୍ୟାନ ଦିଆଯିବା ଉଚିତ୍ ହେବ ।

**ପୀତାମ୍ବର ତରାଇ,** ଅଶ୍ରୁନୀଡ,ମଙ୍ଗରାଜପୁର, କୁଜଙ୍ଗ, ଜଗତସିଂହପୁର

**ଆମ ଉତ୍ତର :** ଆପଣଙ୍କୁ ଧନ୍ୟବାଦ ଯେ ଆପଣ ଗୋଟିଏ ଭଲ ପ୍ରଶ୍ନ ଉଠାଇଛନ୍ତି । ଆପଣ ବେଧେ ଜାଣିନାହାନ୍ତି, ପାଠକମାନଙ୍କର ସମସ୍ତ ଅଭିଯୋଗ ଆମ ପାଇଁ ଅଳଙ୍କାର । ଏହାକୁ ବ୍ରତ କରି ଆମେ ଚାଲିଛୁ ଓ ଚାଲିବୁ । କୌଣସି ଅବାନ୍ତର ଯୁକ୍ତି ଦ୍ୱାରା ଅସମ୍ମତ ହେବା ବା ଆପଣଙ୍କ ଭାବାବେଗକୁ ଏଡ଼ାଇ ଯିବା ସୁସ୍ଥ ସମ୍ପାଦନା ନୁହେଁ । ଆମେ ଅନ୍ତତଃ ଏଥିରେ ବିଶ୍ୱାସ କରୁ । ଆପଣଙ୍କ ଚିଠିଟିକୁ ଅବିକଳ ଛାପିବା ଏହାର ପ୍ରମାଣ ନୁହେଁ କି ? ‘ବେଶ୍ୟା’ କବିତା ‘ରେବତୀ’ ଗ୍ରହଣ କରୁନଥିବା କୌଣସି ଶବ୍ଦ ବ୍ୟତୀତ ନାରୀର ଏକ ଆକ୍ରୋଶ ଓ ଅସହାୟତାକୁ ଦେଖାଇଛି । ତେଣୁ ପ୍ରକାଶ ପାଇଲା । ତଥାପି ଆପଣଙ୍କ କଥା ଅନୁସାରେ ଆଗକୁ ଆମେ ଏ ଦିଗ ପ୍ରତି ଅଧିକ ସତର୍କ ରହିବୁ ।

## ସମ୍ପାଦନା ବି କମ୍ ସୃଜନଶୀଳତା ନୁହେଁ, ‘ରେବତୀ’ର ପରିଚ୍ଛନ୍ନତା ଏହାର ପ୍ରମାଣ

● ‘ରେବତୀ’ ନିୟମିତ ପଢ଼େ ଭାଇ । ମୁଁ ପ୍ରଜାତନ୍ତ୍ରରେ ବାର୍ତ୍ତା ସମ୍ପାଦକ ଭାବେ କାର୍ଯ୍ୟ କଲାବେଳେ ସରୋଜ ରଂଜନ ମହାନ୍ତିଙ୍କୁ ଦେଖିଥିଲି, ‘କଥା’ ସହିତ ଅଳ୍ପ କିଛିଦିନ କାମ କରିବା ଭିତରେ ଗୌରହରି ଦାସଙ୍କୁ ଦେଖିଥିଲି । ‘ରେବତୀ’ ବାହାରିବା ଆରମ୍ଭରୁ ଏହାର ପରିଚ୍ଛନ୍ନତା ଓ ସମ୍ପାଦନା ପଛରେ ଆପଣଙ୍କ ନିଷ୍ଠାପରତାକୁ ପାଠକ ଭାବେ ଅନୁଭବ କରିଛି । ନହେଲେ, ଆଜିକାଲି ପ୍ରକୃତ ସମ୍ପାଦିତ ପତ୍ରିକା ସଂଖ୍ୟା କେତେ ? ମୁଁ ଜାଣେ କୃଷ୍ଣଭାଇ, ସମ୍ପାଦନା ପାଇଁ ଆପଣ ନିଜର ଲେଖା ପ୍ରତି ଅଧିକ ଦୃଷ୍ଟି ଦେଇ ପାରୁନାହାନ୍ତି । ସମ୍ପାଦନା ବି କମ୍ ସୃଜନଶୀଳତା ନୁହେଁ ! ପୁଣିଥରେ ନମସ୍କାର ସହ ।

**ଚିତ୍ତରଞ୍ଜନ ଚିରଞ୍ଜିତ,** ‘ସମ୍ବାଦ’, ଭୁବନେଶ୍ୱର

# ARP 2024
## Annual Royalty Payment
for the years 2022-23 & 2023-24

**Odia Media Private Limited**
M-6/51, Acharya Vihar, Bhubaneswar-751013
mail: peninbooks@gmail.com | 0674 254 0203
GSTIN: 21AACCO5098H1ZG
PAN: AACCO5098H | TAN: BBNO02936D

PEN IN BOOKS
since 2006

## Congratulations, our best selling authors! We are proud of you.



DEVDUTT PATTANAIK | SUNDAR GANESAN | SANGRAM MOHAPATRA | DASH BENHUR | SANJUKTA MOHAPATRA | TAPAN K. PANDA | RAKSHAK NAYAK | CHANDRA SEKHAR DASH | DEVDAS CHHOTRAY



BIRAJA MAHAPATRA | HADIBANDHU MAHAKHUDA | HARIHAR PANDA | SATYABRATA ROUT | RABI NARAYAN DASH | PANCHANAN DASH | ANIL DHIR | BALARAM PUJARI | BHUBANESWARI PANDA



GOURAHARI DAS | PT. RAMARAO PATRA | NARAYAN SAHOO | RUDRA PRASANNA RATH | JNANEE D. MISHRA | BIBHU HOTA | BHASKAR PARICHHA | BHARAT BHUSAN RATH | N. M. SARANGI



RANJAN PRADHAN | AJIT KUMAR MISHRA | AJAY SWAIN | AJIT MOHANTY | RASHMI MISHRA | SUSHAMA DASH | AKSHAYA K. MISHRA | APARNA MOHANTY | PRAKASH PATTANAIK



ANKITA SAHOO | ALANKAR ACHARYA | SWARUP KUMAR NAYAK | OM PRAKASH SINGH | RATNAMALA SWAIN | NAVJYOTI RAY | AKHILA K. MISHRA | SUBRAT K. SENAPATI

... and the list continues further*

*commissioned work including translations are not included here

This year-end Odia Media Private Limited is paying royalty to our revered authors as a token of gratitude for their contribution in the business growth of the publishing company.

This list excludes inhouse authors including the director himself.

ପାଠକମାନଙ୍କ ପାଇଁ ପେନ୍ ଇନ୍ ବୁକ୍ସର ବହିଗୁଡ଼ିକ ଆମାଜନ୍ ସମେତ ରାଜ୍ୟର ପ୍ରମୁଖ ପୁସ୍ତକ ଭଣ୍ଡାର ଓ ଆମ କାର୍ଯ୍ୟାଳୟରେ ଉପଲବ୍ଧ

ଲେଖକମାନେ ପାଣ୍ଡୁଲିପି ପଠାଇବା ପାଇଁ ତଳ ଠିକଣାରେ ଯୋଗାଯୋଗ କରିପାରିବେ। ପେନ୍ ଇନ୍ ବୁକ୍ସ ପୁସ୍ତକ ପ୍ରକାଶନ ପାଇଁ ଲେଖକଙ୍କଠାରୁ କୌଣସି ଅର୍ଥ ଦାବି କରେନାହିଁ। ପୁସ୍ତକ ବିକ୍ରି ବାବଦରେ ଆମେ ପ୍ରତିବର୍ଷ ଲେଖକଙ୍କୁ ରାଜଭାଗ ଅର୍ଥ ଦେଇଥାଉ।

scan on mobile camera to buy

**PEN IN BOOKS**
an imprint of **Odia Media Private Limited**
M-6/51, Acharya Vihar, Bhubaneswar-751013
Contact: 0674 254 0203, peninbooks@gmail.com
www.peninbooks.com

## ଗାଳ୍ପିକ ରବି ପଣ୍ଡାଙ୍କ ଆଲେଖ ପାଇଁ କୃତଜ୍ଞ

● ‘ରେବତୀ’ରୁ ବହୁତ ଆନନ୍ଦ ଦେଲା ପ୍ରଥମ ପ୍ରସଂଗ ‘ତିତିକ୍ଷାର ତପସ୍ୱୀ’ । ରେଭେନ୍ସା ମହିଳା ଛାତ୍ରୀନିବାସରେ ଥିବା ବେଳେ ପ୍ରତି ମାସ ଝଙ୍କାର, ନବରବି, ସୁଚରିତା ଓ ସମାହାର ମୁଁ ପ୍ରାୟ ପଢୁଥିଲି । ସେତେବେଳେ ସରୋଜ ରଂଜନଙ୍କ କବିତା ବି ପଢିଥିଲି । ମୋର ଦୁଇଟି କବିତା ୧୯୭୫ ମସିହାରେ ‘ଝଙ୍କାର’ରେ ପ୍ରକାଶିତ ହୋଇଥିଲା । କୃତଜ୍ଞତା ଜଣେଇ ଚିଠି ଲେଖିବି ଭାବିଥିଲେ ବି ଅବସର ପାଇନଥିଲି । ଆଜି ଏଇ ପତ୍ର ମାଧ୍ୟମରେ ସଂପାଦକ ମହୋଦୟଙ୍କୁ ମୋର ବିନମ୍ର କୃତଜ୍ଞତା ଜଣାଉଛି, କାରଣ ‘ଝଙ୍କାର’ ଓ ‘ସୁଚରିତା’ରେ ପ୍ରକାଶିତା ହେବାରୁ ମୋର କବି ହେବାର ସଦିଚ୍ଛା ବଳବତ୍ତର ହୋଇଥିଲା । ରବି ପଣ୍ଡାଙ୍କ ଆଲେଖ୍ୟ ବଳରେ ତାଙ୍କୁ ନିକଟରୁ ଦେଖିବା ପରି ଲାଗିଲା । ଜନଜାତି ଉପରେ ଆଧାରିତ ଲେଖା ଓ ଫଟୋଗୁଡିକ ପାଠକଙ୍କ ପାଇଁ ନିଶ୍ଚୟ ଚକ୍ଷୁ ଉନ୍ମୀଳକ । ଉଚ୍ଚକୋଟୀର ଫଟୋ ମାଧ୍ୟମରେ ସେମାନଙ୍କ ଜୀବନ ଉପସ୍ଥାପିତ କରିଥିବାରୁ ସମ୍ପାଦନା ମଣ୍ଡଳୀ ଓ ଉପସ୍ଥାପକମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା । ଭଲ ଲାଗିଲା କବି ଦିଲୀପ କୁମାର ସ୍ୱାଇଁଙ୍କ କବିତା ‘ଚର୍ଯ୍ୟାପଦ’ ଓ ମନସ୍ୱିନୀ ଦେବୀଙ୍କ କବିତା ‘ମାତା କୁନ୍ତୀଙ୍କୁ କର୍ଣ୍ଣଙ୍କର ପ୍ରଶ୍ନ’ । ଶିଳ୍ପୀ ମାନମୟୀ ରଥଙ୍କ ପ୍ରତୀକାତ୍ମକ ନାରୀ ଚିତ୍ର ମନକୁ ଛୁଇଁଲା । ସାନ ଭଉଣୀଙ୍କୁ ମୋର ବିଶେଷ ସ୍ନେହ ଜଣେଇବେ । ନିୟମିତ ବିଭାଗରେ ‘ଦାସେ ଆପଣେ’କୁ ମିସ୍ କଲି । ନାରୀ ସ୍ୱାଧୀନତା ଉପରେ ସଂପାଦକୀୟ ବଡ ପ୍ରଶ୍ନ ଉଠାଇଛି: “ନାରୀର ସ୍ୱାଧୀନତା କଥା ପଡିଲେ ଆମେ କାହିଁକି ନିରବି ଯାଉ ?” କିଏ ଦେଇ ପାରିବ ଏହାର ଉତ୍ତର ? ସ୍ୱାଧୀନତାର ଶ୍ରୀକ୍ଷେତ୍ରରେ ମିଳେ ଯେଉଁ ଆନନ୍ଦ, ତାହା କେବେ ପ୍ରାପ୍ୟ ହେବ ନାରୀକୁ କେଜାଣି ? କୃଷ୍ଣ ଭାଇଙ୍କ ‘ଶେଷ ପୃଷ୍ଠା’ରେ ଚର୍ଚ୍ଚିତ ଲେଖକର ଲୋକପ୍ରିୟତା ବିଷୟଟି ବଡ ପ୍ରାସଂଗିକ ମାତ୍ର ବିବଦମାନ । ଲେଖକ ଜଣେ ସାହିତ୍ୟ ରଚନା କଲା ବେଳେ ଲୋକପ୍ରିୟତାକୁ ଆଖିରେ ରଖି ଲେଖେ ନାହିଁ । ଯେଉଁ ଲେଖା ବହୁ ଜନ ମାନସକୁ ସ୍ପର୍ଶ କରେ, ଅନୁପ୍ରାଣିତ କରେ, ତାହା ହୁଏତ ନୋବେଲ୍ ପ୍ରାଇଜ୍ ପାଇ ନ ପାରେ, ମାତ୍ର ପାଠକର ଶ୍ରଦ୍ଧା ଯୋଗୁଁ କାଳଜୟୀ ହୁଏ । କୃଷ୍ଣ ଭାଇଙ୍କର ମତ ସହ ମୁଁ ସହମତ ଯେ “ମହତ୍ତର ଓ ଉତ୍କୃଷ୍ଟ ଲେଖାର ନିର୍ଣ୍ଣାୟକ ତ ସମୟ ।” ସେ ଲେଖିଛନ୍ତି ଲେଖକର କର୍ତ୍ତବ୍ୟ ତାର ସାଧ୍ୟମତେ ସର୍ବୋତ୍ତମ ଲେଖିବାକୁ ଚେଷ୍ଟା କରିବା ଓ ତାକୁ ପ୍ରକୃତ ପାଠକଙ୍କ ପାଖରେ ପହଞ୍ଚାଇବା । ‘ପହଞ୍ଚାଇବା’ ଅର୍ଥ ନିଜକୁ ପ୍ରଚାର କରିବା ନୁହେଁ କି ? କିନ୍ତୁ ‘ପ୍ରକୃତ ପାଠକ’ କିଏ ? କେମିତି ପହଞ୍ଚିବା ତାଙ୍କ ପାଖରେ ? ବଡ ବିବଦମାନ ଏ ପ୍ରସଂଗ, ତେଣୁ ଏଇଠି ଥାଉ ।

**ସୁମିତ୍ରା ମିଶ୍ର**
କୋଳଥିଆ, ଭୁବନେଶ୍ୱର

## ଲେଖକଲେଖିକାଙ୍କ ପାଇଁ ନିୟମାବଳୀ

● ‘ରେବତୀ ଆମ ମାଟିର ସ୍ୱର’ ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପ୍ରକାଶ ପାଏ । ବେଶ୍ କିଛି ସଂଖ୍ୟା ପାଇଁ ରଖା ଯାଇଥାଏ ବିଶେଷ ପ୍ରସଙ୍ଗମାନ ।

● ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ପରିବାର ଓ ଜନଜୀବନ ଉପଯୋଗୀ ସକାରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ । ସାହିତ୍ୟ ଏହାର ଏକ ଅଂଶ ମାତ୍ର ।

● ‘ରେବତୀ’ ମୁଖ୍ୟତଃ ତରୁଣ ଲେଖକ/ଲେଖିକାଙ୍କର କଳ୍ପିତ ମଞ୍ଚ । କିନ୍ତୁ କେବଳ ଲେଖାର ଅଭିନବତ୍ୱ ହିଁ ଚୟନର ମାନକ । ଲେଖକମାନେ ଗୋଟିଏ ନୂଆ ଦିଗ୍‌ବଳୟ ସୃଷ୍ଟି କରି ପାରିଲେ ‘ରେବତୀ’ ସେଇମାନଙ୍କର ହେବ, ସବୁବେଳେ ।

● ଏଥିପାଇଁ ଫିଚରଧର୍ମୀ ଲେଖା (ଜେରକ୍ସ କପି ନୁହେଁ) ବର୍ଷସାରା ଗ୍ରହଣ କରାଯାଏ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ‘ରେବତୀ’ କହି ରଖୁଛି ।

● କେଉଁ ବିଷୟରେ ଫିଚର୍ ପ୍ରସ୍ତୁତ କରିବେ, ସେ ସମ୍ବନ୍ଧିତ ସବିଶେଷ କଥା ସମ୍ପାଦକୀୟ କାର୍ଯ୍ୟାଳୟରୁ ଆଗ ଜାଣିନେବେ । ସେଠାରୁ ସବୁଜ ସଂକେତ ପାଇଲେ ନିର୍ଧାରିତ ସମୟସୀମା ଭିତରେ ଲେଖା ପଠାଇବେ । ପଠାଇବାର ଛଅମାସ (କିମ୍ବା ଅଧିକ ସମୟ)ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ମନୋନୀତ ଲେଖାଟି ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇପାରେ ।

● ଗଳ୍ପ, କବିତା କିମ୍ବା କବିତା ଜାତୀୟ ଯେକୌଣସି ଲେଖା ପଠାଇବା ପୂର୍ବରୁ ପଚାରି ନିଅନ୍ତୁ । କାରଣ ଏଥିପାଇଁ ‘ରେବତୀ’ ପକ୍ଷରୁ ହିଁ ଅନୁରୋଧ କରାଯାଏ । ଗଳ୍ପ/କବିତା ଜଣେ ଲେଖକର ବର୍ଷକରେ ଦୁଇଥର ପ୍ରକାଶ ପାଇବ । ଲଗାତାର କବିତା ଗଳ୍ପ ପଠାଇବେ ନାହିଁ ।

● ଅନୁବାଦ ଲେଖା ପ୍ରକାଶ ପାଏ ନାହିଁ କି ପୁସ୍ତକ ସମୀକ୍ଷା ବା ପୁସ୍ତକ ଆଲୋଚନା ମଧ୍ୟ ପ୍ରକାଶ ହୁଏନା । ଏଥିପାଇଁ ଅନୁରୋଧ ନ କରିବାକୁ ଅନୁରୋଧ ।

● ‘ରେବତୀ’ ପାଇଁ ଯେଉଁମାନେ ଫିଚର୍ ଲେଖିବାକୁ ଆଗ୍ରହୀ ସେମାନେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକର କେବଳ ସଫ୍ଟ କପି ଇ-ମେଲ୍ ମାଧ୍ୟମରେ ପଠାଇବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍‌ରେ ବ୍ୟବହୃତ ଫଟୋ ଆଦୌ ପଠାଇବେ ନାହିଁ । ଏସବୁରେ ଫଟୋର ଗୁଣବତ୍ତା ହ୍ରାସ ପାଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶିତ ହେବ ।

● ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ୟୁନିକୋଡ୍‌ରେ ପଠାଉଥିଲେ ଦୟାକରି ଆକୃତି ଶାରଳା ଲିପିରେ କନ୍‌ଭର୍ଟ କରି ଆବଶ୍ୟକୀୟ ସଂଶୋଧନ ପରେ ହିଁ ମେଲ୍‌କୁ ପଠାନ୍ତୁ । ହ୍ୱାଟ୍ସଆପ୍‌ରେ ଲେଖା କି ଫଟୋ ଗ୍ରହଣୀୟ ନୁହେଁ । e-mail: **rebati.rebati2018@gmail.com**

● ପ୍ରତିଟି ପ୍ରକାଶିତ ଲେଖା ପାଇଁ ଲେଖକୀୟ ଉପହାର ସ୍ୱରୂପ ପତ୍ରିକା ପଠାଯିବାର ବ୍ୟବସ୍ଥା ଅଛି ।

● ‘ରୋଷେଇ’ ପାଇଁ ଯେକୌଣସି ଆଗ୍ରହୀ ମହିଳା/ପୁରୁଷ, ସେ ଲେଖିକା/ଲେଖକ ହୋଇନଥିଲେ ମଧ୍ୟ ୩ଟି ରାନ୍ଧଣା ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ ସିଧାସଳଖ ଇ-ମେଲ୍‌ରେ ।


● ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ । ପ୍ରକାଶିତ ଲେଖା/ଫଟୋ ପାଇଁ କୌଣସି ପାରିତୋଷିକ ଦିଆଯାଏ ନାହିଁ ।

● ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ ‘ରେବତୀ’ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା ‘ରେବତୀ’ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ରହିବେ ନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କବିତା ବା କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।

● ‘ରେବତୀ’ ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.**ସପକ୍ଷରେ ହେବ ।

ସମ୍ପର୍କ: ସମ୍ପାଦିକା : ‘ରେବତୀ’, ଓ.ଟି. ରୋଡ୍, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ବାଲେଶ୍ୱର-୧, ଫୋନ: ୭୦୦୮୮୪୫୯୨୦
ଇ-ମେଲ୍:rebati.rebati2018@gmail.com

# ଗୋଟିଏ ନାଟକର ନିୟତି



# ଗୋଟେ ବେତାର ନାଟକର ଯାତ୍ରାପଥ


## ରାମଚନ୍ଦ୍ର ବେହେରା

ଲ' କଲେଜ ରୋଡ଼, ଠାକୁରପାଟଣା
କେନ୍ଦ୍ରାପଡ଼ା-୭୫୪୨୫୦
ଫୋନ:୯୪୩୭୩୭୭୨୧୯


ଫଟୋ ସୌଜନ୍ୟ : ଅତୁଲ ବଳ
ମୁଖ୍ୟପୃଷ୍ଠ ପୋଟ୍ରେଟ୍ : ସୌମ୍ୟ ରଞ୍ଜନ ପଟ୍ଟନୟେକ

**ଜୀବନ ତାଙ୍କର କାହାଣୀରେ ଭରା । କାହାଣୀ ତାଙ୍କର ଜୀବନ୍ମୟ । ଅନେକ ଗଳ୍ପ ଉପନ୍ୟାସର ସେ ଜଣେ ସଫଳ ସ୍ରଷ୍ଟା । ତାଙ୍କ ଲେଖାକୁ ଭଲ ପାଉଥିବା ପାଠକଙ୍କ ସଂଖ୍ୟା ଅକଳନୀୟ । 'ରେବତୀ' ପାଇଁ ଏହା ତାଙ୍କର ପ୍ରଥମ ଲେଖା, ଯେଉଁଥିରେ ସେ ତାଙ୍କ ସୃଜନଶୀଳତାର ସ୍ୱରୂପ ସମ୍ପର୍କରେ ଧାରଣା ଦେଇଛନ୍ତି । ତାଙ୍କ ଜୀବନର ଏପରି ଖଣ୍ଡିତ ଅନୁଭବକୁ, ଯଦି ସେ ଲେଖନ୍ତି, ଆମେ ଆପଣମାନଙ୍କ ପାଇଁ ପେଶ୍ କରିବୁ ଆଗକୁ ବି ।**



▲ଲେଖକ ରାମଚନ୍ଦ୍ର ବେହେରା

ମୋର ପଠନ ପରିସରରେ ଅଛି ବାଲେଶ୍ୱରରୁ ପ୍ରକାଶିତ ରଙ୍ଗୀନ ଫିଚରଧର୍ମୀ ମାସିକ ପତ୍ରିକା, 'ରେବତୀ' । ମୁଁ ଅଯାଚିତ ଶ୍ରଦ୍ଧା ଓ ସମ୍ମାନ ପାଇଚି ଏ ପତ୍ରିକା ଓ ଏହାର ସହଯୋଗୀ ସମ୍ପାଦକ କବି କୃଷ୍ଣ କୁମାର ମହାନ୍ତିଙ୍କ ଠାରୁ । ଅନେକ ଦିନରୁ ଇଚ୍ଛା ଥିଲା ଏ ପତ୍ରିକା ସହିତ ସହଯୋଗ କରିବା ପାଇଁ । ତେବେ ପତ୍ରିକାର ଆଭିମୁଖ୍ୟ ସମ୍ପର୍କରେ ସଚେତନ ହେବା ପରେ, କେଉଁ ପ୍ରକାରର ଲେଖା ଜରିଆରେ ଏଇ ସହଯୋଗ ସମ୍ଭବ, ତାହା ନିର୍ଣ୍ଣୟ କରିବାରେ ଅହେତୁକ ଡେରି ହେଲା । ତା'ସହିତ ପୁଣି ଅଛି ଅନେକ ପାରିବାରିକ ଓ ବ୍ୟକ୍ତିଗତ ପ୍ରତିବନ୍ଧକ ।

ମୁଁ ଗଳ୍ପ-ଉପନ୍ୟାସ ଲେଖେ ବୋଲି ଅନେକ ପାଠକ ଜାଣି ନଥିବେ । ବେତାର ନାଟକ ଓ ମଞ୍ଚ ନାଟକ ? ଅଧିକାଂଶ ବିସ୍ମିତ ହେବେ, ମୋ ଦାବିକୁ ଅବିଶ୍ୱାସ କରିପାରନ୍ତି । କିନ୍ତୁ ଏ ଲେଖାଟି ମୋର ଗୋଟିଏ ବେତାର ନାଟକର କଥାବସ୍ତୁ ଉପରେ ଆଧାରିତ । ତାହା ପୁଣି କିପରି ଉପନ୍ୟାସ ଓ ପରେ ମଞ୍ଚ ନାଟକର ପରିଗ୍ରହ ଗ୍ରହଣ କଲା, ତାହା ଉପସ୍ଥାପନ କରିବ ଏ ଲେଖା ।  ଏହା ବର୍ଣ୍ଣନା କରିବା ପାଇଁ ମୁଁ ପ୍ରୋତ୍ସାହିତ ହେଉଚି ଦୁଇଟି କାରଣ ପାଇଁ ।

ପ୍ରଥମ: ଏ ଲେଖା ମାଧ୍ୟମରେ ମୁଁ ମୋର ଚାରିତ୍ରିକ ବୈଶିଷ୍ଟ୍ୟ ଓ ଦୁର୍ବଳତା ପ୍ରକାଶ କରୁଚି ସମସ୍ତ ସଙ୍କୋଚପଣ ଓ ସାହସର ସହିତ । ସମୟ କ୍ରମେ, ଅଭିଜ୍ଞତା, ଜ୍ଞାନ ଓ ବୌଦ୍ଧିକତାର ପରିପ୍ରେକ୍ଷୀରେ, ମନୁଷ୍ୟର ଦୃଷ୍ଟିଭଙ୍ଗୀରେ କିପରି ବିବର୍ତ୍ତନ ଘଟିଥାଏ, ସେ ସଂପର୍କରେ କିଞ୍ଚିତ ଇଙ୍ଗିତ ଦେଇପାରେ ଲେଖା ।

ଦ୍ୱିତୀୟ: କେଉଁ ପ୍ରକାର ପ୍ରସଙ୍ଗ ସୃଜନଶୀଳତାକୁ ସ୍ପନ୍ଦିତ କରେ ? ଚୂଡ଼ାନ୍ତ ଭାବେ ଏକ ବ୍ୟକ୍ତିଗତ, ଆତ୍ମନିଷ୍ଠ ବ୍ୟାପାର । ଏ ସମ୍ପର୍କରେ ବିସ୍ତାରିତ ଭାବେ କହିବା ସମ୍ଭବ ନୁହେଁ ଏଠାରେ । ତେବେ, ଏଇ ଆଲେଖ୍ୟଟି ମୋର ସୃଜନଶୀଳତା ଓ ଏହାର ସ୍ୱରୂପ ସଂପର୍କରେ ଅସ୍ପଷ୍ଟ ହେଲେ ମଧ୍ୟ ଧାରଣା ପ୍ରଦାନ କରିବ ।

କିପରି ଥିଲା ଆମ ଗାଁ, ଆମ ଘର, ପଞ୍ଚସ୍ତରି ବର୍ଷ ପୂର୍ବେ, ଯେତେବେଳେ ମୁଁ ଦୁଇ-ତିନି ବର୍ଷର ଶିଶୁ ଥିଲି ? ଆମ ସାନ ଗାଁ ଜଣାଶୁଣା ଥିଲା ପାହାଡ଼ ଉପରେ ଅବସ୍ଥିତ ପ୍ରାଚୀନ ଶିବ ମନ୍ଦିର ଓ ମକର ମେଳା ଯୋଗୁଁ । ଜିଲ୍ଲାର ମୁଖ୍ୟ ସଡ଼କ ଠାରୁ ଦଶ କିଲୋମିଟର ଦୂରରେ ଏ ଗଡ଼ଜାତ ଗାଁରେ ବସବାସ କରୁଥିଲେ ପ୍ରାୟ ସାଢ଼େ ଚାରିଶହ ଗରିବ ଅଥଚ ସରଳ ଲୋକ ଆପାତତଃ ଜଙ୍ଗଲ ଘେରିରେ । ବର୍ଷା ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ଚାଷ ହିଁ ଥିଲା ଲୋକମାନଙ୍କର ଏକମାତ୍ର ଅବଲମ୍ବନ ଜୀବନ ଧାରଣ ପାଇଁ ।

ଗାଁର ସବୁଠାରୁ ସକ୍ଷମ ପରିବାର ହୋଇଥିଲେ ମଧ୍ୟ, ଆମର ଥିଲା ଚାଳ ଛପର ଘର, ମାଟି କାନ୍ଥ ଓ ଚଟାଣ । (ଉଣେଇଶ ତେପନ ମସିହା ବେଳକୁ ଅବଶ୍ୟ ଇଟା କାନ୍ଥ, ସିମେଣ୍ଟ ଟାଇଲ ଓ ଚଟାଣର ଘର ନିର୍ମିତ ହେଲା ।) ବାପା-ମା' ଥିଲେ ଅତ୍ୟନ୍ତ ଉଦାର ଓ କୋମଳ ସ୍ୱଭାବର । ମା'କୁ ଆମ ଅଂଚଳର ଭାତହାଣ୍ଡି ବୋଲି କୁହା ଯାଉଥିଲା । କୃତଜ୍ଞତା ଓ ଆବେଗ ଯୋଗୁଁ । ଏ ଦୁଇଜଣଙ୍କ ଯୋଗୁଁ ଉପକୃତ ହୋଇ ନଥିବା ପରିବାର ନଥିଲା ଆମ ଗାଁରେ ।

ଆମର ନିକଟତମ ପଡ଼ୋଶୀ ଥିଲେ ଧରଣୀଧର ମହାକୁଡ଼ । ଶ୍ୟାମଳବର୍ଣ୍ଣର ହୃଷ୍ଟପୁଷ୍ଟ ଏ ବ୍ୟକ୍ତିଙ୍କୁ ମୁଁ ବଡ଼ବାପା ସମ୍ବୋଧନ କରୁଥିଲି । ସେ ଥିଲେ ପଣକିଆରେ ଧୁରନ୍ଧର । ରାମାୟଣ-ମହାଭାରତ ସଂପର୍କରେ ଜ୍ଞାନ ଥିଲା । ଫୁରୁସତ ମିଳିଲେ, ପ୍ରକାଣ୍ଡ ବଉଳ ଗଛ ମୂଳେ ତାସ୍ ଖେଳୁଥିଲେ ଚିକ୍କଣ ପଥର ସ୍ଲାବ୍ ଉପରେ ।

ତାଙ୍କ ପରିବାର ସହିତ ଅତ୍ୟନ୍ତ ନିବିଡ଼ ସଂପର୍କ ଥିଲା ଆମର । ମଧ୍ୟାହ୍ନ ଭୋଜନ ପାଇଁ ପ୍ରସ୍ତୁତ ହେଉଥିବା ଆମ ଘରର ବ୍ୟଞ୍ଜନ ତାଙ୍କ ଘରକୁ ଏବଂ ତାଙ୍କ ବ୍ୟଞ୍ଜନ ଆମ ଘରକୁ ନିଶ୍ଚୟ ଆସୁଥିଲା । କହିବାରେ ଦ୍ୱିଧା ନାହିଁ ଯେ ଏଇ ଦୁର୍ଲଭ, ସୌହାର୍ଦ୍ଦ୍ୟପୂର୍ଣ୍ଣ ପରମ୍ପରା ଏବେ ମଧ୍ୟ ଉଜ୍ଜୀବିତ ଅଛି, ଧରଣୀଧରଙ୍କ ନାତି ପରିବାରର ମୁଖ୍ୟ ହବା ପରେ ବି ।

ମୋର ସ୍ପଷ୍ଟ ମନେ ଅଛି, ମୁଁ ଖୁବ୍ ସାନ ଥିବା ବେଳ ଠାରୁ ଆମ ଛୋଟିଆ ଗାଁର ସମସ୍ତେ ମୋତେ ସ୍ନେହ-ଆଦର କରୁଥିଲେ । ମୋ ଆକଳନରେ ଦୁଇଟି ପ୍ରମୁଖ କାରଣ ଥିଲା ଏଥିପାଇଁ । ଆବଶ୍ୟକ ପରିସ୍ଥିତିରେ ଆମ ସମର୍ଥ ପରିବାର ଠାରୁ ପୃଷ୍ଠପୋଷକତା ହାସଲ କରିବା ସକାଶେ ତାହା ଥିଲା ଅନ୍ୟତମ କୌଶଳ । ଦ୍ୱିତୀୟ କାରଣଟି ହେଉଚି, ବାପା-ମାଙ୍କର ଅନ୍ୟମାନଙ୍କ ପ୍ରତି ଉନ୍ମୁଖତା । ପ୍ରତିଦିନ ଅନ୍ତତଃ ଦୁଇ-ତିନୋଟି ପରିବାରର କେହି ଜଣେ ଆମର ଦ୍ୱାରସ୍ଥ ହେଉଥିଲେ କଂସାଏ ଭାତ ଓ ଡାଟିଏ ଡାଲି ପାଇଁ । ସେତେବେଳେ ପ୍ରଚଳିତ ତମ୍ବା ପଇସା ବିନିମୟରେ ଗାଁର ଦୁଇଜଣ ସ୍ତ୍ରୀଲୋକ ମୋତେ କିଣି ନେଇଥିବା କଥା ମୁଁ ଜାଣେ ।

ତେବେ ପଡ଼ୋଶୀ ଧରଣୀଧର ବଡ଼ବାପାଙ୍କର ମୋ ପ୍ରତି ଗଭୀର ସ୍ନେହ-ଶ୍ରଦ୍ଧା ଥିଲା ଚୂଡ଼ାନ୍ତ ଭାବେ

ନିର୍ମଳ ଓ ସ୍ୱାର୍ଥ ରହିତ । ସେ ସ୍ୱାବଲମ୍ବୀ ଥିଲେ ଏବଂ ଦରକାର ମୁତାବକ ବାପାଙ୍କୁ ପରାମର୍ଶ ଦେଉଥିଲେ । ସେ ତାଙ୍କ ପିଣ୍ଡା ଉପରେ ଥାଇ, ମୁଁ ପଣକିଆ, ମୁଖସ୍ଥ କରିବା ପ୍ରକ୍ରିୟାକୁ ତଦାରଖ କରୁଥିଲେ । ସେ ତାସ୍ ଖେଳିବା ବେଳେ ମୁଁ ତାଙ୍କ ପିଠି ଉପରେ ଲଦି ହେବା କିମ୍ବା ଅନ୍ୟ ପ୍ରକାର ଖେଳିବା କଥା ମୋର ଏବେ ବି ମନେଅଛି । ସେତେବେଳେ ମୋର ଦିନର ଅଧିକାଂଶ ସମୟ କଟୁଥିଲା ତାଙ୍କ ଘରେ । ବେଳେବେଳେ ମୋ ଭଳି ଏକମାତ୍ର ଅପରିପକ୍ୱ ଦର୍ଶକକୁ ଚମକୃତ କରୁଥିଲେ ହନୁମାନ ଭୂମିକାରେ ଅବତୀର୍ଣ୍ଣ ହୋଇ କିମ୍ବା ରାବଣର ଆସ୍ଫାଳନପୂର୍ଣ୍ଣ ସଂଳାପ ଉଚ୍ଚାରଣ କରି । ଶୋକାଭିଭୂତ ଦଶରଥଙ୍କ ବିଚ୍ଛେଦ ଜନିତ କାରୁଣ୍ୟ ପ୍ରକାଶ କରୁକରୁ ସେ ସତେ ଅବା ଦ୍ରବୀଭୂତ ହୋଇ ଯାଉଥିଲେ ।

ହାଇସ୍କୁଲ୍‌ରେ ପଢ଼ିବା ପାଇଁ ମୁଁ ଗାଁ ଛାଡ଼ିଲି । ପରେ ପରେ କଲେଜ୍ ଓ ୟୁନିଭର୍ସିଟିରେ ଅଧ୍ୟୟନ ଏବଂ ଚାକିରି । ବଡ଼ବାପାଙ୍କ ସହିତ ଦେଖାହୁଏ । ଅଳ୍ପ କେତୋଟି ସାନ ବାକ୍ୟ ମଧ୍ୟରେ ସୀମିତ ରହୁଥିଲା ଆମ କଥୋପକଥନ । ସ୍ୱାଭାବିକ ଭାବରେ ସେ ହରାଉଥିଲେ ସ୍ୱାସ୍ଥ୍ୟ ଓ ଆତ୍ମବିଶ୍ୱାସ । ବିଷାଦ ଓ ଅସହାୟତା ଆଚ୍ଛନ୍ନ କରୁଥିଲା ତାଙ୍କୁ । ଏହାର ସମସ୍ତ କାରଣ ମୁଁ ଜାଣିପାରୁ ନଥିଲି । ଗାଁରେ ଦୀର୍ଘ ସମୟ କଟେଇବା ଆଉ ସମ୍ଭବ ହେଉନଥିଲା ।

ମୁଁ ଚାକିରି କରିବାର ଅଳ୍ପ କେତୋଟି ବର୍ଷ ପରେ ସେ ପାରାଲିସିସ୍ ଦ୍ୱାରା ଆକ୍ରାନ୍ତ ହେଲେ । ତାଙ୍କର ଗତିଶୀଳତା ପୋତି ହୋଇ ପଡ଼ିଲା ଗୋଟେ ଖଟ ଓ ବିଛଣା ଭିତରେ । ଗୋଟେ ଉଦ୍ଦାମ, କ୍ଷିପ୍ର ସ୍ରୋତ ସତେ ଅବା ପରିଣତ ହୋଇଗଲା ପ୍ରଦୂଷିତ,ପରିତ୍ୟକ୍ତ, ଅବାନ୍ତର ପୋଖରୀରେ ।

ମୁଁ ଘରକୁ ଆସିଥାଏ ଦଶହରା ଛୁଟିରେ । ମା' ପ୍ରସନ୍ନ ଦିଶୁଥାଏ କିଛି ମାସର ବ୍ୟବଧାନ ପରେ ମୋତେ ଦେଖୁଥିବାରୁ । ସହସା ଗୋଟେ ଆର୍ତ୍ତନାଦ ଲୁଣ୍ଠନ କଲା ଆମ ଦୁହିଁଙ୍କର ଖୁସିର ମୁହୂର୍ତ୍ତକୁ । ଏ ଆର୍ତ୍ତନାଦରେ ଥିଲା ଅସାମର୍ଥ୍ୟ ଜନିତ ସୀମାହୀନ ଶୋକ । ଥିଲା ମଧ୍ୟ ଦୂରାବସ୍ଥା ବିରୋଧରେ ପ୍ରତିବାଦ । ଆହୁରି ମଧ୍ୟ, ପରିବାର ଓ ପୃଥିବୀ ତାଙ୍କ ଠାରୁ ଦୂରେଇ ଯାଉଚି ବୋଲି ଶେଷହୀନ ଅଭିମାନ ଓ ଅଭିଯୋଗ । ମୋତେ ଜଣାପଡ଼ିଲା, ଏ ଆର୍ତ୍ତନାଦ ବ୍ୟାପ୍ତ ହୋଇଯାଉଚି ସମଗ୍ର ବ୍ରହ୍ମାଣ୍ଡରେ । ଜୀବନକୁ ଏମିତି କଦାକାର କରିଥିବାର କୈଫିୟତ ଦାବି କରୁଚି କେଜାଣି କାହା ପାଖରୁ ।

ଏହା ଯଥେଷ୍ଟ ଥିଲା ମୋତେ ମ୍ରିୟମାଣ, ଉଦାସ, ଭୟଭୀତ କରିବା ପାଇଁ । ମା' ବୁଝେଇ ଦେଲା ତା' ସମ୍ବେଦନଶୀଳ ସ୍ୱରରେ– ତୋ ବଡ଼ବାପା । ଏ ବେମାରୀ ତାଙ୍କୁ ଗୋଛାଏ ହାଡ଼ରେ ପରିଣତ କରି ସାରିଲାଣି । ଛଟପଟ





ହେଉଚନ୍ତି । ତାଙ୍କୁ କେହି ପଚାରୁ ନାହାନ୍ତି ବୋଲି ଗାଳି ଗୁଲଜ କରୁଚନ୍ତି । ଜୀବନ ଯାଉ ନାଇଁ ବୋଲି ବିଧାତାଙ୍କୁ ଅଭିଶାପ ଦେଉଚନ୍ତି ।

ମା'ଟିକିଏ ରହି ଯୋଗ କଲା– ତୁହାକୁ ତୁହା ଶୁଭେ ତାଙ୍କ ଚିତ୍କାର । ଶୁଖିଯିବ ଶୁଣୁଥିବା ଲୋକର ରକ୍ତ । ବାଉଳି ହେଉଚନ୍ତି । ବୁଝି ହେଉ ନଥିବା କଥା କହନ୍ତେ । ହଁ, ପରା ଖୋଜୁଚନ୍ତି ତୋତେ ।

ଗୋଟେ ଅତଡ଼ା ଖସିଗଲା ମୋ ଭିତରେ । ଗୋଟେ ତଡ଼ିତ, ପୁଣି ପଛଘୁଞ୍ଚା । ପଚାରିଲି– କ'ଣ କହିଲୁ । ମୋତେ ଖୋଜୁଚନ୍ତି ?

ତୋତେ ଦେଖିବାକୁ ଚାହୁଁଚନ୍ତି । ମା'ର ସ୍ୱର ପ୍ରବର୍ଦ୍ଧେଇବା ସ୍ତରକୁ ଆସିଗଲା– ଥରେ ନୁହେଁ, ଢେର୍ ଥର ସେ ପଚାରିଲେଣି । ରାମ କ'ଣ ଛୁଟିରେ ଘରକୁ ଆସିନାଇଁ ? ସେ ଆସିଲେ କହିବ, ତାକୁ ମୁଁ ଖୋଜୁଚି ଦେଖିବା ପାଇଁ ।

ମା' ମୋ ଆଡ଼େ ଅନେଇ ଆପାତତଃ କୋମଳ ନିର୍ଦ୍ଦେଶ ଦେଲା ଯା' ଟିକେ ତାଙ୍କ ପାଖକୁ । ଦେଖି ଆସିବୁ । ବହୁତ ଭଲ ପାଉଥିଲେ ତୋତେ । ତୋର ମନେ ନଥିବ ।


ମନେ ଅଛି । ଅତୀତକୁ ଝୁରିହେବା ସ୍ୱରରେ କହିଲି । ଯୋଗ କଲି: ତେବେ ଅବିକା ଯାଇ ହେବ ନାଇଁ ତାଙ୍କ ପାଖକୁ । ମୁଁ ଅଛି ଆଉ ଦୁଇ ତିନି ଦିନ । କେଉଁଦିନ ଯାଇ ଦେଖି ଆସିବି ତାଙ୍କୁ ।

ମୋ ସ୍ୱରରେ ପ୍ରତ୍ୟୟ ନ ଥିବା କଥା ମା' ଚିହ୍ନଟ କରି ପାରିଲା କି ନାଇଁ କେଜାଣି ?

ବୋଧହୁଏ ଲେଖିବା ଅନାବଶ୍ୟକ ଯେ ବଡ଼ ବାପାଙ୍କୁ ଦେଖିବା ପାଇଁ ମୁଁ ଯାଇ ପାରିଲି ନାଇଁ, ମା' ମୋତେ ଆଉଥରେ– ଦୁଇଥର ମନେ ପକାଇ ଦେବା ସତ୍ତ୍ୱେ । ମୁଁ ଗାଁରୁ ଫେରିଲି ତୀବ୍ର ବ୍ୟାକୁଳତା, ଅବଶୋଷ ଓ ଅପରାଧବୋଧ ନେଇ ।

କାହିଁକି ଯାଇ ପାରିଲି ନାଇଁ ତାଙ୍କୁ ଦେଖିବା ପାଇଁ? ମୁଁ ଜାଣେ, ଏ ସଂକ୍ରାନ୍ତରେ ମୋ ଠାରେ ଯଥାର୍ଥ କୈଫିୟତ ନାହିଁ । ମୁଁ ଏବେ ବି, ଏଇ ପରିଣତ ବୟସରେ ନିଜ ପ୍ରତି କ୍ରୋଧାନ୍ୱିତ ହେଉଚି, ନିଜର ଅପାରଗତା ଓ ଭୀରୁତା ପାଇଁ ନିଜକୁ ଭର୍ତ୍ସନା କରୁଚି ଏବଂ ନିଜକୁ ଦୟନୀୟ ବୋଲି ଭାବୁଚି । ଏହାର କୌଣସି ପ୍ରାୟଶ୍ଚିତ ସମ୍ଭବ ହିଁ ନୁହେଁ । କେତୋଟି ବିଶିଷ୍ଟ ସାହିତ୍ୟ ସଭାରେ ମୁଁ ଏ ପ୍ରସଙ୍ଗ ଉପସ୍ଥାପନ କରିଚି । ସୂଚେଇ ଦେବାକୁ କିପରି ବ୍ୟକ୍ତିସତ୍ତା ଏବଂ ସୃଜନଶୀଳତାର କ୍ରିୟା-ପ୍ରତିକ୍ରିୟା ପ୍ରତିବାଦ, ସମର୍ଥନ, ବିଶ୍ଲେଷଣ କରୁଥାଏ ଏବଂ ଏକ ନିଷ୍କର୍ଷରେ ପହଞ୍ଚୁଥାଏ । ଅନେକ ଜଟିଳତା, ଅନେକ ପାରସ୍ପରିକ ବିରୋଧାତ୍ମକତା ସମାହିତ ହେଉଥାଏ ।








ଆପଣଙ୍କୁ ବିରକ୍ତ ଲାଗିଲେ ବି ମୁଁ ଆଉଥରେ ମୂଳ ପ୍ରସଙ୍ଗ ପାଖକୁ ଫେରୁଚି । ମୁଁ କେଉଁ ପ୍ରକାର ବଡ଼ବାପାଙ୍କୁ ଭେଟିଥାନ୍ତି ? ଚଳତ୍‌ଶକ୍ତି ବିହୀନ ପାରାଲିସିସ୍ ଅଭିଶପ୍ତ ଜଣେ କଙ୍କାଳସାର ବୃଦ୍ଧଙ୍କୁ । ସେ ନିଜ ପଙ୍ଗୁତା ବିରୋଧରେ, ତାଙ୍କ ପ୍ରତି ହେଉଥିବା ଅବହେଳା ବିରୋଧରେ ବିଧାତାର ଶାସ୍ତି ବିରୋଧରେ ପ୍ରତିବାଦ କରନ୍ତି ଆର୍ତ୍ତନାଦ ଜରିଆରେ । ହନ୍ତସନ୍ତ ହୁଅନ୍ତି ଅସହ୍ୟ ଯନ୍ତ୍ରଣା ଯୋଗୁଁ ଏବଂ ରକ୍ତ ଶୁଖେଇ ଦେବା ଭଳି କାନ୍ଦନ୍ତି ଉଚ୍ଚ ସ୍ୱରରେ ।

ଇଏ କ'ଣ ସତରେ ମୋ ବଡ଼ବାପା ? ତାଙ୍କର ଯେଉଁ ଇମେଜ୍‌ଟି ଉଜ୍ଜୀବିତ ମୋ ଠାରେ ତାହା ହେଲା, ସେ ସକ୍ଷମ, କର୍ମଠ, ହୃଷ୍ଟପୁଷ୍ଟ । ସେ ମୋ ଭଳି ଏକମାତ୍ର ଦର୍ଶକ ସାମ୍ନାରେ ନିଜକୁ ଉପସ୍ଥାପନ କରନ୍ତି ବିବିଧ ପୌରାଣିକ ଚରିତ୍ର ଜରିଆରେ । ଅମାନିଆ ଗାଈର ଗୋଡ଼ ଛନ୍ଦି ଖୀର ଦୁହନ୍ତି । ଦରକାର ପଡ଼ିଲେ କୋଦାଳ ଧରି ହିଡ଼ର ଘାଇ ମରାମତ କରନ୍ତି । ଏହା ହିଁ ବାସ୍ତବ ମୋ ପାଇଁ । ଏଇ ଇମେଜ୍‌କୁ ବିକଳାଙ୍ଗ କରିବା ପାଇଁ ଯେତେ ବାସ୍ତବ ହେଲେ ବି ଅନ୍ୟ କୌଣସି ଇମେଜ୍ ଗ୍ରହଣୀୟ ନୁହେଁ ମୋ ପକ୍ଷେ । ମୁଁ ଜାଣେ, ବାର୍ଦ୍ଧକ୍ୟ ଏବଂ ଗୁରୁତର ରୋଗର ଅନିବାର୍ଯ୍ୟ ଓ ଅଲଂଘନୀୟ ପ୍ରଭାବ ଅଛି ମନୁଷ୍ୟ ଉପରେ । ଏହାର ସାମ୍ନା ସାମ୍ନି ହେବାର ସାହସ ନଥିଲା ମୋ ଠାରେ ।

ସତୁରି ଦଶକରେ ବେତାର ନାଟକ ଶୁଣିବା ଏକ ବୌଦ୍ଧିକ ଅଭ୍ୟାସରେ ପରିଣତ ହୋଇ ସାରିଥିଲା । କେବଳ ମନୋରଂଜନ ନୁହେଁ, ଉତ୍କୃଷ୍ଟ ସାହିତ୍ୟ ମଧ୍ୟ ପରିବେଷିତ ହେଉଥିଲା ଏହା ମାଧ୍ୟମରେ । ଅଧ ଘଣ୍ଟା ଓ ଏକ ଘଣ୍ଟା ଅବଧିର ଦୁଇଟି ନାଟକ ପ୍ରସାରିତ ହେଉଥିଲା ସେତେବେଳେ କଟକ ଆକାଶବାଣୀ ଦ୍ୱାରା ପ୍ରତି ସପ୍ତାହରେ ।



ଅନ୍ୟମାନଙ୍କ ଭଳି ବେତାର ନାଟକ ଶୁଣିବା ପାଇଁ ମୋର ମଧ୍ୟ ଥିଲା ଉତ୍ସାହ, ଆଗ୍ରହ । ସମୟକ୍ରମେ ମୋର ହୃଦ୍‌ବୋଧ ହେଲା ଯେ ମୁଁ ମଧ୍ୟ ଭଲ ବେତାର ନାଟକ ଲେଖି ପାରିବି । ସେତେବେଳକୁ ମୋର କେତୋଟି ଗଳ୍ପ ପତ୍ରିକାରେ ପ୍ରକାଶିତ ହୋଇ ସାରିଥାଏ ଏବଂ ସେସବୁ ପ୍ରତି ପାଠକମାନଙ୍କର ଉତ୍ସାହପ୍ରଦ ପ୍ରତିକ୍ରିୟା ମୋର ଆତ୍ମବିଶ୍ୱାସ ବଢ଼ଉଥାଏ । ମୋର ପ୍ରଥମ ବେତାର ନାଟକଟି ଥିଲା ଅଧଘଣ୍ଟାଏ ଅବଧିର । ଏହାର ସଫଳତା ଥିଲା ଅଭୂତପୂର୍ବ । ଶ୍ରୋତାମାନେ ଏହାକୁ ଆଶାତୀତ ପ୍ରଶଂସା କରିଥିଲେ । ପ୍ରଥମ ତିନୋଟି ଅଧଘଣ୍ଟିଆ ନାଟକ ପ୍ରସାରିତ ହେବା ବେଳକୁ ଆକାଶବାଣୀ ନାଟକ ବିଭାଗର ସମସ୍ତେ ମୋତେ ଗଭୀର ଶ୍ରଦ୍ଧା କରିବା ଆରମ୍ଭ କଲେ । ମୋ ପ୍ରତି ଏ ବିଭାଗର ଆସ୍ଥା ଏତେ ଗଭୀର ଥିଲା ଯେ, ମୋତେ ପ୍ରୋତ୍ସାହିତ କରାଯାଉଥିଲା ଅଧିକ ନାଟକ ଲେଖିବା ପାଇଁ, ଏବଂ ବିଶେଷତଃ ନାଟକ ସପ୍ତାହରେ ମୋ ନାଟକ ପ୍ରସାରଣ ପାଇଁ । ଗାଳ୍ପିକ ଭାବରେ ନୁହେଁ, ବେତାର ନାଟ୍ୟକାର ଭାବରେ ମୋ ପରିଚିତି ଅଧିକ ବ୍ୟାପ୍ତ ହେଲା । କହିରଖେ ଯେ, ମୋର ବେତାର ନାଟକଗୁଡ଼ିକ ପ୍ରକାଶିତ ମୋର କ୍ଷୁଦ୍ରଗଳ୍ପ ଆଧାରିତ ଥିଲା ।

ନାଟକ ବିଭାଗର ଅନୁରୋଧକୁ ରକ୍ଷା କରିବା ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ ହେଲି । ନାଟକ ସପ୍ତାହ ପାଇଁ ମୋର ନାଟକ ନିର୍ଦ୍ଧାରିତ ତାରିଖ ପୂର୍ବରୁ ବିଭାଗର ହସ୍ତଗତ ହେବ ବୋଲି ଜଣାଇଦେଲି ।

କେଉଁ ବିଷୟବସ୍ତୁକୁ ନେଇ ନାଟକ ଲେଖିବି ? ପ୍ରକାଶିତ କୌଣସି ଗଳ୍ପ ଏଥିପାଇଁ ଉପଯୁକ୍ତ ମନେହେଲା ନାଇଁ । ବେତାର ନାଟକ ପାଇଁ ଉତ୍କୃଷ୍ଟ ବିବେଚିତ ପ୍ରାୟ ସମସ୍ତ ପ୍ରକାଶିତ ଗଳ୍ପକୁ କେନ୍ଦ୍ରକରି ମୁଁ ନାଟକ ଲେଖି ସାରିଥିଲି ।

ପକ୍ଷାଘାତ ପୀଡ଼ିତ ବଡ଼ବାପା ଏବଂ ତାଙ୍କ ସାମ୍ନାରେ ଉପସ୍ଥିତ ହେବାର ମୋର ଅସାମର୍ଥ୍ୟକୁ ନେଇ ବେତାର ନାଟକ ଲେଖା ଯାଇପାରନ୍ତା କି ?

ଅଫ୍‌କୋର୍ସ ? କାହିଁକି ନୁହେଁ ? ସହସା, ତଡ଼ିତ୍ ବେଗରେ ମୋର କଳ୍ପନା ପ୍ରବଣ ସୃଜନଶୀଳତା ସ୍ପନ୍ଦିତ ହୋଇପଡ଼ିଲା । ସମ୍ଭାବନାମୟ ହୋଇଗଲା ଏକ ଆଲୋକିତ ପରିପ୍ରେକ୍ଷୀ । ଏପରି ଅନୁଭବ ସମସ୍ତ ସୃଜନଶୀଳ ଶିଳ୍ପୀଙ୍କର– ସେ ସଙ୍ଗୀତଜ୍ଞ, ଚିତ୍ରଶିଳ୍ପୀ, ନୃତ୍ୟଶିଳ୍ପୀ, କବି ଗାଳ୍ପିକ, ଔପନ୍ୟାସିକ ହୋଇପାରନ୍ତି । ମାମୁଲି ଓ ସାଧାରଣ ଜଣା ପଡୁଥିବା କୌଣସି ଦୃଶ୍ୟ କିମ୍ବା ଚରିତ୍ର ମଧ୍ୟରେ ଅନନ୍ୟ, ଅସାଧାରଣ ଉପାଦାନ ଚିହ୍ନଟ କରାଯାଇପାରେ ଅନ୍ତର୍ଦୃଷ୍ଟିର ଶାଣିତ ପ୍ରବେଶ ଦ୍ୱାରା । ଏ ପ୍ରକ୍ରିୟା ଘଟେ ଆପଣାଛାଏଁ । ସଂପୃକ୍ତ ଶିଳ୍ପୀଙ୍କୁ ବିଭୋର ଓ ଉଲ୍ଲସିତ କରି । ସତେ ଅବା ସୃଷ୍ଟିର ଏକ ଶାଶ୍ୱତ, ଗୋପନ ରହସ୍ୟ ଉଦ୍‌ଘାଟିତ ହୋଇଯାଇଚି । ଏଇ ଅନନ୍ୟ, ଅସାଧାରଣ ଉପାଦାନଟି ଆପାତତଃ ଟ୍ରିଗର୍‌ର କାମ କରେ । ଶିଳ୍ପୀର ଚେତନା ଉନ୍ନୀତ ହୁଏ । ସୃଷ୍ଟି ହୁଏ ଅନୁପମ କଳା ।


ସୃଷ୍ଟିଶୀଳତାର ଜଟିଳ ଓ ରହସ୍ୟମୟ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରୁନାଇଁ । କେହି ମଧ୍ୟ ଏ ପ୍ରକ୍ରିୟାର ପୂର୍ଣ୍ଣାଙ୍ଗତା ହାସଲ କରିପାରି ନାହାନ୍ତି ଆଲୋଚନା ଜରିଆରେ । ମୁଁ ଫେରୁଚି ବେତାର ନାଟକ ପାଖକୁ ।

ବେତାର ନାଟକର ରୂପରେଖ ଏଇଭଳି ଉନ୍ମୋଚିତ ହୋଇଗଲା ମୋ ଆଗରେ–

# ଯାଯାବର ର ଘର

ବୈକୁଣ୍ଠ ନାଥ ସାହୁ





ଯାଯାବର ର ଘର

-ବୈକୁଣ୍ଠ ସାହୁ




ଅବସରପ୍ରାପ୍ତ ପ୍ରଫେସର ଜେଜେ ହେଉଚନ୍ତି ଏକ ସମ୍ଭ୍ରାନ୍ତ ଓ ବିଭବଶାଳୀ ପରିବାରର ମୁଖ୍ୟ ଓ ଅତ୍ୟନ୍ତ ପ୍ରିୟ ସଭ୍ୟ । ଜୀବନକୁ ଗଭୀର ଭାବରେ ଶ୍ରଦ୍ଧା କରୁଥିବା ଏଇ ଉଦାର, ପରୋପକାରୀ ବ୍ୟକ୍ତିଙ୍କର ଏକମାତ୍ର ପ୍ରତିଭାସଂପନ୍ନ ପୁଅ ଜଣେ ଶିଳ୍ପପତି । ନାତି ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ । ଅଧିକ ଗେହ୍ଲା ନାତୁଣୀ ପୋଷ୍ଟ ଗ୍ରାଜୁଏସନ୍‌ର କୃତି ଛାତ୍ରୀ ।

ବହୁ ବର୍ଷ ପୂର୍ବେ ରେଲୱେ ଷ୍ଟେସନରୁ ଉଦ୍ଧାର କରାଯାଇଥିବା ଛେଉଣ୍ଡ ରଘୁ ମଧ୍ୟ ଏ ପରିବାରର ଅଂଶ ବିଶେଷ । ଅଧ୍ୟୟନ ଦିଗରେ ଦୟନୀୟ ଭାବେ ଦୁର୍ବଳ ରଘୁକୁ ଅନ୍ୟ ସମସ୍ତ କ୍ଷେତ୍ରରେ ବିଚକ୍ଷଣ ଓ କ୍ଷିପ୍ର କୁହାଯିବ । ଈର୍ଷଣୀୟ ଭାବରେ ସୁଖୀ ଓ ସୁରକ୍ଷିତ ଏଇ ପରିବାରରେ କ'ଣ ଘଟେ, ଯେତେବେଳେ ସମସ୍ତଙ୍କର ପ୍ରିୟ ଜେଜେ ପାରାଲିସିସ୍ ଆକ୍ରାନ୍ତ ହୁଅନ୍ତି, ଜୀବନ ଅସାର ବୋଲି ଭାବନ୍ତି ଏବଂ ସୁଖ ନାମକ ଜିନିଷଟି କେତେ କ୍ଷଣସ୍ଥାୟୀ, ଏପରିକି ଭ୍ରମାତ୍ମକ ବୋଲି ଘୋଷଣା କରନ୍ତି ?

ସେ ପଙ୍ଗୁ ଓ ଚଳତ୍‌ଶକ୍ତି ବିହୀନ ହେବା ପରେ ପରେ, ପରିବାରର ସମସ୍ତେ ତାଙ୍କ ପାଇଁ ଉଦ୍‌ବିଗ୍ନ ଓ ତତ୍ପର ଥିଲେ । ଘର ସାମ୍ନା ଲନ୍‌କୁ ତାଙ୍କୁ ଅଣା ଯାଉଥିଲା । ସେଇଠି ଖବରକାଗଜ ପଢ଼ା ଯାଉଥିଲା, ଚା' ପିଆ ଯାଉଥିଲା ଇତ୍ୟାଦି । ଏ ଆବେଗ ଓ ଆତ୍ମୀୟତାର ପ୍ରବାହ ପ୍ରଖରତା ହରାଇଲା । ଜେଜେ ନିଃସଙ୍ଗ ହୋଇ ପଡ଼ିଲେ । ଆବେଗ ନୁହେଁ; ଉଦାସୀନତା ସଞ୍ଚରିତ ହେଲା । ଜେଜେଙ୍କ ପାଇଁ କିଛି କରିଦେବା ଏକ ନିଷ୍ପ୍ରାଣ କର୍ତ୍ତବ୍ୟବୋଧରେ ପରିଣତ ହେଲା । ପରବର୍ତ୍ତୀ ପର୍ଯ୍ୟାୟରେ, ଯନ୍ତ୍ରଣା, ନିଃସଙ୍ଗତା ଓ ଅଭିମାନ ଯୋଗୁଁ ସେ ଆର୍ତ୍ତନାଦ କଲେ । ଅନ୍ୟମାନଙ୍କ ଠାରେ ବିରକ୍ତି ଓ ଘୃଣା ସୃଷ୍ଟି ହେଲା । ନାତି ଘର ଛାଡ଼ିଲା ଟ୍ରେନିଂ ପରେ ଚାକିରି କରିବ ବୋଲି । ତୁମୁଳ କଳହ ପରେ ବୋହୂ ବାହାରି ଗଲା ଘରୁ, ବାପଘରେ କାମ ଥିବାର ବାହାନା ଦେଖାଇ । ପରିଶେଷରେ ଏଇ ଭାବନା ଗୁଞ୍ଜରିତ ହେଲା– ସମ୍ଭାବନା ନଥିବା ଏ ଅନାବଶ୍ୟକ ବୁଢ଼ା ନମରି ସମସ୍ତଙ୍କ ଉପରେ ଗୋଟେ ବିରକ୍ତିକର ବୋଝ ହୋଇ ରହିଚି କାହିଁକି ?


ଜେଜେଙ୍କର ଦେହାନ୍ତ ବେଳେ ଘରେ ଆପାତତଃ ନଥିଲେ କେହି । କାରଖାନାର ସଂପ୍ରସାରଣ ନାଁରେ ପୁଅ ମଧ୍ୟ ବାହାରେ । ଶେଷ ବେଳକୁ ନାତୁଣୀ ଭାଗବତ ପଢୁଥିଲା । ଉଦାସ ରଘୁ ବସିଥିଲା ପାଖରେ ।

ଏମିତି ହିଁ ଘଟେ । ଧରଣୀଧର ବଡ଼ବାପା କିମ୍ବା ଜେଜେଙ୍କ ପ୍ରତି ଏଇ ହେଉଚି ପରିବାରର ପ୍ରତିକ୍ରିୟା । ଆବେଗରୁ ଉଦାସୀନତା । ସେଇଠୁ ବିରକ୍ତି ଓ କ୍ରୋଧ । ଏ ଲୋକ ଚଞ୍ଚଳ କାହିଁକି ମରୁନାହାଁ ବୋଲି ଅସ୍ଥିରତା ଓ ଧୈର୍ଯ୍ୟହୀନତା । ଏଇ ଚିରନ୍ତନ ଓ ସାର୍ବଜନିନ ସତ୍ୟ ପରିବେଷିତ ହେଲା ବେତାର ନାଟକ 'ଧୂସର ପୃଥିବୀ'ରେ ।

କଟକ ଆକାଶବାଣୀ ଅତ୍ୟନ୍ତ ଯତ୍ନବାନ ଥିଲା ଏହାକୁ ପ୍ରଭାବଶାଳୀ ଭାବରେ ପ୍ରସାରଣ କରିବା ଦିଗରେ । କହିରଖେ ଯେ ଜେଜେଙ୍କ ଅନ୍ତିମ ଅବସ୍ଥାର ସମ୍ମୁଖୀନ ହୋଇପାରି ନଥିବା ଚରିତ୍ରମାନେ ବଡ଼ବାପାଙ୍କର ଶୋଚନୀୟ ଅବସ୍ଥାକୁ ଦେଖିବା ପାଇଁ ସାହସ ଜୁଟାଇ ପାରି ନଥିବା ମୋ ଚରିତ୍ରର ବିବିଧ ରୂପ । ଆମେ ଗୋଟିଏ ଦୃଶ୍ୟକୁ ଗ୍ରହଣ କରିପାରିଲୁ ନାହିଁ କାରଣ ଏହାର ପରବର୍ତ୍ତୀ କମନୀୟ ରୂପ ସହିତ ପରିଚିତ ଥିଲୁ । ସେହି ରୂପ ଏବେ ଅନ୍ତର୍ହିତ । ଯାହା ସତ୍ତ୍ୱେ, ଆମ୍ଭମାନଙ୍କର ଏହି ନିନ୍ଦନୀୟ ମାନସିକତା ଆଦୌ ମଣିଷପଣିଆ ଏବଂ ସ୍ନେହପୂର୍ଣ୍ଣ ଆତ୍ମୀୟତାକୁ ଅସ୍ୱୀକାର କରେନାହିଁ । ଜେଜେଙ୍କ ଶେଷ ମୁହୂର୍ତ୍ତରେ ନାତୁଣୀ ଓ ରଘୁର ଉପସ୍ଥିତି ଏଇ ସକରାତ୍ମକ କଥା କହେ ମନୁଷ୍ୟ ସଂପର୍କରେ ।

ସୃଜନଶୀଳତାର ଏହି ଅଲୌକିକ କ୍ରିୟାଶୀଳତାରୁ ଉଦ୍ଭବ ସମସ୍ତ କଳା, ଯାହାକୁ ପଢ଼ି ଦେଖି ଓ ଶୁଣି ଆମେ ଚମତ୍କୃତ, ବିସ୍ମିତ ଓ ଅଭିଭୂତ ହେଉ । 'ଧୂସର ପୃଥିବୀ' ମୁଗ୍ଧ କଲା ଶ୍ରୋତାମାନଙ୍କୁ । ଏହା ମୋ ତରଫରୁ ଧରଣୀଧର ବଡ଼ବାପାଙ୍କ ପ୍ରତି ଥିଲା ଶ୍ରଦ୍ଧାଂଜଳି । ସମୟ କ୍ରମେ ମୁଁ ଭାବିଲି ଯେ 'ଧୂସର ପୃଥିବୀ' ଏକ ସାହିତ୍ୟ କୃତି ଭାବରେ ସ୍ଥାୟୀ କଳେବର ଗ୍ରହଣ କଲେ ଭଲ ହୁଅନ୍ତା । ଏଭଳି ଏକ ବଳିଷ୍ଠ କଥାବସ୍ତୁ କେବଳ ବେତାର ନାଟକ ଭାବରେ ବିସ୍ମୃତିର ପବନରେ ଲୋପ ପାଇ ନଯାଉ । ଏହାକୁ ଉପନ୍ୟାସରେ ପରିଣତ କରିବାକୁ ସ୍ଥିର କଲି । ମୁଁ କହିଚି ଯେ ପୂର୍ବରୁ ପ୍ରସାରିତ ମୋର ସମସ୍ତ ବେତାର ନାଟକ ମୋର ପ୍ରକାଶିତ ଗଳ୍ପ ଆଧାରିତ ଥିଲା । ଏଥର ଘଟିବାକୁ ଯାଉଥିଲା ବ୍ୟତିକ୍ରମ । ଗୋଟେ ଉପନ୍ୟାସ ଲେଖା ହେବ, ବେତାର ନାଟକକୁ କେନ୍ଦ୍ର କରି ।

ଏ ଉପନ୍ୟାସ ପ୍ରକାଶ ପାଇଲା ଗୋଟେ ଶାରଦୀୟ ସଂଖ୍ୟାରେ । ଅତ୍ୟନ୍ତ ଉତ୍ସାହଜନକ ଥିଲା ଏହା ପ୍ରତି ପାଠକୀୟ ପ୍ରତିକ୍ରିୟା । ନାମକରଣରେ ଅବଶ୍ୟ ସାମାନ୍ୟ ପରିବର୍ତ୍ତନ କରାଗଲା– 'ଧୂସର ସୂର୍ଯ୍ୟାସ୍ତ' । ମୋର ଗଳ୍ପ – ଉପନ୍ୟାସକୁ ନିବିଡ଼ ଭଲପାଉଥିବା କେତେ ଜଣ ପାଠକଙ୍କ ମତରେ ଏଇ ଉପନ୍ୟାସରେ ପ୍ରତିଫଳିତ ହୋଇଚି ଜୀବନ ସଂକ୍ରାନ୍ତରେ ମୋର ସର୍ବଶ୍ରେଷ୍ଠ ଗଭୀର ଦୃଷ୍ଟିଭଙ୍ଗୀ । ଏହାର କେତେକ ପ୍ରମୁଖ ଅଂଶ କେତୋଟି କଲେଜ ପତ୍ରିକାରେ ସ୍ଥାନିତ ହେବା କଥା ମୁଁ ଜାଣେ ।



ପୁନରାବୃତ୍ତି କରୁଚି ଯେ ଉପନ୍ୟାସର କଥାବସ୍ତୁ ଗମ୍ଭୀର ଥିଲା । ଏହା ହିଁ ମୋତେ ଉଦ୍ଦୀପିତ ଓ ପ୍ରବୃତ୍ତ କରିଥିଲା ବଞ୍ଚିରହିବା ସଂପର୍କରେ ମୋର ଅନୁଚିନ୍ତା ପ୍ରକାଶ କରିବା ପାଇଁ । ଗୋଟିଏ ଉଦାହରଣ– ପାଚି ଯିବା ଠାରୁ ପଚିଯିବା କେତେ ଦୂର ? ଏ ପ୍ରଶ୍ନ ନିଜକୁ ପଚାରନ୍ତି ପାରାଲିସିସ୍ ଆକ୍ରାନ୍ତ ଜେଜେ । ସେ ପରିପକ୍ୱ ହେଲେ । ସକ୍ଷମ ପୁଅ ଓ ନାତି-ନାତୁଣୀଙ୍କୁ ଦେଖିଲେ । ସଂସାରରେ ସରିଗଲା ତାଙ୍କର ଭୂମିକା । କୌଣସି କ୍ଷେତ୍ରରେ ତାଙ୍କର ଆଉ ଅବଦାନ ନାହିଁ । ସେ କହିଥାନ୍ତେ– ଯଥେଷ୍ଟ ହେଲା । ମୁଁ ସନ୍ତୁଷ୍ଟ, ପରିପୂର୍ଣ୍ଣ ଓ

ପରିପକ୍ୱ । ଏଥର ତଳକୁ ଖସି ପଡ଼ିବାର ବେଳ । ବିଦାୟ । ସେମିତି ହେଲା ନାହିଁ । ସତେ ଅବା ପଚିଯିବାର ପ୍ରକ୍ରିୟା ଭିତରେ ହନ୍ତସନ୍ତ ହେଲେ ।

ଏହାର କିଛି ବର୍ଷ ପରେ, ଭୁବନେଶ୍ୱରରୁ ଆସିଥିବା ଜଣେ ଯୁବକ ମୋତେ ସାକ୍ଷାତ କଲେ । ସେ ଗୋଟେ ନାଟ୍ୟ ସଂସ୍ଥାର ସକ୍ରିୟ ସଭ୍ୟ । ଏ ସଂସ୍ଥାର ସଭ୍ୟମାନେ ଅତ୍ୟନ୍ତ ଆଗ୍ରହୀ, ମୋର ବେତାର ନାଟକ- 'ଧୂସର ପୃଥିବୀ'କୁ ମଞ୍ଚସ୍ଥ କରିବା ପାଇଁ ।

ମାତ୍ର ବେତାର ନାଟକର ପାଣ୍ଡୁଲିପି ମୋ'ଠାରେ ନାହିଁ । ଅବଶୋଷର ସହିତ ତାଙ୍କୁ କହିଲି । ଯୋଗ କଲି ଯେ କୌଣସି ଲେଖାର ପାଣ୍ଡୁଲିପି ମୋ ଠାରେ ନଥାଏ । ମୋର ପ୍ରଥମ ଓ ଏକମାତ୍ର କପିଟି ଚାଲିଯାଏ ବେତାର କେନ୍ଦ୍ରକୁ କିମ୍ବା ପତ୍ରିକାର ସମ୍ପାଦକଙ୍କ ପାଖକୁ । ସମୟ ଅଭାବରୁ ସଂଶୋଧିତ କପି ପ୍ରସ୍ତୁତ କରିବା ସମ୍ଭବ ହୁଏ ନାହିଁ । ଅନ୍ୟ କଥାଟି ହେଉଚି କୌଣସି ଜିନିଷକୁ ସଂରକ୍ଷିତ କରି ସାଇତି ରଖିବାରେ ମୁଁ ସବୁବେଳେ ଅକ୍ଷମ ହେଉଚି । ହଜେଇ ଦେଇଚି ଅଗଣିତ ଅମୂଲ୍ୟ ଉପାଦାନ । ଅନେକ ବାର ଅସୁବିଧାର ସମ୍ମୁଖୀନ ହୋଇଚି । ସାଇତି ରଖିବାର ତତ୍ପରତା ଆଦୌ ହାସଲ କରିପାରିଲି ନାହିଁ ।



କ'ଣ କରିବା ତା'ହେଲେ ? ନୈରାଶ୍ୟ ପ୍ରଦର୍ଶନ କଲେ ଯୁବକ ଜଣକ ।

ଅଛି ଗୋଟେ ଉପାୟ । ସାନ୍ତ୍ୱନା ଦେବା ଅବସରରେ ତାଙ୍କ ଠାରେ ଆଶା ସଞ୍ଚାର କଲି- ମୋର ଉପନ୍ୟାସ, 'ଧୂସର ସୂର୍ଯ୍ୟାସ୍ତ' ସେହି ବେତାର ନାଟକର ବିଷୟବସ୍ତୁକୁ ନେଇ ଲିଖିତ । ଭୁବନେଶ୍ୱରରେ କାହାକୁ ଅନୁରୋଧ କଲେ, ସେ ଏହାର ନାଟ୍ୟ ରୂପ କରିପାରନ୍ତେ ।

ଟିକିଏ ମଧ୍ୟ ଉତ୍ସାହିତ ଦେଖା ଗଲେନି ସେ ମୋର ଏ ପ୍ରସ୍ତାବ ଶୁଣି । ସମ୍ଭବତଃ ମୋତେ ଖୁସି କରିବା ପାଇଁ ସେ କହିଲେ ଗମ୍ଭୀର ହୋଇ- ସାର୍, ଅସଲ କଥା ହେଉଚି, ଆମର ଏଇ ଥିଏଟର୍ ଗ୍ରୁପ୍‌ର କେତେଜଣ ମେମ୍ବର ଆପଣଙ୍କ ରେଡ଼ିଓ ଡ୍ରାମା ଶୁଣି ମୁଗ୍ଧ ହୋଇଛନ୍ତି । ସେମାନେ ନାଟକର କେବଳ କଥାବସ୍ତୁକୁ ନୁହେଁ, ଏହାର ସଂଳାପ ଓ ଉପସ୍ଥାପନାକୁ ପ୍ରଶଂସା କରୁଥିଲେ । ଆପଣଙ୍କ ଉପନ୍ୟାସକୁ ଅନ୍ୟ କେହି ଏହାର ନାଟ୍ୟରୂପ ପ୍ରସ୍ତୁତ କରିବା କଥାକୁ ସେମାନେ ଗ୍ରହଣ କରିବା ସମ୍ଭବ ନୁହେଁ, ସାର୍ । ମୁଁ ନିଜେ ମଧ୍ୟ ଏହାକୁ ଗ୍ରହଣ କରିପାରୁନି ।

ସେ କିଛି କ୍ଷଣ ପାଇଁ ଇତସ୍ତତଃ ହେଲେ ଏବଂ ନିବେଦନ କଲେ- ସାର୍ ଆମ ଗ୍ରୁପ ପାଇଁ ଆପଣ ହିଁ ଏଇ ନାଟକ ଲେଖନ୍ତୁ । ପ୍ଲିଜ୍ ! ଆମେ କୃତଜ୍ଞ ରହିବୁ ।

ମୋ ପାଇଁ ବେତାର ନାଟକ ଲେଖିବା, କ୍ଷୁଦ୍ରଗଳ୍ପ ଲେଖିବା ଠାରୁ ସହଜ । ମଞ୍ଚ ନାଟକ ସଂପୂର୍ଣ୍ଣ ଅଲଗା ବ୍ୟାପାର । କେନ୍ଦ୍ରାପଡ଼ାରେ ଅଛି ତୁଳସୀ କଲ୍‌ଚୁରାଲ୍ ଆସୋସିଏସନ୍ ନାମରେ ଗୋଟିଏ ନାଟ୍ୟ ସଂସ୍ଥା । ଏହାର ଅନୁରୋଧ କ୍ରମେ ମୁଁ ତିନୋଟି ମଞ୍ଚ ନାଟକ ଲେଖି ସାରିଥିଲି । କିନ୍ତୁ ମୁଁ ଖୁବ୍ ସନ୍ତୁଷ୍ଟ ନଥିଲି ଏଥିରେ । ନିଜକୁ ଆଶ୍ୱାସନା ଦେଇଥିଲି ଯେ ମୋର ସୃଜନଶୀଳତା ସମ୍ଭବତଃ କଥାସାହିତ୍ୟ କୈନ୍ଦ୍ରିକ । ମୁଁ କେବଳ ଗଳ୍ପ ଉପନ୍ୟାସ ରଚନା ଉପରେ ଧ୍ୟାନ ଦେବା ଆବଶ୍ୟକ ।

କିନ୍ତୁ ଭୁବନେଶ୍ୱରର ଏଇ ନାଟ୍ୟ ସଂସ୍ଥା ସହିତ ସହଯୋଗ କରିବାକୁ ପଡ଼ିଲା । ସ୍ଥିର ହେଲା ଯେ ସେଠାରେ ଗୋଟେ ହୋଟେଲ୍‌ରେ ମୁଁ ଅବସ୍ଥାନ କରିବି । ସେମାନଙ୍କ ସଂସ୍ଥାର ଡିରେକ୍ଟର, ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା ଓ ନିର୍ଦ୍ଦେଶକ ଦିବଙ୍ଗତ ଗୋବିନ୍ଦ ତେଜ୍ ଆସିବେ ମୋ ପାଖକୁ । ନାଟକର ଷ୍ଟ୍ରକ୍‌ଚର୍ ସଂପର୍କରେ ଆମେ ଆଲୋଚନା କରିବୁ । ତାହା ହିଁ ହେଲା । ସ୍ୱର୍ଗତ ତେଜ୍ ଚମତ୍କାର ପରାମର୍ଶ ଦେଲେ ନାଟକର ପ୍ରାରମ୍ଭ ସଂକ୍ରାନ୍ତରେ । ନାଟକର ପରିସମାପ୍ତିକୁ ନେଇ ତାଙ୍କର ପ୍ରସ୍ତାବ ଗ୍ରହଣ କରିବା ଅବଶ୍ୟ ସମ୍ଭବ ହେଲା ନାହିଁ ।

ତିନିଦିନ ମଧ୍ୟରେ ନାଟକ ଲେଖା ଶେଷ କରି ଫେରି ଆସିଲି । ଦୁର୍ଭାଗ୍ୟବଶତଃ ଭୁବନେଶ୍ୱରର ଉକ୍ତ ଥିଏଟର୍ ଗ୍ରୁପ୍ ଲୋପ ପାଇଗଲା । ମୋ ପାଖରେ କିନ୍ତୁ ଏ ନାଟକର ପାଣ୍ଡୁଲିପି ବେଶି ଦିନ ପଡ଼ି ରହିଲା ନାହିଁ । କେନ୍ଦ୍ରାପଡ଼ାର ତୁଳସୀ କଲ୍‌ଚରାଲ୍ ଆସୋସିଏସନ୍ ଆଗେଇ ଆସିଲା ଏହାକୁ ମଞ୍ଚସ୍ଥ କରିବା ପାଇଁ ।

ମୁଁ ଏ ନାଟକ ଦେଖିଲି ଗୋଟେ ଅସ୍ଥାୟୀ ରଙ୍ଗମଞ୍ଚରେ । ବୁଝି ପାରିଲି ନାହିଁ ଏହା ବେତାର ନାଟକ ଏବଂ ଉପନ୍ୟାସର ପର୍ଯ୍ୟାୟକୁ କାହିଁକି ସ୍ପର୍ଶ କରି ପାରିଲା ନାହିଁ । ଦୁର୍ବଳ ଅଭିନୟ ଏବଂ ଅପାରଗ ନିର୍ଦ୍ଦେଶନା ଏଥିପାଇଁ ଦାୟୀ କି ? ହୁଏତ ମୋ ଲେଖା ଆଦୌ ମଞ୍ଚୋପଯୋଗୀ ହୋଇ ନ ଥାଇପାରେ । ମୁଁ ଏଇ ବିଫଳତାକୁ ନେଇ ମର୍ମାହତ ନଥିଲି । ମୋ ପାଇଁ ସାନ୍ତ୍ୱନାମୂଳକ କଥାଟି ହେଉଚି, ମୁଁ ସନ୍ତୋଷଜନକ ଗଳ୍ପ ଉପନ୍ୟାସ ଲେଖୁଚି । ସେ ଦିଗରେ ଅଛି ମୋର ଆତ୍ମବିଶ୍ୱାସ ।

ଏହାର କିଛି ବର୍ଷ ପରେ ଭୁବନେଶ୍ୱରରୁ ଅନୁରୋଧ- ଅନ୍ୟ ଏକ ନାଟ୍ୟ ସଂସ୍ଥା ଦରକାର କରୁଚି 'ଧୂସର ପୃଥିବୀ'ର ସ୍କ୍ରିପ୍ଟ । ମୁଁ ସାମାନ୍ୟତମ ଉଲ୍ଲସିତ କିମ୍ବା ଉତ୍ସାହିତ ହେଲି ନାହିଁ । ମୋ ପାଖରେ ମଧ୍ୟ ନଥିଲା ଏହାର କପି । ତେବେ ତୁଳସୀ କଲ୍‌ଚରାଲ୍ ଆସୋସିଏସନ୍ ମଞ୍ଚସ୍ଥ କରିଥିବା ଏଇ ନାଟକରେ ନାରୀ ଭୂମିକା ଗ୍ରହଣ କରିଥିବା ଆର୍ଟିଷ୍ଟଙ୍କ ପାଖରେ ଏହାର କପି ଅଛି ବୋଲି ଖବର ମିଳିଲା । ଆର୍ଟିଷ୍ଟ ଜଣକ ବାହା ହୋଇ ଶାଶୁଘରେ ସେତେବେଳେ । ଏ ସ୍କ୍ରିପ୍ଟ ପଠେଇ ଦିଆଗଲା ଭୁବନେଶ୍ୱରକୁ ।

ମୁଁ ନିମନ୍ତ୍ରିତ ହୋଇ ରବୀନ୍ଦ୍ର ମଣ୍ଡପକୁ ଗଲି ଏ ନାଟକ ଦେଖିବା ପାଇଁ । କେବଳ ମୁଁ ନୁହେଁ, ଭରପୂର ପ୍ରେକ୍ଷାଳୟର ସମସ୍ତ ଶ୍ରୋତା ବଶୀଭୂତ, ମନ୍ତ୍ରମୁଗ୍ଧ ହୋଇ ଦେଖୁଥିଲେ ନାଟକକୁ । ମୁଁ ବିଶ୍ୱାସ କରିପାରିଲି ନାହିଁ ଯେ ଏ ନାଟକ ମୋର । ମୁଁ ଲେଖିଥିବା ସଂଳାପ ହିଁ ଉଚ୍ଚାରଣ କରୁଚନ୍ତି


କଳାକାରମାନେ । ନାଟକ ସରିବା ପରେ ମଧ୍ୟ ରବୀନ୍ଦ୍ର ମଣ୍ଡପ ସ୍ତବ୍ଧ ଓ ଅଚଞ୍ଚଳ ହୋଇ ରହିଥିଲେ । ଏହାର କାରୁଣ୍ୟ ଲୁହ ଆଣିଥିଲା ଦର୍ଶକଙ୍କ ଆଖିକୁ । ଜେଜେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ବିଗଳିତ, ଛେଉଣ୍ଡ ରଘୁ ସର୍ବହରାର କାନ୍ଦଣା କାନ୍ଦୁଥିଲା । ଭାଗବତ ପଢ଼ା ବନ୍ଦ କରି ବିଚ୍ଛେଦ ଜନିତ ଶୋକ ପ୍ରକାଶ କରୁଥିଲା ନାତୁଣୀ ଏ ଏ ଚିତ୍କାର କରି । ଚରମ ଅସହାୟତା ଓ ଉପାୟହୀନତା ଯୋଗୁଁ କିଛି କ୍ଷଣ ପାଇଁ ଦର୍ଶକମାନେ ଭାବୁଥିଲେ ଏତକ ବାଦ୍ ଦେଲେ ସମଗ୍ର ଭୁବନେଶ୍ୱରରେ, ସମ୍ଭବତଃ ବ୍ରହ୍ମାଣ୍ଡରେ ଆଉ କିଛି ଘଟୁନାଇଁ ।

ଜଣେ ଦର୍ଶକ ଲୁହ ପୋଛୁଥିବା ଅବସ୍ଥାରେ ଠିଆ ହୋଇ ଶୋକ ଜର୍ଜରିତ ସ୍ୱରରେ ଏଇ କଥା କହିଲେ ବଡ଼ ପାଟିରେ– ଆଜ୍ଞା, ଆମେ କ'ଣ ଆସିଥିଲୁ ଏମିତି କାନ୍ଦିବା ପାଇଁ ? ମୂଳରୁ ଶେଷ ପର୍ଯ୍ୟନ୍ତ ଆମକୁ ଖାଲି କନ୍ଦେଇଲେ ।



ଦର୍ଶକମାନଙ୍କ ଉପରେ 'ଧୂସର ପୃଥିବୀ'ର ପ୍ରଭାବ କିପରି ଥିଲା, ତାହା ସୂଚିତ ହୁଏ ଏଇ କଥାରୁ ।

ଜଣେ ଅବବୋଧକ୍ଷମ ନାଟ୍ୟ ନିର୍ଦ୍ଦେଶକ ଓ ଉତ୍କୃଷ୍ଟ କଳାକାରମାନେ ଏଇଭଳି ବିସ୍ମୟକର କୁହୁକ ସୃଷ୍ଟି କରିପାରନ୍ତି । ଯା ପୂର୍ବରୁ ଏଇ ନାଟକର ପ୍ରଯୋଜନା ନୈରାଶ୍ୟଜନକ ହୋଇଥିଲା କାହିଁକି ? ସମୁଦାୟ ପ୍ରକ୍ରିୟାର ସମାନ୍ତରାଳ ଆଉ ଏକ ପ୍ରକ୍ରିୟା କଥା ଆମେ ବିଚାର କରିବା । ଗୋଟେ ଗୀତି କବିତାର (ଅନ୍ୟ ଯେକୌଣସି କବିତା ଭଳି) ଥାଏ ଏକ ସ୍ପନ୍ଦନ, ଏକ ମୁଡ୍ । ଗୋଟେ ମାନସିକତା (ପ୍ରେମ, ଆତୁରତା, ସଂଶୟ, ଉଲ୍ଲାସ, ଅଭିମାନ, ଶୋକ ଏବଂ ଆହୁରି କେତେ କ'ଣ) ପ୍ରତିଫଳିତ ହୋଇଥାଏ ସେଥିରେ । ସଙ୍ଗୀତ ନିର୍ଦ୍ଦେଶକ ନିଜର ସମ୍ବେଦନଶୀଳ ଅବବୋଧ ଜରିଆରେ ଏଇ ସ୍ପନ୍ଦନ ଓ ମାନସିକତାକୁ ବୁଝିବେ । ସ୍ୱର ସଂଯୋଜନା କରିବେ; ଯେପରିକି ଉକ୍ତ ସ୍ୱର ଗୀତି କବିତାର ସାମଗ୍ରିକ ପରିପ୍ରେକ୍ଷୀକୁ ପ୍ରକାଶ କରିବ । ସକ୍ଷମ ଗାୟକ, ସେହି ସ୍ୱର ଅବଲମ୍ବନରେ କଣ୍ଠଦାନ କରିବେ । ଏହା ଏକ ତ୍ରିକୋଣୀୟ ସମନ୍ୱୟ । ଗୋଟିଏ ଦୁର୍ବଳ ହେଲେ ଉତ୍କୃଷ୍ଟତା ହାସଲ କରିହୁଏ ନାଇଁ ।



ଏଇ ନାଟକର ଅପୂର୍ବ ସଫଳତା ମଞ୍ଚ ନାଟକ ଲେଖିବା ସକାଶେ ଆତ୍ମ-ବିଶ୍ୱାସ ସୃଷ୍ଟି କରିଚି । ଗୋଟେ ମଞ୍ଚ ନାଟକର ପ୍ରଯୋଜନା କେତେ ବ୍ୟୟ ଓ ଶ୍ରମ ସାପେକ୍ଷ ତାହା ଉଲ୍ଲେଖ କରୁନାଇଁ । ତେବେ ତୁଳସୀ କଲଚୁରାଲ୍ ଆସୋସିଏସନ୍ ଓ ଭୁବନେଶ୍ୱର କୌଣସି ନାଟ୍ୟ ସଂସ୍ଥାର ଅନୁରୋଧ କ୍ରମେ ନାଟକ ଲେଖିବାକୁ ପଡ଼େ । ଖୁସି ହୁଏ ଯେ ବାଲେଶ୍ୱର ସମେତ ଓଡ଼ିଶାର ଅନେକ ପ୍ରମୁଖ ସହରରେ ମୋର କେତୋଟି ନାଟକ ମଞ୍ଚସ୍ଥ ହୋଇ ବିପୁଳ ପ୍ରଶଂସା ଅର୍ଜନ କରିଚି ।

ଏ ସବୁ ନାଟକ ବହି ଆକାରରେ ପ୍ରକାଶିତ ହୋଇନାଇଁ ମୋର ଚରମ ନିସ୍ପୃହତା ଓ ଉଦାସୀନତା ଯୋଗୁଁ । ଏଥିପାଇଁ ମୋ ଉପରେ ଅନେକ ଶୁଭେଚ୍ଛୁଙ୍କର ଚାପ ଓ ପ୍ରକାଶକଙ୍କର ଆଗ୍ରହ ରହିଲା । ମଞ୍ଚସ୍ଥ ହୋଇଥିବା ନଅଟି ନାଟକ ମଧ୍ୟରୁ ପାଞ୍ଚୋଟି ନାଟକ ନିର୍ବାଚିତ କଲି । ଏସବୁର ପାଣ୍ଡୁଲିପି ନଥିବାରୁ ସଂଗ୍ରହ କରିବାକୁ ପଡ଼ିଲା । ପାଞ୍ଚଟି ନାଟକର ପୁନର୍ଲିଖନ କାମ ଆରମ୍ଭ କଲି ।

'ଧୂସର ପୃଥିବୀ'ର ପୁନର୍ଲିଖନ ଅବସରରେ ମୁଁ ଭେଟିଲି ନିଜକୁ । ଏବେକାର ରାମଚନ୍ଦ୍ର ବେହେରା ଭେଟିଲା ପ୍ରାୟ ତିନି ଦଶନ୍ଧି ପୂର୍ବେ ଏଇ ନାଟକର ରଚୟିତା ରାମଚନ୍ଦ୍ର ବେହେରାକୁ । ଗୋଟିଏ ପାର୍ଶ୍ୱ ଚରିତ୍ରର ଉପସ୍ଥାପନା ସ୍ପଷ୍ଟ କରିଦେଲା ଏ ଦୁଇଟି ସୃଜନଶୀଳ ସତ୍ତା ମଧ୍ୟରେ ଥିବା ପାର୍ଥକ୍ୟ ।

ନାଟକ 'ଧୂସର ପୃଥିବୀ' ଓ ଉପନ୍ୟାସ 'ଧୂସର ସୂର୍ଯ୍ୟାସ୍ତ'ରେ ଅଛି ରଘୁ ନାମକ ଚରିତ୍ରର ଭୂମିକା । ଆଗରୁ କହିଚି ଯେ ଛେଉଣ୍ଡ ଓ ପରିତ୍ୟକ୍ତ ରଘୁ କାନ୍ଦୁଥିଲା ରେଲୱେ ପ୍ଲାଟଫର୍ମରେ । ଜେଜେ ତାକୁ ଆଣିଲେ ଘରକୁ । ପାଠପଢ଼ା ବ୍ୟତୀତ ଅନ୍ୟ ସମସ୍ତ ଘରୋଇ କାମରେ ନିପୁଣ ଏଇ ଯୁବକ ସେଇ ପରିବାର ସହିତ ଆବେଗଗତ ଭାବେ ସଂପର୍କିତ ଓ ଜେଜେଙ୍କ ପ୍ରତି ସ୍ପର୍ଶକାତର । ପାରାଲିସିସ୍ ଆକ୍ରାନ୍ତ ଜେଜେ କ୍ଷୁବ୍ଧ ଓ ଆହତ ହେଉଚନ୍ତି ଯେତେବେଳେ ଦେଖୁଚନ୍ତି ଯେ ପରିବାରର ପ୍ରାୟ ସମସ୍ତ ଦୂରେଇ ଯାଉଚନ୍ତି ତାଙ୍କ ଠାରୁ । ଅଭିମାନ ଓ ପ୍ରତିବାଦ ଯୋଗୁଁ ରଘୁକୁ ଜେଜେ ପ୍ରବର୍ତ୍ତଉଚନ୍ତି ସେ ଘର ଛାଡ଼ିବା ପାଇଁ ଏବଂ ସ୍ୱାଧୀନ ଭାବରେ ଅନ୍ୟ କେଉଁଠି ଜୀବିକା ନିର୍ବାହ କରିବା ପାଇଁ । ରଘୁର ଅଜାଣତରେ ଜେଜେ ତା' ପାଇଁ ପର୍ଯ୍ୟାପ୍ତ ଅର୍ଥରାଶି ବ୍ୟବସ୍ଥା କରିଚନ୍ତି ।

ରଘୁ ଅନିଚ୍ଛା ସତ୍ତ୍ୱେ ସେ ଘର ଛାଡ଼ିଚି । ଲୁହ ଝରାଇଚି । ଜେଜେଙ୍କ ଅନ୍ତିମ ସମୟରେ ସେ ନାତୁଣୀ ସହିତ ଅବଶ୍ୟ ସାମିଲ ହୋଇଚି ଭାଗବତ ପଢ଼ା ବେଳେ । ଏବେ ମୁଁ ଅନୁଭବ କରେ ଯେ ଜେଜେଙ୍କ ପ୍ରବର୍ତ୍ତନା ଯୋଗୁଁ ରଘୁ ସେ ଘର ଛାଡ଼ିବ କାହିଁକି ? ସେ ଜେଜେଙ୍କୁ ଅମାନ୍ୟ କରି ନିଜ ଚରିତ୍ରର ବଳିଷ୍ଠ ଦିଗ ପ୍ରଦର୍ଶନ କରିବା କଥା । ତାହା ହିଁ ପ୍ରମାଣ କରିବ ଉକ୍ତ ପରିବାର ପ୍ରତି ତାର ବିଶ୍ୱସ୍ତତା ଏବଂ ଜେଜେଙ୍କ ଆଦେଶକୁ ଅମାନ୍ୟ କରି ମଧ୍ୟ ତାଙ୍କ ପ୍ରତି ନିଜର ନିବିଡ଼ ଆତ୍ମୀୟତା ।

ନାଟକର ପୁନର୍ଲିଖନ ଅବସରରେ ମୁଁ ସଚେତନ ହେଲି ମନୁଷ୍ୟର, ବିଶେଷତଃ ସୃଜନଶିଳ୍ପୀର ଦୃଷ୍ଟିଭଙ୍ଗୀ କିପରି ପରିପୁଷ୍ଟ ହେଉଥାଏ ଅଭିଜ୍ଞତାର ଓ ଜ୍ଞାନର ପରିପ୍ରେକ୍ଷୀରେ । ଗୋଟିଏ ପ୍ରସଙ୍ଗ ପ୍ରତି ତା'ର ପ୍ରତିକ୍ରିୟାର ବିବର୍ତ୍ତନ ଓ ପରିମାର୍ଜନ ଘଟିପାରେ ସମୟ ବ୍ୟବଧାନରେ ।

SUPRATIK INFRAVENTURES

# **LIFESTYLE** Project - II

## *Limited 2 & 3 BHK Flat Available*

RERA APPROVED







**7205330222**

sales@supratikinfraventures.com

Follow us on :

/ supratikinfraventures

www.supratikinfraventures.com

**Branch Office :** Alupur, Near Laxminarayan Temple
O. T. Road, Balasore - 756001

ପ୍ରସଙ୍ଗ-୧

# ଓଡ଼ିଆ କବିତାର
# ଧୂଆଁ ଓ ଧୂନ୍



# ଏକବିଂଶ ଶତାବ୍ଦୀର ଓଡ଼ିଆ କବିତା: କିଛି ଧୂଆଁ କିଛି ଧୂନ୍


**ଡକ୍ଟର ଦିଲୀପ କୁମାର ସ୍ୱାଇଁ**

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ,
ପୁରୀ-୭୫୨୦୦୧
ଫୋନ : ୯୮୬୧୪୧୧୧୪୮


ଫଟୋ ସୌଜନ୍ୟ : ଗୁଗୁଲ୍ ଓ ଲେଖକ

ଏକବିଂଶ ଶତାବ୍ଦୀର ଓଡ଼ିଆ କବିତା ଏବେ ଚବିଶ ବର୍ଷର ସାମର୍ଥ୍ୟବାନ (୨୦୦୧-୨୦୨୪) ଯୌବନରେ ରେକର୍ଡ଼ ସଂଖ୍ୟକ କବି ଏ ସମୟର କାବ୍ୟ ଧାରାରେ ଆତଯାତ ହେଉଛନ୍ତି । ସମ୍ବାଦପତ୍ର, ସାହିତ୍ୟ ପତ୍ରିକା ବାଦ୍ ସାମାଜିକ ଗଣମାଧ୍ୟମରେ ପ୍ରତ୍ୟହ ମୌସୁମୀ ବର୍ଷା ପରି କବିତା ଅଜାଡ଼ି ହୋଇ ପଡୁଛି । କବିତାକୁ ନେଇ ମେଳା, ମିଳନ, ମହୋତ୍ସବ, ଉନ୍ମୋଚନ, ତିରସ୍କାର, ପୁରସ୍କାର, ପ୍ରକାଶନ, ଫନ୍ଦି ଓ ଫିକର ସବୁ ସମୟ ଠାରୁ ବେଶୀ ଏକବିଂଶ ଶତାବ୍ଦୀର ଏଇ ଶେଷ ପାଞ୍ଚବର୍ଷରେ । କ'ଣ ପାଇଁ ଏତେ ଆୟୋଜନ- ନୀଳ ନିମନ୍ତ୍ରଣ । ଏପରି ଅନେକ ବିମର୍ଶକୁ ସାମ୍ନାରେ ରଖି ସମକାଳର କାବ୍ୟଧାରାରୁ ଛାୟା କବିତାର ଆବର୍ଜନା ସଫା କରିବା ଏହି ସମାଲୋଚନାର ଉଦ୍ଦେଶ୍ୟ ।

**ପ୍ରଶ୍ନ:**

୧. ଏକବିଂଶ ଶତାବ୍ଦୀର କବିତା କ'ଣ ପୂର୍ବର ଉତ୍ତର ଆଧୁନିକ କାବ୍ୟଧାରା (୧୯୮୧-୨୦୦୦) ଠାରୁ ସ୍ୱତନ୍ତ୍ର ?
୨. ଏହି କାବ୍ୟଧାରାର ମୁଖ୍ୟ ପ୍ରସଙ୍ଗଟି କ'ଣ ?
୩. ଏହି କାବ୍ୟଧାରାର ଶୈଳୀ ଓ ଭାଷିକ ସ୍ଥାପତ୍ୟରେ ମୌଳିକତା ଅଛି କି ?
୪. ଏକବିଂଶ ଶତାବ୍ଦୀର କାବ୍ୟଧାରାର ମୁଖ୍ୟ ପୃଷ୍ଠଭୂମିଟି କ'ଣ ?
୫. ବରିଷ୍ଠ ଓ ମାନ୍ୟ ବରିଷ୍ଠମାନଙ୍କର ଅନେକ କବିତା ସଂଗ୍ରହ ଏକବିଂଶ ଶତାବ୍ଦୀରେ ପ୍ରକାଶ ପାଉଥିଲେ ମଧ୍ୟ ସେମାନେ କ'ଣ ଏହି କାଳଖଣ୍ଡର ପ୍ରମୁଖ ସ୍ୱର ?

**ଉତ୍ତର:**

ଉଲ୍ଲେଖ କରାଯାଇଥିବା ପାଞ୍ଚଟି ପ୍ରଶ୍ନର ଉତ୍ତର ପାଠକମାନେ ଏହି ସମାଲୋଚନା ଭିତରୁ ପାଇପାରିବେ । ଏକବିଂଶ ଶତାବ୍ଦୀର ଓଡ଼ିଆ କବିତା ପୂର୍ବକାବ୍ୟ ଧାରା ଠାରୁ କେତେକାଂଶରେ ସ୍ୱତନ୍ତ୍ର (ପ୍ରଶ୍ନ-୧) । ତୃଣମୂଳୀୟ ମାନବ ସଭ୍ୟତା ଅଧ୍ୟୟନ ସହ ବିଶ୍ୱଦୃଷ୍ଟିରେ ଏ ସମୟର କବିତା ସମୃଦ୍ଧ । ଏହି ଅଧ୍ୟୟନର ଦୃଷ୍ଟିଟି ଦ୍ରୋହ ନୁହେଁ କୋହର । ଏହି କାବ୍ୟଧାରାର ମୁଖ୍ୟ ପ୍ରସଙ୍ଗ (ପ୍ରଶ୍ନ-୨) ଓଡ଼ିଆ ଜନଜୀବନର ପ୍ରତିନିଧିତ୍ୱ କରିବା । ଶତ ପ୍ରତିଶତ ଓଡ଼ିଆ କବିତା ଲେଖିବା । ମୁଁ ନୁହେଁ ଆମ୍ଭେ (Not me put We) ଏ କବିତାର ମାନବ ସମ୍ବଳ । ବ୍ୟକ୍ତିକୁ ଭିତ୍ତିକରି ଗୋଟିଏ ସଭ୍ୟତା କାଳଖଣ୍ଡର ନିର୍ଣ୍ଣାୟକ ଅଧ୍ୟୟନ ଏ କବିତାର ମୁଖ୍ୟ ପ୍ରସଙ୍ଗ । ସମକାଳର କାବ୍ୟଧାରାରେ ୬୫,୭୦,୭୫,୮୫ ଓ ୯୦ ବର୍ଷର ବିଖ୍ୟାତ କବିମାନଙ୍କର କବିତା ସଂଗ୍ରହ ପ୍ରକାଶ ପାଉଥିଲେ ମଧ୍ୟ ଏମାନେ କାବ୍ୟଧାରାର ମୁଖ୍ୟ ପ୍ରସଙ୍ଗ ସହ ଜଡ଼ିତ ନୁହଁନ୍ତି । ଅପରାହ୍ନର ଅସ୍ତରାଗରେ ଏସବୁ କବିତା ଆଶ୍ରିବଚନ ହୋଇପାରେ ଅଥଚ ବଂଚିବା ପାଇଁ ସଂଘର୍ଷ କରୁଥିବା ମଣିଷର ଧୂନ୍ ଏଥିରୁ ଶୁଭେ ନାହିଁ । କୌଣସି ଧୂଆଁଳିଆ ସନ୍ଦିଗ୍ଧତାକୁ ଏକବିଂଶ ଶତାବ୍ଦୀର ଓଡ଼ିଆ କବିତା ବରଦାସ୍ତ କରେନାହିଁ । (ପ୍ରଶ୍ନ-୫) ଏହି ସମାଲେଚାନାର ବିକାଶ ସହିତ ପ୍ରଶ୍ନ-୪ ଓ ୨ର ଉତ୍ତର ମଧ୍ୟ ସାମ୍ନାକୁ ଆସିବ ।

**ପୃଷ୍ଠଭୂମି**

ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାର ପୃଷ୍ଠଭୂମି ଦୁଇଟି ମୁଖ୍ୟ ଘଟଣାକ୍ରମ ଉପରେ ଠିଆ ହୋଇଛି । ପ୍ରଥମତଃ ଜଗତୀକରଣ (୧୯୯୧) ଓ ଦ୍ୱିତୀୟତଃ ଓଡ଼ିଶାରେ ମହାବାତ୍ୟା (୧୯୯୯) । ଏହି ଦୁଇ ଘଟଣାର ସାମାଜିକ-ଆର୍ଥନୈତିକ ସାଂସ୍କୃତିକ ପ୍ରଭାବ ଏକବିଂଶ ଶତାବ୍ଦୀରେ ଦେଖା ଦେଇଛି । ଓଡ଼ିଆମାନେ ପରିବର୍ତ୍ତନ ପରେ ପରିବର୍ତ୍ତିତ ହେବାକୁ ଅଧିକ ପସନ୍ଦ କରନ୍ତି । ୨୦୦୧ରୁ ୨୦୧୦ ମଧ୍ୟରେ ବିଶ୍ୱାୟନର ପ୍ରଭାବ ଜିଲ୍ଲା ସଦର ମହକୁମାମାନଙ୍କରେ ପରିଲକ୍ଷିତ ହୋଇଛି । ୨୦୨୦ ମସିହା ବେଳକୁ ଏହା ପଞ୍ଚାୟତର ପାଚେରୀ ଡେଇଁ ସବୁ ଘରେ ପହଞ୍ଚିଗଲାଣି ।

ଆମ କୃଷିସଂସ୍କୃତି ଉପରେ ବଜାରସଂସ୍କୃତି ପ୍ରଭାବ ପକାଇଲାଣି । ଜଗତୀକରଣ ଯାହାକୁ ଉପଭୋକ୍ତାବାଦ ବୋଲି କହେ ତାହା ଆମର ଚୁଲିଚାଳକୁ ପ୍ରଭାବିତ କରି ବସିଲାଣି । ଧାନ-ପାନ-ମୀନ-ବାଡ଼ି ବରକୋଳି-ପିଜୁଳି-ପଣସ ଥିଲା ଆମ ଜୀବନ ସାଧନର ମାଧ୍ୟମ । ହଳ-ଲଙ୍ଗଳ-ବିହନ-ବିଲ-ପାଳ-ମାତା-ଏକର-ଖଣି-ଖପରା-ପାଞ୍ଚଣ-ଅକ୍ଷୀତୃତୀୟା-ଗର୍ଭଣା ସଂକ୍ରାନ୍ତି-ନୂଆଖାଇ-ରଜ-ବସୁମତୀ ସ୍ନାନ-ଧାନଖଳା-ଧାନକଟା ଛୁଟି-ବୁଢ଼ାଚକୁଳି-ମାଣଓଷା-ଅରୁଆ ଚାଉଳ ଆଣ ଥିଲା ଆମ କୃଷିସଂସ୍କୃତିର ଜୀବନ । ମହାବାତ୍ୟା ଉପକୂଳିଆଙ୍କ ଜୀବନ ନେଲା- କ୍ଷେତ ନେଲା- ଗୋରୁଗାଈ ନେଲା । ନଈ ଓ ସମୁଦ୍ର ପାଖରୁ ବିସ୍ଥାପିତ କଲା । ଧାନ କ୍ଷେତରେ ଲୁଣା ମାଡ଼ିଗଲା । ଜୀବନ ହେଲା ଦୁର୍ବିସହ । ଏପରି ଏକ ସନ୍ଧିକ୍ଷଣରେ ଜଗତୀକରଣ ସଜେଇ ହୋଇ ଆସିଲା । ହାଟ ଭାଙ୍ଗି ହେଲା ସପିଙ୍ଗ୍ ମଲ୍ । ଆଳୁ ଭର୍ତ୍ତା ବଦଳରେ ଅଙ୍କଲ୍ ଚିପ୍ସ୍ । ଜାପାନୀ ତେଲ ଗର୍ଭନଷ୍ଟ ବଟିକା ହାତ ଧରାଧରି ହୋଇ ଆସିଲେ । ବହୁରାଷ୍ଟ୍ରୀୟ କମ୍ପାନୀ ନଈରୁ ପାଣି ନେଲା- ପାହାଡ଼କୁ କହିଲା ଖଣି । କୃଷକ ହେଲା ଖାଦାନ ପ୍ରେମିକ । ଭିଟାମାଟିରୁ ଜଗତୀକରଣ କଲା ବିସ୍ଥାପିତ । କ'ଣ ହୋଇପାରେ



ଲେଖକ ଡକ୍ଟର ଦିଲୀପ କୁମାର ସ୍ୱାଇଁ

ଓଡ଼ିଆଙ୍କ ଦୁଃଖ । କେଉଁ ବୁନ୍ଦାବୁନ୍ଦା ଲୁହରେ ଓଦା ହେଲା ଏକବିଂଶ ଶତାବ୍ଦୀର ଓଡ଼ିଆ କବିତା । ନଈରେ ପାଣି ନାହିଁ । ଆକାଶରେ ମେଘମାନଙ୍କର ଶବ । କେନାଲ ମୃତ । କୂଅମାନେ ବିଧବା । କୀଟନାଶକର ଧର୍ଷଣରେ ଲକ୍ଷ୍ମୀବିଲ ରକ୍ତାକ୍ତ, ଧାନକିଆରୀ ସାରା ଭ୍ରୁଣହତ୍ୟାର ଦୁଃଖ । ଦୀର୍ଘଶ୍ୱାସର ଧୂଆଁରେ ଧୂସର ଦିଶୁଛି ଆକାଶ । ଓଡ଼ିଆର ପୂର୍ବଜ 'ଓଡ୍ର'ମାନେ ଥିଲେ ଧାନଚାଷୀ । ପାହାଡ଼ର ସମତଳ ଯାଏଁ ଧାନଚାଷ କରିବାରେ ସେମାନଙ୍କର ସୁଖ୍ୟାତି ଥିଲା । ଜଗତୀକରଣର ଧୂଆଁରେ ଆଜି ଧାନଚାଷୀ ବିପନ୍ନ । ଏହି ବିପନ୍ନ ସଭ୍ୟତାର ସ୍ୱର ହିଁ ଏକବିଂଶ ଶତାବ୍ଦୀର କବିତାର ମୁଖ୍ୟସ୍ୱର । ଧାନ, ଧାନଚାଷୀର ସଂସାର, ଧାନକ୍ଷେତ, ଧାନସଂରକ୍ଷଣ, ଧାନପର୍ବପର୍ବାଣି, ଧାନରେ ଧନୀ ଓଡ଼ିଆଙ୍କ ଜୀବନ ହିଁ ଏକବିଂଶ ଶତାବ୍ଦୀ ଓଡ଼ିଆ କବିତାର ମୁଖ୍ୟ ସ୍ୱର ।

## ମୁଖ୍ୟପ୍ରସଙ୍ଗ

'ବିଶ୍ୱାୟନ' ଓ 'ମହାବାତ୍ୟା' ଯୋଗୁଁ ଓଡ଼ିଶାର ଆର୍ଥ ସାମାଜିକ ଦୃଶ୍ୟପଟ୍ଟ କିପରି ପରିବର୍ତ୍ତନ ହୋଇଛି ଲକ୍ଷ୍ୟ କରିବା । 'ଧାନ ଓ କୃଷିକାର୍ଯ୍ୟକୁ' ଏଠାରେ ଏକ ମଡ଼େଲ୍ ଭାବରେ ଗ୍ରହଣ କରାଯାଇ ଏହାର ବିଭିନ୍ନ କାବ୍ୟିକ ପ୍ରସଙ୍ଗଗୁଡ଼ିକୁ ସୂଚୀତ କରାଯାଉଛି ।

### (କ) ବିଶ୍ୱାୟନ:

ଶିଳ୍ପାୟନ- ଧାନ କ୍ଷେତରେ ଶିଳ୍ପ ପ୍ରତିଷ୍ଠା

ବିସ୍ଥାପନ- କୃଷକ ଶିଳ୍ପ ଶ୍ରମିକରେ ରୂପାନ୍ତରିତ

### (ଖ) ମହାବାତ୍ୟା:

ଧାନକ୍ଷେତରେ ବାଲିଚର- ପାରମ୍ପରିକ କୃଷକର ବାତ୍ୟାଜନିତ ମୃତ୍ୟୁ-ଦାଦନ-ବିସ୍ଥାପନ-କୁଶଳୀ କୃଷକ ଅନ୍ୟ ଅଣକୁଶଳୀ ବୃତ୍ତିଗ୍ରହଣ

: କ+ଖ ପୃଷ୍ଠଭୂମିରୁ ଯେଉଁସବୁ ପାର୍ଶ୍ୱପ୍ରତିକ୍ରିୟାଗୁଡ଼ିକ ସୃଷ୍ଟି ହୋଇଛି ତାହା ହିଁ ହୋଇଛି ଏକବିଂଶ ଶତାବ୍ଦୀ ଓଡ଼ିଆ କବିତାର ପ୍ରମୁଖ କଞ୍ଚାମାଲ । ଏହି କବିତା ପ୍ରେରକ ଘଟଣା ଗୁଡ଼ିକୁ ନିମ୍ନରେ ଅବତାରଣା କରାଯାଉଛି ।

(୧) ଧାନଚାଷରେ ଜଳମରୁଡ଼ି ସମସ୍ୟା ।
(୨) ନଦୀ ସଂସ୍କୃତିର ବିପର୍ଯ୍ୟୟ ।
(୩) ସବୁଜ ଧାନପତ୍ରର ଓଠରେ ପଥର ଫଟା କ୍ରସରର ଧୂଳି ।
(୪) ଧାନଧାନିଆ ପିଲାଦିନ ଏବେ ସାତସପନ ।
(୫) ଧାନ କିଆରୀ ଋଣ ପାଇଁ ଚାଷୀର ଆତ୍ମହତ୍ୟା
(୬) ଧାନ ଠିକାଦାର, ମିଲ୍ ଓ ମିଲରଙ୍କ ଚକ୍ରାନ୍ତରେ ଉଚ୍ଛନ୍ନ ଧାନଚାଷୀ ।
(୭) ଧାନଚାଷୀ ବଦଳରେ ଧାନଦଲାଲ ଓ ବାହ୍ୟ ରାଜ୍ୟ ବେପାରୀଙ୍କ ପ୍ରଭାବ ।
(୮) ପାରମ୍ପରିକ ଚାଷୀ ପରିବାରର ଦାଦନ ଯନ୍ତ୍ରଣା ।
(୯) ଧାନ ଶ୍ରମିକଙ୍କ ଅଭାବ ।
(୧୦) ଉତ୍ତରାଧିକାର ସୂତ୍ରରେ କୁଶଳୀ ଚାଷୀ ସଂକଟ ।
(୧୧) ଧାନ ଅମଳ, ସଂରକ୍ଷଣର ପାରମ୍ପରିକ ପଦ୍ଧତିଟି ମୃତ ।
(୧୨) ଧାନ କିଆରୀରେ ଧାଡ଼ିବୁଣାଯନ୍ତ୍ର, ଧାନକଟା ଓ ଅମଳଯନ୍ତ୍ରର ପ୍ରୟୋଗ ସହ ଲଙ୍ଗଳ ସଂସ୍କୃତିର ଅବସର ।
(୧୩) ଉତ୍କଟ କୀଟନାଶକ ଓ ଶଙ୍କରୀବିହନ ଯୋଗୁ ଧାନକ୍ଷେତର ଉର୍ବରତା ହ୍ରାସ ଓ କୃଷକ ପରିବାରର ସ୍ୱାସ୍ଥ୍ୟ ସଙ୍କଟ ।
(୧୪) ବିର୍ତ୍ତକରେ କାଳିଆ-ବଳିଆ-ଟଙ୍କିକିଆ ଚାଉଳ ।
(୧୫) କୃଷିପର୍ବ, ବ୍ରତ ଓ ଓଷା ମନସା ଉପରେ ଧାନ ଅବକ୍ଷୟର ପ୍ରଭାବ ।
(୧୬) 'ଧାନକଟା ଛୁଟି କଥା' ଏବେ ଇତିହାସ ।
(୧୭) ଓଡ଼ିଆ ଝିଅ ଗୁରୁବାରରେ ଜନ୍ମହେଲେ 'ଗୁରୁବାରୀ' ରୂପେ ନାମିତ ହେବାର ପ୍ରକ୍ରିୟା ଆପାତତଃ ଶୂନ୍ୟ ।
(୧୮) ଓଡ଼ିଶାରେ ୨୦୧୦ ପରବର୍ତ୍ତୀ କାଳଖଣ୍ଡରେ ଲକ୍ଷ୍ମୀ, ଗୁରୁବାରୀ, ଚଞ୍ଚଳା, ଅର୍ଣ୍ଣପୂର୍ଣ୍ଣା, ନାମକରଣ ଓ 'ନୂଆବୋଉ' ପରି ସଂବୋଧନ ନିସ୍ତେଜ ପ୍ରାୟ ।
(୧୯) ଧାନଚାଷୀର ପୁଅ ସହରରେ କିଣି ଖାଉଛି ବାସୁମତୀ ଚାଉଳ ।
(୨୦) 'ଲକ୍ଷ୍ମୀପୁରାଣ' ଏବେ ସିଡ଼ି ଓ ଚିତ୍ର ହୋଇ ଦିଶୁଛି ୟୁଟ୍ୟୁବ୍‌ରେ ।
(୨୧) ପାଚିଲା ଧାନକ୍ଷେତ, କଣ୍ଢେଇ କୋଳି, କିଆବୁଦା, ବିଲୁଆନନା, ଗାଆଁର ସେହି ପ୍ରେମ ଶିଖିନଥିବା ପ୍ରେମିକା ପାଦ ପାଉଁଞ୍ଜିର ଝୁମୁକା ଖୋଜୁଛନ୍ତି କି ସେଦିନର ଧାନବିଲରେ । ହୁଏତ ଆପଣଙ୍କ ଆଖିରେ ଲୁହରେ ପୁରି ଉଠିବ ତୃଷିତ ଧାନ ଶାବକମାନଙ୍କର ଶୋଷ ।
(୨୨) ଧାନ ବିକା ଟଙ୍କାରେ ପାଠପଢ଼ିବ ପୁଅ, ବାହା ହେବ ଝିଅ- ଏବେ ସାତସପନ ?
(୨୩) ଧାନକ୍ଷେତରୁ ଆରମ୍ଭ ହୋଇଛି ଚାଷୀର ବିସ୍ଥାପନ । ଚାଷୀ ପୁଅ ଏବେ ଆନ୍ଧ୍ର ଇଟା ଭାଟିରେ ଦାଦନ ।
(୨୪) ଭୂମିହୀନ, ଭାଗଚାଷୀ, ନାମମାତ୍ର ଚାଷୀ ଏବେ ମୂଲିଆ । ଜମି ମାଲିକ ଜମି ବିକ୍ରୀ କରି ଏବେ ବିଳାସ କରୁଛି ସହରରେ । ଏକର ଏକର ବିଲର ମାଲିକ ସହରରେ ବଂଚି ରହିଛି ସ୍କୋୟାର୍ ଫୁଟ୍‌ରେ ।
(୨୫) ଧାନଚାଷ ଏକ ବାରମାସିଆ କାର୍ଯ୍ୟ । ଏହି କର୍ମ ସଂସ୍କୃତିର ଜାଗା ମାଡ଼ି ବସିଛି ଟଙ୍କିକିଆ ଚାଉଳ । କୁଶଳୀ ଓ ଦକ୍ଷ ଧାନଚାଷୀ ପାଇଁ ଧାନ ଶ୍ରମିକର ସଙ୍କଟ । ତାସ୍ ଓ ଜୁଆ ଖେଳ ସହ ୟୁଟ୍ୟୁବ୍ ଦେଖାରେ ମଗ୍ନ ଗୋଟିଏ ନିର୍ଦ୍ଦିଷ୍ଟ ବର୍ଗ ।

ବିଶ୍ୱାୟନ କିପରି ଧାନଚାଷ ସଂପର୍କିତ ସାଂସ୍କୃତିକ ଓ ଆର୍ଥନୀତିକ ଜୀବନ ପ୍ରବାହକୁ ଆକ୍ରାନ୍ତ କରିଛି ତାହା ଉପରୋକ୍ତ ବିଶ୍ଳେଷଣରୁ ବୁଝାଯାଇ ପାରିବ । ପାରମ୍ପରିକ କୃଷି ସଂପର୍କିତ କବିତାର ଆଉ କିଛି ଗୁରୁତ୍ୱ ବୁଝିହୁଏ କି ଏକବିଂଶ ଶତାବ୍ଦୀରେ ? ଏସବୁ କବିତା ଆମର ଉର୍ବର ଧାନ ସଂସ୍କୃତିର ଧାରକ । ଆଜିର ଯୁବାବର୍ଗୀୟ ପାଠକ ଧାନ ସଂସ୍କୃତିର ଚିତ୍ର, ଶବ୍ଦ ସହ ମେଳ ଖାଆନ୍ତି ନାହିଁ । କ୍ଷେତରେ ଧାନ ଅମଳ ଯନ୍ତ୍ର ଦେଖୁଥିବା ବର୍ଗକୁ କିପରି ବୁଝାଇ ହେବ ଯେ ଋଇତାଣୀ ମୁଣ୍ଡରେ ଧାନକେଣ୍ଡାର ଧୂନ୍ କିପରି ଶୁଭେ । ସୁନ୍ଦରୀ ଋଇତାଣୀକୁ ଦେଖି କିପରି ହାତ କାଟିଦିଏ ଧାନକଟାଳୀ । ଧାନ ଗୋଟାଳୀ ଝିଅ କ'ଣ ଏବେ ଅଛନ୍ତି ଗାଆଁରେ ?

"ଧାନ ସାଉଁଟୁଥିବା ଝିଅର ଆଖିକୁ
କଜଳ କ'ଣ ଲୋଡ଼ା ଯେ
ଧାନ ସାଉଁଟୁଥିବା ଝିଅର ପାହୁଲକୁ
ପାଉଁଜି କ'ଣ ଲୋଡ଼ା ଯେ
ପାଉଁଜି ପିନ୍ଧିଲେ, ବୁଢ଼ା କ୍ଷେତୁଆଳଟି
ଲୁହରେ ବତୁରିଯିବ ।"

**(ଧାନ ସାଉଁଟା ଝିଅ: ହୃଷୀକେଶ ମଲ୍ଲିକ୍)**

ଏକବିଂଶ ଶତାବ୍ଦୀର କବିତା ଧାନଚାଷୀର ଦୁର୍ଦ୍ଦଶା ବ୍ୟାଖ୍ୟା କରିବା ସହ ଧାନସଂସ୍କୃତି ଅବକ୍ଷୟର କଥା କହବାକୁ ବାଧ୍ୟ । ଧାନକ୍ଷେତର ବିଭୋର ସୌନ୍ଦର୍ଯ୍ୟ, ଧାନକଟା ବେଳର ଲକ୍ଷ୍ମୀ ମୁହୂର୍ତ୍ତ କ୍ରମଶଃ ହଜିଯାଉଛି ଆମ ଜୀବନରୁ । ଯେଉଁ ବିଲ ଗୋଟିଏ ପରିବାରର ପିଢ଼ି ପରେ ପିଢ଼ି ପାଇଁ ଥିଲା ଲକ୍ଷ୍ମୀ- ଏବେ କୃଷକ ଓ କୃଷି ଶ୍ରମିକ ଅଭାବରେ ଗୁଗୁଚିଆ ବଣରେ ପରିଣତ ହୋଇଛି । 'ମାଟିଘୁଙ୍ଗୁର'ର କବି ସତ୍ୟ ସାହୁଙ୍କ କବିତାରୁ ପାଠକ ଏହି ଅନୁଭବଟିକୁ ପାଇବ ।

"ଅଖିମୁଠି ଦିନ ଇସ୍ କି ଫୁଲାଣ ତା'ର
ମୁଚୁକୁନ୍ଦିଆ ହସରେ ନିଉତା ପଠାଏ ଘରକୁ
ଯା'ମୁଁ ଚାହିଁଛି । ସୁଖ ସପନେ ଶୁଅ ।




**Jayadurga Homecare Products Pvt. Ltd.**
**Mancheswar, Bhubaneswar**
**Customer Care : 9861049796, 9238349796**

ଆଉ ରଖିନି ଖବର ହେଲାଣି କୋଡ଼ିଏ ବର୍ଷ
କିଏ ପୋଛୁଛି ତା' ଆଖିକୋଣ ଲେଞ୍ଜରା
କିଏ ବାଛୁଛି ତା' ଶାଢ଼ିରୁ ଗୁଗୁଛିଆ
ସୁଧାମଖା ତାର ଚନ୍ଦନ ପରଶ
ଏବେ ମୋତେ ଲାଗେ ସୁଦୁ କାନ୍ଦକାନ୍ଦ ।" (ବିଲ/ପୃ.୧୨)

କବି ସତ୍ୟ ସାହୁଙ୍କ ଜନ୍ମ ୧୯୭୨ ମସିହା ବାଲେଶ୍ୱରରେ । ମୁଁ ପୂର୍ବରୁ କହି ଆସୁଛି ଯେଉଁମାନେ ୧୯୬୫-୭୫ ମଧ୍ୟରେ ଜନ୍ମ ହୋଇଛନ୍ତି ସେମାନେ ଓଡ଼ିଶାର ଗ୍ରାମ୍ୟ ଜୀବନରେ ଘୋଷାରି ହୋଇ ଶିକ୍ଷା ଓ ବୃତ୍ତି ବ୍ୟବସ୍ଥାରେ ସହରକୁ ଆସିଛନ୍ତି । ସେମାନଙ୍କ ଜୀବନର ଘନ ଯୌବନ କାଳ ଜଗତୀକରଣ ସଂସ୍କୃତି ଓ କୃଷି ସଂସ୍କୃତିର ସନ୍ଧିକ୍ଷଣ(୧୯୯୫-୨୦୦୦) ଓ ସଂଘର୍ଷରେ କଟିଛି । ଅତଏବ ଏହି କବିବର୍ଗ ଓଡ଼ିଆ ଗ୍ରାମ୍ୟ ସଂସ୍କୃତିର ଗୌରବ ଓ ନବାୟନ ପର୍ବର ପ୍ରତ୍ୟକ୍ଷଦର୍ଶୀ । ଯେଉଁ ବିଲ ଦିନେ ବାପାଙ୍କୁ ସାଇକେଲ୍ ଓ ବୋଉକୁ ପାଦଝୁଣ୍ଟିଆ, ପାଉଁଜି ଦେଇଥିଲା, ସେ ବିଲ ଆଜି ଗୁଗୁଛିଆ ବଣ । ସରକାରୀ ସୁଲଭ ଯୋଜନାରେ ଓଡ଼ିଆମାନେ ଅଳସୁଆ ହୋଇଗଲେଣି । ଓଡ଼ିଶାର ଭାତହାଣ୍ଡି ଧାନଚାଷର ଦୁର୍ଗ ବାଲେଶ୍ୱରରେ ଆଜି ଧାନବିଲର ସମସ୍ୟା କେତେ ଉତ୍କଟ ଆପଣ ସତ୍ୟ ସାହୁଙ୍କ କବିତାରୁ ଜାଣି ପାରିବେ । ବାଲେଶ୍ୱର ଜିଲ୍ଲାର ଧାନ ସଂସ୍କୃତି ସହ ତୃଣମୂଳସ୍ତରରେ ଜଡ଼ିତ ଅନ୍ୟ ଜଣେ କବି ଶ୍ରୀଦେବ ।

ଏକବିଂଶ ଶତାବ୍ଦୀରେ ଧାନବିଲ ଓ ଚାଷବାସର ଦୁର୍ଦ୍ଦଶା ପାଠକ ଶ୍ରୀଦେବଙ୍କ 'ଚାଷବାସ' କବିତା ସଙ୍କଳନରୁ ପାଇପାରିବେ । ଜଗତୀକରଣ ପରେ ଧାନକ୍ଷେତର ସବୁଜ ଉପତ୍ୟକା କିପରି ଧୂସର କଙ୍କାଳ ପାଲଟି ଯାଇଛି କବି ଶ୍ରୀଦେବ ତା'ର ବିସ୍ତୃତ ବିଶ୍ଳେଷଣ କରିଛନ୍ତି । ଚାଷୀ ଆନ୍ଦୋଳନ, ଟ୍ରାକ୍ଟର ଶୋଭାଯାତ୍ରା ଚାଷୀକୁ ବଞ୍ଚେଇ ପାରେନାହିଁ । ଚାଷୀର ଦୁର୍ଦ୍ଦଶା ବଢ଼େ- ଶସ୍ୟର ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବଢ଼େ ନାହିଁ । ୧୯୬୫ ମସିହାରେ ଚାଷୀମାନଙ୍କ ପାଇଁ କେନ୍ଦ୍ର ସରକାର କୃଷିଜାତ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ପାଇଁ କମିଶନର (ସିଏସିପି) ନିଯୁକ୍ତ କରିଥିଲେ ହେଁ ୨୦୨୪ ମସିହାରେ ଭାରତର ଚାଷୀ ସହାୟକ ମୂଲ୍ୟ ବୃଦ୍ଧି ପାଇଁ କ୍ଷେତ ଛାଡ଼ି କୁରୁକ୍ଷେତ୍ରରେ । ସେ ରାଜସ୍ଥାନର ଗଜେନ୍ଦ୍ର ସିଂହ ହେଉ କି ଓଡ଼ିଶାର ବନମାଳୀ, ସବୁଠି ମାଟିଫାଟି ଦି'ଫାଳ । ଚାଷୀ ପରିବାର ଉଚ୍ଛନ୍ନ । କବି ଶ୍ରୀଦେବ କିପରି ବିଶ୍ୱାୟନର ବହୁ ରାଷ୍ଟ୍ରୀୟ ଶୋଷଣ ଓ ଚାଷୀ ପରିବାରର ଦୁର୍ଦ୍ଦିନକୁ ତାଙ୍କ କବିତାରେ ଆଙ୍କିଛନ୍ତି ଲକ୍ଷ୍ୟ କରନ୍ତୁ ।

"ଗୁର୍ଜୀ'
ନିଅ ନିଅ
ମୋ ଘରତଳି ଖଣ୍ଡକ
ମୋ ଚାଷଜମି ତକ
ମୋ ଆମ୍ବବଗିଚା
କୋଇଲିର ଗୀତ ନିଅ ।
+ + +
କି ମାଗୁଛ ଆଉ ଗୁର୍ଜୀ !
ମାଟି ତଳୁ ଏବେ ପାଣି ଉଠୁନି
ନଡ଼ିଆ ଭିତରେ ପାଣି ଫଳୁନି
ପେପ୍‌ସୀ ପିଇବ ଗୁର୍ଜୀ, ପେପ୍‌ସୀ
କିଙ୍ଗ୍‌ଫିସର୍ ଆମ ମାର୍କେଟ୍‌ରେ ବି ମିଳୁଚି ।
ଗୁର୍ଜୀ କହିଲେ
ନାଇଁରେ ବନମାଳୀ ଘର ତ ଦେଲୁ
ତୋ ତିର୍ଲା ଦେ'
ଆଉ ଲକ୍ଷେ ନେ' ।" (ବାସ/ପୃ-୧୦)

ଚାଷ ପାଇଁ ଏବେ ପାଣି ନାହିଁ । ପାଣି କେବଳ ଅଛି ଚାଷୀର ଆଖିରେ । ବନମାଳୀ ମାନେ ଚାଷଜମି, ଘରବାଡ଼ି, ବିକ୍ରୀ କରି ଦାଦନ ଯିବେ । ସାହୁକାର ସୁଧ ଶୁଝିବେ । ପଇଡ଼ରେ ପାଣି ନାହିଁ ଅଥଚ ଗାଆଁ ମୁଣ୍ଡରେ ମୃଦୁ ପାନୀୟର ମେହେଫିଲ୍ । କ୍ଷୁଧାର ଜଗତୀକରଣ ସ୍ୱରୂପକୁ ଏକବିଂଶ ଶତାବ୍ଦୀର ଅନେକ କବି ତାଙ୍କ କବିତାରେ ଉପସ୍ଥାପନ କରିଛନ୍ତି । ଏ କ୍ଷୁଧା ଜଠର କ୍ଷୁଧା ନୁହେଁ- ଏ କ୍ଷୁଧା କ୍ଷେତର ନିର୍ବାସିତ ହେବାର କ୍ଷୁଧା । ଲକ୍ଷ୍ମୀ ଠାକୁରାଣୀଙ୍କୁ ବନ୍ଧା ପକାଇବାର କ୍ଷୁଧା । ମାଇପକୁ ମାଲିକ ପାଖରେ ସମର୍ପି ଦେବାର କ୍ଷୁଧା । ଚାଷୀର ଯନ୍ତ୍ରଣା ଠିକ ଏକ 'ବଳଦର ଯନ୍ତ୍ରଣା', ଯିଏ କେବଳ କାନ୍ଦିପାରେ ସିନା ବିଦ୍ରୋହ କରି ବିଜୟୀ ହୋଇପାରେ ନାହିଁ । ଏକବିଂଶ ଶତାବ୍ଦୀର କବିତା ଏହି 'ଧୁକ୍ଷା'କୁ ନାୟକ କରି ଠିଆ କରେ କବିତାରେ ।

"କ୍ଷୁଧା ଗ୍ରାସିଥିବା ଦୁର୍ଦ୍ଦିନ
ଲଙ୍ଗଳ ମୁଠି ଜୀବନର ଅଦିନ ଅସ୍ତ
ବାପ ଖୋଜେନା ଝିଅକୁ
ମାଆ ଖୋଜେନା ଶଙ୍ଖାଳିକୁ
କଞ୍ଚଳି କଇଁ ଆପତର କି ଚେର ମୂଳ
କିଏ ପାଇଲା କିଏ ନପାଇଲା
କ୍ଷୁଧା ଚିରକାଳ, କେବେ ପ୍ରବଳ, କେବେ ଗାତପଶା ।"
(ଫଟାମାଟିର ଆଁ ! ଝିଅ ବେଳ/ ପିନାକୀ ମିଶ୍ର / ପୃ.୮୭)

ଜଗତୀକରଣ ଧାନସଂସ୍କୃତିକୁ ଧ୍ୱଂସ କରିବାରେ ବ୍ୟସ୍ତ । ସମକାଳର ଓଡ଼ିଆ କବିତା କେବଳ ଚାଷୀର ଜଳଯନ୍ତ୍ରଣା, ବିହନ ଯନ୍ତ୍ରଣା, ଶ୍ରମଯନ୍ତ୍ରଣା କି ବଜାର ଯନ୍ତ୍ରଣା କଥା କହେ ନାହିଁ- କହେ ଭୂମିହୀନ ଦଳିତ ଚାଷୀ ସମାଜର ବୃହତ୍ତର ଦୁର୍ଦ୍ଦଶାର କଥା । ଜମିଥିବା ଚାଷୀମାନଙ୍କ ପାଖରେ କାଳକାଳରୁ ଏହି ଭୂମିହୀନ ଦଳିତମାନେ ମାଟିମୁଲିଆ ଭାବରେ ବନ୍ଧକ ପଡ଼ିଥାଆନ୍ତି । ଘର ସଂସାର ଚଳେ ଜମି ମାଲିକର ଯାବତୀୟ ବାତ୍ସଲ୍ୟରୁ । ଏବେ ଚାଷୀ ଘରେ ମରୁଡ଼ି ପଡ଼ିଥିବା ବେଳେ ସେମାନଙ୍କୁ ନିର୍ଭର କରି ଚଳୁଥିବା ଭାଗଚାଷୀ, ନାମମାତ୍ର ଚାଷୀ ଓ ଚାଷୀ ମୂଲିଆମାନଙ୍କ ଜୀବନ ଯନ୍ତ୍ରଣାର ଜତୁଗୃହରେ ବନ୍ଦୀ । ଏକବିଂଶ ଶତାବ୍ଦୀର କବିତା ଧାନ କିଆରୀରର ଶ୍ୟାମଳତା ବଦଳରେ ଏପରି ଲୁହ ଛଳଛଳ ଅଧାଭାତ ହାଣ୍ଡିର ଦୁଃଖକୁ ସାମ୍ନାକୁ ଆଣୁଛି ।

"ଶୁଣାନାରେ ଦିଲ୍ଲୀପ, ବିଲ ବାଡ଼ି ବଗିଚାର ବର୍ଣ୍ଣବୋଧ
ଶସ୍ୟର ସଙ୍ଗୀତ, ବରଂ ବଢ଼ୁଛି ଶୋକର ସ୍ରୋତ
କହୁନ, ଭୋକର ଭୂଲୋକରେ କେଉଁ ଅଛି କି ଆମର
ମୁଠେ ମାଟିର ମହୁ ଓ ମହକ, କ୍ଷେତ ପରେ କ୍ଷେତ
ଫସଲର ସୁବର୍ଣ୍ଣ ଅକ୍ଷର, ତମେ ତ ଜାଣ
ଆମେ କାଳକାଳ ଭୂମିହୀନ, ଅରକ୍ଷ ଅଭାଜନ ।"
(ହୋ' ଦିଲୀପ ତ ! ଆମର ନାହିଁ ଧାନଫୁଲ କାନଫୁଲ: ପୀତାମ୍ବର ତରାଇ)

ଏକବିଂଶ ଶତାବ୍ଦୀର 'ଧାନ କବିତା' ଖୋଜି ଖୋଜି ଯାଏ ରୋଷେଇ ଘର, ମାଟିଚୁଲି, ମାଆ, ଭାତହାଣ୍ଡି, ପଖାଳକଂସା, ରଇତାଣୀର ଧୂଳିଆ ସଂସାର । କେବଳ କ୍ଷେତ ଓ କ୍ଷେତୁଆଳର ସମସ୍ୟା ନୁହେଁ, କ୍ଷେତ ମୁଲିଆ, ମୁଲିଆଣୀ, ବନ୍ଧାଛନ୍ଦା, ବଦଳିଆ ଆଦି ବ୍ୟବସ୍ଥାର ସାମାଜିକ-ଆର୍ଥନୀତିକ ବିପର୍ଯ୍ୟୟରେ ଓଡ଼ିଆ କବିତାର ମୁହଁ ଦିଶେ । ବାଲେଶ୍ୱରରୁ ବରଗଡ଼ ଯାଏଁ ଲମ୍ବିଥିବା ଧାନବିଲର ପରିମଣ୍ଡଳରେ ଏକବିଂଶ ଶତାବ୍ଦୀର କବିତା ଘୁରି ବୁଲୁଛି । ଯେଉଁ ସମକାଳର କବି ଗୋଡ଼ରେ ଧାନବିଲର କାଦୁଅ ଲାଗିନି, ବାପାଙ୍କ ଝାଳୁଆ ଗାମୁଛାରେ ମୁହଁ ପୋଛି ନାହିଁ, ଯାର କୋଡ଼ି, କୋଦାଳ, ମହୀ, ବାଉଁଆବଳଦ, ଗଉଣୀ, ଅକ୍ଷୀତୃତୀୟା, ଖଳା, ଖରାବେଳ ସହ ଅପଡ, ସିଏ ଏପରି କାବ୍ୟ ଧାରାରୁ ପୃଥକ ହୋଇଯାଆନ୍ତି । ସମକାଳର କବିତା ଖୋଜି ଖୋଜି ଯାଏ ମାଟିରେ ପୋତା ହୋଇଥିବା ତା'ର ଚେର ପାଖକୁ । ଟୋପାଏ ଲୁହ ସେହି ଚେରମୂଳେ

ଥାପି ପରିକଳ୍ପନା କରେ ସବୁଜ ପୃଥିବୀର । କ୍ରମଶଃ ହଜି ଯାଉଥିବା କୃଷି ଇତିହାସର ହସ୍ତାକ୍ଷର ଏକବିଂଶ ଶତାବ୍ଦୀର କବିତା । କମ୍ପାନୀ ଏବେ ନଇ, ନାଳ, ସଇରାତ, କ୍ଷେତ ଓ ପାହାଡ଼ ସବୁ ନେଇଗଲା ପରେ ଓଡ଼ିଆ ଚାଷୀ ଏବେ ଠିଆ ହୋଇଛି 'କାଳିଆ' ପାଖରେ । କିଏ ଏ 'କାଳିଆ'? ଅନ୍ନଦାତା ଆଜି ହା-ଅନ୍ନର ଶିକାର । ଓଡ଼ିଆ ଜାତି କ୍ରମଶଃ 'କୌଳିକ ବୃତ୍ତି ଛେଉଣ୍ଡ' ହେବାକୁ ଯାଉଛି । 'କେଳା-କେଉଁଟ-କୁମ୍ଭକାର-ଚମାର-ବ୍ରାହ୍ମଣ-ବାରିକ' ଆଜି ନୂଆ ବୃତ୍ତି ସନ୍ଧାନରେ । ସମକାଳର କବିତା ଏହି ବୃହତ୍ତର ବିପର୍ଯ୍ୟୟର ଭାଷା । ବିଡ଼ମ୍ବିତ ଦୀର୍ଘଶ୍ୱାସର ଅକ୍ଷର । ଆପଣ ଅଛନ୍ତି ତ' ଏପରି କବିତା ସହ?

ଏକବିଂଶ ଶତାବ୍ଦୀର ଓଡ଼ିଆ କବିତା 'ବିଶ୍ୱାୟନ' ପ୍ରଭାବରେ ପ୍ରଭାବିତ ହୋଇ ଚାଲିଛି । ବିଶ୍ୱାୟନ ଏକ 'ନୂଆ-ଓ' ସଂସ୍କୃତି ଆଡ଼କୁ ଆମକୁ ଟାଣି ନେଉଛି । ସବୁ ପରମ୍ପରା, ମୂଲ୍ୟବୋଧର ରୂପାନ୍ତରୀକରଣ ଆରମ୍ଭ ହୋଇଛି । ଏ ପରିବର୍ତ୍ତନ ଆମର ମୂଳ ସମସ୍ୟାକୁ ଦୋହଲେଇ ପାରୁନାହିଁ ଅଥଚ ଏକ ବାହ୍ୟ ପ୍ରଲେପର କାରୁକାର୍ଯ୍ୟରେ ଆମେ ବିସ୍ମିତ ହେଉଛେ । ସମକାଳର ସାହିତ୍ୟରେ ଏହାର ପ୍ରଭାବ ପଡୁଛି । ବୈଷୟିକ ସଂସ୍କୃତିର ଜୁଲମ୍ ଏବେ ମାନବିକତା ଓ ସାମାଜିକ ନ୍ୟାୟ ଉପରେ ଅତ୍ୟାଚାର କରିବାରେ ବ୍ୟସ୍ତ । ଏହି ସୂତ୍ରରେ 'ଶୃଙ୍ଗାର+ବାତ୍ସଲ୍ୟ+ଭକ୍ତି' ଏହି ତିନୋଟି ରସର ମୂଳ ଲକ୍ଷ୍ୟ ଭ୍ରଷ୍ଟ ହୋଇ ଏକ ତତ୍କାଳ ବ୍ୟବସ୍ଥାକୁ ଆପଣେଇ ଚାଲିଛି । ଏହି ରସତ୍ରୟୀ ଆଉ ଆମର ଆବେଗ, ବାସ୍ତବତା ଓ ପାପପୁଣ୍ୟ ସହ ଜଡ଼ିତ ନୁହଁନ୍ତି । ଏସବୁ ଏକ ସାମୟିକ ବିଳାସ ସୂତ୍ରରେ ଆମକୁ ଆକ୍ରାନ୍ତ କରୁଛନ୍ତି । ଚିରନ୍ତନ ପ୍ରେମ ବଦଳରେ ଲିଭ୍ ଇନ୍ ରିଲେସନ୍‌ରେ ରହିବା, ବାହାଘର କରି ଘର ବାନ୍ଧିବା ବଦଳରେ କୁମାରୀ କାଳରେ 'ଓୟୋ'ହୋଟେଲ୍‌ରେ ରହିବା ଏହି ପର୍ଯ୍ୟାୟର । ବୃଦ୍ଧ-ବାପା-ମାଆଙ୍କ ଠାରୁ ଦୂରେଇ ଯାଇ ବୃତ୍ତି ସହରରେ ଚିରସ୍ଥାୟୀ ବସତି ବାନ୍ଧି ପିତାମାତାଙ୍କୁ ବାର୍ଦ୍ଧକ୍ୟ ନିଃସଙ୍ଗତାରେ ମଗ୍ନ କରିବା ନୂଆ-ବାତ୍ସଲ୍ୟ । ଓଷା, ବ୍ରତ ଓ ମାନସିକ ପାଇଁ ନୁହେଁ ଭ୍ରମଣ ପ୍ରଶାନ୍ତି ପାଇଁ ମନ୍ଦିରକୁ ଅବଲମ୍ବନ କରିବା ଆଜିର ଯୁବାବର୍ଗୀୟ ମାନସିକତା, ପରିବେଶ ଧ୍ୱଂସ କରି ଇକୋରିଟ୍ରିଟ୍ ମାଧ୍ୟମରେ ବ୍ୟବସାୟ କରିବା ଆଜିର ଆଧୁନିକତା । ଦେହ ବାଟିକାରେ ବନ୍ଦୀ କରି ପରେ ମଧୁ କୌଶଳ ଯୋଜନାରେ ଅର୍ଥ ଆଦାୟ କରିବା ହିଁ ଆଜିର ପ୍ରେମ । ଏସବୁ ସାମାଜିକ-ସାଂସ୍କୃତିକ-ଆର୍ଥନୀତିକ ପରିବର୍ତ୍ତନ ସହ ଏକବିଂଶ ଶତାବ୍ଦୀର କବିତା ପାଦ ମିଳେଇ ଚାଲିଛି । 'ପ୍ରିୟତମା- ଶ୍ରୀରାଧା- ମୋନିକା'ମାନେ ନୁହଁନ୍ତି, ଅନ୍ଧାରିଆ ବୁଦା ମୂଳେ ରାସ୍ତାକଡ଼ରେ ଠିଆ ହୋଇ ପୁରୁଷକୁ ପ୍ରତୀକ୍ଷା କରିଥିବା ହିଞ୍ଜଡ଼ା ମଣିଷର ନିଷ୍ଫଳ ଅଭିସାରର କଳା କଳା କାରୁଣ୍ୟ ହିଁ ଏକବିଂଶ ଶତାବ୍ଦୀର କବିତା । ପରକୀୟା ମନସ୍କ, ପତ୍ନୀର ଅଦରକାରୀ ସ୍ୱାମୀର ହୃଦୟ ଯନ୍ତ୍ରଣା ହିଁ ଏକବିଂଶ ଶତାବ୍ଦୀର କବିତା । ନାରୀବାଦ ନୁହେଁ ପୁରୁଷ ନିର୍ଯ୍ୟାତନା ହିଁ ଏକବିଂଶ ଶତାବ୍ଦୀର କବିତା । ଦଳିତ କି ଜନଜାତି ନୁହେଁ ବିଶ୍ୱର ସବୁ ପୀଡ଼ିତ ମଣିଷମାନଙ୍କର ମୁହଁ ଏକବିଂଶ ଶତାବ୍ଦୀର କବିତା । ସବୁଠାରୁ ବଡ଼ କଥା ହେଲା ଏକବିଂଶ ଶତାବ୍ଦୀର କବିତା ଉପଭୋଗକୁ 'ଓ' କହେ ଓ ଅତୀତକୁ 'ଆହା' କହେ । ଏହି 'ଓ' ଆଉ 'ଆହା'ର କେମେଷ୍ଟ୍ରୀ ଏକବିଂଶ ଶତାବ୍ଦୀର କବିତାର ମୁଖ୍ୟ ସ୍ୱର । ଆପଣ ଅଛନ୍ତି କି ଏହି ବର୍ଣ୍ଣମାଳାରେ?

## ଭାଷିକ ସ୍ଥାପତ୍ୟ ଓ ଶୈଳୀ

ଏକବିଂଶ ଶତାବ୍ଦୀର ଓଡ଼ିଆ କବିତା ପୂର୍ବର ସବୁ ସ୍ଥାପତ୍ୟ ସଂରଚନାର ଆଡ଼ମ୍ବରକୁ ଭାଙ୍ଗି ସାଧାସିଧା ଭଦ୍ରଲୋକ ପରି ଆପଣଙ୍କ ପାଖରେ ଠିଆ ହୁଏ । ଏ କବିତା ଏକାଥରେ ଏତେ କାଣ୍ଡ ଘଟେଇ ଆସିଛି ଆପଣ ଜାଣି ପାରିବେ ନାହିଁ । କବି ସଚ୍ଚିଦାନନ୍ଦ ରାଉତରାୟଙ୍କ 'କବିତା-୧୯୭୨', କବି ରମାକାନ୍ତ ରଥଙ୍କ 'ଶ୍ରୀରାଧା' ଓ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଗଦ୍ୟ ଆଙ୍ଗିକକୁ ଏହା ଚୂନା କରି ଭଦ୍ରଲୋକ ପରି ଚୁପ୍‌ଚାପ୍ ଠିଆ ହୋଇଯାଏ । କବିତାର ଗଢ଼ଣ, ଭାଷିକ ବିଜ୍ଞାନ ଓ କାହାଣୀର ସୂଚୀ ଭାଗକୁ ନିମ୍ନ କବିତାରୁ ଲକ୍ଷ୍ୟ କରନ୍ତୁ ।

"ଡାକବାଲା ଦେଇ ଯାଇଚି ଗୋଟେ ଲଫାପା
ଚାଉଳିଆ ମଂଜି ପରି ଅକ୍ଷରରୁ ଜାଣିଲି ପ୍ରେରକ
ସମରେନ୍ଦ୍ର ମହାପାତ୍ର, ଜନଭାଷା କାର୍ଯ୍ୟାଳୟ, ଭୁବନେଶ୍ୱର
ଏ ଚିଠି ନିଶ୍ଚୟ ଗୁରୁତର,
ନିଶ୍ଚୟ ଥିବ ରପ୍ତାନି ହେଇପାରୁ ନଥିବା ଦୁଃଖ
ଧରାବନ୍ଧା ନହେଲେ ବି
ଜାଣି ହୋଇଯାଏ ଆକାରରୁ ଓଜନ କଂଚାମାଲର ।"

(ଚିଠି ମଣିଷ-୩/ କୁହାର ଆଞ୍ଜା: ଅଜୟ ପ୍ରଧାନ)

ଅଜୟ ପ୍ରଧାନ ସମକାଳର କବି ସମରେନ୍ଦ୍ର ମହାପାତ୍ରଙ୍କ ପରିଚୟ ପ୍ରଥମ ତିନିପାଦରେ ପ୍ରକାଶ କରି ଚିଠିର ବାସ୍ନାରୁ ବାରି ପାରନ୍ତି ସମରେନ୍ଦ୍ରଙ୍କ ଦୁଃଖ । ଡାକବାଲା +ଲଫାପା+ଚାଉଳିଆମଂଜିପରି ଅକ୍ଷର=କବି ସମରେନ୍ଦ୍ର ମହାପାତ୍ର । ଯିଏ ମୁଣ୍ଡେଇ ବଂଚିଛି ରପ୍ତାନୀ ହୋଇପାରୁ ନଥିବା ଦୁଃଖ । ଅତଏବ କବିତାଟି ପ୍ରକୃତରେ ହେଉଛି:

ସମରେନ୍ଦ୍ର ମହାପାତ୍ର ଗୋଟେ ଲଫାପା
ଯେଉଁଥିରେ ଭର୍ତ୍ତି ହୋଇଛି
ରପ୍ତାନୀ ହୋଇପାରୁ ନଥିବା ଦୁଃଖ ।

ଏ କବିତାର ନାୟକ କିଏ? କିଏ ଛାୟା ନାୟକ? ଦୁଃଖ ଯାହା ବାନ୍ଧି ପାରିଛି ଉଭୟଙ୍କୁ ସେ ହିଁ ନାୟକ । ଦୁଃଖର ପର୍ବତରେ ଘର କରିଥିବା ଉଭୟ କବି ଏବେ ନିରୁତ୍ତର । କବିତାଟି ଏବେ ଶେଷହୁଏ ଏମିତି:

"ନା ଅବି ସେ ଲେଖୁଚି ଚିଠି
ନା ଏବେ ମୁଁ ପଠଉଚି ଉତ୍ତର
ଆପଣମାନଙ୍କ ଭିତରେ କିଏ ଜାଣିଚନ୍ତି କି
ଠିକଣା ସମରେନ୍ଦ୍ରର?"

ହୋହାଲ୍ଲାମୟ ଅତୀତରୁ କବିତା ବୃଦ୍ଧି ପାଇ ନୀରବ ହୋଇଯାଏ । ବର୍ତ୍ତମାନର ସବୁ ନୀରବତାର ଯେ ଗୋଟେ କୋଳାହଳମୟ ଅତୀତ ଥିଲା ଏ କଥା କହନ୍ତି କବି ଅଜୟ ପ୍ରଧାନ । ଠାଣି-ଠଣା-ଠିକଣାରେ ପୂର୍ଣ୍ଣ ଏ କବିତା ବ୍ୟକ୍ତି ବିମର୍ଷ ବିଶ୍ଳେଷଣର ଚମତ୍କାର କାବ୍ୟଶୈଳୀ । ଏକବିଂଶ ଶତାବ୍ଦୀର କବିତା ଏପରି ଶୈଳୀକୁ ପ୍ରାଧାନ୍ୟ ଦେଇ ଚାଲିଛି । ବାକ୍‌ରୀତି ହିଁ କବିତା । ବାକ୍-ବିବାକ୍-ବିମର୍ଶ-ନିର୍ବାକ୍ ହିଁ କବିତା ।

"ଶ୍ୟାମଳିନୀ ମାଝୀ
କେୟାର ଅଫ୍- ପ୍ରଭାକର ମାଝୀ
ଗ୍ରାମ କଉଯୋଡ଼ି
ପୋଷ୍ଟ- ତିଆଡ଼ି ସାହି
ଭାୟା- ପୀରହାଟ ବଜାର
ଜିଲ୍ଲା- ଭଦ୍ରକ
ପ୍ରଗଣା- ବୟାଙ୍ଗ
ବର୍ଷକୁ ପାଞ୍ଚଥର
ଜଳବନ୍ଦୀ, ଧୋୟା ଅଞ୍ଚଳ ।
ଭଦ୍ରକ-ଚାନ୍ଦବାଲି ମୁଖ୍ୟ ସଡ଼କ ଠୁ
ଦଶ କିଲୋମିଟର
ଯେଉଁଠି ନାହିଁ ଡାକ୍ତରଖାନା
ଥାନା ଓ ବଜାର ।"

(ଶ୍ୟାମଳିନୀ ମାଝି ଏବେ ବି ଅବିବାହିତ ଅଛି: ଦେବୀ ଓ କବି: ବାଦଲ ମହାନ୍ତି)

କବି ବାଦଲ ମହାନ୍ତିଙ୍କ ଏହି କବିତାଟି ଠିକଣା ଶୈଳୀର ହେଲେ କବିତା ସାର ଠଣା ଆଉ ଠଣା । କବିତାର ଠଣାରେ ଲୁହ, କବିତା ଅଗଣା ସାରା

କୋହ । ମୁଖ୍ୟ ସଡ଼କ ଠାରୁ ଦଶ କିଲୋମିଟର ଦୂରରେ ଦୁର୍ଦ୍ଦଶା କେତେ ନିର୍ଦ୍ଦୟ । ଏହା ୨୦୧୭ ମସିହାରେ ପ୍ରକାଶିତ ‘ଦେବୀ ଓ କବି’ ବହିରୁ ଜଣାପଡ଼େ । ଏପରି କବିତାର ଭାଷାକୁ ଲକ୍ଷ୍ୟ କରନ୍ତୁ ଏଥିରେ କାବ୍ୟ ଭାଷା ବଦଳରେ କଥ୍ୟ ଭାଷାର ବ୍ୟବହାର ଅଧିକ । ପୁଣି ଏ ଭାଷା ଶଙ୍କରୀ ଭାଷା । ଓଡ଼ିଆ ଲିପିରେ ଲେଖା ଇଂରାଜୀ ଶବ୍ଦ । ସମ୍ବାଦ ପରିବେଷଣ ମାଧ୍ୟମରେ କବିତାର କାୟା ଗଠନ ଓ ସାକ୍ଷାତକାର । ସଂଭାଷଣ ମାଧ୍ୟମରେ କବିତାର ଗଣ୍ଠି ଗଠନ କରେ କବି । ଅନେକ ସମୟର କବି ମଞ୍ଚ ଘୋଷକ ପ୍ରାୟ ଚରିତ୍ର ମାନଙ୍କୁ ଅନ୍ଧାରରୁ ଉଠେଇ ଆଣି ଆଲୋକିତ ମଂଚରେ  ଅତିଥି କରେ । ଏହି ନୂଆ ଅତିଥି (କାବ୍ୟନାୟକ)ଙ୍କ ପରିଚୟ ଦେଉ ଦେଉ ନିଜେ ନେସି ହୋଇଯାଏ କବିତାରେ । ଉତ୍ତର ଆଧୁନିକ ଓଡ଼ିଆ କବିତାର ଶୈଳୀ ଠାରୁ ଏକବିଂଶ ଶତାବ୍ଦୀର କାବ୍ୟଶୈଳୀର ଏହା ଏକ ବିଶେଷ ବିଶେଷତ୍ୱ । ବର୍ଣ୍ଣନା ଅତିବର୍ଣ୍ଣନା-କଳ୍ପଲୋକ-ରହସ୍ୟ ସ୍ୱପ୍ନଦୋଷ-ତତ୍ତ୍ୱଦର୍ଶନା-ଶ୍ମଶାନ ବୈରାଗ୍ୟ-ଆଉଁସିଆ ସ୍ୱଭାବକୁ ଏକବିଂଶ ଶତାବ୍ଦୀର କବିତା ବର୍ଜନ କରେ । ‘ବାକ୍‌ରୀତି ହିଁ କାବ୍ୟରୀତି’- ଏକବିଂଶ ଶତାବ୍ଦୀର କବିତା ଏହା ପସନ୍ଦ କରେ । ଆପଣ ଯଦି କବିତାରେ ପ୍ରେମ-ପୁଣ୍ୟ ନିର୍ବାଣ ପ୍ରଚାର କରିବାକୁ ଚାହାଁନ୍ତି ମନେରଖନ୍ତୁ ଏ କାବ୍ୟଧାରା ଆପଣଙ୍କ ପାଇଁ ଉଦ୍ଦିଷ୍ଟ ନୁହଁ ।

## ନିଷ୍କର୍ଷ

ଏକବିଂଶ ଶତାବ୍ଦୀର କବିତା (୨୦୦୧-୨୦୨୪) ନୂଆ ରକ୍ତ, ତେଜ, ବୀର୍ଯ୍ୟର କବିତା । ଏ କାବ୍ୟ ଧାରାରେ ଲୁହ, କୋହ ଓ କାରୁଣ୍ୟର କେମେଷ୍ଟ୍ରୀ, ଜହ୍ନିଫୁଲ ପାଖରୁ ଜେରୁଜେଲମ୍ ପର୍ଯ୍ୟନ୍ତ ମଣିଷର ମୁହଁ ଦେଖାଯାଏ ଏକବିଂଶ ଶତାବ୍ଦୀର କବିତାରେ । ବୁନିଆଦି ପଣର ବିଭୋରତାରେ ଜଗତୀକରଣର କଳଙ୍କକୁ ଧୋଇ ଦେବାକୁ ଏ କବିତା ଆଗେଇ ଆସେ । ଏ କବିତା ଲୁହ ଆଣେ ଚିଲିକାରୁ, ଶକ୍ତି ଆଣେ କଳିଙ୍ଗନଗରରୁ । ବାପାଙ୍କ ନାଲିଗାମୁଛାରେ ମୁହଁପୋଛି ପ୍ୟାଣ୍ଟକୋଟ୍ ପିନ୍ଧେ । ଏଇଥିପାଇଁ ମୁଁ କହେ ଏକବିଂଶ ଶତାବ୍ଦୀର ଓଡ଼ିଆ କବିତା ତରୁଣ ବର୍ଗର କବିତା । ପାଞ୍ଚଦଶକ ଧରି ଓଡ଼ିଆ କବିତାକୁ ନିଜ ଗୁଣରେ ସମୃଦ୍ଧ କରିଥିବା କବିମାନଙ୍କର ଭାଗିଦାରୀରୁ ବଂଚିତ ଏ ସମୟର କବିତା, ଏ କବିତା ଯିବ ଓଡ଼ିଶାର ପୁର ଓ ପାଟଣାକୁ ଲୋକମିଥ୍ ଖୋଜିବାକୁ । ବହୁତ ହୋଇଗଲା ମହା ଭାରତୀୟ ମିଥ୍ (କର୍ଣ୍ଣ, କୁନ୍ତୀ, କୃଷ୍ଣ, ରାମ, ଦୁର୍ଯ୍ୟୋଧନ, ଅକୃର)ମାନଙ୍କ କଥା । ଏବେ ଖୁଲଣା ସୁନ୍ଦରୀ, ତଅପୋଇ, ଶୁକଦେଇ, ସୁରେନ୍ଦ୍ର ସାଏ ଓ ଲକ୍ଷ୍ମଣ ନାୟକଙ୍କୁ ଖୋଜିବ ଏକବିଂଶ ଶତାବ୍ଦୀର କବିତା । କବିତା  ଖୋଜି ଖୋଜି ଯିବ ଆପଣଙ୍କ ହୃଦୟ ଯାଏଁ । ଯାହା ପାଇବ ତାହା କବିତା, ଯାହା ନପାଇବ ତା ହେବ ଶ୍ରେଷ୍ଠ କବିତା । ଆପଣ ଏମିତି ଖୋଜୁଛନ୍ତି କି କିଛି ? ଆପଣଙ୍କ କବିତା ଯଦି ନଖୋଜିବ ଆପଣଙ୍କୁ ବି କେହି ଖୋଜିବେନି କବିତାରେ । ଏକବିଂଶ ଶତାବ୍ଦୀର କବିତା ପ୍ରଜ୍ଞା ନୁହେଁ ଅନୁଭବର କବିତା ।


ବାର୍ଷିକ ଗ୍ରାହକ ହୁଅନ୍ତୁ
ଘରେ ବସି ରେବତୀ ପାଆନ୍ତୁ
ରିହାତି ୧୭%
ବାର୍ଷିକ ଗ୍ରାହକ ଯୋଜନା



- ଏକ ବର୍ଷ ପାଇଁ ଟ.୫୦୦.୦୦ (ପାଞ୍ଚଶହ ଟଙ୍କା), ଡାକଖର୍ଚ୍ଚ ୨୯୦.୦୦ ଟଙ୍କା ଅତିରିକ୍ତ । ସମୁଦାୟ ୭୯୦.୦୦ ଟଙ୍କା ପଠେଇବାକୁ ପଡ଼ିବ ।
- ପତ୍ରିକା ରେଜିଷ୍ଟାର୍ଡ ଡାକ (ନିରାପଦ ଡାକ ବ୍ୟବସ୍ଥା)ରେ ଆପଣଙ୍କ ଘରେ ପହଞ୍ଚିବ । ସାଧାରଣ ଡାକରେ ପତ୍ରିକା ପଠାଯାଏ ନାହିଁ ।
- ବାର୍ଷିକ ଦେୟ ‘ରେବତୀ ମିଡିଆ ହାଉସ ପ୍ରା. ଲିଃ.’ ନାମରେ ଥିବା ବ୍ୟାଙ୍କ ଖାତାକୁ ପଠାଇବେ ।
- ନିଜର ସମ୍ପୂର୍ଣ୍ଣ ଡାକ ଠିକଣା, ପିନ୍‌କୋଡ୍ ନମ୍ବର ଏବଂ ଟେଲିଫୋନ୍ ନମ୍ବର ନିମ୍ନରେ ପ୍ରଦତ୍ତ ଟେଲିଫୋନ୍ ନମ୍ବରର ହ୍ୱାଟ୍‌ସ୍‌ଆପ୍‌କୁ ପଠାଇବେ ।
- ଟଙ୍କା ପୈଠ ହୋଇଥିବାର ପ୍ରମାଣ ସ୍ୱରୂପ ବ୍ୟାଙ୍କ ରିସିପ୍ଟଟି ଆମକୁ ପଠାଇବେ ।



ଯୋଗାଯୋଗ : ରେବତୀ କାର୍ଯ୍ୟାଳୟ, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଓଟି ରୋଡ୍, ବାଲେଶ୍ୱର-୧, ଫୋନ : ୭୦୦୮୮୪୫୯୨୦

**Bank Details**
**Benificiary Name : Rebati Media House Pvt Ltd.**
**Bank Name : HDFC BANK (India), Balasore**
**Account No : 50200033907121**
**IFSC Code : HDFC0000366**

www.rebatee.in
୪୦/-
ରେବତୀ
ଆମ ମାଟିର ସ୍ୱର

Ohm PVC HDPE Pipes & Fittings

# OHM PIPES PVT. LTD.





"An ISO 9001-2015 Certified Company"

## OHM PIPES, Symbol of Trust

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com

# ବିବିଧବର୍ଣ୍ଣା 'ବସନ୍ତ'



# ଓଡ଼ିଆ କାବ୍ୟକବିତାରେ 'ବସନ୍ତ'

**ଡକ୍ଟର ଶିଶିର ବେହେରା**

ସହକାରୀ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,
କେନ୍ଦୁଝର ପରିସର, କେନ୍ଦୁଝର-୭୫୮୦୦୨
ଫୋନ: ୮୨୪୯୮୯୫୨୭୪

ଫଟୋ ସୌଜନ୍ୟ : ଗୁଗୁଲ୍ ଓ ଲେଖକ

ପ୍ରକୃତିର ଋତୁଚକ୍ର ସଦାକାଳେ ଜୀବନ ଓ ଜଗତକୁ ପ୍ରଭାବିତ କରିଆସିଛି । ବାହ୍ୟଜଗତ ସହିତ ଅନ୍ତର୍ଲୋକରେ ତା'ର ଘଟିଛି ପ୍ରତିଫଳନ । ଋତୁ ବଦଳେ, ବଦଳିଯାଏ ସେହି ଅନୁସାରେ ପ୍ରକୃତିର ରୂପ । ଛ'ଋତୁ ଓ ବାରମାସରେ ଗୁନ୍ଥା ପ୍ରକୃତିର ଋତୁଚକ୍ର: ଗ୍ରୀଷ୍ମ, ବର୍ଷା,ଶରତ, ହେମନ୍ତ, ଶୀତ ଓ ବସନ୍ତ । ସ୍ୱାସ୍ଥ୍ୟ ଅନୁକୂଳ ନାତିଶୀତୋଷ୍ଣ ଜଳବାୟୁ,ମନୋରମ ପ୍ରକୃତିର ସ୍ନିଗ୍ଧତାକୁ ପରଶିଦେଉଥିବାରୁ ଅନ୍ୟାନ୍ୟ ଋତୁଙ୍କ ମଧ୍ୟରେ ଶ୍ରେଷ୍ଠଋତୁ ଭାବରେ ବସନ୍ତକୁ ମାନ୍ୟ କରାଯାଏ । ତେଣୁ ସେ ଋତୁରାଜ । ମଧୁମାସ, ବିମଳଋତୁ, ହୃଦୟୋନ୍ମେଷକାରୀ, ଯୌବନର ଋତୁ ନାମରେ ସମ୍ବୋଧନ କରାଯାଇଥାଏ ବସନ୍ତକୁ । ଫଗୁଣ ଓ ଚୈତ୍ରମାସ ବସନ୍ତର ସହଚର । ଭକ୍ତକବି ମଧୁସୂଦନ କହନ୍ତି: "ଫାଲ୍‌ଗୁନ ଚୈତ୍ର ବସନ୍ତରେ / ମୃଦୁ ମଳୟ ମନ ହରେ ।" ମାଘଶୁକ୍ଳ ବସନ୍ତପଞ୍ଚମୀ ତିଥି ବସନ୍ତର ଶୁଭଲଗ୍ନ । ସୃଜନଶୀଳତତା ଏବଂ ନବନଜୀବନର ପ୍ରତୀକ ବସନ୍ତଋତୁ । ଏଥିଲାଗି ଭଗବାନ ଶ୍ରୀକୃଷ୍ଣ 'ଗୀତା'ରେ ନିଜକୁ ସ୍ୱୟଂ ବସନ୍ତଋତୁ ବୋଲି କହିଛନ୍ତି । ସେଥିଲାଗି ଏହାର ଭୌଗୋଳିକ ସ୍ଥିତି, ପରିବର୍ତ୍ତନକାରୀ ଜଳବାୟୁସହ ଜୀବନକୁ ଓତଃପ୍ରୋତ କରିବା ଲାଗି  ବିବିଧ ଉତ୍ସବ, ଅନୁଷ୍ଠାନ, ବ୍ରତ-ଉପବାସ-ପୂଜାର ପରିକଳ୍ପନା କରାଯାଇଛି ।

ଭାରତୀୟ ସାହିତ୍ୟରେ ଋତୁରାଜ ବସନ୍ତର ବିପୁଳ ବର୍ଣ୍ଣନା ଦେଖିବାକୁ ମିଳେ । କବି ଓ ଲେଖକମାନେ ବସନ୍ତକୁ ନିଜ ଅନୁଭୂତିର କାନ୍‌ଭାସ୍‌ରେ ଆଙ୍କିଛନ୍ତି । ବେଦ, ଉପନିଷଦ, ପୁରାଣ, ଧର୍ମଗ୍ରନ୍ଥଠାରୁ ଆରମ୍ଭ କରି ସଂସ୍କୃତ କାବ୍ୟଗ୍ରନ୍ଥ, ପାଳି-ପ୍ରାକୃତ-ଅପଭ୍ରଂଶ ମ୍ନଦେଇ ଆଧୁନିକ ଭାରତୀୟ ସାହିତ୍ୟରେ ଆମେ ବସନ୍ତର ମଧୁମୟ ରୂପକୁ ପ୍ରତ୍ୟକ୍ଷ କରିଥାଉ । କବି କାଳିଦାସ ଏକ୍ଷେତ୍ରରେ ଅଦ୍ୱିତୀୟ । ସେହିପରି ପ୍ରାଚୀନ ଓଡ଼ିଆ ସାହିତ୍ୟ, ବିଶେଷକରି ମ୍ନକାଳୀନ ଓଡ଼ିଆ କାବ୍ୟରେ ଏହା କୁସୁମସମୟ, ମଧୁମାସ, ମଧୁଋତୁ, କାଳରତନ, ଅତି ରସମୟ କାଳ ନାମରେ ସୁପରିଚିତ । ସଂସ୍କୃତ କାବ୍ୟଗ୍ରନ୍ଥରେ ଏହାର ମନୋହର ବର୍ଣ୍ଣନା ରହିଅଛି । କବିଗଣ ଏହାକୁ ସୁଖଦାୟୀ ମିଳନ ଋତୁ ଭାବରେ ଅଧିକାଂଶ ଚିତ୍ରଣ କରିଛନ୍ତି । ଆଲମ୍ବନ ଓ ଉଦ୍ଦୀପନର ବିବିଧ ଉପାଦାନ ମ୍ନରେ ବସନ୍ତର ସୌକର୍ଯ୍ୟ ଓ ଆନନ୍ଦଦାୟୀ ମୁହୂର୍ତ୍ତକୁ  ଆଙ୍କିଛନ୍ତି କବି । ନାନା ରାଗରାଗିଣୀ ଓ ଛନ୍ଦୋବଦ୍ଧ ପଦାବଳୀ ମଧ୍ୟମରେ ଋତୁରାଜ ବସନ୍ତର ଦୀର୍ଘ ବର୍ଣ୍ଣନା କବିଙ୍କ କଳ୍ପନାବିଳାସକୁ ରସମୟ କରିଛି । ଅଳଙ୍କାର,ରସ,ରୀତି,ଗୁଣ ଭିତର ଦେଇ ଉଭୟ ପ୍ରକୃତି ଓ ନାରୀକୁ ଏକାକାର କରିଛନ୍ତି କବିମାନେ । କେତେବେଳେ ଅପୂର୍ବ ଶୋଭାଶ୍ରୀରେ ପ୍ରକୃତିର ନବସାଜ ଜନମନ ହରଣ କରିଛି; ପୁଣି ତା'ର ପ୍ରଭାବ ନବଯୌବନା-କାମିନୀ ଠାରେ ଆରୋପିତ ହୋଇ ରସିକ-ପ୍ରେମିକକୁ ଅଧିକ ଉଚ୍ଚାଟିତ କରିଛି । ବସନ୍ତ ଓ ଯୌବନ ସାଥୀ ହୋଇ ଓଡ଼ିଆ କାବ୍ୟକବିତାରେ ଆବିର୍ଭାବ ହୋଇଛନ୍ତି । କାଳିଦାସଙ୍କ ମତରେ ଏହା ଚାରୁତର ସମୟ । ଶୀତ ପରଶରେ ଅଳସ ହୋଇପଡ଼ିଥିବା ପ୍ରକୃତି ନବ କିଶଳୟରେ ସଜେଇ ହୁଏ । ଶୀତର ବିଦାୟ ସାଙ୍ଗକୁ ଗ୍ରୀଷ୍ମର ଆଗମନୀ ସଂକେତଭିତରେ ବୈଜ୍ଞାନିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଭାରତୀୟ ପରିମଣ୍ଡଳରେ ଋତୁଚକ୍ରର ତାତ୍ପର୍ଯ୍ୟ ପ୍ରତିପାଦିତ । ଅନ୍ୟଋତୁଙ୍କ ଅପେକ୍ଷା ବସନ୍ତରେ ପୃଥିବୀର ଉର୍ବର ଶକ୍ତି ବୃଦ୍ଧି ପାଏ । ରମଣୀୟ ଦିନ, କମନୀୟ ରାତି, ସୁଗନ୍ଧିତ ପବନ, ଆନନ୍ଦିତ ମୁହୂର୍ତ୍ତ, ସ୍ୱାସ୍ଥ୍ୟଅନୁକୂଳ ନାତିଶୀତୋଷ୍ଣ ଜଳବାୟୁ ପରଶିଦେଉଥିବାରୁ ଶ୍ରେଷ୍ଠଋତୁ ଭାବରେ ବସନ୍ତକୁ ସ୍ୱୀକାର କରାଯାଇଛି । ପ୍ରାୟ ସମସ୍ତ କବି ବସନ୍ତକୁ ନିଜ ତୂଳୀରେ ଆଙ୍କିଛନ୍ତି, ନାୟକ-ନାୟିକାଙ୍କୁ ଏହାର ସୌରଭରେ ଉଦ୍ଦୀପିତ କରାଇଛନ୍ତି । ଚୋରାଚଇତିର ସ୍ନିଗ୍ଧତା, ଫୁଲଫଗୁଣର ଆତସବାଜି, ଆମ୍ବବଉଳର ମିଠାସୁବାସ, ଭ୍ରମରଗୁଞ୍ଜନ-କଳକଣ୍ଠର କୁହୁତାନ, ସୋରଷଫୁଲର କ୍ଷେତ, ପଦ୍ମ-ପଳାଶ-କୃଷ୍ଣଚୂଡ଼ାର ରଙ୍ଗୀନପାଖୁଡ଼ା,  ରଙ୍ଗବେରଙ୍ଗର ନେହ୍ଲିନେହ୍ଲି ଫୁଲ, ଆମ୍ବ ବଉଳର ମିଠାସୁବାସ ସବୁକିଛି ରହିଛି କାବ୍ୟ ପରିଧିରେ ।  ନରିସିଂହ ସେଣ ତାଙ୍କ 'ପରିମଳା' କାବ୍ୟରେ ବସନ୍ତର ଚମତ୍କାର ଚିତ୍ର ଦେଇଛନ୍ତି: "ନାନା ବିଧିମତେ ତହିଁ ତରୁଲତାଗଣେ/କାହିଁ ନବପଲ୍ଲବ କାହିଁ କୁସୁମ ଜନ୍ମେ ।/ମୁକୁଳି ଅଛନ୍ତି କାହିଁ ପଲ୍ଲବିତ କାହିଁ/ସୁରଙ୍ଗ ବର୍ଣ୍ଣଦିଶେ ନବପଲ୍ଲବ ତହିଁ ।" ବୀରମିତ୍ରୋଦୟ ସିଂହଦେବଙ୍କ 'ଅନଙ୍ଗରଙ୍ଗିଣୀ' କାବ୍ୟରେ ବସନ୍ତ ଐନ୍ଦ୍ରଜାଳିକ ରୂପେ ଚିତ୍ରିତ । ସେହିପରି ଦେବଦୁର୍ଲ୍ଲଭ ଦାସଙ୍କ 'ରହସ୍ୟମଞ୍ଜରୀ'ର ଊନବିଂଶ ଛାନ୍ଦ, ବିଷ୍ଣୁଦାସଙ୍କ 'ପ୍ରେମଲୋଚନା'ର ଦ୍ୱାଦଶ ଛାନ୍ଦ, ଅର୍ଜୁନ ଦାସଙ୍କ 'ରାମବିଭା'ର ଦଶମ ଛାନ୍ଦ, ପ୍ରତାପ ରାୟଙ୍କ 'ଶଶୀସେଣା'ର ଷଷ୍ଠ ଛାନ୍ଦରେ ବସନ୍ତର ସ୍ନିଗ୍ଧରୂପ ଅଙ୍କିତ । କବିସମ୍ରାଟ ଭଞ୍ଜଙ୍କ ବସନ୍ତବର୍ଣ୍ଣନା ଯେପରି ରସପୂର୍ଣ୍ଣ, ସେହିପରି ଅନତିକ୍ରମ୍ୟ । 'ଲାବଣ୍ୟବତୀ', 'ବୈଦେହୀଶ ବିଳାସ' 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ'ରେ ଏହାର ପ୍ରମାଣ ମିଳେ । 'ମଳୟ ଶିଖରୀ ଶିରୀ ଚୋରିକରି ବହିଲାନି ମନ୍ଦ ସମୀର' ହେଉ ଅବା 'ବସନ୍ତ ସମୟ ଅତି ରସମୟ ରଭସ ପ୍ରବେଶ ଆସିସେ' ପଙ୍‌କ୍ତି ହେଉ,ସର୍ବତ୍ର ବସନ୍ତର ମାଦକତା ଅନୁଭୂତ । 'ଲାବଣ୍ୟବତୀ' କାବ୍ୟରେ ନାୟିକାର ଅଙ୍ଗରେ ବସନ୍ତର ଆରୋପ ଅତ୍ୟନ୍ତ ହୃଦୟସ୍ପର୍ଶୀ । ନୂତନସ୍ତବକ ପରି ସ୍ତନାଙ୍କୁର, କୋକିଳସ୍ୱନ ପରି କଣ୍ଠସ୍ୱର, କେତକୀପୁଷ୍ପ ପରି ତନୁକାନ୍ତି, ନିଆଳି ଭଳି କରଯୁଗଳ, ଭ୍ରମର ଭଳି ଚଞ୍ଚଳନେତ୍ର, ପୁନ୍ନାଗ ଭଳି ଯୌବନ, ନବପଲ୍ଲବ ପରି ଓଷ୍ଠାଧର, ମଲ୍ଲୀପରି ହାସର ଶୋଭା ବର୍ଣ୍ଣିତ ।   କବି ବିଷ୍ଣୁ ଦାସଙ୍କ 'ପ୍ରେମଲୋଚନା' କାବ୍ୟରେ ଆନନ୍ଦିତ ଧରଣୀର ଅନୁରାଗବତୀ ପ୍ରକୃତିର ସୁଷମା ସହିତ ବସନ୍ତର ସଖା କନ୍ଦର୍ପ ନାଗେଶ୍ୱର ପୁଷ୍ପକୋଦଣ୍ଡ ଧାରଣ କରି ବିରହୀଜନଙ୍କୁ ଦଗ୍ଧୀଭୂତ କରିବା ଏବଂ ଭ୍ରମର-ଭାଟର ଯଶଗାନ କରିବାର ବର୍ଣ୍ଣନା ଦେଇଛନ୍ତି । ଦୀନକୃଷ୍ଣଙ୍କ 'ରସକଲ୍ଲୋଳ'ର ଦ୍ୱାଦଶ ଛାନ୍ଦରେ ବସନ୍ତର ବର୍ଣ୍ଣନା ସହିତ ତା'ର ପ୍ରାଣସଖା କନ୍ଦର୍ପ, ବିବିଧପୁଷ୍ପ, ମନୋରମ ପ୍ରକୃତିର ମଧ୍ୟ ସୂଚନା ଦେଇଛନ୍ତି : "କେଶର କୁସୁମ ଅତି ମନୋରମ କାମ-ନୃପତି ଶ୍ୱେତଛତ୍ର / କିଶଳୟ ପନ୍ତି ପତାକା ଉଡ଼ାନ୍ତି ବଶ କରନ୍ତି ମନ ନେତ୍ର / କରୁଣା, କେଶର ମଲ୍ଲୀ ଗନ୍ଧଧୂପ / କେଳି କଦମ୍ବେ ଶଙ୍ଖଧ୍ୱନି କରଇ ସଧୀରେ ଶଙ୍ଖୁଆ ମଧୁପ ।"

ପ୍ରାଚୀନ ଓଡ଼ିଆକାବ୍ୟରେ ଋତୁଚର୍ଯ୍ୟାର ବର୍ଣ୍ଣଳଆଭା ପ୍ରତିଭାତ ହୋଇଛି । ବିଷ୍ଣୁ ଦାସଙ୍କ 'ପ୍ରେମଲୋଚନା', ରଘୁନାଥ ପରିଚ୍ଛାଙ୍କ 'ରାଧାମାଧବ ବିଳାସ', ପଦ୍ମନାଭ ଶ୍ରୀଚନ୍ଦନଙ୍କ 'ଶଶୀରେଖା', ଜଗନ୍ନାଥ ନାରାୟଣ ଦେବଙ୍କ 'ପ୍ରଭାବତୀ ପରିଣୟ', 'ନରସିଂହ ସେଣଙ୍କ



▲ ଲେଖକ ଶିଶିର ବେହେରା

'ପରିମଳା', ଧନଞ୍ଜୟ ଭଞ୍ଜଙ୍କ 'ଅନଙ୍ଗରେଖା', 'ମଦନମଞ୍ଜରୀ', ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି', ଯଦୁମଣି ମହାପାତ୍ରଙ୍କ 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର', 'ରାଘବବିଳାସ', ରାଧାମୋହନ ରାଜେନ୍ଦ୍ରଦେବଙ୍କ 'ପ୍ରେମମଞ୍ଜରୀ','ଲୋକନାଥ ଦାସଙ୍କ 'ଚିତ୍ରକଳା', ରଘୁନାଥ ଭଞ୍ଜଙ୍କ 'ସର୍ବାଙ୍ଗସୁନ୍ଦରୀ', ବୀରମିତ୍ରୋଦୟ ସିଂହଦେବଙ୍କ 'ଅନଙ୍ଗରଙ୍ଗିଣୀ', ପଦ୍ମନାଭ ଶ୍ରୀଚନ୍ଦନଙ୍କ 'ଶଶିରେଖା', ବ୍ରଜନାଥ ବଡ଼ଜେନାଙ୍କ 'ଅମ୍ବିକାବିଳାସ', କରୁଣାକର ପଟ୍ଟନାୟକଙ୍କ 'କୃଷ୍ଣରସାମୃତ', ଶ୍ୟାମସୁନ୍ଦର ଦେବଙ୍କ 'ଅନୁରାଗ କଳ୍ପଲତା' ଆଦି କାବ୍ୟରେ ଷଡ଼ଋତୁର ପ୍ରଚୁର ବର୍ଣ୍ଣନାକୁ ଲକ୍ଷ୍ୟ କରାଯାଏ । ସେହିପରି କବି ପ୍ରତାପ ରାୟ, କବିସୂର୍ଯ୍ୟ ବଳଦେବ, ଭକ୍ତଚରଣ, ଶିଶୁଶଙ୍କର ଦାସ, ଅର୍ଜୁନ ଦାସ, ଲୋକନାଥ ବିଦ୍ୟାଧର. ବନମାଳୀ ଦାସ, କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା, ଭୂପତି ପଣ୍ଡିତ, ଘନଭଞ୍ଜ, କେଶବରାଜ ହରିଚନ୍ଦନ, ତ୍ରିବିକ୍ରମ ଭଞ୍ଜ, ତ୍ରିପୁରାରୀ ଦାସ, ଦନାଇ ଦାସ, ନିଶଙ୍କରାୟ ରାଣୀ, ପୀତାମ୍ବର ଦେବ, ଚକ୍ରପାଣି ପଟ୍ଟନାୟକ, ରାମଚନ୍ଦ୍ର ପଟ୍ଟନାୟକ, ଶ୍ୟାମସୁନ୍ଦର ଭଞ୍ଜ ପ୍ରଭୃତି ବହୁ ପ୍ରାଚୀନଓଡ଼ିଆ କବିଙ୍କ କାବ୍ୟକବିତାରେ ବସନ୍ତର କଳାତ୍ମକ-ସୌନ୍ଦର୍ଯ୍ୟ ପ୍ରକାଶ ପାଇଛି । ପ୍ରସଙ୍ଗକ୍ରମେ ଋତୁକାଳୀନ ପ୍ରଭାତ, ଦିବସ. ମଧ୍ୟାହ୍ନ, ଅପରାହ୍ନ, ସନ୍ଧ୍ୟା, ରାତ୍ରିର ଚିତ୍ର ମଧ୍ୟ ପ୍ରଦତ୍ତ ହୋଇଛି । କେବଳ କାବ୍ୟ ନୁହେଁ; ଗୀତିକବିତାରେ ମଧ୍ୟ ପ୍ରାଚୀନ କବି ତାଙ୍କ ଋତୁଚର୍ଯ୍ୟାକୁ କମନୀୟ ଭାବରେ ଚିତ୍ରଣ କରିବା ସହ ଋତୁକାଳୀନ ଫୁଲ, ଫଳ, ଯାନିଯାତ୍ରା, ଉତ୍ସବାଦିର ପରିଚୟ ପ୍ରଦାନ କରିଛନ୍ତି । ପ୍ରାଚୀନ ଓଡ଼ିଆ କାବ୍ୟରେ ଋତୁପରମ୍ପରା ଏକ ସମ୍ଭ୍ରାନ୍ତ ଓ ଗୌରବୋଜ୍ଜ୍ୱଳ ଇତିହାସ ସୃଷ୍ଟି କରିଛି ବୋଲି କୁହା ଯାଇପାରେ । ଆଳଙ୍କାରିକ ପାଟବତାରେ ପ୍ରାଚ୍ୟ ରୀତି ଅନୁସରଣରେ ଓଡ଼ିଆ କବି ଯେପରି ପ୍ରକୃତିକୁ କାବ୍ୟାନ୍ତର୍ଭୁକ୍ତ କରିଛି, ତାହା ଆଧୁନିକ କାଳର ଗଦ୍ୟ-ପଦ୍ୟସାହିତ୍ୟ ମଧ୍ୟ ଦେଇ ଆଜିଯାଏଁ ଲେଖକଙ୍କୁ ପ୍ରଭାବିତ କରି ଆସିଛି । ଋତୁବର୍ଣ୍ଣନା କେବଳ ଔପଚାରିକତା ହୋଇନାହିଁ;ମଣିଷର ମାନସିକତାକୁ ବ୍ୟକ୍ତ କରିବାରେ ତାହା ହୋଇଛି ପ୍ରମୁଖ ସହାୟକ । ଏହି ସମୟରେ ଫସଲ ଅମଳ ସରି ଯାଇଥିବାରୁ କୃଷକ ପାଇଁ ଆନନ୍ଦ-ଉଲ୍ଲାସର ଦିନ, ମାଙ୍ଗଳିକ କାର୍ଯ୍ୟ, ବିବାହ-ଅନୁଷ୍ଠାନ ପାଇଁ ଅନୁକୂଳ, ସୁନ୍ଦର ପରିବେଶ, ଚାରିଆଡ଼େ ଫୁଲର ଶୋଭା, ପବନରେ ସେହି ସୁଗନ୍ଧ ଫୁଲର ବାସ୍ନା, ଫଗୁଣର ରଙ୍ଗଅବିର ବା ଚର୍ଚ୍ଚରୀ ଖେଳ, ଦୋଳ ବିମାନରେ ଶ୍ରୀରାଧାମାଧବ, କୋକିଳର କୁହୁତାନ ସମଗ୍ର ପରିବେଶକୁ ମୁଖରିତ ଓ ମାଦକତାରେ ଭରିଦିଏ । ତେଣୁ ଏହି ମଧୁମାସକୁ ଋତୁରାଜ ବୋଲି ସମ୍ବୋଧିତ କରାଯାଇଥାଏ । ଫଗୁଣ ଓ ଚୈତ୍ରମାସ ବସନ୍ତର ସହଚରୀ । ନବବର୍ଷର ପ୍ରାରମ୍ଭ ବୋଲି ଏହାକୁ ସ୍ୱୀକାର କରାଯାଏ । ଯେପରି ପ୍ରକୃତି ଓ ଜଳବାୟୁରେ ପରିବର୍ତ୍ତନ ଘଟେ, ଅନୁରୂପଭାବରେ ମଣିଷର ମନ ଓ ମସ୍ତିଷ୍କରେ ପରିବର୍ତ୍ତନ ଆସିଥାଏ । ପ୍ରକୃତିର ଋତୁଚକ୍ର ଭିତରେ ଜୀବଜଗତର କଲ୍ୟାଣ ସହିତ ମନୁଷ୍ୟର ନାନ୍ଦନିକ ଦିଗନ୍ତକୁ ଆଚ୍ଛାଦିତ କରିଛି ଋତୁରାଜ । ପୌରାଣିକ ମତାନୁସାରେ- ଅନ୍ଧକାସୁର ନାମକ ଅସୁରକୁ ନିଧନ କରିବା ପାଇଁ କେବଳ ସମର୍ଥ ଥିଲେ ଭଗବାନ ଶିବଙ୍କ ପୁତ୍ର । ତେଣୁ ଶିବଙ୍କ ଠାରୁ ପୁତ୍ର ଉତ୍ପନ୍ନ କରିବା ଉଦ୍ଦେଶ୍ୟରେ କାମଦେବଙ୍କ ଅନୁରୋଧରେ ପ୍ରଜାପିତା ବ୍ରହ୍ମାଙ୍କ ପରିକଳ୍ପନାରେ ସୃଷ୍ଟି ହୋଇଥିଲା ବସନ୍ତଋତୁ । ଏହି ବସନ୍ତର ବିପୁଳ ଆୟୋଜନ 'ପଦ୍ମପୁରାଣ', 'ବ୍ରହ୍ମାଣ୍ଡପୁରାଣ', 'ଲିଙ୍ଗପୁରାଣ' 'ସ୍କନ୍ଦପୁରାଣ'ରେ ମଧ୍ୟ ପରିଲକ୍ଷିତ ।

ଋତୁ ଏବଂ ନାରୀ ଭାରତୀୟ ସାହିତ୍ୟରେ ହୋଇଛନ୍ତି ଏକାକାର । ସେଥିପାଇଁ କବିମାନେ ନାରୀତନୁରେ ବିବିଧ ଋତୁଙ୍କର ଅବସ୍ଥାନକୁ ଚିହ୍ନିତ କରିଛନ୍ତି । ସଂଯୋଗୀ ଜନଲାଗି ଏହା ଯେପରି ସୁଖଦ ହୋଇଛି, ବିଯୋଗୀଙ୍କ ପାଇଁ ହୋଇଛି ପୀଡ଼କ । 'ଲାବଣ୍ୟବତୀ' କାବ୍ୟରେ ନାୟିକାର ଅଙ୍ଗରେ ବସନ୍ତର ଆରୋପ ଅତ୍ୟନ୍ତ ହୃଦୟସ୍ପର୍ଶୀ । ନୂତନସ୍ତବକ ପରି ସ୍ତନାଙ୍କୁର, କୋକିଳସ୍ୱନ ପରି କଣ୍ଠସ୍ୱର, କେତକୀପୁଷ୍ପ ପରି ତନୁକାନ୍ତି, ନିଆଳି ଭଳି କରଯୁଗଳ, ଭ୍ରମର ଭଳି ଚଞ୍ଚଳନେତ୍ର, ପୁନ୍ନାଗ ଭଳି ଯୌବନ, ନବପଲ୍ଲବ ପରି ଓଷ୍ଠାଧର, ମଲ୍ଲୀପରି ହାର ଶୋଭା ବର୍ଣ୍ଣିତ । କବି ବିଷ୍ଣୁଦାସଙ୍କ 'ପ୍ରେମଲୋଚନା' କାବ୍ୟରେ ଆନନ୍ଦିତ ଧରଣୀର ଅନୁରାଗବତୀ ପ୍ରକୃତିର ସୁଷମା ସହିତ ବସନ୍ତର ସଖା କନ୍ଦର୍ପ ନାଗେଶ୍ୱର ପୁଷ୍ପକୋଦଣ୍ଡ ଧାରଣ କରି ବିରହୀଜନଙ୍କୁ ଦଗ୍ଧୀଭୂତ କରିବା ଏବଂ ଭ୍ରମଣ-ଭାଟର ଯଶଗାନ ବର୍ଣ୍ଣନା ଦେଇଛନ୍ତି : "ଯେମନ୍ତେ ବସନ୍ତ ପ୍ରବେଶ ରାଜନ ଜଗତୀରେ କରି ବିଜୟ" ।ନରିସିଂହ ସେଣ ତାଙ୍କ 'ପରିମଳା' କାବ୍ୟରେ ବସନ୍ତର ଚମତ୍କାର ଚିତ୍ର ଦେଇଛନ୍ତି: "ନାନା ବିଧିମତେ ତହିଁ ତରୁଲତାଗଣେ/ କାହିଁ ନବପଲ୍ଲବ କାହିଁ କୁସୁମ ଜନ୍ମେ ।/ମୁକୁଳି ଅଚନ୍ତି କାହିଁ ପଲ୍ଲବିତ କାହିଁ/ ସୁରଙ୍ଗ ବର୍ଣ୍ଣଦିଶେ ନବପଲ୍ଲବ ତହିଁ ।"ବୀରମିତ୍ରୋଦୟ ସିଂହଦେବଙ୍କ 'ଅନଙ୍ଗରଙ୍ଗିଣୀ'କାବରେ ବସନ୍ତ ଐନ୍ଦ୍ରଜାଲିକ ରୂପେ ଚିତ୍ରିତ । ସେହିପରି ଦେବଦୁର୍ଲ୍ଲଭ ଦାସଙ୍କ 'ରହସ୍ୟମଞ୍ଜରୀ'ର ୧୯ଛାନ୍ଦ, ବିଷ୍ଣୁଦାସଙ୍କ 'ପ୍ରେମଲୋଚନା'ର ଦ୍ୱାଦଶ ଛାନ୍ଦ, ଅର୍ଜୁନ ଦାସଙ୍କ 'ରାମବିଭା'ର ଦଶମ ଛାନ୍ଦ, ପ୍ରତାପ ରାୟଙ୍କ 'ଶଶୀସେଣା', ଷଷ୍ଠଛାନ୍ଦରେ ବସନ୍ତର ମଧୁରରୂପ ଚିତ୍ରିତ ହୋଇଛି । ସେହିପରି ଜଗନ୍ନାଥ ନାରାୟଣ ଦେବଙ୍କ 'ବୃନ୍ଦାବନବିହାର', କେଶବ ଦାସଙ୍କ 'ଗୋପବିନୋଦ', ଦାଶରଥି ଦାସଙ୍କ 'ବ୍ରଜବିହାର', କୃଷ୍ଣ କରଙ୍କ 'କୁଞ୍ଜବିହାର', ଉପେନ୍ଦ୍ରଭଞ୍ଜଙ୍କ 'ଅନଙ୍ଗରେଖା' ପ୍ରଭୃତି କାବ୍ୟମାନଙ୍କରେ ବସନ୍ତର ମନମୁଗ୍ଧକର ବର୍ଣ୍ଣନା ଦେଖିବାକୁ ମିଳେ । ସେହିପରି ଦୀନକୃଷ୍ଣଙ୍କ 'ଜଗମୋହନ ଛାନ୍ଦ'ରେ ବସନ୍ତବର୍ଣ୍ଣନା କାଳରେ ଚାଚେରୀଉତ୍ସବ କଥା କହିଛନ୍ତି । ବଳରାମ ଦାସଙ୍କ 'ବାରମାସ କୋଇଲି'ରେ ବସନ୍ତର ଫଗୁଖେଳର ଚିତ୍ର ବେଶ୍ ମନୋରମ ।

ଓଡ଼ିଶାରେ ଦୋଳପୂର୍ଣ୍ଣିମା ଅନ୍ୟତମ ଶ୍ରେଷ୍ଠପର୍ବ । ବେତନଭୋଗୀ କୃଷିକାରୀ, ବାର୍ଷିକ କୋଠିଆ ଶ୍ରମିକମାନେ ଏହିଦିନରୁ ହିଁ ନିଯୁକ୍ତ ହୋଇଥାନ୍ତି କୃଷିକର୍ମରେ । ଦୋଳବିମାନରେ ରାଧାକୃଷ୍ଣଙ୍କ ଉତ୍ସବ, ଲଉଡ଼ିଖେଳ, ରଙ୍ଗପିଚକାରୀ, ନାମ ସଂକୀର୍ତ୍ତନ, ଫଗୁଖେଳ ସହିତ ଚୈତ୍ରରେ ଚଇତିଘୋଡ଼ା ନାଚର ମାଦକତା ବସନ୍ତଋତୁର ଉତ୍ସବକୁ ବହୁଗୁଣିତ କରିଦିଏ । ଆଧୁନିକ ଯୁଗରେ ରାଧାନାଥ, ଗଙ୍ଗାଧର, ନନ୍ଦକିଶୋର, ମଧୁସୂଦନ ଆଦି ବହୁ କବିମାନଙ୍କ କବିତାରେ ବସନ୍ତର ବର୍ଣ୍ଣବିଭା ପ୍ରକାଶିତ । ରାଧାନାଥଙ୍କ 'ପାର୍ବତୀ' ଏବଂ ନନ୍ଦକିଶୋରଙ୍କ 'ଶର୍ମିଷ୍ଠା' କାବ୍ୟର ଆରମ୍ଭ ଘଟିଛି ବସନ୍ତବର୍ଣ୍ଣନାରୁ । ବ୍ୟାସକବି ଫକୀରମୋହନଙ୍କ 'ବୌଦ୍ଧାବତାର କାବ୍ୟ'ରେ ଜୀବନାନୁଷଙ୍ଗ ବସନ୍ତର ଆଭା ପ୍ରକଟିତ:

"ପ୍ରକୃତି ଶିଶିର ଭୟରେ, ଗୁପତ ଜଳ ଅଭ୍ୟନ୍ତରେ<br>
କମଳ କୁମୁଦ କହ୍ଲାରେ, ଲୁଚାଇଲେ ପେଟିକାରେ<br>
ଉତ୍ତମ ଦ୍ରବ୍ୟ ଲୋକମାନେ, ଯତ୍ନେ ରଖନ୍ତି ସାବଧାନେ<br>
ଇସନ୍ତ ଆଗମନ ଶୁଣି, ଜଳ ଉପରେ ଦେଲେ ବୁଣି ।"

ଗଙ୍ଗାଧରଙ୍କ 'ତପସ୍ୱିନୀ', 'ପ୍ରଣୟବଲ୍ଲରୀ', 'ଇନ୍ଦୁମତୀ' ଆଦି କାବ୍ୟ, 'ଅଯୋଧ୍ୟା ଦୃଶ୍ୟ', 'ମଳୟ ଆବାହନ', 'କବିତାକଲ୍ଲୋଳ' ପ୍ରଭୃତିରେ ବସନ୍ତର ବୈଭବ ରୂପାୟିତ । ସେହିପରି 'କୀଚକବଧ' କାବ୍ୟର ଚତୁର୍ଥସର୍ଗର ପ୍ରାରମ୍ଭରେ ଚମତ୍କାର ଶୈଳୀରେ କବି ବସନ୍ତର ସୂଚନା ଦେଇଛନ୍ତି : "ବସନ୍ତ ବିଜୟ ବାରତା ପ୍ରଚରିଲା ଭୁବନେ/ପାଦପ ଆନୀତ ପତର ପରଭୃତ ପଠନେ ।/ ଗ୍ରହରାଜ କର୍ଣ୍ଣେ ପଡ଼ିଲା ଋତୁ ସମ୍ରାଟ ଭାଷା/ ଗମିଲେ ସରଳ ପଥରେ ତେଜି ଦକ୍ଷିଣ ଆଶା ।"ଭକ୍ତକବି ମଧୁସୂଦନଙ୍କ ବର୍ଣ୍ଣନାଧର୍ମୀ କବିତାରେ ବସନ୍ତର ରୂପ ଉଦ୍‌ଭାସିତ । ତାଙ୍କ କବିତାରେ ଋତୁ ସ୍ୱୟଂ ନାୟକଭାବରେ ଉପସ୍ଥିତ । ଏହି ଋତୁ ଉଦ୍ଦୀପନବିଭାବ ନହୋଇ ହୋଇଛି ଆଲମ୍ବନବିଭାବ । 'ବସନ୍ତ', 'ବସନ୍ତପୂର୍ଣ୍ଣିମା ଅର୍ଦ୍ଧରାତ୍ର' କବିତାରେ କବିଙ୍କ ସାବଲୀଳ ଭାଷା ଏହାକୁ ଅଧିକ ସ୍ୱାଦଦାୟୀ କରିପାରିଛି । ଯେପରି:

"ଆସଇ ବସନ୍ତ ଶିଶିର ଅନ୍ତେ/ ଦିଶଇ ଧରଣୀ ଚାରୁ କେମନ୍ତେ ।/ ଜଳସ୍ଥଳ ବନଗିରି ଆକାଶ / ଚଉଦିଗ କରେ ଶୋଭା ପ୍ରକାଶ ।"

ସେହିପରି କବି ଚିନ୍ତାମଣି ମହାନ୍ତିଙ୍କ 'ବସନ୍ତ', 'ଦୋଳ', 'ଚୋରାବସନ୍ତ' କବିତା ସ୍ମରଣୀୟ । ଗୋପବନ୍ଧୁ, ଗୋଦାବରୀଶ, ନୀଳକଣ୍ଠଙ୍କ ପରି ସତ୍ୟବାଦୀ କବିମାନଙ୍କ କବିତାରେ ଦେଶାତ୍ମବୋଧ ଓ ଜାତୀୟଭାବନାର ସ୍ୱର ଅଧିକ

ହୋଇଥିଲେ ହେଁ ପ୍ରସଙ୍ଗ ବର୍ଣ୍ଣନାକାଳରେ ବସନ୍ତର ଅଭାସ ଦେଖିବାକୁ ମିଳେ । ତଦ୍ଦୁପରି ସବୁଜପନ୍ଥୀ କବିଙ୍କ ରଚନାରେ ମଧ୍ୟ ବସନ୍ତକୁ ଅନୁଭବ କରିହୁଏ । ଏଠି କଳ୍ପନା ଅପେକ୍ଷା ଆତ୍ମାନୁନୁଭୂତିର ଆବେଦନ ସ୍ପଷ୍ଟ । କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ବସନ୍ତ ସନ୍ଧ୍ୟା', ବୈକୁଣ୍ଠନାଥ ପଟ୍ଟନାୟକଙ୍କ 'ଏଯେ ବସନ୍ତ' କବିତାରେ ଏହା ବେଶ୍ ସୁମଧୁର । ଯେପରି : ବୈକୁଣ୍ଠନାଥଙ୍କ 'ଦୋଳପୂର୍ଣ୍ଣିମା' କବିତାରେ କହିଛନ୍ତି– "ଜୋଛନା ପ୍ଲାବନେ ସରଗ ମର୍ତ୍ତ୍ୟ, ପଡୁନାହିଁ କିଛି ବୁଝା/ ମୁକ୍ତ ପବନେ ଗଗନେ ଭୁବନେ ନବ ବସନ୍ତର ପୂଜା ।" ମାୟାଧର ମାନସିଂହଙ୍କ 'ବସନ୍ତୋତ୍ସବ', 'ବସନ୍ତଭିକ୍ଷା', 'ଦକ୍ଷିଣାପ୍ରତି', 'ବସନ୍ତବିରହୀ', ପଦ୍ମଚରଣଙ୍କ 'ବସନ୍ତ ଉତ୍ସବେ', ରାଧାମୋହନ ଗଡ଼ନାୟକଙ୍କ 'ବସନ୍ତସଖୀ', କୁନ୍ତଳାକୁମାରୀଙ୍କ 'ବସନ୍ତେ' କବିତାର ରସପୂର୍ଣ୍ଣ ଆବେଦନ ଅତ୍ୟନ୍ତ ଭୋଗ୍ୟ । କ୍ରମେ ଆଧୁନିକ କବିତାରେ ବସନ୍ତ ଏକ ପ୍ରକାର ଉପେକ୍ଷିତ ହେବାର ଲକ୍ଷ୍ୟ ହୁଏ । ଜୀବନର ନାନାବିଧ ସମସ୍ୟାକୁ ବଖାଣିବାରେ କବି ହୋଇଛନ୍ତି ଅଧିକ ମନଯୋଗୀ । ଏକ ପକ୍ଷରେ ପରାଧୀନ ଭାରତର ଦୁର୍ଦ୍ଦଶା ଏବଂ ସ୍ୱାଧୀନତାପର ସ୍ୱପ୍ନଭଙ୍ଗ, ବିଶ୍ୱଯୁଦ୍ଧୋତ୍ତର ପୃଥିବୀର ଘନଘଟାରେ ବିଚଳିତ ହୋଇଛି ଜୀବନ । କଳ୍ପନାର ଉଡ଼ାଣ ଅପେକ୍ଷା ବାସ୍ତବତାର ରଙ୍ଗ ଅଧିକ ଘନ ହୋଇଛି । କବିମାନସରୁ ଏକପ୍ରକାର ବିଦାୟ ନେଇଛନ୍ତି ଋତୁମାନେ । କବି ପଦ୍ମଚରଣ 'ଚିତାବହ୍ନି' କବିତାରେ କହିଛନ୍ତି :

"ମଳୟ ବହଇ ଯଦି ଏ ଭାରତ ବକ୍ଷେ / ଜାଳିବାକୁ ଚିତା ଖରତର / କୋକିଳ ରାବଇ ଯଦି ଏ ଶ୍ମଶାନ ମନ୍ତ୍ର / ଦୁଃଖୀ ଦୁଃଖ କରଇ ପ୍ରବଳ ।"ପ୍ରକୃତିର ଚାରୁଚିତ୍ର ଆଙ୍କିବା ବଦଳରେ ମଣିଷର ବୈକଲ୍ୟ, ହାହୁତାଶ, ଅଭାବୀ–ମେହନତୀ ମଣିଷର ଆକୁଳତାକୁ ଭେଟିଛି କବି । ବସନ୍ତର ପ୍ରେମ–ସମ୍ଭାଷଣ, ମଳୟ–ଶିହରଣ ଆଉ ତନୁମନକୁ ପୁଲକିତ କରିପାରି ନାହିଁ । ତେଣୁ କବିମାନେ ପ୍ରତିକ୍ଷୀତ ବସନ୍ତକୁ ଆଉ ପ୍ରୀତି ସମ୍ଭାଷଣ ଜଣାଇ ପାରି ନାହାନ୍ତି । ସେହି ବସନ୍ତକୁ ଭେଟିଛନ୍ତି ସଭ୍ୟତା ଓ ଜୀବନର ଅବକ୍ଷୟ ଭିତରେ । ରୋମାଣ୍ଟିକ୍ ଆମୁଖତା ମଧ୍ୟରେ ଜୀବନର କ୍ଷତଚିହ୍ନସବୁ ଅଧିକ ଉଜ୍ଜ୍ୱଳି ଉଠିଛି କବି ଲେଖନୀରେ । କବି ସଚ୍ଚି ରାଉତରାୟଙ୍କ ଭାଷାରେ "ଫଗୁ ସଂଗୀତ ଗାଇବାକୁ ଏବେ ଲାଗଇ ପିତା / ମଳୟ ମୋ ପାଇଁ ଜଳାଇ ଦେଇଛି ପ୍ରଳୟ ଚିତା ।"(ବସନ୍ତେ ବିଳାପ) ସେହିପରି 'କବିତା–୧୯୬୨' ରେ "ଏଇ ହେଉ ମଧୁମାସ ଶେଷଋତୁ ହେଉ / ହେଉ ତାହା ଶେଷ ଜିଲା ସବୁ ସୌନ୍ଦର୍ଯ୍ୟର"– ପଙ୍‌କ୍ତିରେ ଏହି ଅବବୋଧ ସ୍ପଷ୍ଟ । ପୁନଶ୍ଚ 'ବସନ୍ତର ନିଛକ ଜିଲାରେ' କବିତାକୁ ଲକ୍ଷ୍ୟ କରାଯାଉ : "ବସନ୍ତ ଆସେ ଯେ ଠେଲି ଧକ୍କାଖାଇ କୁକୁଡ଼ାର ଦେହେ/ ଭାଙ୍ଗିବହୁ ମହୁର ସୋରେଇ / ମାଟିରେ ଗଡ଼ାଇ ଅବା ଫୁଲବଣ ସଞ୍ଜେ ।"କବିଙ୍କର 'ଚିଠି', 'ପଶୁ', 'ଏକ ଫାଲ୍‌ଗୁନ', ଅନନ୍ତ ପଟ୍ଟନାୟକଙ୍କ 'କିଞ୍ଚିତ୍', ବେଣୁଧର ରାଉତଙ୍କ 'ମଳୟର ଆତ୍ମହତ୍ୟା', ଚିନ୍ତାମଣି ବେହେରା 'ବସନ୍ତର ସ୍କେଚ୍' ମଧ୍ୟ ଏହି ଅବବୋଧର ମାର୍ମିକ ପ୍ରତିଫଳନ ।

କ୍ରମେ ବସନ୍ତର ଚିତ୍ର ମଧୁମୟ ହେବା ପରିବର୍ତ୍ତେ କବିଙ୍କ ଲେଖନୀରେ ପ୍ରକାଶ ପାଇଛି ପ୍ରତିକ୍ରିୟା ଓ ଅବସୋସର ଚିହ୍ନ । ଚୀନ୍ ଓ ପାକିସ୍ଥାନ ସହ ଯୁଦ୍ଧ ସହିତ ରାଜନୀତିକ ଅସ୍ଥିରତା ଓ ଆର୍ଥିକ ବ୍ୟବସ୍ଥା ଜାତୀୟମାନସକୁ ବିକ୍ଷୁବ୍ଧ କରିଥିଲା । ତେଣୁ ଏଭଳି ପରିସ୍ଥିତି ଭିତରେ ଜୀବନରେ ବସନ୍ତର ମଳୟ ଉନ୍ମାଦନା ସୃଷ୍ଟି କରିପାରି ନାହିଁ; କେବଳ ତାହା ମିଛ ପ୍ରତିଶ୍ରୁତି ପାଲଟିଛି । ବିନୋଦ ନାୟକ 'ଫାଲ୍‌ଗୁନ ପରେ' କବିତାରେ କହିଛନ୍ତି :


"ଶେଷ ଫାଲ୍‌ଗୁନର ହାୱାରେ ଛିନ୍ନନୀଡ଼ ଆଜି ସେଇ ପକ୍ଷୀ
ଚୈତାଳୀର ହା'ହାକାରେ ବନଭୂମି ଜଡ଼
ଡେଣାରେ ଡେଣାରେ ଭାଙ୍ଗି ଦିକ୍‌ଚକ୍ର ମାଡ଼ିଆସେ ଝଡ଼
ତାହାରେ ତ ଚିହ୍ନୁନାହିଁ କେବେ ତା'ରେ ଚିହ୍ନି ପାରିବନି ।"

ଚିନ୍ତାମଣି ବେହେରାଙ୍କ 'ବସନ୍ତ' କବିତାରେ ବିଡ଼ମ୍ବିତ ସ୍ୱପ୍ନ ଓ ସ୍ମୃତିଚିହ୍ନକୁ ଲକ୍ଷ୍ୟକରିହୁଏ: "ସେଦିନ ବସନ୍ତ ଆଉଥରେ କେବେ ଫେରିନି / ତେଣୁ ମୋ ପ୍ରାଣରେ / ଆଜି ରକ୍ଷ ବୈଶାଖର ଅଗ୍ନିଜ୍ୱାଳା ।" କବି କମଳାକାନ୍ତ ଲେଙ୍କାଙ୍କ 'ବସନ୍ତ' କବିତାରେ ଈପ୍‌ସିତ କାମନା ଓ ସାଲିସ୍ ପ୍ରକାଶିତ: "ବସନ୍ତର ଚପଳା କିଶୋରୀ ନଇ ଚାହାଣୀର ବର୍ଚ୍ଛା / ବସନ୍ତର ରାସକ୍ରୀଡ଼ା ହୀରାନୀଳା ମାଣିକ୍ୟର ପୁଆଣି ପେଟରା / ବସନ୍ତଇ ବୀର୍ଯ୍ୟବାନ ପୁରୁଷ ଓ ଅମାନିଆ ଘୋଡ଼ା ।" କବି ବ୍ରଜନାଥ ରଥ ମଧ୍ୟ ତାଙ୍କର 'ଶିମୁଳୀ'କବିତାରେ ଉଭୟ ପ୍ରେମର କାରୁଣ୍ୟ ସହିତ ଜର୍ଜରିତ କ୍ଷତାକ୍ତ ମନକୁ ପ୍ରତୀକ ମାଧ୍ୟମରେ ରୂପ ଦେଇଛନ୍ତି : "ବସନ୍ତର ସାମ୍ରାଜ୍ୟରେ ଏତେ ଦୁଃଖ ଆସିଲା କୋଉଠୁ ?/ ଯେଉଁ ଦୁଃଖ କ୍ରୁଶବିଦ୍ଧ ଯୀଶୁସମ ଶିମୁଳୀର ଫୁଲହୋଇ ଫୁଟେ/ ଯେଉଁଫୁଲ ରକ୍ତସ୍ରାବୀ ଯନ୍ତ୍ରଣାର ନିର୍ମମ ଦହନେ / ଲୋହିତ ସ୍ୱାକ୍ଷର ରଖେ / ଆକାଶର ନୀଳନୀଳ ଚାରୁ ଚିତ୍ରପଟେ ।"ସେହିପରି କବି ଦୀପକ ମିଶ୍ରଙ୍କ ଦୃଷ୍ଟିରେ ବସନ୍ତ ହେଉଛି–"ମୋ ପାଇଁ ବସନ୍ତ ଏକ ଦୀର୍ଘ କୁହୁଡ଼ିର ନଈ / ଅଧାପୋଡ଼ା ବଉଳର ଅଧାଅଧା ଛାଇ ।" ସୌଭାଗ୍ୟ କୁମାର ମିଶ୍ରଙ୍କ ସନେଟ୍‌ଧର୍ମୀ 'ବସନ୍ତ' କବିତାରେ ଜରା–ମୃତ୍ୟୁ–ଭୟର ଆଭାସ : "ବସନ୍ତ ଭୟର ଋତୁ ପବନରେ ଗୋପନମନ୍ତ୍ରଣା / ମୋ ଦେହରେ ଗାଁ ମୁଣ୍ଡ ନିଛାଟିଆ ମଶାଣି ପଦାର/ ଛିଣ୍ଡା ସଉପ ଓ କୁଲା, ଭଙ୍ଗାହାଣ୍ଡି, ହାଡ଼ ଓ ଖପରା/ ମୋ ଆଙ୍ଗୁଠି ସବୁ ଯେହ୍ନେ ସମୟର ତୀକ୍ଷ୍ଣ କ୍ଷୁରଧାର ।"– ଦେଖା ଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ତାହା ବାସ୍ତବବାଦୀ ହୋଇଛି – "ବସନ୍ତ ରକ୍ତର ଋତୁ, ତୁମେ ରକ୍ତ–ପଳାସର ନିଶା/ ଶବ୍ଦର ସଂଯମ ତୁମେ ମୁଁ ଅନନ୍ତ ସମୟର ଭାଷା ।" କବି ନିତ୍ୟାନନ୍ଦ ପତିଙ୍କ 'ବସନ୍ତ' କବିତାରେ ନିଃସ୍ୱଜୀବନର ଅସହାୟତା ପ୍ରକାଶ ପାଇଛି: "ଶୂନ୍ୟ କଳସୀ ଭିତରେ ବସନ୍ତ ବିକଳ ହୁଏ / ମିଶାଣ ଗୁଣନ ସବୁ ମମତାର ମହୁଫେଣ ରସ / ତୋ ଫୁଲ ଶୁଙ୍ଘାଇ ଦେଲୁ / ହାତରେ ଧରିବା ଆଗୁ ଝାଉଁଳି ପଡ଼ିଲୁ ।" କବି ସରୋଜ ରଞ୍ଜନ ମହାନ୍ତି 'ଫଗୁଣ'କବିତାରେ ବସନ୍ତର ଆଗମନୀ ଭିତରେ ମୃତ୍ୟୁର ଶୀତଳ ସ୍ପର୍ଶ ଓ ଭୟକୁ ଇଙ୍ଗିତ କରିଛନ୍ତି : "ମୁଁ ବୁଝିଲି ମୋର ସୀମା ଏବଂ ବସନ୍ତର ଅସୀମ ଉଚ୍ଛ୍ୱାସ/ ତା'ର ଉଚ୍ଛ୍ୱାସର ମୁଠାଏ ଫୁଲକୁ / ସାଇତି ରଖିବାଲାଗି ମୋର ଆବେଗର ପାତ୍ର ଅସମର୍ଥ ।"କବି ପ୍ରମୋଦ ମହାନ୍ତିଙ୍କ ବହୁ କବିତାରେ ବସନ୍ତର ଛବି ଅଙ୍କିତ ହୋଇଛି । 'ଗୋଟିଏ ରଙ୍ଗ', 'ବସନ୍ତ ବୃତ୍ତାନ୍ତ', 'ବସନ୍ତ' ପ୍ରଭୃତି କବିତାରେ ଯେ ଯବନର ଉନ୍ମାଦନା ସହ ସାଂପ୍ରତିକ ଜୀବନ–ଯନ୍ତ୍ରଣାର ସ୍ୱର ଉଚ୍ଚାରିତ ହୋଇଛି: "ମିଠାମିଠା ପିଲାମାନେ ଚକ୍‌ର ପୋଷାକ ପିନ୍ଧି / ବର୍ଣ୍ଣବୋଧ ସଙ୍ଗୀତରେ ବସନ୍ତକୁ ଆକାଶୁ ଓଟାରି / ବେଦନାର ବାଟୁଳି ଛାଡ଼ନ୍ତି ମୋ ଛାତି ପର୍ଯ୍ୟନ୍ତ ।" ତଦ୍ଦୁପରି ପ୍ରସନ୍ନ ମିଶ୍ରଙ୍କ ଦୀର୍ଘକବିତା 'ବସନ୍ତର ସ୍କେଚ୍'ରେ ଜୀବନର ବିକଳ–ବିଧୃତ ଛବି ଉଦ୍‌ଭାସିତ ହୋଇଛି : "ମୋ ମନର ସହରରେ ଏ ବସନ୍ତ ଅବତରି ନାହିଁ/ ମୋ ଗଳିର କୌଣସି ବିଧବା ନିମିଷେ ବି ବସନ୍ତକୁ / ଦେହେ ଜାକି ନାହିଁ; ଫୁଲହୀନ ମୋର ଫୁଲଦାନି / ଜ୍ୟୋତ୍ସ୍ନାହୀନ ଏ ଜ୍ୟୋତ୍ସ୍ନା ଯାମିନୀ ।"

ଆଧୁନିକରୁ ସାଂପ୍ରତିକ କାଳ ଯାଏଁ ପ୍ରଲମ୍ବିତ ଅସଂଖ୍ୟ କବିତାରେ ବସନ୍ତର ନାନାରୂପ ପ୍ରକାଶ ପାଇଛି ବିବିଧ ଚିତ୍ରକଳ୍ପ, ପ୍ରତୀକ ମଧ୍ୟ ଦେଇ । ଏହି ଋତୁ କାହାପାଇଁ ସମ୍ଭାବନା ତ, କାହାଲାଗି ଏକ ମଉଳା–ଅତୀତ ହୋଇ ଉଭା ହୋଇଛି । ବିଶେଷକରି ଜୀବନଯନ୍ତ୍ରଣା ଓ ଅସହାୟତା ଭିତରେ ବିସର୍ଜିତ ହୋଇଥିବା ସମସ୍ତ ସରାଗ,ଆବେଗ,ସମ୍ଭାବନାକୁ କବି ପ୍ରକାରାନ୍ତରେ ଝୁରିଛନ୍ତି । ବସନ୍ତ ହୋଇଛି ସେହି ଝୁରିବା ପଣର ପ୍ରତୀକିତ ଉପାଦାନ । ରବି ସିଂ, ରମାକାନ୍ତ ରଥ,ସୀତାକାନ୍ତ ମହାପାତ୍ର, ପ୍ରତିଭା ଶତପଥୀ, ସୌରୀନ୍ଦ୍ର ବାରିକ, ରବୀନ୍ଦ୍ର ପ୍ରସାଦ ପଣ୍ଡା, 'ନୀ ମହାନ୍ତି, ଚନ୍ଦ୍ରକୁମାର ମହାନ୍ତି, ପ୍ରହରାଜ ସତ୍ୟନାରାୟଣ ନନ୍ଦ, ସେନାପତି ପ୍ରଦ୍ୟୁମ୍ନକେଶରୀ, ସୌଭାଗ୍ୟବନ୍ତ ମହାରଣା, ସୁବ୍ରତ ଦାସ ପ୍ରଭୃତି କବିଙ୍କ ସହିତ ସାଂପ୍ରତକି ବହୁ ପରିଚିତ କବି ଏବଂ ଯୁବକବିଙ୍କ କବିତାରେ ବସନ୍ତର ଚିତ୍ର ଦେଖିବାକୁ ମିଳେ । ବସନ୍ତର ଏହି ଯାତ୍ରା ସମୟକ୍ରମେ ପାଠକଙ୍କ ହୃଦୟକୁ ଛୁଇଁଛି ଭିନ୍ନ ପର୍ଯ୍ୟାୟ ଦେଇ, ଯାହାର ଦିଗ୍‌ବଳୟ ବିସ୍ତାରିତ ଏବଂ ବିବିଧବର୍ଣ୍ଣା ।

ପ୍ରସଙ୍ଗ-୩

# ଓଡ଼ିଆ କବିତାର ନୂଆ ଅନ୍ୱେଷଣ



# ମାଟି, ମଣିଷ ବନାମ ମାଟି ମନସ୍କବାଦ: ଉତ୍ତର ସହସ୍ରାବ୍ଦୀ ଓଡ଼ିଆ କବିତା


**ଡକ୍ଟର ଗୌତମ ଜେନା**

ଆସୋସିଏଟ୍ ପ୍ରଫେସର (ସେବାନିବୃତ୍ତ)

ଚହଟା, ଧର୍ମଶାଳା, ଯାଜପୁର

ଫୋନ: ୯୨୩୭୪୮୧୪୦୫


ଫଟୋ ସୌଜନ୍ୟ : ଗୁଗୁଲ୍ ଓ ଲେଖକ



▲ଲେଖକ ଡକ୍ଟର ଗୌତମ ଜେନା

ଆଜିର ସମୟ ଦିଶେ ଉଜୁଡ଼ା ବିଲ ପରି ଅରମାମୟ । ତା' ଭିତରେ ରହିଛି ବ୍ୟର୍ଥ ଜୀବନର କଥା, ଜୀବନ-ମୁକ୍ତିର ଅନ୍ୱେଷଣ, ମୁଁ, ତମେ ଓ ସମସ୍ତଙ୍କ ପାଇଁ ପରିଚୟ ଖୋଜା, କେତେ ଭୌତିକ ଓ ଆଧିଭୌତିକ ଉପଲବ୍ଧି । କାହାର କେମିତି ଉପଲବ୍ଧି, କିଏ କେମିତି ଖୋଜିବ୍, କାହାର କେମିତି ରୂପାୟନ, କିଏ ଏ ଗୂଢ଼ ରହସ୍ୟକୁ ପ୍ରକାଶ କରିବାରେ ସମର୍ଥ- ତାହା ହିଁ କାବ୍ୟିକ ସଫଳତା ।

କାଳକାଳକୁ କବି ଭିତରେ ହିଁ ଥାଏ ଅବସୋସ ଓ ଅବସୋସ । ସେ ପ୍ରତିନିୟତ ଖୋଜୁଥାଏ ହଜିଲା ସ୍ୱପ୍ନକୁ । ଆଜି ସହରର ଛାତି କଂକ୍ରିଟ୍ ହୋଇଛି, ମଣିଷର ଛାତି ବି କଂକ୍ରିଟ୍ ହୋଇଛି । କିନ୍ତୁ କବିଟିର କଅଁଳ ମନ ସେ କଂକ୍ରିଟ୍ ଛାତିରେ ଫୁଲ ଫୁଟେଇ ଦେବାରେ ବି ସମର୍ଥ ହୋଇଛି । ଏଇ ସମର୍ଥତାର ଆଦ୍ୟ ରୂପ ଉତ୍ତର ଅଶୀ ଓଡ଼ିଆ କବିତା ଠାରୁ ପ୍ରକାଶ ପାଇ ସହସ୍ରାବ୍ଦୀ ପରବର୍ତ୍ତୀ କବିତାରେ ବିକଶିତ ହୋଇଛି । ଏଇ ସ୍ୱପ୍ନ ଦେଖା ଭିତରେ ବଞ୍ଚିଥିବା କବି ଅକ୍ଷୟ ବେହେରା, ଗୋପବନ୍ଧୁ ଦାଶ, ଶ୍ରୀଦେବ, ସମରେନ୍ଦ୍ର ମହାପାତ୍ର ଓ ଚିତ୍ତରଂଜନ ନାୟକଙ୍କ କାବ୍ୟଦିଶାର ସୂକ୍ଷ୍ମ ଅନୁଭବକୁ ଏଠାରେ ପର୍ଯ୍ୟାଲୋଚନା କରିବାର ପ୍ରୟାସ କରାଯାଇଛି । ଏଇ ସରଳରେଖାରେ କଷ୍ଟ, ଜ୍ୱଳନ, ସ୍ୱପ୍ନ, କଳ୍ପନା ଓ ସ୍ମୃତି କେମିତି ଆଜିର ସମୟକୁ ଆକର୍ଷଣୀୟ ତଥା ଭାବପୂର୍ଣ୍ଣ ଭାବରେ ଗଢ଼ିତୋଳିଛି- ତା'ର ବିଚାର କରାଯାଇଛି ।

ସାଂପ୍ରତିକ ସମୟର ଜଣେ ଚର୍ଚ୍ଚିତ କାବ୍ୟସ୍ରଷ୍ଟା ଅକ୍ଷୟ ବେହେରା ତଥାକଥିତ ଖଣ୍ଡିତ ଜୀବନ ଓ ଅସହାୟତା ଠାରୁ ଦୂରରେ ରହି ଆଶା, ବିଶ୍ୱାସ ଓ ଆଶ୍ୱାସନାର ନହବତ ଶୁଣାଇଛନ୍ତି ତାଙ୍କ କାବ୍ୟଚେତନାରେ । ପ୍ରାରମ୍ଭରୁ ହିଁ ସେ ଜୀବନର ସ୍ନିଗ୍ଧତା, କମନୀୟତା, ଅନୁରାଗ ଓ ମାଟିର ଶ୍ରେଷ୍ଠତାକୁ ସ୍ୱୀକାର କରି 'ଯେତେସବୁ ଗୋପନୀୟ' (୧୯୯୪), 'ମାଟିମନ୍ତ୍ର'(୧୯୯୮), 'ପଥେ ପଥେ ପଥଚାରୀ' (୨୦୦୬)ର କବିତା ଶୁଣାଇଛନ୍ତି । ପରବର୍ତ୍ତୀ ସମୟରେ 'ବଡ଼ଭାଇ' (୨୦୧୨), 'ଦିନପରେ ଦିନ' (୨୦୧୮), 'ଏ କୂଳ ସେ କୂଳ'(୨୦୨୦), 'ସେଇସବୁ ଦିନ'(୨୦୨୪) ପ୍ରଭୃତି କବିତାମାନଙ୍କରେ ମାଟି ହୋଇଛି ବୈଚିତ୍ର୍ୟ ମଣ୍ଡିତ ଓ ଜୀବନର ଗୂଢ଼ ରହସ୍ୟ ହୋଇଛି ମାଟିମୁଖୀ । ତାଙ୍କ କାବ୍ୟପୁରୁଷର ଚିନ୍ତନ ଜୀବନକୁ ନୂଆ ଭାବରେ ଚିହ୍ନିବାର ଜିଜ୍ଞାସା ନେଇ ମୁକ୍ତ ବିହଙ୍ଗ ପରି ଉଡ଼ି ବୁଲିବାକୁ ଚାହିଁଛି । 'ଭୋଗ' ଓ 'ଭୁଲ୍‌ପଣ' ଭିତରେ ଯେଉଁ କବିମଣିଷଟି ସନ୍ତୁଳି ହେଇ ଚାଲିଥାଏ ତା'ରି ଲୁହରେ ଫୁଲ ଫୁଟେଇବାର ପ୍ରୟାସ କରିଛନ୍ତି କାବ୍ୟପୁରୁଷ । ନୁଖୁରା ଜୀବନ ଓ ଅଭାବବୋଧ ଭିତରେ ମନରୁ ସବୁ ଅଳନ୍ଧୁ ଝାଡ଼ି ପୁନଶ୍ଚ ମନପ୍ରାଣ ଦେଇ ଏ ସଂସାରକୁ ଭଲ ପାଇଥାଏ କାବ୍ୟପୁରୁଷ । ସେ କହେ: "ସାରା ଜୀବନ ଘାଣ୍ଟି ହୋଇଛି ଜଞ୍ଜାଳରେ / ବିଷ ବିଷ ପରି ଲାଗିଛି ଜୀବନ / ତଥାପି ଫେରିବା ବେଳକୁ / ନଜାଣିଲା ପରି ଲୋକଟି ଏଡୁଥାଏ / ବାରବାର ।" (ଲୋକଟିର ଅଜାଣତେ) । ବାସ୍ନାମୟ ଅତୀତ, ଧୂଳିଧୂସର ଅଳନ୍ଧୁ ପରିପୂର୍ଣ୍ଣ ବର୍ତ୍ତମାନ ଓ ଫୁଟିଲା ଫୁଲ ପରି ଆକର୍ଷଣୀୟ ଦିଶୁଥିବା ଭବିଷ୍ୟତ ଭିତରେ କାବ୍ୟପୁରୁଷ ଘୂରିବାରେ ଲାଗିଛି ।

କବି ସମୟର ଡାକରେ ଚାଲିଥାଏ । ବିଗତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଠିଆହୋଇ ସେ ପରଖୁଥାଏ ସମୟକୁ । ଏ ଚେତନାର ଅନ୍ୟତମ ଉତ୍ତରିତ ଭାବ 'ମାଟିମନ୍ତ୍ର' କବିତାଗୁଡ଼ିକର ପ୍ରକାଶ ଭଙ୍ଗୀରେ ରହିଛି କବିର ନିବିଡ଼ ଅବବୋଧ, ରହିଛି ଆତ୍ମିକ ଚେତନାର ହରରଙ୍ଗୀ ସମନ୍ୱୟ । ସେ ଦେଖେ 'ମଧ୍ୟବିତ୍ତ'କୁ ପୁଣି ଫେରିଚାହେଁ ଦିଗନ୍ତ ଆକାଶର ଶୂନ୍ୟତାକୁ । ସେ ଦେଖେ ମାଟିର ବିପୁଳତା ଭିତରେ ଅନନ୍ତ ଭୂମାକୁ, ପୁଣି ଫେରି ଆସୁଥାଏ ବିଡ଼ମ୍ବିତ ଭାଗ୍ୟକୁ । ସେ କହେ: "ଅଭାବର ଲଣ୍ଠନ/ ତୀବ୍ର ହୋଇ ଜଳୁଥାଏ ଘର ଠଣାରେ ।" ମାଟି ପ୍ରତି ଅନୁରକ୍ତ କବିଆତ୍ମା ଏ ସଂକଳନସ୍ଥ ପ୍ରତିଟି କବିତାରେ ମାଟିର ଜୟଗାନ ହିଁ କରିଛି । ମାଟିର ମହତ୍ତ୍ୱ ପ୍ରତିପାଦନ କରି ସେ କହେ: "ଭଙ୍ଗାକୁ ବି ଯୋଡ଼ିଦିଏ ମାଟି / ଚାହିଁଲେ ସଂପର୍କ/ ଗୋଟିଏ କ୍ଷମା ତ ଫେରେଇ ଦିଏ / ଉତ୍ତର ସବୁ ଭୁଲ୍‌ର / ବର୍ଲିନ୍‌ର ପାଚେରୀ ଭାଙ୍ଗିଗଲା ଯେ / ମଣିଷର ଅହଙ୍କାର / କେତେ ଛୋଟ ।"(ଆସ ସଜାଡ଼ିବା)

ଚଳିତ ଶତାବ୍ଦୀର ମଣିଷ ଆପଣାର ଚେର ଖୋଜି ଖୋଜି ଚାଲିଛି ଏ ମାଟିରେ । ସବୁ ପରେ ବି ସେ ଆଶାବାଦୀ ତା'ର ସ୍ୱପ୍ନକୁ ସାକାର କରିବା ପାଇଁ । ତେଣୁ 'କିଏ ଜଣେ'କୁ

ସଦାସର୍ବଦା ଖୋଜୁଥାଏ କବିସତ୍ତା ଏ ମାଟିରେ । ଅଦୃଷ୍ଟର ପୁନର୍କଥନ ଭିତରେ କାବ୍ୟପୁରୁଷ ବାରମ୍ବାର ନିଜକୁ ଆବିଷ୍କାର କରୁଥାଏ । ଏ ବିଶ୍ୱାସ ପ୍ରତି ମୁହୂର୍ତ୍ତରେ ରୂପାନ୍ତରିତ ହୋଇଯାଉଥାଏ ଜିଜ୍ଞାସାରେ । ସେ ଏ ମାଟିରେ ଅନୁଭବୁଥାଏ ସ୍ୱର୍ଗର ଆହ୍ଲାଦ । ସେ ପ୍ରକାଶ କରେ: "କିଏ ଅଛି ଜୀବନରେ / ଖାଲଢିପ ଅରମା ବାଟରେ / ଛାଇଟିଏ ପରି ଆଗେ ଆଗେ ଚାଲିଥିବ / ହାତ ଧରି ତମ ପରି ଅନ୍ଧାର ରାସ୍ତାରେ...କିଏ ଅଛି.../ ସିଞ୍ଚିଦେବ ଅନୁରାଗ ବାରି ଏ ଫଟା ଭୂଇଁରେ / କିଏ ପୁଣି ପଠାଇବ ଫଗୁଣର ଜହ୍ନ / ମୋ ନିର୍ଜଳା ବନସ୍ତକୁ / ଶୂନ୍ୟ କରି ନିଜର ଆକାଶ ।" (ଆଉ ପଚାରନି) ଜୀବନର ନଶ୍ୱରତାକୁ ପ୍ରତିଟି ମୁହୂର୍ତ୍ତରେ କବିସତ୍ତା ଉପଲବ୍ଧି କରୁଥିଲେ ମଧ୍ୟ ସେ ନିଜକୁ ଏ ମାଟି ଠାରୁ ଅନ୍ତର କରିବା ସମ୍ଭବପର ମନେହୋଇ ନାହିଁ ।

କବିତା ସବୁବେଳେ 'ଅନାବିଷ୍କୃତ' । ଏ ଆବିଷ୍କାରର ଉପଲବ୍ଧି ମଧ୍ୟ ଆପେକ୍ଷିକ । ବର୍ତ୍ତମାନ ଯାହା ସତ୍ୟ, ପର ମୁହୂର୍ତ୍ତରେ ସେ ଆଉ ଏକ ସତ୍ୟ ଭିତରେ ବିଲୀନ ହୋଇଯାଏ ଓ ଏ ମହାସତ୍ୟଟି ପୁନଶ୍ଚ ଅନନ୍ତ ସତ୍ୟ ଭିତରେ ନିଜକୁ ସମର୍ପି ଦିଏ । ଏହି ଭାବଟି ଅନୁଭୂତ ହୁଏ 'ଏକୂଳ ସେକୂଳ' କବିତାମାନଙ୍କରେ । ଏଥିରେ ରହଛି ଜୀବନ ପ୍ରତି ବ୍ୟାକୁଳତା ଯେମିତି, ସମସ୍ତ ବିଫଳତାରୁ ମୁକ୍ତ ହୋଇ ଆକାଶମୁଖୀ ହେବାର ପରିବ୍ୟାପ୍ତି ସେମିତି । ଜୀବନବୋଧକୁ ଆବିଷ୍କାର କରିବା ପାଇଁ ଏ ପ୍ରୟାସ ହିଁ ମାନବାତ୍ମାର ପ୍ରେରଣା, ଯେଉଁଠି ମୃତ୍ୟୁ ପରିଦୃଷ୍ଟ ହୁଏ ପ୍ରେମିକା ଭାବରେ, ବିମୁଗ୍ଧା ନାୟିକା ଭାବରେ, ଯିଏ ପ୍ରତିନିୟତ ମନମୋହି ନେଉଥାଏ, ଯିଏ ଜୀବନକୁ ବଞ୍ଚିବା ପାଇଁ ଅନ୍ତରଙ୍ଗତାରେ ଆପଣାର କରୁଥାଏ । ସେହିପରି ଜୀବନ ରାସ୍ତାରେ କେଉଁଠି ବି ଦିଶୁଥାଏ ବହଳ ଅନ୍ଧାର, କେତେବେଳେ ଅବୋଧତା ଭିତରେ ଘାରି ହେଉଥାଏ ମନ, କେତେବେଳେ ସମ୍ଭାବନା ଭିତରେ ଦିଶୁଥାଏ ଜିଜ୍ଞାସାର ମୁହଁ । ଭୌତିକ ଚେତନା ଭିତରେ ବି କାବ୍ୟପୁରୁଷ ଚିରନ୍ତନ ସତ୍ୟକୁ ଆବିଷ୍କାର କରିବାର ପ୍ରୟାସ କରୁଥାଏ ।

ମାଟିର ଏ ରହସ୍ୟକୁ ଜଣେ ସ୍ରଷ୍ଟା ହିଁ ଅନୁଭବ କରିଥାଏ । ଭ୍ରମର ମହାସମୁଦ୍ର ଭିତରେ କୂଳକିନାରା ନ ପାଇ ସେ ଉବୁଟୁବୁ ହେଉଥାଏ । ସେ ଜାଣେ ଯେ ମରୀଚିକା ପରି ଏ ଭ୍ରମ । ପାଖରେ ପହଂଚିଲେ ଦୂରେଇ ଯାଏ ଏ ଭ୍ରମ ଓ ସମସ୍ତ ଆଶା ଓ ସ୍ୱପ୍ନ ଦିଶନ୍ତି ପୂର୍ବ ପରି । ଏଣୁ ଜୀବନ ଓ ମୃତ୍ୟୁ ହାତ ଧରାଧରି ହୋଇ ଏ ମାଟିରେ ହିଁ ଚାଲିଥାନ୍ତି । ଏଇ ମାଟିରେ ହିଁ ଅଛି ସ୍ୱପ୍ନ, ସ୍ୱର୍ଗ, ସଂସାର ଓ ମହାଭାବର ସମୁଦ୍ର । ସେ ଜାଣେ: "ଆଜି ଯାହା ସୁଖ କାଲି ତାହା ଦୁଃଖ / ଚିରନ୍ତନ କାଳର ଘୂର୍ଣ୍ଣିରେ / ସୁଖ ଯାଇଛି ତ ଯାଉ / ଦୁଃଖକୁ ଗ୍ରହଣ କରି ନେବାରେ / ଦୁଃଖ ନରହୁ ।" (ଏ କୂଳ ସେ କୂଳ) ଏଇ ମାଟି ହିଁ କବିର ମୂଳଭିତ୍ତି । ଜୀବନର ନଈକୂଳରେ ସେ ଛିଡ଼ା ହୋଇ ଦେଖୁଛି ତା'ର ଅତୀତ, ପଛରେ ଛାଡ଼ି ଆସିଥିବା ଦିନ ସବୁ, ଶୁଣୁଛି ହଳଦୀ ବସନ୍ତର ଗୀତ, ଦେଖୁଛି ହୁଲିଡଙ୍ଗା ପରି ଏ ଅସହାୟ ଜୀବନ, ଏହି ଅଳୀକତାକୁ ଦେଖି ଅନୁଭବୁଛି ଆତ୍ମଜ୍ଞାନ ।

ଅକ୍ଷୟଙ୍କ କାବ୍ୟଜୀବନ ବିଶ୍ୱଜୀବନ ସହିତ ଯୋଡ଼ି ହୋଇ ହୋଇଯାଇଛି ଏକାକାର । ଜୀବନର ଅନିଶ୍ଚିତତା, ମୂଲ୍ୟବୋଧର ଅବକ୍ଷୟ, ନିଃସଙ୍ଗତା, ନିରାଶା, ଯନ୍ତ୍ରଣା, ସ୍ୱପ୍ନ ଓ ସ୍ମୃତି ଭିତରୁ ମୁକ୍ତ ହୋଇ କାବ୍ୟପୁରୁଷ ମାଟିରେ ମହାକାଳ, ଆତ୍ମାପୁରୁଷ ଓ ଅନ୍ତହୀନ ଅନ୍ୱେଷାକୁ ବୁଝି ପାରୁଛି । ପରିଶେଷରେ ସେ ଯୋଡ଼ ହସ୍ତରେ ପ୍ରାର୍ଥନା କରୁଛି: "ଆସୁଛ ତ ଆସ / ମୟୂରକଣ୍ଠୀ ମେଘ ନେଇ / ମୋର ଶୁଷ୍କ ଆକାଶକୁ / ଭିଜା ଭିଜା ତନୁମନ ନେଇ / ଚୁମ୍ବନର ପାଖୁଡ଼ା ବର୍ଷିଯାଅ / ଚିବୁକରେ ନିଃସର୍ତ୍ତରେ / ମୋତେ ଶୋଷ ।" ଏ ମାଟି ହିଁ ଦେଇପାରେ ମୁକ୍ତିର ସନ୍ଧାନ, ଦେଇପାରେ ବଞ୍ଚିବାର ଉଚ୍ଛ୍ୱାସ– ଯାହା ଅକ୍ଷୟଙ୍କ କାବ୍ୟ ଚେତନାର ପ୍ରମୁଖ ଅଂଶ ।

ଅଧିକନ୍ତୁ କବିତା ହେଉଛି ବ୍ୟାପ୍ତି ଓ ଜାଗରଣର ଅନ୍ୟତମ ଉତ୍ସ । ଯେମିତି ଆଜିର କବିସତ୍ତା ଜୀବନର ଅମୃତକୁ ଆସ୍ୱାଦନ କରିବା ପାଇଁ ହୋଇଉଠିଛି ବ୍ୟାକୁଳ । ତା'ର ଆଶା, ବିଶ୍ୱାସ ଏ ମାଟିରେ ପାଇଛି ନୂଆ ରୂପ, ଯାହାର ସୌକୁମାର୍ଯ୍ୟ ଆବେଦନକୁ ଅନୁଭବ କରିହୁଏ କବି ଗୋପବନ୍ଧୁ ଦାଶଙ୍କ 'ଛାଇର ଶବ୍ଦ' (୨୦୨୦), 'ଅପଢ଼ା ବହି' (୨୦୨୨) ଓ 'ସ୍ମୃତିର କୁଟିକମ'(୨୦୨୩) କବିତାମାନଙ୍କରେ । ଗୋପବନ୍ଧୁଙ୍କର କାବ୍ୟ ପରିଧି ୨୦୦୮ ରୁ ୨୦୨୩, ଅର୍ଥାତ୍ ଷୋଳବର୍ଷର ହେଲେ ମଧ୍ୟ ଏକ କାବ୍ୟିକ ମାନସିକତାର ବ୍ୟାପକ ପ୍ରସ୍ତୁତି ପୂର୍ବର ତିରିଶ ବର୍ଷର ଆବେଗ ଓ ଅଭିଜ୍ଞତା ଦ୍ୱାରା ପୁଷ୍ଟ ବୋଲି ମନେହୁଏ । ପ୍ରତିଟି ମୁହୂର୍ତ୍ତରେ ଅଗ୍ନି ପରୀକ୍ଷା ଦେଉଥିବା ମଣିଷର ଜୀବନ ଜିଜ୍ଞାସାର ବିପୁଳ ଦିଗନ୍ତକୁ ଏହି କବିତାମାନଙ୍କରେ ଅନୁଭବ କରିହୁଏ । ଆଜିର କବି କ୍ଳାନ୍ତ ଜହ୍ନ ଭିତରେ ଦେଖୁଛି ସ୍ୱପ୍ନର ଜ୍ୟୋତ୍ସ୍ନା, ରଙ୍ଗଛଡ଼ା କାନ୍ଥରେ ଆଙ୍କି ପାରୁଛି ଅରଣ୍ୟର ଶୋଭା, ବିଡ଼ମ୍ବିତ ଜୀବନରେ ଭରି ଦେଇ ପାରୁଛି ଅମାପ ସ୍ୱପ୍ନ । ଏହା ହିଁ ହେଉଛି ଆଧୁନିକତା ରୁ ଅତି ଆଧୁନିକତା (Meta Modernism)କୁ ଯାତ୍ରା ।

ସେ କହେ: "ପାଣି ନିଅ / ପବନ ନିଅ / ଆଲୁଅ ନିଅ / ଖାଦ୍ୟ ନିଅ / ବସନ୍ତ ନିଅ / ଆଉ ସବୁ ନିଅ |/ ତା' ବଦଳରେ ଛାଡ଼ି ଦେଇ ଯାଅ / ତମ ହସ ଟିକକ / ମୁଦା କଇଁଟେ ହେଉ / ଅବା ହେଉ ଫୁଟା ଗୋଲାପଟେ ।" (ସଂ.ଛାଇର ଶବ୍ଦ)

ଜୀବନର ସତ୍ୟ ଖୋଜାରେ ମଗ୍ନ କାବ୍ୟ ପୁରୁଷ । କେଉଁଠି ସେ 'ଚେନାଏ ଆକାଶ / ଓ ମୁଠାଏ ମାଟି' ଭିତରେ ଜୀବନକୁ ଦେଖନ୍ତି ତ କେଉଁଠି "ମରଣ ଡାକୁଛି ହାତ ଠାରି / ଚାରିଆଡୁ" ବୋଲି ସେ ଅନୁଭବ କରନ୍ତି । ଆଜିର ବାସ୍ତବତାକୁ ଅଧିକ ଭାବରେ ଋଦ୍ଧିମନ୍ତ କରିଛନ୍ତି ଗୋପବନ୍ଧୁ । ରୁଗ୍ଣ ମାନସିକତା ଠୁ ସ୍ୱପ୍ନର ପ୍ରଚୁର ଆକର୍ଷଣ ଭିତରେ ସେ ଏକ ନୂଆ ଜୀବନକୁ ଭେଟିବାର ପ୍ରୟାସ କରୁଛନ୍ତି । ସେଥିପାଇଁ ଏଇ ମାଟି ଭିତରୁ ମହକି ଉଠେ ଶୈଶବ, ଉତୁରି ପଡ଼େ ଯୌବନ ଓ ମନର ଆକାଶରେ ଆଙ୍କି ହୋଇଯାଏ ଶତ ଇନ୍ଦ୍ରଧନୁ । ସୁଖ ଅଳୀକ ଓ ମିଛ ହେଲେ ବି 'ମୋ ଦିନ ମୋତେ ଫେରେଇ ଦେ' ବୋଲି କାବ୍ୟ ପୁରୁଷ ମାଟି ନିକଟରେ ଅଳି କରୁଛି । କାବ୍ୟପୁରୁଷ କହେ: "ମାଟିକୁ ମାଗିଲି ଧୂଳି ଟିକେ / ପିଲାଦିନକୁ ଯାବୋଡ଼ି ଧରିବାକୁ / ମାଟି କହିଲା– ହୀନ ପ୍ରବାହରେ / ମୁଁ ପାତାଳଗର୍ଭା ।" (ଛାଇର ଶବ୍ଦ) ଏହି ଚେତନାଟି ଅଧିକ ସଂପ୍ରସାରିତ ହୋଇଛି 'ଅପଢ଼ା ବହି'ରେ । ମଗ୍ନ ଚୈତନ୍ୟରେ ସେ ଉପଲବ୍ଧି କରନ୍ତି ଆତ୍ମାର ସ୍ୱର ।

ପରନ୍ତୁ ଲୌକିକ ଅନୁଭବ ଓ ପାର୍ଥିବ ଜଗତକୁ କାନ୍ତିମୟ ମହାଦ୍ୟୁତିରେ ପରିଣତ କରିଦେଇପାରେ କାବ୍ୟପୁରୁଷ । ଜନ୍ମ ମୃତ୍ୟୁର ରହସ୍ୟ ଭେଦ କରି ସେ ଅମୃତର ଉପତ୍ୟକାରେ ଅଧିଷ୍ଠିତ କରିଦେଇପାରେ କାବ୍ୟ ରସିକର ଆତ୍ମା । ଗୋପବନ୍ଧୁଙ୍କ କବିତାରେ ନାହିଁ ଯୁଦ୍ଧୋତ୍ତର ଅସହାୟତା, ବରଂ ଜୀବନର ମହାମହିମ ସ୍ୱର୍ଶରେ ତାଙ୍କର ଆବେଗ ହୋଇଥାଏ ଜୀବନ୍ତ ତଥା ଜାଗତିକ ଅନୁଭୂତିରେ ତନ୍ମୟ । ଏ ଅନ୍ୱେଷଣ ଏତେ ଅନ୍ତରଙ୍ଗ ଓ ବୈଭବମୟ ଯେ ଗୋଟେ ନିଦା ବିଶ୍ୱାସ ଛଳନାହୀନ ଭାବରେ ପ୍ରତିଟି କବିତାରେ ନିଜକୁ ପ୍ରକାଶ କରୁଥାଏ । ଏଇ ମାଟିମଣିଷର ସମୟକୁ କବି ଖୁବ୍ ଅନ୍ତରଙ୍ଗ ଭାବରେ ପ୍ରକାଶ କରି କୁହେ: "ବୁଢ଼ ଖୋଲା ହସଟିଏ ହସେ / ସମୟ ପଛକୁ ଫେରିବା ଦେଖି / ଥାକଥାକ ସ୍ମୃତି / ସମୟକୁ ଯବାନ କରି ରଖେ / ଅତୀତ ମରେନା / ଭବିଷ୍ୟତ ତା' ଆଁ ଭିତରେ / ଗଳିଯାଏ ଚୁପ୍‌କିନା / ଜନ୍ମ ଓ ମୃତ୍ୟୁଚେତନା / ବର୍ତ୍ତମାନ ଓ ଭବିଷ୍ୟତକୁ / ବନ୍ଧା ପକାଏ / ଶେଷହୀନ ଅତୀତ ଠାରେ ।" (ସଂ.ସ୍ମୃତିର କୁଟିକମ)

ସୁଖର ସନ୍ଧାନରେ, ଅମୃତର ଅନ୍ୱେଷଣରେ କେବେବି ଭଙ୍ଗା ପଡ଼େନାହିଁ କାବ୍ୟପୁରୁଷ । କୌଣସି ପ୍ରଶ୍ନର ଉତ୍ତରଖୋଜା ସରେ ନାହିଁ । ସୀମିତ ବ୍ୟକ୍ତି ଓ ଅସୀମିତ ସମୟ ଭିତରେ କବିତା ଘୂରୁଥାଏ ନିଃସଙ୍ଗ ଯାତ୍ରୀ ପରି । ସବୁ ଦୁର୍ଭାଗ୍ୟ, ଅନ୍ଧାର ଓ ଦୁଃଖକୁ ଏଡ଼ାଇ ସେ ଚାଲେ, ଚାଲୁଥାଏ । ସେଥିପାଇଁ ବିଶ୍ୱାସର କୋଳାହଳ ଭିତରେ ସେ କେତେବେଳେ ହଳାହଳ ପାନ କରେ ତ କେତେବେଳେ ଭୂଲୋକରୁ ଦ୍ୟୁଲୋକକୁ ଚାଲିଯାଏ ।

ଗୋପବନ୍ଧୁଙ୍କ କବିତା କେତେବେଳେ ଜହ୍ନରାତି ପରି ସ୍ନିଗ୍ଧ ଓ କମନୀୟ ତ କେତେବେଳେ ଥଳହୀନ ସ୍ୱର୍ଶକାତର । ଭୌତିକ ଜଗତ ଓ ସମୟର ସମାନ୍ତରାଳ ପରିକଳ୍ପନା ତାଙ୍କ କବିତାକୁ କରିଛି ଅଧିକ ସଂଚରଣଶୀଳ । ସମୟର ଦର୍ପଣର କାବ୍ୟପୁରୁଷ ସେଥିପାଇଁ ନିଜକୁ ବାରମ୍ବାର ଦେଖେ, ପରଖେ ଓ

ଭାବପ୍ରବଣ ହୁଏ । ସେ ପତ୍ରର ମର୍ମରକୁ ଶୁଣେ, ପକ୍ଷୀର କାକଳିକୁ ବୁଝେ, ଭଙ୍ଗାଜୀବନକୁ ଘୋଷାରି ଘୋଷାରି ସ୍ୱପ୍ନ ଦେଖୁଥାଏ । ସେଥିପାଇଁ ସବୁ ମାୟା ଓ ଆକର୍ଷଣର ବିପୁଳ ଜୀବନ ଦର୍ଶନ ଭିତରେ ଫୁଟି ଉଠୁଥାଏ ତିତିକ୍ଷା ଓ ଆତ୍ମୀୟତାବୋଧ । ସବୁ ପୂର୍ଣ୍ଣ ଥାଇ ବି କାବ୍ୟନାୟକ ଅସୀମ ଅଭାବବୋଧ ଭିତରେ କାହାର ଅନ୍ୱେଷଣ କରି ଚାଲିଥାଏ ନିଜେ ମଧ୍ୟ ଜାଣିପାରେ ନାହିଁ । ଏହି 'ଦେବପଣ'ର ମହାର୍ଘ ଓ ଅଲୌକିକ ଅନୁଭବ ରହସ୍ୟମୟ ଲାଗୁଥିଲେ ବି ହୃଦୟକୁ ଛୁଇଁ ଯାଉଥାଏ । କାବ୍ୟପୁରୁଷ କହେ: "ବାପାଙ୍କୁ ତାଙ୍କ ପିଲାଦିନ / ବୋଉକୁ ତାର କିଶୋରୀ ସପନ / ଜେଜେମାକୁ ତା'ର ଦେବଦେବୀ / ସବୁ ଫେରେଇ ଦେବା ପରେ / ତୋ ସତ୍ତାରେ କେହି କିଛି ପାଇବେନି / ଏକମାତ୍ର ଝିଅଟିଏ ଛଡ଼ା / କେବଳ ତୋ' ପାଖରେ / ସବୁଯାକ ଦେବପଣ / ମହଣ ମହଣ... ।" (ସଂ.ଅପଢ଼ା ବହି) ଏହା ହିଁ କାବ୍ୟିକ ଚେତନାର ହୀରଣ୍ମୟ ରୂପ ଯାହା ଗତିକରେ ଶୟନରୁ ଶ୍ମଶାନ ଯାଏଁ ।

ଆମ ସମୟରେ ଅନ୍ୟ ଜଣେ ନିଆରା ମାଟିମନସ୍କବାଦୀ କବି ଶ୍ରୀଦେବ । ସାରା ଜୀବନ କବିତାର ରାସ୍ତା ତିଆରି କରୁଥିବା ଅଥଚ ନିଜ ପ୍ରତି ଉଦାସୀନ ଥିବା କବି ଶ୍ରୀଦେବଙ୍କ କାବ୍ୟ ଚିନ୍ତନ ସଜ ଉଠା ଜହ୍ନ ପରି ଖୁବ୍ କୋମଳ ଓ ନିର୍ମଳ । ଶବ୍ଦ ସଂଯୋଜନାର ନିଆରାପଣ ଓ ରୂପାନ୍ତରିତ ମଣିଷର ନିଜସ୍ୱ ପୃଥିବୀର ଚିତ୍ରକୁ ସେ ଖୁବ୍ ଚମତ୍କାର ଭାବରେ  ରୂପ ଦେଇପାରନ୍ତି । ତାଙ୍କର 'ତୋ ପାଇଁ', 'ଖସି ପଡୁଥିବା ଆକାଶ', 'ଭୋକ ଭଉଁରୀ', 'ଭୂଇଁ ନଅଣ' ଓ ଅତ୍ୟନ୍ତ ପାଠକାଦୃତ ପୁସ୍ତକ 'ଚାଷବାସ' ଭିତରେ ହୃଦୟବତ୍ତା, ସ୍ୱପ୍ନ, ସ୍ମୃତି ସହିତ ଜଂଜାଳଗ୍ରସ୍ତ ଅଣନିଃଶ୍ୱାସୀ ମଣିଷର ଜୀବନଚିତ୍ର ଓ ଆଶ୍ୱାସନାର ମନ୍ତ୍ର ପ୍ରତିଫଳିତ ହୋଇଛି । ତାଙ୍କ କବିତାରେ ନାହିଁ ବୌଦ୍ଧିକ ଜଟିଳତା ଓ ସ୍ୱର୍ଗଲୋକର ପରିକଳ୍ପନା ଭିତରେ ବିଳାସମୟ ଜୀବନର ଚିତ୍ର । ଅଛି ମୁକ୍ତ ବିଭୋର ପକ୍ଷୀର ସଙ୍ଗୀତ, ଜୀବନ ଖୋଜୁଥିବା ମଣିଷ ପାଇଁ ଉଲ୍ଲାସର ଇସ୍ତାହାର । ସୂକ୍ଷ୍ମ ଦାର୍ଶନିକ ଅବବୋଧ ଠୁ ନୈର୍ବ୍ୟକ୍ତିକ କାବ୍ୟ ଚେତନା ଭିତରେ ଘୂର୍ଣ୍ଣାୟମାନ ତାଙ୍କ କାବ୍ୟ ପରିଧି ।

ତାଙ୍କର ଚର୍ଚ୍ଚିତ 'ଚାଷବାସ' ନୂତନ ପରିପାଟୀ ଓ ଦୃଷ୍ଟିକୋଣର ଏକ କାବ୍ୟିକ ନମୁନା । ସାଂପ୍ରତିକ ଜୀବନର ନିଛକ ଚିତ୍ରର ଆଲ୍‌ବମ୍ ପରି ମନେହୁଏ 'ଚାଷବାସ' । କେବଳ ଶବ୍ଦରେ ସଜା ହୋଇନାହିଁ ଏ ସବୁ କବିତା ବରଂ 'ସତ'ରେ ସଜା ହେଲା ପରି ଅନୁଭୂତ ହୋଇଥାଏ । ତାଙ୍କ କବିତାରେ 'କବିତା' ଆଉ 'ସତ' ଏମିତି ଗୋଳାଗୋଳି ହୋଇଯାଇଛନ୍ତି ଯେ କହିବା ଲୋକଟି କେମିତି ବୁଝେଇବ ଭାବି ସଂକୁଚିତ ହୋଇଯାଏ ନିଜ ଭିତରେ । ପରୋକ୍ଷରେ ସେ ରାଜନୀତିର ମନ୍ତରା ପାଣି ପାଇଁ ଅମାନିଆଁ ନୃତ୍ୟ କରୁଥିବା ଅମଣିଷଙ୍କ କଥା କହି ଯନ୍ତ୍ରଣାଗ୍ରସ୍ତ ଓ ନଷ୍ଟ ମୂଲ୍ୟବୋଧ ଭିତରେ ବଂଚିଥିବା ମଣିଷର ଜୀବନଗାଥା ପରିବେଷଣ କରିଛନ୍ତି । ସେ କହନ୍ତି: "ଏଣେ, ବାରବାଟି ବିଲରେ ଆମ / ଲାଗିଚି ମଲା ମୁଣ୍ଡର ପତାକା / ବି.ପି.ଏଲ୍ ଚାଉଳ ମିଳୁଚି ଏବେ / ଯାହାକୁ ଯେତେ / କିଏ ବା କରଂତା ଚାଷ ।" (ଚାଷବାସ)

ଏ ମଣିଷର ସ୍ୱପ୍ନ ଅସରନ୍ତି, ସେହିପରି ଦୁଃଖ ବି ଅସରନ୍ତି । ବର୍ଣ୍ଣ, ଧର୍ମ, ସ୍ୱାର୍ଥ, ବୈଷମ୍ୟ ନାଁରେ କେବଳ ଏଇ ଧ୍ୱଜାଧାରୀମାନେ ଶୋଷଣ କରି ଚାଲିଥାନ୍ତି ମଳିମୁଣ୍ଡିଆମାନଙ୍କୁ । ବିଧାତାମାନେ କେବଳ ଚିତ୍ରାଙ୍କନରେ ଦେଖନ୍ତି ଧାନବିଲ ଓ ବିଭିନ୍ନ ଯୋଜନାରେ ତିଆରି କରୁଥାନ୍ତି "ଇତିହାସ ପରି ଦିଶୁଥିବା ମାଇଲ୍ ମାଇଲ୍ ମିଛ ।" ଖୁବ୍ ଶ୍ଳେଷମୟ ତାଙ୍କ କାବ୍ୟିକ ଚିନ୍ତନ । ଜୀବନାନୁଭୂତି ଭିତରେ ସଂଘର୍ଷର ନୂଆ ନାମ ପାଲଟିଯାଇଛି ଏ ଶ୍ଳେଷ । ସରଳ ଓ ସାବଲୀଳ ଭାବରେ ବ୍ୟଂଜନାର ଉପସ୍ଥାପନ ଶ୍ରୀଦେବଙ୍କ କବିତାକୁ ପ୍ରଦାନ କରିଛି ନୂଆ ଶ୍ରୀ ଓ ସତ୍ତା । ଫଳରେ ନିଜସ୍ୱ ଢଙ୍ଗରେ କବିତା କହୁଛି ମଣିଷର କଥା, ମଣିଷର ଜୀବନଗାଥା । ବଖାଣରେ କଳାତ୍ମକତା ଯେମିତି ରହିଛି, ବ୍ୟାଖ୍ୟାରେ ସୃଜନଶୀଳତାର ଅପୂର୍ବତା ସେହିପରି ରହିଛି । ସତଠୁ ମିଛ, ଖାଲ ଠୁ ଢିପ, ଚିହ୍ନା ଠୁ ଅଚିହ୍ନା, ଦୁଃଖ ଠୁ ସୁଖ ଯାଏଁ– ସବୁଠି ଶ୍ଳେଷାତ୍ମକ ଅବତାରଣା ପାଠକୀୟ ଚିନ୍ତନରେ ଅପୂର୍ବ ପୁଲକ ସୃଷ୍ଟି କରିବାରେ ସମର୍ଥ ହୋଇଥାଏ ।

ମୂଲ୍ୟବୋଧର ରୂପାନ୍ତରଣ ଘଟିଛି ଶ୍ରୀଦେବଙ୍କ କବିତାରେ । ଯୁଗଯୁଗ ଧରି ପତିତଙ୍କ ପାଇଁ ନ୍ୟାୟ ମାଗିଛି କବିଟିଏ, ଆବଶ୍ୟକ ସ୍ଥଳେ ସଂଗ୍ରାମ ମଧ୍ୟ ଘୋଷଣା କରିଛି । ଅମାନବୀୟ ନିଷ୍ଠୁରତାର କ୍ରୂର ଅତ୍ୟାଚାରରେ ଭାଙ୍ଗି ପଡୁଥିବା ସ୍ୱପ୍ନକୁ ଆଉଥରେ ଦେଖାଇବା ପାଇଁ ପ୍ରୟାସ କରୁଛନ୍ତି କବି ଶ୍ରୀଦେବ । ଦୁଃଖକୁ ନେଇ ସେ କହନ୍ତି: "ଦୁଃଖ ତୁଟେନି / କି ଛିଡ଼େନି / ବରଂ ବଢ଼େ / ଫୁଲେ/ ଫୁଲିଫୁଲି ତତ୍କାଳ / ଉତୁରେ / ଚୁଲିକୁ / ଦୁଃଖ ।" ସମୟର ଦଳାଚକଟାରେ ମଣିଷର କ୍ଷତ ଚିହ୍ନକୁ ଦେଖାଉଥାନ୍ତି କବି ।  ସବୁଠି ଛାତିର ଶୂନ୍ୟତା ଭିତରେ ଜଳିଜଳି ଚାଲିଛି ବିଡ଼ମ୍ବିତ ଭାଗ୍ୟ । ଜୀବନ ଯୁଦ୍ଧରେ ବାରମ୍ବାର ପରାସ୍ତ ହୋଇ ଦୁଃଖର ଚାଦର ତଳେ ବଂଚୁଥିବା ମଣିଷ ପାଇଁ ଶ୍ରୀଦେବ ଗାଆନ୍ତି ସମ୍ଭାବନାର ଗୀତ । ବ୍ୟଥା ତ ଯନ୍ତ୍ରଣା ଭିତରେ ସେ ଦେଖାନ୍ତି ଜୀବନର ମଧୁରତା ।

ଏଇ ମାଟିର ସମ୍ମୋହନରେ ବନ୍ଦୀ କାବ୍ୟ ପୁରୁଷ, ବନ୍ଦୀ ପ୍ରତିଟି ମଣିଷ । କାବ୍ୟପୁରୁଷ ଓ ମଣିଷ ଭିତରେ ଥିବା ବ୍ୟବଧାନଟିକୁ ସଂଯୋଗ କରୁଥାଏ କବିତା । ଏଣୁ କେବଳ ଭାଷାରେ ନୁହେଁ, ଭାବର ଗଭୀରତା ଭିତରେ ଥାଏ କବି ଭାବନାର ବସ୍ତୁରାଶି । ତନ୍ମୟତା ଠାରୁ  ବାସ୍ତବତାର ରୁକ୍ଷ ଅନୁଭବ କବି ଚେତନାକୁ କରିଛି ଭୂମିସ୍ପର୍ଶୀ । ସେ କହନ୍ତି: "ହାଃ !, ଥକି ପଡ଼ିଲାଣି କବି / ଥକି ପଡ଼ିଲାଣି ଶବ୍ଦ / ଘଷରା ପାଦରେ ଚାଲୁଚି ଦେଖୁନ ଥଳଥଳ / ନିସ୍କାତିଆ ଆଖିପତା, ବେମାପ ଦେହ / ନାକେ ସିଂଘାଣି, ଧୂଳିଧୂସର ପାଦକୁ ଠୁଳେଇ / ଚାଲିଚି କଲମ୍.... ।"

ନିଃସଙ୍ଗତା ଠାରୁ ଆତ୍ମଦହନ, କଳ୍ପନା ଠାରୁ ସତ୍ୟ, ବିଷାଦବୋଧ ଠାରୁ ଆଶା ପ୍ରକଟ, ବାରମ୍ବାର ପରାଜୟ ଭିତରୁ ବିଜୟ ଯାତ୍ରାର ଶୁଭାରମ୍ଭ କରନ୍ତି ଶ୍ରୀଦେବ ତାଙ୍କ କାବ୍ୟ ଭାବନାରେ । ତାଙ୍କ କବିତାର ଆକୁଳ ପିପାସା, ବିପୁଳ ଅତୃପ୍ତତା, ମଗ୍ନମାନସ ଭିତରେ ସ୍ୱପ୍ନ ଦେଖାର ପ୍ରବଣତା, ମୁହୂର୍ତ୍ତ ମୁହୂର୍ତ୍ତର କାରୁଣ୍ୟ ଓ ଛଳନାହୀନ ଅଭିବ୍ୟକ୍ତି ଗୋଟେ ନିଆରା ଢଙ୍ଗରେ ଜୀବନକୁ ହିଁ ଚିହ୍ନିତ କରିଥାଏ ।

ମାନବତାବାଦୀ କାବ୍ୟଶିଳ୍ପୀ ଶ୍ରୀଦେବ । ମଧ୍ୟବିତ୍ତର ଜୀବନଚିତ୍ର ହିଁ ତାଙ୍କ କାବ୍ୟ ବିଶ୍ୱ । ସୁତରାଂ ମାଟି, ମଣିଷ ଓ ବିଡ଼ମ୍ବନା ଭିତରେ ଆଦର୍ଶଯୁକ୍ତ କାବ୍ୟଚିନ୍ତନ ତାଙ୍କର କାବ୍ୟିକପଣର ମୂଳ ଲକ୍ଷ୍ୟ ନୁହେଁ, ଅଥଚ ବକ୍ତବ୍ୟର ସତ୍ୟଶୀଳତା ଓ ବକ୍ତବ୍ୟ ଭଙ୍ଗୀର ନୂତନତା ତାଙ୍କୁ ସମସ୍ତ ସଫଳତାର ଶ୍ରେୟ ପ୍ରଦାନ କରେ । ଜୀବନକୁ ବାରମ୍ବାର ପରଖୁଥିବା ମଣିଷ କେବଳ ବିଶ୍ୱାସର ହାତ ବଢ଼ାଉଥାଏ ସବୁ ଦିଗକୁ ।  ସମସ୍ତ ଅପ୍ରାପ୍ତି ଓ ଆତ୍ମଦହନ ଭିତରେ ସେ ସଂପର୍କ ରଖେ ମାଟି ସହିତ, ସମୟ ସହିତ, ମଣିଷ ସହିତ । ମାଟି ମଣିଷ ପାଇଁ ଏ ବ୍ୟାକୁଳତା, ମାଟିର ପାଣି, ପବନ ଓ ସ୍ୱପ୍ନ ପାଇଁ ଏ ସମର୍ପଣ, ଜୀବନର ଶୁଖିଲା ନଈକୁ ସ୍ୱପ୍ନ ଭିତରେ ସୁନାବ୍ୟା କରିଦେବାର ପଣ ହିଁ ଶ୍ରୀଦେବଙ୍କ କବିତାରୁ ଅନୁଭୂତ ହୋଇଥାଏ ।

ଉତ୍ତର ସହସ୍ରାବ୍ଦୀର ସଂଯୋଗସେତୁ ଓ ଅନ୍ୟତମ କାବ୍ୟ ବିନ୍ଧାଣୀ କବି ସମରେନ୍ଦ୍ର ମହାପାତ୍ରଙ୍କ ଅନନ୍ୟ କାବ୍ୟଚାତୁରୀ ଓ ଉପସ୍ଥାପନା ଶୈଳୀ ଓଡ଼ିଆ କବିତା କ୍ଷେତ୍ରରେ ଏକ ନୂଆ ଦିଶା ପ୍ରଦାନ କରିବାରେ ଯେ ସମର୍ଥ ହୋଇଛି– ଏ କଥା କହିବାରେ ଦ୍ୱିଧା ନାହିଁ ।  ଦୀର୍ଘ ପଇଁଚାଳିଶ ବର୍ଷରୁ ଉର୍ଦ୍ଧ୍ୱକାଳ ସାଧନ ଭିତରେ ତାଙ୍କର ପ୍ରକାଶ ପାଇଛି 'ମୌନ ଅଭିସାର' (୧୯୯୭), 'ଉତ୍ତୀର୍ଣ୍ଣ ଅବତୀର୍ଣ୍ଣ'(୧୯୯୯) 'ଏକାଏକା ବିକ୍ରମାର୍କ' (୨୦୦୦), 'କଳିକାଳ'(୨୦୦୧), 'ଶବ୍ଦ ସମଗ୍ର' (୨୦୧୦), 'ନାୟକ' (୨୦୧୧), 'କବିତା ସାରା ଜୀବନ' (୨୦୧୩), 'ବିଷର୍ଣ୍ଣ ନଦୀର ତୀରେ' (୨୦୧୫) ଓ 'ଟଙ୍କିକିଆ ମଣିଷ' (୨୦୨୦) ।

ଏ ସମୟରେ ସମରେନ୍ଦ୍ର ଆଉ ପରୀକ୍ଷା ନିରୀକ୍ଷାରେ କବି ହୋଇ ନାହାନ୍ତି । ଏତେ ବେଳକୁ କବିତାର ଦିଗ୍‌ବଳୟ ଆଲୋକିତ ଓ ଆଧୁନିକ କବିତା ନେଇ ସାରିଛି ସ୍ୱଷ୍ଟ ରୂପ । ତେଣୁ ତାଙ୍କ କବିତାରେ ଏକାକୀତ୍ୱ ଓ ନିଃସଙ୍ଗତା ପରିବର୍ତ୍ତେ ଉତ୍କଳୀୟ ଗ୍ରାମ୍ୟ ଜୀବନ, ପ୍ରକୃତି, ସୌନ୍ଦର୍ଯ୍ୟ ଓ ସାଧାରଣ ମଣିଷର ଜୀବନ ପ୍ରକାଶ ପାଇଛି । ସାଂସ୍କୃତିକ ପଟ୍ଟ ପରିବର୍ତ୍ତନରେ ଯେଉଁ ଯାନ୍ତ୍ରିକ ସଭ୍ୟତାର ବିକାଶ ଘଟିଛି ତାହା ମଣିଷକୁ କେମିତି ଅର୍ଥଲିପ୍ସୁ ଓ ସ୍ୱାର୍ଥପର କରି ଦେଇଛି– ତାହା ହୋଇଛି ତାଙ୍କ କାବ୍ୟଭୂମିର ମୁଖ୍ୟ ଦିଗ । ଆଜି ଏହି ଯାନ୍ତ୍ରିକ ଜୀବନ

ଭିତରେ ହଜି ଯାଇଛି ସରଳ ମନ, ବେପଥୁ ଭରା ହୃଦୟ । ପରିଚୟର ସଂକଟ ଭିତରେ ଘାରି ହେବାରେ ଲାଗିଛି ମଣିଷ । ସେ କହେ: "ଯାନ୍ତ୍ରିକତାର ଜୀବନ ଭିତରେ / ଖୋଜିବାଟା ବଡ଼ କଷ୍ଟ / ହଜେଇ ଦେଲିଣି ସେ ପାଇଁ ତ / ପରିଚୟ ମୋର / ଭୁଲିଗଲିଣି କେବେଠୁ / ବର୍ଷମାସ ତାରିଖ ଓ ବାର / ଏବେ କୁଢ଼ କୁଢ଼ ସ୍ମୃତିର ପାଉଁଶ ଭିତରୁ / ମଶାଣିର ଶେଷ ଅଙ୍ଗାରରୁ / ମତେ ଖୋଜିବ କି ? / ଖୋଜ ତ ଟିକିଏ !"

ଶବ୍ଦର ମାର୍ମିକତା ଓ ସମ୍ବେଦନଶୀଳତାରେ ଆଜିର କବିତା ଯେ ନୂତନ ଦିଶା ସୃଷ୍ଟି କରିଛି, ଏହା ନିଃସଂଦେହରେ କୁହାଯାଇପାରେ । ଏକ ବିସ୍ତାରିତ ପଟ୍ଟଭୂମିକୁ ଆଧାର କରି ସମରେନ୍ଦ୍ରଙ୍କର କବିତା ଗତିଶୀଳ ହୋଇଛି । ପରିବର୍ତ୍ତନର ଝଡ଼କୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ହେଉଛି କାବ୍ୟନାୟକ । "ଗୋଟେ ନୂତନ ଆରମ୍ଭ ହେଉଚି / ମୁଁ ଶୁଣୁଚି ତା'ର ଆବାହନୀ / ହାଡ଼ ଭିତରେ ସନସନ ଶୂନ୍ୟତାରେ / ବିଗୁଲ ପରି କର୍କଶ ଶଙ୍ଖଧ୍ୱନି ।" ତାଙ୍କ କବିତାରେ ଆବେଗ ଅପେକ୍ଷା ବାସ୍ତବତାର କଠିନ ସ୍ୱରୂପକୁ ଯେକୌଣସି ପାଠକ ଅନୁଭବ କରିପାରିବେ ।

ସତ୍ କବିତା କଳା ଓ ବାସ୍ତବତାର ମିଶାମିଶି ରୂପ । ଏହା ଯେ କେବଳ ସାଧାରଣ ଜନଜୀବନ ଓ ଜୀବନଯାତ୍ରାରେ ଅନୁଭବ, ଭାବନା ତଥା ଇଚ୍ଛାକୁ ଉର୍ଦ୍ଧ୍ୱାୟିତ କରିବ– ତାହା ଆଦୌ ନୁହେଁ । ତେଣୁ ସମରେନ୍ଦ୍ର ପ୍ରୟୋଗବାଦୀ ପରି ଏକ ଅର୍ଥହୀନ ମାନସିକତାରୁ ମୁକ୍ତ ହୋଇ ସେ ଜୀବନ ସଂଧାନୀ ହୋଇଛନ୍ତି ଓ ଆସ୍ତିବାଚକ ଜୀବନଧର୍ମରେ ବିଶ୍ୱାସ ସ୍ଥାପନ କରି କବିତାର ପରିଧି ନିର୍ମାଣ କରିଛନ୍ତି । ଘର ସଂପର୍କରେ କାବ୍ୟପୁରୁଷ ଏମିତି କହେ: "ପାଦ ତଳେ ଚାଖଣ୍ଡେ ଚଟାଣ / ଓ ମୁଣ୍ଡ ଉପରେ ଛାତ / ଏତିକି ତ ଯଥେଷ୍ଟ / ସହିବା ପାଇଁ ଖରା, ବର୍ଷା, ଶୀତ / କାହିଁକି ତେବେ ମୁଁ ଧାଏଁ / ଏ ମରୀଚିକା ପଛରେ / ଶେଷ ହୀନ ଶୋଷରେ ?" ଏ ସ୍ୱର ନୂଆ ନହେଲେ ବି କାବ୍ୟାଭିବ୍ୟକ୍ତିର ନୂତନତାରେ ଏହା ଅତ୍ୟନ୍ତ ଶକ୍ତିଶାଳୀ । ତେଣୁ ସେ ଏକା ଏକା ବିକ୍ରମାର୍କ ହେଲେ ବି ସେ ଚାଲୁଚି... ଚାଲୁଥିବ...ଅନନ୍ତ ଯାତ୍ରାରେ...ଜୀବନକୁ ସାଥୀ କରି ।


ଏକ ସଚେତନ କାବ୍ୟ ଦୃଷ୍ଟିରେ ସମରେନ୍ଦ୍ର ବାସ୍ତବତାକୁ ସାମ୍ନା କଲାବେଳେ ବାରମ୍ବାର ହତୋତ୍ସାହିତ ହେଉଛନ୍ତି । ତଥାପି ଆଗକୁ ବଢ଼ି ଚାଲିଛି ପାଦ । ତାଙ୍କ ଭିତରେ କାବ୍ୟ ପୁରୁଷଟି ଲାଂଛିତ, ପ୍ରତାରିତ । ସେ ପ୍ରତିବାଦ ନକଲେ ବି ଅଧିକାର ସାବ୍ୟସ୍ତ କରିଥାଏ ପ୍ରତିନିୟତ । ସେ କହେ: "ଯନ୍ତ୍ରଣାରୁ ହିଁ ମୋର ଜନ୍ମ / ଯନ୍ତ୍ରଣାରେ ହୋଇଯିବ ଶେଷ; ଆଉ କୋଉ ଦୁଃଖର ବୋଝକୁ ଡର ?" ସାମାଜିକ ଭଣ୍ଡାମୀ ଓ ଅବିଶ୍ୱାସ ତଥା ଛଳନା ବିରୁଦ୍ଧରେ ସମରେନ୍ଦ୍ରଙ୍କ କାବ୍ୟଯାତ୍ରା । ଅଥଚ ସହସ୍ରାବ୍ଦୀ ପରବର୍ତ୍ତୀ କାବ୍ୟ ଜୀବନରେ ସମରେନ୍ଦ୍ର ଆପଣାର ଆତ୍ମବିଶ୍ୱାସ ଓ ପ୍ରତ୍ୟୟବୋଧର ମାର୍ଗ ପ୍ରସ୍ତୁତ କରିବାରେ ସମର୍ଥ ହୋଇପାରିଛନ୍ତି । ଜୀବନ ଅନ୍ୱେଷାର କବି ସମରେନ୍ଦ୍ର ଜୀବନକୁ ରୂପାନ୍ତରିତ କରିପାରନ୍ତି ମହାସମୁଦ୍ରରେ । ମାଟିକୁ ମହିମା ମଣ୍ଡିତ କରି ତିଆରି କରିପାରନ୍ତି ଭୂସ୍ୱର୍ଗ । ଗୋଟେ ନୂଆ ସ୍ୱପ୍ନରେ ବିଭୋର କରିପାରନ୍ତି ବିଶ୍ୱବାସୀଙ୍କୁ । ସେଥିପାଇଁ ସବୁ ଦୁଃଖ ଯନ୍ତ୍ରଣାକୁ ଭୁଲି ମଣିଷ ସ୍ୱପ୍ନ ଦେଖେ । ବଂଚିବାର ରାହା ଖୋଜେ । ବସ୍ତୁବାଦୀ ଦୁନିଆଁର ଅଭାବବୋଧ ନୁହେଁ, ବରଂ ଆବେଗିକ ଉଲ୍ଲାସ ସମରେନ୍ଦ୍ରଙ୍କ କାବ୍ୟକର୍ମର ଶ୍ରେଷ୍ଠ ଉପାଦାନ ଭାବରେ ଉଭା ହୁଏ । ସେ କହେ: "ଶବ୍ଦ ସବୁକୁ କହି ନପାରିବାର ଯନ୍ତ୍ରଣାରେ / ମୁଁ ଚିରକାଳ ପାଲଟି ଯାଇଛି ଗୋଟେ ଦୁଃଖର କଙ୍କାଳ ।" ଆଜିଯାଏ ବି ମଣିଷ ଖୋଜି ଚାଲିଛି ଆପଣାର ପରିଚୟ । ପ୍ରତ୍ୟେକଟି କବିତାରେ ଏହି ପ୍ରଶ୍ନ । ଏହି ଅନ୍ଧାର ଭିତରୁ ବାହାରି ଆସିବାର ଆକୁଳତା ।

କବିତା ଏକ ସ୍ୱର । ଜୀବନ ଚିତ୍ରର ପ୍ରତିଫଳନ, ଆତ୍ମାର ଆହ୍ୱାନ । କବିତା ଏକ ବିଶ୍ୱାସ, ଗୋଟେ ପ୍ରେରଣା, ସୂକ୍ଷ୍ମ ଅନୁଚିନ୍ତା, ଜୀବନର କଳାତ୍ମକ ରୂପ । ଏଥିରେ ସମାଜକୁ ବଦଳାଇ ଦେବାର ଆହ୍ୱାନ ଖୋଜିବା ହାସ୍ୟାସ୍ପଦ । ମଣିଷ ମନର ସ୍ୱପ୍ନ, ସଂକଟ, ବିଷାଦ, ବ୍ୟର୍ଥତା, ପ୍ରତିବାଦ, ଅଙ୍ଗୀକାରବଦ୍ଧତା ଆପେ ଆପେ ଶବ୍ଦରେ ଆସେ, ଆଉ ଏକ ହୃଦୟକୁ ଛୁଇଁବାର ପ୍ରୟାସ କରେ । ସାରାଜୀବନର ବିଫଳତାର ଇତିହାସ 'ବିଷର୍ଣ୍ଣ ନଦୀର ତୀରେ'ର ପ୍ରତ୍ୟେକଟି କବିତାରେ ଅନୁରଣିତ । ସେ କହେ: "ଅଧା ଭଙ୍ଗା ସ୍ୱପ୍ନ ସବୁକୁ ନେଇ ସହଜ କି /ଗଢ଼ିବା ଆଶାର ଆକାଶୀ ଇମାରତ୍ ।/ ବିପର୍ଯ୍ୟସ୍ତ ସମୟର କାରୁଣ୍ୟରେ କଡ଼ ମୋଡ଼େ ଇତିହାସ / ବିଦୀର୍ଣ୍ଣ ହୃଦୟର କ୍ଷତାକ୍ତ ଡେଣାରେ/ ଝୁଲେ ଖାଲି ଅଭିଶପ୍ତ ଜୀବନ ।" ଈଶ୍ୱର ମଣିଷର ମନଗଢ଼ା ଦେବତା ବୋଲି ସେ ଉଲ୍ଲେଖ କରେ । ସ୍ୱପ୍ନ ପଛରେ ଧାଉଁଥିବା କବିର ସ୍ୱପ୍ନ ଭଙ୍ଗ, ବିଡ଼ମ୍ବନାମାନଙ୍କୁ ସାଥିରେ ନେଇ ବାଟ ଚାଲୁଥିବା କାବ୍ୟପୁରୁଷର ଆତ୍ମାର ବିଳାପ ସମରେନ୍ଦ୍ରଙ୍କ କାବ୍ୟଚେତନାର ପ୍ରମୁଖ ସ୍ୱର । ତାଙ୍କ କବିତାର ଅର୍ଥରେ ଜୀବନ ଜୀଇବା ଏକ ପ୍ରଚେଷ୍ଟା ଛଡ଼ା ଅନ୍ୟ କିଛି ନୁହେଁ, ଜୀବନ ଏକ ଅମୀମାଂଶିତ ସିଦ୍ଧାନ୍ତ ଛଡ଼ା ଅନ୍ୟ କିଛି ନୁହେଁ, ଜୀବନ ଏକ ନୂଆ ବ୍ୟବସ୍ଥାକୁ ଆହ୍ୱାନ କରିବା ଛଡ଼ା ଅନ୍ୟ କିଛି ନୁହେଁ ।

ଏହି ବାସ୍ତବତାକୁ ନେଇ ତାଙ୍କର 'ଟଙ୍କିକିଆ ମଣିଷ' ଏକ ପ୍ରମୁଖ ଭାବଭୂମି ଉପରେ ଗଢ଼ି ଉଠିଛି । ଯେଉଁ ଟଙ୍କିକିଆ ମଣିଷର ନା ଅଛି ସ୍ୱପ୍ନ, ନା ଅଛି ଭାଗ୍ୟ ! ଭାରତବର୍ଷର ରାଜନୀତି, ବିକାଶର ଦୁଆ, ପ୍ରଗତିର ଆହ୍ୱାନ ଏଇମାନଙ୍କୁ ନେଇ, ଯେଉଁମାନେ ଜାଣିନାହାନ୍ତି ଜୀବନର ଅର୍ଥ, ବୁଝି ନାହାନ୍ତି ଜୀବନର ସୁଖ । କବି କହେ: "ଆମକୁ ମଳିମୁଣ୍ଡିଆ କହି / ଯେତେ ହସୁଚ ହସ / ଆମର କୋଉ ଅଛି ଯେ ଇଜ୍ଜତ ମହତ / ଜୀବନ ଆମର ହାହୁତାଶ / ଭାଗ୍ୟ ଚୁଲି ପାଉଁଶ / ଟଙ୍କାକର ମୁଣ୍ଡ ଆମର / ଆମେ ଟଙ୍କିକିଆ ମଣିଷ ।" ଏହା ହିଁ ସୂଚାଇ ଦେଇଛି ଭାରତର ସାମାଜିକ ଜୀବନ, ଦେଖାଇ ଦେଉଛି ଅଭାବୀ ମଣିଷର ଚିତ୍ର, ଆଙ୍କି ଦେଉଛି ରାଜନୀତି ଭ୍ରଷ୍ଟାଚାରର ନକ୍ସା । ଏଥିରେ ମ୍ରିୟମାଣ କବିହୃଦୟ, ଯନ୍ତ୍ରଣାସିକ୍ତ କବି ଆତ୍ମା । ସହିପାରୁନି ସେ ଏ ପ୍ରତାରଣା, ଲାଂଛନା, ଜ୍ୱଳନ । ସେଥିପାଇଁ ସେ ବି ମୁକ୍ତି ଚାହୁଁଛି । କହୁଛି: "ମରିଯାଆନ୍ତି କି ଏଇ ଲାଗେ / ମିଳନ୍ତା ନାହିଁ ଆଉ ପ୍ରତାରଣା / ଭୋଗନ୍ତି ନାହିଁ ଆଉ ଲାଂଛନା, ସହନ୍ତି ନାହିଁ ଆଉ ଏତେ ଜ୍ୱଳନ / ଛାତିରେ ଛାତିରେ କଂପନ / ଜିଅନ୍ତି ନାହିଁ ଆଉ / ଏଇ ବିଷାକ୍ତ ଜୀବନ ।"

ଉତ୍ତର ସହସ୍ରାବ୍ଦୀ ପରବର୍ତ୍ତୀ ସମୟର ଜଣେ ମଗ୍ନମାଟିର କବି ଭାବରେ ଦୃଷ୍ଟି ପଥାରୂଢ଼ ହୁଅନ୍ତି କବି ଚିତ୍ତରଞ୍ଜନ ନାୟକ । କାବ୍ୟିକ ଚିନ୍ତନର ନୂତନ ବଳୟ ଭିତରେ ବେଶ୍ ସ୍ପଷ୍ଟ ତାଙ୍କର ଭାବ ଓ ଦୃଷ୍ଟିକୋଣ । ତାଙ୍କର ପ୍ରକାଶିତ କବିତା ସଂକଳନମାନଙ୍କ ମଧ୍ୟରେ 'ମାଟି ଛୁଇଁ ନଥିବା ସୂର୍ଯ୍ୟୋଦୟ' (୨୦୧୯), 'ଡାକୁଛ ବୋଲି ଜାଣେ' (୨୦୨୦) ଓ 'ଆସୁଛ ବୋଲି ଜାଣେ' (୨୦୨୧) ଅନ୍ୟତମ । ଚିତ୍ତରଂଜନଙ୍କ କବିତାରେ ଭାଷା ବ୍ୟବହାରର ବିଶେଷ ତାତ୍ପର୍ଯ୍ୟ ଦେଖିବାକୁ ମିଳିଥାଏ, ଯାହା ଶବ୍ଦର ମିତବ୍ୟୟିତା ଓ ଭାବର ସଂପ୍ରସାରଣରେ ଶକ୍ତିଶାଳୀ ଭୂମିକା ନିର୍ବାହ କରିଥାଏ । ବିଶେଷ ଭାବରେ ତୀକ୍ଷ୍ଣ ଓ ଚିତ୍ରାତ୍ମକ ଶବ୍ଦର ଅସ୍ତିତ୍ୱ ଭିତରେ ତାଙ୍କ କବିତାର 'ଭାବବୋଧ'ଟି ବେଶ୍ ଅସ୍ତିତ୍ୱପୂର୍ଣ୍ଣ ମନେହୁଏ । କେତେବେଳେ ବ୍ୟକ୍ତିଗତ ରୋମାଣ୍ଟିକ୍ ଓ ଅନ୍ୟ କେତେବେଳେ ସାର୍ବଜନୀନ ଭାବ ଭିତରେ ତାଙ୍କର କାବ୍ୟ ଅସ୍ତିତ୍ୱ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବାରେ ସମର୍ଥ ହୋଇଥାଏ । ସ୍ୱପ୍ନ ଦେଖାରେ, ସ୍ୱପ୍ନର ରଙ୍ଗ ମଖାରେ, ଇତିହାସର ପୋଡ଼ା ଅଙ୍ଗାରରୁ ପୁନଶ୍ଚ କୁହୁଳୁଥିବା ରଢ଼ ନିଆଁକୁ ଖୋଜିବାରେ । ଦୁଃଖଙ୍କର ଫୁଙ୍ଗୁଳା ଦେହରେ ସମୟର ତିଳ ଚିହ୍ନକୁ ଖୋଜିବାରେ, ମଧୁର ମୋହରେ ମାଟିରେ ଡଙ୍କାଉଥିବା କୋହଙ୍କ କପାଳରେଖା ପଢ଼ାରେ, କପୋତର କ୍ଲାନ୍ତ ଶୀତରୁ ଜହ୍ନରାତିର ଝଡ଼ ଖୋଜିବାରେ, ଅନ୍‌ଲାଇନ୍ ଓ ବିସ୍‌ଲେରୀ ପାଣି ଭିତରେ ଆଧୁନିକ ଜୀବନକୁ ଦେଖିବାରେ ତାଙ୍କ କାବ୍ୟିକ ଅନ୍ତଃସ୍ୱର ଗୋଟିଏ ପୃଥିବୀ ଭିତରେ ଅନେକ ପୃଥିବୀଙ୍କୁ ଦେଖେଇ ଦେଇପାରେ । ସେଥିପାଇଁ 'ବର୍ଷା' କବିତାରେ ସେ କହେ: "ତୁ ଆ ବୋଲି ଡାକିଦେଲା ପରେ / କୋହର କମକରା ପାଟ ପିନ୍ଧି କୁହୁଳୁଛି ନଈ / ଭୋକର ଭୂଗୋଳ ଭିତରେ ଭିଜି ଚାଲେ ସମୟର ଅଜଣା ବାଟୋଇ / ଆଉ ଇଚ୍ଛାର ଏନ୍ତୁଡ଼ିଶାଳରେ ମୁଁ ଜାଳିଦିଏ ପଳାତକ ମୃତ୍ୟୁର କୋକେଇ ।" **(ସଂ.ମାଟି ଛୁଇଁ ନଥିବା ସୂର୍ଯ୍ୟୋଦୟ, ପୃ.୧୩)**

ତଥାପି ଜୀବନ ପ୍ରତି କାବ୍ୟପୁରୁଷ ଖୁବ୍ ମୋହଗ୍ରସ୍ତ । ପୃଥିବୀର ପ୍ରତିଟି ରମ୍ୟ ଭିତରେ ସେ ଖୋଜୁଥାଏ ନିଜକୁ । ଯାହା ଅନିର୍ବଚନୀୟ, ଶାଶ୍ୱତ ଓ


HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com

ବିରାଟ ତା'ର ଆକଳନ କରିବାକୁ, ସେହି ଚରମ ସତ୍ୟକୁ ଉପଲବ୍ଧି କରିବାକୁ ସେ ପ୍ରୟାସୀ । ଏ ମାଟି ତା'ର ସ୍ୱର୍ଗ, ଏ ମାଟିରେ ସେ ପାଉଥାଏ ଚିରନ୍ତନ ଅନୁରାଗ, ପ୍ରତିଟି ଦୃଶ୍ୟରାଜି ସ୍ୱପ୍ନମୟ ହୋଇଯାଏ ତା'ର ଭାବ ଓ ଭାବନାରେ । ଏହି ଅସମାହିତ ରହସ୍ୟକୁ ଭେଦ କରିବାର ଏକ ଆହ୍ଲାଦପଣ ସେ ନିଜ ଭିତରେ ଖୁବ୍ ଅନୁଭବ କରୁଥାଏ । ସେଥିପାଇଁ ସେ କହେ: "ତଥାପି ଜୀବନ ଡାକେ ଆ ! ଚିତ୍ତରଂଜନ !/ ହେ ପାଞ୍ଚମନ ଥାଉ ପଚିଶ ପ୍ରକୃତିର ଦୁର୍ଲଭ ଦ୍ରବଣ !/ ଆ ଆ ଏଇ ଫଟା ମାଟିର ବିଛଣାରେ ଆଉ ଟିକେ ବସ୍ / କେବେ ଫଗୁଣ ପରି ବାସ, କେବେ ବିଞ୍ଛି ବିଞ୍ଛି ଚାଲ/ ଲିଭୁ ନଥିବା ନିର୍ମମ ନିଆଁର ସବୁଯାକ ଧାସ ।" **(ସଂ ମାଟି ଛୁଇଁ ନଥିବା ସୂର୍ଯ୍ୟୋଦୟ, ପୃ.୧୭)**

ଶବ୍ଦ ବସାଣରେ ସର୍ବଦା ନୂତନତା ଖୋଜୁଥିବା କବି ଚିତ୍ତରଂଜନଙ୍କ ସମଗ୍ର କାବ୍ୟ-ପୃଥ୍ୱୀ ତାଙ୍କ ଆଖିର ଡୋଳା ପରି ଦିଶୁଥାଏ ସ୍ୱପ୍ନମୟ ଦୃଶ୍ୟରାଜିରେ । ଏହି ଆଖିର ପୃଥିବୀରୁ ନିଜକୁ କେବେବେଳେ ଦୂରେଇ ରଖି ପାରିନାହାନ୍ତି ସେ । ସେଥିପାଇଁ ପ୍ରତିଟି ମୁହୂର୍ତ୍ତରେ ଧୂଳିଧୂସରିତ ଯେତେ ସ୍ୱପ୍ନ ପୁନଶ୍ଚ ସୀମାହୀନ ହୋଇ ପ୍ରାଣମୟ ହୋଇଉଠେ । ସେଠି ଦିଶନ୍ତି ସଚ୍ଚି ରାଉତରାୟ, ଦିଶନ୍ତି ରମାକାନ୍ତ ରଥ, କବି ପ୍ରସନ୍ନ ମିଶ୍ର, ଗୌତମୀ ଭିତରେ କବି ଗୌତମ ଜେନା ଓ ନୀଳମାଷ୍ଟରାଣୀ ଭିତରେ ଗୋଦାବରୀଶ ମହାପାତ୍ର । ସମୟକୁ ସେ ଗୁନ୍ଥି ପାରନ୍ତି କବିତାର ଫୁଲରେ ଅତୀତରୁ ବର୍ତ୍ତମାନ ଯାଏ । ତା' ଭିତରେ ଏ ମାଟିର ସ୍ୱରୂପକୁ ଅଂକନ କରନ୍ତି ସେ । ସେ କହନ୍ତି: "ଅଳକା ସାନ୍ୟାଲ ଠୁ ଚନ୍ଦ୍ରା ବେହେରାଣୀ / ମଲ୍ଲିକା, ମନିକା, ଗୌତମୀ ଓ ନୀଳମାଷ୍ଟରାଣୀ / ସବୁଠି କିଛି ଲୁହ ସିଲେଇ ହୁଅନ୍ତି ଲହୁରେ / ସବୁଠି ରତୁମାନଙ୍କ ଗଳିତ ଶବ ଲାଖି ରହିଥାଏ ରାତିରେ / ଆଉ ଭଙ୍ଗା ମହୁଫେଣାରୁ ଝାଳ ବତୁରିଥାଏ ମହୁରେ ।" **(ସଂ.ମାଟିଛୁଇଁ ନଥିବା ସୂର୍ଯ୍ୟୋଦୟ, ପୃ.୨୪)** 'ହାଟ ସଉଦା' ଠୁ 'ଧୋନା ମହାପାତ୍ର', 'ରାଧା ପରି କେହି ଜଣେ' ଠୁ 'ବୋଉ'ଯାଏଁ, 'ଅନୁପମାର ଗାଁ'ଠୁ 'ବାପା' ଓ 'ବୋଉ' ଯାଏଁ, 'ଗାଁ', ଘରୁ ଠୁ 'ଧାଡ଼ିର ସବାଶେଷ ଲୋକ'ଯାଏଁ ସବୁଠି ଦିଶୁଥାଏ ସବୁଜ ଜୀବନର ଆକର୍ଷଣ । ସ୍ମୃତିର ପାଉଁଶ ଗଦା ଭିତରୁ, ବସନ୍ତର ପତ୍ରଝଡ଼ା ଥୁଣ୍ଟାଗଛରୁ, ସମୟର ଚୋରା ବାଲିରୁ ସେ ଖୋଜନ୍ତି ମାଟିର ସୁଖ ଟିକକ । ଧାଡ଼ିର ସବା ଶେଷ ଲୋକ ହୋଇ ବି ଅଭିଯୋଗ ଓ ପ୍ରତିବାଦ ଠୁ ଦୂରେଇ ସେ ଗାଆନ୍ତି ଜୀବନର ଗୀତ । କାବ୍ୟ ପୁରୁଷ କହେ: "ସେ ବନେଇଛି ହାତକୁ ହାତୁଡ଼ି, ପ୍ରେମକୁ ପଶାକାଠି, ଲୁହକୁ ଲଙ୍ଗଳ / ସେ ବନେଇଛି ରକ୍ତକୁ ରତ୍ନ, ରତିକୁ ରହସ୍ୟର ରୀତି ଓ ଶୋକକୁ ସକାଳ / ସେ ଶବ୍ଦର ସୋମରସ ପିଇ ଠିଆ ନଙ୍ଗଳା ନାଚୁଛି ତୁମ ସାଲୁବାଲୁ ସ୍ଲୋଗାନରେ / ସେ ଅକ୍ଷରଙ୍କ ଆର୍ତ୍ତନାଦ ହୋଇ ଝପଟି ଆସୁଛି ତୁମ କମନୀୟ କବିତାରେ ।" **(ମାଟି ଛୁଇଁ ନଥିବା ସୂର୍ଯ୍ୟୋଦୟ, ପୃ.୧୦୫)** ।

ପରବର୍ତ୍ତୀ 'ଡାକୁଛ ବୋଲି ଜାଣେ' ଓ 'ଆସୁଛ ବୋଲି ଜାଣେ' କବିତାମାନଙ୍କ ଭିତରେ ଦିଶୁଥାଏ ସ୍ୱପ୍ନର କଅଁଳ ତାଳପତ୍ର । ସବୁଠି ଶୁଭେ ସ୍ମୃତିର ପଦଧ୍ୱନି, ସମୟର ଦର୍ପଣରେ ଦିଶେ ମାଟିର ମଗ୍ନ ରୂପ । ଏସବୁ କବିତାମାନଙ୍କରେ ସ୍ପଷ୍ଟ ଭାବରେ ଦିଶୁଥାଏ ମାଟିର ଆବେଗମୟ ରୂପ । ଡହଡହ ଯନ୍ତ୍ରଣାର ନିଆଁରୁ ଏ ମାଟି ନେଇଯାଏ ମହମହ ମୃଦୁମନ୍ଦ ଫଗୁଣର ଆମ୍ବବଉଳର ବାସ୍ନାକୁ, ବିତୃଷ୍ଣ ଜୀବନ ଭିତରେ ବାରମ୍ବାର ଭରିଦିଏ ଉଚ୍ଛ୍ୱାସପୂର୍ଣ୍ଣ ପ୍ରେମ ସଂଗୀତ । ସବୁଠି ଦିଶୁଥାଏ ସାଧାସିଧା ଜୀବନର ରୂପ । ସମୟର ପରିବର୍ତ୍ତିତ ରୂପରେ, ଆଜିର ପରିବର୍ତ୍ତିତ ଜୀବନ ଶୈଳୀରେ ମୋବାଇଲ ଓ ଗୁଗୁଲର ପ୍ରଭାବକୁ ବେଶ୍ କାବ୍ୟପୁରୁଷ ଅନୁଭବ କରିଥିଲେ ବି ସେ ସେହି ପେଣ୍ଠାଏ ଜାମୁକୋଳିକୁ, ପୁରୁଣା ଆକାଶକୁ ଖୋଜୁଥାଏ ଆଜିର ମାନଚିତ୍ରରେ । ସେ କହେ: "ଯଦିଓ ଆଗ ଭଳି ଆଉ / ଧରି ପାରୁନାହିଁ କଂକି ଅବା ପ୍ରଜାପତି / ଆଗ ଭଳି ଆଉ ପାପର ନିଆଁରେ ଜାଳୁନି ପୁଣ୍ୟର ଛାତି / ତଥାପି ତା' ଦେହ କସ୍ତୁରୀ ବାସ୍ନା / ମୋତେ ଯେ ପାଗଳ କରେ / ତା' ପୋଖରୀ ପାଣି ମୋ ପାଇଁ ଗଙ୍ଗା / ମୋତେ ସଦା ହାତ ଠାରେ ।" **(ଡାକୁଛ ବୋଲି ଜାଣେ, ପୃ.୨୯)** 'ଭିଟାମାଟି' ଠୁ 'ଘର', 'ସ୍ୱପ୍ନ' ଓ 'ଝଡ଼' ଠୁ 'ଜୀବନ' ଓ 'ଆସ' ଯାଏଁ ପ୍ରଲମ୍ବିତ କବିଙ୍କର ଜୀବନବୋଧକୁ କବିତାମାନଙ୍କରେ ସ୍ପଷ୍ଟ ଅନୁଭବ କରିହୁଏ । ସେ ସେଇଥିପାଇଁ ଖୋଜୁଥାଏ ସମୟର ହସ୍ତାକ୍ଷର, ଲେଖୁଥାଏ ପାଷାଣର ଅଦୃଶ୍ୟ କବିତା ଓ କହେ: "ଆଜି ହିସାବ କରିବାକୁ ହେବ / ବୈଶାଖରେ ପୋଡ଼ି ଯାଇଥିବା ଫୁଲ / ଶୁଖି ଯାଇଥିବା ନଈର ଦେହରୁ ଉଦ୍ଧାର କରିବାକୁ ହେବ ସୁନାର ଫସଲ / ଆଜି ଲେଖିବାକୁ ହେବ / ଜିନ୍ଦାବାଦ ଆଉ ଜିହାଦର ଜମାନବନ୍ଦୀ / ଝାଳରେ ସଜାଡ଼ିବାକୁ ହେବ ଅସ୍ତ୍ର..." **(ଡାକୁଛ ବୋଲି ଜାଣେ, ପୃ.୩୯)**

ଏ ଭାବନା କବିର ଅନ୍ତର୍ମଗ୍ନ ଉପଲବ୍ଧିକୁ ଉଚ୍ଛ୍ୱାସପୂର୍ଣ୍ଣ କରିଦିଏ ଯେମିତି, ଆଧୁନିକ ଜୀବନକୁ କାବ୍ୟିକପଣରେ କଟାକ୍ଷ କରୁଥାଏ ସେମିତି । ସର୍ବୋପରି ସେ ଜୀବନ ପ୍ରତି ସମ୍ବେଦନଶୀଳ । ସେଥିପାଇଁ ତାଙ୍କ କାବ୍ୟ ଭାବନାରେ ଜୀବନର ନିର୍ଭୁଲ ରୂପ ପ୍ରତିଫଳିତ ହେବା ପାଇଁ ପ୍ରୟାସ କରୁଥାଏ । ଆଧୁନିକ ଜୀବନ ବିଡ଼ମ୍ବନା ଓ ସଂଶୟବୋଧ ଠୁ ଦୂରରେ ରହି କବି କହେ: "ମୁଁ ହାରିବା ଓ ଜିତିବାର ଯୁଦ୍ଧରେ ନଥାଏ / ମୁଁ ଆସିବା ଓ ଫେରିବାର ସଂଧିରେ ନଥାଏ / ପ୍ରେମର ଏ ପାପୁଲିଏ ମହକ ନିଶାରେ / ମୁଁ ନିରପରାଧ ଭୂଇଁରେ / ଅପେକ୍ଷାରତ କାଳକାଳ ଯାଏ ।" **(ସଂ.ଡାକୁଛ ବୋଲି ଜାଣେ,ପୃ.୧୧୨)** ଏ ଯୁଦ୍ଧ ସମୟ ସହିତ ମଣିଷର, ପ୍ରେମ ସହିତ ଦେହର, ସ୍ୱପ୍ନ ସହିତ ରାତିର ଓ ଚଳମାନ ସମୟ ସହିତ ସ୍ମୃତିର । ମାଟି ସେଇମିତି ଆଲିଙ୍ଗନ ମୁଦ୍ରାରେ ଡାକୁଛି ଆ ଆ । ଅଥଚ ମଣିଷ ହଜେଇ ଦେଉଛି ଆବେଗର ମହକ । ସେଥିପାଇଁ କବି କହେ: "ଏବେ ଆଉ ସହଜ ନୁହେଁ ପୋଖରୀ ପହଁରା / ସହଜ ନୁହେଁ ଅଣ୍ଟିଏ ପାଣିସିଙ୍ଗଡ଼ା ପାଇଁ / ଜୋକମାନଙ୍କୁ ସମର୍ପି ଦେବା ଆମ ପିଜାବର୍ଗରିଆ ଦେହ / ସହଜ ନୁହେଁ ପ୍ରଣୟର ଢଳଢଳ ପଦ୍ମପତ୍ର ତୋଳିବାକୁ / ବୋଉଝାଟି ଦଳରେ ବାନ୍ଧିଦେବା ଅପେକ୍ଷାର ମୋହ ।" **(ସଂ.ଆସୁଛି ବୋଲି ଜାଣେ.ପୃ.୧୦୫)**

ସବୁ ଦୁଃଖ ଭିତରେ ମାଟିର ଉପାସନା ଓ ଅପ୍ରାପ୍ତି ଭିତରେ ଆଶା ଓ ଅପେକ୍ଷା ଚିତ୍ତରଂଜନଙ୍କ କାବ୍ୟ ବିଭାର ପ୍ରମୁଖ ଦିଗ । ସମସ୍ତ ଖୋଜାଖୋଜି ଓ ଲୋଡ଼ାଲୋଡ଼ିର ପ୍ରମୁଖ ଆଧାର ଏହି ମାଟି, ଯେଉଁଠି ଆକାଶ ଦିଶେ, ଜହ୍ନ ଦିଶେ, ଗ୍ରୀଷ୍ମ ଥାଏ, ଶୀତ ବି ଥାଏ, ଯେଉଁଠି ମୋହ ଥାଏ ଓ ମୁକ୍ତି ପାଇଁ ବାଟ ଖୋଜା ଚାଲିଥାଏ । ମାଟିମନସ୍କତାର ମହାବ୍ୟାପ୍ତି ଭିତରେ ତାଙ୍କ କବିତା ଅନ୍ତରଙ୍ଗ ଯେମିତି, ସମୟର ଆହ୍ୱାନରେ ମନୋରମ ମଧ୍ୟ ସେମିତି ।


ଆଜିର କବି ଜୀବନର କ୍ଲାନ୍ତି ଓ ନୈରାଶ୍ୟ ଭିତରୁ ମୁକ୍ତି ପାଇଁ ପ୍ରାର୍ଥନା କରେନାହିଁ କେଉଁଠି । ସ୍ୱପ୍ନ ଓ ଆଶ୍ୱାସନାର କାମନାରେ ହାତପାତି ଠିଆ ହୁଏନା କେଉଁଠି । ସମୟର ଆହ୍ୱାନକୁ ସେ ଗ୍ରହଣ କରେ, ମୃତ୍ୟୁ ଭିତରେ ଅମୃତର ଅନ୍ୱେଷଣ କରୁଥାଏ । ଜୀବନର ଅସାରତା ଭିତରେ ସେ ନୂଆ ନୂଆ ସ୍ୱପ୍ନଙ୍କୁ ତିଆରି କରୁଥାଏ । ନିୟତି ନୁହେଁ, ବରଂ ଜୀବନର ରହସ୍ୟକୁ ଖୋଜି ଚାଲିଥାଏ ସେ ।

ଆଧୁନିକ ମଣିଷର ଜୀବନ ଖୋଜା ଭିତରେ ଯେଉଁ ବ୍ୟାକୁଳତା ଟିକକ ଥାଏ, ତାହା କାବ୍ୟ ନାୟକର କବିତା ପୁଞ୍ଜି ପାଲଟି ଯାଏ । ଚିହ୍ନା ଅଚିହ୍ନା ନିର୍ବିଶେଷରେ ସେ ଜୀବନର ବେସୁରା ରାଗିଣୀକୁ ଏକ ସ୍ୱରମୟ ଛନ୍ଦରେ ରୂପାନ୍ତରିତ କରିଦିଏ । ଏଇ ଉପଲବ୍ଧି ହିଁ ସହସ୍ରାବ୍ଦୀ ପରବର୍ତ୍ତୀ କବିତାକୁ ପ୍ରଦାନ କରିଛି ନୂଆ ରୂପ ଓ ପରିବ୍ୟାପ୍ତ କରିଛି ନୈର୍ବ୍ୟକ୍ତିକ ଚେତନାରେ । ଆଉ ନାହିଁ ଜୀବନ ପ୍ରତି ସଂଶୟ ଓ ମୃତ୍ୟୁବୋଧ । ଭୂମିରେ କାବ୍ୟନାୟକ ଘଟାଇ ପାରୁଛି ଭୂମାର ପ୍ରତିଫଳନ । ସେଥିପାଇଁ ଆଜି କାବ୍ୟିକ ସତ୍ତା ସମସ୍ତେ ବିଫଳତା ଭିତରେ ଏକ ସଫଳତମ ପରିପୂର୍ଣ୍ଣ ମଣିଷକୁ ଅନ୍ୱେଷଣ କରିବାରେ ବ୍ରତୀ ହୋଇଛି ।

ସମୟର ସମୁଦ୍ରରେ ଉଠୁଥିବା ଝଡ଼କୁ ଏ କବିସତ୍ତା କେବଳ ଅନୁଭବ କରୁନାହିଁ, ବରଂ ତା' ଭିତରୁ ଜୀବନର ସତ୍ୟକୁ ଖୋଜି ଆଣିବାର ପ୍ରୟାସ କରୁଛି । ଏ ପ୍ରୟାସ ଆଜିର କବିତାକୁ ଦେଇଛି ନୂଆ ରୂପ ଓ ନୂଆ ବିଭବ ତଥା ବିଭୋରପଣିଆ । ଯୋଡ଼ି ଚାଲିଛି ଜଣକୁ ଗଣ ସହିତ, ଗଣକୁ ସାରା ବିଶ୍ୱ ସହିତ । ସେଥିପାଇଁ ସେ କହେ: "Because we do not sing to separate ourselves / from the world, my friends/ to unite we sing. **(Yarim Ritso)**

ପ୍ରସଙ୍ଗ-୪

# ପଲ୍ଲୀପ୍ରାଣର ପ୍ରେମିକ









# ପଲ୍ଲୀଭୂଇଁର ମିଠା ମହକ: କବି ହୃଦାନନ୍ଦ ପାଣିଗ୍ରାହୀଙ୍କ କବିତାର ଡାକ


**ଡକ୍ଟର ବିଶ୍ୱରଂଜନ ଦାସ**

ବିଭାଗୀୟ ମୁଖ୍ୟ,
ବିଏନ୍‌ଏମ୍‌ଏ କଲେଜ, ପାଳିଆବିନ୍ଧା, ଭଦ୍ରକ
ଫୋନ: ୯୯୩୭୭୭୯୪୫୨


ଫଟୋ ସୌଜନ୍ୟ : ଗୁଗୁଲ୍ ଓ ଲେଖକ

ପଲ୍ଲୀ ପରିବେଶର ଜୀବନ୍ତ ରୂପଚିତ୍ର, କୃଷିକର୍ମୀଣି ଓ ମାଟିବୋଧକୁ ନେଇ ଗଢା କବି ହୃଦାନନ୍ଦ ପାଣିଗ୍ରାହୀଙ୍କ କାବ୍ୟଦିଗନ୍ତ । ପଲ୍ଲୀ ଜୀବନ କୈନ୍ଦ୍ରିକ ଗାଥା ଓ ଗ୍ରାମ୍ୟ ମଣିଷର ମୁଖର ଭାଷାକୁ ଥାପିବାରେ ଅକପଟ ଶ୍ରଦ୍ଧାପଣ ହିଁ ତାଙ୍କ କବିତା । ବହୁ ପ୍ରଚଳିତ ଅଥଚ ସଂପ୍ରତି ସମାଜ ଜୀବନରୁ ଅପସାରିତ ହୋଇପଡୁଥିବା ଶବ୍ଦଗୁଡ଼ିକର ସୁଚୟନ ଓ ମନୋଜ୍ଞ କାବ୍ୟିକ ବସାଣରେ ସେ ବେଶ୍ ପାରଙ୍ଗମ । ବିଶେଷତଃ ଓଡ଼ିଆ ଘରର ଚଳଣି ଓ ମାଟି-ପାଣି-ପବନର ମହକ ତାଙ୍କ କବିତା ମଧ୍ୟରୁ ବାରି ହେଇପଡ଼େ ଆପଣାଛାଏ । ତାଙ୍କ କବିତାର ଭାବବୋଧ ଯେପରି ପରିଚ୍ଛନ୍ନ, ପରିବେଷଣ ରୀତି ରୋକଠୋକ ଓ ଅନନ୍ୟ । ବୌଦ୍ଧିକ ଚେତନସ୍ତରରୁ ଓହରି ନିରାଡ଼ମ୍ବରତା ଆଡ଼କୁ ତାଙ୍କର ସଫଳକାମୀ ଯାତ୍ରା । ସରଳତା, ସ୍ୱଚ୍ଛତା ଓ ଜୀବନକୁ ଆତ୍ମୀୟ ଦୃଷ୍ଟିରେ ଦେଖିବାର ଅନୁଭବସିଦ୍ଧ ଅଭିବ୍ୟକ୍ତି । କବିତାରେ 'ଅତିରିକ୍ତ ଅହଂବାଦୀ ବ୍ୟକ୍ତିଗତତା'(Esotericism)ଠାରୁ ସେ ବହୁ ଦୂରରେ । ଆଲୋଚକ କବି ସୌରୀନ୍ଦ୍ର ବାରିକ୍‌ଙ୍କ ମତ ଦିଅନ୍ତି- "ହୃଦାନନ୍ଦର କବିତା ପଢ଼ିଲେ କେମିତି ଭିନେଭିନେ ଲାଗେ । ଏପରି ଭିନେ ଲାଗିବାଟା ବୁଝାଇବା ସହଜ ନୁହେଁ । x x x ଏହା ଯେମିତି ଅତି ଚିହ୍ନାଚିହ୍ନା ଅନୁଭୂତିକୁ ନିଜ ଭାବରେ କହିଦେବା, ଆଉଥରେ ନୂଆକରି ଦେଖାଇଦେବା ବେଳେ କହିଦେଇଚି ଅବା ଦେଖାଇ ଦେଇଛି ବୋଲି ଆଦୌ ଜଣାଇ ନଦେବା ।"**(ବାରିକ୍, ସୌରୀନ୍ଦ୍ର, ନିଜମତେ ନିଜର କବିତା, ଅନନ୍ତ ପ୍ରେମର ଗୀତ)** କବିଙ୍କ ସୃଜନ କ୍ରିୟାର ବହୁ ଉପାଦାନ ଏଇ ଚିର ପରିଚିତ ପଲ୍ଲୀ ଭୂମିରୁ । ଜୀବନର ଭିନ୍ନଭିନ୍ନ ସମୟରେ ନିଜସ୍ୱ ଅନୁଭବ ଓ ଅନୁଭୂତି ଦ୍ୱାରା ଚଳଚଞ୍ଚଳ ତାଙ୍କର ମାଟିବୋଧ ଆଉ ମିଠାପଣର କାବ୍ୟସ୍ୱର ।

## କବିତା ସମଗ୍ର ଓ ପ୍ରଚ୍ଛଦ ପ୍ରସଙ୍ଗ

**(୧) ଅନନ୍ତ ପ୍ରେମର ଗୀତ-୧୯୯୦:** ପ୍ରସଙ୍ଗ: ଶଙ୍କାଗ୍ରସ୍ତ ପ୍ରେମର ଯୁଗନନ୍ଧ ଚିତ୍ର ।

**(୨) ଲୁହର ଟୋପାଏ ଜହ୍ନ-୧୯୯୧ :** ପ୍ରସଙ୍ଗ: କେରାଏ କେଶରେ ଶୋଭିତ ନାରୀର ସୁନ୍ଦର ମୁଖମଣ୍ଡଳ । 'Where love is great, the great love is there.''[୨]

**(୩) ନଷ୍ଟପାଦ- ୧୯୯୪:** ପ୍ରସଙ୍ଗ: ନଷ୍ଟ ହୋଇଯାଇଥିବା ପାଦର ଦାଗ ଓ ଏହା ମିଥ୍ ସମ୍ପର୍କୀତ । ପୁରାଣବର୍ଣ୍ଣିତ ବୃଷଭର ନଷ୍ଟପାଦ ସମ୍ପର୍କରେ ସୂଚନା ଦିଏ ।

**(୪) ଆରତ ନଳିନୀବନ-୧୯୯୬:** ପ୍ରସଙ୍ଗ: ଚୈତନ୍ୟଙ୍କ ଐକାନ୍ତିକ ଭକ୍ତିଭାବନା ସୂଚିତ ।

**(୫) ଝରିପଡୁଥିବା ଶୂନ୍ୟତା-୨୦୦୦:** ପ୍ରସଙ୍ଗ: ବୃଦ୍ଧଙ୍କ ବିଷାଦଗ୍ରସ୍ତ ଲୋଚାକୋଚା ମୁହଁ ।

**(୬) ଗୋଟାପଣେ ଦୁଃଖରେ-୨୦୦୨:** ପ୍ରସଙ୍ଗ: ଜୀବନ ଅଡୁଆ ସୂତାର ବଣ୍ଡଲ୍ ।

**(୭) ଶକୁନ୍ତଳା- ୨୦୦୨ :** ପ୍ରସଙ୍ଗ: ଶୂନ୍ୟ କଳସୀର ଆଖିରେ ମାନବାୟିତ ଦୃଷ୍ଟି ଏବଂ କଳସୀର ଫେନ୍ଦରେ ନାରୀ ଆଖିର ଶୋଷ, ଆବେଗ ତା' ଉପରେ ଟୋପାଏ ସିନ୍ଦୂର ।

**(୮) ମାଟିକଥା- ୨୦୦୫ :** ପ୍ରସଙ୍ଗ: କ୍ଷୟିଷ୍ଣୁ କାଳ ଓ ଅନ୍ତଃସାରଶୂନ୍ୟ ଜୀବନର ଚିତ୍ର ଉତ୍‌କୀର୍ଣ୍ଣ ।

**(୯) ଆଗପାହୁଣ୍ଡ- ୨୦୦୫ :** ପ୍ରସଙ୍ଗ: ଏକାକୀ ପଥିକ, ଯାତ୍ରା ଅସରନ୍ତି ।

**(୧୦) ପାଣିଫୋଟକା- ୨୦୦୮ :** ପ୍ରସଙ୍ଗ: ପ୍ରସ୍ଫୁଟିତ ଫୁଲରେ କାକରବୁନ୍ଦା ।

**(୧୧) ମନେପଡ଼େ ଆଜି- ୨୦୦୮:** ପ୍ରସଙ୍ଗ: ବିଗତ ସମୟକୁ ପଛକରି କଣ୍ଟକିତ ଓ ଦୁର୍ଗମ ପଥରେ ଚାଲିଥିବା ନାରୀ ଏବଂ ତା' ସତ୍ତ୍ୱେ ଫୁଲର ପାଖୁଡ଼ାରେ ରୋମାଣ୍ଟିକ୍ ଚେତନା ।

**(୧୨) ଦୀଘି- ୨୦୧୨ :** ପ୍ରସଙ୍ଗ: ବିଜ୍ଞାପନର ଚାରାଗଛକୁ କ୍ରେନ୍‌ଟିଏ ଉଠାଇ ନେଉଛି । ନାରୀ ଆଖିରୁ ଝରୁଥିବା ଲୁହବୁନ୍ଦା ଖସିପଡୁଛି ହାତପାପୁଲିରେ ।

**(୧୩) ଜହ୍ନ ଝିଲିମିଲି- ୨୦୧୩** (ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ)**:** ପ୍ରସଙ୍ଗ: ଗୀତିମୟ ସୁକୁମୋଳ ଉଚ୍ଛ୍ୱାସ ।

**(୧୪) ଅଂଧାର ଧୂଳି- ୨୦୧୫ :** ପ୍ରସଙ୍ଗ: ଗ୍ରାମୀଣ ଜୀବନ ଓ ସମୟର ଦୃଶ୍ୟ ଅନୁସଙ୍ଗ ।

**(୧୫) ମେଘଆଙ୍ଗୁଡ଼ି- ୨୦୧୭ :** ପ୍ରସଙ୍ଗ: ଫଟାମାଟି ଓ ବର୍ଷାର ମନ୍ଦ୍ରସାନ୍ଦ୍ର ଆଭାସ ।


**(୧୬) ଛାଇର ପାଦ-୨୦୧୮ :** ପ୍ରସଙ୍ଗ: ଅନେକ ଯାତନାରେ ରତିଏ ଆଶ୍ୱାସନା ପରଶ ।

**(୧୭) ମାୟାମୁରୁଜ-୨୦୧୯ :** ପ୍ରସଙ୍ଗ: ଚିତ୍ରମାୟାରେ ଝଲମଲ ଜୀବନ ।



▶ ଲେଖକ ଡକ୍ଟର ବିଶ୍ୱରଂଜନ ଦାସ

**(୧୮) ଗାଆଁର ପଣତକାନି-୨୦୨୦ :** ପ୍ରସଙ୍ଗ: ଗାଁ ମାଟିର ଆଶିଷ ଓ ସମ୍ମୋହନପଣ ।
**(୧୯) କେତେ ଖରାତରା -୨୦୨୨ :** ପ୍ରସଙ୍ଗ: ଦୁଃଖ ଓ ଯାତନାରେ ଜୀନର ଦୌଡ଼ ।
**(୨୦) ବଞ୍ଚି ଆସିଥିବା ବିଶ୍ୱାସ-୨୦୨୩ :** ପ୍ରସଙ୍ଗ: ନିରୁତା ଜୀବନ ଜିଇଁଥିବା ମୁହୂର୍ତ୍ତମାନ ।




## ମାଟିମର୍ମର କାବ୍ୟକଳ୍ପ: 'ମାଟିକଥା'

୨୦୦୫, କଟକ 'ବିଜୟିନୀ' ପବ୍ଲିକେଶନ୍ ପ୍ରକାଶିତ କବି ହୃଦାନନ୍ଦଙ୍କ 'ମାଟିକଥା' ମାଟିସଂଲଗ୍ନ ମଣିଷର କାବ୍ୟକଥା । ମାଟିକୁ ଛାଡ଼ି ଜୀବନ ନାହିଁ, କବିତା ବି ନାହିଁ । ଏଲିଜାବେଥ୍ ଡ୍ରିଉଙ୍କ ଭାବନାରେ- 'Language is like soil. However rich, it is subject to erosion and its fertility is constantly threatened by uses that exhaust its vitality' ଆମ ସାହିତ୍ୟରେ ମାଟିକୁ ନେଇ ରଚିତ ହୋଇଛି କେତେଗୋଟି କାଳଜୟୀ ସୃଷ୍ଟି । କାଳିନ୍ଦୀଚରଣଙ୍କ 'ମାଟିର ମଣିଷ', ଗୋପୀନାଥଙ୍କ 'ମାଟିମଟାଳ', ନିତ୍ୟାନନ୍ଦ ମହାପାତ୍ରଙ୍କ 'ହିଡ଼ମାଟି' ଓଡ଼ିଆ ଉପନ୍ୟାସ ସାହିତ୍ୟର ଏକଏକ ଆମର କୃତି । ଛାନ୍ଦସିକ କବି ରାଧାମୋହନ ଗଡ଼ନାୟକଙ୍କ 'ମାଟି' କବିତା ଗୋଟିଏ ସାର୍ଥକ ମାଟିମର୍ମର କଥା । ଉତ୍ତର ଆଧୁନିକ କାବ୍ୟଧାରାରେ ହୃଦାନନ୍ଦଙ୍କ 'ମାଟିକଥା'ର ଅନ୍ତଃସ୍ୱର ମଧ ମାଟିମନସ୍କ । ଓଡ଼ିଶାର ପଲ୍ଲୀ ଅଂଚଳର ଆର୍ଥିକ ସ୍ଥିତି କୃଷିନିର୍ଭର । ଯଦିଓ ଆଜି ନବଯୁବକ ପେଟର ଜ୍ୱାଳା ସହିନପାରି ସୁରଟ ଯାତ୍ରାକରେ କିମ୍ବା ଗାଁ ରାଜନୀତିରେ ମୁଣ୍ଡପୂରେଇ ଦୂରେଇ ଦିଏ ଗାଁ ମାଟିର କୋମଳତା, ତଥାପି ଦୀନହୀନ କୃଷକ, ଭାଙ୍ଗି ପଡୁଥିବା କମରସଳଖି ନିଜକୁ ତୟାର କରେ ହିଡ଼ମୁଣ୍ଡରେ । ଜୀବନର ଏ ଧାରାଟି ବଡ଼ ବିଚିତ୍ର । ଏହି କ୍ରମରେ କବିଙ୍କ କବିତାର କେତେକ ପଙ୍କ୍ତିରୁ ଉଦାହରଣ ନିଆଯାଇପାରେ-

(କ) ଧାନ ଶିଁଷାକ ମୋ ମା / ଦରଜା କବାଟ ଖୋଲି / ପଶି ଆସେ ଦଲକାଏ / ମଗୁଶିର ବା' ।**(ମାଟିକଥା)**

(ଖ) ଏ ମାଟି ସତକୁସତ / ମତେ ଶହେଥର ମାରେ / ଶହେଥର ବଞ୍ଚାଏ / ଏମିତି ଦିନେ ମାଟି ହାବୁଡ଼ି / ମାଟି ସାଂଗରେ ମାଟି ହୋଇଯାଏ ।*(ମାୟା, ପୃ.-୫୧)*

(ଗ) ଏ ମାଟି ସିମିତି ଥିବ / ମୁଁ ଚାଲିଯିବି ମୋ ବାଟରେ । *(ପାଛିଆବାଲା)*

(ଘ) ପିତୃପିତା ମାଟିରେ / ଏଇ କୁଳବେଉସା ଗୋଟିକ / ଆଇଛାଇ କରି / ମାଟିକାମୁଡ଼ି ପଡ଼ିଆସିଛି ଏତେକାଳ । *(ପାଟହଳିଆ )*

ସଂକଳନର ସାମଗ୍ରିକ ଭାବେ କେନ୍ଦ୍ରିୟ ଭାବ ଫୁଟିଉଠେ 'ପାଟହଳିଆ' କବିତାରୁ । କୃଷିଜୀବି ମଣିଷ ପ୍ରତି ଦରଦୀ କବିପ୍ରାଣରେ ସ୍ୱତଃ ସମାଜବାଦର ସ୍ୱର ଫୁଟିଉଠିଛି- "ଯଉଁ ଝାଳବୁନ୍ଦା ପଡ଼ିଲା ମାଟିରେ / ତାକୁ ଖରା ଶୋଷିନେଲା । / X X X / ଫସଲରେ ରୋଗପୋକ / ମରୁଡ଼ି ସାଂଗକୁ / ଧାନର ଅଭାବୀ ବିକ୍ରୀ / କାଂଧରୁ ତୋ' ଲକ୍ଷ୍ମୀ ଛାଡ଼ିଗଲା ।" ଅଭାବ, ଦୈନ୍ୟ, କଷଣ କୃଷିଭିତ୍ତିକ ଜୀବନକୁ କିପରି କାବୁକରି ବସିଛି, 'ଘଇତାମାରି ପାଟ' କବିତାକୁ ଲକ୍ଷ୍ୟ କରିହୁଏ- "ଟଳିପଡ଼ିଲା ଛଟାବାଡ଼ିଆ ପଞ୍ଜରା ହାଡ଼ / ଭଂଗା-ନଷ୍ଟିଆ ଦିହଟାଏ / ଅଭାବର, କଷଣର ।" ମାଟିକୁ ଅଧିକ ସନ୍ନିବଦ୍ଧ କରିବା ପାଇଁ କେତେଗୋଟି ଉଚ୍ଚଭାବ ପ୍ରବୋଧନକାରୀ ପ୍ରୟୋଗକୁ ନଜିର୍ ଭାବେ ନିଆଯାଇପାରେ ଯଥା: ପିତୃପିତା ମାଟି, କୁଳବେଉସା, ଭାତପାଣି ଭରସା, ଖାଡ଼ା ଉପାସ, ନିଖଟୁ କୁଳାଙ୍ଗାର ଇତ୍ୟାଦି ।

କବି ପାଣିଗ୍ରାହୀଙ୍କ ଲୋକମିଥ୍ ଆଶ୍ରିତ କବିତା 'ଘଇତାମାରି ପାଟ'ର କାହାଣୀଧର୍ମୀ ଆବେଦନ ସ୍ୱତନ୍ତ୍ର । ଭଦ୍ରକର ଆରଡ଼ି ନିକଟସ୍ଥ 'ଘଇତାମାରି ପାଟ'ର କିମ୍ବଦନ୍ତୀ ଲୋକମୁଖରୁ କାହିଁ କେଉଁକାଳରୁ ଶୁଣା ହୋଇ ଆସୁଛି । ଚାଷୀ ପରିବାରର ଗୋଟିଏ ବ୍ୟଥାତୁର ଚିତ୍ର ଏଥିରେ ନିହିତ । ଦୂରୁରୁ ବିଲରେ ହଳ କରୁଥିବା ସ୍ୱାମୀର ଉଂଚା ପାଞ୍ଜଣ ଦେଖି ଭୟଭୀତା ସ୍ତ୍ରୀଟି ଯେ ବୁଝିପାରିନି ଖରାରେ ସ୍ୱାମୀର ହଂସା ଉଡ଼ିଯିବ ବୋଲି । ଅଭାବ, କଷଣର ଭଂଗାନଷ୍ଟିଆ ଦିହଟା ସେଇଠି ଟଳିପଡ଼ିବ ବୋଲି । କବିଙ୍କ ଭାଷାରେ- "ମାଟି ହୋଇଗଲା ଦି' ଫାଳ / ସରିଗଲା ସିନ୍ଦୂର କାଚ / ଭାତପାଣି ଭରସା / ଗୋଟେ ମାଇପି ଲୋକର / ଛପରଉଡ଼ି ମଥାନ ଭାଂଗି ପଡ଼ିଥିବା / ଚାଳଘରଟେ ଚଷା ଝିଅର ।" ଏହାର କାହାଣୀକଳା ଗୋଦାବରୀଶଙ୍କ 'କାଳିଜାଈ' କବିତାକୁ ସ୍ମରଣ କରାଇ ଦିଏ । ଏକାକୀ ନାଉରୀ ଚିଲିକାରେ ନାଆ ବାହିଯାଉଥିବା ବେଳେ ନାରୀକଣ୍ଠର କରୁଣ କ୍ରନ୍ଦନ ଶୁଣିଲା ପରି, ସବୁ ମଧ୍ୟାହ୍ନରେ ଶୁଭେ କାନ୍ଦଣା- "ସେବେଠୁ ଯାଇଛି କେତେ / ଖରା କି ବୈଶାଖ / ହୁରୁହୁରିଆ ଝାଂଜି ପବନ / ନିଆଁ ଧାସ / ନିକାଞ୍ଚନେ ଖରାବେଳେ / କାନ୍ଦୁଥାଏ ନାରୀଟିଏ / ଧକେଇ ଧକେଇ / ମଧ୍ୟାହ୍ନ ଗୋଟାକ ।"

ସାଂପ୍ରତିକ ଜୀବନରେ କ୍ଷୟିଷ୍ଣୁ ମୂଲ୍ୟବୋଧ, ପରାଜୟତାର ଗ୍ଳାନି ପ୍ରୁଫକ୍ର ଆତ୍ମପ୍ରତ୍ୟୟହୀନ ଅନୁଶୋଚନା ପରି । କବିଙ୍କ କେତେକ କବିତାରେ ଏ କଥା-

(କ) "ଏ ଘର, ଘର ନୁହେଁ ତ / ପରିହାସ / ମୋ ଛଦ୍ମରୂପା କଂକାଳର ।"*(କର କପାଳ)*

(ଖ) "ନିଜ ଉତ୍ତାପ ଧାପରେ / ଚୁଲି ମୁହଁରୁ / ନିଗିଡି ପଡୁଥିବା ଉତୁରା କ୍ଷୀର ।"*(ସଂବଳ)*

(ଗ) "ପବନ ବି ବେଳେବେଳେ / ରାସ୍ତାସାରା ଦୁଃଖ ସବୁ ଖରକି ପକାଏ / ମୁଁ ପୁଣି ନିଜେ ନିଜ ଠିକଣାରେ / ହଜିଥିବା ମୃଦ୍ଧମନ / ନିଜେନିଜେ ସଂଗୀତର ଘୋଷାପଦ / ନାମହୀନ ଭାବ ଓ ଅଭାବ ।"*(ଟଂପୁଆ)*

କବିତାରେ କବିର ପ୍ରତ୍ୟକ୍ଷ ଅନୁଭୂତିର ଚରିତ୍ର ସାଂପ୍ରତିକ ସମୟ ଓ ଜୀବନର ପ୍ରତିନିଧିତ୍ୱକାରୀ । ଦୀପକ ମିଶ୍ରଙ୍କ ରାବଣ ଓ ରଘୁ ସାଆଣୀ, ସୌଭାଗ୍ୟ ମିଶ୍ରଙ୍କ ଶୁକଦେବ ଜେନା, ଗୁରୁପ୍ରସାଦଙ୍କ ହରେକୃଷ୍ଣ ଦାସ, ହୃଷୀକେଶ ମଲ୍ଲିକଙ୍କ ବାଇସା (ବାଇଧର ସାହୁ) ପ୍ରଭୃତିଙ୍କର ଉତ୍ତର ଦାୟାଦ ଭାବେ ଆସେ ହୃଦାନନ୍ଦଙ୍କର 'ନଖିଆନ୍ନା' । ବୁଢ଼ା ନଖିଆନ୍ନାର ଏକମାତ୍ର ଆଶ୍ରା ତା'ର ପୁଅ । ଶେଷ କାଳକୁ ଆଉ ବୁଢ଼ାକୁ ଚାହିଁନି । ନଖିଆନ୍ନାର ଦଶା ବଳିପଡ଼ିଛି । କବିଙ୍କ ଭାଷାରେ- "ଅଗଲା ଚୁଲୀ ଅଗଲା ହାଂଡ଼ି ଏବେ / ବାପ ପୁଅଙ୍କର / ନିଖଟୁ କୁଳାଂଗାର ଏବେ ଗୋଟେ କାରପଟରଦାର / କେଉଁ ଦଳର / ରକ୍ତ ଦି'ଭାଗ, ମନ ଦି'ଖଣ୍ଡ / ସଂପର୍କ ଦି'ଗଡ଼ ।"

ଗ୍ରାମ୍ୟକଥଣୀ ଭିତରେ କାବ୍ୟିକ ଚମତ୍କାରିତା ଉତ୍ତର ଆଧୁନିକ କବିତାର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ । ହୃଦାନନ୍ଦଙ୍କ ଅଧିକାଂଶ କବିତାରେ ଏହା ସ୍ପଷ୍ଟ ଲକ୍ଷ୍ୟ କରିହୁଏ । ଯେପରି "ଟଙ୍କାକ ବାରଣା ମୋ ସଂସାର ବେଭାର", "ଧାନେ ଲୋଭକୁ ନେଇ ମୋ ସଂସାର", "ଶାଗ କେରାଏ ବି ଶିଝିଲା ନାହିଁ ଏ ହାତରେ", "ଏମିତି ପୁଅ ମା' ପେଟରୁ ଆଡ଼ାପଡ଼ି କିପରି ମରି ନଗଲା", "ହାତେ ମାପି ଚାଖଣ୍ଡେ ଚାଲି ନପାରିଲେ କଥାଶେଷ", "ପାଣିଫୋଟକା ପରି ଏ ଆୟୁଷ ଦିନେ ସରିଯିବ", "ଚିନ୍ତାଦକର ଲୁଣମୁଠାକ ଶେଷକୁ ଖାଇଯାଏ ଏ ମାଟିହାଣ୍ଡି" ଇତ୍ୟାଦି ।

## ମାଟି-ପାଣି ଓ ପବନର ଚିରାୟତ ସତ୍ୟ : 'ପାଣିଫୋଟକା'

୨୦୦୮ରେ 'ସରସ୍ୱତୀ ପ୍ରକାଶନୀ' ଭଦ୍ରକଙ୍କ ଦ୍ୱାରା ପ୍ରକାଶିତ କବି

ହୃଦାନନ୍ଦ ପାଣିଗ୍ରାହୀଙ୍କ ଦଶମ କବିତା ସଂକଳନ 'ପାଣି ଫୋଟକା' । କବିଙ୍କ ସ୍ୱୀକାରୋକ୍ତି "ଛାତିରୁ ଚିପୁଡି ହୋଇ ଆସିଥିବା ଉଚ୍ଛ୍ୱାସ ଟିକକ ମୋ' କବିତା । ମୋ' କବିତା ଗାଁ ମାଟି, ପାଣି, ପବନର ନିରୁତା କଥା । ସାଧାରଣ ମଣିଷର ଆଶା, ଭରସା, ହସକାନ୍ଦର କଥା ହିଁ ମୋ କବିତା ।" (ପାଣିଫୋଟକା: ପ୍ରଚ୍ଛଦ ସ୍ୱୀକାର)

ହୃଦାନନ୍ଦଙ୍କ 'ପାଣିଫୋଟକା' ମୋଟ ୪୯ଟି କବିତାର ସମାହାର । ପ୍ରତ୍ୟେକଟି କବିତା ନିଜସ୍ୱ ଭୂମିର ପରିଚୟ ବହନ କରିଛି । ଅହଂପ୍ରମତ୍ତ ମଣିଷର ଜୟନାଦ ଓ ପରାଜୟର ଗ୍ଲାନି, ସାମାଜିକ ସଂକଟ ଓ ଅଦୃଷ୍ଟର ବିଭୀଷିକା ଏସବୁ ଭିତରେ କାବ୍ୟପୁରୁଷ ଅନୁଭବ କରିଛି ସବୁକିଛି ଯେମିତି ଅନ୍ତଃସାରଶୂନ୍ୟ । ଈର୍ଷା, ଅସୂୟା, ଭୟ ଓ ଅବିଶ୍ୱାସର ନିଆଁରେ ପୋଡି ହୋଇଯାଉଛି ଯେମିତି ଛାତିରେ ସାଇତା ମହୁଟୋପାକ । ଲକ୍ଷେ ସ୍ୱପ୍ନରେ ପୂର୍ଣ୍ଣ ଶ୍ୟାମଳ ଆକାଶ ପାଲଟି ଯାଉଛି ଏକ ଶୂନ୍ୟମହୋତ୍ସବ । ଉଜୁଡିଯିବାଟା ଯେମିତି ନିୟତି । ପାଣିଫୋଟକା ପରି ମିଳେଇଯିବାରେ ହିଁ ସମାପ୍ତି । କବିଙ୍କ ଭାଷାରେ– "ମିଳେଇଯାଏ ଆଖି ପିଛୁଳାକେ / ଯେମିତି ଆମ ଅହଂକାର / ପଲକପରି କ୍ଷଣିକ / ଆମ ରାଗ, ରୁଷା, ଅଭିମାନ / ଦଣ୍ଡେ ଖରା, ଦଣ୍ଡେ ଛାଇ / ପକ୍ଷେ ଆଲୁଅ, ପକ୍ଷେ ଅଂଧାର / ଏ ଜୀବନ ମାୟାଖେଳ ।"

ଭାବକୁ ଅଧିକ ସନ୍ନିବଦ୍ଧ କରିବା ପାଇଁ 'ପାଣିଫୋଟକା'ରେ କବି କଥ୍ୟରୀତିର ଚମତ୍କାର ପ୍ରୟୋଗ କରିଛନ୍ତି । ଯେପରି "ଢ଼େର ମଇଳା ପିଇଗଲାଣି / ଧର୍ମର ଏ ଧୋବ ଫରଫର ଲୁଗାଖଂଡକ ।", "ମୁହଁ ଫୁରୁଡିରେ ବେକାରୀ ପିଲାଂକ / ମୁହଁ ବଂଦ କରିଦେଲେ / ଗାଆଁ ମାମଲତକାର ।", "ଶୁଖି ଯାଉଥିବ କେବେକେବେ / ହୃଦୟରୁ ହଲପ୍ ଟିକକ ।", "କାନ ମୁଂଡରେ ଝାଁ ଝାଁ ବାଜୁଛି / ହିଂସକୁଟିଆ ଅଶାଂତିର ଧାସ ।", "ଛିଂଡ଼ା ଜରିର ବେଜାଏ ଦୁଃସ୍ୱପ୍ନ ।", "ଅଳିଆ ଗଦାକୁ ଫିଙ୍ଗି ଦେଇଯାଏ ଖରାପ ସମୟ", "ବାରହାତକୁ ତେର ଶେଉଳ / ଏତେ ଧାଁ ଧପଡାରେ ଆଉ ଠିକ୍ ରହୁନି ଦିମାକ୍ ।", "କୁଆଡିକି ପାଉଚି/ ଆମ ଅଲଣାପଣ / ଦପ୍‌ପାବାଜୀ ରୋଜଗାର ପତ୍ର ।", "ସହଜେତ ବାର ଅହଂତା ସାଇପଡିଶାର ।", "ଉତୁରି ପଡିଲା କ୍ଷୀର ଚୁଲିକି / ଆମେ ଦିହେଁ ଚୁଲୀ ମୁହଁକୁ ଦି'ଖଂଡ଼ ଜାଳେଣି ।", "ମିଛମିଛ ବାହାସ୍ଫୋଟ, ବାତଫୁରୁସିକି / କାହିଁ କିଏ ଗୋଟେ ମୁଂଡଧାରତା ।", "ରିଗିଧାମାଟି / ଅଲରା ଘାସରେ ଲାଗିଛି / ଏ ବର୍ଷର ଶୀତକାକର ଟିକକ ।", "ମୂକ ଉପରେ ଶଗଡ଼ / ଏ ଦୁନିଆଁର ବିଚାର" ଇତ୍ୟାଦି । ଏସବୁ ପ୍ରୟୋଗ ଭିତରେ ମାଟି ଓ ଜୀବନର ଚିରାୟତ ସତ୍ୟ ପ୍ରକାଶିତ । ସମକାଳର ପୃଷ୍ଠପଟ୍ଟରେ ରାଜନୈତିକ, ସାମାଜିକ ତଥା ସାଂସ୍କୃତିକ ମୂଲ୍ୟବୋଧର ଅବକ୍ଷୟ ଉତ୍କୀର୍ଣ୍ଣ । ସରଳ ପଲ୍ଲୀ ମଣିଷର ସବୁ ଇମାନଦାରପଣ ଅସହାୟତାରେ ଜର୍ଜରୀତ । କବିଙ୍କ ଭାଷାରେ– "କଉଁଠି ନିଆଁ ମାଡିଲେ ଫୋଟକା ତ / କଉଁଠି ପାଣି ମାଡିଲେ ଫୋଟକା / ପାଦେ ଆଗକୁ ଗଲେ / ଦି'ପାଦ ହଟି ଆସିବାର ଆଶଂକା ।"




ସୁତରାଂ, 'ପାଣି ଫୋଟକା'ର ସମସ୍ତ କବିତା ବେଶ୍ ଅର୍ଥପୂର୍ଣ୍ଣ ଓ ସରଳ । ସରଳତାକୁ କବିତାର ସୁବର୍ଣ୍ଣ ଗୁଣ ବୋଲି କୁହାଯାଇଥାଏ । ଏହି ସରଳ ପ୍ରକାଶ ରୀତି ହିଁ ଉତ୍ତର ଆଧୁନିକ କବିତାର ନୂଆ ଟେକ୍‌ନିକ୍ । 'ପାଣିଫୋଟକା' ଏହି ନୂତନ ତଥା କ୍ରମପରିଗ୍ରହଣ କାବ୍ୟଧାରାର ଏକ ସ୍ୱୟଂପୂର୍ଣ୍ଣ ପରିପ୍ରକାଶ । ଶେଷରେ ପ୍ରକାଶକଙ୍କ ଉକ୍ତି ଏଠାରେ ପ୍ରଣୀଧାନଯୋଗ୍ୟ ମନେକରୁଛି– "କବି ହୃଦାନନ୍ଦ ଗ୍ରାମୀଣ ଆତ୍ମାର ରୂପକାର ଓ ମାନବିକତାର କାରିଗର । ତାଙ୍କ କବିତାରେ ରହିଛି ଆମ ଓଡ଼ିଆ ଘରର ଚଳଣି, ମାଟି, ପାଣି, ପବନର ଚିତ୍ର । ତାଙ୍କ କବିତା ମଣିଷର ହସକାନ୍ଦ, ଜୟ-ପରାଜୟର ନିଛକ ଅନୁଭବ । ଲାଗେ, କବିତା ଯେମିତି ତା'ର ସବୁ ସୁନ୍ଦରପଣକୁ ସାଇତି ରଖିଚି ତା' ଭିତରେ । ଯାହା ମନକୁ ବେଶ୍ ଛୁଏଁ, ହୃଦୟକୁ ଚହଲେଇ ଦିଏ । କଥ୍ୟ ଭାଷାର ବ୍ୟବହାରରେ କବି ବେଶ୍ ଦକ୍ଷ । ଶବ୍ଦ ବସାଣରେ ବି ତାଙ୍କର ଔକାତ୍ ଅଧିକ ।" (ପ୍ରଚ୍ଛଦ ପଶ୍ଚାତ୍)

## ତୃଣମୂଳ ବାସ୍ତବତାର କାବ୍ୟକଥା : 'ଦୀଘି'

୨୦୧୨, ଶ୍ରୀଗୁଣ୍ଡିଚାରେ 'ସତ୍ୟମ୍ ପବ୍ଲିକେଶନ୍', ଭୁବନେଶ୍ୱର ଦ୍ୱାରା ପ୍ରକାଶିତ କବି ହୃଦାନଂଦ ପାଣିଗ୍ରାହୀଙ୍କ ଅନ୍ତର୍ମୁଖୀନ ଓ ପରିଚ୍ଛନ୍ନ କାବ୍ୟକୃତି 'ଦୀଘି' ଉତ୍ତର ଆଧୁନିକ କାବ୍ୟ ବୈଶିଷ୍ଟ୍ୟ ପ୍ରତିପାଦନ କରେ । ପ୍ରଚ୍ଛଦରୁ ଯାନ୍ତ୍ରିକ ଜୀବନବୋଧର ସୂଚନା । ମଣିଷର ସକାଳ ସୁଖସରାଗ ଓ କୋମଳତା ଆଜି ଭୂଲୁଣ୍ଠିତ । ମେସିନ୍ ଆଜି ମାଟିରୁ ସବୁଜତା ଉତ୍ପାଟନ କରୁଛି । ପ୍ରକୃତି କ୍ରନ୍ଦନରତା । ତା' ଆଖିରୁ ଝରିଆସୁଥିବା ଲୁହଟୋପାକୁ ଧରିବା ପାଇଁ ଯଦିଓ ଏକ ଆଶ୍ୱସନାର ହାତ ଲମ୍ବିଆସେ, ତଥାପି ତା'ର ସ୍ୱରୂପ କ୍ଷୀଣ ।

'ଦୀଘି'– ଏ ନାମକରଣ ସହିତ ଲୋକମିଥ୍‌ର ସମ୍ପୃକ୍ତି ରହିଛି । କବି ଏଠାରେ ନୂଆଭଙ୍ଗୀରେ ପୁରାକଥାର ଗୁରୁତ୍ୱ ପ୍ରତିପାଦନ କରିଛନ୍ତି । ଦୀଘି ଏକ ଦୀର୍ଘାୟତନ ପୋଖରୀ । ଯାହାକୁ କିଏ କେବେ ଖୋଳାଇଛି ତା'ର ଠୋସ୍ ପ୍ରମାଣ ନାହିଁ । ଲୋକମୁଖରୁ ଶୁଣାଯାଏ, ଅସୁରମାନେ ରାତାରାତି ଏଭଳି ପୋଖରୀ ଖୋଳି ଦେଇଯାଇଛନ୍ତି । ଏତେବଡ଼ ଜଳକୀର୍ତ୍ତି ଖନନ ତତ୍‌କାଳରେ ମଣିଷମାନଙ୍କ ଦ୍ୱାରା ସମ୍ଭବ ନଥିଲା । ଫକୀରମୋହନଙ୍କ ଉପନ୍ୟାସର 'ଅସୁରଦୀଘି' ପ୍ରସଙ୍ଗ ଏ କଥାର ପ୍ରାଞ୍ଜଳ ଧାରଣା ଦିଏ । ତେବେ କବି ହୃଦାନନ୍ଦ ଏହି ମିଥ୍‌ର ନବନିର୍ମାଣ କ୍ରମରେ ସଂପ୍ରତି ରାତାରାତି ମେସିନ୍ ଦ୍ୱାରା ଖୋଳା ଯାଇପାରୁଥିବା ପୋଖରୀ ସହିତ ଦୀଘି ପ୍ରସଙ୍ଗର ଚମତ୍କାର ସମନ୍ୱୟ କରିଛନ୍ତି । ସଂପ୍ରତି ଏନଆରଇଜିଏସ୍ ଯୋଜନାରେ ଗାଁର ମୂଲିଆଙ୍କ ଝୁଡ଼ି, ପାଛିଆ, କୋଦାଳକୁ ନେଇ ଫଟୋ ଉଠାଯାଉଛି ପ୍ରମାଣ ରଖିବା ପାଇଁ । ମାତ୍ର ରାତାରାତି ହାତୀଶୁଣ୍ଢ ମେସିନ୍ ମାଟି ତାଡୁଛି । ପାଟିତୁଣ୍ଡ କରିବା ଲୋକଙ୍କ ମୁହଁ ବନ୍ଦ କରିଦିଆଯାଉଛି । କ୍ଲବ୍‌ପିଲା ସେୟାର୍ ନେଇ ଚୁପ୍ ରହୁଛନ୍ତି । ସଙ୍କଳନର ପ୍ରଥମ କବିତା 'ଅସୁରଦୀଘି'ରେ ଏହି ବଦଳୁଥିବା ଗ୍ରାମ୍ୟ ସଭ୍ୟତାର ନିଖୁଣ ଚିତ୍ର ପ୍ରଦତ୍ତ । "ପାଟି ଖୋଲିଲା ନାହିଁ ମୁରବୀମାନଙ୍କର / କିଛି ଗୋଟେ ଲଙ୍କାକାଣ୍ଡ ଘଟିବା ପୂର୍ବରୁ/ କଥାଶେଷ / କାମଫତେ / ନଈରେ ଘରକରି କୁମ୍ଭୀର ସଙ୍ଗେ କି ବାଦ / ଯେହେତୁ ରାତିପାହିଲେ ମୁହଁ ଚାହାଁଚୁହିଁ / ସାହିଭାଇରେ ପୁଣି ଲାଗିଛି ଘରକୁଘର / କାହାର ନା କାହାର ।"

ସମୃଦ୍ଧିର ସ୍ୱପ୍ନରେ ଛିଣ୍ଡି ପଡୁଥିବା ଜୀବନର ଦୁଃଖ ଓ ଅସହାୟତାର ସ୍ୱର ଅତ୍ୟନ୍ତ ଆବେଗୋଦୀପ୍ତ ଭାବେ ପ୍ରକାଶ ପାଇଛି 'ହଜିଯାଇଛି' କବିତାରେ । ଲାଗୁଛି ଯେମିତି ଆମର ସବୁକିଛି କୋମଳତା ହଜିଯାଇଛି । ଆମ ପାହାଡ଼କୁ ନେଇଗଲାଣି ଗୋଟେ ବିଦେଶୀ କମ୍ପାନୀ । ବସ୍ତିରେ ଏବେ ଗୁଣ୍ଡାଗର୍ଦ୍ଦିର ଆତଙ୍କ । ହରଡ଼ବାଡ଼ି, ଝାଇଁମୁଗ, ଜଙ୍ଗଲନଟୀରେ ପେନ୍ଥିପେନ୍ଥି ଫୁଲ ଆଉ ନାହିଁ । ମାଟିରେ ଗୋଡ଼ପୋତି ଠିଆହୋଇଥିବା ପ୍ରକାଣ୍ଡଗଛ ଉପୁଡ଼ି ଗଲାଣି । କୋଇଲିର ମିଠାଡାକ ନାହିଁ । ପଥର ପାଲଟିଗଲେଣି ଦିଅଁଦେବତା । କବିଙ୍କ ଭାଷାରେ– "କୁରେଇଫୁଲ ପରି ମହକି ଉଠୁଥିବା / ଏଡ଼େ ସୁନ୍ଦରିଆ ଜହ୍ନରାତି / କେମିତି ଛେଉଣ୍ଡିଆ ଦିଶୁଛି ଭାରି, ଆଜିକାଲି ।"



# ସ୍ୱୟଂଭୁ

## ଶିବକଥା ଓ ଶିବଗାଥାରେ ବର୍ଣ୍ଣିତ ଏକ ମହାର୍ଘ୍ୟ ସଂକଳନ

ଚତୁର୍ଦ୍ଦଶ ଭୁବନର ସଦା ମଙ୍ଗଳମୟ କର୍ତ୍ତା ତୁମେ,
ହେ ମହାଶିବ ।
ତୁମେ ଓଁ କାର, ଅନଘ, ଅଗାଧ, ଆଶୁତୋଷ ଆଦିନାଥ ।
ତୁମେ ବି ନଟରାଜ, ନୀଳକଣ୍ଠ, ନାଗଭୂଷଣ, ନୃତ୍ୟପ୍ରିୟ ।
ତୁମେ ମଧ୍ୟ ପରମଜ୍ୟୋତି, ପରମେଶ୍ୱର, ପଶୁପତି, ପିନାକି ।
ତୁମେ ନିତ୍ୟ, ତୁମେ ଚନ୍ଦନ, ଏକ ଅନୁପମ ସାଧନ ।
ତୁମେ ପ୍ରାଣର ପ୍ରାଣସ୍ୱରୂପ, ଜୀବନ ଓ ଜଗତର କାରଣ ।
ତୁମେ ସତ୍ୟ, ଶିବ ଓ ସୁନ୍ଦର ।
ସଂସାରର ସଂଚାଳକ, ସଂସ୍ଥାପକ ଓ ପରିପାଳକ ମଧ୍ୟ ତୁମେ ।
ନର-ସୁର-ଅସୁର-ଦାନବ-ଯକ୍ଷ-ପିଶାଚ, ସବୁରି ଦେବାଧିଦେବ ।
ସକଳ ଇନ୍ଦ୍ରିୟ ଶକ୍ତିର ପ୍ରକାଶକ ।

ତୁମେ ବେଦର ଓଁ କାର, ଶବ୍ଦର ଝଙ୍କାର ।
ସବୁ ମାୟା ଓ ଛାୟାର ଅତୀତ ।
ତ୍ୟାଗ ତୁମର ଭୂଷଣ, ଆଶୁ ଆଶୀର୍ବାଦ ତୁମର ସଂପତ୍ତି ।
ସଂସାରର ସକଳ ଭୟ ଓ ବିପତ୍ତି ନାଶ କରୁଥିବାରୁ ତୁମେ ଶିବ ।
ତୁମେ ତର୍କ ଓ ସ୍ତବର ଊର୍ଦ୍ଧ୍ୱରେ ।
ନିତ୍ୟ ଆନନ୍ଦର ଅପାର ମହାସିନ୍ଧୁରେ
ସକଳ ପ୍ରାଣର ପ୍ରାଣସ୍ୱରୂପ ତୁମେ ।
ସବୁ ସୁଖ, ସଂପଦ ଓ ଐଶ୍ୱର୍ଯ୍ୟକୁ ତୁଚ୍ଛ କରି
ଜୀବଙ୍କ ଅକ୍ଷୟାନନ୍ଦ ପାଇଁ ତୁମେ ସାଜିଛ ନୀଳକଣ୍ଠ ।
ତୁମେ କାହା ଠାରୁ ଜାତ ନୁହେଁ, ନିଜେ ହିଁ ଭୂମିରୁ ପରିପ୍ରକାଶ
ହୋଇଥିବାରୁ ତୁମେ - **ସ୍ୱୟଂଭୁ** ॥

ଅନୁପମ ଶିବକଥା, ଶିବଗାଥା ଏବଂ ଓଡ଼ିଶା - ଓଡ଼ିଶା ବାହାରର ବହୁ ପ୍ରସିଦ୍ଧ ଶୈବପୀଠଗୁଡ଼ିକ ଉପରେ ଆଲେଖ୍ୟକୁ ନେଇ ପ୍ରକାଶ ପାଇଛି ଏହି ସଂଗ୍ରହଣୀୟ ସଂକଳନ : **ସ୍ୱୟଂଭୁ** ।
**୮୦ ଜଣ ବିଶିଷ୍ଟ ଲେଖକ/ଲେଖିକାଙ୍କ ଲେଖାରେ ସମୃଦ୍ଧ ହୋଇଛି ଏହାର ପୃଷ୍ଠା ।**

**ହାଡ଼ବୋର୍ଡ଼ ବାଇଣ୍ଡିଂ ସହ ୩୮୮ + ୪୦ ପୃଷ୍ଠା ରଙ୍ଗୀନ ଫଟୋଚିତ୍ର ସହିତ**
**ମୂଲ୍ୟ : ୬୦୦ ଟଙ୍କା**

**ପ୍ରାପ୍ତିସ୍ଥାନ :**
**ଏ.କେ. ନାୟକ ଏଜେନ୍‌ସି,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୮୬୧୦୪୬୧୭୯)
**ନାରାୟଣୀ ବୁକ୍ ଷ୍ଟଲ୍,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୬୬୮୧୮୬୯୨୬)
**ମାଧବ ବୁକ୍ ଷ୍ଟୋର୍,** ଭରତିଆ ଟାୱାର, ବାଦାମବାଡ଼ି, କଟକ (୯୩୪୮୮୨୮୭୮୩)
**ନିରଂଜନ ବେହେରା,** BSNL ଅଫିସ୍ ସାମ୍ନା, ଲିଙ୍କରୋଡ଼, କଟକ (୯୪୩୭୨୫୫୭୪୪)
**ଲୋକସଂପର୍କ ବିଭାଗ,** ରୁଚି ଉଦ୍ୟୋଗ, ମଧୁପାଟଣା, କଟକ (୮୧୧୪୩୭୪୭୦୫)

**ପ୍ରକାଶକ:**
**ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମନ୍ଦିର**
**ରଜତ ଜୟନ୍ତୀ ମହୋତ୍ସବ କମିଟି**
ରୁଚି ପରିସର, ଶିଳ୍ପାଂଚଳ
ମଧୁପାଟଣା, କଟକ-୭୫୩୦୧୦
ଯୋଗାଯୋଗ: ୯୪୩୭୨୨୬୭୯୭

*** ରୁଚି ଅନୁଷ୍ଠାନରୁ ବିଶେଷ ରିହାତି ମୂଲ୍ୟରେ ପୁସ୍ତକ ଉପଲବ୍ଧ ***

ପାରିବାରିକ ଜୀବନରେ ତ୍ୟାଗ, ପ୍ରେମ ଆଜି ବଡ଼ମ୍ବିତ । କେମଲତା ଆଜି ବିଲୁପ୍ତ । ଛିଡ଼ିଯାଉଛି ରକ୍ତର ସମ୍ବନ୍ଧ ବାପପୁଅର । ଅଜବ୍ ଜୀବନ ବିତାଉଥିବା ଉତ୍ତରାଧିକାରୀଟି ବୁଢ଼ାବାପାକୁ ଅବହେଳା କରିବା, ଜରାନିବାସ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିବା, ମାତାଲୀ ହେଇ ବିଳମ୍ବିତ ରାତିରେ ଘରକୁ ଫେରିବା ଓ ଦ୍ୱିତୀୟ ପତ୍ନୀର ଗଞ୍ଜଣା ଶୁଭିବା ଇତ୍ୟାଦି ଘଟଣାର ବର୍ଣ୍ଣନା ଭିତରେ ଗାଁର ପାରିବାରିକ ଗୁମର କିପରି ଛିନ୍ନଛତ୍ର ହୋଇଯାଉଛି, ତା'ର ଚମତ୍କାର ଅଭିବ୍ୟକ୍ତି ଫୁଟି ଉଠିଛି 'ଉତ୍ତରାଧିକାରୀ' କବିତାରେ । ଇଟାଭାଟିର ନିଆଁଝୁଲ, କ୍ରସରଧୂଳି ଓ ଟ୍ରାକ୍ଟରର ଧାଁଦୌଡ଼ ଭିତରେ ଗାଁର ଶାଗୁଆ ଗଛପତ୍ରରେ ଜମିଯାଉଛି ମେଞ୍ଚାମେଞ୍ଚା ଧୂଳି । 'ଗାଆଁ କାହିଁ' କବିତାରେ କବିଙ୍କ ବିମର୍ଷ ଭାବ ଏହିପରି– "ଦୂରବିଲରେ ହଜିଯାଇଛି / ଏକ୍‌ଲାପକ୍ଷୀର ଛାଇ / ବିଲବାଡ଼ିରେ / ଫୁଲଫଗୁଣର ସାବ୍‌ଜାହାଟ କାହିଁ / ଗାଁ ଆଜି ଗାଁ ହେଇନାହିଁ ।" 'ସେଇ ଲୋକଟି' କବିତାରେ ପଣ୍ଡିତ ଗୋପବନ୍ଧୁଙ୍କ ତ୍ୟାଗପୂତ ସ୍ମୃତି ଉଜ୍ଜୀବିତ । ମାତ୍ର ଆଜି ତାଙ୍କ ଡାକ ଆଉ କାହାକୁ ଶୁଭୁନି ବୋଲି କବି ବ୍ୟକ୍ତ କରିଛନ୍ତି । 'ମଞ୍ଚ' ଏକ ବ୍ୟଙ୍ଗଧର୍ମୀ କବିତା । ଏବେ ଲୋକଙ୍କର ମଞ୍ଚରେ ବସିବା ପାଇଁ ପ୍ରବଳ ଆଗ୍ରହ । ହେଲେ ମଞ୍ଚବାନ୍ଧିବା ଲୋକର ଅଭାବ ପରିଲକ୍ଷିତ । 'ବାପା' କବିତାରେ କବି ବାପାଙ୍କୁ ଟାଣଖରାରେ ମୁଣ୍ଡ ଉପରକୁ ଧାପି ପଡ଼ିଥିବା ଗଛ ଛାଇ ସହିତ ତୁଳନା କରିଛନ୍ତି, ଯିଏକି ମିଠାଆମ୍ବର ସୁଆଦ ପରି ଖୁବ୍ ନିଆରା । ଭବିଷ୍ୟତ ଦାୟାଦଙ୍କୁ କାଳିନ୍ଦୀଚରଣଙ୍କ 'ମାଟିର ମଣିଷ' ଉପନ୍ୟାସର ଶ୍ୟାମ ପ୍ରଧାନର ପୁଅ ବରଜୁ ଗ୍ରହଣ କରିଥିବା ବାପାଙ୍କ ଆଶୀର୍ବାଦସୂଚକ ପରାମର୍ଶ ଭଳି କବି ଏଠାରେ ଚିରନ୍ତନ ବାଣୀ ପ୍ରକାଶ କରନ୍ତି– "ଗୋଟେକଥା ମନେରଖିବୁ ପୁଅ / ମାଟିର ଋଣ ଶୁଝିବାକୁ ଆମର ଜନ୍ମ / ବଡ଼ବଡ଼ିଆଙ୍କ ଜୁଳୁଜୁଳୁ ଆଖି / ଦୂର ଆକାଶର ତରାହେଇ /ଅନେଇଥାଏ ଆମଆଡ଼େ / ଆମ ସଂସାରଠେଇଁ ରଖିଥାଏ / ସତର୍କ ନଜର / ଚଉଳେମାତ୍ର ପାଣି / ସେତିକି ହିଁ ପ୍ରାପ୍ୟ / ଆମ ପିତୃପୁରୁଷର ।"

ସମୟର ଦୁଃସ୍ଥିତି ଚିତ୍ର ସବୁଠି ଅନୁଭୂତ । ଅବକ୍ଷୟୀ ସମୟ ପ୍ରତି ସଚେତନ କବିପ୍ରାଣ ଉଦ୍‌ଘୋଷଣା କରିଛି– "ଏମିତି ଗୋଟେ ଦାରୁଣ ଯେ / ରାନ୍ଧିଲା ଭାତକୁ ବି ଆୟୂଷ ନାହିଁ ମଣିଷର ।" । ତଥାପି କବି ଆଶାବାଦୀ । କାନ୍ଧରେ କାନ୍ଧ ମିଳାଇ ଚାଲିବା ପାଇଁ ଶୁଣାଇଛନ୍ତି ଆହ୍ୱାନ । ଶ୍ରଦ୍ଧା ଓ ସ୍ନେହର ଚାରାଟିଏ ପୋତି ପାଣିଢାଳେ ଢାଳିବାକୁ ସେ ନିବେଦନ କରିଛନ୍ତି । ଉତ୍ତର ଦାୟାଦଙ୍କ ଓଠରେ ପ୍ରିୟ ରାମଧୂନ୍ ଖଞ୍ଜିଦେବାକୁ ଅନୁନୟ କରିଛନ୍ତି । ଆଜିର ପିଲାମାନେ ପ୍ୟାକେଜ୍ ନିଶାରେ ଉବୁଟୁବୁ ହେଇ ମୁଣ୍ଡବିକିଦେଲେଣି କେଉଁ ଅର୍ଥକରୀ କମ୍ପାନୀରେ । ଲୁହାକଂକ୍ରିଟ୍‌ର କାଚଘର ଭିତରେ କେବଳ କମ୍ପ୍ୟୁଟର ସାଥୀରେ ବେଳ ବିତୁଛି । ସୁଗନ୍ଧ ଉଲ୍ଲାସର ଦରଦ ସ୍ପର୍ଶ କି ଢୋକେ ମିଠାପବନର ବାସ ନାହିଁ । ପ୍ରକୃତିର ସୁକୋମଳ ସ୍ମୃତିକୁ କବି ମନେପକାଇଛନ୍ତି କବିତାରେ– "ଦିନେ ଏ ଛାତିକୁ ଚହଲେଇ ଦଉଥିଲା / ଯଉଁ କିଆ, କେତକୀ, ଟଗର, କନିଅର / ଆଜି ସେଠି ଆସନ ପାତିଛି / ନୋଟ୍ କି ଡଲାର ।"

ଗହଣାପିନ୍ଧା ଝିଅଟିର ସୁକୁମାର ରୂପକୁ ଦେଖିଛନ୍ତି 'ପରୀ' କବିତାରେ । ଝିଅଟି ଫର୍‌ଫର୍ ଆପ୍ରୋନ୍‌ରେ ପରୀଟିଏ ଭଳି ଉଡ଼ିଯାଉଥାଏ ଓ ଆଉ କବିତାର ସ୍କେଚ୍‌ପରି ଚମତ୍କାର ଦିଶୁଥାଏ । 'ଆଉ ଗାଁର ସେ ଲୋକଟା' କବିତାରେ ଭାଇଭାଇର ପାରିବାରିକ ସମ୍ପର୍କ ଭାଙ୍ଗି ଯାଉଥିବାର ଦୃଶ୍ୟ ସହିତ ଆଗାମୀକାଲି ପାଇଁ ସଂସାର ବାନ୍ଧିବାକୁ ପୁଣି କମର ସଳଖିବାର କଥା ବ୍ୟକ୍ତ । ଗାଁର କୃଷିଜୀବି ମଣିଷର ଦୁଃଖ 'କ୍ଷେତୁଆଳ' କବିତାରେ । ଛାତିଏ ଦୁଃଖରେ ସଂସାରୀ ମଣିଷର ଜୀବନ ଯାତନା 'ଲଟ୍‌କାଳି' କବିତାରେ । 'ଜାଣିଛି' ଓ 'ତଣ୍ଡୁଆ' କବିତା ଦ୍ୱୟରେ ମଣିଷର ଭୋଗାଭୋଗର କଥା ବର୍ଣ୍ଣିତ । କବିତା 'ପୁଟୁଳି' ଆମ ସାଂସ୍କୃତିକ ଚେତନାର ବାର୍ତ୍ତାବହ । ମଣିଷ ନିଜର ସମ୍ପତ୍ତିକୁ ବଞ୍ଚେଇ ରଖେ ପାଣି ମୁହଁରୁ ତ କେବେ ନିଆଁଦାଢ଼ରୁ । କାରଣ ତା'ଭିତରେ ଥାଏ ତା'ର ସୁଖ ଓ ସୌଭାଗ୍ୟ । 'ଦି-ଟଙ୍କା ଚାଉଳ' ଏକ ବ୍ୟଙ୍ଗଧର୍ମୀ କବିତା । ଗଧଖଟଣୀ ଖଟୁଥିବା ଚାଷୀମଣିଷ, ଗାଁକୁ ଚକ୍‌ଚକ୍ କଂକ୍ରିଟ୍ ରାସ୍ତା, ପାଇପ୍‌ପାଣି, ବତୀଖୁଣ୍ଟ, ଅଧା ମାଗଣାରେ ବିଜୁଳି ଆଲୁଅ ଇତ୍ୟାଦିର ଚିତ୍ର ମାଧମରେ ସାଂପ୍ରତିକ ଗ୍ରାମୀଣ ବିକାଶ ଯୋଜନାର ଅଭ୍ୟନ୍ତର ଦିଗ ଉନ୍ମୋଚିତ । ଏସବୁ ସତ୍ତ୍ୱେ ଘରେ ନଥାଏ ପୁଅ । ଏପରିକି ଆଖିବୁଜିଲା ବେଳକୁ ପାଣିମୁନ୍ଦିଏ ମିଳେନା ଜନ୍ମଦାତାଙ୍କୁ । କବିଙ୍କ 'କ୍ଷମା' କବିତାଟି ନନ୍ଦକିଶୋର ବଳଙ୍କ 'ଶର୍ମିଷ୍ଠା' କାବ୍ୟଭାବନାର




ନବାୟନ ରୂପ । ଏହାର ପ୍ରକାଶଭଙ୍ଗୀରେ ଚମତ୍କାରିତା ଫୁଟି ଉଠିଛି । କାହାକୁ ନିଜ ଉଦାରତାର ଅସ୍ତ୍ରରେ ପରାସ୍ତ କରିବା ହେଉଛି ସବୁଠୁ ବଡ଼କଥା । କ୍ଷମା ହେଉଛି ଗଛର ଛାଇ । କବିଙ୍କ ଭାଷାରେ– "କ୍ଷମା ଦେବା ଏଡ଼େ ସହଜ ନୁହଁ / ଝୋ ଝୋ ବର୍ଷାକ ହୁଦସ୍ତ ପିଠି ପାତିଦବା / ଅଣ୍ଟିରେ ନିଆଁକୁ ନିଭେଇଦବା / କ'ଣ ଏଡ଼େ ସହଜ କଥା !"

ଗାଁ ମାଟିର ପରିବର୍ତ୍ତିତ ଚିତ୍ର ଓ ବଦଳି ଯାଉଥିବା ସମୟର ପୃଷ୍ଠପଟରେ ଜୀବନ-ଜିଜ୍ଞାସାର ସ୍ୱର ବହନ କରିଛି କବି ହୃଦାନନ୍ଦଙ୍କ 'ଦୀଘି' କବିତା ଗ୍ରନ୍ଥ । ଜୀବନରୁ ହଜିଯାଉଥିବା ସୁକୁମାରପଣକୁ କବି ଖୋଜିଛନ୍ତି ବେଶ୍ ଅନ୍ତରଙ୍ଗ ଭାବେ । ଗ୍ରାମ୍ୟଭାଷା ଭିତରେ କାବ୍ୟିକତା ସୃଷ୍ଟିଟି ହିଁ 'ଦୀଘି'ର ବିଶେଷତ୍ୱ । ସରଳ ସାବଲୀଳ, ଅଥଚ ଅର୍ଥପୂର୍ଣ୍ଣ ଭାବପ୍ରସ୍ଥ ନେଇ ଏହା ଆତ୍ମପ୍ରକାଶ କରିଛି । ଉତ୍ତର ଆଧୁନିକ ଓଡ଼ିଆ କାବ୍ୟଧାରାରେ ଏହି ସଙ୍କଳନ ଯଥାର୍ଥ ସମନ୍ୱୟ ରଖିବାରେ ସକ୍ଷମ ହୋଇପାରିଛି ।

## ଗ୍ରାମୀଣ ଜୀବନ ଓ ସମୟର ଦୃଶ୍ୟ-ଅନୁସଙ୍ଗ: 'ଅଂଧାର ଧୂଳି'

କୁମ୍ଭକାର ସର୍ଜନା ପରି କବିତା କଳାକର୍ମ । ତା'ର ରୂପକୁ ଆମେ ଫର୍ମାଟ୍ ବୋଲି କହିଥାଉ । ଭାବର କଞ୍ଚାମାଲ୍‌ରେ କବିତାକୁ ଉତ୍ତୁରେଇବା କ୍ଷେତ୍ରରେ କବିର ନିରନ୍ତର ପ୍ରୟାସ ଜାରି ରହିଥାଏ । ଧୂଳିଧୂଆଁ ଅନ୍ଧାରର ଅଳନ୍ଧୁ ଘରଭିତରୁ ଏ କବିତାର କଳାକୃତି ଆସେ । ଶବ୍ଦ ଗଢ଼ଣ ହିଁ ଏହାର ପୁଞ୍ଜି । ମନୋଲୋଭା ରୂପରେ ଉଭାହୁଏ କବିତା । ଏଥିରେ କୌଣସି ଆଟୋପ ନଥାଏ । କେବଳ ଥାଏ ଭାବ ସମ୍ବେଦନଶୀଳତାର ସ୍ପର୍ଶ । ନିଜ ଦୁଃଖ ଓ ଲୁହରେ ଧନ୍ଦିହେବା ହେଉଛି କବିର ନିୟତି । 'ବିଜୟିନୀ ପବ୍ଲିକେଶନ' କଟକ ଦ୍ୱାରା ୨୦୧୫ରେ ପ୍ରକାଶ ପାଇଥିବା କବି ହୃଦାନନ୍ଦଙ୍କ ତ୍ରୟୋଦଶ କବିତା ସଙ୍କଳନ 'ଅଂଧାର ଧୂଳି'ର ପ୍ରଥମ କବିତା ଶୀର୍ଷକ 'କବିତା'ରୁ ଏହି ନିରୁତା କବିପଣକୁ ବୁଝାଯାଇପାରେ– "ଦିନେଦିନେ ଛଳଛଳ ଦିଶେ କବିତା / ମାଆଟିଏ ହେଇ ଯିଏ ଆଉଁସିଦିଏ / ଛାତି, କପାଳ ଓ ତମାମ୍ ଭାଗ୍ୟ ।"ବାସ୍ତବିକ୍ ଭଲ କବିତାଟିଏ ରାହାଦିଏ, ଦିଶା ଦେଖାଏ । ଯାହାକି ଅନ୍ୟ ଆତ୍ମାକୁ ତାହା ସଂକ୍ରମିତ ହେବାରେ ସହାୟକ ହୋଇଥାଏ ।

'ଅଂଧାର ଧୂଳି' ଉତ୍ତର ଆଧୁନିକ କାଳର ମର୍ମାନ୍ତିକ ଚିତ୍ରପଟ୍ଟ । 'ମୁଖଚାଳି'ରେ କବି କହନ୍ତି– "ଯଥାର୍ଥରେ କବିତା ରାହାଦିଏ / ଦୁନିଆଁର ସୁନ୍ଦର ସ୍ୱପ୍ନକୁ ବଞ୍ଚାଇରଖେ ।" ସ୍ୱପ୍ନବିହୀନ ଜୀବନ ଭୀଷଣ ଦୁଃସହ । ଏକଥା ଅଭିମନ୍ତ୍ରିତ ହୋଇଛି କବିତା ଗ୍ରନ୍ଥରେ । 'ଅଂଧାର ଧୂଳି' ଗୋଟିଏ ଦୃଶ୍ୟଗତ ଚିତ୍ର ମନ ମଧକୁ ଆଣେ । ଅନ୍ଧାର ଧୂଳିହେଇ ଝରିବା କଥାଟିର ଚିତ୍ରଚେତନା



ରହିଛି । ଭୌତିକ ଜୀବନ ବିତାଉଥିବା ସାଂପ୍ରତିକ ମଣିଷ ନିଜର ସ୍ୱପ୍ନପ୍ରବଣତା ଓ ବିଚାରକୁ ହଜେଇଦେବା କଥାଟିକୁ ସେ ସତର୍କ କରାଇ ଦିଅନ୍ତି । ଏହିଭଳି ଏକ ଜୀବନରେ ଉଦ୍ଧାମତା ତ ଦୂରର କଥା, ଗୋଟିଏ ଛିନ୍ନମୂଳକୁ ନେଇ ବଞ୍ଚିବାର ବାହାନା ମଣିଷର, ଯାହାକୁ କବି ପ୍ରତ୍ୟକ୍ଷ କରିଛନ୍ତି । ମଣିଷ ଜୀବନ ବେସୁରା । ଲକ୍ଷ୍ୟ ଓ ସ୍ୱପ୍ନ ଦ୍ୱିଧାଗ୍ରସ୍ତ । କବିଙ୍କ ଭାଷାରେ- "କମ୍ପ୍ୟୁଟର ମେମୋରିରେ ଥୋଇଦେଇଛୁ / ଆମର ସବୁତକ ଭୂତ ଓ ଭବିଷ୍ୟ ।" ଅତୀତକୁ ଝୁରି ହେବାର କଥାଟି ମଧ୍ୟ ଉତ୍ତର ଆଧୁନିକ କବିତାରେ ଉପଲବ୍ଧ । ଆମର ଗୋଟିଏ ଉଦାତ୍ତ ସଂସ୍କୃତି ଥିଲା, ଯାହା ଜୀବନକୁ ଛାଡ଼ବାଡ଼ ନକରି ଧରି ରଖିପାରୁଥିଲା । କିନ୍ତୁ ଗୋଟିଏ ବଜାରବାଦ ଯୁଗରେ ମିଛଭେଳିକିରେ ମଣିଷ ଭାସି ଯାଉଥିବା ବେଳେ କେବଳ ଝୁଣ୍ଟି ହେବାଟା ହିଁ ସାର । ଭାରତୀୟ ସଂସ୍କୃତିର ଜୀବନ ଧାରଣର ଅସଲ ଚାବିକାଠି କୃଷି ଓ ବଞ୍ଚିବାର ରାହା ଦେଉଥିବା ଚାଷୀ ମଣିଷଟି ବିଭିନ୍ନ ଷଡ଼ଯନ୍ତ୍ର, ବଜାରଚାଲ୍ ଭିତରେ ତା'ର ସ୍ୱପ୍ନ ଉଭାନ୍ ହେଇଯାଉଛି । "ଅନ୍ଧାରରେ ହିଡ଼ ହାବୁଡ଼ି / ସଳଖରେ ଉଠିପାରୁନି ତା' ବିଶ୍ୱାସ ।"

କବିତା 'ପୁନଶ୍ଚ ସ୍ୱପ୍ନରେ' କବିପଣର ଭଙ୍ଗାଭଙ୍ଗା ସ୍ୱପ୍ନ । ସାରାରାତି ସଙ୍ଗୀତର ରିଆଜ୍ ତୋଳୁଥିବା ସ୍ରଷ୍ଟାଟି ନିଜକୁ ତିଳତିଳ ଜାଳୁଥାଏ । ଗୋଟେ ସଚେତନ ଭଙ୍ଗୀରେ କବି କହନ୍ତି- "କବିତାର ଧାଡ଼ିଏ ଆୟୁଷ ପାଇଁ / ମୁଁ ବାଟବଣା ମେଘ / ସଂଗୀତର ରିଆଜ୍‌ରେ / ରାତ୍ରୀ ଉଜାଗର / ଜାଣିନି କଉଁଠି ଝରିପଡ଼ିବି କେତେବେଳେ / ଟୋପାଏ ମହକର ଚଂପାଫୁଲ ।" ସକଳ ନିଷ୍ପେଷଣ, ଦୁଃଖ ସତ୍ତ୍ୱେ ଜୀବନ ହାର ମାନିଯାଏନି । ପାଦ ଆଗକୁ ବଢ଼େ । ବଞ୍ଚିବାର ପ୍ରଖର ଇଚ୍ଛା ଜାରି ରହିଥାଏ ଜୀବନସାରା । ସେଥିପାଇଁ ସେ କହନ୍ତି- "ଜୀବନ ପୁଣି ସଜବାଜ ହୁଏ / ଥକ୍‌କା ମାରି ଉଠିବସି / ଆଗକୁ ବଢ଼େ / ମୁହଁପୋଛି ବାଟଚାଲେ ।" କବିର ହୃଦୟ ଗୋଟିଏ କୂଅପରି । ବ୍ୟବହୃତ ହୋଇ ପଡ଼ିରହିଲେ ପାଣି ତା'ର ଦୂଷିତ ହୁଏ । ନିର୍ମଳ ଝର ଆସିପାରେନା । ବକ୍ତବ୍ୟର ଶାଣିତ ଅଭିବ୍ୟକ୍ତିକୁ ଲକ୍ଷ୍ୟ କରାଯାଇପାରେ- "ଯେତିକି ଯେତିକି କଢାଯାଉଥାଏ ପାଣି / ସେତିକି ସେତିକି ନିର୍ମଳ ଦିଶୁଥାଏ ତା' ରୂପ / ମିଠା ଲାଗୁଥାଏ ପାଟିକି / ତା' ସୁଆଦ ଅଧିକରୁ ଅଧିକ ।" କୂଅ ଗୋଟିଏ କାନ୍‌ଭାସ୍ ସୃଷ୍ଟିକରେ ପାଠକ ମନରେ । ସଂସାରର ସ୍ନେହମମତାର ଉତ୍ସ ନିର୍ମଳ । ଯାହା କେତେକ କାରଣ ହେତୁ ଫିଟିଆସି ପାରୁନଥାଏ । ଜୀବନ ପଙ୍କିଳ, କର୍ଦ୍ଦମାକ୍ତ । ତେବେ ଏହାର ମୂଳ ହେତୁଟି କ'ଣ ହେଇପାରେ ? ବାଟହୁଡ଼ି ଯାଇଥିବା ମଣିଷର ପ୍ରଚଣ୍ଡ ଭୌତିକ ସୁଖର ନିଶା ଓ ଏଥିପାଇଁ ଚାଲୁଥିବା ଅଣନିଶ୍ୱାସୀ ଦୌଡ଼ ଆଉ କେବେବି ସରିବାର ନାହିଁ । ତେଣୁ ଗୋଟିଏ ନିର୍ଦ୍ଧାରିତ ସତ୍ୟର ବାର୍ତ୍ତା ଶୁଣାନ୍ତି କବି 'କୂଅ' କବିତାରେ- "ଛାଏଁ ପୋତିହେଇ ପଡୁଛି / ସରତି ଉଠିବାର ପ୍ରବଣତା / ହୃଦୟର ଭବକ ।" ଶବ୍ଦଚୟନରେ କବିଙ୍କୁ ବାରମ୍ବାର ଜାଗତିଆର ହେବାକୁ ପଡ଼ିଥାଏ । ଏଠାରେ 'ଭବକ' ଶବ୍ଦଟି ଯେଉଁ ପରିବ୍ୟାପ୍ତ ଭାବନା ସୃଷ୍ଟିକରେ, ତାହାହିଁ ବୈଶିଷ୍ଟ୍ୟ ।

## ମାଟିର ଠିକଣା ଓ କୃଷି-ମଣିଷର ବିଶ୍ୱାସ: 'ମେଘଆଂଡି'


ଏପ୍ରିଲ୍ ୨୦୧୭ରେ ତିହିଡ଼ି, 'ସତ୍ୟଭାମା ପ୍ରକାଶନୀ' ଦ୍ୱାରା ପ୍ରକାଶିତ କବି ହୃଦାନନ୍ଦଙ୍କ 'ମେଘଆଂଡ଼ି' ମୋଟ ୨୨ଟି କବିତାର ସମାହାର । କୃଷିକାରୀ ମଣିଷର ମୌଳିକ ଉତ୍ସ ଓ ସକଳ ବିଶ୍ୱାସ ହେଉଛି ମେଘଆଂଡ଼ି । ମେଘର ଆଭାସରେ ଥାଏ ବର୍ଷାର ସୁକୋମଳ ସମ୍ଭାବନା । କୃଷି ଓ କୃଷକର କବି ହୃଦାନନ୍ଦଙ୍କର ଆଖିସଂଖାଳି ହେଉଛି ମେଘ । ଆକାଶରେ ମେଘ ଆଣେ ନୂତନ ଆନନ୍ଦ ଓ ଆଶ୍ୱାସନା । ଖରାର ଧାସ ତା' ଦାହିକା ଶକ୍ତିରେ ଯାହାକିଛି ଜାଳିପୋଡ଼ି ଦିଏ ଓ ସବୁ ସୁଖ ସନ୍ତୋଷକୁ ନିଭେଇ ଦେଇଥାଏ, ମେଘ ମେଦୁରିତ ମନ୍ଦ୍ରଧ୍ୱନିରେ ଉଲ୍ଲସିଉଠେ ପୁଣିଥରେ ଜୀବନ । କବି ବିଷାଦବାଦରେ ବନ୍ଦୀ ନହୋଇ କାଙ୍ଗାଳ ହେଇ ଯାଇଥିବା ମାଟି ଭିତରୁ ଖୋଜନ୍ତି ସର୍ଜନାର ଉପାଦାନ । ଦୁଃଖରେ ହରକତ ହେଉଥିବା ଲୋକଟି ଲୋଡ଼େ ଫର୍ଚ୍ଚା ସକାଳ । ଶବଟିଏ ବୋହି ନେବାକୁ ଯେପରି କାନ୍ଧଟିଏ ଲୋଡ଼ାହୁଏ ଓ ଏଥିପାଇଁ ସାଇପଡ଼ିଶା ପ୍ରିୟଜନଙ୍କର ଆବଶ୍ୟକତା ପଡ଼େ, ସେମିତି ତତଲା ମାଟିକୁ ଆର୍ଦ୍ର ହେବାକୁ ଖୋଜାପଡ଼େ ମେଘଆଂଡ଼ି । ସଙ୍କଳନର ନିଜକଥାରେ କବିପଣର ଏ ବିଶ୍ୱାସ ସମ୍ପର୍କରେ କହନ୍ତି- "ସୁନ୍ଦର ସକାଳଟିଏ ପାଇଁ କାହିଁ କେତେ ଯୁଗରୁ ପ୍ରାର୍ଥନା । ସାରା ବିଶ୍ୱବ୍ରହ୍ମାଣ୍ଡର ଚିତ୍ର ହିଁ କବିତାର ରହସ୍ୟର କଥା । x x x ସ୍ୱପ୍ନ ବାରମ୍ବାର କଅଁଳି ଉଠୁଥାଉ, ଭୟଙ୍କର ସତ୍ୟକୁ ସାମ୍ନା କରିବାକୁ ଦମ୍ଭ ହେଉଥାଉ କବିତା ।" *(ପାଣିଗ୍ରାହୀ, ହୃଦାନନ୍ଦ, ମେଘଆଂଡ଼ି, ସ୍ୱପ୍ନ କଅଁଳୁଥାଉ)*

ସଂସାର ଲଟରେ ଲଟପଟ ମଣିଷର ନିୟତି । କେବେ ପୋଷପୋଷ ଝାଳ ହେଇ ନିଗିଡ଼ି ପଡ଼େ ତା' କଷ୍ଟ । ଦେଶାନ୍ତରୀ ମେଘ ବୁନ୍ଦାକ ମାଟିର ଠିକଣା ଖୋଜି ଚାଲିଥାଏ । ଅସଫଳ ଇଚ୍ଛା ଫଳବତୀ ହୁଏ । ନୀରବରେ ଏମିତି କେତେକଥାକୁ ଚାହିଁ ରହିଥାଏ କବିଟି । କବିଙ୍କ ଭାଷାରେ- "କେତେକଥା ଥାଏ / ଗଙ୍ଗଶିଉଳି ଫୁଲଟି ଓଠରେ / କେତେ ଅଭିମାନ ପୁଣି ଝରିବାକୁ ଯାଉଥିବା / ପତ୍ରଟି ଓଠରେ ।" ଭାଗ୍ୟ ଓ କର୍ମଫଳ ପ୍ରତି ଅଖଣ୍ଡ ବିଶ୍ୱାସ ମଣିଷର କାହିଁ କେତେକାଳରୁ ରହିଆସିଛି । ବିପଦ ଆସେ, ବନବାସୀ ମଣିଷଟି ଅରକ୍ଷ ମରଣରେ ହୁଏ ଝଟପଟ । କବିଙ୍କ ଭାଷାରେ- "ହଠାତ୍ ଆସେ ଖଣ୍ଡିଆ ଭୂତ / ତଡ଼ିନିଏ ଆମ ପିଲା ଛୁଆଙ୍କ ଆୟୁଷ ।

କୃଷି ଓ କୃଷକର କବି ହୃଦାନନ୍ଦଙ୍କ କାବ୍ୟମାନସ ଅନେକ ଗ୍ରାମୀଣ ପ୍ରସଙ୍ଗକୁ ଲୋଭ କରି ସାଉଁଟି ଆଣିବାର ପ୍ରୟାସ କରନ୍ତି । ଯେମତି 'ଉଙ୍କ' କବିତାରେ- "ଘରେ ଧାନ ଥିଲେ / ଆଗେ ଅପୋଷ ରହୁନଥିଲା ପେଟ / ଧାନ ବିଲରୁ ଆଦର ଯତ୍ନରେ / ସେବାୟତଟିଏ ଅସୁଲ କରୁଥିଲା ଆସି ଧାନହେଳା ।" ଗାଁକୁ ଯେଉଁ ବିଶ୍ୱାସ ଭରସା ଦିନେ ବାନ୍ଧି ରଖିଥିଲା, କାହିଁକି କେଜାଣି ସେସବୁ ଛଣ୍ଡି ଯାଉଛି । "ପୁରୁଣା ଚଳଣିକି ଏବେ / ନୂଆ ଭେଳିକି / ତାକୁ ବଦଳେଇବାର ସାଧ କାହାର ! X X X କେଡ଼େ ମନୋହର ଥିଲା ସେ ଆଲୁଅ ଅନ୍ଧାର / କୁଆଡ଼େ ଗଲା ସେ ଖୁସି, ସେ ସଦ୍‌ଭାବ / ହୃଦୟକୁ ଚିପୁଡ଼ି ଦଉଥିଲା ଯଉଁ କୌଳିନ୍ୟ / ଆଜି ସେଠି ବିଶ୍ୱାସର ଚରମ ସଂକଟ ।" ଚାଷୀର ଅନ୍ତର୍ଦାହ ବର୍ତ୍ତମାନ ସମୟ ପରିପ୍ରେକ୍ଷୀରେ ଏକ ଗୁରୁତର ପ୍ରସଙ୍ଗ । ମୁଲିଆ ମଜୁରିଠାରୁ ଆରମ୍ଭକରି ନିକମା ଲୋକଙ୍କ ରବାବ୍, ସେମାନଙ୍କ ନିଶାପାଣି ହାତଖର୍ଚ୍ଚ, ଧାନବୁଣାଠୁ ଅମଳାଯାଏ ପଇସା ଗଣିଗଣି ଚାଷୀଟି ଏକପ୍ରକାର ଧୋଇ ହେଇଯାଏ । ମଣ୍ଡିକୁ ଧାନ ଗଣ୍ଡାକ ନେଲାବେଳେ ହତାଦର ଭୋଗେ । କେହି ନଥାନ୍ତି ଶୁଣିବାକୁ ତା' ଦୁଃଖ । ସେଥିପାଇଁ 'ଚାଷୀ ଜନ୍ମରୁ ପାରିକର' କବିତାରେ କବି ଲେଖନ୍ତି- "ସହି ହଉନି ସେ କଷ୍ଟ / ଏ ଅଡୁଆଧନ୍ଦାରୁ ପ୍ରଭୁ

ତ୍ରାହିକର / ଏ ଚାଷୀ ଜନ୍ମରୁ ମୋତେ ପାରିକର ।”

ଉଜୁଡ଼ି ଯାଉଥିବା ସଂସାର ଦୁଃଖର ଅଧିକ ନିକଟବର୍ତ୍ତୀ କବି । ନଦୀ ଓ ନାରୀର ରୂପକୁ ଏକ ଭାବରେ ଫକୀରମୋହନ ଦେଖିଲା ପରି କବି ଦେଖିଛନ୍ତି– “କଉଁ ନଈ କୂଳକୁ ଶୀତଳ / କଉଁ ନଈ ସର୍ପିଣୀ ସମାନ / କୂଳ ଲଂଘେ, ଘର ଭାଂଗେ / ଲୁଟିନିଏ ଅମୂଲ୍ୟ ଆୟୂଷ / ସବୁ ଅଙ୍ଗୀକାର ଭୁଲି ଉଜାଡ଼େ ବିଶ୍ୱାସ ।” ଉଛୁଳା ନଈ କେବେ ବୁଝେନି ଦୟାମାୟା, ଧର୍ମ–ଅଧର୍ମ । ଅସମୟରେ ବୁଡ଼େଇଦିଏ ଅସହାୟ ଭେଳାର ଜୀବନ । “ତା’ ପଲକରେ ସଂସାର ଦି’ଗଡ଼ / ତା’ ରଗଡ଼ ଝଗଡ଼ରେ / କଟିଯାଏ ହାତଗୋଡ଼ ସାହା ଭରସାର / ତା’ ଚକ୍ରାନ୍ତରେ ଫିକାପଡ଼େ / ସୁଖଶାନ୍ତି, ସବୁଜ ସକାଳ ।” ବଡ଼ ବିଚିତ୍ର ଏ ଦୁନିଆଁର ରୀତି । ସମୟ ସବୁକିଛି କରିଦିଏ ଓଲଟପାଲଟ । ଅନେକ ପୁରୁଣା ଅନୁଭୂତି ପୁଣି ନୂଆହୋଇ ଝଲସିଉଠେ ଆଉ ଗୋଟେ ସମୟକୁ । “ଦିନେଦିନେ ଖୁସିରେ / ପାଦ ଲାଗେନି ଭୂଇଁରେ / ଆଉ ଦିନେ ପୁଣି / ନିଆଁ ନାଗିଯାଏ ସୁଖଶାନ୍ତିରେ / ତଟକା ନାଗେ ଦେଖି / ସମୟର କୁଟିଳ କଟାକ୍ଷ / ମାଟିର ଓଠରୁ ନିଭିଯାଏ ମେଘଛାଇ / ଶୀତଳ ଉଚ୍ଛ୍ୱାସ ।” ଏବେ ଗାଁମାନଙ୍କରେ ସେ ଉଚ୍ଚା ମାଟିପିଣ୍ଡା ଆଜି ନିଶ୍ଚିହ୍ନ ହେବାକୁ ବସିଲାଣି । ତଥାପି ତା’ର ଲୋଡ଼ିବାପଣର ଭାଷା ବିଚଳିତ କରିଛି କବି ଚିତ୍ତକୁ । “ଏ ପିଣ୍ଡା ବୁଝିଛି / ବିହ୍ୱଳ ମନର ଭାଷା / ବସି ପଡ଼ିଥିବା ଲୋକଟିର ମନକଷ୍ଟ / ସେ ପଚାରିନି କେବେ / ତମେ କିଏ, କାହିଁକି ବସିଛ / କୁଆଡ଼େ ଯିବ, କେତେଦୂର / ବରଂ ଆଦରି ନେଇଛି ତା’ ଝାଳବୁନ୍ଦା / ଧୂଳି ଟିକକ / ତା’ ଲୋଡ଼ିବାପଣରେ / ଆଗତୁରା ବଢ଼େଇ ଦେଇଥାଏ / ତା’ ହାତ, ଶ୍ରଦ୍ଧାପଣ / ରଂକୁଣା ବିଶ୍ୱାସ ।” ପ୍ରଥମରୁ କୁହାଯାଇଛି, କବି ହୃଦାନନ୍ଦ ଗାଁ ମାଟିର ବାସ୍ତବ ରୂପକାର । ଗାଁର ଖଳାକ୍ଷେତ, ଧାନଅମାର, ଦାଣ୍ଡଦୁଆର, ଦାଣ୍ଡପିଣ୍ଡା, ବାଡ଼ିଅଗଣା, ଧୂଳିମାଟି, କାକରଟୋପା ପ୍ରଭୃତି ଆପେଆପେ ତାଙ୍କ ଆଖିରେ ଉଭା ହୁଅନ୍ତି । ସତେଯେମିତି କବି ଭାବନାରେ ସେସବୁ ନେସିଘଷି ହେଇ ସେକଥା ବଖାଣି ଦେବାକୁ ଉଖାରନ୍ତି ।





## ମାଟିର କଲ୍ୟାଣକାରିଣୀ ରୂପ: ‘ଗାଆଁର ପଣତକାନି’

ଡିସେମ୍ବର–୨୦୨୦ରେ କଟକ ‘ବିଜୟିନୀ’ ପବ୍ଲିକେଶନ ଦ୍ୱାରା ପ୍ରକାଶ ପାଇଛି କବିଙ୍କ ‘ଗାଆଁର ପଣତକାନି’ କବିତା ଗ୍ରନ୍ଥ । ପ୍ରକୃତରେ ଗାଁର ସମ୍ମୋହନ ନିଆରା । କଲମୀ ହୋଇ ମଣିଷ ଗାଁରୁ ଯାଇ ଆଜି ସହରରେ ରହୁଛି ସତ, କିନ୍ତୁ ଗାଁର ଅନୁଭବ ଓ ଅନୁଭୂତି ସାରାଜୀବନ ଧରି ସହରର ମାୟା ଭିତରେ ମଧ୍ୟ କବି ବା ଭାବୁକଟିକୁ ଟାଣିରଖୁଛି । ଗାଁ ଧାନକ୍ଷେତ, ପବନର ପଣତ, ନଈ ପରି ଜୀବନଧାରା, ପ୍ରାକୃତିକ ପରିବେଷ୍ଟନୀ, ଶୈଶବର ସ୍ମୃତି, କୂଟକପଟ ଛୁଇଁନଥିବା ସରଳପ୍ରାଣ ଇତ୍ୟାଦି ଅନେକ ନିଆରାପଣ ସେ ସ୍ମୃତିକୁ ଉଜ୍ଜୀବିତ କରି ରଖିଛି । ଆଜି ହୁଏତ ଗାଁରେ ନୁଆଁଣିଆ ଚାଳଘର ସଂଖ୍ୟା କମିଛି । କାଦୁଅ ରାସ୍ତା କଂକ୍ରିଟ୍ ହୋଇଛି । ଲଙ୍ଗଳ ବଦଳରେ ଗା ଦାଣ୍ଡ ଓ ବିଲରେ ଛୁଟୁଛି ପାଓ୍ୱାରଟିଲର୍ କି ଟ୍ରାକ୍ଟର । ବିଶ୍ୱାୟନର ପ୍ରଭାବରେ ଅଧୁନା ସମଗ୍ର ପୃଥିବୀ ହୋଇଗଲାଣି ଗୋଟେ ଗାଁ । ଆମେ କମାଇ ଦେଲୁଣି ସବୁକିଛିରେ ଦୂରତ୍ୱ । ତଥାପି ମନେପଡୁଛି ଗାନ୍ଧିଜୀଙ୍କ ଗାଁକୁ ଫେରିବାର ଡାକ । ଗାଁରେ ମାନବିକତାର ଅନେକ ସୂକ୍ଷ୍ମକଥନିକା କବିତା ଭିତରୁ ସ୍ୱତଃ ଆତ୍ମପ୍ରକାଶ କରୁଛି । ଆଜି ସୁଦ୍ଧା ଭାରତର ସିଂହଭାଗ ଲୋକେ କୃଷିକୁ ମୁଖ୍ୟ ଉପଜୀବ୍ୟ କରି ମାଟିକାମୁଡ଼ି ପଡ଼ି ରହୁଛନ୍ତି । ଚାଷୀର କ୍ଷେତକର୍ମ, ଚକୁଳିଆ ପଣ୍ଡାର ଗୀତ, ଶୁଭ କାମରେ ମହୁରି ବଜେଇ ଜୀବିକାର୍ଜନ କରୁଥିବା ମହୁରିଆ, ହାତକୁ ହାତୁଡ଼ି କରି କମାରଶାଳର ତତଲା ନିଆଁରେ ଖଟୁଥିବା ଲୋକର ଦୁଃଖ କହିଲେ ନସରେ । ଉଠାଦୋକାନର ପଟା ବେଞ୍ଚରେ ବସି ସାଧାରଣ ମଣିଷ ସୁଖଦୁଃଖ ହେବା ସହିତ ଗାଁ ଓ ଦେଶର ରାଜନୀତିଠାରୁ ଅର୍ଥନୀତି ଯାଏ ଟିକିନିଖି ଆଲୋଚନା ସବୁକୁ କବି ପ୍ରତ୍ୟକ୍ଷ କରିଛନ୍ତି । ରାଜନୀତିର ପେଞ୍ଚପାଞ୍ଚ ଭିତରେ କିପରି ନିରୀହ ଲୋକଟିଏ ବଳିପଡୁଛି, ସେକଥା ବି ଶୁଣିଛନ୍ତି । ସ୍ୱାଧୀନତା ପୂର୍ବବର୍ତ୍ତୀ ଗାଁ ଓ ସ୍ୱାଧୀନତା ପରବର୍ତ୍ତୀ ଗାଁରେ ଅନେକଟା ଫରକ୍ । ଧର୍ମମନ୍ଦିର ଭଳି ପବିତ୍ର ସ୍ଥଳୀ ଗଢ଼ିବା ନାଁରେ ବି କଳାଟଙ୍କାର ଛିଟା । କବିଙ୍କ ଭାଷାରେ– “ଫି ପାଞ୍ଚବର୍ଷରେ ବଦଳେ କ୍ଷମତାର ଜରିପୋଷାକ / ହେଲେ ନିରୀହ ମଣିଷର ଭାଗ୍ୟ / ଅକାଳରେ ମଉଳି ଯାଉଥାଏ / ଥରକୁଥର, ସବୁଥର / ଏଇ ଭରସାରେ, ବିଶ୍ୱାସରେ / ହାରୁଥାଏ, ମରୁଥାଏ / ସେମାନଙ୍କ ମୂଲ୍ୟବାନ ମତାଧିକାର ।”

ସକଳ ଫିସାଦ ଭିତରେ ତଥାପି କ୍ଷେତ ଚାଷୀକୁ ଡାକେ । କଣ୍ଠବୁଡ଼ା ପାଣିରେ ଧାନଗଛ ଦୋହୁଲୁଥାଏ । କୂଆ, କଜଳପାତିଙ୍କ ପାଣିଖେଳ ଚାଲୁଥାଏ । ‘ଆଚ୍ଛେଦିନ’ର ସ୍ୱପ୍ନରେ ଉଲ୍ଲସିତ ହେଉଥାଏ ମଣିଷ । ମଣିଷ ତ ମାଟିରେ ମିଶିବାଟା ନିଧାର୍ଯ୍ୟ । ସେଥିପାଇଁ ଆମ ସଂସ୍କୃତିରେ ଶବବାହକମାନେ କୋକେଇ ବନ୍ଧାହେବା ବେଳେ ଶେଷସନ୍ତକ ମାଟିମୁଠେ ନେଇ କୋକେଇ ଶେଯରେ ରଖିଦିଅନ୍ତି । କବିଙ୍କ ଭାଷାରେ– “ଆମେ ଦୁନିଆଁଛାଡ଼ି / ମହାଶୂନ୍ୟରେ ହଜିଯିବା ବେଳେ / କିଛି ନେଇନଥାଉ ସାଥୀରେ / ହେଲେ ପ୍ରିୟଜନମାନେ / ଆମକୁ ମଶାଣିକୁ ନେଲାବେଳେ / କୋକେଇରେ ରଖିଦିଅନ୍ତି / ସମ୍ପର୍କର ମାଟିମୁଠେ ।” ସଚ୍ଚି ରାଉତରାୟଙ୍କ ‘ଛୋଟ ମୋର ଗାଁଟି’ କବିତାରେ ମାଟିର ସରଗ ହେଉ ଅବା ବିନୋଦ ନାୟକଙ୍କ ଦୂର ତାଳବଣର ମାଟିର ସଂଗୀତ, କବି ହୃଦାନନ୍ଦଙ୍କ ଗ୍ରାମୀଣ ଅନୁଭବ ହେଉଛି ତା’ର ଏକ ପ୍ରଲମ୍ବିତ ସ୍ୱାକ୍ଷର । ପ୍ରକାଶକୀୟ ଭାଷାରେ– “କ୍ରମଶଃ ବଦଳି ଯାଉଥିବା ପ୍ରକୃତିର ଦୁଃଖରେ କବି ଖୁବ୍ ମ୍ରିୟମାଣ । ଆମର କ୍ଷୟିଷ୍ଣୁ ଉଜୁଡ଼ା ସଂସ୍କୃତିର ବ୍ୟଥାବେଦନାରେ ସେ ମର୍ମାହତ । ଏହାର ସୁରକ୍ଷା ଦିଗରେ ତାଙ୍କର ଆହ୍ୱାନ ମଧ୍ୟ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ।”

ଅର୍ଥସର୍ବସ୍ୱ ମଣିଷ ପାଇଁ କିଏ ମଲା କି ଗଲା ସେ ଆଡ଼କୁ ଅନାଇବାକୁ ତରନାହିଁ । ବିଜ୍ଞାପନର ଭେଳିକିରେ ଗୋଟାପଣେ ସ୍ୱାର୍ଥପରତା ବସାବାନ୍ଧିଛି । ଗାଁରେ ଉତ୍ସବ ଉଲ୍ଲାସର ତରିକା ସବୁ ବଦଳି ଗଲାଣି । ମମତାର ମଧୁଝର ସତେ ଯେମିତି ଶୁଖିଗଲାଣି । ହତାଦରର ନର୍କକୁଣ୍ଡ ଭିତରେ ଗାଉଁଲି ମଣିଷର ଆଖିରେ ଲୁହ । କବି କହନ୍ତି– “ସବୁ ହରେଇ ହରେଇ / ଚିରାପଣତ ଖଣ୍ଡେ ପରି / ସେ ବେସାହାରା / ଏଇ ଦୁନିଆଁର ।” ଏଥି ସତ୍ତ୍ୱେ ତଥାପି ଜୀବନ ହାର୍ ମାନେନାହିଁ । ନଈପାଣିରେ ପୁଣି ଜହ୍ନ ଓହ୍ଲାଏ । ଚାଷୀର କ୍ଷେତ ବି ଇନ୍ଦ୍ରଭୁବନ ଦିଶେ । ମନର ଅବାରିତ ଶୋଷକୁ ମେଣ୍ଟାଇବାର ପ୍ରୟାସ ଜାରି ରହିଥାଏ । କବି କୁହନ୍ତି– “ଘାସ ପତ୍ରର କାକରବୁନ୍ଦାରେ / ହୀରାର ଗହଣା ସବୁ ଝଟଝଟ ଦିଶୁଥାଏ / ଜହ୍ନ ଆଲୁଅରେ” ଏବଂ ଏହା ହିଁ ତ ସ୍ୱାଭାବିକପଣ । କ୍ଷେତରେ ଶସ୍ୟ ମରି ଯାଉଥିଲେ ବି ତଥାପି ଗାଁର ମଣିଷଟି ଭାଂଗିପଡ଼େନି । “ଶିଶୁର ହସଟିକକ ଖୋଜି ଚାଲିଛି / ସେ ସ୍ୱଚ୍ଛନୀରା ଗଣତନ୍ତ୍ର ।” ଗାଁ ପ୍ରତି ଅତୁଟ ମମତା କେବଳ ଗାଁରେ ସୀମିତ ହୋଇନାହିଁ, ଗ୍ଲୋବାଲ୍ ଭିଲେଜରେ




ବି ଗୋଟେ ଦେଶଭକ୍ତିର ମମତ୍ୱବୋଧ କବିପ୍ରାଣକୁ ଆର୍ଦ୍ର କରିଛି ।

ଗାଁର ବିଶ୍ୱାସବୋଧର ଅନାବିଳ ଭାବ କବିଙ୍କୁ ବେଶ୍ ସିକ୍ତ କରିଛି । ହାତର ଶାଗପଖାଳ ତା' ପାଇଁ ମିଠା ଅମୃତ । ପିଲାଦିନେ ଦୁଃଖିନୀ ମା' ତା' ଅମୁହାଁକାଡ଼ି କେତେବେଳେ ବଢ଼େଇ ଦେଇଛି ପୁଅର ହାତଖର୍ଚ୍ଚ । ଜର-ନୁଆରରେ ମୁଣ୍ଡ ଆଉଁସି ଦେଇଛି । ମା'ର ବିୟୋଗରେ ତୁଳସୀ ଚଉଁରା ମୂଳରେ ପୋତି ହେଇପଡ଼ିଥିବା ସଂଜବତୀ ଓ ତା' ତତଲା ନିଶ୍ୱାସକୁ କବି ମନେ ପକାଇଛନ୍ତି । ଗ୍ରାମୀଣ ଭାଷାର ଅର୍ଥପୂର୍ଣ୍ଣ ପ୍ରୟୋଗ ତାଙ୍କ କବିତାକୁ ଅଧିକ ଭାବମୟ କରି ତୋଳିଛି । ସ୍ନେହ, ଦରଦ ଓ ମାୟାମମତାର ଶବ୍ଦରାଜି ବୋଳି ହେଇପଡ଼ିଛି କବିତାର ପଙ୍କ୍ତିରେ । "ଆପଣା ଛାତିରୁ ଏବେବି ଲିଭିନି / ତା' ଧୋବ ଫରଫର ଲକ୍ଷ୍ମୀପାଦ ।" କବିଙ୍କ କବିତା ଭିତରକୁ ପଶିଲେ ଲାଗେ ଯେମିତି ଆମ ସଂସ୍କୃତିର ଅନ୍ତନାଡ଼ିର ଉଚ୍ଚାରଣ । ଦୁଃଖୀ ଲୋକ ଚାଳକୁ ନାଉନଟା ଆଦରିଥିବାର ଦୃଶ୍ୟକୁ ବି ଆଖିରେ କଏଦ କରିଛନ୍ତି କବି । ସତେଯେମିତି ସେ ଲଟାଗଛର ଜନ୍ମ କଉଁ ଜନ୍ମର କରଜକୁ ଶୁଝିଦେବା ପାଇଁ ଉଦ୍ଦିଷ୍ଟ । ସେ ଲଟାର ଫଳ ପହିଲେ ଯାଏ ଠାକୁର ଘରକୁ । ଏ ଅଜାଡ଼ି ଦେବାର ଖୁସି ଆଉ କାହିଁ ଥାଏ କି ଏ ଦୁନିଆଁରେ! ନାଉନଟାର ଜୀବନ ଭିତରେ କବି ଆମ ସୁଖ ଓ ଆନନ୍ଦର ମୌଳିକ ବିଚାର ବ୍ୟକ୍ତ କରନ୍ତି । "ମନଉଣା ନକରି / ସବୁ କଷ୍ଟରୁ ସେ ଉଠିପଡ଼ି ଚାଲେ / ଫଳ ବାଣ୍ଟେ / ଖୁସି ହୁଏ ।"

ଗ୍ରାମ୍ୟ ପ୍ରକୃତି ଓ ଜୀବନସଂହିତାର ସବୁ ଉପାଦାନ କବି ଦେଖାଇ ଦେବାର ପ୍ରୟାସ କରିଛନ୍ତି କବିତାରେ । ସାଧାରଣ ଆଚାର ବିଚାରରେ ଥିବା ପ୍ରବାଦ-ପ୍ରବଚନଗୁଡ଼ିକୁ ସାଉଁଟି ଆଣନ୍ତି ସେ କବିତା ଭିତରକୁ । ସାଂପ୍ରତିକ ସମୟର ଗାଁର ଚିତ୍ରଦୃଶ୍ୟ ଆଙ୍କୁଥିବା କାବ୍ୟମାନସ ପୁରୁଣାଦିନର ସ୍ମୃତିକୁ ବି ମନେପକାନ୍ତି । ଗାଁରେ ମା'ଟିଏ ରାତି ଅନ୍ଧାରରୁ ଉଠି ଧାନଉଷାଁ, ଚୁଲିରେ ଅଚିଣା ଡାଂଗର ଠକ୍‌ଠକ୍ ଶବ୍ଦ, ନଡ଼ିଆ କଞ୍ଚରେ ଖଇଫୁଟା, କୁଟାପିଞ୍ଚରେ ଭାତଗଳା, ହେଁସରେ ଧାନଶୁଖା, ଶିଳରେ ମସଲବଟା, ଦେହରେ ହଳଦୀମଖା ଏସବୁ ଆଜି ବଦଳିଗଲାଣି । ଏହାକୁ ନେଇ କବିର କ୍ଷୋଭ ଏକ ଅର୍ଥିତର ଅନୁଭବ ପରି । ଗ୍ରାମ୍ୟ ପ୍ରକୃତି ସହ କାରୁଣ୍ୟ ସହବନ୍ଧିତ ହୃଦାନନ୍ଦଙ୍କ କବିତାରେ । ଗଛବୃଛ ଓ ଫଳଫୁଲୁରି ସହ ଆମର ଜନ୍ମଜନ୍ମର ରହିଛି ସମ୍ବନ୍ଧ । ଗାଁ ମାଟିର ସଜନାଗଛଟି କବିର ଆବେଗ ସହ ଜଡ଼ିତ ହୋଇଛି । ଏହି ସଜନାଗଛକୁ ନେଇ ଆମ ସଂସ୍କୃତି ଓ ବିଶ୍ୱାସବୋଧ କଥା ବଖାଣନ୍ତି କବି । "ରାତିର କାଳିଅନ୍ଧାରରେ ପେଚାଟିଏ / ଗଛର ଅଗ ଛତିରିରେ ବସି / ଆଗତ-ଭବିଷ୍ୟ ଗୁଣୀ ହୁଏ / ମା' ତାକୁ ଅଲକ୍ଷଣୀ କହି / ଦେଢ଼ଶୁର ଅଇଁଠା ଖା' ବୋଲି / ଛଟାଟିଏ ମେଲେ ।"

## ପଲ୍ଲୀଭୂଇଁରୁ ବିଶ୍ୱୈକପ୍ରାଣତାର ନିର୍ମଳ ଝରଃ 'ବଞ୍ଚି ଆସିଥିବା ବିଶ୍ୱାସ'

ଚଳିତ ୨୦୨୪ରେ 'ବିଜୟନୀ ପବ୍ଲିକେଶନ୍ସ' ଶଙ୍କରପୁର କଟକ ଦ୍ୱାରା ପ୍ରକାଶିତ କବି ହୃଦାନନ୍ଦଙ୍କ 'ବଞ୍ଚି ଆସିଥିବା ବିଶ୍ୱାସ'ରେ ମୋଟ ୩୦ଟି କବିତା ସ୍ଥାନିତ । ପଲ୍ଲୀର ଆତ୍ମାକୁ ନିରୀକ୍ଷଣ କରିବା ସହିତ ସାଂପ୍ରତିକ ସମୟ ଓ ଜୀବନର ଅସହାୟତାବୋଧକୁ କବି ପ୍ରକଟ କରିଛନ୍ତି । ଗାଁରେ ଆତଯାତ ହେଉଥିବା ସାଧାରଣ କୃଷକ, ଶ୍ରମିକ, ଦିନମଜୁରିଆ, ପୈତୃକ ବୃତ୍ତିକୁ ଆପଣେଇ ପେଟ ପୋଷିଆସୁଥିବା ସରଳ ନିରାଡ଼ମ୍ବର ମଣିଷମାନଙ୍କ ଆତ୍ମିକ ଉଚ୍ଚାରଣ ପାଠକ ହୃଦୟକୁ ଦ୍ରବୀଭୂତ କରିବାର ସାମର୍ଥ୍ୟ ଏଥିରେ ରହିଛି । ପଲ୍ଲୀ ପ୍ରକୃତି ଭିତରେ ଦେବତ୍ୱର କାଉଁରୀ ସ୍ପର୍ଶ କବି ଅନୁଭବିଛନ୍ତି । ଏ ଧୂଳି ମାଟିର ସ୍ୱର୍ଗରେ ନାରୀର ଉତ୍ସର୍ଗମୟ ଜୀବନର ମହକ ସାଉଁଟିଛନ୍ତି । ନିଜ ସୁଖଶାନ୍ତିକୁ ଜଳାଞ୍ଜଳି ଦେଇ ଓ ନିଜକୁ ଉଜାଡ଼ି କରି ପଲ୍ଲୀର ଦୁଃଖିନୀ ନାରୀଟିଏ ତଥାପି ସମର୍ପଣରେ ତା' ଜୀବନକୁ ଧନ୍ୟ କରି ଚାଲୁଥାଏ । ଏବେର ଜୀବନରେ ଶାନ୍ତି ଏକ ଅପହଞ୍ଚ ସାମଗ୍ରୀ ହୋଇପଡ଼ିଛି । ଜଗତୀକରଣ ପ୍ରକ୍ରିୟାରେ ଯନ୍ତ୍ରିତ ମଣିଷ ଅବସାଦ ଓ ଅତୃପ୍ତିରେ ଧନ୍ଦିହେଇ ଚାଲିଛି । ତା'ର ଜୀବନ ଘୋର ବିପର୍ଯ୍ୟୟର ସମ୍ମୁଖୀନ ହେବାରେ ଲାଗିଛି । ପ୍ରକୃତିର ବିରୁଦ୍ଧାଚରଣ କରି ନିଜର କର୍ମଫଳ ଭୋଗିବା ହିଁ ସାର । ଏବେ ଦେଖାଯାଉଛି ଯେ ପୂଜ୍ୟପୂଜାର ହତାଦର ଆଉ ବିବେକପଣିଆ ବଡ଼ ସଙ୍କଟରେ । ଆମର ପ୍ରାଚୀନଶାସ୍ତ୍ର ଓ ସଂସ୍କୃତି ପ୍ରତି ଅନୁରାଗ କରିବା ଦିଗରେ କବିଙ୍କ ନିଷ୍ଠା ଓ ଯତ୍ନଶୀଳତା ବେଶ୍ ପ୍ରଶଂସନୀୟ ।

ଲୋକଭାଷାର ଚମତ୍କାର ପ୍ରୟୋଗ ଏ ପୁସ୍ତକର ସଫଳତା । ସରଳତା ଓ ସ୍ୱଚ୍ଛପଣରେ ଛଳଛଳ କବିଙ୍କ ଭାବ ଓ ଭାଷାର ନିର୍ମଳ ପ୍ରବାହ ପାଠକ ହୃଦୟକୁ ରସାଣିତ କରିବା ନିଶ୍ଚୟ । ଆମ ପଲ୍ଲୀମାଟି ଓ ଗ୍ରାମ୍ୟ ସଂସ୍କୃତି ପ୍ରତି ଦରଦଭରା ଅନୁରାଗ ସୃଷ୍ଟିକରିବା କ୍ଷେତ୍ରରେ ଏ ସଙ୍କଳନଟି ଯଥେଷ୍ଟ ସହାୟକ ହେବ । ଗ୍ରାମୀଣ ଭାଷାର ପଟିଆରା ହିଁ ହୃଦାନନ୍ଦଙ୍କ କବିତାର କୌଶଳ । ପଲ୍ଲୀ ଜୀବନର ସୁନ୍ଦରପଣ ଓ ମିଠାଦିନର ଅନୁଭବକୁ ଖୋଜିବାର ପ୍ରକ୍ରିୟା ସତେଯେମିତି ପ୍ରବହମାନ ନଈର ରେଖା ପରି । ସେ ଗାଏ ଧୋ'ରେ ବାଇଆ ଧୋ' ନାନାବାୟା । ଗୁଣୁଗୁଣୁ ସକାଳ ଓ ଖୁସିଖୁସି ସଞ୍ଜ ସବୁଠୁ ବଡ଼ ଭରସା ଏ ଜୀବନଯାତ୍ରାର ।

ଉତ୍ତର ଆଧୁନିକ କାବ୍ୟଧାରାରେ ଆମର ଗ୍ରାମ୍ୟଚେତନା, ଐତିହ୍ୟ ଓ ସଂସ୍କୃତିକୁ ଫେରି ଚାହିଁବା କଥାଟି ହୃଦାନନ୍ଦଙ୍କ କବିତାରେ ସତେ ଯେମିତି ପ୍ରତିଧ୍ୱନିତ ହୁଏ ବାରମ୍ବାର । ବର୍ତ୍ତମାନ ମଣିଷର ଉତ୍ସୁକତା ପ୍ରସାଧାନ ଦିଗ ପ୍ରତି ନିବିଷ୍ଟ । ହେଲେ ପୁରୁଣା ଦିନରେ ନୂଆବୋହୂଟିର ବେଣୀବାନ୍ଧି ଦେଉଥିବା ନଣନ୍ଦ ଓ ଅକୃତ୍ରିମତାରେ ସ୍ୱଭାବସୁଲଭ ସୌନ୍ଦର୍ଯ୍ୟର ଦ୍ୟୁତି ଅତୁଳନୀୟ । ଜଣେ ସଚେତନ କାବ୍ୟସ୍ରଷ୍ଟା ରୂପେ ପଲ୍ଲୀ ଜୀବନକୁ ନେଇ ନମନୀୟ ସଂସ୍କାର ଦୃଷ୍ଟି ଓ ମିଠାପଣ ହିଁ କବିଙ୍କ କାବ୍ୟଚେତନାର ସାର୍ଥକ ପରିଚୟ ବହନ କରେ ।

ପ୍ରସଙ୍ଗ-୪

# ସରୋଜଙ୍କ ସାରେଗାମା



# ସରୋଜ ରଞ୍ଜନଙ୍କ ଦୁଃଖାତୀତ, ଦେହାତୀତ କବିତାର ଯାତ୍ରା


## ଭରତ ବେହେରା

ଏମ୍ଆଇଜି-୨୨
ଜିଏସ୍ ନଗର, ଜଗତପୁର, କଟକ-୭୫୪୦୨୧
ମୋ.: ୯୪୩୭୫୭୦୧୨୦


ଫଟୋ ସୌଜନ୍ୟ : ଗୁଗୁଲ୍ ଓ ଲେଖକ

ସର୍ଜନା ଓ ସମ୍ପାଦନା ସମାନ୍ତର । ନିରବଚ୍ଛିନ୍ନ ସମ୍ପାଦନା, ସର୍ଜନା ପରିମାଣ ହ୍ରାସର ମୂଳକାରଣ । ସଦିଚ୍ଛା, ସୁନାମ ଓ ପ୍ରତିଷ୍ଠା ଥିବା ପତ୍ରିକାର ନିର୍ଭୀକ ସମ୍ପାଦନା ସହିତ ବ୍ୟକ୍ତିକ ସର୍ଜନାବୃଦ୍ଧି ଆହୁରି କଷ୍ଟସାଧ । ବହୁ ପ୍ରତିଷ୍ଠିତ ପତ୍ରିକା 'ଝଙ୍କାର'ର ସମ୍ପାଦକ ସରୋଜ ରଞ୍ଜନ ମହାନ୍ତି । ଆଜି ପର୍ଯ୍ୟନ୍ତ ତାଙ୍କର କବିତା ଗ୍ରନ୍ଥ 'କାଗଜ ଡଙ୍ଗାର ଶୋକ' (୧୯୭୭, ୧୯୮୧), 'ଫୁଲ ଫୁଟେଇବା ମନା'(୧୯୯୨) ଓ 'ବାଇଗେଣୀ ଋତୁ' ପ୍ରକାଶିତ । ସେ ମଧ୍ୟ ଜଣେ ବ୍ୟାକରଣବିତ୍ । ସମ୍ପାଦନା, ସଂଶୋଧନ କାର୍ଯ୍ୟରେ ମନୋନିବେଶ ଯୋଗୁଁ ତାଙ୍କ ନିଜସ୍ୱ ସର୍ଜନାର ଦିଗ ଅବହେଳିତ । ତେବେ ଜଣେ ବରିଷ୍ଠ ସମ୍ପାଦକ ଓ କବି ଭାବରେ ସେ ବେଶ୍ ପ୍ରତିଷ୍ଠିତ ଓ ପରିଚିତ । ଶୋକ, ଦୁଃଖ, ଭୋକ, ପ୍ରେମ, ବିରହ ବେଦନା ଭଳି ବ୍ୟକ୍ତିକ ପରିସର ବ୍ୟତୀତ ସାମାଜିକ, ପାରଲୌକିକ, ସଂହତି, ସଦ୍‌ଭାବଜନିତ ଘଟଣାବଳୀ ପର୍ଯ୍ୟନ୍ତ ତାଙ୍କ କବିତାର ଦୌଡ଼, ଦସ୍ତଖତ । ସମ୍ପୃକ୍ତ ଆଲୋଚନା କେବଳ 'କାଗଜଡଙ୍ଗାର ଶୋକ' ଓ 'ଫୁଲ ଫୁଟେଇବା ମନା' ଗ୍ରନ୍ଥ ମଧ୍ୟରେ ସୀମିତ । ଦୁଇଟିଯାକ ପ୍ରେମକବିତା, ବିଦଗ୍ଧ ପ୍ରେମଗ୍ରନ୍ଥ । କେଦାରଗୌରୀଠାରୁ ଆବିଶ୍ୱ ଲିଖିତ ପ୍ରେମଗ୍ରନ୍ଥ ସବୁ ବିରହ, ବେଦନା, ବିଷାଦ, ବିୟୋଗରେ ଜର୍ଜରିତ । ବସ୍ତୁତଃ କ୍ରୋଧ ଏବଂ କାରୁଣ୍ୟରୁ କବିତାର ଜନ୍ମ । ହାସ୍ୟ ବ୍ୟଙ୍ଗ ଠାରୁ କାରୁଣ୍ୟ ସ୍ୱତନ୍ତ୍ର । କାରୁଣ୍ୟ, ଲୁହ, ଲହୁ ମଣିଷର ଆବେଗ, ହୃଦୟ ଓ ଚେତନାକୁ ଅହରହ ମନ୍ଥି ପକାନ୍ତି । ଏମିତିକି ଇଚ୍ଛାଶକ୍ତିକୁ ମଧ୍ୟ କାରୁଣ୍ୟ ପ୍ଳାବିତ କରିଥାଏ । ସେଥିପାଇଁ କାରୁଣ୍ୟ ମଣିଷର ଅନ୍ତରାତ୍ମାରେ ବେଶିଦିନ ପର୍ଯ୍ୟନ୍ତ ତିଷ୍ଠି ରହେ ।

ପ୍ରେମର ଆଧାର ଦେହ । ପ୍ରେମ ଗଭୀର ହେଲେ ଦେହକୁ ଲୋଡ଼ିଥାଏ । ଯୌବନର ପ୍ରେମ ଦେହାଶ୍ରୟୀ । ଦେହର ଦାହିକା ଶକ୍ତି ପ୍ରେମକୁ ଆଗକୁ ଆଗକୁ ଟାଣେ । କିନ୍ତୁ ରୂଢ଼ମୂଢ଼ ରକ୍ଷଣଶୀଳ ଭାବନା, ମିଛ ଆଭିଜାତ୍ୟ, ସାମାଜିକ ବାଧାବନ୍ଧନ ଓ ସର୍ବୋପରି କିଛି ବାଧବାଧକତା ପ୍ରେମିକ ପ୍ରେମିକାଙ୍କ ପଥରେ ବ୍ୟାରିକେଡ୍ ହୋଇ ଛିଡ଼ାହୁଏ, ଯାହାର କରୁଣ ପରିଣତିକୁ ନିଷ୍ପାପ ନାୟକ ନାୟିକା ସାମ୍ନା କରନ୍ତି, ପରାସ୍ତ ହୁଅନ୍ତି ଏବଂ ବେଳେବେଳେ ମୃତ୍ୟୁମୁଖରେ ପଡ଼ନ୍ତି । ଆମେ ବଞ୍ଚୁଥିବା ସମାଜରେ ନାରୀ ପୁରୁଷକୁ ଭଲପାଇବା ଉପରେ କେତେ କେତେ ଅଙ୍କୁଶ, କଟକଣା । ତେବେ ସଂକଳ୍ପବଦ୍ଧ ନାୟକ ନାୟିକାଙ୍କ ଦୃଢ଼ ମନୋବଳ, ସଂକଳ୍ପ ଓ ଆତ୍ମବିଶ୍ୱାସ କେବେ ସଫଳ ତ ଆଉ କେବେ ପରାସ୍ତ । ତାରୁଣ୍ୟରେ ମାନଅଭିମାନ, ରାଗରୋଷ ରହିବା ସ୍ୱାଭାବିକ, ଯାହା ପରବର୍ତ୍ତୀ ସମୟରେ ଭୁଲ୍‌ବୁଝାମଣାକୁ ଜନ୍ମଦିଏ । ବେଳେବେଳେ ଛଳନା-ପ୍ରତାରଣା ଭଳି ପୀଡ଼ାଦାୟକ ଶବ୍ଦୋଚ୍ଚାରଣ ପରସ୍ପର ମଧ୍ୟରେ ଦୂରତ୍ୱ ସୃଷ୍ଟି କରେ, ଯାହାର କରୁଣ ପରିଣତି ବିୟୋଗ ବିଚ୍ଛେଦକୁ ରୂପାନ୍ତରିତ ହୋଇଥାଏ ।।

**(୧)**

କବି ସରୋଜ ରଞ୍ଜନ ମହାନ୍ତିଙ୍କର ପ୍ରଥମ କବିତା ଗ୍ରନ୍ଥ 'କାଗଜଡଙ୍ଗାର ଶୋକ' ବିଦଗ୍ଧ ପ୍ରେମ କବିତା ପର୍ଯ୍ୟାୟଭୁକ୍ତ । ପ୍ରେମ ଓ ବିବାହ ଏକାକଥା ନୁହେଁ । ପ୍ରେମ ଗୋଟେ ଅନ୍ତଃସଳିଳା ଫଲ୍‌ଗୁ । ଗୋଟେ ବହମାନଧାରା । ବିବାହ ଗୋଟେ ଦାୟିତ୍ୱବୋଧ । ଦୁଇଟିକୁ ଏକାଠି କରି ପ୍ରେମିକ ପ୍ରେମିକାମାନେ ଦ୍ୱନ୍ଦ୍ୱରେ ପଡ଼ନ୍ତି । ସମ୍ପୃକ୍ତ ଗ୍ରନ୍ଥରେ କାବ୍ୟନାୟକ ଓ କାବ୍ୟନାୟିକା ମଧ୍ୟରେ ବିଚ୍ଛେଦ ଘଟିଛି । ଅବଶ୍ୟ ସେମାନଙ୍କ ପ୍ରେମର ଅବଧି ଥିଲା ଦୁଇ ବର୍ଷ । ମାତ୍ର ଦୁଇବର୍ଷ ମଧ୍ୟରେ ପରସ୍ପରକୁ ଚିହ୍ନି ସଠିକ୍ ନିଷ୍ପତ୍ତି ନେବା ନିଶ୍ଚିତ କଷ୍ଟସାଧ । ପ୍ରଥମରୁ କୁହାଯାଇଛି, ପ୍ରେମର ଆଧାର ହେଉଛି ଦେହ । ଏହାକୁ ବାଦ୍ ଦେଇ ପ୍ରେମ ଅସମ୍ଭବ ।

ସୁତରାଂ ପ୍ରେମରେ ବିଫଳ କାବ୍ୟପୁରୁଷ ଆପଣା ଦୁଃଖଯନ୍ତ୍ରଣା ଓ ଶୋକସନ୍ତାପକୁ କାଗଜରଡଙ୍ଗା କରି ଭସେଇ ଦେଇଛି ଲୁହର ମଝିନଈରେ । କାଗଜଡଙ୍ଗା ନିର୍ଜୀବ, ବାକ୍‌ଶକ୍ତି, ଆବେଗ, ହୃଦୟ ଓ ଇଚ୍ଛାଶକ୍ତି ରହିତ । ହସଲୁହ ରହିତ । କାଗଜଡଙ୍ଗା ବିଫଳ ବିୟୋଗାତ୍ମକ ପ୍ରେମର ପ୍ରତୀକ । କାବ୍ୟନାୟିକାର ବିଚ୍ଛେଦରେ କାବ୍ୟପୁରୁଷ ଯନ୍ତ୍ରଣା ଜର୍ଜରିତ । ଉଭୟ କିଛି ସମୟ ପାଇଁ ଦୈହିକ ପ୍ରେମର ଉପାସକ ଥିଲେ ଏବଂ ସେମାନଙ୍କ ମଧ୍ୟରେ ଦେହସମ୍ପର୍କ ଗଢ଼ି ଉଠିଥିଲା । ଇତିମଧ୍ୟରେ କାବ୍ୟନାୟିକାର ଦେହପ୍ରେମ ଜନିତ ମୋହଭଙ୍ଗ ହୋଇଛି ଏବଂ ଦେହପ୍ରେମକୁ ନାପସନ୍ଦ କରି ଦେହାତୀତ ପ୍ରେମକୁ ଅଧିକ ଗୁରୁତ୍ୱ ଦେଇଛି । ଅଧିକନ୍ତୁ, ସମ୍ପୃକ୍ତଗ୍ରନ୍ଥରେ ଦୁଇଜଣ ନାୟିକାଙ୍କ ଉପସ୍ଥିତି ହୁଏତ ବିଫଳତାର କାରଣ ହୋଇଥାଇ ପାରେ । କାବ୍ୟନାୟିକାର ପ୍ରେମ ପ୍ରତି ନିଷ୍ଠା, ଆନ୍ତରିକତା ଓ ସଂକଳ୍ପବଦ୍ଧତା ସମ୍ଭବତଃ କମ୍ ଥିଲା । ବିଚ୍ଛେଦ ଜନିତ ଦୁଃଖଶୋକରେ କାବ୍ୟପୁରୁଷ



◀ ଲେଖକ ଭରତ ବେହେରା




ରେବତୀ
ଆମ ମାଟିର ସ୍ୱର

ଏତେ ପରିମାଣରେ ଆକ୍ରାନ୍ତ ଯେ ସମ୍ପୃକ୍ତ ଗ୍ରନ୍ଥରେ କବି ଚଉସ୍ତରି ଥର 'ଦୁଃଖ' ଶବ୍ଦ ଓ ଛତିଶ ଥର 'ଭୋକ' ଶବ୍ଦକୁ ବ୍ୟବହାର କରି ଅର୍‌ମାନ ମେଣ୍ଟେଇଛନ୍ତି ବୋଧହୁଏ । ଫଗୁଣରେ ପ୍ରେମ ଆରମ୍ଭ ଓ ଶ୍ରାବଣରେ ଶେଷ । ପ୍ରେମଭାବନାରେ ସିକ୍ତ କାବ୍ୟନାୟକ 'ଶ୍ରାବଣ' ଶବ୍ଦକୁ ସତରଥର ବ୍ୟବହାର କରିଛନ୍ତି, ଗୋଟେ ଦୁଇଟି କବିତାରେ । ଏହା ତାଙ୍କ ପ୍ରେମପରିପ୍ଳୁତ ବିଦଗ୍‌ଧମନର ପ୍ରତିଛବି, ପ୍ରତିଫଳନ । ଅନୁରୂପ ଭାବରେ କାବ୍ୟନାୟିକା ମଧ୍ୟ ବିଚ୍ଛେଦଜନିତ ଦୁଃଖକୁ କାଗଜଡଙ୍ଗା କରି ଭସେଇ ଦେଇଛି । ଉଭୟଙ୍କ ବିଚ୍ଛେଦ ବିଷାଦରୁ ସମ୍ଭବତଃ ଜନ୍ମନେଇଛି ଦୁଃଖାତୀତ ଓ ଦେହାତୀତ ଅବବୋଧ । 'ଇମନ କଲ୍ୟାଣ' କବିତାରେ କାବ୍ୟପୁରୁଷ ଓ କାବ୍ୟ ନାୟିକା ଅନୁରାଧା ଦେହଭୋଗରୁ ଦେହନିର୍ଭୋଗ ଦେଇ ପ୍ରେମମୟ ଜୀବନର ପୂର୍ଣ୍ଣଚ୍ଛେଦ ଘଟାଇଛନ୍ତି । ଅନୁରୂପ ଭାବରେ 'ଅନାବରଣ' କବିତାରେ କାବ୍ୟ ନାୟିକା କଲ୍ୟାଣୀ ଆପଣାର ପ୍ରେମକୁ ଦେହ ପର୍ଯ୍ୟାୟକୁ ନନେଇ ସ୍ନେହାନୁରାଗରେ ସୀମିତ ରଖିଛି । କାବ୍ୟପୁରୁଷର ବିଫଳ ପ୍ରେମ କୋଉଥିପାଇଁ । ବାସ୍ତବିକ କାବ୍ୟପୁରୁଷ ବିଫଳପ୍ରେମର କାରଣ ନଖୋଜି ମେଟାଫିଜିକ୍ସର ବାଂଫିରେ ପଡ଼ିଯାଇଛି । ବିଫଳତାକୁ ଈଶ୍ୱରଙ୍କର ଇଚ୍ଛା ବୋଲି ସ୍ୱୀକାର କରିଛି । ଏପରି ଅବଧାରଣା ପ୍ରେମମୟ ଜୀବନପ୍ରତି ଉପହାସ ଛଡ଼ା ଆଉ କ'ଣ ହୋଇପାରେ ?

ଦେହକୁ ନେଇ ପ୍ରେମ ଓ ପ୍ରେମଗ୍ରନ୍ଥର ସର୍ଜନା, ପରିକଳ୍ପନା । ପ୍ରତ୍ୟେକ ଦେହ ତୃପ୍ତ ହେବାକୁ ଚାହେଁ । ଦୈହିକ ସମ୍ପର୍କ କ'ଣ ପାପ ? ପାପ କ'ଣ ପୁଣ୍ୟ କ'ଣ ? କିଏ ନିରୂପଣ କରିଛି ପାପପୁଣ୍ୟର ବିନ୍ଦୁ? ପରିବର୍ତ୍ତନଶୀଳ ଦୁନିଆରେ ପାପ ଓ ପୁଣ୍ୟ କ'ଣ ସ୍ଥିର ? ପାପପୁଣ୍ୟର ନିର୍ଦ୍ଧାରଣ ସଂଜ୍ଞାକୁ କାବ୍ୟପୁରୁଷ ଅସ୍ୱୀକାର କରିଛି । 'ପାପ ମିଛ, ପୁଣ୍ୟ ମିଛ / ସ୍ୱର୍ଗ ନର୍କ ସବୁ ମିଛ / ସତ ଖାଲି ପୃଥିବୀ ଓ ତା ମାଟିର ଫୁଲଙ୍କ ଉଚ୍ଛ୍ୱାସ'(**ହୃଦୟେଶ୍ୱରୀ, ପୃ-୫୮**) । ଦେହର ସମ୍ପର୍କ ଯଦି ପାପ, ତେବେ ମଣିଷ କ'ଣ ପାପର ପ୍ରଡକ୍ଟ? ସୁତରାଂ ନୂଆ ନୂଆ ସୃଷ୍ଟି ପାଇଁ ପାପ ଅନିବାର୍ଯ୍ୟ । ପ୍ରେମପୂର୍ଣ୍ଣ ଜୀବନର ବର୍ଷା, ବସନ୍ତ, ଭୋକ, ଗୋଟେ ଗୋଟେ ଦୁଃଖଦାୟୀ ଓ ପ୍ରେରଣାଦାୟୀ ଉପାଦାନ । ସାଧାରଣତଃ ଆଷାଢ଼ ବିରହର ଋତୁ ହୋଇଥିଲା ବେଳେ ଶ୍ରାବଣ କ୍ଷତକ୍ଷତି ରିକ୍ତରକ୍ତାକ୍ତ ହେବାର ଚରିତ୍ର ବହନ କରିଥାଏ । ବସ୍ତୁତଃ ବର୍ଷାଋତୁ ସେମାନଙ୍କ ଜୀବନରେ ସାମୟିକ ବିଷାଦ ଆଣିଦିଏ, ଯାହାକୁ ପୂରା କରିବା ପାଇଁ ବସନ୍ତର ଆଗମନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼େ । ପ୍ରେମମୟ ଜୀବନ କେବେ ସୁଖୀତ ଆଉ କେବେ ଦୁଃଖୀ । 'କାଗଜଡଙ୍ଗାର ଶୋକ' କବିତାଗ୍ରନ୍ଥର କାବ୍ୟପୁରୁଷ ଦୁଃଖୀ । ଦୁଃଖ ଜୁଡୁବୁଡୁ ଜୀବନରୁ କେମିତି ମୁକ୍ତି ମିଳିବ? ଦୁଃଖ ଏତେ ଗଭୀର ଯେ ସେ କାବ୍ୟନାୟକକୁ ଛାଡ଼ିବାକୁ ନାରାଜ । ଦୁଃଖର ଅନୁରୂପ ଚିତ୍ରଏମିତି । "ଦୁଃଖ କଣ ସବୁବେଳେ ବହଳିଆ / ଆଉ ବିଷାଦ ପାଣିଚିଆ ।+++ ପୃଥିବୀ କାହିଁକି ଡୁବିଗଲା ଦୁଃଖରେ / ଯେବେ ଉଭା ହେଲା ବାଇଗଣୀ ରଙ୍ଗ" (**ନେରୁଦାଙ୍କ ପ୍ରଶ୍ନ କବିତା, ପୃ.୩୫, ୨୩, ଅନୁବାଦ : ବିଷ୍ଣୁ ନାରାୟଣ ମହାପାତ୍ର**) 'କାଗଜଡଙ୍ଗାର ଶୋକ' ଗ୍ରନ୍ଥରେ ଦୁଃଖ ସମାପ୍ତ ନ ହୋଇ 'ଫୁଲ ଫୁଟେଇବା ମନା' କବିତା ଗ୍ରନ୍ଥ ଯାଏଁ ଲମ୍ବି ଯାଇଛି । ସମ୍ପୃକ୍ତ ଗ୍ରନ୍ଥରେ କାବ୍ୟନାୟକ ଚୌରାଳିଶ ଥର 'ଦୁଃଖ' ଶବ୍ଦକୁ ବ୍ୟବହାର କରି ଅବଶେଷରେ ତା କବଳରୁ ମୁକ୍ତ ହୋଇଛି । ଦୁଃଖ ମୁକ୍ତିର ନିଦାନ କ'ଣ ? ଦୁଃଖମୁକ୍ତିର ଦ୍ରବଣ, ପିତା ହେଉ କି କଷା ହେଉ, ତାକୁ ଆଖିବୁଜି ପାନ କଲେ ଦୁଃଖର ଚିରସ୍ଥାୟୀ ସମାଧାନ ହୋଇଯିବ ବୋଲି କବିଙ୍କର ବିଶ୍ୱାସ । "ଦୁଃଖକୁ ଏଥର ତମେ / ଶଙ୍ଖୋଳି ନିଅ ମଧୁର ଶୁଭ ଦୃଷ୍ଟିରେ / ଫୁଲ ଭଳି ଫୁଟାଇ ଦିଅ ତାକୁ / କବିତା ଲତାରେ + + ଏତିକିରେ ଦୁଃଖ ସବୁ ଦୁଃଖାତୀତ ହୋଇଯିବ + + ଏ ଲୋକରୁ ଅନ୍ୟ ଲୋକଯାଏ ।"(**ଦୁଃଖର ପରିଭାଷା, ପୃଷ୍ଠା-୨୮,୧୯, ଫୁଲ ଫୁଟାଇବା ମନା**) ସୁତରାଂ ଦୁଃଖକୁ ପାନ କଲେ ଦୁଃଖାନୁଭୂତିରୁ ସୁଖାନୁଭୂତିକୁ ଯାତ୍ରା ସହଜ, ଅନୁକୂଳ ହେବା ସଙ୍ଗେସଙ୍ଗେ ଜନ୍ମଜନ୍ମାନ୍ତରଯାଏ ମୁକ୍ତି ମିଳିପାରିବ । ଦୁଃଖ କଣ ମଣିଷର ଭାଗ୍ୟ ନିର୍ଦ୍ଧାରକ ? "ତୁମେ କଣ ଭାବୁଛ / ଦୁଃଖ ଚାଲିଛି ତୁମ ଆଗେ ଆଗେ / ତୁମ ଭାଗ୍ୟର ପତାକାକୁ ଧରି ।" (**ନେରୁଦାଙ୍କ ପ୍ରଶ୍ନ କବିତା, ପୃ.୪୨, ଅନୁବାଦ:ବିଷ୍ଣୁ ନାରାୟଣ ମହାପାତ୍ର**) 'କାଗଜଡଙ୍ଗାର ଶୋକ' କବିତା ଗ୍ରନ୍ଥରେ ଦୁଃଖ, ଶୋଷ, ଭୋକ, ଶ୍ରାବଣ, ବସନ୍ତ ବ୍ୟତୀତ ଆହୁରି ବହୁ ସମ୍ବେଦନଶୀଳ କବିତା ପାଠକଙ୍କୁ ମୁଗ୍ଧ କରେ ।

**(୨)**

'ଫୁଲ ଫୁଟାଇବା ମନା' କବିତା ଗ୍ରନ୍ଥ ପ୍ରକାଶିତ ହୁଏ ୧୯୯୨ ମସିହାରେ । 'କାଗଜଡଙ୍ଗାର ଶୋକ' ଗ୍ରନ୍ଥର ଦୁଃଖ, କାବ୍ୟନାୟକକୁ 'ଫୁଲ ଫୁଟାଇବା ମନା' ଗ୍ରନ୍ଥର ଅଧାଅଧି ପିଛା କରିଛି । ଏହି ଗ୍ରନ୍ଥରେ କବି ଚଉରାଳିଶ ଥର 'ଦୁଃଖ' ଶବ୍ଦକୁ ବ୍ୟବହାର କରିସାରିବା ପରେ ଦୁଃଖାତୀତ ଦିଗ୍‌ବଳୟକୁ ଅଗ୍ରସର ହୋଇଛନ୍ତି । ପୂର୍ବ ଗ୍ରନ୍ଥରେ ଦୈହିକ କାମନାର ପରିତୃପ୍ତି ପରେ ଏହି ଗ୍ରନ୍ଥରେ ଦେହାତୀତ ଦିଗକୁ ଯାତ୍ରା ଆରମ୍ଭ କରିଛନ୍ତି । ବାସ୍ତବିକ କବି ସରୋଜରଞ୍ଜନଙ୍କ କାବ୍ୟପୁରୁଷ ତିନିଟି ବଡ଼ ଉପଲବ୍ଧି ହାସଲ କରିଛି (କ) ଦୁଃଖରୁ ଦୁଃଖାତୀତ (ଖ) ଦେହରୁ ଦେହାତୀତ, (ଗ) ଜୀବନରୁ ଜୀବନାତୀତ । ସମ୍ପୃକ୍ତ ଉପଲବ୍ଧି ହାସଲ ଦିଗରେ କାବ୍ୟନାୟିକାଙ୍କର ପ୍ରମୁଖ ଭୂମିକା ରହିଛି । କାବ୍ୟ ନାୟିକା କଲ୍ୟାଣୀ ଓ ଅନୁରାଧା ଗାଉଁଲି ପ୍ରେମିକା । 'ଫୁଲ ଫୁଟାଇବା ମନା' ଗ୍ରନ୍ଥର କାବ୍ୟନାୟିକା ସୁତପା ନିମ୍ନବିତ୍ତ ପରିବାରର ଏବଂ ଭିନ୍ନ ଚେତନାରେ ପରିପୁଷ୍ଟ ହୋଇଥିବା ଯୋଗୁଁ କାବ୍ୟନାୟକକୁ ସ୍ନେହାନୁରାଗରେ ଆବଦ୍ଧ କରିଛି । ଜନ୍ମମୃତ୍ୟୁ ସମ୍ପର୍କରେ ତା'ର ଅନୁଭବ କାବ୍ୟାମୋଦୀ ପାଠକର ଦୃଷ୍ଟି ଆକର୍ଷର କରେ । "ମୃତ୍ୟୁ ଯଦି ସତ୍ୟ, ତେବେ / ଜୀବନ ବି ସତ୍ୟ ଓ ସବୁଜ" (**ବର୍ଗଫଳ, ପୃଷ୍ଠା-୧୩**) ବାସ୍ତବିକ କାବ୍ୟନାୟିକା ସୁତପା ପ୍ରେମର ନୂଆପରିଭାଷା ପ୍ରଦାନକରି ପାଠକକୁ ବିମୁଗ୍ଧ କରିବା ସଙ୍ଗେ ସଙ୍ଗେ କାବ୍ୟନାୟକକୁ ନୂତନ ଦିଗରେ ଅନୁପ୍ରାଣିତ କରିପାରିଛି । କାବ୍ୟନାୟିକାର ଶବ୍ଦ ଏମିତି : "ଏବେ କିନ୍ତୁ ଜୀବନ ଓ ଜୀବନାତୀତର / ଅସମାହିତ ସଂଗ୍ରାମରେ ମନେ ହୁଏ / ଦେହାତୀତ ହିଁ ଅଧିକ ଜୀବନ୍ତ ।" (**ଅନ୍ତ୍ରେବ, ପୃଷ୍ଠା-୧୪**) କବି ସରୋଜ ରଞ୍ଜନଙ୍କ କାବ୍ୟନାୟିକା ବାସ୍ତବିକ ମହାନ୍ । ସେମାନେ କାବ୍ୟପୁରୁଷକୁ ଜୀବନ ଓ ଜୀବନାତୀତ, ଦେହ ଓ ଦେହାତୀତ, ଦୁଃଖ ଓ ଦୁଃଖାତୀତ ଏବଂ ସର୍ବୋପରି ଦୁଃଖାନୁଭୂତି ଓ ସୁଖାନୁଭୂତିର ଗୂଢ଼ ଏବଂ ଗଭୀରତମ ପର୍ଯ୍ୟାୟରେ ପହଞ୍ଚେଇ ପାରିଛନ୍ତି ।

କବିତା ରଚନା ସହିତ କବିଧର୍ମ, କବିକର୍ମ ଭଳି କବିତାର ତାତ୍ତ୍ୱିକ ଦିଗ ସମ୍ପର୍କରେ ଖୋଦ୍ କବି ସୂଚନା ଦେଇଛନ୍ତି । କବିଧର୍ମ ଓ କବିକର୍ମ କ'ଣ ?

"କଣ୍ଟାରେ ନିଜର
ଦେହକୁ ଫୋଡ଼ିବା ଏକ
କବିଧର୍ମ
ସେ ରକ୍ତରେ ଗାଧୋଇବା
ଅନ୍ୟ ଏକ କବି କର୍ମ ।" (**କବିର ଅପଯଶ, ପୃଷ୍ଠା-୫**)

କାବ୍ୟଧର୍ମ ନ ଭାଙ୍ଗିବା ପାଇଁ ବହୁ କବି ମତପୋଷଣ କରୁଥିଲେ ବି ସମକାଳର କବି ତାକୁ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ନୁହେଁ । ପରିବର୍ତ୍ତିତ ସମୟରେ କାବ୍ୟଧର୍ମ ବି ପରିବର୍ତ୍ତନୀୟ । ସ୍ଥଳବିଶେଷରେ କାବ୍ୟଧର୍ମ ଭଙ୍ଗ ହେବାର ବହୁଳ ଦୃଷ୍ଟାନ୍ତ ରହିଛି । ଖୋଦ୍ କବି ସରୋଜ ରଞ୍ଜନ ମେହେନତି ମଣିଷର ଦୁଃସ୍ଥିତି ଦେଖି କାବ୍ୟଧର୍ମ ଭାଙ୍ଗିଛନ୍ତି । ଯେମିତି "ବରଂ ସେନାବାହିନୀ ହାତରୁ / କାଢ଼ି ନିଅ ଅସ୍ତ୍ର, ତା ବଦଳେ / ସେମାନଙ୍କ ହାତେ / ଦାଆ ଓ ଲଙ୍ଗଳ ଧରାଇଦେଇ / ସେମାନଙ୍କୁ କରିଦିଅ ମାଟି କାରିଗର / ମାଟିର କୃଷକ ଏଇ ମାଟିର ମଣିଷ ।" (**କାରିଗର, ପୃଷ୍ଠା-୨୫**) ମାନବୀୟ ଆବେଦନ ବ୍ୟତୀତ ଜୀବନ, ସମୟ, ସ୍ୱପ୍ନ, ପ୍ରେମ, ସଂହତି, ସଦ୍‌ଭାବ ଓ ଈଶ୍ୱରୀୟ ତତ୍ତ୍ୱ ସମ୍ପର୍କରେ ନିଜସ୍ୱ ମତପୋଷଣ କରିଛନ୍ତି କବି । ପ୍ରଥମ କବିତା ଗ୍ରନ୍ଥ 'କାଗଜଡଙ୍ଗାର ଶୋକ'ରେ କାବ୍ୟନାୟକ ଶତପ୍ରତିଶତ ଈଶ୍ୱରୀୟଶକ୍ତିକୁ ସ୍ୱୀକାର କରିଥିବା

ବେଳେ 'ଫୁଲଫୁଟାଇବା ମନା' ଗ୍ରନ୍ଥରେ ତାହାକୁ ଅସ୍ୱୀକାର କରିଛନ୍ତି । ଏହା ହିଁ ସରୋଜ ରଞ୍ଜନଙ୍କ କବିତାର ବିରୋଧାଭାସ ଏବଂ ପ୍ରଚ୍ଛନ୍ନରେ ମେଟାଫିଜିକ୍ସ ଜଗତକୁ ଅଗ୍ରସର ହେବାର ସୂଚନା । କିଏ ସହମତ ହେଉ କି ନ ହେଉ ଈଶ୍ୱର ସୃଷ୍ଟି ତତ୍ତ୍ୱ ଓ ମହିମା ମଣିଷଙ୍କ ଦ୍ୱାରା ସମାହିତ । ଯେମିତି : "ଈଶ୍ୱରଙ୍କୁ / ଆମେ ହିଁ ସୃଷ୍ଟି କରିଛୁ ଆମର / ସ୍ୱାର୍ଥ ଓ ସୁବିଧା ଲାଗି / ଗଢ଼ି ଦେଇଛୁ ପୁଣି / ମାଳମାଳ ମନ୍ଦିର ଚର୍ଚ୍ଚ ମସ୍‌ଜିଦ୍ ।"( **ଈଶ୍ୱର କାହାନ୍ତି, ପୃଷ୍ଠା-୩)** ଅନୁରୂପ ଭାବରେ ଧର୍ମ ଧର୍ମ, ଗୋଷ୍ଠୀ ଗୋଷ୍ଠୀ, ଜାତି ଜାତି ମଧ୍ୟରେ ହିଂସା, ଦ୍ୱେଷ, ଈର୍ଷା, ଅହନ୍ତା, ଅସହିଷ୍ଣୁ ଭାବନା ସୃଷ୍ଟି କରି ମଣିଷ ମଣିଷ ମଧ୍ୟରେ ବିଭେଦ ସୃଷ୍ଟି କରିବା ଧର୍ମଧ୍ୱଜାମାନଙ୍କର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ । ଯାହାର କ୍ରୂର ପରିଣତି ଜନଗଣ ଅଙ୍ଗେ ନିଭାଉଛନ୍ତି । 'ଦଙ୍ଗା', 'ଈଶ୍ୱର କାହାନ୍ତି', 'ଧର୍ମାତୀତ' ଓ 'ରାମାୟଣର ପୁନର୍ଲିଖନ' କବିତା ଧର୍ମର ଅନ୍ଧାରି ଦିଗକୁ ପ୍ରକଟ କରିବା ସଂଗେ ସଂଗେ ମାନବିକ ମୂଲ୍ୟବୋଧକୁ ଉର୍ଦ୍ଧ୍ୱକୁ ତୋଳିଧରିଛନ୍ତି । କାବ୍ୟପୁରୁଷ ମିଛଧର୍ମକୁ ପ୍ରତ୍ୟାଖ୍ୟାନ କରି ଧର୍ମର ଅସଲ ପରିଭାଷା ପ୍ରଦାନ କରିଛି, ଯାହା ସମସ୍ତଙ୍କ ପାଇଁ ମଙ୍ଗଳକର । ସେ ଧର୍ମର ମର୍ମ କ'ଣ ? ପ୍ରସଙ୍ଗକ୍ରମେ ତେଲୁଗୁ କବି ପି.ହୃଷୀକେଶ ରାଓ (ନଗ୍ନମୁନି ନାମରେ ଖ୍ୟାତ)ଙ୍କ କବିତା କବି ସରୋଜ ରଞ୍ଜନଙ୍କ କବିତା ପ୍ରତି ବେଶ୍ ପ୍ରଜୁଜ୍ୟ । ଯେମିତି–

"ଯେଉଁ ମୁହୂର୍ତ୍ତରେ ଭଗବାନଙ୍କ ଜନ୍ମ ଘଟିଛି
ସବୁ ଲଲାଟ ଲିଖନ ବୋଲି ଯେଉଁ ମୁହୂର୍ତ୍ତରେ
କୁହାଗଲା
ସେହି କ୍ଷଣି ମଣିଷ ମରିଯାଇଛି
କର୍ତ୍ତବ୍ୟ ମରିଯାଇଛି ।"

**(କାଠଘୋଡ଼ା, ପି.ହୃଷୀକେଶ ରାଓ, ଅନୁବାଦ : କି.ଅନୁରାଧା, ପୃ.୬୫)**

ଅଧିକନ୍ତୁ ଦଙ୍ଗା ପଶ୍ଚାତ୍‌ରେ ମନ୍ଦ ଉଦ୍ଦେଶ୍ୟକୁ କାବ୍ୟପୁରୁଷ ଅଗ୍ରାହ୍ୟ କରିଛି, ବ୍ୟକ୍ତିଗତ ସ୍ୱାର୍ଥ ଲାଳସାରୁ ମୁକ୍ତ ରହି ସମାଜନିଷ୍ଠ ହେବାପାଇଁ ନିଷ୍ପତ୍ତି ନେଇଛି । ଈଶ୍ୱର, ଧର୍ମ, ଉପାସନା ଦେବାଦେବୀଙ୍କ କଳ୍ପିତ ବିଗ୍ରହପ୍ରତିଷ୍ଠା ଆଗ, ନା ଅଭୁକ୍ତି ଅଭାବର ପରିପୂରଣ ଆଗ ? କାବ୍ୟନାୟକ ମାନବିକ ସମସ୍ୟାର ଉପଶମ ଦିଗକୁ ସର୍ବାଧିକ ଗୁରୁତ୍ୱ ଦେଇଛି ।

ବସ୍ତୁତଃ ପୁରୁଷ ଭଳି ନାରୀ ବି ଜଣେ ମଣିଷ । ଉଭୟଙ୍କର ସ୍ୱପ୍ନ, ଆବେଗ, ସମ୍ବେଦନ ଓ ସମ୍ଭାବନା ସମାନ । କିନ୍ତୁ ମାତୃକୈନ୍ଦ୍ରିକ ପରିବାରର ପତନ ଦିନରୁ ନାରୀ ବିଡ଼ମ୍ବିତ ଜୀବନ ଅତିବାହିତ କରୁଛି । ପ୍ରାଗୈତିହାସିକ ଯୁଗରୁ ଆଜି ପର୍ଯ୍ୟନ୍ତ ନାରୀ, ପୁରୁଷକର୍ତ୍ତୃକ ସମାଜର କଟକଣା ଭିତରେ ଆବଦ୍ଧ । ହଜାରହଜାର ବର୍ଷର କଟକଣା ବଂଶଗତ ଗୁଣାଧାରକୁ ଜନ୍ମ ଦେଲାଣି । ଫଳଶ୍ରୁତି ସ୍ୱରୂପ ନାରୀର ମାନସିକ ଦିଗ୍‌ବଳୟ ସଙ୍କୁଚିତ । ତା'ର ଚାଲିଚଳନ, ହସଖୁସି, ଚଲାବୁଲା ଓ ପ୍ରସାଧନ ଉପରେ ମଧ୍ୟ ନିଭୃତ କଟକଣା ଜାରି ରହିଛି । ନାରୀକୁ ଲତା, ଫୁଲ, ଫଳ, ନଈ, ଝରଣା, ମାଟି ଓ ଦୀପ ସହିତ ତୁଳନା କରି ତା'ର ମନସ୍ତାତ୍ତ୍ୱିକ ଜଗତକୁ ସ୍ଥାଣୁ, ଅଥର୍ବ ଓ ପଙ୍ଗୁ କରିଦିଆଯାଇଛି । ଏହାର ଗୋଟିଏ ଚିତ୍ର ଏମିତି : "ଏଠି/ ହସିବା ମନା / ଫୁଲ ତୋଳିବା ମନା / ଫୁଲ ଫୁଟାଇବା ମନା ।"
**(ଫୁଲ ଫୁଟାଇବା ମନା, ପୃଷ୍ଠା-୩୨)**

ଚେତନା ଓ ଅନୁଷଙ୍ଗ ପରିବର୍ତ୍ତନଶୀଳ । କାବ୍ୟନାୟକନାୟିକାଙ୍କ ପ୍ରେମ ବିଂଶ ଶତାବ୍ଦୀ ଷଷ୍ଠ ଦଶକ ସମୟକୁ ସୂଚିତ କରୁଛି । ସେହି ସମୟ ଥିଲା ନୈତିକତାପୁଷ୍ଟ । କହିବା ବାହୁଲ୍ୟ, ପ୍ରେମଗ୍ରନ୍ଥ ପଢ଼ି, ସିନେମା ଦେଖି ପ୍ରେମ କରାଯାଏନି । ପ୍ରେମ ହେଉଛି ହୃଦୟର ଅନ୍ତଃସଲିଳା ନିର୍ଝରିଣୀ, ଏମିତିକି କଥା, କବିତା, ନାଟକ ଓ ଉପନ୍ୟାସ ଲେଖା ପୂର୍ବରୁ ମଧ୍ୟ ପ୍ରେମ ଥିଲା । ପ୍ରେମ ପାଇଁ ସମୟ କିମ୍ବା ସାମାଜିକ ଅଗ୍ରଗତିର ପର୍ଯ୍ୟାୟ ଆବଶ୍ୟକ ନଥିଲେ ମଧ୍ୟ ତା ଅକ୍ଟୋପସ୍ କବଳରୁ ମୁକ୍ତ ହେବା ସହଜ ନୁହେଁ, ଯାହାର ଅନ୍ତିମ ପରିଣତି ବିଫଳତାରେ ପରିଣତ ହୁଏ । ବିଫଳତା ସଦାବେଳେ ନୂଆ ଧାରା ଓ ଦିଗନ୍ତର ଆବିଷ୍କାରକ । ବିଫଳତା ଦୁଃଖ ଦିଏ, ଦିଏ ବି ସଂକଳ୍ପବଦ୍ଧ ହେବାର ଦୃଢ଼ ଭାବନା । 'କାଗଜଡଙ୍ଗାର ଶୋକ' କବିତାଗ୍ରନ୍ଥରେ କବି 'ଦୁଃଖ' ଶବ୍ଦକୁ ଚଉସ୍ତରିଥର ବ୍ୟବହାର କରିବା ସଙ୍ଗେ ସଙ୍ଗେ ଫୁଲ ଫୁଟାଇବା ମନା ଗ୍ରନ୍ଥରେ ଚୌରାଳିଶ ଥର ବ୍ୟବହାର କରି ଦୁଃଖଜିତ୍ ହୋଇଛନ୍ତି । ଅନୁରୂପ ଭାବରେ ଭୋକ, ଶୋକ, ବେଦନାବିଦଗ୍ଧ ଭଳି ହୃଦୟସ୍ପର୍ଶୀ ଶବ୍ଦର ପ୍ରଭୂତ ବ୍ୟବହାର କରିବା ସଙ୍ଗେ ସଙ୍ଗେ ରାଗ ଇମନକଲ୍ୟାଣ, ମେଘମଲ୍ଲାର, ରାଗ କେଦାର, ରାଗପୂରବୀ, ଦରବାରୀ କାନଡ଼ା ବ୍ୟବହାର କରି କବିତାକୁ ଅଧିକ ପାଠକୀୟ କରିବାକୁ ଉଦ୍ୟମ କରିଛନ୍ତି । ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବ୍ୟବହୃତ 'କଣ୍ଟ' ଶବ୍ଦକୁ ମଧ୍ୟ ଠାଏଠାଏ ପ୍ରୟୋଗ କରିଛନ୍ତି ।

ସରୋଜଙ୍କର ଚତୁର୍ଥ କବିତା ସଂକଳନ 'ଚିତ୍ରମେଘ' ପ୍ରକାଶ ପାଏ ୨୦୦୭ ମସିହାରେ । ଏହି ସମୟକୁ ଉତ୍ତର ଆଧୁନିକ ଓ ଉଦାରୀକରଣ ବ୍ୟବସ୍ଥା ପୂରା ଦମରେ ଭାରତୀୟ ସମାଜ ବ୍ୟବସ୍ଥାକୁ ଭେଦେଇ ଦେଇଥାଏ । ତେବେ କବିଙ୍କୁ ସେ ହାୱା ସ୍ପର୍ଶ କରିପାରି ନାହିଁ । ସେ ଯେପରି ଶୈଳୀରେ କବିତା ସର୍ଜନ କରୁଥିଲେ, ଏବେ ମଧ୍ୟ ସେହି ଧାରାରେ ନିମଗ୍ନ । ପୂର୍ବବର୍ତ୍ତୀ କବିତା ସଂକଳନରେ ଯେତିକି ମାର୍ଜିତ ଭାବନାରେ କବିତା ଲେଖୁଥିଲେ, ଏବେ ସେ ଧାରା ଅଧିକ ରେସନାଲ୍ ହୋଇଛି । ଏବର ଗ୍ରନ୍ଥରେ ସେ ଅଧିକରୁ ଅଧିକ ଅନୁଭବି ହୋଇଛନ୍ତି । ପିଲାଦିନ, ସମାଜ ମନସ୍କତା ଓ ପ୍ରକୃତିକୁ ନେଇ ଭିନ୍ନ ଢଙ୍ଗରେ କବିତା ରଚନା କରିଛନ୍ତି । ଅନେକ କବିତାର ଶୀର୍ଷକ ଏପରି ସ୍ଥିର କରିଛନ୍ତି ଯାହାକୁ ପଢ଼ି ପାଠକ ହୃଦୟରେ ଉତ୍କଣ୍ଠା ସୃଷ୍ଟି ହୁଏ । ସମ୍ଭବତଃ, ଆବେଗ ଉତ୍ତୀର୍ଣ୍ଣ ପର୍ଯ୍ୟାୟରେ ପହଞ୍ଚିଲେ ବ୍ୟକ୍ତି ମଣିଷ, ବ୍ୟକ୍ତି କବି ବିରଳବୁଦ୍ଧି ସମ୍ପନ୍ନ ହୋଇଥାନ୍ତି । ପ୍ରତ୍ୟେକ ମଣିଷର ଆବେଗ ଥାଏ । ମାତ୍ର ପ୍ରତି ମଣିଷ କବି ହୋଇପାରନ୍ତି ନାହିଁ । ଅନୁଭବକୁ ସୁନ୍ଦର, ଆକର୍ଷଣୀୟ ଶବ୍ଦରେ ପରିପ୍ରକାଶ କରିପାରିଲେ ଜଣେ ଭଲ କବି ହୋଇପାରେ । ଏହାର ପର୍ଯ୍ୟାପ୍ତ ପ୍ରମାଣ 'ଚିତ୍ର ମେଘ' କବିତା ଗ୍ରନ୍ଥରେ ଉପସ୍ଥାପିତ ।

ମାତ୍ର କୋଡ଼ିଏଟି କବିତାର ସମାହାରରେ ସମୃଦ୍ଧ 'ଚିତ୍ରମେଘ' କବିତାଗ୍ରନ୍ଥ । ଏହାର ପ୍ରଥମ କବିତା 'ଦୁଷ୍ଟ ଝିଅ' । ବସ୍ତୁତଃ, ସେ ଝିଅ ଦୁଷ୍ଟ ନୁହଁ, ଚଗଲୀ । କୌତୁହଳ



◀ କବି ସରୋଜ ରଞ୍ଜନ ମହାନ୍ତି

ପ୍ରବଣତା ହିଁ ସେ ବୟସର ବିଶେଷତ୍ୱ । କଲେଜ ପଢୁଆ ଝିଅମାନେ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ଡେସ୍କରେ ଆପଣାର ନାମ ଗାଢ଼ କାଳିରେ ଲେଖିଥାନ୍ତି । ସହପାଠୀ, ସହପାଠିନୀ ଏମିତିକି କେବେ କେବେ ଗୁରୁଜନଙ୍କର ପୋଷକକୁ କାଳି ଛାଟି ଦେଇଥାନ୍ତି । ସେମିତି ଏକ କଲେଜ ପଢୁଆ ଝିଅର ଗୋଟିଏ ଘଟଣାକୁ ନେଇ ଏ କବିତା ଲିଖିତ । ଏହି କଥାବସ୍ତୁକୁ କାବ୍ୟପୁରୁଷ କ୍ଲାସରୁମ୍ ଭିତରେ ଆବଦ୍ଧ ନ କରି ତା'ର ବ୍ୟାପକ ପ୍ରୟୋଗ କରିଛନ୍ତି । ସ୍ମରଣୀୟ ହେବାର ବହୁପଥ, ବହୁ ସାଧନ ଅଛି, ଅନ୍ୟମାନଙ୍କ ଧୋତି, ସାର୍ଟ, ପୋଷାକକୁ କାଳି ଛାଟି କେହି ସ୍ମରଣୀୟ ହୋଇ ନ ପାରେ । ଏହା ଅଳୀକ ମାତ୍ର । ଏମିତିକି ରାଜନୀତିକ ନେତା ମନ୍ତ୍ରୀ ଓ ସମାଜସେବୀଙ୍କୁ ମଧ୍ୟ ଜନଗଣ ବିସ୍ମୃତି ଗର୍ଭରେ ଲୀନ ହୋଇଯାଇଛନ୍ତି । ସ୍ମରଣୀୟ ହେବାର ରହସ୍ୟକୁ କାବ୍ୟନାୟକ ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି । ସେ ରାସ୍ତା ହେଉଛି ତ୍ୟାଗ, ତିତିକ୍ଷା, ସାଧନା ଓ ସର୍ବୋପରି ଭଲ ପାଇବାର ଆପଣାପଣ ।




ମାଟି ଏକ ଭିନ୍ନ ଧରଣର ପ୍ରତୀକାତ୍ମକ କବିତା । ମାଟି, ମେଘ, ମଳୟ, ବର୍ଷା । ଏଠାରେ ମେଘ ପ୍ରିୟତମର ଭୂମିକା ଓ ମାଟି ପ୍ରିୟତମାର ଭୂମିକାରେ ଅବତୀର୍ଣ୍ଣା । ବର୍ଷା, ମଳୟ ଅନ୍ୟ ଦୁଇ ଶୀତଳତାର ପ୍ରତୀକ । ମାଟି ଆଉ ମେଘ ମଧ୍ୟରେ ଅଭେଦ୍ୟ ସମ୍ପର୍କ । କହି ରଖିବାକୁ ଉଚିତ ହେବ ଯେ, ସରୋଜ କାବ୍ୟମାନସ ବିନ୍ଦୁ ମଧ୍ୟରେ ସିନ୍ଧୁ ଦର୍ଶନ କରିବା ପାଇଁ ଆଗ୍ରହ ପ୍ରକାଶ କରିଛି । ସାମାନ୍ୟ ମଧ୍ୟରେ ଅସାମାନ୍ୟତା ଖୋଜିବା ହେଉଛି କାବ୍ୟପୁରୁଷର ଅସଲ ଉଦ୍ଦେଶ୍ୟ । ଗୋଟେ କଠିନତମ ସମୟକୁ କବି ଶୀଳତାରେ ଭରି ଦେଇଛନ୍ତି । ବହୁଦିନ ଧରି ବର୍ଷା ନ ହେବା ଫଳରେ ଗଛଲତା, ମାଟିର ଅବସ୍ଥା ନଅଙ୍କିଆ ଭଳି ପ୍ରତୀୟମାନ ହୋଇଛି । ଯେମିତି :

"ମେଘକୁ ଡାକିଲା ମାଟି ହାତ ଠାରି
ପୃଥିବୀକୁ ଓହ୍ଲେଇ ଆସିବା ଲାଗି
ବଉଦର ସରୁକୁଞ୍ଚ ଧରି ।" (ମାଟି, ପୃ.୪)

ଅବଶେଷରେ ମାଟି, ମେଘର ମିଳନ ହୋଇଛି ବର୍ଷା ମାଧ୍ୟମରେ । ପୃଥିବୀ ଶାନ୍ତ ହୋଇଛି ଫଳବତୀ ହୋଇଛି । ନଚେତ୍ ମାଟିକୁ ବନ୍ଧ୍ୟା ଦୋଷ ଲାଗିବା ସଙ୍ଗେ ସଙ୍ଗେ ଅପମାନିତ ବୋଧ କରିଥାନ୍ତା । ସେମାନଙ୍କ ପ୍ରେମର ପଟ୍ଟାନ୍ତର ନାହିଁ । ଯେମିତି :

"ବର୍ଷା କେବେ ଭୁଲେ ନାହିଁ ମାଟି ମୋହ, ମାଟି ଭୁଲେ ନାହିଁ
ବର୍ଷାକୁ କେବେବି, ଭୁଲେ ନାହିଁ...
ବର୍ଷାର ମଳୟ-ଛୁଆଁ ପାଇବା ଜନିତ
ମାତୃତ୍ୱର ଗର୍ବ ।" (ମାଟି, ପୃ.୬)

ମାସ ଓ ଋତୁ ସହିତ ସମାଜ ଜୀବନ ଜଡ଼ିତ । ପ୍ରତ୍ୟେକ ଋତୁ ଆଗମନର ପଶ୍ଚାତ୍‌ରେ ସ୍ମରଣୀୟ ସୂଚକ ବିଦ୍ୟମାନ । ଗୋଡ଼ିବାଣ ଫୁଲ, ଜହ୍ନି ଫୁଲର ହଳଦିଆ ଶାଢ଼ି ପିନ୍ଧି ବସୁମାତା ଟହଟହ ହସୁଥିବାର ବେଳ କିମ୍ବା କାଶତଣ୍ଡୀରେ ମଣ୍ଡି ହୋଇ ଶାରଦୀୟ ଶୁଭେଚ୍ଛା ପ୍ରଦାନ କରିବାକୁ ଆସିବା ସମୟ ହେଉଛି ଶରତ ଋତୁର । ସେମାନଙ୍କ ସମ୍ପର୍କର ରଙ୍ଗ କେମିତି । ତା'ର ଗୋଟେ ପ୍ରାସଙ୍ଗିକ ଦୃଷ୍ଟାନ୍ତ ଏମିତି :

"କ'ଣ ପୃଥିବୀ ଭିତରେ ଥାଏ ଗୋଟିଏ ଚୁମ୍ବକ / ଶରତ ଚୁମ୍ବକର ଭାଇ ।"
**ନେରୁଦାଙ୍କ ପ୍ରଶ୍ନକବିତା, ପୃ.୭୨, ଅନୁବାଦ: ବିଷ୍ଣୁ ନାରାୟଣ ମହାପାତ୍ର)**

'ସେଇ ନାରୀଟିକୁ ଚିହ୍ନିଚ କି' କବି ସରୋଜ ରଞ୍ଜନ ମହାନ୍ତିଙ୍କର ଗୋଟିଏ ଚେତନା ଉଦ୍ରେକକାରୀ କବିତା । ସମ୍ପୂର୍ଣ୍ଣ ଦେଶପ୍ରେମରେ ଏହି କବିତା ଓଦାଓଦା । ଦେଶ ସ୍ୱାଧୀନ ହେବାର ଚାଳିଶ ବର୍ଷ ପରେ ଅର୍ଥାତ୍ ୧୯୮୭ ମସିହା ସମୟର ଦୃଶ୍ୟ ହେଉଛି ଏହି କବିତାର ଭାବବସ୍ତୁ । ବିଦେଶୀମାନେ ଚାଲିଗଲା ପରେ ସ୍ୱଦେଶ ଶାସନରେ ଦେଶ ମହକି ଉଠିବାର ସ୍ୱପ୍ନ ଦେଖିଥିଲେ ଦେଶବାସୀ । ଦେଶ ଜନନୀର ପାଦକୁ ଘିଅ ମହୁରେ ଧୋଇ ଦିଆଯିବ ଓ ଦେଶବାସୀ ସୁଖ, ଶାନ୍ତି ଓ ସମୃଦ୍ଧି ମଧ୍ୟରେ କଳାତିପାତ କରିବା ଥିଲା ସ୍ୱାଧୀନତା ବେଳର ଆହ୍ୱାନ । ସେ ସବୁକିଛି ହେଲାନାହିଁ । ଭାରତ ଜନନୀ କାୟାର ଦୃଶ୍ୟ ଏମିତି :

'ହଁ ସେ ନାରୀଟି ନିରିମାଖି
ବେଦନାରେ ଦୁଃଖୀ
× × ×
ଯୋଜନାର ପ୍ରତିଶ୍ରୁତି ସ୍ଲୋଗାନ ଚିତ୍କାର
ହଳଦିଆ ପତ୍ର ଭଳି
ପବନରେ ଉଡ଼ି ଉଡ଼ିଯାଏ
× × ×
ରକ୍ତ ଜୁଡୁବୁଡୁ ଶାଢ଼ି ପିନ୍ଧି ସେ ନାରୀଟି
ବିଷଣ୍ଣ ଆଖିରେ ଚାହିଁ ରହିଚି କିପରି
କିଏ, କିଏ ସେ ନାରୀଟି
ଚିହ୍ନିଚକି
ଚିହ୍ନିଚକି ତମେ ଚିହ୍ନିଚକି
ସେଇ ନାରୀଟିକୁ ।"

**(ସେଇ ନାରୀଟିକୁ ଚିହ୍ନିଚକି, ପୃ.୧୧, ୧୨, ୧୩)**

ପ୍ରତୀକ ମାଧ୍ୟମରେ କାବ୍ୟପୁରୁଷ ଦେଶର ଦୁରବସ୍ଥାକୁ ଚମତ୍କାର ଢଙ୍ଗରେ ପରିବେଷଣ କରିଛନ୍ତି । ଆର୍ଥିକ ଅବସ୍ଥା ବଦଳିଗଲେ, ରାଜନୀତିକ କ୍ଷମତା ମିଳିଗଲେ କେମିତି ବଦଳିଯାଆନ୍ତି ନେତାମାନେ ? ଦେଶବାସୀଙ୍କର ସ୍ୱପ୍ନ ସ୍ୱପ୍ନରେ ରହିଗଲା । ଆଶା, ନିରାଶାରେ ପରିଣତ ହେଲା, ଜାତିଭେଦରେ ଜର୍ଜରିତ ଦେଶ ସେମିତି ରହିଗଲା । ବେଶ ସଂଖ୍ୟକ ମଣିଷ ନିଜ ଦେଶରେ, ସମାଜରେ ନିର୍ବାସିତର ଜୀବନଯାପନ କରୁଛନ୍ତି । ସତରେ, କେମିତି ବଦଳିଯାଏ ମଣିଷ ! ଏହାର ଗୋଟିଏ ପ୍ରାସଙ୍ଗିକ ଦୃଷ୍ଟାନ୍ତ ଏମିତି :

"କେଉଁ ପତାକା ଉଡ଼ିଲା ଫରଫର ସେଠି
ଯେଉଁଠି ଭୁଲି ନାହାନ୍ତି ମତେ କେହି
× × ×
ଭବିଷ୍ୟତର ରୂପରେଖ କେମିତି ହେବ
ସେ କଥା କିଏ କହିବ ।"

**(ନେରୁଦାଙ୍କ ପ୍ରଶ୍ନ କବିତା, ପୃ.୫୯, ୬୦, ଅନୁବାଦ : ବିଷ୍ଣୁ ନାରାୟଣ ମହାପାତ୍ର)**

'ଚିତ୍ରୋତ୍ପଳା' ଶୀର୍ଷକରେ ପାଞ୍ଚଟି କବିତା ସ୍ଥାନିତ ହୋଇଛି 'ଚିତ୍ରମେଘ' କବିତା ଗ୍ରନ୍ଥରେ । ଫଗୁଣ ମାସ କବି ସରୋଜ ରଞ୍ଜନଙ୍କ ପାଇଁ ନିର୍ଦ୍ଦୟ ମାସ । ଏଇ ମାସରେ ସେ ଆପଣାର ଦୁଇ ପ୍ରିୟତମ ତରୁଣ ପୁତ୍ରଙ୍କୁ ହରେଇ ସ୍ତବ୍ଧ ହୋଇଯାନ୍ତି । ତାଙ୍କ ମନ ତଳର ଦୁଃଖ, ସନ୍ତାପ ସତରେ ଅପୂରଣୀୟ । ସାରାକାଳ ଜୀବନମନସ୍କ କବି, ଜୀବନର ଗୂଢ଼ ତତ୍ତ୍ୱକୁ ଅନୁଶୀଳନ କରିବାକୁ ବାଧ୍ୟ ହୁଅନ୍ତି । ଆପଣାକୁ ବୁଝେଇ, ବୋଧ ଦେବାକୁ ଯାଇ ମ୍ରିୟମାଣ ଶବ୍ଦରେ ଉଚ୍ଚାରଣ କରନ୍ତି ।

"କେହି ତାକୁ ମୃତ୍ୟୁ କହେ
ଦେହର ବା ଗୋଟିଏ ଜନ୍ମର

•★HIGHLAND★•
*A Highland Group Entity*




Highland De La Mer Pvt. Ltd, founded and promoted by Mr. Pratik Jena is making a mark in the export market of frozen shrimp with good and world class quality materials.

# HIGHLAND DE LA MER PVT. LTD

Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
**www.highlanddelamer.in**

କିନ୍ତୁ ଶେଷହୀନ ଜୀବନରେ ତାହା
କେବେ ହେଲେ ଶେଷ ଯାତ୍ରା ନୁହେଁ
ବରଂ ଭିନ୍ନ ପ୍ରକାରର ଏକ
ସେ ଘର ବାହୁଡ଼ା ।"

**(ଚିତ୍ରୋତ୍ପଳା-୫, ପୃ.୨୫)**


ସମୟେଶ୍ୱରୀ ଶୀର୍ଷକରେ ଦଶଟି କବିତା ସ୍ଥାନିତ ହୋଇଛି । ଏହିସବୁ କବିତା ଉନ୍ନତ, ମାର୍ଜିତ ଓ ଉତ୍ତୀର୍ଣ୍ଣତମ ପ୍ରେମ କବିତା ପର୍ଯ୍ୟାୟଭୁକ୍ତ । ସେ ପ୍ରେମ ଉଭୟ ପାର୍ଥିବ ଓ ଅପାର୍ଥିବ ପ୍ରେମର ଅପୂର୍ବ ସମାହାର । କାବ୍ୟନାୟକ ସମୟକୁ ପରସୋନିଫିକେସନ କରିବା ସଙ୍ଗେ ସଙ୍ଗେ ଈଶ୍ୱରୀ ସ୍ଥାନରେ ଅବସ୍ଥାପିତ କରି ପ୍ରେମକବିତାକୁ ନୂଆ ଦିଶା ପ୍ରଦାନ କରିଛନ୍ତି । ଏହି ସମସ୍ତ କବିତାରେ ମାନବିକ ଦୁଃଖ ସୁଖ, ଲୁହଲହୁ, ବିରହ ବିଷାଦ, ଯନ୍ତ୍ରଣା ଓ ପ୍ରତାରଣାକୁ ଚମତ୍କାର ଢଙ୍ଗରେ ପରିବେଷଣ କରିଛନ୍ତି । ଜୀବନର ତାଡ଼ନା ଓ ବାଧ ବାଧକତା ମଣିଷକୁ ଗଭୀର ଜୀବନବୋଧ ଦିଗକୁ ଆବିଷ୍କାର କରିବା ପାଇଁ ପ୍ରେରଣା ପ୍ରଦାନ କରିଥାଏ । ଯେମିତି :

"ମୋ ବିଗତ ବିଫଳତାମାନଙ୍କର
ସଫଳ ଉତ୍ତର ଧରିଆସିଚି ସମୟେଶ୍ୱରୀ
ଜୀବନର ସବୁଠାରୁ ବଡ଼
ପ୍ରତାରଣା ଠାରୁ
ମୁକୁଳେଇ ମୋତେ ନେଇଯାଇଚି ଆଗକୁ ।"

**(ସମୟେଶ୍ୱରୀ, ପୃ.୩୮)**

ଅନୁରୂପ ଭାବରେ 'ପିଲାଦିନ' ଶୀର୍ଷକରେ ତିନିଟି କବିତା ସ୍ଥାନିତ ହୋଇଛି । କାବ୍ୟନାୟକର ପିଲାଦିନ ଗାଁମାଟି ବ୍ୟତୀତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅତିବାହିତ ହୋଇଛି । ସୁତରାଂ ତାଙ୍କର ଅନୁଭବ ଓ ଅଭିଜ୍ଞତାର ଦିଗ୍‌ବଳୟ ଖୁବ୍ ବ୍ୟାପକ । ମଣିଷ ଯେତେ ଉଚ୍ଚ ସ୍ଥାନରେ ଅବସ୍ଥାପିତ ହେଲେବି ପିଲାଦିନର ସ୍ମୃତି (Nostalgia) ତାକୁ ଆମୋଦିତ କରେ । ବିଚଳିତ କରେ ବି । ବନିଶୀରେ ମାଛ ଧରିବା, ନଈ ପହଁରିବା, ଜାମୁକୋଳି, ଖଜୁରି କୋଳି, ବେତ କୋଳି, ଭଇଁଚ କୋଳି ଖାଇବା ଓ ଗଛ ଚଢ଼ିବା ଭଳି ଅନେକ ଘଟଣା ଉତ୍ତୀର୍ଣ୍ଣ ବୟସରେ ଚେତନାକୁ ମନ୍ଥି ପକାଏ । କାବ୍ୟପୁରୁଷ ସ୍ମୃତିରେ ରହିଯାଏ ଚିତ୍ରୋତ୍ପଳା, ଜୀରା ନଈ, ମହାନଦୀ, ଗୁପ୍ତଗଙ୍ଗା, ବରଗଡ଼, ବୁଡ଼ାରଜା, ସମ୍ବଲପୁର ଭଳି ସ୍ମୃତିମୟ ସ୍ଥାନ । ଯେତେ ସ୍ମରଣକୁ ଆଣିଲେବି ବାଲ୍ୟ ଓ କୈଶୋର କାଳର ଅଭୁଲା ସ୍ମୃତି ଆଉ ଫେରି ଆସେ ନାହିଁ । ସେହି ସମୟର, ବୟସର ସ୍ୱପ୍ନ କିଛି ପୂରା ହୁଏ ଆଉ କିଛି ଅଧୁରା ରହିଯାଏ ।

ଆକାଶ ଗୋଟିଏ ଅଦ୍ଭୁତ ସୃଷ୍ଟି । ଏହାର ବିରାଟତ୍ୱ ମଣିଷକୁ ମୁଗ୍ଧ କରେ । ପ୍ରକୃତି ଯେମିତି ବ୍ୟାପକ, ଆକାଶ ସେମିତି ସୀମାହୀନ । ବେଳେବେଳେ ଭସାମେଘର ଦେହରେ ଭିନ୍ନ ଭିନ୍ନ ଆକୃତିର ଚିତ୍ର ଦେଖାଯାଏ । କେବେ ସୂର୍ଯ୍ୟ, ଚନ୍ଦ୍ର, ଗଛଲତା, ରଥ, ଯୁଦ୍ଧରତ ଯୋଦ୍ଧାର ଚିତ୍ର ମଧ୍ୟ କ୍ଷଣିକ ପାଇଁ ମେଘର ଶୋଭା ବର୍ଦ୍ଧନ କରିଥାଏ । ମେଘ ଦେହର ସେହି ଦୃଶ୍ୟ କାବ୍ୟନାୟକ ଅବଚେତନକୁ ସ୍ପର୍ଶ କରିଥିବ । ଯାହାର ଫଳଶ୍ରୁତି ହେଉଛି 'ଚିତ୍ରମେଘ' କବିତା ଗ୍ରନ୍ଥ । ମାଟିର, ମାଟି ମଣିଷର ବେଦନାକୁ ମଧ୍ୟ ମେଘ ପଢ଼ିପାରେ ଏବଂ ମଣିଷର ସେହି ଅତୃପ୍ତିକୁ ମେଣ୍ଟେଇ ଦେଇଥାଏ । ଆକାଶର ମେଘ ବିଗତ




ଦିନରେ ବିତିଥିବା ଅନୂଢ଼ା ଝିଅ ସହିତ ଉଚ୍ଚାଟନହୀନ ନିସ୍ତରଙ୍ଗ ମୁହୂର୍ତ୍ତ । ପରିଣତ ବୟସରେ ସେହି ମେଘ ପୁଣି ଭରିଦିଏ ଅଜସ୍ର ଅପାସୋରା ସ୍ମୃତି ।

"ହଳଦିଆ ପଡ଼ି ଆସୁଥିବା
ଚିତ୍ରମାନଙ୍କରେ କିନ୍ତୁ
ରଙ୍ଗ ପୁଣି ଭରିହୋଇ ଯାଏ
ମେଘ ଥରେ ମାଟିର ଗନ୍ଧକୁ
ବାରିନେଇ
ଚିତ୍ରମେଘ ହୋଇ
ପୃଥିବୀକୁ ଓହ୍ଲେଇ ଆସିଲେ ।"

ଇତିହାସକୁ ବାଦ୍ ଦେଇ କବିତା ରଚନା କରାଯାଇ ପାରେନା ଓ ଇତିହାସକୁ ପରିବର୍ତ୍ତନ କରିବା ଦିଗରେ କବିତା ସହାୟକ ହୋଇଥାଏ । 'ପାନିପଥରୁ ପଲାସୀ' କବିତାରେ କବି ଭାରତର ମୋଗଲ ଓ ଇଂରେଜ ଶାସନ ବିରୁଦ୍ଧ ସ୍ୱାଧୀନତା ସଂଗ୍ରାମର ବହୁ ବ୍ୟକ୍ତିତ୍ୱଙ୍କ ଭୂମିକାକୁ ଊର୍ଦ୍ଧ୍ୱକୁ ଟେକି ଧରିଛନ୍ତି । ସଶସ୍ତ୍ର ସିପାହୀ ବିଦ୍ରୋହଠାରୁ ଗାନ୍ଧୀଙ୍କ ସତ୍ୟାଗ୍ରହ ଆନ୍ଦୋଳନ ପର୍ଯ୍ୟନ୍ତ ଏହା ପରିବ୍ୟାପ୍ତ । ରାମକୃଷ୍ଣ, ବିବେକାନନ୍ଦ, ଗୋଖଲେ, ଗାନ୍ଧୀ, ଖୁଦୀରାମ, ସୁଭାଷ ପ୍ରଭୃତି ଅନେକଙ୍କ ନାମ ଏହା ସହିତ ସଂପୃକ୍ତ । ଅବଶେଷରେ ଅହିଂସାର ଉପାସକ ଗାନ୍ଧୀ, ହିଂସା ହାତରେ ନିହତ ହେଲେ । ତାହା ହିଁ ବିଡ଼ମ୍ବନା ନିଶ୍ଚୟ ।

'ଲାହୋର ଠୁଁ କଲିକତା, କଲିକତାରୁ ନୂଆ ଖାଲିଯାଏ
ରକ୍ତ ରଞ୍ଜିତ ମାଟିରୁ
ଧର୍ମାନ୍ଧ ହିଂସା ଓ ଅସୂୟାକୁ ପୋଛିଦେଇ
'ହେ ରାମ' କହି ଟଳି ପଡ଼ିଥିବା ଆତ୍ମାକୁ
ରାଜଘାଟରୁ ଉଠି
ବହୁବାର ସହିଦ ହେବାକୁ ପଡ଼ିଚି ।' **(ପାନିପଥରୁ ପଲାସୀ, ପୃ.୨୮)**

'ଦୁଷ୍ଟ ଝିଅ'ରୁ ଆରମ୍ଭ ହୋଇଥିବା ଗ୍ରନ୍ଥ 'ଚିତ୍ରମେଘ' ଶେଷ ହୋଇଛି 'କେଉଁଠି ମୁଁ କେମିତି କହିବି' କବିତାରେ । ଏହି କବିତାର ଭାବ ପକ୍ଷ ଅଦ୍ଭୁତ । କେଉଁଠି ମିଳିବ କାବ୍ୟନାୟକଙ୍କ ଠିକଣା ? ତାଙ୍କ ଠକଣାର ଦିଗ୍‌ବଳୟ ଯେ ବ୍ୟାପକ । ସେ ଅବଶ୍ୟ ଥିବେ, ଫୁଲ ପାଖରେ, ବାସ୍ନା ପାଖରେ, କବିତାର ଛନ୍ଦରେ, ପାଦର ଘୁଙ୍ଗୁରରେ, ଗଭାର ଗଜରାରେ ଓ ସର୍ବୋପରି ଥିବେ –

"ମୋ ଲେଖନୀକୁ
ଯିଏ ପଖାଳି ପାରେନି
ମାଲ୍ କୋଶ ରାଗରେ
ତା' ପାଖରେ ନାହିଁ ମୁଁ
ତାକୁ ପ୍ରିୟଜନ ବୋଲି
କେମିତି କହିବି ! **(କେଉଁଠି ମୁଁ କେମିତି କହିବି, ପୃ.୭୮)**

ବହୁରାଗରେ ବିମଣ୍ଡିତ ସରୋଜଙ୍କ କବିତା; ଯେମିତି, ରାଗ ମାଲ୍‌କୋଶ, କନ୍ନଡ଼, ମେଘ ମଲ୍ଲାର । ସେହିପରି ହଜି ଯାଉଥିବା ଅନେକ ଶବ୍ଦକୁ ଉଜାଗ୍ରତ କରିବା ପାଇଁ ପ୍ରୟାସ କରିଛନ୍ତି । ଯେମିତି, ବିଚଣା, ରନ୍ଧୁଆ, ଆମ୍ବକୁରେଇ । ହୃଦୟସ୍ପର୍ଶୀ ଇମେଜ୍ ବ୍ୟବହାର କରି କାବ୍ୟାମୋଦି ପାଠକଙ୍କୁ ଆକର୍ଷିତ କରିବାକୁ ଉଦ୍ୟମ କରିଛନ୍ତି । Small is beautiful ନ୍ୟାୟରେ ଚିତ୍ରମେଘ ନିଶ୍ଚୟ ଅନନ୍ୟ ।

ଆଇନକାନୁନ



ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପର୍କିତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।

**ଆଇନ ପରାମର୍ଶ - ୨୭**

# ସମ୍ବିଧାନର ୧୦ଟି ଅଧିକାର : ସମସ୍ତ ଭାରତୀୟ ଜାଣିବା ଆବଶ୍ୟକ




**ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**
ଭୁବନେଶ୍ୱର ବାର୍ ଏସୋସିଏସନ୍
ଫୋନ : ୯୩୦୯୧୧୯୬୨୫


**ଅନେକ ଛୋଟ ଛୋଟ କଥା ଆମେ ଜାଣି ନଥାଉ କିନ୍ତୁ ସବୁ କଥା ଜାଣିବା ଆବଶ୍ୟକ । ଆମେ ଯଦି ନିଜେ ଜାଣିଥିବା ତେବେ ଅନ୍ୟକୁ ଜଣାଇ ପାରିବା ଓ ସଚେତନ କରାଇ ପାରିବା । ଏବେ ସମ୍ବିଧାନର ୧୦ଟି ଅଧିକାର ସମ୍ପର୍କରେ ଆସନ୍ତୁ ଜାଣିବା ।**



(୧) ସମସ୍ତ ବ୍ୟକ୍ତିଙ୍କୁ କୌଣସି ଭେଦଭାବ ବିନା ସମସ୍ତ ଅଧିକାର ଏବଂ ସ୍ୱତନ୍ତ୍ରତା ଦିଆଯାଇଛି । ଜାତି, ଧର୍ମ, ରଙ୍ଗ, ଲିଙ୍ଗ, ଭାଷା, ରାଜନୀତିକ ବା ଅନ୍ୟ ବିଚାର, ରଷ୍ଟ୍ରୀୟତା, ସମ୍ପତ୍ତି ତା ସମାଜ ଉପରେ କୌଣସି ପ୍ରଭାର ଭେଦଭାବ କରାଯିବ ନାହିଁ ।

(୨) କୌଣସି ପ୍ରକାର ଗୁଲାମୀ ବା ଦାସତ୍ୱ ଠୁ ମୁକ୍ତ ହେବାର ଅଧିକାର ଅଛି ।

(୩) ସମସ୍ତ ବ୍ୟକ୍ତିଙ୍କ ପାଇଁ ଶିକ୍ଷାର ଅଧିକାର ଅଛି । ଯେଉଁଠି ପ୍ରାଥମିକ ଶିକ୍ଷା ସମସ୍ତଙ୍କ ପାଇଁ ଆବଶ୍ୟକ ।

(୪) ନିଜ ଦେଶରେ ଯାତ୍ରା କରିବାର ସ୍ୱତନ୍ତ୍ରତା ସହ ଅନ୍ୟ ଦେଶକୁ ଯିବା ଆସିବାର ଅଧିକାର ମଧ୍ୟ ରହିଛି ।




(୫) କାନୁନ୍ ଦୃଷ୍ଟିରେ ସମସ୍ତ ବ୍ୟକ୍ତି ସମାନ ।

(୬) ସମସ୍ତ ବ୍ୟକ୍ତିଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବାର ଅଧିକାର ରହିଛି ଏବଂ ବୌଦ୍ଧିକ ସମ୍ପତ୍ତିର ରକ୍ଷା କରିବାର ଅଧିକାର ମଧ୍ୟ ମିଳିଛି ।

(୭) ମଣିଷକୁ ଭୋଜନ, ଗୃହ, କପଡ଼ା, ଚିକିତ୍ସା ସୁବିଧା ଏବଂ ଜରୁରୀକାଳୀନ ସାମାଜିକ ସୁରକ୍ଷାର ଅଧିକାର ମିଳିଛି । ଏହା ସହ ନିଜା ଏବଂ ନିଜ ପରିବାରର ଉତ୍ତମ ଜୀବନଯାପନ କରିବାର ଅଧିକାର ମଧ୍ୟ ମିଳିଛି ।

(୮) କୌଣସି ବ୍ୟକ୍ତିର ଘର, ପରିବାର, ଏକାକୀପଣ ଏବଂ ଚିଠି ପଠାଇବାରେ ଗୋପନୀୟତାର ଅଧିକାର ରହିଛି । ତା' ଉପରେ କୌଣସି ପ୍ରକାର ହସ୍ତକ୍ଷେପ ହେବ ନାହିଁ ।

(୯) କୋର୍ଟରେ ଦୋଷୀକୁ ଅପରାଧୀ ସାବ୍ୟସ୍ତ ନକରିବା ପର୍ଯ୍ୟନ୍ତ ବ୍ୟକ୍ତିର ନିର୍ଦ୍ଦୋଷ ହେବାର ଅଧିକାର ରହିଛି ।

(୧୦) ପ୍ରତ୍ୟେକ ମଣିଷଙ୍କୁ ବିଚାର କରିବାର ସ୍ୱତନ୍ତ୍ରତା ମିଳିଛି । ଏହାସହ ଜ୍ଞାନ ହାସଲ କରିବାର ଅଧିକାର ମଧ୍ୟ ।





ଦ୍ୱି-ପ୍ରଚ୍ଛଦ




ପ୍ରଚ୍ଛଦ କଳ୍ପନା : **ରବୀନ୍ଦ୍ର କୁମାର ବିଶ୍ୱାଳ**
ପ୍ରଚ୍ଛଦ ମଡେଲ୍ : **ଶରନ୍ୟା ସାମନ୍ତରାୟ**, ଭୁବନେଶ୍ୱର
ଉଚ୍ଚତା : **୫ ଫୁଟ୍ ୪ଇଞ୍ଚ୍**
ବୃତ୍ତି : **ମଡ଼େଲିଂ, ଅଭିନୟ**
ଶିକ୍ଷା : **ଦଶମ ଶ୍ରେଣୀ ଛାତ୍ରୀ**
ରୁଚି : **ନାଚ ଓ ଚିତ୍ରକଳା**
ପ୍ରଚ୍ଛଦ ଫଟୋଗ୍ରାଫି : **ସୁନୀଲ**, ଭୁବନେଶ୍ୱର
ସହଯୋଗ : **ସମ୍ବିତ ପଟ୍ଟନାୟକ, Zeal Entertainment**
ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କର୍ମ**, ସୋନପୁର
ମେକ୍‌ଅପ୍ ଓ କଷ୍ଟ୍ୟୁମ୍ : **ଶରନ୍ୟା**
ସ୍ଥାନ : **ଭୁବନେଶ୍ୱର**

ଲେଣ୍ଡର

# ୨୦୨୪ ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

ପର୍ବପର୍ବାଣି

୦୧/୦୪/୨୦୨୪ : ଉତ୍କଳ ଦିବସ
୧୧/୦୪/୨୦୨୪ : ଇଦୁଲ୍ ଫିତର
୧୪/୦୪/୨୦୨୪ : ମହାବିଷୁବ (ପଣା) ସଂକ୍ରାନ୍ତି, ହନୁମାନ ଜୟନ୍ତୀ
୧୭/୦୪/୨୦୨୪ : ଶ୍ରୀରାମ ନବମୀ

### ୨୦୨୪ ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ୨୦୨୪ ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | | |

### ୨୦୨୪ ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ୨୦୨୪ ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

### ୨୦୨୪ ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ୨୦୨୪ ଜୁନ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

### ୨୦୨୪ ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ୨୦୨୪ ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

### ୨୦୨୪ ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

### ୨୦୨୪ ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ୨୦୨୪ ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ୨୦୨୪ ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୮ | ୨୮ |
| ୨୯ | ୩୦ | ୩୧ | | | | |

ଧାରାବାହିକ କାବ୍ୟ

# ଦ୍ରୌପଦୀ-୩୮

## ପ୍ରଫୁଲ୍ଲ କୁମାର ମହାନ୍ତି



ବିଜୁଳି ପାଦରେ ନାଚିଗଲା ଦ୍ରୌପଦୀ
ଆକାଶରୁ ଖସିଥିବା ତାରା ପରି
ଖୋଜି ଖୋଜି ମଣିଷର ଆତ୍ମା ପରିସର
କକ୍ଷରୁ କକ୍ଷକୁ ଆବେଗମାନଙ୍କୁ ଗୀତିମୟ କରି ।
ମୟ ସ୍ଥପତିର ରହସ୍ୟ ମଣ୍ଡଳ
ପଥର ଚଟାଣ କାନ୍ଥ ସଦୃଶ କୋମଳ
ଚିତ୍ରିତ ମୃଗିଣୀ ପରି ଲାସ୍ୟ ରସାଳ
ପଲକପାତରେ ବିଞ୍ଚି ନୂଆ ରଙ୍ଗ
ଆତିଥେୟ କରୁଥିଲା ମୁଗ୍ଧ ବିଭୋର ।
ଯେମିତ ସେ ଶତରୂପା ମୟକଳ୍ପନାର
ସ୍ଫଟିକ ମୟୂରୀ ଅତିଥିଙ୍କ ସତ୍କାର ପାଇଁ
ପ୍ରତି ନିଶ୍ୱାସରେ ସୌନ୍ଦର୍ଯ୍ୟର ସରାଗ ମଲ୍ଲିକା ।

ଖସଡ଼ିଆ ମାର୍ବଲର ସ୍ୱଚ୍ଛ ଦର୍ପଣରେ
ଫୁଟୁଥିଲା ରୂପଛବି ଥାକଥାକ ରତ୍ନ ପରି
ସାମାନ୍ୟ ବାଉଳା ହେଇଗଲା ସେ ଅଟକି
ସ୍ଥିର ହୋଇ ଲକ୍ଷ୍ୟ କଲା କାନ୍ଥ ଚଟାଣ ଛାତ
ଚାରିଦିଗ ଦ୍ରୌପଦୀ ଦ୍ରୌପଦୀ !

ହଁ ମୁଁ ଦ୍ରୌପଦୀ ଆକାଶ ବିହଙ୍ଗୀ
ଇନ୍ଦ୍ରଧନୁ ରୂପକାନ୍ତି ଏକାକୀ ରୂପସୀ
ମୁଁ ଦ୍ରୌପଦୀ ଇନ୍ଦ୍ରପ୍ରସ୍ଥ ରାଣୀ
ରାଜସୂୟ ଯଜ୍ଞ ପରେ ହେବି ମୁଁ ସାମ୍ରାଜ୍ଞୀ
ମୁଁ ଆସିଛି ପ୍ରକୃତିର କାୟା
ହେବି ମୁଁ ପୃଥିବୀ ଈଶ୍ୱର ବାଲ୍ଲଭୀ
ସୁଗୋଲ ବାହୁ ମୋର ଆଲିଙ୍ଗିବ
ଲକ୍ଷେ ସୂର୍ଯ୍ୟ ମଣ୍ଡଳର କାୟା
ମୋର ଆର୍ଯ୍ୟାବର୍ତ୍ତ ହେବ ଈଶ୍ୱର ଅକଳ୍ପିତ
ସମୟ ବହିର୍ଭୂତ ବିସ୍ତାର ଅଚୁମ୍ବିତ
କବି ସୃଷ୍ଟି ସୀମା ଡିଅାଁ ଖନଗାଳ ଦ୍ରୌପଦୀ

ଏ ମହାନ୍ ଭାରତବର୍ଷ ଯିଏ ଦିଏ ଜନ୍ମ
ସୁନ୍ଦର ଫୁଲଫଳ ଜୀବନ ଆଶିଷ
ଯାହାର ପ୍ରତି ବିନ୍ଦୁ ଅଣୁ ପରମାଣୁ
ମଣିଷର ଭଲପଣ ପାଇଁ ଦିଏ ଉପହାର

ମୋର କଳ୍ପବିମ୍ବ ହେବ ସେହି ବିଶ୍ୱଭୂମି
ଦ୍ରୌପଦୀ ବିସ୍ତାରି ଯିବ କୋଣ ଅନୁକୋଣ
ମୋ ରୂପ ଆବୋରି ନେବ ଏହି ବିଶ୍ୱଭୂମି
ଖୋଲିଦେବି ପ୍ରତି ଲୋମକୂପେ
ମଣିଷର ବଡ଼ପଣ ଦେବଗୁଣ ପୂର୍ଣ୍ଣ ସ୍ୱାଭିମାନ ।

ମଥାନତ କରି ନର୍ମିଲା ଦ୍ରୌପଦୀ
ହାତଯୋଡ଼ି ଆଖିବୁଜି କହିଲା ବିଦୂଷୀ
ହେ ବିଶ୍ୱଭୂମି ବ୍ରହ୍ମନ୍ ବିଶ୍ୱରୂପ
ଦିଅ ମତେ ଶକ୍ତି ମୁଁ କରିବି ମଣିଷର
ଚେଷ୍ଟା ପ୍ରୟାସ କର୍ମ ତୁମ ଅନୁକମ୍ପା ନେଇ
ଶ୍ରେଷ୍ଠତ୍ୱର ପ୍ରଦର୍ଶନ ପାଇଁ କରିବି ଉତ୍ସର୍ଗ
ଯାହା ହେବ ବିଶ୍ୱ ପ୍ରାଣ ସିନ୍ଧୁ ପାଇଁ
ଜୀବନ ବ୍ରହ୍ମର ନମ୍ର ଶ୍ରଦ୍ଧାଞ୍ଜଳି ।

କଣ ହେବ ଉଚ୍ଚାସନ ବିଳାସ ବିଶ୍ରାମ
ଦ୍ରୌପଦୀର ନାମଯଶ ନୁହେଁ ରାଜପଣ
ପ୍ରାଣମୟ ସମର୍ପଣ କର୍ମଭୂମି ପରେ
କରିବି ମୁଁ ଗଢ଼ିବାକୁ ଦେଶ ମଣିଷର
ଆନନ୍ଦନିଳୟ ଏହି ବିଶ୍ୱ ପ୍ରକୃତିକୁ
ନୂଆ ଡେଣା ଗଜୁରିବ ମୋର ଜୀବନଚର୍ଯ୍ୟାରେ
ମଣିଷର ଲୁହ ପୋଛି ଉଡ଼ିବି ମୁଁ ଆତ୍ମାବଳୟରେ
ଭୋକିଲା ପେଟରେ ଦେବି ବଞ୍ଚିବାର ମୋହ
ଆକାଶରୁ ଆଣିବି ମୁଁ ତାରାର ଆଲୁଅ
ବୋଲିଦେବି ସବୁ ପ୍ରାଣେ ଶକ୍ତିର ଉଦୟ ପାଇଁ
କହିବି ଆକାଶୀ ଭାଷା ମାଟି ମହକରେ:

କିନ୍ତୁ କେମିତି କିଏ ଦେବ ମତେ ସ୍ୱାଧୀନତା
ପାଞ୍ଚ ସ୍ୱାମୀ ବାନ୍ଧିଦେବେ ଅଲଗା ଅଲଗା
ଓଃ କଣ କେମିତି ପ୍ରଶ୍ନ କେମିତି ଏଡ଼ାଇବି
ମୋର କଣ ଅଛି କିଛି ସ୍ୱତନ୍ତ୍ର ଅସ୍ତିତ୍ୱ ?
ପୁଣି ବସିଗଲା ଦ୍ୱନ୍ଦ୍ୱରେ ଦ୍ରୌପଦୀ

ଢଳିଗଲା ପୃଥିବୀର ନିସ୍ତବ୍ଧ କୋଣରେ
ହଜିଗଲା ସବୁ ପ୍ରଶ୍ନ ସବୁ ସମାଧାନ ।

ଲୋକେ କହନ୍ତି ମୁଁ ସାମ୍ରାଜ୍ଞୀ ମହାରାଣୀ
ଯେହେତୁ ମୁଁ ପତ୍ନୀ ଯୁଧିଷ୍ଠିରଙ୍କର
ମୋର ତ ନାହିଁ କିଛି ନିଜ କୀର୍ତ୍ତିମାନ ।


କିନ୍ତୁ ସମ୍ରାଟ ମୁକୁଟ ପାଇଁ କି ଶକ୍ତି ସାମର୍ଥ୍ୟ
କଣ ଅବଦାନ ଅଛି ଯୁଧିଷ୍ଠିରଙ୍କର ?

ଦବିଗଲା ଦ୍ରୌପଦୀ ଛୋଟ ହୋଇଗଲା
ଆଖିରେ ହାତ ଯୋଡ଼ି କ୍ଷମା ମାଗିନେଲା
ଏପରି ଚିନ୍ତା କାହିଁକି ମୋ ମନରେ ଆସୁଛି
କ୍ଷମାକର ସ୍ୱାମୀ ମୋର ଲଜ୍ଜିତ ମୁଁ
ଆତ୍ମାଭିମାନରେ ଅଯଥା ଅହଂକାରରେ:

କିଏ ବା ଅଧିକ ଯୋଗ୍ୟ ଭାରତ ବିଶ୍ୱରେ
ସତ୍ୟ ଧର୍ମ ପାଳନରେ ପ୍ରଜାରଞ୍ଜନରେ
ଯୁଧିଷ୍ଠିର ଠାରୁ ନୀତିବାନ୍ ନିଷ୍ପାପର
କିଏ ଅଛି ଭାରତର ରାଜମଣ୍ଡଳରେ ?
ମାନବ ଧର୍ମରେ ଶାନ୍ତି ପ୍ରତିଷ୍ଠା ଲାଗି
ଏକମାତ୍ର ଯୋଗ୍ୟ ଯୁଧିଷ୍ଠିର ବାଣୀରେ କର୍ମରେ
ମୁଁ ବରଂ ଭାଗ୍ୟବତୀ ତାଙ୍କ ପତ୍ନୀ ରୂପେ
ସେହି ପରିଚୟ ମୋର ସାମ୍ରାଜ୍ଞୀର ଅଧିକାର

ମତେ ଶୁଣିବାକୁ ହେବ ମୁହୂର୍ତ୍ତର ଆହ୍ୱାନ
ପରିଶ୍ରମ କାର୍ଯ୍ୟ ମୋର ଚିନ୍ତା କଳ୍ପନାରେ
କରିବାକୁ ରାଜସୂୟ ଭାରତର ଗର୍ବର ଉତ୍ସବ
ତ୍ୟାଗ କରି ସବୁ ପରିଚୟ ମୁଁ ହେବି ମୁଁ
ମୁଁ ମଣିଷ ମୁଁ ନାରୀ ମୁଁ ଯିବି ଗାଁ ଗଣ୍ଡା
ମିଶିବି ମୁଁ ରକ୍ତମାଂସର ଦେହମନ ସାଥେ
ଗଢ଼ିବାକୁ ଆତ୍ମବିଶ୍ୱାସର ସଫଳ ସଂସାର ।
ଖଟିବି ମୁଁ ଜୀବନର ବିଭିନ୍ନ କ୍ଷେତ୍ରରେ
ଫୁଟାଇବି ଦେହଝାଳେ ମୁକ୍ତାର ଫସଲ ।
ହିଂସା ଘୃଣା ବିରୋଧରେ କରିବି ମୁଁ ଅଭିଯାନ
ଭୋକିଲା ପେଟର ଜ୍ୱାଳା ରହିବନି ଭାରତ ବର୍ଷରେ
ସୁସ୍ୱାଦୁ ଅନ୍ନ ବ୍ୟଞ୍ଜନ ବଢ଼ାଇବ ଭୋକ
ପରଶିବି ସ୍ନେହର ଆକାର ରାଜଅତିଥିଙ୍କୁ
ଶ୍ରମଜୀବୀ ମଣିଷକୁ ଶ୍ରଦ୍ଧା ପ୍ରାଚୁର୍ଯ୍ୟରେ ।

‘ଚିତ୍ରକାବ୍ୟ’, ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୮୦୩୬୨୩



ପ୍ରଫୁଲ୍ଲ କୁମାର ମହାନ୍ତି

# ଅସହାୟ

## ଦୁର୍ଗା ମାଧବ ପଣ୍ଡା

ବେଳେ ବେଳେ ଲାଗେ ମତେ
ସତେ କିବା ଏ ସହର
ଅଂଶଟିଏ ଅମରାବତୀର,
ରମ୍ଭା ମେନକା ଉର୍ବଶୀ ଅପ୍‌ସରାଙ୍କୁ ଘେରି,
ଚାରିଆଡେ ମାଳ ମାଳ ଗନ୍ଧର୍ବଙ୍କ ଭିଡ ।

ଖୋଜିଲେ ମିଳେନା ଖାଲି ଦରଦୀ ମଣିଷଟିଏ,
ପାଇବା ହଜେଇଥିବା ଅନୁଭୂତି ସବୁ,
ଯାହାସାଥେ ଭାଗବାଣ୍ଟି ଆଳାପ କରନ୍ତି;
ହାତରେ ଥାଆନ୍ତା ଯା'ର ଅମାପ ସମୟ,
ପରସ୍ପର ଭେଟୁଥିଲେ ମିଳୁଥାନ୍ତା ଅସୁମାରୀ ଶାନ୍ତି !!

ନିଷ୍କପଟ ଅନ୍ତରଙ୍ଗ ବନ୍ଧୁ ଖୋଜୁ ଖୋଜୁ,
ଜାଣିଲି ମୋ ଅନ୍ୱେଷଣ ଅସରା ରହିବ;
ନିଜ ଛାତିରେ ଛାତିଏ
ଅପ୍ରାପ୍ତିର ବୋଝ ବୋହି
ମତେ କିଏ କାହିଁକି ବୁଝିବ !

ସଭିଏଁ ବେହାଲ୍ ଆଜି
ଜୀବନର ଘୋଡା ଦଉଡରେ,
ସଭିଏଁ ଅଣନିଶ୍ୱାସୀ
ଅତୃପ୍ତିର ବହଳ ଅନ୍ଧାରେ ।

ନିରୀହ କପୋତଟେ ବି
ଚିନ୍ତା କରେ କାୟା ବଦଳାଇ
ଭାଙ୍ଗିଦେବ ଶାଗୁଣାଙ୍କ ଭିଡ,
ଜାହିର୍ କରିବା ପାଇଁ
ଅସହଣି ପୃଥିବୀରେ
ଅସ୍ତିତ୍ୱ ନିଜର ।

♥ ହେମଗିର୍, ସୁନ୍ଦରଗଡ-୭୭୦୦୧୩,
ଫୋନ: ୭୯୭୮୩୦୩୮୯୯



▲ ଡ଼ଃ ଦୁର୍ଗା ମାଧବ ପଣ୍ଡା



▲ ଚିତ୍ର : ଶିଳ୍ପୀ ଅନନ୍ୟା ମଙ୍ଗରାଜ

# ଯଥେଷ୍ଟ ନହେଲେ ବି

## ଅଶ୍ୱିନୀ କୁମାର ମିଶ୍ର

ଏ ପୃଥିବୀର ରଙ୍ଗରେଖାଙ୍କୁ
ନିବିଡେଇ ଚିହ୍ନିବାକୁ
ଆଦୌ ଯଥେଷ୍ଟ ନୁହେଁ
ମୋ କୋଠରିର
ଏଇ ଝର୍କା ଟିକକ
ମୁଁ ଅସଲରେ ଆତୁର
ଦୈର୍ଘ୍ୟ, ପ୍ରସ୍ଥ ବଢ଼େଇ ଖଂଜିବାକୁ
ଆଉ ଏକ ନୂଆଁ ଝର୍କା
ଶୁଣିବାକୁ ସନ୍ ସନ୍ ପବନ,
ବୋହି ଆଣୁଥିବା
ମଣିଷଙ୍କ ସଜଫୁଟା ଝାଳ ଆଉ
କ୍ଷୁଧାର ବିସ୍ଫୋଟ ।

ଏତକ ହେଲା ଯଦି
ମୁଁ ପାଇବି କୌଶଳ ନିରୀକ୍ଷଣର,
ବହୁଗୁଣା ଆଲୁଅ, ପବନ
ମୁକ୍ତ କରି ଦେବେ ମତେ
ଗୁଂଧାଣରୁ, ବୁଢ଼ିଆଣୀ ଜ୍ୟାମିତିକରୁ ।

ଭଲ ଲାଗେନି
ଫାଙ୍କ ନଥିବା ଏ ଝର୍କା
ଦେଖି ହୁଏନି ଦୂର ଦିଗନ୍ତକୁ
ଛୁଇଁ ହୁଏନି ଏଇ ବାଟ ଦେଇ
ଯାଉଥିବା ଗେହ୍ଲା ମଣିଷଙ୍କୁ
ଗଳେଇ ହୁଏନି ରୁମାଲ୍‌ଟିଏ
ପୋଛିବାକୁ କାନ୍ଦିଲା ମୁହଁକୁ
ଶୁଙ୍ଘି ହୁଏନି ପେଟପୂରା
ପାତାଳର ମାଟିଗନ୍ଧକୁ,
ସାଉଁଟି ପାରେନି
ବିଛେଇ ହୋଇ ପଡ଼ିଥିବା
ଜୀବନର ରସାଳ ଶବ୍ଦଙ୍କୁ ।

ଏ ଭିତରେ
ଛାଇଗଲେଣି ସଂସାର ଯାକ
ଶକୁନିର ଅନୁଗାମୀ, ଚେଲା, ଚାମୁଣ୍ଡା

ବଢ଼ିଗଲାଣି ଶରାସନ, ଧର୍ଷଣ
ଘଟଣା, ଦୁର୍ଘଟଣା
ଘେରିଗଲେଣି କାନ୍ଥ ଭିତରେ, ବାହାରେ
ପାଦ ତଳେ ଅଜସ୍ର ଶ୍ୱାପଦ, ସରୀସୃପ ।

କେଉଁଠି ନଈ ମାଙ୍କଡ଼ ସାଜି
ଡେଇଁ ଗଲାଣି କୂଳ, ବାଲିଚର
ପବନ ବେଗେଇ ଗଲାଣି
ଅଣଚାଷକୁ, ରୋକି ପାରନ୍ତିନି
ଘରଦ୍ୱାର, କ୍ଷେତ ବଣ
ଏ ରୁଦ୍ରାଭିଷେକକୁ
ବାତାୟନର ଦାଢ଼କୁ
ଚରିଗଲେଣି ଉଇ, ପିମ୍ପୁଡ଼ି ।

ସଭିଏଁ ନିଜ ନିଜର
ଅସହାୟତାରେ, ଡାକିବି କାହାକୁ
ଝର୍କା ବଦଳଉଥିବା କାରିଗର ମାନେ ବି
ଦୁଲ୍‌ଦାଲ୍ କଚାଡ଼ି ହେଉଛନ୍ତି
ଡେଣାକଟା ଚଢ଼େଇ ଭଳି
ମାଟି ଉପରେ ।

ଅବଶ୍ୟ ଜାଣି ହେଉଛି
ଝର୍କା ବଡ଼ କରିବାକୁ ହେଲେ
ବଡ଼ କରିବାକୁ ହେବ ଘରଟିକୁ
ଯାହା ମୋ ସାମର୍ଥ୍ୟ ବାହାରେ
ଥାଉ...ଥାଉ ଏ ଝର୍କାଟି
ଛୋଟ ହେଲେ ବି ସିଏ ଜଗିଛି
ମୋ ପ୍ରତିଷ୍ଠାକୁ...ମର୍ଯ୍ୟାଦାକୁ
ହାତ ପତଉନି ପ୍ରକୃତିକୁ
ସୋରାଏ ପବନ...ଆଲୁଅ ପାଇଁ ।

ଥା'ନ୍ତୁ ପଛେ ରଙ୍ଗୀନ୍ ମାଛ
କାହାରିର ଏକ୍ୱାରିୟମ୍
ତା ଡେଣାର ଆହ୍ଲାଦଟିଏ ବି ଯଥେଷ୍ଟ
ମୋର ଏଇ କୁଟୀରଟିରେ ।

♥ ଏମ୍-୧, ନେତାଜୀ ସୁବାସ ଏନ୍‌କ୍ଲେଭ୍
ଗାଡ଼କଣ, ଭୁବନେଶ୍ୱର-୭୫୧୦୧୭,
ଫୋନ: ୯୪୩୮୬୧୫୭୪୨



▲ ଡ଼ଃ ଅଶ୍ୱିନୀ କୁମାର ମିଶ୍ର

# ସେଲ୍‌ଫିର କବିତା

## ଅମରେନ୍ଦ୍ର ଖଟୁଆ

ବାଘକୁ ସାଂକ୍‌ଚୁଆରୀର ଗଦାଗଦା କୁହୁଡ଼ି
ସେ ପାଖରେ
ଓଦା ଗଛଙ୍କ ଭିଡ଼ ସେପଟରେ ଦେଖିବା ଆଗରୁ
ବାଘ ଭୟ ସହ ଗୋଟେ ସେଲ୍‌ଫି ଉଠେଇ ହୁଅଂତାନି ?
ଏମିତି ପ୍ରତ୍ୟେକ ସୁନ୍ଦରୀ ନାରୀକୁ ଲୋଭ
କରି ଫେସ୍‌ବୁକ୍‌ର ମୁଖା ପିନ୍ଧି ନିଜର ଦୁର୍ବଳତାକୁ ଆଖି ମାରୁଥିବା
ପ୍ରାପ୍ତ ବୟସ୍କଙ୍କ ବାଘଛେଳି ଖେଳରୁ
ଦରଗଡ଼ା ଦୁର୍ବଳ ଏକ ସାଧାରଣ ପୁରୁଷର
ସେଲ୍‌ଫି ଉଠେଇ ହବନି ?

ଆଜିକାଲି କୁଆଡ଼େ ରୋମାଂଟିକ୍ ଅମରତ୍ୱର
ତାଡ଼ନାରେ ସେଲ୍‌ଫି ନଉଥିବା ହନିମୁନ୍‌ର
ପୁରୁଷ ଓ ନାରୀ ମୃତ୍ୟୁର ଖାଇ ଭିତରେ ।
ପୁରସ୍କାର ଓ ପ୍ରମାଣପତ୍ର ନେଇ
ହଜାର ହଜାର ଲୋକଙ୍କ ଆଶା ଓ ଭାଷାରେ
ବହିବାର କବି ଚରିତ୍ର ଏବେ ନିଜ ପାଖରୁ
ଏମିତି ଛୁପୁଥାଏ ।

ସବୁ ସମୟରେ ଏମିତି ନଥିଲା କି ?
ଗୁରୁଦ୍ରୋଣଙ୍କ ଧନୁର୍ବିଦ୍ୟା ସହ ସେଲ୍‌ଫି
ନେଇ ଯୁଦ୍ଧରେ ମରିପାରୁ ନଥିବା ଶବର ପୁତ୍ରର
ଇତିହାସ ? ପରାକ୍ରମର ଜ୍ୟୋତିରେ ଅନ୍ୟର
ପତ୍ନୀ ସହ ଅପହରଣର ସେଲ୍‌ଫି
ବନେଇଥିବା ସୁବର୍ଣ୍ଣ ନଗରୀରର ରାକ୍ଷସ ରାଜା
ନିଜର ମୃତ୍ୟୁରେଖା ପଢ଼ିବାରେ ?

ଯାହା ବି ହଉ, ମତେ ଲାଗୁଛି
ଠିକ୍ ସମୟ ଏଇ । ନିଜ ସହ ନିଜକୁ
ଠକିବାର ଚମତ୍କାର ବ୍ୟତିକ୍ରମର
ମେଜିକ୍ ଏଇ ସେଲ୍‌ଫି, ଗୋଟେ କେବେ
ମତେ ଏମିତି ଖୁସି, ଅସାଧାରଣ ଓ
ଅମର ବନାଇ ପାରେ ନିଜ ବାହାରେ
ନିଜ ପାଇଁ, ତମମାନଙ୍କୁ ନଜଣାଇ ।

❤ ଏନ୍-୧୯୪, ଗ୍ରେଟର୍ କୈଳାଶ-୧
ନୂଆଦିଲ୍ଲୀ-୧୧୦୦୪୮, ଫୋନ: ୯୯୧୦୯୦୭୯୯୯



# ମାର୍ଚ୍ଚ ମାସର କବିତା

## ପ୍ରବାସିନୀ ମହାକୁଡ଼

ମାର୍ଚ୍ଚ ମାସ ପାଇବାର ଋତୁ
ମାର୍ଚ୍ଚ ମାସ ହରେଇବାର ଋତୁ
ମାର୍ଚ୍ଚ ମାସରେ ହୃଦୟ ବିଷର୍ଣ୍ଣତାରେ
ମାର୍ଚ୍ଚ ମାସରେ ହରେଇଦେବାର ସୂକ୍ଷ୍ମ ଯନ୍ତ୍ରଣା ।
ତଳିତଳାନ୍ତ କରିଦିଏ

ଫେରେଇ ଦିଏ ଗତକାଲିର ଯେତେସବୁ
ଅନୁଭବ ଅନୁରକ୍ତି ରିକ୍ତପଣ ଓ ହାହାକାର
ସାନ-ସାନ ସତର୍କ ଘଣ୍ଟିମାନେ ବାଜି ଉଠନ୍ତି
ଆଉ ସେଇ ସମୟରେ
ଶବ୍‌ଦ ପରେ ଶବ୍‌ଦ ହଜାର ହଜାର ଶବ୍‌ଦ
ଧାଡ଼ି ପରେ ଧାଡ଼ି ଶହ ଶହ ଧାଡ଼ି
ନିକଟରେ ପ୍ରକାଶିତ ମୋର ତିନିଟି କବିତା ବହିର ପୃଷ୍ଠାମାନେ
ବୁକ୍‌ସେଲ୍‌ଫ୍‌ରୁ ବାହାରି ଆସନ୍ତି
ସେମାନେ କ'ଣ ବନ୍ଦୀ ଥିଲେ ?
ସେମାନେ କ'ଣ ଛଟପଟ ହେଉଥିଲେ ମୁକ୍ତି ପାଇଁ ?
ଏଇ ତ କୋଠରୀରେ
ଆଲୋକ ଅଛି ପବନ ଅଛି
ବାହାର ଦୃଶ୍ୟକୁ ଅନୁଭବ କଲା ପରି ଶକ୍ତି ଅଛି
ଏଇ ବହିମାନେ ମୋ ଅସ୍ତିତ୍ୱର ଅନ୍ୟ ରୂପ ନୁହଁନ୍ତି କି ?

ଏଇ କବିତା ହିଁ ମୋର ସଂପତ୍ତି ମୋର ପ୍ରାଚୁର୍ଯ୍ୟ ମୋର ପ୍ରାଣବିନ୍ଦୁ
ମୋ ଅସ୍ତିତ୍ୱର ବଳିଷ୍ଠ ପ୍ରମାଣ
ଜୀବନରେ ଯେତିକି ବଂଚିନି
କବିତାରେ ତା'ଠୁ ଶହେ ଭାଗ ଅଧିକ ବଞ୍ଚିଛି
ଏଇ ବଞ୍ଚିବାରେ ସବୁ ଅଭାବବୋଧ ସତ୍ତ୍ୱେ
ଅନାହତ ଖୁସି ଅଛି ଅନାହତ ପ୍ରାପ୍ତି ଓ ଅପାପ୍ତି ବି ଅଛି
ଅନାହତ ଅଛି ଅନେକ କିଛି

ମାର୍ଚ୍ଚ ମାସରେ ମୁଁ କ'ଣ କରେ
ପ୍ରେମ ଓ ଯନ୍ତ୍ରଣାକୁ ନେଇ ?
ଭିଡ଼ ଓ ଏକାକୀପଣକୁ ନେଇ ?
ବୁନ୍ଦା-ବୁନ୍ଦା କରି ଆବେଗକୁ
ହୃଦୟର ଅତି ପାଖରେ ରଖିଦିଏ
ତିଳ ତିଳ ହୋଇ ପତ୍ରମାନେ ଝରି ପଡୁଛନ୍ତି ଗଛଙ୍କ ଦେହରୁ
ହତଚକିତ ରହିଯାଏ ଏଇ ମୋର ଘଟଣାବହୁଳ ଜୀବନ
ମୋର ଅନୁଭୂତି
ରକ୍ତିମାରେ ଭରପୂର
ମୋ ଜୟ ପରାଜୟ ଠୁ ଖୁବ୍ ଦୂରରେ ଆଜି
ଗୋଟେ ପ୍ରତୀକ୍ଷା ଯିଏ
ସୂଚେଇ ଦିଏ ଜଣେ କାହାର ଅନୁପସ୍ଥିତିକୁ ।

❤ ଷ୍ଟେସନବଜାର, ଢେଙ୍କାନାଳ-୭୫୯୦୧୩
ଫୋନ:୭୦୦୮୩୧୦୨୬୮



▼ ଚିତ୍ର: ନିକୁଞ୍ଜ ବିହାରୀ ଦାସ



# ପୁଣିଥରେ

## ଡକ୍ଟର ଶୁଭଶ୍ରୀ ଲେଙ୍କା

ଏବେ ଆଉ ଛୁରୀ ପରି
କାଟି ପାରେନା କଥାର ଧାର
ଟଳମଳ ହୁଏନା ଲୁହବିନ୍ଦୁ
ଥରଥର କମ୍ପେନା ଓଠ
କଳଙ୍କି ଲଗା କୋଲପ ତଳେ ସାଇତା
ତମାମ୍ ରୁଦ୍ଧ ଆବେଗ

ଦୂର ଆକାଶର ତାରା ଏବେ ପ୍ରେମ
ଡ୍ରଇଁଖାତାର ଗାଡ଼ିଧଡ଼ିରୁ
ଉଡ଼ି ଯାଇଛନ୍ତି ହଂସମାନେ କେବେଠୁ
ଶୁଖି ଯାଇଛି ପଦ୍ମଫୁଲ
ଶୁଭୁନି ସନ୍ଧ୍ୟାବେଳର ପ୍ରାର୍ଥନା
ଉଦାସ ଦିଶୁଛି ଧୂସର ଆକାଶ

ସ୍ୱପ୍ନମାନଙ୍କୁ ଖୁଏଇନଥିଲି ଲେଉଟ ଚକୁଳି
ତ ସେମାନେ ଭୁଲି ଯାଇଛନ୍ତି ବାଟ
ବାଟ ମଝିରେ ଏବେ ନିବୁଜ ବାଡ଼
ବାଡ଼ରେ ଶୁଖୁଛି ସଂପର୍କର
ରଫୁକରା ମଇଳା ଚାଦର
ମୃତ ପ୍ରଜାପତିଙ୍କ ଡ଼େଣା ସବୁ
ପବନରେ ଉଡ଼ି ଆସିଛି ଅଗଣାକୁ

ଶୀରାପ୍ରଶୀରାରେ ଗରଳ ପରି
ପ୍ରସରି ଯାଉଛି ରାତିସବୁ
ମଲା ମାଛର ଆଖି ପରି ନିସ୍ତେଜ ସକାଳ
ସୂର୍ଯ୍ୟହୋଇ ଝଟକୁଥିଲା ଯେଉଁ ସମ୍ଭାବନା
ସେ ଏବେ କେଉଁ ଅଗ ଡ଼ାଳର ନିଷିଦ୍ଧ ଫଳ

ପିଆଲାଏ ମହୁରେ କିଏ
ମିଶେଇ ଦେଇଛି ଟୋପାଏ ହଳାହଳ
ଘୁରୁଛି ଆକାଶ ମୋର
ଘୁରୁଛି ବସୁଧା

ମିଛ ସବୁ ସତ ପରି
ଠିଆ ହୋଇଛନ୍ତି ଧାଡ଼ିରେ
ସତ ଲୁଚେଇଛି ମୁହଁ
ଦୂର ଆକାଶ ବଉଦ ଫାଙ୍କରେ
ଏଣୁ ମିଛମିଛ ଲାଗୁଥିବା ସତ
ସତସତ ଲାଗୁଥିବା ମିଛ
ଇଥରରେ ଭାସୁଛନ୍ତି
ବିନା ରଙ୍ଗରେ ବିନା ବାସ୍ନାରେ

ଯାହାକିଛି ଦିନେ ପ୍ରିୟ ଥିଲା
ଯାହାକିଛି ଥିଲା ମଧୁର
ସେସବୁ ମୋହର ହୁଗୁଳା ଡ଼ୋରିକୁ
ପୁଣିଥରେ ଗଣ୍ଠି ପକେଇବାକୁ ମନ
ମନ ଝାଉଁଳି ପଡ଼ିଥିବା
ମଲ୍ଲୀବୁଦା ମୂଳେ ପାଣି ଢ଼ାଳେ ଦେବାକୁ
ମନ ଖାଇବାକୁ ଗୁଆଘିଅ ପକା
ଗରମ ଗରମ ଭାତଗଣ୍ଡେ ସହ
ଜିରା ପଘରା ଡାଲମା ତାଟିଆଏ

ସଜଫୁଟା ଫୁଲଦାନି ପାଖରେ ଥିବ
ଦୁହିଁଙ୍କର ହସନ୍ତ ଫଟୋଫ୍ରେମ୍
ଆସ ପୁଣି ଥରେ ଏକାଠି
ଉଛନ୍ନ ସ୍ନାୟୁତନ୍ତ୍ରୀମାନଙ୍କୁ
ରାଗ ମଧୁବନ୍ତୀ ଶୁଣାଇବା ।

♥ ଡିଓନ୍ ରିଭର୍ ଫ୍ରଣ୍ଟ୍ ଆପାର୍ଟମେଣ୍ଟ୍, ବ୍ଲକ:ଡି/୫୦୪,
ଚନ୍ଦକା, କଟକ-୭୫୪୦୦୫
ଫୋନ: ୯୪୩୭୭୯୮୯୨୦



▲ ଡକ୍ଟର ଶୁଭଶ୍ରୀ ଲେଙ୍କା

# ଦେଖିବାକୁ ସେ ଆକାଶ ପରି

## ସୌଭାଗ୍ୟ କୁମାର ମିଶ୍ର

ଦେଖିବାକୁ ସେ ଆକାଶ ପରି
ସେ ଆକାଶ ହିଁ ତ
ଆକାଶ ନାମକ ବିସ୍ତୃତି,
ଶୂନ୍ୟ, ନୀଳ, ଶୂନ୍ୟ, ନୀଳ
ଅବାଧ, ଅଚିହ୍ନା, ଭୟାନକ ।

ସ୍ୱୀକାର ଅସ୍ୱୀକାରର ପାର୍ଥକ୍ୟ ଦେଖେନି
ଘନନୀଳ ମେଘର ଗର୍ଜନ ।
ସଂଖ୍ୟାହୀନ ପୋତ ବୁଡ଼ିଯାନ୍ତି
ଆକାଶରେ, ଆକାଶରେ ହିଁ ।
ଦେଖଣାହାରୀ ଜମିବାକୁ ଅପେକ୍ଷା ନକରି ।

ଆମର ବିଭବବନ୍ତ ଅହଙ୍କାର ବଣ ନିଆଁ ପରି
ମାଡ଼ିଯାଏ ଚତୁର୍ଦ୍ଦିଗ, ଦିଗହୀନ ବେଗ ସେ ।
ତେବେ ଶୂନ୍ୟ ପାଖରେ ପରାସ୍ତ ବାହୁଡ଼ି ଆସେ
ଆମ ସାହିର ଏକେଣା ଘରେ ରହୁଥିବା,
କ୍ଷୀର, ସେଉ, ଗାଣ୍ଠିଆ ବିକୁଥିବା
ଗୁଜରାଟୀ ତରୁଣୀ ପାଖକୁ,
ତାକୁ ଧରି ନଇ ବନ୍ଧେ ବନ୍ଧେ ଚାଲିଯାଏ
ଦୂରକୁ, ବହୁତ ଦୂରକୁ ।

♥ ୩୨୭, କଳିଙ୍ଗବିହାର, କେ-୫,
ଭୁବନେଶ୍ୱର-୭୫୧୦୧୯,
ଫୋନ: ୯୯୩୭୩୭୮୮୯୭



▲ ସୌଭାଗ୍ୟ କୁମାର ମିଶ୍ର

# କେନ୍ଦରା କାନ୍ଦ

## ଶ୍ରୀଦେବ

ଗୁଣ୍ଡୁଚି ପିଠିର ଗାର
ସେଇଦିନୁ, ଜୀବନ ନାରଖାର ।

ସେଇଦିନୁ ବେଦଖଲ ହେଇଗଲା ଆମ ସାତସିଆଁ ସ୍ୱପ୍ନ
ଓ ଗୋଟେ ଗହମି ଜହ୍ନ ବଗିଚା
ଆମେ ଆମର ବୋଲି କହିପାରିଲୁନି ଆଉ
ଦୋ'ଭିଗା ଜମିନ୍ / ଆମ ଛ'ମାଣ ଆଠଗୁଣ୍ଠ
ଧାନ କିଆରିରେ ଜନ୍ମିଥିବା ଥାକଥାକ
ଶ୍ରାବଣ ସାବ୍‌ଜା ଥୋଡ଼କୁ ବଢ଼ାଇ ପାରିଲୁନି ହାତ
ସେଇ ଖଡ଼ାମରା ସଂକ୍ରାନ୍ତି ପରଠୁ
ଶସ୍ୟଶୂନ୍ୟ ଡୋଲିକୁ ଡାକୁଣିଖାଇ ଖାଇଗଲା ଭୋକ
ଡାମରାକାଉ କୋଉଠି ଥିଲା; ସବାଖାଇ ଖାଉ !!
ହେଲେ ଖାଉ ଖାଉ ଖାଇଦେଲା ଯେ ସାରା ଚୌଧୁରୀ ଚକ ।

ଗହିର ବିଲର ଟିକିରା ଉପରେ ପଖିଆ  ମୁଣ୍ଡେଇ ବସି ବି
ମଥା ଛାଇ ସହ ସମ୍ଝୋତା କରିପାରିଲାନି
ବୁରୁବୁରୁ ହେଉଥିବା ଦୈନ୍ୟ ଦରଫଟା ଓଠ,
କପାଳଗାର / ଆଖି ଭର୍ତ୍ତି ଜୁଆର
ହାୟ ! ହାତେ ହେବ ସାପ, ଦଂଶିଦେଲା ଆମ ଆୟୁଷ !
ତା' ମା' ମରୁ ! ପର ଘର ପଶା ।
ଅଜାତିଆ ସର୍ବନାଶିଆ ବଂଶ !

ଫେରି ପାରିଲେନି ମହୁଆମାନେ
ତାଙ୍କ ଭେଲ୍‌ଭେଟି ଉଷ୍ମ ଓଠରେ,
ଅର୍ପିଥିବା ଯାବତ୍  ବିଅର୍ଥ ଚୁମ୍ବନ
କହାର୍ କି କେଉଁ କ୍ରିଷ୍ଣାନଗର ଚାଟଶାଳୀରେ
ପିଲାଦିନ ପଣିକିଆ  ଘୋଷା
ଗୋଟି ଗୋଟିକା ଧାନଫୁଲ କଷି
ଅଗାଡ଼ି ହେଇ ଜଟରେ ଖୋସା ।

ଏପରି ଖଞ୍ଜି ସାରିଥିଲୁ କୁଡ଼ିଆ କେତୋଟି, ଆମେ ଯେ ବନ୍‌ଜାରା-
ମରୁଭୂମି କହି ଅମଡ଼ାବାଟ ଯାହାକୁ ଘୋଷିତ କଲା ଆମ ସର୍କାର  ଜଙ୍ଗଲ ଜମି
ଏଲ.ଓ.ସିରେ ଢଳାଙ୍କଗଛର ବାଡ଼ ପୋତି ଇଚ୍ଛାମତେ ଦି'ଫାଳ କଲା ୭୫
ବର୍ଷୀୟା ବୁଢ଼ୀର ଭୈମୀ ଏକାଦଶୀ
ରାତିଦିନ ଉଣ୍ଡିଉଣ୍ଡି ପଇଠ କଲେ ଅଧେ କଳାସୂର୍ଯ୍ୟ ଓ ଆଉ ଅଧେ ମଲାଜହ୍ନକୁ
ଛଅନ୍ତା ହେଲା ଆମ ଜାତି ।
ପୃଷ୍ଠା ପୃଷ୍ଠା ପବନର କଳଙ୍କିଲଗା ଖିଲିକାତି  ।

ତେବେବି ସରୁନି ଆମ ଦାନମାଝିମାନଙ୍କର ଭ୍ରୁଣଜନ୍ମ ଦରଖାସ୍ତ
ଭାଗ୍ୟଭକ୍ତି, ଅସଂଯତ ଆନ୍ଦୋଳନ, ଜୀବନବ୍ୟାପି ଅଧିବେଶନ
ବିଧାନସୌଧ, ସଂସଦଗୃହ,  ଯେଉଁଦିନୁ ବେଦଖଲ ହେଲା
ଜମି, ଜୀବନ ଏବଂ ଜନମଛୁଆର କାନ୍ଦ ।

ଅଗାଡ଼ି କେଣ୍ଡା ହଲଉଥାଏ ତା' ମଥା
ଯେମିତ ନିରକ୍ଷର ଗାଁଟା ଯାକ ଲୋକଙ୍କ ଟୁଙ୍ଗିଗୀତ ଘୁଣଖିଆ ବାଆଁଶ
ଚିତ୍ରିତ ଏଇମିତି ଦୃଶ୍ୟ ପ୍ରଦର୍ଶିତ ଜାତୀୟ ଅଧିକନ୍ତୁ ବିଶ୍ୱସ୍ତରୀୟ ।

ଭଅଁର ପିଠିରେ ବାନ୍ଧିଲେ ବସା । ଗାଇଲାବାଲା ବୁଝି ପାରୁନି
ଶୁଣିବାବାଲା ତ ମୂର୍ଖ ଆଇଁଷା ।

ବ୍ରଣଗାଲରେ ନୀଳ ଅନ୍ଧାରର ଭଉଁରୀ,
ତହିଁରେ ଆଙ୍ଗୁଳିମାରି ଶିହରି ଉଠୁଚି ଚହଲା ଚିହ୍ନ
ସେଇଦିନୁ ବେଦଖଲ ହେଲା ପେଟ ଭିତରର  ଘା' ଘର,
ହାଡ଼ମାନଙ୍କର ଭ୍ରଂଶଭାଷା, ବିବର୍ଣ୍ଣ ବର୍ଣ୍ଣମାଳା - ଦରଫୁଟା କବିର କପାଳ
ପାହାନ୍ତିଆ କାକରଙ୍କ ଏୟାରଷ୍ଟ୍ରାଇକ୍ ଏ ସମୟ ପୂଜସଞ୍ଜ
ରଣବଣ ଅଧା ଜିଅନ୍ତା ଶବଙ୍କର
ସମ୍ବତ୍ସର ସଂସ୍କାର ।

ଛିଃ !
ଏବେଏବେ ଜଗତଯାକର ଯେ'କି ଆନନ୍ଦ !
ଆକାଶ ଦଖଲକାରୀଙ୍କୁ ଅଧୁନା ଅଫର୍, ସାତ ସମୁଦ୍ର ।
ଉଦ୍ରେକ ଉତ୍ସବର ନାଁ ରଖାଯାଇଛି
ଯୁଦ୍ଧ ମହୋତ୍ସବ !

ନୂଆଜନ୍ମ  !

ହଇଲୋ ଯେ'  ଗୁଣ୍ଡୁଚି !
ଠୁପେ ପାଣି ଦେ'ତ ମତେ
ମୁଠେ ପବନ ॥

* **'ଚାଷବାସ' ସିରିଜ୍‌ର ପ୍ରକାଶୋନ୍ମୁଖୀ କ୍ରିୟାତ୍ମକ କାବ୍ୟସ୍ୱନ୍ଦନ 'ହଳହତ୍ୟା  ଓ ଅନ୍ୟ ଅନ୍ୟାନ୍ୟ'ରୁ**

♥ ସମ୍ପାଦକ: 'ଚନ୍ଦ୍ରଭାଗା', ମୋତିଗଞ୍ଜ, ବାଲେଶ୍ୱର-୭୫୬୦୦୩
ଫୋନ: ୯୪୩୭୧୨୩୮୨୩


▶ଫଟୋ ଶ୍ରୀଦେବ

# ମେଘ ମାୟା

## ସେନାପତି ପ୍ରଦ୍ୟୁମ୍ନକେଶରୀ



▲ ଚିତ୍ର : ଶିଳ୍ପୀ ଜ୍ୟୋତ୍ସ୍ନାରାଣୀ ଉପାଧ୍ୟାୟ


ମେଘ ଛାତିରେ ଯେବେ ପବନ ମୁହଁ ଘଷେ
ବାଦଲ ଉହାଡ଼ରୁ ଚାହିଁଥିବା କୁନି ତାରାଟିଏ
ଗୋଟେ ଅଲଗା ଭାବନାରେ ଆନମନା ହୁଏ
ଧାନବିଲର ବାଉଳା ଖୁସି
ହଠାତ୍ କବିତା ହୋଇ ସାମ୍ନାରେ ଠିଆ ହେଇଯାଏ ।

ଖୋଲିଯାଏ ସମାଧୀମାନଙ୍କର ନିବୁଜ ମୁହଁ
ମଲା ଉଲ୍‌କାମାନେ ଜୀବନ ପାଇ ଆଖି ଖୋଲନ୍ତି
ଗୁଳୁଗୁଳିରୁ ମୁକୁଳି
ମାଟି ଟିକେ ଉଷତ ହୁଏ
ରହି ରହି ଦୂରରୁ କେଉଁଠି ବଂଶୀସ୍ୱନ ପହଁରି ଆସୁଥାଏ !

ମେଘ କଣ ଶ୍ୟାମ ସଙ୍ଗୀତର ମୁହାଣ ?
ଅନ୍ତସ୍ଥଳରୁ ଉବୁକି ଉଠୁଥିବା ଗୋଟେ ଅବୁଝା ସ୍ୱପ୍ନ
ଯିଏ ନିଜେ ବଇଁଶୀଆଳ
ନିଜେ ଇ ବଇଁଶୀସୁର
ନିଜେ ପ୍ରାର୍ଥନା, ନିଜେ ଇ କରୁଣାକ୍ଷର ।

କେବେ ଥରେ ମୁଁ ହେଇ ପାରିଲି କି
ପାହାଡ଼ ଚୂଡ଼ାର ମେଘମାଳା
ଚନ୍ଦ୍ରିକାତୋଳା ନୃତ୍ୟ ପାଗଳ ମୟୂର
ଦିଗନ୍ତ ଛୁଉଁଥିବା ଚିଲିକାର ନୀଳ ବୀଚିମାଳ !

ଜୀବନରେ
କେତେ କଣ ହେବାକୁ ଚାହେଁ ଏ ମନ
ଛାତିର ଖାଲି ପଡ଼ିଆରେ
ବସେଇବାକୁ ଖୁସିର ମେଲଣ
ଭିଡ ଭିତରୁ ଟିକେ ମୁକୁଳି ଆସି
ଧାନବିଲର ହିଡ ପାରି ହେଇ
ନଈ ସହ କଥା ହେବାକୁ ଖୋଜୁଥାଏ ନିରୋଳା ଲଗ୍ନ ।



▲ ଫଟୋ ସେନାପତି ପ୍ରଦ୍ୟୁମ୍ନ କେଶରୀ

ଜୀବନରେ କିଏ ନ ଚାହେଁ
ଗୋଟେ ଆକାରହୀନ ଆକାଶ ହେବାକୁ
କିଏ ନ ଚାହେଁ
ଅଗନାଅଗନି ବନ ଭିତର ତପସ୍ୱୀ ଅନ୍ଧାର ହେଇ
ନିସ୍ତବ୍ଧ ସମୟ ଭିତରେ
ନିଜକୁ ପୂରା ଆଲୋକିତ କରି ଦେବାକୁ ।

ଏପରିକି ଶାଗୁଆ ପ୍ରେମରେ ମଗ୍ନ ମୃଗମାନେ
ଜଙ୍ଗଲ ମାୟାରେ ମସ୍‌ଗୁଲ୍ ପକ୍ଷୀମାନେ
ମନ ମାଟିରେ ଭୃଣେଇ ଉଠୁଥିବା ସ୍ୱପ୍ନମାନେ
ଯେବେ ବାହାରନ୍ତି ଅଲଗା ଅଭିସାରରେ
ନଦୀ ପାହାଡ଼ କାନ୍ତାର ଓ ଅରଣ୍ୟ ଡେଇଁ
ଦିଗ୍‌ବଳୟର ଦର୍ପଣରେ ଖୋଜନ୍ତି ନିଜ ନିଜର ଛବି ।

କାହାର ବନ୍ଦଥିବା ଦରଜା ଭିତରୁ
ଯେବେ କିଛି ସ୍ୱର ଶବ୍ଦ ଶୁଭୁ ନଥାଏ
କରାଘାତ କଲେ ଅବା ପାଟି କରି ଡାକିଲେ
କେହି ଯଦି ଭିତରୁ ଆବାଜ୍ ନକରେ
ହଠାତ୍ ଇଚ୍ଛାମାନେ ନିଅନ୍ତି ଆକାଶ ରୂପ,
ସେପଟେ ମୁଚୁମୁଚୁ ହସୁଥାଏ ଗୋଧୂଳି ଖରା
ଅଧା ଓଦା ଅଧା ଶୁଖା ସଂଜ ଆଲୁଅରେ
ତିଆରି ହୁଏ ବର୍ଷାକୁ ଖୋଜିବାର ରାସ୍ତା ।

ସତ କୁହ ତ, ବର୍ଷା ନଥିଲେ
କିଏ କଣ ବିଭୋର ହେବାର ବାହାନା ଖୋଜିପା'ନ୍ତା ?


♥ 'ସାଇ ସର୍ଜନା', ଜଗନ୍ନାଥ କଲୋନୀ,
ବାଲିକୁଦା, କଟକ - ୭୫୩୦୧୧
ଫୋନ :୬୩୭୧୫୨୩୫୯୮

# ମରୁସଙ୍ଗୀତ

## ବିରଜା ବଳ

ମରୁପଥର ସଙ୍ଗୀତ ପରି ଜୀବନକୁ ଶୁଣ
ଛନ୍ଦର ମାଧୁର୍ଯ୍ୟରେ ଜୀବକୁ ମଣ୍ଡନ କର ଖରାର ରଙ୍ଗରେ ।

ଜୀବନ ହିଁ ତମେ
ଯାହା ସହିତ ଖୁବ୍ ନିବିଡ଼ ଭାବେ ମୁଁ କଥା ହୁଏ ।
ଓ ଦେହଜ ଶବ୍ଦ ସବୁକୁ ଘଷିମାଜି ଚିକ୍କଣ କରେ ବାଲି ପଥରରେ ।

ପ୍ରେମ କରେ
ଗୋଟେ ଜିଦ୍‌ରେ, ଝୁଙ୍କ୍‌ରେ
ମୁଦା କ୍ଷତସବୁକୁ ଉନ୍ମୁକ୍ତ କରେ ନୂଆ ନୂଆ ଦୃଷ୍ଟିରେ ।

ଜୀବନ ହିଁ ତମେ
ମୁଁ ଜୀବନାକାର
ଜଣେ ଫୁଟି ରହିବ
ଜଣେ ଫୁଟି ଝଡ଼ିପଡ଼ିବ ମରୀଚିକାର ଜଳରେ ।

ପ୍ରଥମେ ବହିଲା ଝାଞ୍ଜି, ତା'ପରେ ଧାଇଁଲା ମରୀଚିକାର ଜଳ
ପଛେ ପଛେ ଧାଇଁଲା ଶୋଷ, ତା'ପରେ ଶୁଭିଲା ଶୋକାର୍ତ୍ତର ବିଳାପ
ଓ
ମରୁପଥର କୋଳାହଳ ।

ତତଲା ବାଲିରେ
ଛିଡ଼ିପଡ଼ିଥିବା ଅଧାପୋଡା ଓଟର ଖୁରାଟିଏ ପରି ମୋ'ର ଉପସ୍ଥିତି
କଣ୍ଟାର ଚର୍ବଣ ମୋ'ର ଉଚ୍ଚାରଣ
ପାଟି ଭିତରେ ମିଠା ମିଠା ରକ୍ତ ମୋ'ର ପ୍ରାଣ ଧାରଣ ।

ହଁ, ମୁଁ ପ୍ରେମ କରେ
ଚୁମାଦିଏ ଫୁଲା ଫୁଲା ବିଷାଦର ପୁଚୁକା ଗାଲରେ
ଅହଂକାରର ପାହାଡ଼ ଉପରେ ଠିଆହୋଇ
ନିଃଶ୍ୱାସରେ ନିଆଁ ଧରାଏ
ଆଙ୍କିବାକୁ ତୁମ ବାଲିରଙ୍ଗର ଓଠରେ କ୍ଷତ ଚିହ୍ନଟିଏ ।

ତମେ ଜୀବନ
ଶୋଷ ମୂଳର ପାଣି ତମେ,
ମୁଁ ଜୀବନାକାର
ପାଣି ମୂଳର ଶୋଷ ମୁଁ
ତମେ ପରିବ୍ୟାପ୍ତ ମୋ କପାଳର ରେଖାଙ୍କିତ ଉପତ୍ୟକାରେ ।

ଆ,
ଆମେ ନାଚି ନାଚି ବହିଯିବା
ମରୁପଥର ତତଲା ଆଲିଙ୍ଗନରେ ।

♥ 'ଚିତ୍ରକଳ୍ପ', ବାଲିଗଣ୍ଡ, କୁଆଁରପୁର
ରାମ ବାଗ, ଯାଜପୁର-୭୫୫୦୧୪
ଫୋନ: ୭୭୯୦୦୦୩୪୪୨



# ଏ ବେଳାରେ ତୁ କଉଠି ଅଛୁ, ଅଖିଳ !

## ଦୁର୍ଗା ପ୍ରସାଦ ପଣ୍ଡା

ବିକାଶର ଜେସିବି ରାକ୍ଷସ
ତା ନଖରେ ରାଞ୍ଜୁଡ଼ି ପକଉଚି ମୋ ଦେଶର ଆତ୍ମା,
ତା' ଦାନ୍ତରେ ବିଦାରି ପକଉଚି ମୋ ଦେଶର ଦେହ,
ତୁ ଇ ତ କହିଥିଲୁ ଦେଶ ମାନେ ଇ ମଣିଷ ।

ସ୍ୱେଦ ଆଉ ରକ୍ତମାଂସର ମଣିଷକୁ
ଆଡ଼ ଆଖିରେ ଚାହୁଁ ନଥିବା ମଣିଷ
ଆଜି କହିବୁଲୁଚି ଯେ' ସେ ହିଁ ଈଶ୍ୱରଙ୍କ ପାଖଲୋକ ।

ତୁ ଆଉ ମୁଁ ଜାଣିଥିବା ସେ ଦେଶର ମୁହଁ
ଏବେ ଲାଗୁଚି ଆହୁରି ଅଚିହ୍ନା ଅଚିହ୍ନା ।
କେଜାଣି କଉଠି ମୁହଁ ଲୁଚେଇ ବସିଚି ସେ ଦେଶ ?
ଏ ବେଳାରେ ତୁ କଉଠି ଅଛୁ, ଅଖିଳ !

ଏଠି କଣ ଗୋଟେ ମହୋତ୍ସବ ଚାଲିଛି ।
ଦେଶସାରା କଟା ଘା'ରେ ଚୂନବୋଳା ଚାଲିଛି ।
ବିଭେଦର ମଞ୍ଜିସବୁ ଆଜି ବଡ଼ବଡ଼ ଗଛ ହେଲେଣି ।
କଉଠି ଥିଲା ଏତେ ଏତେ ଘୃଣା କେଜାଣି ।
ଘୃଣା ଏବେ ସବୁଠୁ ଲାଭଜନକ ଫସଲ ।

ଏ ବେଳାରେ ତୁ କଉଠି ଅଛୁ, ଅଖିଳ !

ମଣିଷ ଶିକାର କରିବାକୁ ପାରିଧିରେ
ବାହାରିଚି ରଜା, ପ୍ରଗତିର ବାଜା ବଜେଇ ବଜେଇ
ଦଳେ ମଣିଷ ଖେଦା କରୁଛନ୍ତି
'ଅନ୍ୟ' ମଣିଷମାନଙ୍କୁ । ମଣିଷ ଶିକାରରେ
ରଜାର ଅପାର ଆନନ୍ଦ, ଅନେକ ଯଶ ।

ମାତ୍ର କେଇଟା ବର୍ଷ ଭିତରେ ମାନଚିତ୍ରରୁ
ଭୂଗୋଳ ବହିର ପୃଷ୍ଠା ଭିତରୁ
କୁଆଡ଼େ ଉଭେଇଗଲା
ତୁ ଆଉ ମୁଁ ଜାଣିଥିବା ସେ ଦେଶ ?

ଏମିତି ସଂଗୀନ ବେଳାରେ
ତୁ କଉଠି ଅଛୁ, ଅଖିଳ !

ସ୍ୱାଧିନତା ପାଇବାର ପଚସ୍ତରୀ ବର୍ଷ ହେଲା ।
ଭଦ୍ର୍ୟପୋଷାକରେ ବି ମଣିଷ ତଥାପି
ଅନେକଟା ଲଙ୍ଗଳା ଦିଶୁଚି-
ମଣିଷକୁ ମଣିଷ ହେବା ଆହୁରି ବାକି ଅଛି
କୁଢ଼ କୁଢ଼ ବାସନ ମାଜିବାକୁ ବାକି ଅଛି ।
ଚାରିଆଡ଼େ ହତାଶାର ଚିତ୍ର ଦିଶୁଚି ।

ଏ ବେଳାରେ ତୁ କଉଠି ଅଛୁ, ଅଖିଳ !

♥ ଏମ.ଆର-୧୪, ଜଗନ୍ନାଥ କଲୋନୀ,
ବୁଢ଼ାରୋଜା, ସମ୍ବଲପୁର-୭୬୮୦୦୪,
ଫୋନ: ୯୪୩୮୦୭୪୪୧୪



# କାରୁବାକୀ

## ଡକ୍ଟର ହରିଶ୍ଚନ୍ଦ୍ର ବେହେରା

କେବେ ଥରେ ଯିବ ତ ଧଉଳି
ଦେଖିବ ତାକୁ ଛୁଇଁ ବହୁଥିବ ନଈଟିଏ
ତା' ପାଣି ରଙ୍ଗ ଏବେ ବି ଦିଶୁଥିବ କଷଡା
ବାଲି ଚିପୁଡ଼ି ଦେବ
ଝରିବ ଥପ୍ ଥପ୍ ରକ୍ତ
ବିଧବା ଲୁହ

କାହିଁକି କଷଡ଼ା ଦିଶୁଛି ପଚାରିବ ନାହିଁ କାହାକୁ
ସିଧା ଯିବ କୁମାରୀ ଗମ୍ଫାକୁ
ସେଇଠି କାନ ଡେରିବ
ଶୁଣି ପାରିବ ଖଣ୍ଡାର ଝଣତ୍କାର
ଅଶ୍ୱାରୋହୀ ଗଜାରୋହୀଙ୍କ ଆସ୍ଫାଳନ
ରେ ରେ କାର ହୁଙ୍କାର
ତୂର୍ଯ୍ୟନାଦ ଶୁଭିବ ସେଇଠୁ

ଖୁବ୍ ଅନ୍ଧାରିଆ ଭିତରକୁ ଅନେଇବ
ଦେଖି ପାରିବ ତପୋରତ ଜଣେ ସନ୍ୟାସୀଙ୍କୁ
ପାଖରେ ସ୍ତିମିତ ନୀଳଦୀପ
ଧ୍ୟାନମଗ୍ନା ନୀଳ ନୟନା ଜଣେ ନାରୀକୁ

ଯିବ ତ ଫେରି ଆସିବ ସଂଜ ଆଗରୁ
ନ ହେଲେ ଶତ ଶତ କବନ୍ଧ ଉଠି ଆସିବେ ଇତିହାସରୁ
ଜୀବନ୍ୟାସ ପାଉଥିବେ ରାତି ରାତିର ଅନ୍ଧାର
ଦେଖୁ ଦେଖୁ ମୂର୍ଚ୍ଛା ହୋଇଯିବ
ନ ହେଲେ ରକ୍ତ ବାନ୍ତି କରି ମରିଯିବ

ଅନ୍ଧାର ଆଗରୁ ଚାଲି ଆସିବ
ପାରିବ ତ ଦି'ଟୋପା ଲୁହ ଦେବ
ଆମ ସହିଦଙ୍କ ପାଇଁ
କୈବର୍ତ୍ତ୍ୟ କନ୍ୟା କାରୁବାକୀ ପାଇଁ
ଲୁହ ବୋଳା ନିର୍ଜନତା ଯେମିତି ଅଛି ସେମିତି ଥାଉ
ଆଣିବ ନାହିଁ ସାଥିରେ

ଯାହା ପଚାରିବାର ଅଛି ପଚାର
ସାକ୍ଷୀ ଦେବାକୁ ଠିଆ ହୋଇଛି ଧଉଳି
ନିଃସଙ୍ଗ କୋହକୁ ଧରି ଗୁମୁରି କାନ୍ଦୁଛି ଦୟା
ତାକୁ ଟିକେ ବୁଝେଇ ଦେବ
ଫେରିବା ବେଳେ ।

♥ କଲ୍ୟାଣ ନଗର, ବାଲେଶ୍ୱର-୭୫୬୦୦୧
ଫୋନ: ୯୪୩୭୮୧୩୭୦୮



▶ ଫଟୋ ହରିଶ୍ଚନ୍ଦ୍ର ବେହେରା

# ସମୟ ପହଁରୁଥାଏ

## ଜୟନ୍ତିକା

ଏବେ ଅବସର ସବୁ ସ୍ମୃତିର ଦର୍ପଣ ପରି,
ମୁଁ ତତେ ସେଇ ଦର୍ପଣରେ ଦେଖେ ।

ଦେଖେ କେଉଁ ମତୁଆଲି ସଞ୍ଚାର ନିଝୁମ୍ ଆବେଶ ଭିତରେ
ବସି ରହିଥିବା ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତକୁ, ଏକ ସ୍ଥିର ଚିତ୍ରକୁ ।
ଚିତ୍ରଟି ପ୍ରାଣର ପିତୁଳା ପାଲଟିଯାଏ ।

ସେଇଠୁ ବଦଳିଯାଏ ଦୃଶ୍ୟପଟ ।
ସବୁକଥା ଚଳମାନ ମନେହୁଏ ।
ରାସ୍ତାଘାଟରେ ଭିଡ଼ ଲାଗେ
ଘରେ ବାହାରେ ଅସ୍ଥାୟୀ ଆୟୁଷମାନଙ୍କ ଛଳଛଳ ଛବି ଦିଶେ ।

ପକ୍ଷୀମାନେ ଫେରିଆସୁଥାନ୍ତି ନିବୁଜ ନୀଡ଼କୁ,
ଆକାଶର ନୀଳିମାରେ ଫେଣ୍ଟିହୋଇ ରହିଯାଏ
ସେମାନଙ୍କ ଅସ୍ପଷ୍ଟ କଳରବ,
ଥଣ୍ଡା ପଡ଼ି ସାରିଥାଏ ଶେଷ କପ୍ ଚା' ଟେବୁଲ୍ ଉପରେ ।

ସମୟ ପହଁରୁଥାଏ ନିଶବ୍ଦରେ,
ଆଶ୍ୱାସନାକୁ ଆଶ୍ରା କରି
ଅତୃପ୍ତ ଆତ୍ମାମାନଙ୍କୁ ବୁଝେଇ ଶୁଝେଇ
ମୁଁ ସଜାଡ଼ି ଚାଲିଥାଏ ଅସଜଡ଼ା ଜୀବନକୁ
ସମୟର ଚିରାଫଟା ସାମିଆନା ତଳେ ।

ସ୍ମୃତି ସବୁ କାଳେ କାଳେ ଅନ୍ତରଙ୍ଗ ନିବିଡ଼,
ସେଇ ଉଷ୍ମତାକୁ ଆଶ୍ରା କରି ସରି ଯାଉଥାଏ ରାତିଦିନ
ଅବଶିଷ୍ଟ ଉଦାସ ଜୀବନ ।

ଯୋଉ କଳ୍ପନା ଦୂର ଦିଗ୍‌ବଳୟ ତଳେ
ଉଇଁ ଆସୁଥିବା ସ୍ୱପ୍ନର କଥା କହେ,
ତାକୁ ଇ ଆଧାର କରି ବଞ୍ଚି ରହେ,
ଗୀତ ଗାଏ, କବିତା ଲେଖେ ।
ଏବେ ଅବସର ସବୁ ସ୍ମୃତିର ଦର୍ପଣ ପରି ।

♥ 'କଥାକାର', ୧୬୧- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧
ଫୋନ: ୮୭୬୩୯୯୮୪୯୮



▶ ଫଟୋ ଜୟନ୍ତିକା

# ଛେଳି ଚରାଳି ଝିଅ

## ପ୍ରଶାନ୍ତ ଦାସ

ଛେଳି ଚରାଳି ଝିଅ
କ୍ଷେତ ମଝିରେ
ଚାହେଁ ଖୋଲା ଆକାଶକୁ ।

ଦିଗନ୍ତକୁ ଶୁଣାଏ ଗପ
ଶୁନ୍ୟତାକୁ ଶୁଣାଏ ଗୀତ ।

ସେ ଜାଣେ
ଆଖି ପାଉନଥିବା କ୍ଷେତ
ତାର ନିଜର ନୁହଁ
ନିଜର ତାର ଖାଲି
ଆଖି ଓଠ ଓ ଗୀତ ଗପ ।


ପ୍ରଜାପତି ଧରିବା ବୟସରେ
ଛେଳିଗୋଠର ମେଁ ମେଁ ଶବ୍ଦରେ
ହୁତୁରି ଯାଉଛି ତା ଶୈଶବ ।

ସବୁଜ ପ୍ରକୃତି ପୂରାଇ ଦିଏ ସିନା
ଛେଳିମାନଙ୍କ ପେଟ ।
କିନ୍ତୁ ଧୂ ଧୂ ଖରାରେ
ମଉଳାଇ ଦିଏ
ଛେଳି ଚରାଳି ଝିଅର
ମନତଳ ଶୋଷ ।

ଦୁଃଖର ନହ୍ଵାରେ
ଅଙ୍କା ତାର ହସ୍ତରେଖା

ଗଛଡ଼ାଳ ମାଙ୍କଡ଼
ଖତେଇବା ଭିତରେ
ମାସ ଶେଷେ
ମାଲିକ ମଜୁରୀରେ
ଲେଖା ତା ଭାଗ୍ୟ ଭବିଷ୍ୟତ ।

ମୁଣ୍ଡ ଉପରେ ଝୁଲୁଥିବା ଆକାଶ
ତା ଖେଳ ସାଥି
ଉତ୍ତାଳ ନଈ ଝରଣା
କାଚକେନ୍ଦୁ ପାଣି ପ୍ରତିଶ୍ରୁତି
ତା ଶାନ୍ତି ଓ ଶକ୍ତି ।



ଫଟୋ ପ୍ରଶାନ୍ତ ଦାସ





▲ ଚିତ୍ର : ଶିଳ୍ପୀ ପ୍ରତ୍ୟୁତ୍ପନ୍ନ ପାଢ଼ୀ

ଛେଳି ଚରାଳି ଝିଅ
ଛେଳି ଗୋଠରେ ଶୋଇ ଶୋଇ
ଛାଇ ସହ କଥା କହେ ।

ଶିକୁଳିରେ ବନ୍ଧାଥିବା
ଭୋକ ଦୁଃଖକୁ ମୁକୁଳାଇ
ପୋହଳା ଦ୍ୱୀପ ଶାମୁକାରୁ ମୋତି ଖୋଜେ ।

ସେ ଜାଣେ
ଜଣେ ରାଜକୁମାର ଆସିବ
ତା ଆଙ୍ଗୁଳିରେ ପିନ୍ଧାଇଦେବ ମୋତି ମୁଦି ।

ସମସ୍ତ ଦୁଃଖକୁ ଅନ୍ଧାରକୁ ଠେଲି
ଜଳାଇବ ଆଲୋକ ।

ତା ଆଖିଆଗ କ୍ଷେତ
ଫୁଲ ବଗିଚା ହୋଇ ମହକରେ
ବତୁରାଇ ଦେବ ସମସ୍ତ ଭୋକ ଓ ଦୁଃଖ ।

ସ୍ୱପ୍ନକୁ ତାର ଭାଙ୍ଗିଦିଏ
ଦଲକାଏ ଝାଞ୍ଜି ପବନ
ନିମିଷେକେ ବଦଳିଯାଏ
ତାର ଆଖି ଆଗ ପୃଥିବୀ ।

ଥକି ପଡୁଥିବା ପାଦ
ସରୁ ନଥିବା ରାସ୍ତା
ତାକୁ ଚିହ୍ନାଇଦିଏ ଜୀବନ ।

ଭୋକର ଜ୍ୱାଳା
ତୃଷ୍ଣାର ତାଡନା
ଭିତରେ ବି ସେ
ଖୋଜିଚାଲେ ବଞ୍ଚିବାର ସ୍ୱପ୍ନ ।


‘ମଣିଷ ଘର’, ବାଗବୃନ୍ଦାବନ, ବାଲେଶ୍ୱର
ଫୋନ: ୯୯୩୭୯୩୨୫୬୭୦


# କୀଟ

## ବିପିନ ନାୟକ

ତମେ
ମୋ ଠୁଁ ପ୍ରାଚୀନ
ପ୍ରାଗ୍‌ଐତିହାସିକ
ପାଶବ,

ଏଣୁ ମୁଁ
ବାରମ୍ବାର ଫେରେ
ସେ ରହସ୍ୟମୟ ଅନ୍ଧାରକୁ ।

ସେଠାରେ ନିଦ୍ରିତ
କିଛି କପଟ
ଅସ୍ତ୍ର
ଆଦର
ଅନାଦରର ଅଭିଲେଖ,

ମୁଁ ତାକୁ ଉଦ୍ଧାର କରେ
ପଢେ ।

ମୁଁ ଚିତ୍ର ଆଙ୍କେ
ତାରାର
ବୁଦ୍ଧର
ବଟୀଖୁଣ୍ଟର
ଗୋଟେ ବୁଢ଼ିଆଣୀର,
ଯିଏ ରହସ୍ୟମୟ ଜାଲଟେ ବୁଣେ
ଭାଗ୍ୟ ହେଇ ଝୁଲେ
ଉନ୍ମାଦରେ
ନିଜର ନାଭିରେ ।


‘ନିର୍ବିକଳ୍ପ’, ବାଞ୍ଛାନିଧି ନଗର,
ବ୍ରହ୍ମପୁର-୧୦
ଫୋନ : ୯୩୪୮୪୬୯୭୨୭


ଫଟୋ ବିପିନ ନାୟକ



# ଅନ୍ଧାର ଓହ୍ଲେଇ ଯାଏ

## ତ୍ରିନାଥ ସିଂହ

ଏଇ ରାତି ଖୁବ୍ ଭୟଙ୍କର, ଆଉ ନିବିଡ଼ ବି ।

ଚୂନଧଉଳା କାନ୍ଥରୁ ଝିଟିପିଟି ପରି ନିଃଶବ୍ଦରେ, ଅନ୍ଧାର
ଓହ୍ଲେଇ ଯାଏ ରାତିର ଦେହଳିରୁ ଝର୍କାଫାଙ୍କ ଦେଇ;
ଯୋଉ ବାଟ ଦେଇ
ସିରସିର୍ ହେଇ ପଶି ଆସୁଥାଏ ଅଳିନ୍ଦ ଭିତରକୁ
ଟାଙ୍କୁରି ଉଠୁଥିବା ପବନ ଅରାଏ ।

ଅନ୍ଧାର ସହିତ ମିଶି ଗୋଟିଏ ଗୁଣ୍ଡୁଚି
ଓହ୍ଲେଇଯାଏ ଝର୍କା ବାଟ ଦେଇ ବାହାରକୁ
ଓ କିତା କିତା କରି ରାଗିଣୀଟିଏ ଉଡ଼େଇ ଦେଇ ପବନରେ
ମୁହେଁଇଯାଏ ଜଙ୍ଗଲ ଭିତରକୁ ।

ଆକାଶକୁ ଲମ୍ୱିଥିବା ଗୋଟିଏ ଗଛର
ସବାଉଚ୍ଚ ବାହୁଙ୍ଗାରେ ବସି ସେ ଆକାଶକୁ ଛୁଏଁ,
ଛୁଏଁ ନକ୍ଷତ୍ର ଆଉ ତାରାମାନଙ୍କୁ...
ଆହା, ଆକାଶ ଦିଶେ କି ସୁନ୍ଦର,
ତାହାକୁ ରଚିଲେ ଈଶ୍ୱର...


ଯୋଉଠି ଦୁଃଖ ନଥାଏ, ସୁଖ ନଥାଏ
ଭୋକ ନଥାଏ, ଶୋକ ନଥାଏ
ଅଭ୍ରଖଣ୍ଡ ମେଘ ପରି ଧବଳ ଉତ୍ତରୀୟଟିଏ ଉଡୁଥାଏ ଫରଫର
ବାମ ଦିଗ୍‌ବଳୟରୁ ଡାହାଣ ଦିଗନ୍ତ ଯାଏଁ ।

ଆକାଶରୁ ତୋଳି ଆଣି ଗୋଟି ଗୋଟି ତାରକା
ଓ ନକ୍ଷତ୍ରମାନଙ୍କୁ ସେ ଅଣ୍ଟିରେ ଧରେ...
ଓ ଗଛ ତଳେ ମାଟିରେ ଏଠି ସେଠି ପୋତିଦିଏ...
ପୋତିଦିଏ ଆଉ ଭୁଲିଯାଏ... ।

ସେ ଜାଣେ,
ଯୋଉଦିନ ମାଟିବାସ୍ନାରେ ଓଦା ହେଇ ମେଘ
ଗୁଣୁଗୁଣେଇବ ମହ୍ଲାର
କୁଆଁ ମେଲି ଅଙ୍କୁରିତ ହେବ ସେଇଠି ଗୋଟିଏ ଆକାଶ...

ଯୋଉଠି ଭୋକ ନଥିବ ଶୋକ ନଥିବ
ପ୍ରତୀକ୍ଷା ନଥିବ କି ପ୍ରତ୍ୟାଶା ନଥିବ...
ଆକାଶର ମନୋରମ ବେଳାଭୂଇଁ କଡ଼େ ବସି
ଗୁଣ୍ଡୁଚିଟିଏ
ଭାଙ୍ଗୁଥିବ ନିରନ୍ଧ୍ର ଅନ୍ଧାର... ! !

♥ ଭବିଷ୍ୟନିଧି କାର୍ଯ୍ୟାଳୟ, ପାନପୋଷ ମାର୍ଗ
ରାଉରକେଲା - ୭୬୯୦୧୨
ଫୋନ : ୮୮୯୫୦ ୯୯୪୬୪



▶ ତ୍ରିନାଥ ସିଂହ

# ଭାଇ

## ସୁଧୀର ମେହେର

ଜାଣେନା,
କୋଉଥି ପାଇଁ ଆଜିକାଲି ତୁ ଟିକେ
ଅଲଗା ଅଲଗା ଲାଗୁଚୁ ।

ଜାଣେ,
ତୋ'ର ବି ଗୋଟେ କିଚିରି ମିଚିରି ବସା ଅଛି,
ଅଛନ୍ତି ବି ଦି' ଦିଟା ପକ୍ଷୀ ଶାବକ,
ଝଡ, ବତାସକୁ ଭୟ .....
ଅନେକ ଜଞ୍ଜାଳ .....,
ନା ଭାବୁଚୁ
କାଳେ ମୁଁ ଛଡେଇ ନେବି ତୋ' ଭାଗର
ଟୁକୁରାଏ ଆକାଶ ?

ମନେ ପକା.....
ମୋର ବି ଦିନେ ଏମିତି ଗୋଟେ ନୀଡ ଥିଲା
ଥିଲେ ବି ତିନି ତିନିଟା ପକ୍ଷୀ ଶାବକ,
ତଥାପି, ମୁଁ କ'ଣ ତତେ ଭୁଲି ଯାଇଥିଲି ?
ସଭିଙ୍କ ମୁହଁରୁ ଟିକେ ଟିକେ ଆଧାର ଛଡେଇ
ତୋ' ପେଟ ଭରୁଥିଲି
ଝାଳନାଳ ହୋଇ ତତେ ଉଡାଣ୍ ଶିଖଉଥିଲି,
ଏଇ ଆଶାରେ ଦିନେ ତୁ ଖୁବ୍ ଉଡିବୁ,
ମୁଁ ଛୁଇଁ ପାରି ନ ଥିବା ମେଘକୁ ଛୁଇଁବୁ
ଗୋଟେ ମଜବୁତ୍ କାନ୍ଧ ହୋଇ ପାଖରେ ଠିଆ ହେବୁ ।

ଛୁଇଁଲୁ ବି
ମୁଁ ଛୁଇଁ ପାରି ନ ଥିବା ମେଘକୁ ।
ହେଲେ, ଏବେ କୁଆଡେ ନିଧିବୁଢାର
ଗହଳ ଆମ୍ବ ବଗିଚାରେ ଦିନରାତି ଗୀତ ଗାଉଚୁ...
ଦୋଳି ଝୁଲୁଚୁ......
ତା' ନାଆଁକୁ ଘୋଷି ହେଉଚୁ ।

ଦେଖ୍
କାଲି ତୁ ଖୁବ୍ ଡେରିରେ ଆସିଲୁ,
ଟିକେ ପଇଁତରା ମାରି ପରଦେଶୀ ଚଢେଇ ପରି
ଫୁର୍‌ର୍ କିନା ଉଡିଗଲୁ,
ପଦେ ଭଲ, ମନ୍ଦ ବି ହେଲୁନି
ଲାଗିଲା ତୋ'ଭିତରେ ଆଉ ସେ ପରଦେଶୀ-
ପକ୍ଷୀଙ୍କ ଭିତରେ ଜମା ଫରକ୍ ନାହିଁ !

କଥାଟିକୁ ଥରେ ହେଜି ଦେଖ୍...
ଏମିତି ହେଲେ ସଂସାରରେ
ରକତର ସଂପର୍କ ବୋଲି କିଛି ରହିବ ତ..... ? ?

♥ ଟିଟିଗୁଡା, କୁନାଗଡ଼
କଳାହାଣ୍ଡି-୭୬୬୦୧୪
ଫୋନ:୯୫୮୩୫୮୮୮୮୭



▶ ସୁଧୀର ମେହେର

# ଏତେ ସହଜ ନୁହେଁ ବଞ୍ଚିବା

## ସମରେନ୍ଦ୍ରନାଥ ମହାପାତ୍ର

ଏତେ ସହଜ ନୁହେଁ ବଞ୍ଚିବା
ନଚେତ୍ ମୁଁ କ'ଣ ମରୁଥାନ୍ତି ଏମିତି
ବର୍ଷବର୍ଷର ପୋଡ଼ା ନିଆଁ-



ଫଟୋ ସମରେନ୍ଦ୍ରନାଥ ମହାପାତ୍ର

ଲାଞ୍ଛନା, ପ୍ରତାରଣା, ଯନ୍ତ୍ରଣା
ସହି ସହି ପାଲଟି ଯାଇଥାନ୍ତି ପଥର ଖଣ୍ଡେ
ମଶାଣିର ଅନ୍ଧାରରେ ଜଳି ଜଳି
ଆପଣା ହାଡ଼କୁ ଜଳାଇ ରକ୍ତରେ ରକ୍ତରେ;
ବଞ୍ଚିବା ଏତେ ସହଜ ନୁହେଁରେ !

ମରିଥିଲେ ତ ତରି ଯାଇଥାନ୍ତି
ମଥା ଝୁଙ୍କେଇ ନ ଥାନ୍ତି କା ଔଦ୍ଧତ୍ୟ ସାମ୍ନାରେ
ହାତ ପତେଇ ନ ଥାନ୍ତି କା କରୁଣା ପାଖରେ
ହେଇ ନ ଥାନ୍ତି କୀଟଟିଏ ପରି ନର୍ଦ୍ଦମାର
ସଢ଼ୁ ନ ଥାନ୍ତି ନର୍କରେ
ମରିଯିବାଟା ଯଦି ଥାଆନ୍ତା ହାତରେ !

ଅନେକ ଥର ଇଚ୍ଛା କରିଚି ମରିବାକୁ
ଧାଇଁଯାଇଚି ରେଳ ମୁହଁକୁ, ସମୁଦ୍ରକୁ, ନଈକୁ
କେବେ କେବେ ଓଭରବ୍ରିଜ୍ ଉପରୁ ତଳକୁ
ଇଚ୍ଛା ହେଇଚି ଡେଇଁପଡ଼ିବାକୁ ,
ଚିତ୍କାର କରିଚି ଆତ୍ମା ମୋର
କାନ୍ଦିଚି ଛାତି ଫଟେଇ ବାରମ୍ବାର
ପୁଳାପୁଳା ଅନ୍ଧାରରେ ପିଇଯାଇଚି ରାତିକୁ
ତଥାପି ପାରିନି, କ'ଣ ପାଇଁ ଅଟକି ଯାଇଚି

ଶେଷ ପାହାଚରୁ ଫେରି ଆସିଚି ପାଦ
ଛାଡ଼ି ଦେଇଚି ଏଇ ପଚା ଲାସ୍‌ଟାକୁ
ମରିମରି ଜିଇଁବାକୁ

ଜିଇଁବା ଠୁ ନାହିଁ ବଡ଼ ପ୍ରବଞ୍ଚନା
ନାହିଁ ନାହିଁ
ନିଜ ରକ୍ତ ପିଇ ପିଇ
ନିଜ ଅଶ୍ରୁ ସ୍ୱେଦରେ ଗାଧୋଇ
ନିଜ ସହ କରିବାକୁ ହୁଏ ପ୍ରତାରଣା
କେମିତି ବରଦାସ୍ତ କରିବି
ଜୀବନର ଏ କରୁଣ କାର୍ନାମା !

ସେ'ପାଇଁ ତ ଧାଇଁଯାଏ
ବାରମ୍ବାର ମରଣ ମୁହଁକୁ
କିନ୍ତୁ କାହିଁକି ମତେ ମନା କରିଦିଏ ମରଣ
ଠେଲିଦିଏ, ପୁଣି ଥରେ ଫେରିବାକୁ ପଡ଼େ
ଏଇ କର୍ଦ୍ଦମାକ୍ତ କଣ୍ଟାକ୍ଲିଷ୍ଟ ଧରଣୀ ଧୂଳିରେ;
ବଞ୍ଚିବାଟା ଏତେ ସହଜ ନୁହେଁରେ !

ସମର୍ ଗ୍ରାଫିକ୍ସ, ସହଦେବଖୁଣ୍ଟା
ବାଲେଶ୍ୱର - ୧
ଫୋନ: ୭୦୦୮୩୩୦୭୪୫

# ଝିଅ ପିଲାର ନାଆଁ

## ମୋହିତ ଚକ୍ରବର୍ତ୍ତୀ

ଝିଅ ପିଲାର ନାଆଁ ନଥାଏ
ଝିଅ ପିଲାର ଘର ବି ନଥାଏ
ନଥାଏ ଗୋତ୍ର ବି

କ'ଣ ବା ନିଜର ଥାଏ ଝିଅ ପିଲାଟିର !
ଘରକୁ ଘରର ଠିକଣା ବଦଳୁଥାଏ
ବଦଳୁ ଥାଏ ପ୍ରତି ମୁହୂର୍ତ୍ତରେ
ତା ବାଟର ମୋଡ଼

ବଦଳୁ ତା'ର ରଂଗ,
ତା'ର ସ୍ୱପ୍ନ,
ତା'ର ସଂପର୍କ
ତା'ର ନିୟତି
ତା'ର ଭବିତବ୍ୟ
ଏବଂ ତା ସହିତ ତା'ର ନାଁ ବି

ବଦଳେଇ ଦିଅନ୍ତି
ସେଇ କଲମ ସବୁ
ଯେଉଁ କଲମକୁ ଭରସା କରି
ସେ ଠକୁଥାଏ ଚିରକାଳ

ହେଲେ କଲମ ସବୁ
ଆନ୍ତର୍ଜାତିକ ହେବାକୁ ଭାରି ଭଲ ପାଆନ୍ତି
ପ୍ରତିଯୋଗିତାରେ ମାତି ଥାଆନ୍ତି ଅହରହ

ଶୀତତାପ ନିୟନ୍ତ୍ରିତ ଘରେ
କଲମ ସବୁ ସଜ ଆଉ ସତେଜ
ନିର୍ବିଘ୍ନରେ

ହେଲେ ତାଙ୍କରି ଘର ପଛପଟେ ପଡ଼ିଥିବା
ଗୋଟେ ଚିରା ଫ୍ରକ୍‌ର କାହାଣୀ
ସେମାନେ ଲେଖନ୍ତି ନାହିଁ
ଲେଖି ପାରନ୍ତି ନାହିଁ

କାଳେ କଲମରେ
ଗୋବର ଛିଟା ଲାଗିଯିବ !

ହେଲେ ସେମାନଙ୍କର ବା ଦୋଷ କ'ଣ !
କାରଣ କଲମରେ
କାଳି ଭରନ୍ତି ଅନ୍ୟମାନେ

ସେମାନେ କେବଳ
ଅପେକ୍ଷା କରିଥାଆନ୍ତି
ଗୋଟେ ଭୟଙ୍କର ରାତ୍ରିକୁ

ବାସ୍ ଗୋଟାଏ ବିଭତ୍ସ ରାତି
ଏବଂ ସକାଳେ
ଗୋଟାଏ ଧର୍ଷିତାର ଇତିବୃତ୍ତି

ଦିନସାରା ମୁଖର କଲମ
ପ୍ରଖର ଖବର କାଗଜ
ମହମବତୀର ଶୋଭାଯାତ୍ରା
ଆଖି ବନ୍ଦ, ଚକ ବନ୍ଦ

ବାସ୍, ତା ପରେ ସେମାନଙ୍କର
ନାଁ ବଦଳି ଯାଏ

ନିର୍ଭୟା
ଦାମିନୀ
ଜ୍ୱାଳାମୁଖୀ
ସର୍ବଂସହା ପରି
ଅସଂଖ୍ୟ ନାଆଁ ରେ

କାରଣ
ଝିଅ ପିଲାଙ୍କର
ନିଜର
ନାଆଁ ନଥାଏ ।

ପ୍ଲଟ ନଂ ୩ସି/୨୫୯, ସିଡିଏ, ସେକ୍ଟର-୯
କଟକ-୧୪, ଫୋନ୍: ୯୪୩୭୧୨୪୮୭୬



ଫଟୋ ମୋହିତ ଚକ୍ରବର୍ତ୍ତୀ



▲ ଚିତ୍ର : ଶିଳ୍ପୀ ସୌମ୍ୟରଂଜନ ପଟ୍ଟନାୟକ

# ଶୋଇଛି ସେ ଶୋଇଥାଉ

## ଅକ୍ଷୟ ବେହେରା

ଆଜି ସେ ବୁଲୁକେଇ ଆସିଛି ଶ୍ରୀମନ୍ଦିରରୁ ବେଳାଭୂଇଁ,
ସବୁଠି ସେ ଆଜି ବାଣ୍ଟି ଦେଇ ଆସିଛି
ହସ ଖୁସି ଆନନ୍ଦ ଉଲ୍ଲାସ..

ସମୁଦ୍ର ମନସ୍କ ନାରୀଟିଏ
କେତେ ପ୍ରସ୍ତୁତି ନେଇ ସେ ଯାଇଛି
ଲହଡ଼ି ଭାଙ୍ଗିବ,ଲହଡ଼ିକୁ ଆଲିଙ୍ଗନ କରିବ
ପରମ ପ୍ରେମିକ ପରି, ସେ କି ଉନ୍ମାଦନା ମନରେ
ପ୍ରଭୁଙ୍କୁ ଭେଟିବ..

ସେ ଏମିତି ଏକ ଆନନ୍ଦର ଆକର୍ଷଣ
ଯାହାକୁ ସେ କହୁଥିଲା ଜଗାର ଡୋରି
ପ୍ରଥମେ ପ୍ରଭୁଙ୍କୁ ଭେଟିଛି,କଣ କହିଛି କି ନାହିଁ ଏ ଯାଏ କହିଲାନି..

ସେ ଆନନ୍ଦ ଏପରି
ସବୁ କିଛି ଭୁଲେଇ ଦେଲା ପରି
କେହି ମନେ ପଡ଼ନ୍ତିନି ପ୍ରିୟ ଜନ
ଏପରିକି ହରେଇ ଆସିଥିବା ଅତୀତ
କିଛି ମନେ ରହେନି..

ଅଥଚ କେହିଜଣେ ନିରନ୍ତର ଚାଲିଛି
କଲ୍ୟାଣୀ ନ ପାଇଁ ରାତି ଗଭୀର ପର୍ଯ୍ୟନ୍ତ..
କଲ୍ୟାଣୀ ତ ଏବେ ନିଦ୍ରାଗତ
ଆଖିରେ ଉଦ୍ଭାସିତ ସମୁଦ୍ର ଢେଉର ଆକର୍ଷଣ
ପରମ ପ୍ରେମିକ ସଦୃଶ..

:କଲ୍ୟାଣୀର ନୂଆ ମନ ନୂଆ ଅକୁହା ସ୍ୱପ୍ନ ପାଇଁ
ସତେ ବେଳାଭୂମି ଓ ସାଗର ଢେଉ ଏକାନ୍ତ ଲୋଡ଼ା,
ସେଇ ମନରେ ପ୍ରେମର ତରଙ୍ଗ ତୋଳିବା ପାଇଁ..

କଲ୍ୟାଣୀ ଆଜି ସର୍ବାଙ୍ଗରେ ସମୁଦ୍ରର ଦୁର୍ଦାନ୍ତ ସ୍ପର୍ଶକୁ ବି ହସିହସି ନେଇଛି
ଫୁଲର କୋମଳ ଛୁଆଁ ପରି ।

ଆଜି କାଲି ଯେଉଁ ଖୁସି କଲ୍ୟାଣୀ ଦେହ ମନରେ ଖୁନ୍ଦି ହୋଇଛି
ସେ ସବୁ ତ ଭାଗ୍ୟ ହାତ ଦାନ
ନୁହେଁ କଷଣ କି ନୁହେଁ ହୀନିମାନ..

ଏବେ କଲ୍ୟାଣୀ ଜାଣିଲାଣି
ନିଜ ହାତେ ଖୁସି ଡୋର, ଯେମିତି ଚାହିଁବ
ସେମିତି ସଜେଇ ପାରିବ ଚୁନା ଚୁନା ଖୁସି ଫୁଲରେ
ତା ଜୀବନ ବେଭାର..

ସେ ତ ଏବେ ମୁକ୍ତ ପକ୍ଷୀ
ହାତରେ ମନ ଚାହିଁ ସ୍ୱାଧୀନ ସମୟ
ତଥାପି ଭୁଲ୍ ପଥ ଦେଇ ଯିବା ନୁହେଁ ସହଜ କି
ସେ ପଥରେ ଯିବା ପାଇଁ କଲ୍ୟାଣୀର ନାହିଁ ମନ..

ସେ ଜାଣିଛି କାହା ଆଖି କେତେ ନୀଳ
ପାପ ପଙ୍କିଳ, କାହା ଇଛା କାହା ମନ କେତେ ଦୂଷିତ
ସେ ବି ଜାଣିଛି କେହି ଲୋଡ଼େ ନାହିଁ ମନ
ସେସବୁ ଚାହିଁବାରେ ସେ ବାରିପାରେ
କାହାକାହା କାମନାରେ ଥାଏ ବାହ୍ୟ ଆବରଣ

କଲ୍ୟାଣୀ ଶୋଇଛି
ଭରି ରହିଛି ଦେହରେ କ୍ଳାନ୍ତି
ମନରେ କିନ୍ତୁ ବିରାଜିତ ଶାନ୍ତି
ଫଳତଃ ଦୁଃସ୍ୱପ୍ନ କି ସ୍ୱପ୍ନ କେହି ବି ତା'ର ପାଖ ମାଡ଼ିପାରେ ନାହିଁ..

କଲ୍ୟାଣୀ ଶୋଇଛି ନିଶ୍ଚିନ୍ତରେ ଏଠି
ବେଳା ଭୂଇଁ ସାଗର ଢେଉ ଖୋଜି ହେଉଛନ୍ତି
ହସକୁରି ଝିଅଟି ଏବେ କେଉଁଠି..

♥ ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬
ଫୋନ:୯୪୩୭୨୭୯୯୪୧



▲ ଚିତ୍ର : ଅକ୍ଷୟ ବେହେରା

# ଦୁର୍ଘଟଣା ପରେ

**ପ୍ରତୀକ୍ଷା ଜେନା**

ମୁହଁରେ ଦାଢ଼ି ଓ ଧଳା ପଞ୍ଜାବି ପିନ୍ଧା ଶବଟି ମୁସଲମାନ୍‌ର ଥିଲା,
ଯେଉଁ ସ୍ତ୍ରୀଲୋକଟି ବୋଝେ ପାଣିକାଚ ପିନ୍ଧି
ଅହ୍ୟ ସୁଲକ୍ଷଣୀ ମଲା ସ୍ୱାମୀ କୋଳରେ
ସେ ହିନ୍ଦୁ ଥିଲା ।

ଭାଙ୍ଗି ପଡିଥିବା ବର୍ଥ, ଫ୍ୟାନ୍‌ର ବ୍ଲେଡ୍‌, ଲୁହା ରଡ଼ ଓ ତଳେ ଶୁଖି ଫାଟି ଆଁ
କରିଥିବା ମାଟିରେ ଯେଉଁ ଥୋଲା ଥୋଲା ସଦ୍ୟ ରକ୍ତ ଲାଗିଥିଲା
ସେସବୁରୁ ବାରି ହେଉନଥିଲା ଜାତି ଅବା ଧର୍ମ,

ବ୍ୟାଗ୍‌ରେ ଅଧାଖିଆ ବିସ୍କୁଟ୍ ପ୍ୟାକେଟ୍, ପାଣି ବୋତଲ, ଏଠିସେଠି ପଡ଼ିଥିବା
ଚପଲ୍‌, ଚିରା ସାର୍ଟ, ଲୁଡୁ ପାଲି, ଓ ଅନ୍ଧାରରେ ଖଣ୍ଡ ଖଣ୍ଡ ହାତଗୋଡ ପରସ୍ପର
ଦେହରେ ଲଗାଲଗି ହେଇ ଶୋଇଥିଲେ ରେଳଧାରଣାରେ ।

ସେ ସବୁରେ କେତେ ଭାଗ ହିନ୍ଦୁ, କେତେ ଭାଗ ମୁସଲମାନ୍‌ର ଥିଲା !

ଗୋଟେ ମୃତଦେହର ମେଲାଥିବା
ଆଖିକୁ ପଢ଼ି ନପାରି ଜଣେ ଫଟୋଗ୍ରାଫର୍ ଭୋ ଭୋ କାନ୍ଦୁଥିବାର ଦୃଶ୍ୟ ଆମେ
ହେଜି ପାରିଲେ ତଥାପି !
ଦେହରେ ଦେହକୁ ଲଦି ବୋହି ନେଇଥିବା ଗାଡ଼ିଟିର କାରୁଣ୍ୟ
ବୁଝି ପାରିଲେ ତଥାପି !!

ଆଜି ଆକାଶ ବି ସାମିଲ୍ ଷଡ଼ଯନ୍ତ୍ରରେ
ଓ ହଜିଯାଇଛି ଜହ୍ନ....
ଦୁର୍ଘଟଣାରେ କେଉଁଠି ପୁଅକୁ ନପାଇ
ବୃଦ୍ଧ ବାପାଟିର ନିର୍ବାକ୍ ଆଖି ଯୋଡିକି, ଆମେ ବୁଝି ପାରିଲେ ତଥାପି !!

କବିଟିଏ ମରି ଯାଇଛି ଅବା ନିଖୋଜ୍ ଅଛି ଦୁର୍ଘଟଣା ପରେ,
କେଇଧାଡି ପ୍ରେମ କବିତା ହଳଦିଆ ଫୁଲ ଭଳି ଖରାରେ ଜଳୁଛି,
ଦୁର୍ଘଟଣା ପରେ,

କିଛି ମଣିଷ ଦେବତା ଭଳି ଧାଇଁଆସିଲେ ଅନ୍ଧାରରେ,
ରକ୍ତ ଜୁଡୁବୁଡୁ ଆହତ ସବୁଙ୍କୁ ବୋହିନେଲେ ପିଠିରେ,
ସେମାନେ କେଉଁ ଧର୍ମର, ବିଚାର ହେବ ଏଇ ଦୁର୍ଘଟଣା ପରେ ।

ଏଇ ଦୁର୍ଘଟଣା ପରେ ହୁଏତ
ଆମେ ଫୁଲମାନଙ୍କ ନାଁ ସହ ଲିଭେଇଦେବା ମଣିଷସବୁଙ୍କ ନାଁ ଓ



▲ ଚିତ୍ର : ସୌଜନ୍ୟ ଗୁଗୁଲ୍

ଚିହ୍ନିତ ହେବା ଦେବଶିଶୁ ଭଳି ଆଗକୁ..

ଆମୀନ୍..... !!

ଏଇ ଦୁର୍ଘଟଣା ପରେ
ଯେଉଁ ଦିନ ପ୍ରଥମ ଅସରା ମେଘ ଛୁଇଁବ ମାଟିକୁ,
ସେଦିନ ମରି ଯାଇଥିବା କବିଟି ଫୁଲଗଛ ହେଇ ଫେରିଆସିବ ପୃଥିବୀକୁ ।

ଯେଉଁ ଶବଟି ମୁହଁରେ ଦାଢ଼ି କି ବେକରେ ହାତରେ ଠାକୁରଙ୍କ ଲକେଟ୍ ନଥିଲା
ଏବଂ ବ୍ୟାଗ୍ ସହ ହଜି ଯାଇଥିଲା ଆଧାର୍ କାର୍ଡ୍‌,
ମୁହଁଟି ପିଣ୍ଡୁଳାଏ ମାଂସ ଭଳି
ଦିଶୁଥିଲା ଟ୍ରେନ୍ ଡବା ତଳେ......

ସେ କେଉଁ ଧର୍ମର ଥିଲା !

♥ ନାଲକୋ ନଗର, ଅନୁଗୁଳ-୭୫୯୧୫୪, ଫୋନ: ୯୮୨୭୪୯୪୪୦୭



▶ ଚିତ୍ର : ଶିଳ୍ପୀ ରାଜଶ୍ରୀ ମହାପାତ୍ର



▶ ପ୍ରତୀକ୍ଷା ଜେନା

ଚିତ୍ର : ଶିଳ୍ପୀ ରାଜଶ୍ରୀ ମହାପାତ୍ର

# ଏଠି କେଉଁଠି ଶବ୍ଦ ନାହିଁ

## ବିଜୟଲକ୍ଷ୍ମୀ ପରିଡ଼ା



ତୁଳୀ : ପ୍ରତ୍ୟୁଷ ପାଣ୍ଡା

କେଉଁଠି ଅଛ ପାଞ୍ଚଶହ ବର୍ଷର ଦାବୀଦାର
ହେ ରାମଚନ୍ଦ୍ର,
ତୁମେ କଣ ଧୂପ, ଦୀପରେ ଫେରୁଛ
ନା ବେଦ ଉଚ୍ଚାରଣରେ
ସସ୍ତ୍ରୀକ ନା ସୈନ୍ୟସାମନ୍ତ ନେଇ !

କେଉଁଠି ଅଛ ପ୍ରିୟ ଶତ୍ରୁମାନେ
ମୋତେ ମୋ ଭଳି ମାରିଦେଇ ଠୋ ଠୋ ହସୁଛ ଦୂରରୁ ।
ସେ ପ୍ରେମିକ କାହିଁ
ଯିଏ ଅପ୍ରେମରେ ମାଟି କରିଦିଏ ପ୍ରେମିକାକୁ !

ବାପା,
ତୁମେ କେଉଁଠି
ଏତେ କୁହୁଡ଼ିରେ କେଉଁ ତାରା ତୁମେ ଏବେ !
ଗଣତନ୍ତ୍ର କେଉଁଠି
ଯେଉଁଠି ଗଣତନ୍ତ୍ର ଗୋଟେ ଆଦବ କାଇଦା
କିଛି ମୃତ ହରିଣର ମୁହଁ ପରି ।

ହେ ପ୍ରଜାମାନେ,
ଦେଖିଛ କି ସେ ଇସ୍ରାଏଲି ଝିଅର ରକ୍ତଲଗା ଜିନ୍ସ୍ ?
ଖବର ରଖିଛ ଶୈକତ୍ ମିର୍‌ର
ଯେ କାଲି ମରିଗଲା ଗାଜାରେ ।

ପ୍ରେମ ବ୍ୟାହିରେ
ପଡ଼ୋଶୀ ରାଷ୍ଟ୍ରରୁ ଆସିଥିବା ସ୍ତ୍ରୀଲୋକ
କ'ଣ ଖାଉଛି ପ୍ରେମ ଛଡ଼ା !

ଦେଶକୁ ଅଳ୍ପ ଅଳ୍ପ ଝୁଣି ଖାଉଥିବା ଶରଣାର୍ଥୀ ଭାଇ, ଭଉଣୀ ମୋର
କାହିଁକି କାନ୍ଦୁରା ମୁହଁ କରି ଗରିବ ତାନ୍‌ରେ ଗାଉଛ ଗୀତ
ଆଉ ଠକେଇ ଦେଉଛ ଆମକୁ ।

ସେ ବୋଉମାନେ କେଉଁଠି
ରାତିରେ କଣ ସବୁ ଗପନ୍ତି କୁଳଦେବତା ଉପଲକ୍ଷେ
ଅଧାନିଦରୁ ଉଠି ।
ପିଲାମାନେ !
କେତେଦିନ ଏବେ ଆଉ ଶୂନ୍ୟର ଚିତ୍ର ଆଙ୍କି
ପ୍ରତିଯୋଗିତା କରିବ !

ହେ ମୋର ବନ୍ଧୁ ସବୁ
କହିବ କହିବ ହେଇ ସେ କଥା କହୁନ ଯେ,
ମୁଁ ଏବେ
ଦୀପ ଜଳେଇ
ଯୋଗ ମୁଦ୍ରାରେ,
ରାଷ୍ଟ୍ରର ବଳୟ ଭିତରୁ ଦେହର ମାପ ଖୋଜୁଛି
ଖୋଜୁଛି ଛୋଟ ହେଇଯାଇଥିବା ବ୍ଲାଉଜର ମାପ ସବୁକୁ ।

ଅପେକ୍ଷାରେ ବସୁଛି
ଭୁଲିପାରୁନି ଅନେକ ପ୍ରଶ୍ନର ଉତ୍ତର କ'ଣ ହେଇପାରେ
ଅନିୟନ୍ତ୍ରିତ, ଅବହେଳିତ ପଶୁ ପରି
କିଛିଟା ମଶା, ମାଛି ପରି
ବଞ୍ଚୁଛି
ଖାଲି ବଞ୍ଚୁଛି
କେହି ଜଣେ ତ ଫେରି ଆସି କୁହ
ମୁଁ ସ୍ତ୍ରୀଲୋକ କାହିଁକି ହୋଇଛି !

ଏ-୭୦୨, ସଜ୍ଜନ ବିହାର, ସେକ୍ଟର-୪୩, ଗୁରୁଗ୍ରାମ-୧୨୨୦୦୧,
ଫୋନ: ୭୩୮୯୯୨୯୨୧୬



ଫଟୋ ବିଜୟଲକ୍ଷ୍ମୀ ପରିଡ଼ା

▼ ଚିତ୍ର : ଶିଳ୍ପୀ ରାଜଶ୍ରୀ ମହାପାତ୍ର



## ଯୁଦ୍ଧାଙ୍ଗନ

### ମୋନାଲିସା ମିଶ୍ର

ଯେବେ ମୁଁ ଛୋଟ ଥିଲି
ଅନେକ ସମୟରେ
ଭଙ୍ଗାକାଚ ଗୋଟେଇ ଗୋଟେଇ
ସଫା କରିବାକୁ ପଡୁଥିଲା ମତେ
ମୋ ଘର ଚଟାଣ ।

ଭଙ୍ଗା ଦର୍ପଣ, ଭଙ୍ଗାଚୁଡ଼ି
ଚା'ଗିଲାସର ଟୁକୁଡ଼ା ଟୁକୁଡ଼ା
ଟିକିଟିକି ଲଣ୍ଠନ କାଚ
କେବେ ମା'ର ଚିରା ଫଟୋ
ଛିଣ୍ଡାବାଳ, ଆଉ କେବେ
ଫଟା ମାନଚିତ୍ର ପରି ଦିଶୁଥିବା
ଚିରା ପଣତ ବି ।

ଯୋଉ କାନ୍ଥରେ
ପେନ୍‌ସିଲ୍ ଗାରରେ
କପୋତକପୋତୀ
ଫୁଲ, ଘର, ଗୁଡ଼ି
ସୁଖୀ ପରିବାରର ଚିତ୍ର ଆଙ୍କୁଥିଲି
ଜାଣିହେଲାନି କେତେବେଳେ
ସେଇ କାନ୍ଥରେ ଚରି ଚରି ଗଲା
ଭୟାନକ ଉଈ !

ବିଶ୍ୱାସ କରି ପାରୁନଥିଲି
ଘର ଅଗଣାରେ ବି
ଘାଇଟିଏ ସୃଷ୍ଟି ହେଇ ପାରେ !
ଭାବି ପାରୁନଥିଲି
ମା'ର ବାସି ତୋରାଣିରେ
ଲୁଣ ନୁହେଁ
ଧାର ଧାର ଲୁହ ମିଶିଥାଏ !

କିନ୍ତୁ ଭାଗ୍ୟ ଭଲ
ମୋ କଣ୍ଢେଇଟି କାଚର ନଥିଲା ବୋଲି
ତା ଛିଣ୍ଡାଛିଣ୍ଡି ହାତଗୋଡ଼,
ଚିରା କପଡ଼ାକୁ ଯୋଡ଼ିଯାଡ଼ି
କେମିତି କେମିତି କରି
ମୁଁ ବଡ଼ ହେଇଗଲି ।

॥ ୨ ॥
ଏବେ ଦେଖୁଛି
ଟୁକୁଡ଼ା ଟୁକୁଡ଼ା କାଚଗୁଣ୍ଡ
ରାସ୍ତାରେ,ଗୃହରେ
ନଦୀରେ,ନାଳରେ
ଧର୍ମରେ ସଂଘରେ
ମା' ପରି କୋଳ ମେଲିଥିବା
ମାନଚିତ୍ର ଆଉ
ନିର୍ବେଦ ଯୁଦ୍ଧାକାଶରେ..

କର, ତମେ ଯିଏ ଯୁଦ୍ଧ କରୁଛ କର
ଆମକୁ ପୋଛିବାକୁ ଅଛି
କପୋତ ଆଖିରୁ ଲୁହ
ମାଟି ଲିପିଲା ପରି
ମହଣ ମହଣ ଗରମ ନିଶ୍ୱାସରେ ଲିପି ଲିପି
ପୋଛିବାକୁ ଅଛି
ନଗର ନଗରରେ
ଦେଶ ଦେଶର ପ୍ରାଚୀର କଡ଼େକଡ଼େ
ଧର୍ଷିତା ଝିଅର
ଝର ଝର ରକତ ଧାର !

ଛାଡ଼ ବାଟ ଛାଡ଼
ମତେ ସଫା କରିବାକୁ ଅଛି
ପଥର ପରେ ପଥର
ଉଜୁଡ଼ା ଘର, ଭଙ୍ଗା ନଦୀବନ୍ଧ
ସ୍କୁଲ୍, ହାସ୍‌ପାତାଳ
ପାହାଡ଼ ପରି
ଗଦା ଗଦା ପାଉଁଶ ପରେ ପାଉଁଶ
ତେବେ ଯିନା ଶୋଭାଯାତ୍ରାରେ ବାହାରିବ
ମୋ ମାଆ'ର ଶବ.. !

♥ ଏ/୭,ଏନ୍.ଆଇ.ଟି. କ୍ୟାମ୍ପସ୍,ରାଉରକେଲା,
ଫୋନ: ୯୯୩୭୭୩୮୪୭୫୯



◀ ଡଃ ମୋନାଲିସା ମିଶ୍ର

## ସ୍ୱପ୍ନ ଦେଖ

### ଆଶିଷ କୁମାର ମିଶ୍ର

ପ୍ରତିଥର ନୂଆନୂଆ ସ୍ୱପ୍ନମାନେ
ଆସିବା କଥା

ଅଥଚ କରିବାକୁ ତ
ଗୋଟିଏ ପୁରୁଣା ସ୍ୱପ୍ନ ଥାଏ ପାଖରେ !

ଦେଖି ସାରିଲା ପରେ
ଅପସରି ଯିବା କଥା
ସ୍ୱପ୍ନମାନେ ଆପଣାଛାଏଁ ,
ନୂଆ ସ୍ୱପ୍ନ ଆସୁଥିବା ବାଟରୁ !

ମାନ୍ଦାମାନ୍ଦା ଲାଗିବା କଥା ନୁହେଁ
ଦି'ପହରିଆ ସ୍ୱପ୍ନରେ ସଂଧ୍ୟାଟା !

ଚିତ୍-ପଟାଙ୍ଗ୍ ହେଇ
ପଡି ରହିବା କଥା ନୁହେଁ କେହି
ପାହାନ୍ତିଆ ସ୍ୱପ୍ନ ଦେଖିବା ପରେ ବି !

ମଝି ରାତିରେ କେବଳ
ରସିକମାନେ ସ୍ୱପ୍ନ ଦେଖନ୍ତି !

ଅଧାରୁ ଭାଙ୍ଗି
ଆହତ ହେବା କଥା ନୁହେଁ ସ୍ୱପ୍ନମାନେ,
ସ୍ୱପ୍ନ ଦେଖ !

ମୁଁ ଖାଲି ସ୍ୱପ୍ନ ଦେଖୁଛି,
ଯେଉଁ ସ୍ୱପ୍ନମାନଙ୍କୁ ପୂରା କରିବାର
ଆଦଉ ଇଚ୍ଛା ନାହିଁ !

♥ ତେଲଣ୍ଡା, ପୋ: ପଂଚମହଲା,
ସୁବର୍ଣ୍ଣପୁର-୭୬୭୦୬୨,
ଫୋନ: ୮୦୧୮୯୯୯୬୨୫



▶ ଡଃ ଆଶିଷ [illegible] ମିଶ୍ର

# ଖରା

## ସୁରେନ୍ଦ୍ର ପାଣିଗ୍ରାହୀ

ଖରା ଖରଉଚି ଖାଁ ଖାଁ ଖାଲି
ବିଲଗହୀରର ମାଳେ
ଦେହ ବିଦେହରେ ଦିହୁଡ଼ି ଜଳୁଚି
କାଳିସୀ କୁହାଟ ଖେଳେ ।
ଚରି ଚରିଯାଏ ଗରମଗୁରୁମା
ଗହଗହ ଗାଁ ଦାଣ୍ଡେ
ନୁଖୁରା ପଡ଼ିଚି ନଈପଠାମାଳ
ନିଦାରୁଣ ନଈବନ୍ଧେ ।

ଚଇତି ରାତିର ଚହଲା ପବନ
ସତେକି ସପନ ହେଲା
ମଧୁମାଳତୀର ବାସନା ବିଭୋର
ବେଳା ବିଷମ ସାଜିଲା ।
ହଜି ଯାଇଛି ତ ହସକୁରୀ
ଗୋରୀ ସୁନାରୀ ଫୁଲର ଆଭା
କେଉଁଠି ଲୁଚିଚି କୁଆଁରୀ
କନିଆଁ କୃଷ୍ଣଚୂଡ଼ାର ଗଭା ।

ଜୀବନ ଯମୁନା ଜହ୍ନରାତି ଦିନେ
ଛାଡ଼ିଥିଲି ଛକ ଠାରେ
ବଉଳ ଗଛରୁ କୁହାଳିଆ କାଉ
ଡାକୁଥିଲା ଦି'ପହରେ ।
ଖରା ମା ଖରେଇ ଚନ୍ଦନ କାଠ
ବି ଘୁରେଗଲାଣି କେତେ
ସେରକ ପୂରିଲା ମାଣକ ପୂରିଲା
କପୋତୀ କାନ୍ଦି କୁହାଟେ ।

ପାଣି ପିଉଁପିଉଁ ଚଇତି ଘୋଡ଼ା ବି
ମଲାଣି ମଶାଣି ଘାଟେ
ବିଟପୀ ବୈଶାଖ ବିଳପୁଚି ବସି
ନିପାଣିଆ ନଈ ତୁଠେ ।

♥ ବରି, ବାଲେଶ୍ୱର,
ଫୋନ: ୯୪୩୭୨୮୨୯୮୪



▲ Art by : Dishita Patra



▲ ସୁରେନ୍ଦ୍ର ପାଣିଗ୍ରାହୀ

# ଡର

## ଅମରେନ୍ଦ୍ର ମାଧବ ଦାଶ

ମୋ ଦେଶରେ ଏବେ ଏବେ
ଅନେକଙ୍କୁ ଘାରିଛି ଡର
ଯେଉଁମାନଙ୍କ ପୂର୍ବପୁରୁଷ
ଦୁର୍ଦ୍ଦିନକୁ ଏଡ଼େଇ
ଏ ପାଣି, ଏ ପବନରେ ବଢ଼ି ଆସିଲେ
ଲେଖିଲେ ନୂଆ ଇତିହାସ
ପରପିଢ଼ିକୁ ଦେଖାଇଲେ ରାସ୍ତା
ସେମାନଙ୍କ ବଂଶଜକୁ କୁଆଡ଼େ
ଖାଇ ଗୋଡ଼ଉଛି ଭୟ ଓ ଆତଙ୍କ...

ସେମାନେ କହିପାରୁଛନ୍ତି ମନକଥା
ଲେଖି ପାରୁଛନ୍ତି ଛାତିତଳ ବ୍ୟଥା
ନିଜ ଅଧିକାର ପାଇଁ କରିପାରୁଛନ୍ତି ଦାବି
ସବୁଥିରେ କରିପାରୁଛନ୍ତି ହସ୍ତକ୍ଷେପ
କୌଣସି ଘଟଣା ପରେ
କରିପାରୁଛନ୍ତି ବିରୋଧ, ପ୍ରତିବାଦ, ସମର୍ଥନ
ତଥାପି କାହିଁକି କେଜାଣି
ସେମାନଙ୍କୁ ଏବେ ଡର ଲାଗୁଛି ଡର...

ସେମାନେ ବୁଲି ପାରୁଛନ୍ତି ସ୍ୱଚ୍ଛନ୍ଦରେ
ଆଲୋଚନା କରିପାରୁଛନ୍ତି ନିର୍ଦ୍ୱନ୍ଦ୍ୱରେ
ପ୍ରଥା, ପରମ୍ପରାକୁ ନେଇ
ଆଗେଇ ପାରୁଛନ୍ତି ସ୍ୱଇଚ୍ଛାରେ
ଜାତି, ଧର୍ମ, ଗୋତ୍ର, ସମ୍ପ୍ରଦାୟକୁ ନେଇ
ପ୍ରବଚନ ଦେଉଛନ୍ତି ବି ସବୁଠାରେ
ତଥାପି କାହିଁକି କେଜାଣି
ସେମାନଙ୍କୁ ଏବେ ଡର ଲାଗୁଛି ଡର...

ସେମାନେ ଭାଙ୍ଗି ଦେବାକୁ ଚାହୁଁଛନ୍ତି ଭାରତ
ଟୁକୁଡ଼ା ଟୁକୁଡ଼ା କରିବାକୁ ଦେଉଛନ୍ତି ସ୍ଲୋଗାନ
ଛକରେ ଛକରେ ସ୍ୱାଧୀନ ହେବାକୁ କରୁଛନ୍ତି ଆହ୍ୱାନ
ପାଠ ଛାଡ଼ି ଦେଶ ଭିତରେ ଗଢ଼ୁଛନ୍ତି ନୂଆ ସମ୍ବିଧାନ
ଲାଠି, ଗୁଳିଗୋଳା ଖାତିର ନକରିବାକୁ କରୁଛନ୍ତି ବି ପଣ
ତଥାପି କାହିଁକି କେଜାଣି
ସେମାନଙ୍କୁ ଏବେ ଡର ଲାଗୁଛି ଡର...

ମୋ ଦେଶ ଏବେ ବଦଳୁଛି
ଅଧିକାର ଦାବି କରୁଥିବା ମଣିଷ
କର୍ତ୍ତବ୍ୟ କଥା ପାଶୋରି ଯାଉଛି
ଅସହିଷ୍ଣୁତା ପ୍ରସଙ୍ଗରେ
ଚିତ୍କାର କରୁଥିବା ବ୍ୟକ୍ତିଟି
ଭାଇଚାରାର ପ୍ରକୃତ ଅର୍ଥ ଭୁଲିଯାଇଛି
ଦେଶରେ ରହି ଦେଶ ବିରୋଧରେ
ବୟାନବାଜୀ ହରଦମ ଚାଲିଛି
ତଥାପି କାହିଁକି କେଜାଣି
ସେମାନଙ୍କୁ ଏବେ ଡର ଲାଗୁଛି ଡର...

ଏବେକୁ ଏବେ
ସେମାନଙ୍କ ହୃଦ୍‌କମ୍ପ ବଢ଼ିଯାଉଛି ଶୁଣିଲେ
'ଭାରତ ମାତା କୀ ଜୟ'
ନିଦ ହଜିଯାଉଛି କାନରେ ପଡ଼ିଲେ
'ବନ୍ଦେ ମାତରଂ'
'ଜୟ ଯବାନ' ନାରା ଦେଲେ ଫାଟିଯାଉଛି ମୂର୍ଦ୍ଧଣା
ଟଳି ପଡ଼ିଲେ ଆତଙ୍କୀ ନିଦ ହେଉଛି ହାରାମ
ତଥାପି କାହିଁକି କେଜାଣି
ସେମାନଙ୍କୁ ଏବେ ଡର ଲାଗୁଛି ଡର ।

ସତରେ ଏ କେଉଁ ଡର ?
ଯେଉଁ ଡରକୁ ନେଇ ସେମାନେ
ଏତେ ବ୍ୟସ୍ତ, ଏତେ ବିବ୍ରତ
ନିଜକୁ ପ୍ରଶ୍ନ କରୁଛି.. ହଁ ନିଜକୁ ପ୍ରଶ୍ନ କରୁଛି...
ବାରମ୍ବାର ବାରମ୍ବାର ।

♥ ଜୟର ଶାସନ, ମନ୍ଦାରିଆପାଟଣା (ପଂଚବଟୀ
ହାଇସ୍କୁଲ ନିକଟ), ଜଗନ୍ନାଥପୁର,
ଭୁବନେଶ୍ୱର, ଖୋର୍ଦ୍ଧା-୭୫୨୧୦୧
ଫୋନ:୯୪୩୭୩୫୯୯୪୫



▲ ଅମରେନ୍ଦ୍ର ମାଧବ ଦାଶ

# ଖଜୁରାହୋ

## ତପନ କୁମାର ପଣ୍ଡା

କିଛି ପ୍ରତ୍ନତତ୍ତ୍ୱବିତ୍ ସନ୍ଧାନ କରି ସାରିଥିଲେ
ଆମ ଦେହ,
ଗୁଜବ ଖେଳି ସାରିଥିଲା ସହରରେ ;

ପଛକୁ ଢଳି ପଡ଼ିଥିବା ତୁମ ବେକରେ
ମୋ ଓଠ ସ୍ଥିର ତଥାପି...
ସମସ୍ତେ ଆମକୁ ମୂର୍ତ୍ତି ବୋଲି ଚିହ୍ନିତ କରିଥିଲେ;
ସମସ୍ତେ ପଥର ବୋଲି ହିଁ କହିଥିଲେ ।

ତୁମ ମୁଦ୍ରିତ ଆଖିପତାରେ
ଚାନ୍ଦୁଆ ଭଳି ଜହ୍ନରାତି ଲୁଚି ରହିଥିବା,
ହଜାର ବର୍ଷରୁ ଗୋପନ ଥିଲା ଶିଳ୍ପୀକୁ,
ଶିଳ୍ପୀକୁ ଜଣା ନଥିଲା
ମତେ ପଥର ପୁରୁଷ ଭଳି ଗଢିଲା ବେଳେ
ଧାରେ ବିଜୁଳି ଆଙ୍କିବାର ଥିଲା ମୋ ଛାତିରେ ;
ଶିଳ୍ପୀକୁ ଯେ ବି ଜଣାନଥିଲା
ପଥରର କ୍ରମବିକାଶରେ
ନଦୀଟିଏ ସୃଷ୍ଟି ହୁଏ ପୃଥିବୀରେ ।

ସହର ଏବେ ସ୍ତବ୍ଧ,
ନିର୍ଜନ ନଦୀପଠାରେ ଓ ମନ୍ଦିର ପ୍ରାଙ୍ଗଣରେ
ନୂପୁରର ଧ୍ୱନି ସହ କେହି ନାରୀ କଣ୍ଠରେ
କବିତା ଗାଏ ;
ସହର ଆଚମ୍ବିତ....
ଉଦ୍ଧାର ହେଇଥିବା ପଥର ପୁରୁଷଟି ନିରୁଦ୍ଦିଷ୍ଟ ;

ତୁମ ଛାତିରେ ଭଉଁରୀ ଖେଳେଇବା,
ତୁମକୁ ଭିଡି ଧରି ସହସ୍ର ବର୍ଷରୁ
ନିଃସ୍ୱଳକ ପ୍ରେମିକ ଭଳି ଚାହିଁ ରହିବାର
ଦୋଷରେ ଅଭିଯୁକ୍ତ ଏବେ ସ୍ରଷ୍ଟା ;
ପବନକୁ, ପ୍ରଳୟକୁ ଭ୍ରୂକ୍ଷେପ କରୁନଥିବା
ଆମ ଅଶରୀର ଆତ୍ମା ଏବେ ଅଭିଯୁକ୍ତ !

ଶିଳ୍ପୀ ଚାହିଁଥିଲେ
ରକ୍ତ ପ୍ରବାହ ପାଇଁ
ଶିରା କାଟି ପାରିଥା'ନ୍ତା ଆମ ଦେହରେ ଅଥଚ !
ଶିଳ୍ପୀ ଚାହିଁଥିଲେ
ଆମ ମୁଣ୍ଡ କାଟ୍ କରି ମୁକ୍ତି ଦେଇଥା'ନ୍ତା !
ଅଥଚ ପଥରରୁ ପଦ୍ମ ଭଳି ଫୁଟି ସାରିଥିବା
କାହା ଭଲପାଇବାରେ ବ୍ରହ୍ମାଣ୍ଡ ଆବଦ୍ଧ ।

♥ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦
ଫୋନ: ୮୮୨୬୨୯୧୫୧୨


▶ ଛବି ତପନ କୁମାର ପଣ୍ଡା

# ଅଟକି ଯାଏ

## ଶକ୍ତି ମହାନ୍ତି

କାହା ବିନା କ'ଣ ବା' କିଛି ଅଟକିଯାଏ,
ନା' ଘଡ଼ି ବିନା ସମୟ, ନା ଜହ୍ନ ବିନା ପୃଥିବୀ !
ଭୋର୍ ଆସେ, କୁହୁଡ଼ିର ପାଉଁଶ ବୋଳି ସୂର୍ଯ୍ୟ ଉଠେ
ନା' ନିଦ ବିନା ସକାଳର ସ୍କୁଲ୍ ବସ୍ ଅଟକିଯାଏ !

ଗତ ରାତି ଅଧା ନିଦ, ଅଧା ସ୍ୱପ୍ନରେ ଧୂମକେତୁ ଖସିଥିଲା
ତା'ର ଲାଞ୍ଜ ଆମ ସହରକୁ ଶେଷ ବସ୍ତ୍ର ଆଲୁଅ ପରି
ଲମ୍ବା କାହାଳୀ ଜଳେଇ, ଦିହେଁ ଏକାଠି ଚାଲିଥିବା
ଅନ୍ତରୀକ୍ଷ ରଙ୍ଗର ରାସ୍ତାରେ ପଡ଼ିଥିଲା ।

ଏତେଦିନ ଏକାଠି ଗୋଟିଏ ଆକାଶ ତଳେ
ଥାକଥାକ ଛାଇମାନଙ୍କୁ ଲେସି ଦେଇ
ଯାଆସ ପରେ ବି' ଦୁର୍ଘଟଣା ଘଟିବା, ଆଶ୍ଚର୍ଯ୍ୟ !
ଯେମିତି ଲୋକମାନେ ବିସ୍ମୟ ଚିହ୍ନ ପରି ଓଲଟା ଦିଶିବା
ବାଦୁଡ଼ି ପରି ଈଶ୍ୱରଙ୍କ ଝୁଲି ରହିବା
ଯେମିତି ଭଲପାଇବାରୁ କା'ର ବିଶ୍ୱାସ ତୁଟିଯିବା ।

ପ୍ରେମ ବିନା କ'ଣ କିଛି ଅଟକି ଯାଏ, ଜୀବନ !
ତମ ବିନା ମୁଁ, ନା ମୋ ବିନା ତମେ ।
ଘଡ଼ିର କଣ୍ଟାରେ ଯଦି ସମୟ କ୍ରୁଶବିଦ୍ଧ ହୁଏ
ନା ଆମକୁ ଦେଖି ମାଲଗାଡ଼ି ଅଟକିଯାଏ ।

କର୍କଶ ସ୍ୱରରେ, ନୀଳ ଆଲୁଅର ମାୟାରେ
ଆମ୍ବୁଲାନ୍ସ ଛୁଟିଚାଲେ ସେଇ ରାସ୍ତାରେ,
ଯା'ର ପ୍ରତିଟି ହମ୍ପରେ ତୁମ କାନ ଝୁମୁକା ଥରିଉଠେ,
ଟ୍ରାଫିକ୍‌ର ନାଲି ଆଲୁଅରେ ନା ଆମ୍ବୁଲାନ୍ସ ଅଟକିଯାଏ !

କେତେ ଯେ ରକ୍ତ ଝରେ, କାହାକୁ ଦିଶେନା
ଏଇ ତ' ବଞ୍ଚି ରହିବାର କୁହୁକ ।
ରାତିର ଜରାୟୁରେ ସ୍ୱପ୍ନର ବୀଜ ପହଁରେ,
ଫୋନ୍‌ର ରିଂଟୋନ୍‌ରେ ଶୁଭେ
'ଆଜ୍ ଜାନେକି ଜିଦ୍ ନା କରୋ...'
ନା' ତମେ ଅଟକିଯାଅ ।

♥ ଜୟବଢ଼
ଜଗତସିଂହପୁର-୭୫୪୧୦୩
ଫୋନ : ୯୪୩୭୧୪୨୬୯୪


▶ ଛବି ଶକ୍ତି




ଚିତ୍ର : ଶ୍ରୀ ତପନ କୁମାର ଦାସ

# ତୁମ ସହରରେ ଶୀତ

**ସାବିତ୍ରୀ କବି**

ତୁମ ସହରର ଶୀତ ନିରୀହ ପ୍ରେମିକ ପରି ଚୁପଚାପ୍
ନିଆଁ ଜାଳେ ଦେହରେ ମନରେ,
ଫୁଲବଣ ଜଳିଯାଏ,ଜଳିଯାଏ ଜହ୍ନରାତି,
କୁହୁଡ଼ି ଚଦର ତଳେ ଜାକିଜୁକି ଶୋଇପଡ଼େ
ନିଛାଟିଆ ମେଘ ପରି ଦୁଃଖ ।

ସମୁଦ୍ର ଢେଉରେ ନିଆଁ,ବରଫ ଦେହରେ ନିଆଁ,
ଚୋରାବାଲି ଭିଜୁଥାଏ ତତଲା ଲୁହରେ,
ସବୁଜ ବଣରେ ନିଆଁ, ପାହାଡ଼ ଛାତିରେ ନିଆଁ,
ଲାଜର ଗହଣା ପିନ୍ଧି ସୁନାଝିଅ ନଈକୂଳେ କାହା ଅପେକ୍ଷାରେ ।

ପୌଷର ପାଲିଙ୍କିରେ କିଏ ସେ ଆସିବ,
ନିଛାଟିଆ ଧାନବିଲ, ସରୁ ହିଡ଼ ଡେଇଁଡେଇଁ
ତୁମ ସହରର ଜହ୍ନ ଫେରିବାର ବାଟ ଭୁଲିଯିବ,
ପାହାନ୍ତିଆ ତାରା ପରି କପୋତୀ ଆଖିର ନିଆଁ ଦିକିଦିକି
ଜଳି ପୁଣି ଲିଭି ଯାଉଥିବ ।

ଛକ ପରେ ଛକ,ମାଳମାଳ ଆଲୁଅ ଓ ଅନ୍ଧାରର
ସୁଅ କାଟି ସହରର ଭିଡ଼ ବସ୍ ପହଞ୍ଚିବ ଯେଉଁ ଠିକଣାରେ,
ଲେଉଟାଣି ଖରା ହୋଇ ଫେରିବ କି ସ୍ମୃତିସବୁ
ହେମାଳ ପବନ ସହ ସଂଜ ନଇଁଗଲେ ।
ନଇ କ'ଣ ଚିରକାଳ ଅମାନିଆ,
ଭୋକ,ଶୋଷ,ଲାଜ,ଭୟ,ଦେହ
ଦାହ, ମନର ସବୁଜ ନିଆଁ,ଦେହର ଉତ୍ତାପ ସବୁ
ଲୁହରେ ପଖାଳେ ।

ଆଜି ଏଇ ପାତଳ କୁହୁଡ଼ି ତଳେ ଲୁଚିଯାଏ ଦୂର ଦିଗ୍‌ବଳୟ
ତୁମ ସହରର ଆକାଶରେ ଜହ୍ନର ଏ ଲୁଚକାଳି ଖେଳ,
ଆଜିକାଲି ବେଶିବେଶି ଲାଲ୍ ଦିଶେ ଗୋଟେ ଲମ୍ବା ବ୍ୟବଧାନର ଉହାଡ଼ରେ
ଛାଇ ପରି ଦିଶୁଥିବା ଆମର ସମ୍ପର୍କ,
କେତେ କୋଟି ଜନ୍ମର ପୁଣ୍ୟ ଓ ତପସ୍ୟା ଲୋଡ଼ା
ତୁମ ପାଇଁ ସହିବାକୁ ହଜାରେ ଟାହିଟାପରା
ଉଲୁଗୁଣା, ହଟହଟା, କଳଙ୍କ ଓ ସତମିଛ ନିନ୍ଦା ଅପବାଦ ।

ଆଜି ଏଇ ଘନ ଘୋର ରାତିର ଅନ୍ଧାର ତଳେ ଡେଣା ଝାଡ଼ି ଉଡିଯାଏ
ହୃଦୟର ହଳଦୀବସନ୍ତ,
ତୁମ ସହରର ଶୀତ ନିଆଁ ପରି ଚରିଯାଏ ରକ୍ତ ଓ ସ୍ନାୟୁରେ,
ନିଜ ନାଁ ଗାଁ କୁଳ,ଗୋତ୍ର,ଧର୍ମ ଓ ସଂସାରର ମୋହ, ମୁହଁମାଡି ଶୋଇଥିବା
ରକ୍ତର ଘମଣ୍ଡ ଜଳିଯାଏ ସେ ନିଆଁର ଧାସରେ ।

ଆଜି ଏଇ ବହଳ କୁହୁଡ଼ି ତଳେ କିଛି ବି ଦିଶୁନି,
ତୁମେ ଧଳା ଶାଲ୍‌ଟିଏ ଘୋଡ଼ିହୋଇ
ଅଭିମାନର ପାହାଡ଼ଟିଏ ପରି ଠିଆ ହୋଇଛ,
ଆମ ପ୍ରଥମ ସାକ୍ଷାତ ଦିନର ସେଇ ନୀଳ ପାଟ
ପିନ୍ଧି ମୁଁ ଟୋପାଟୋପା କାକର ବୁନ୍ଦା ହୋଇ ଝରିପଡୁଛି
ତୁମ ସହରରେ ।

ଆହାଃ ! ତୁମ ସହରର ଶୀତ ଏତେ ମିଠା !
ତୁମ ନ ଥିବାପଣର ଶୂନ୍ୟତାରେ
ଏତେ ରୋମାଞ୍ଚ ଏତେ ଶୀତଳତା ଏତେ ମହକ, ଏତେ ପ୍ରେମ ।
ତୁମ ସହରର ଶୀତ ନିରୀହ ପ୍ରେମିକ ପରି ଚୁପଚାପ୍ ଓ ଦୁଷ୍ଟ ।

♥ ବିଶ୍ୱନାଥପୁର, ରାହାଞ୍ଜା,ରାଣିତାଳ, ଭଦ୍ରକ-
୭୫୬୧୧୧, ଫୋନ: ୯୩୩୭୫୧୮୮୭୨



# ମହୁମନସ୍କ

## କେ.ଶ୍ୟାମବାବୁ ଦୋରା



ଫଟୋ: ଶ୍ୟାମବାବୁ ଦୋରା

||୧||
ବୋଝ ଉତାରି ଦେବାକୁ ଚାହୁଁଛି ।

ପ୍ରେମ
ନିର୍ବୋଝ କରିଦିଏ ମଣିଷକୁ,
ମୁଁ ବାୟବୀୟ
ଭାସମାନ ହେବାକୁ ଚାହୁଁଛି ।
||୨||
ସେ କାହାର ପ୍ରତିଦ୍ୱନ୍ଦ୍ୱୀ ହେବାକୁ ଚାହେଁ ନାହିଁ
ତେଣୁ ତ ସେ ପଛରେ ଥାଏ
ଯଦିଓ ପରିଣାମ ତାକୁ ଆଣି
ଠିଆ କରେଇଦିଏ ଆଗରେ

ସେ ଏତେ ନମ୍ର
ବିବେକ ଓ ବିଚାରବନ୍ତ,
ସେ ତମ ଉପରକୁ ଚଢିଯାଏ
ଛାଇ ପରି ।
|| ୩ ||
ଫୁଙ୍କିଦେଲେ ଲିଭିଯାଏ ଦୀପ,
ରଡ଼ନିଆଁ
ଅଧିକ ଜଳେ ପବନରେ ।

ସନ୍ଥ ସେଇ ନିଆଁ
ଯେତେ ସଂକୁଚିତ କରିବା ପାଇଁ ଚାହିଁବ
ସେ ସେତିକି କାୟା ବିସ୍ତାର କରିବେ ।

ସତ୍ୟାଲୋକ ଠୁଁ ନିସ୍ତାର ନାହିଁ ତମର,
ସପକ୍ଷରେ ଥାଅ କି'
ବିପକ୍ଷରେ ।
|| ୪ ||
ପାଦେ ଭୂମି ହିଁ ଯଥେଷ୍ଟ
ସାମ୍ରାଜ୍ୟ ଲୋଡା ନଥିଲା ତାଙ୍କର ।

ସେ ବିଶ୍ୱାସର ଚାରା ରୋପିଲେ
ପ୍ରାର୍ଥନାର ଫୁଲ ଫୁଟେଇଲେ
ତ୍ୟାଗର ଫଳ ଫଳେଇଲେ
ନିର୍ଯାସକୁ ସାଙ୍ଗରେ ଧରି ବାହାରିଗଲେ
ନଗ୍ର, ନଗ୍ରାନ୍ତର
ସେ ଦିଗମ୍ବର ହେଇଗଲେ ।

ଅନକ୍ତିଆରକୁ ଅକ୍ତିଆର କରି
ସେ ଦିନେ ଲେଉଟି ଆସିଲେ
ମାଟିକୁ
ମଶାଣିକୁ
ମଧୁବନକୁ
ଗାର୍ହସ୍ଥ୍ୟକୁ

ସେ ଶୂନ୍ୟତାକୁ ଶୂନ୍ୟତାରେ ବୁଣି
ତିକ୍ତତାକୁ ସହର୍ଷ ଉପାର୍ଜନ କରି
ଅଜାଡ଼ି ଦେଲେ ମହୁ ।

♥ ଶୋଭା କିଡ୍ସ୍ ଆଣ୍ଡ୍ କସ୍ମେଟିକ୍ସ୍
ଜନାନା ହସ୍ପିଟାଲ ରୋଡ, ବ୍ରହ୍ମପୁର - ୭୬୦୦୦୧
ଫୋନ : ୭୦୦୮୯୨୩୨୯୬

# କବିତା ଗଢ଼ି ପାରେନି ଦେଶ

## ସୁଶାନ୍ତ ଦାଶ

ଗୋଡ଼ି ସିମେଣ୍ଟ ଲୁହାଛଡ଼ରେ
ଗଢ଼ା ହୁଏ ଘର, ଆପାର୍ଟମେଣ୍ଟ
ସେଥିରୁ ଗଢିଉଠେ ସହର
କିନ୍ତୁ ଗଢ଼ି ହୁଏନି ଦେଶ ।

କବି ଖୋଜେ ନିଜ
ମନଲୋଭା ଆପଣାର ଦେଶ
ରକ୍ତପାତ ଯୁଦ୍ଧବିହୀନ
ଏକ ସୁରକ୍ଷିତ ପରିବେଶ
ନିଜେ ନିଜ ପ୍ରେମ ପୃଥିବୀରେ
ଖୋଜୁଥାଏ ନିଜକୁ
କିନ୍ତୁ କବି ଜାଣେନି
କବିତାରେ ଗଢ଼ା ହୁଏନି ଦେଶ ।

ଜୀବନ ଦୋ ଛକିରେ ବିକ୍ରି ହୁଏ
ଜୀବନ, ଯୌବନ ଆଉ ସ୍ୱପ୍ନ
ନିଲାମ ହୁଏ ପୁଣି ଧର୍ଷିହୁଏ ମନ
ହେଲେ ମଣିଷ ଖୋଜେ,ପ୍ରେମର
ଆପଣାପଣର, ଭଲପାଇବାର
ମିଠା ମିଠା କଥାକୁହା ଦେଶ ।

କବି ଲେଖେ କବିତା ଦେଶକୁ ନେଇ
ଦେଶର ଖବରକୁ ନେଇ
ଘଟଣା, ଅଘଟଣକୁ ନେଇ
ବୋଧେ କବି ଜାଣେନି
କବିତା ଗଢ଼ି ପାରେନି ଦେଶ ।

କବିତାର ଫରଦରେ ରହେ
ଅନେକ କଥା, ଘଟଣା ବହୁଳ ବର୍ଣ୍ଣନା,
ପ୍ରେମ ବିଦ୍ରୋହର କାହାଣୀ
ପ୍ରକୃତିର ତାଣ୍ଡବ ଭଳି ବହୁ କଥା ।
କବିତା କହେ, କୌଣସି ସୁନ୍ଦରୀ ଉପରେ
ଏସିଡ଼ ଫିଙ୍ଗାର ଦୃଶ୍ୟ
ଧର୍ଷିତାର ଇଜ୍ଜତକୁ ଧଜିଆ
ଉଡ଼ାଉଥିବା ସାମ୍ବାଦିକର କଥା ।

କୋଉଠି କୁହାଯାଏନି କେମିତି ଗଢ଼ା ହୁଏ ଦେଶ
ସୁନ୍ଦର, ମନଲୋଭା, ଆପଣାର
କଥା କହୁଥିବା ଦେଶ ।
ନିଜ ନିଜ ଭିତରେ ଶତ୍ରୁତା
ନଥିବା ମଣିଷ ମାନଙ୍କ ଦେଶ
ନିଜ ନିଜ ଭିତରେ ଇର୍ଷାନଥିବା
ଦେଶ ବାସୀଙ୍କ ଦେଶ ।

ସମସ୍ତଙ୍କୁ ଏକ କରିପାରୁଥିବା
ମଣିଷ ମାନେ ଗଢ଼ି ପାରିବେ ଦେଶ
ପୁଣି ଥରେ କହିରଖେ
କବିତା ଗଢ଼ି ପାରେନି ଦେଶ
କବିତା ଗଢ଼ି ପାରେନି ଦେଶ ।

♥ ନୀଳାଦ୍ରି ନିବାସ, ୬ - ବାପୁଜୀ ନଗର,
ବ୍ରହ୍ମପୁର ୭୬୦୦୦୪ (ଓଡିଶା)
ଫୋନ:୯୪୩୭୦୨୨୫୦୯୭



ଫଟୋ ସୁଶାନ୍ତ ଦାଶ

# ଦିନେ ନା ଦିନେ

## ନରେନ୍ଦ୍ର କୁମାର ଭୋଇ

ତୋ' ପାଖରେ ପରିଚୟ ହୀନ
ଛାର ନାଚାର ମୁଁ ଦୀନହୀନ !

ପ୍ରେମରୁ ପାଥେୟ କରି ଭୋଗିଲି
ବିରହର ନିର୍ଯ୍ୟାତନା
ତୋ'ଠୁ ଶିଖିଥିବା ଅଢ଼େଇ ଅକ୍ଷରକୁ
ଶ୍ରେଷ୍ଠାକ୍ଷର ଭାବି ସମ୍ପାଦିଲି
ଛାତିର କଳାପଟାରେ
ଯେତେ ଲିଭଉଚୁ
ସେତେ ବାରି ହେଇ ଦିଶୁଚି ପ୍ରେମାକ୍ଷର ।

ମାନ କି ନମାନ
ତୁ ହିଁ ମୋର ପ୍ରେମିକା ଆଜୀବନ ।

ତୋ'ରି ଅପେକ୍ଷାରେ
ମୁଁ ତନ୍ମୟ ଋଷି ପରି ଧ୍ୟାନମଗ୍ନ
ପବନରେ ପହଁରି ଆସୁଛି

ତୋର ଡାକ
ଶୁଣିବାକୁ କାନ ଡେରି ବସିଛି
ମୁଁ ବିମୁଗ୍ଧ ପ୍ରେମିକ ।

ଦେହ ମିଳନରେ ଦ୍ୱାହି ଦେଇ
ଦୂରେଇ ଯାଆନା
କେତେ କୋଶ କେତେ ଯୋଜନ
ଦୂରେଇ ଯାଇଛୁ ତୁ କଳନା କରନା
ତୁ ସେଇଠି ହିଁ ଅଛୁ
ସେଇ କୋଣରେ ରୁଷି ବସିଛୁ
ମୁଁ ଯାହା ମନେଇ ପାରୁନି ତତେ ।



▲ ଚିତ୍ର : ଶିଳ୍ପୀ ନିତ୍ୟାନନ୍ଦ ସାହୁ

ଜଳିପୋଡ଼ି ଯାଉଛି ମୋର ସର୍ବାଙ୍ଗ
ତୋ'ରି ପ୍ରେମର ଜ୍ୱାଳାରେ
ତୋର ଶଙ୍ଖ ଦେହକୁ ସ୍ପର୍ଶ କରି
ଫେରି ଆସୁଛି ମୋର ଘଟ
ମୁଁ ମୃତବତ୍ ପଡ଼ି ରହିଛି
ତୋର ପ୍ରିୟ ସେଇ ନଈଘାଟରେ ।

ଆ... ଭୋଗିବାକୁ ଭେଦିବାକୁ
ମୋର ପଞ୍ଚଭୂତ ପଞ୍ଚେନ୍ଦ୍ରିୟ
ତୁ ମୋର ଶିରାରେ ଶିରାରେ
ପ୍ରବାହିତ ଉଷ୍ମ ରକ୍ତଧାର
ତୁ'ହିଁ ଘେରି ରହିଛୁ ମୋତେ ଆପାଦ
ତୁ'ହିଁ ମୋର ଚର୍ଯ୍ୟାଗୀତର ଶେଷପଦ ।

ଜାଣେ, ଚିବୁକର ଚୁମା ଦାଗକୁ
ଲୁଚେଇ ରଖିଚୁ ମନତଳେ
ଅଠପହର ନିନ୍ଦୁଛୁ ନିଜକୁ
ସମୟ ଓ ସମ୍ପର୍କକୁ ଅକାରଣେ !

ଜାଣେ, ମୁହଁ ମୋଡ଼ି ଦେଇଛୁ
ମୋର ସକିଳ ପାର୍ଥନାର ରାଗ ଓ ରାଗିଣୀକୁ
ତଥାପି ମୁଁ ଦୀନହୀନ ଆଜୀବନ
ସମର୍ପି ଦେଉଛି ମୋର ପ୍ରେମାର୍ଘ୍ୟ
ସ୍ୱୀକାର କର କି ନକର
ତୁ'ହିଁ ସଦା ବିଜେ ଦେବୀ ପରି
ମୋର ପ୍ରେମାତୁର ଛାତିର ଆସ୍ଥାନେ ।

ହସହସ ମୁହଁ ନେଇ ଉଭାହେବୁ
ମୋତେ ଚକିତ କରି ଦିନେନା ଦିନେ ।

♥ ନୂର୍ପା, ମନମୁଣ୍ଡା, ବୌଦ୍ଧ-୭୬୨୦୧୬
ଫୋନ: ୯୫୫୬୭୪୫୮୯୦୮



▲ କବି ନରେନ୍ଦ୍ର କୁମାର ଭୋଇ

# ମୋ ଲୁହର ମହାମୂଲ୍ୟ ଦେଲ

## ଡା. ସରୋଜିନୀ ଷଡଙ୍ଗୀ

ତୁମେ ସତେ ସବୁ ଚିହ୍ନିନେଲ !
ମୋ' ଦୁଇ ଆଖି ଡୋଳାରେ
ଢଳଢଳ ହେଉଥିବା
ଝରିବ ଝରିବ ହୋଇ ତଥାପି ଝରିନଥିବା
ଦି' ବୁନ୍ଦା ଲୁହକୁ-

କେବେ ଉଲ୍କା ପରି କେବେ
ଅନାହୂତ ମେଘଫୁଲ ହୋଇ
ବିନ୍ଦୁ ବିନ୍ଦୁ ଖସୁଥିବା ଟୋପାଏ ଅଶ୍ରୁକୁ
ଆଦରରେ ପାପୁଲିରେ ତୋଳି ନେଇ
ମୋ ଲୁହର ମହାମୂଲ୍ୟ ଦେଲ ?

ଚାହୁଁ ଚାହୁଁ ଅଭିମାନ, ଅହଂକାର
ରାଗରୋଷ ଦୁଃଖ, କ୍ଲେଶ
କ୍ଷୋଭର ଆବରଣକୁ
ପରସ୍ତ ପରସ୍ତ କରି
ମନରୁ ଉତାରି ଦେଇ
ହୃଦୟ ମୋ' ସଜାଇଲ
ସଂପ୍ରୀତିର ବିଚିତ୍ର ବର୍ଣ୍ଣରେ ?

କେମିତି ଶୁଣିଲ ତୁମେ
ମୋ ଇଚ୍ଛାର, ଆକାଂକ୍ଷାର
ଶ୍ୟାମଳ ଅନୁଭବରେ
ଆର୍ଦ୍ର ଥିବା ଅକୁହା ଶବ୍ଦର ସ୍ୱର !
ପୁଣି ଦୁଇ ଆଖି କୋଣୁଁ ଉଚ୍ଛୁଳାଇ ଉଠୁଥିବା
ନିଭୃତ ଅଶ୍ରୁକଣାର ପରିଚୟ ଦେଲ ?

ଦୁଇ ଆଖି ପଲକରୁ
ସବୁ ଲୁହ ପୋଛି ଦେଇ
ମଉନରେ ପଢିନେଲ
ସବୁତକ ଅଲେଖା ଅକ୍ଷର ଏବଂ
ଅଖଣ୍ଡ ଐଶ୍ୱର୍ଯ୍ୟ ଭଳି
ହୃଦୟରେ ତାକୁ ସଂପାଦିଲ !

ଜମାରୁ ଦେଖିନଥିବା ଅନ୍ତଃକରଣର
ମନୋରମ ମୁରୁଜରେ ଅଙ୍କାଥିବା
ପଦ୍ମରେ ପାଦରଖି ମୋ'
ସବୁ ସ୍ୱପ୍ନ ସତ କରିଦେଲ ?

♥ ଲିଙ୍କରୋଡ୍
କଟକ-୧୨
ଫୋନ:୯୪୩୭୦୫୫୦୦୭



▲ କବି ଡାକ୍ତର ସରୋଜିନୀ ଷଡଙ୍ଗୀ



Art by : Dhanunjay Prasad

# ବୃତ୍ତପଥ

## ଯୀଶୁକ୍ରିଷ୍ଟ ଦାସ

*" Everything falls to dust anyway.*
*And yet, you keep making things" -* ***Jonas Mekas***

ହେମାଳ ଶୀତ ରାତିରେ
କୁହୁଡ଼ି ବହଳ ହେଇ ଆସିଲେ
ପୁରା ଗାଁ ସଞ୍ଜ ପହରୁ ଶୋଇ ପଡ଼ିଲେ
ମୁଁ ଚୁପ୍ କିନା ତା' କାନ ପାଖରେ
ଯାଇ ଡାକେ;
ମୋ ପରି ଦିଶୁଥିବା ଛୋଟ ଛୁଆଟିଏକୁ
ଯିଏ ହେଁସ ଘୋଡ଼େଇ ହେଇ ଶୋଇବା ଦିନଠୁ
ବିଶ୍ୱାସ କରି ନେଇଛି,
କେବଳ କୁଟା କାଠିରେ ତିଆରି ହୁଏ ଦେହ ;

ଠିକ୍ ସେଇ ମୋଡ଼ରୁ
ଯଉଠୁ ଛେଉଣ୍ଡ ବୟସ ନିଜର ନିଜର ଲାଗେ,
ମନେପଡ଼େ କି
ମୁଁ ସେଇ ଶୁଣା କାହାଣୀର ଛେଳିଆ ଟୋକା
ଯିଏ ବୁଢ଼ୀ ଅସୁରୁଣୀ ଠୁ ଉଧାର ମାଗି
ବଞ୍ଚିଛି ଆୟୁଷ ।
ଉଧାର ମାଗେ – ଜନ୍ମ ଓ ଜରା,
ନିଦ ପାଇଁ ଜହ୍ନର ଗପ, ଆଖିଏ ଆକାଶ,
ଅଯଥା ଅଭିଳାଷ ଓ
ଈଶ୍ୱରଙ୍କୁ ନଇଁ ପଡ଼ି ଜୁହାର ହେବାର ଇଚ୍ଛା ।

ଦିନେ ଜହ୍ନର ଗପ,
ଆକାଶ ଓ ନିଜେ ଈଶ୍ୱର ମିଛ ମିଛ ଲାଗେ ।
ରାତି ବି ଆଉ ବଢ଼େନା, ବରଂ
ଜଳିଯାଏ ଅନ୍ଧାର ଘରେ ଜଳେଇଥିବା ଦୀପ ଦେହରେ ।

କାହାଣୀକୁ ସାରିବାକୁ ହୁଏ
ବେଳ ବୁଡ଼ିବା ବେଳେ
ଧାଡ଼ି କରି ପୁଣିଥରେ ଉଇହୁଙ୍କାକୁ ଫେରି ;
ଯେମିତି,
ଆମ ଘରର ଉଚ୍ଚତା ବଢ଼ିଗଲେ
ବୋଉ ମନା କରିଦିଏ
ଛାତ ଉପରେ ଅରୁଆ ଚାଉଳ କି ଆମ୍ବୁଲ ଶୁଖେଇବା ପାଇଁ,
ବାର ଦେଖି ଉପାସ ରଖୁଥିବା ବୋଉ ନିଜେ
ସବୁ ବାର ଭୁଲିଯାଏ ଧୀରେ ଧୀରେ,
ଦେଖୁ ଦେଖୁ ପାନଖିଆ ଦାନ୍ତ ପଡ଼ିଯାଏ ବୋଉର,
କୋଡ଼ିରେ ବୟସ ହାଣି
ବାଡ଼ିରେ ଗଛ ଲଗେଇଥିବା ବୁଢ଼ା ମରିଗଲେ
ବାଡ଼ିର ସବୁ ଫଳ ଖଟା ଖଟା ଲାଗେ,
ଘରେ ସବୁଠୁ କାମିକା ପୁଅ ରୋଗରେ ପଡ଼ିଲେ
ସମସ୍ତଙ୍କ କଙ୍କାଳ ଦିଶେ ବାହାରକୁ,


ବୋଉକୁ ମୋତିଆ ବିନ୍ଦୁ ହେଲା ପରେ
ଭଲ କରି ଜାଣି ପାରେନା ତାକୁ କିଏ ଡାକେ –
ବଡ଼ ପୁଅର ଡାକ ବେଳେବେଳେ ସାନ ପରି ଲାଗେ,
ସାନଟିର ଅବିକଳ ବାପର ସ୍ୱର ।

ମୁଁ ନିଜେ ହିଁ ଆଇନା ସାମ୍ନାରେ
ମୋ ବାପା ପରି ଦିଶୁଥାଏ କ୍ରମଶଃ,
ବାପା ପରି ଥକୁଥାଏ, ଝୁଣ୍ଟୁଥାଏ,
ଚିଡ଼ୁଥାଏ, ବାପା ପରି ମରୁଥାଏ,
ହେଲେ ବଞ୍ଚି ପାରୁନଥାଏ ପୁଣିଥରେ ତାଙ୍କ ପରି ।

ଓ.ପ୍ର.ସେ., ମୀରାପାଟଣା, କେନ୍ଦ୍ରାପଡ଼ା, ଫୋନ: ୯୬୬୮୫୯୭୫୪୪



ଯୀଶୁକ୍ରିଷ୍ଟ ଦାସ



# ମାଟି

# ମାଟି

**ଉଦୟ ନାରାୟଣ ଦାସ**
ଚୁନଭାଟି କଲୋନୀ, ଗୋପାଳଗାଁ,
ବାଲେଶ୍ୱର-୭୫୬୦୦୧
ଫୋନ:୭୭୩୫୯୫୧୩୮୪

ଅଳଙ୍କରଣ: ଚିତ୍ରଶିଳ୍ପୀ ସୁସ୍ମିତା ମିଶ୍ର

**ଭାଇନାଙ୍କ ପାଖକୁ ଜିଲ୍ଲାର ରିକ୍ସାବାଲା, ଦୀନମଜୁରିଆ, ମେହେନ୍ତର, ଭିକାରୀ, ମୋଚି ପରି ସମାଜର ଦଳିତ ଲୋକମାନେ ସେମାନଙ୍କ ଗୁହାରି ନେଇ ଯାଇ ପାରୁଥିଲେ । ସମାଜର ଉଚ୍ଚବର୍ଗର ଲୋକଙ୍କ ଠୁଁ ବେଶୀ ଏହି ଲୋକମାନେ ତାଙ୍କ ପାଖକୁ ଆସିବାରେ କଟକଣା ନଥିଲା ।**

ଆମ ଗାଁର ବିଭୁ ଭାଇନା ଯେଉଁ ଦିନ ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କଲେ, ସେତେବେଳେ ମୁଁ ଗ୍ରାଜୁଏସନ ଶେଷ ବର୍ଷର ଛାତ୍ର ଥିଲି । ମୁଁ କାହିଁକି ଆମ ଗାଁର କେହିବି ବିଶ୍ୱାସ କରି ପାରୁନଥିଲେ ବିଭୁ ଭାଇନାଙ୍କ ଏ ଅଭୂତପୂର୍ବ ସଫଳତାର କଥା । ଏଇ ଆମ ଗାଁ ଦାଣ୍ଡରେ ବୁଲୁଥିବା, ଗୁଡ଼ି ଉଡାଉଥିବା, ପତଳା ରୁଗୁଣା ବାପ ଛେଉଣ୍ଡ ପିଲା କ'ଣ ସତରେ ଆଇ.ଏ.ଏସ୍. ପାଇ ପାରିବ ? ପୁଣି ସମଗ୍ର ଦେଶରେ ପ୍ରଥମ ! ରେଡିଓରେ ଖବରଟା ସନ୍ଧ୍ୟା ଜାତୀୟ ଖବରରେ ପ୍ରଥମେ ପ୍ରଚାରିତ ହେଲାରୁ ତାହା ଗାଁର ଏ କାନରୁ ସେ କାନ ହେଇ ସମଗ୍ର ଅଂଚଳ କ'ଣ, ଦେଶରେ ବ୍ୟାପି ଯାଇଥିଲା । ଭାଇନା ନିଜେ ବି କଳ୍ପନା କରି ନଥିଲେ, ଏମିତି ମାଟି କାଦୁଅ ପଚରା ଅଖ୍ୟାତ ଗାଁର ପିଲା ହେଇ ସର୍ବଭାରତୀୟ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିବେ ବୋଲି । ଏ ଖବର ପାଇଲା ପରେ କେବଳ ଆମ ଗାଁ କାହିଁକି ସମଗ୍ର ଜିଲ୍ଲା ତଥା ଆମ ଓଡ଼ିଶା ଖୁସିରେ ଫାଟି ପଡ଼ିଲା । ଖୋଦ୍ ଜିଲ୍ଲାପାଳ ଆମ ଗାଁକୁ ଆସିଲେ ଭାଇନାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ବାର୍ତ୍ତା ଟେଲିଗ୍ରାମରେ ପ୍ରେରଣ କଲେ । ଶିଳ୍ପପତି ବଂଶୀ ପଣ୍ଡାଙ୍କର ଜଣେ ଲୋକ ଲକ୍ଷେ ଟଙ୍କାର ଚେକ୍ ଧରି ସକାଳେ ଆମ ଗାଁରେ ଆସି ପହଂଚିଲେ ଭାଇନାଙ୍କୁ ପୁରସ୍କୃତ କରିବାକୁ ।

ଆମ ଗାଁ ଖୁସିରେ ଉଛୁଳି ପଡୁଥିଲା । ଗାଁ ସରପଞ୍ଚ ମାଧ ବାବୁ ଗାଁ ସ୍କୁଲ ପଡ଼ିଆରେ ଗୋଟେ ସଭା ଡାକିଥିଲେ । ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାଇନାଙ୍କୁ ସମ୍ବର୍ଦ୍ଧିତ କରାଯିବ । ଜିଲ୍ଲାପାଳ ସଭାର ମୁଖ୍ୟଅତିଥି ହେଇ ଆସିଥିଲେ । ସଭାରେ ଭାଇନା ତାଙ୍କ ସଫଳତାର ଗୋଟେ ଭାଷଣ ବି ଦେଲେ । ଭାଷଣର ଶେଷ କଥା ଥିଲା, "ମୁଁ ଚାକିରୀରେ ଯୋଗ ଦେଲା ପରେ ମୋର ଲକ୍ଷ୍ୟ ହେବ ଦେଶର ଲକ୍ଷ ଲକ୍ଷ ସାଧାରଣ ଲୋକଙ୍କୁ ଏକ ସ୍ୱଚ୍ଛ ନିର୍ମଳ ପ୍ରଶାସନ ପ୍ରଦାନ କରିବା ।" ଏକଥା ମୋତେ କାହିଁକି ମୋ ପରି ସମସ୍ତ କିଶୋର-କିଶୋରୀଙ୍କୁ ଖୁବ୍ ଗଭୀର ଭାବେ ଆଲୋଡ଼ିତ ଓ ଅନୁରଣିତ କରିଥିଲା । ଏସବୁ କଥା ପରଦିନ ପ୍ରତି ସମ୍ବାଦପତ୍ରର ପ୍ରଥମ ପୃଷ୍ଠାରେ ବାହାରି ଥିଲା । ଗର୍ବରେ ଫାଟି ପଡୁଥିଲା ଆମ ସମସ୍ତଙ୍କ ଛାତି । ସତରେ ଆମ ଗାଁ ମାଟିର ପୁଅ ଦେଶର କେତେ ଉପରକୁ ଚାଲି ଯାଇଛି । ଏବେ ଆମ ଗାଁ ବିଭୁ ଭାଇନାଙ୍କ ପାଇଁ ଭାରତ ବିଖ୍ୟାତ ହେଇଗଲା ।

ଘରକୁ ଆସିଲେ ମୋ ବୋଉ ମୋତେ ପ୍ରେରଣା ଦେବା ଅର୍ଥରେ କହୁଥିଲା, "ବାପାରେ ଦେଖିଲୁ ବିଭୁ, ଭଲ ପାଠ ପଢୁଥିଲା ବୋଲି ସେ କେଉଁଠି ଯାଇ ପହଞ୍ଚିଲା ।"



▶ଗାଳ୍ପିକ ଉଦୟ ନାରାୟଣ ଦାସ

**କାହାଣୀ ପଛର କାହାଣୀ**

ପ୍ରିୟ ପ୍ରବୀଣ କଥାଶିଳ୍ପୀ ହୃଷୀକେଶ ପଣ୍ଡାଙ୍କ 'ଗର୍ବ କରିବାର କଥା' ଉପନ୍ୟାସ ପଢିଲା ପରେ ମୁଁ, ୫୦୦ ବର୍ଷ ତଳର ବାଲେଶ୍ୱର ପିପିଲି ବନ୍ଦରର ଲୋକମାନଙ୍କର ମାଟି ପ୍ରତି ଶ୍ରଦ୍ଧା ଓ ସମ୍ମାନ କଥା ହୃଦ୍‌ବୋଧ କଲି । ସେ ସମୟରେ ମାଟିର ଗୌରବ ରକ୍ଷା ପାଇଁ ଅଂଚଳର ସାଧାରଣ କୃଷକ, ବଣିକ, କମାର, କାରିଗର, ଲୁଗାବୁଣା କାରିଗର ଇତ୍ୟାଦିଙ୍କୁ ନେଇ ଅଂଚଳ ମୁଖ୍ୟ (ମାନ୍ଧାତା) ପର୍ତ୍ତୁଗୀଜ୍ ଜଳଦସ୍ୟୁଙ୍କ କବଳରୁ ମାଟିକୁ ଉଦ୍ଧାର କରିଛନ୍ତି । ସେଇ ଦସ୍ୟୁଙ୍କ ଠୁଁ ଉଦ୍ଧାର ହେଇଛି ଜଣେ ସୁନ୍ଦରୀ ତୁରସ୍କ ଝିଅ ମଧ । ମାନ୍ଧାତାଙ୍କ ସ୍ତ୍ରୀ ବୁଝି ପାରିଛନ୍ତି ସେଇ ଝିଅର ହୃଦୟର ମର୍ମ ବେଦନା । ଝିଅ କେବେ ପଣ୍ୟ ଦ୍ରବ୍ୟ ହେଇ ନପାରେ । ସେ ନିଜେ ତାକୁ ଆମ ପରମ୍ପରାରେ ନିଜ ସ୍ୱାମୀ ସହିତ ବିବାହ ବନ୍ଧନରେ ଛନ୍ଦି ଆମ ମାଟିର ମହାନତା ଦେଖାଇଛନ୍ତି ।

ସେମିତି ଏ ଗଳ୍ପର ନାୟକ ବିଭୁଭାଇ ଭାରତ ପ୍ରଶାସନିକ ସେବା ଚାକିରି ଓ ସେଇ ସମାନ ଚାକିରିର ସୁନ୍ଦରୀ ସ୍ତ୍ରୀ ପାଇ ବି ମାଟିକୁ ଭୁଲି ଯାଇ ନାହାନ୍ତି । ତାଙ୍କ ପାଇଁ ବେଶୀ ମହିୟାନ ହେଇଛି ଗାଁ ମାଟି । ଭୋଗ ବିଳାସର ଦିଲ୍ଲୀ ନଗରୀ ଓ ସ୍ତ୍ରୀଙ୍କ ସୌଖିନ ଜୀବନକୁ ପଛରେ ପକାଇ ଚାକିରି ସରିଲା କ୍ଷଣି ସେ ଗାଁ ମାଟିକୁ ଫେରି ଆସନ୍ତି । ମାଟିର ଉନ୍ନତି ପାଇଁ ସେ ସ୍ୱପ୍ନ ଦେଖନ୍ତି । ମାଟିର ଐତିହ୍ୟ ଖୋଜନ୍ତି । ସେମିତି ବି ତାଙ୍କ ପୁଅ ଆମେରିକାର ବହୁ ଅର୍ଥର ଚାକିରିକୁ ପ୍ରତ୍ୟାଖ୍ୟାନ କରି ଫେରି ଆସେ । ବାପାଙ୍କ ପରି ଜନ୍ମମାଟି ତାକୁ ଉଦ୍‌ବେଳିତ କରେ । ଚାକଚକ୍ୟ ଠୁଁ ଗାଁର ଡାକ ତାକୁ ଶୁଣାଯାଏ । ଏପରିକି ସେ ବିଦେଶିନୀ ପ୍ରେମିକାକୁ ନିଜ ମାଟି ଓ ଐତିହ୍ୟ ମନସ୍କ କରାଇ ସୁଦୂର ଆମେରିକାରୁ ଗାଁ ମନସ୍କ କରାଏ ।

ହେ ପାଠକେ, ଅନୁଗ୍ରହ କରି ପଢନ୍ତୁ ମୋର ଏ ଗପ । ଏଇ ଅବସରରେ, ମହାନ୍ କଥାଶିଳ୍ପୀ ହୃଷୀକେଶ ପଣ୍ଡାଙ୍କୁ ମୋର ବିନମ୍ର କୃତଜ୍ଞତା । ଏଇଥିପାଇଁ ଯେ, ତାଙ୍କ ଉପନ୍ୟାସ ମୋତେ ଏଇ କାହାଣୀ ଲେଖିବାକୁ ପ୍ରେରିତ କରିଛି ।

ଉଦୟ ନାରାୟଣ ଦାସ

ସତରେ, ଭାଇନାଙ୍କ ସଫଳତା ଆମ ଗାଁ ଯୁବ ସମାଜ ପାଇଁ ଥିଲା ପ୍ରେରଣାର ଉତ୍ସ । କିନ୍ତୁ ଭାଇନା ଥିଲେ ଅବିଚଳିତ ଓ ସ୍ଥିତପ୍ରଜ୍ଞ । ଆଗ ଭଳି ଆମ ସହିତ ଉପରବେଳା ଫୁଟ୍‌ବଲ୍ ଖେଳର ଗୋଲ୍‌କିପର୍ ହେଉଥିଲେ । 'ଯାଯାବର' ସିନେମାର ଗୀତ ଗାଉଥିଲେ ଖେଳ ସରିଲେ ପଡ଼ିଆ ଦକ୍ଷିଣ ମୁଣ୍ଡ ପୋଖରୀ ତୁଠ ବରଗଛ ଚେର ଉପରେ ବସି । ଚନ୍ଦ୍ରସ୍ନାତ ଜ୍ୟୋତ୍ସ୍ନା ବିଧୌତ ଆକାଶକୁ ଅନାଇ ସେ କିଶୋର କୁମାରଙ୍କ ଗୀତ ବି ବୋଲୁଥିଲେ । ଆମକୁ ପଚାରୁଥିଲେ, "ଆରେ କେବେ କଲେଜ ଖୋଲୁଛି ତୁମମାନଙ୍କର ?" ବା "କେବେ ଫୁଟବଲ ଟୁର୍ଣ୍ଣାମେଣ୍ଟ୍ ଆମ ଗାଁରେ ନିଧାର୍ଯ୍ୟ କରୁଛ ?" ଇତ୍ୟାଦି ଇତ୍ୟାଦି ।

ଟିକେ ବି ଅହଂକାର ନଥିଲା ଭାଇନାଙ୍କ ଭିତରେ ସେ ଏତେ ବଡ଼ ଚାକିରି ପାଇଥିଲେ ବି । ସେ ଆମମାନଙ୍କୁ ତାଙ୍କ ସାନ ଭାଇ ପରି ସ୍ନେହ କରୁଥିଲେ । ଆମ ସମସ୍ତଙ୍କ ସୁବିଧା ଅସୁବିଧା ପଚାରି ବୁଝୁଥିଲେ । ସେ ଆହୁରି କହୁଥିଲେ, "ଆରେ ମୁଁ ଯେଉଁଠି ଚାକିରି କଲେ ବି ଏଇ ଗାଁରେ ମୋ ଜନ୍ମ । ମୁଁ କେମିତି ଗାଁ ବା ତମମାନଙ୍କୁ ପାଶୋରି ଦେବି ?" ପୁଣି ଟିକେ ସେ ନିଶ୍ୱାସ ନେଇ କହୁଥିଲେ, "ମୋର ଟ୍ରେନିଂ ଚିଠି ଏଇ ନିକଟରେ ଚାଲି ଆସିବ । ତା ପୂର୍ବରୁ ଟୁର୍ଣ୍ଣାମେଣ୍ଟ୍ ଟା ସରିଯାଆନ୍ତା କି । ଯଦି ମୁଁ ନ ରହିବି, ତେବେ ଆଉ ଭଲ ଗୋଲ୍‌କିପର୍ କେହି ନାହାନ୍ତି । ଆମ ଗାଁ ଟିମ୍ ହାରି ଯାଇପାରେ, କମର୍ଦ୍ଦା ଟିମ୍ ପାଖରୁ । ମୋର ଟ୍ରେନିଂ ଆହୁରି ଟିକେ ଡେରି ହୁଅନ୍ତା କି । ମୁଁ କ'ଣ ସତରେ ତୁମକୁ ଓ ଗାଁକୁ ଛାଡ଼ି ଦୂରକୁ ଚାଲି ଯିବାକୁ ଚାହୁଁଛି କି ? କିନ୍ତୁ ଯିବାକୁ ତ ହେବ ।"

ପ୍ରଶାସନିକ ଚାକିରିର ସୁଦୀର୍ଘ କାଳ ଭାଇନାଙ୍କର ଆମ ଓଡ଼ିଶାରେ କଟିଲା । ଯେଉଁ ବିଭାଗ କିମ୍ବା ଯେଉଁ ଦାୟିତ୍ୱରେ ଭାଇନା ରହିଲେ, ତାହାକୁ କଲେ ସ୍ୱଚ୍ଛ ଓ ନିର୍ମଳ । ଅନେକ ସମୟରେ ତାଙ୍କ ଉପରେ ରାଜନୈତିକ ଚାପ ପଡ଼ିବା ଥିଲା ସ୍ୱାଭାବିକ । ନୀତିନିୟମକୁ ବଦଳାଇ ମନ୍ତ୍ରୀଙ୍କ ଫାଇଦା ପାଇଁ ଅନେକ ଚାପ, ପ୍ରଲୋଭନ ବି ଯଚା ଯାଉଥିଲା । କିନ୍ତୁ ଭାଇନା କେଉଁଥିରେ ହଲଚଲ ହେଇ ନାହାନ୍ତି । ତାଙ୍କ ପାଖରେ ଜନତା ଜନାର୍ଦ୍ଦନ ସବୁବେଳେ ବଡ଼ ହେଇ ଦେଖା ଦେଇଛି । ସେଥିପାଇଁ ସେ ବହୁବାର ରାଜନୈତିକ ରୋଷର ଶିକାର ହୋଇଛନ୍ତି । ପ୍ରୋମୋସନ ଓ ଭଲ ବିଭାଗ ସବୁଥିରୁ ବଂଚିତ ହେଇଛନ୍ତି ଭାଇନା । କିଛି ବି ଭ୍ରୁକ୍ଷେପ କରି ନାହାନ୍ତି ସେ । ସେଥିପାଇଁ ସେ ଜିଣି ପାରିଥଲେ ସାଧାରଣ ମଣିଷରେ ପ୍ରଚୁର ଶ୍ରଦ୍ଧା ଓ ସମ୍ମାନ ।

ସେ ପ୍ରଶାସନ ଭିତରେ ରହି ଜାଣି ଯାଇଥିଲେ, ସେ ପ୍ରଶାସନ ପ୍ରଖର ନଦୀର ସ୍ରୋତରେ ଏକ କ୍ଷୁଦ୍ର ଭାସମାନ ପତ୍ର । ପ୍ରଶାସନକୁ ଠିକ କରିବାର ସାମର୍ଥ୍ୟ ତାଙ୍କର ନାହିଁ । ମହା ଦ୍ରୁମ ଦ୍ୱାରା ପ୍ରଶାସନ ପ୍ରଭାବିତ ।

ତଥାପି ବି ସେ ସ୍ରୋତର ପ୍ରତିକୂଳରେ ଥାଇ ନିରନ୍ନ ଜନତାର କଥା ଶୁଣୁଥିଲେ । ସମାଜର ଜଣେ ସାଧାରଣ ମଣିଷକୁ ସେ ସୁଯୋଗ ଦେଉଥିଲେ, ସେ ଯେପରି ତା'ର ସମସ୍ତ ଅଭିଯୋଗ ଓ ଅବସୋସ ନିର୍ଦ୍ୱନ୍ଦ୍ୱ ଓ ନିର୍ବିବାଦରେ ତାଙ୍କୁ ଦେଖା କରି କହିପାରୁ । ଭାଇନା ତାଙ୍କର ପ୍ରକୋଷ୍ଠ ବାହାର କାନ୍ଥରେ ଲେଖି ଝୁଲାଇ ଦେଇଥିଲେ, "ଯେତେବେଳେ ମୁଁ ସାଧାରଣ ଜନତାଙ୍କୁ ନିଜ ସମ୍ପର୍କୀୟ ମଣିଷଙ୍କ ସହ ସମତୁଲ କରିପାରିବି, ସେମାନଙ୍କ ଅନ୍ତରାତ୍ମାର ଭାଷାକୁ ପଢ଼ିପାରିବି, ସେତେବେଳେ ମୁଁ ଠିକ୍ ନ୍ୟାୟ ଦେଇ ପାରିବି । ଯେ ପର୍ଯ୍ୟନ୍ତ ମୁଁ (ପ୍ରଶାସକ) ସାଧାରଣ ମଣିଷଙ୍କର ଅନ୍ତରଂଗ ନ ହେଇ ପାରିଛି ସେ ପର୍ଯ୍ୟନ୍ତ ମୁଁ ସରକାରୀ କଳକୁ ସେମାନଙ୍କ ପାଖରେ ପହଂଚାଇ ପାରିନାହିଁ ।"

ଆମ ପଡ଼ୋଶୀ ଜିଲ୍ଲା ମୟୂରଭଞ୍ଜରେ ଜିଲ୍ଲାପାଳ ଥିଲାବେଳେ ଆମେମାନେ ଭାଇନାଙ୍କ ପାଖକୁ ଅନେକବାର ଯାଇଛୁ । ସବୁବେଳେ ସେଇ ପ୍ରଗଳ୍‌ଭତା, ସେଇ ହସ ହସ ମୁହଁ ଓ ଆମ ପ୍ରତି ଆନ୍ତରିକ ଭାବ । ଆମେ ତାଙ୍କ ପ୍ରକୋଷ୍ଠ ଭିତରକୁ ନିର୍ବିଘ୍ନରେ ଯାଇପାରୁଥିଲୁ । ସବୁଥର ଗଲେ ଗାଁର ହଗୁରୁ ବିଶ୍ୱାଳର ଇନ୍ଦିରା ଆବାସ ଘର ପାଇବାଠୁଁ, ବାସନ୍ତୀ ପୂଜା ଯାତ୍ରା ପାର୍ଟି ଆସିବା କଥା, ଆମ ଗାଁ ଫୁଟ୍‌ବଲ୍ ଟିମ୍ ସବୁ କଥା ସେ ପଚାରି ଯାଉଥିଲେ ଖୁବ୍ ଆଗ୍ରହରେ । ଆମକୁ ଆଶ୍ଚର୍ଯ୍ୟ ଲାଗୁଥୁଲା ଏତେ ବଡ଼ ଦାୟିତ୍ୱରେ ଥାଇ ବି ଭାଇନା ଆମ ଗାଁର ଅତି ସାଧାରଣ ଦଳେଇ ସାହିର ବୁଧିଆ ଉଜିଆକୁ ବି ଭୁଲିନଥିଲେ । ଭାଇନା ଦୁଆର ବନ୍ଦ କରିଦେଇ ଆମ ସମସ୍ତଙ୍କ ପାଇଁ ଚାହା ଜଳଖିଆ ମଗାଇ ଖାଇବାକୁ ବାଧ କରୁଥିଲେ । ଆମେ ଖାଉଥିଲା ବେଳେ ସେ କହୁଥିଲେ, "ଏ ସରକାରୀ ଚାକିରିରେ ରହି କିଛି କରି ହେବ ନାହିଁରେ । ଖାଲି ନେତା ମନ୍ତ୍ରୀଙ୍କ ଗୋଲାମ ହେଇ ରହିବା କଥା । ତୁମେମାନେ ଗାଁରେ ଜଳସେଚନ କରି ଚାଷ କର । ସେଠି ସୁନା ଫଳାଅ । ବାଣିଜ୍ୟରେ ମନ ଦିଅ । ଏ ଚାକିରିରେ ମୋର ସ୍ୱାଧୀନ ଚିନ୍ତନ ନାହିଁରେ ।"

ଭାଇନାଙ୍କ ପାଖକୁ ଜିଲ୍ଲାର ରିକ୍ସାବାଲା, ଦୀନମଜୁରିଆ, ମେହେନ୍ତର, ଭିକାରୀ, ମୋଚି ପରି ସମାଜର ଦଳିତ ଲୋକମାନେ ସେମାନଙ୍କ ଗୁହାରି ନେଇ ଯାଇ ପାରୁଥିଲେ । ସମାଜର ଉଚ୍ଚବର୍ଗର ଲୋକଙ୍କ ଠୁଁ ବେଶୀ ଏହି ଲୋକମାନେ ତାଙ୍କ ପାଖକୁ ଆସିବାରେ କଟକଣା ନଥିଲା । ଏମିତି ଆମେ ଥରେ ବସିଥିଲା ବେଳେ ଜଣେ ନିରନ୍ନ ବୃଦ୍ଧ ରିକ୍ସାବାଲା ବିଭୁ ଭାଇନାଙ୍କ ପାଖକୁ ଆସି ତାଙ୍କ ଗୋଡ଼ ତଳେ ପ୍ରଣିପାତ କଲା । ଭାଇନା ସିଟ୍‌ରୁ ଉଠିଯାଇ ତାକୁ ତଳୁ ଉଠାଇ କହିଲେ – "ମଉସା, ଆପଣ ମୋ ବାପ ବୟସର । ଆପଣ କାହିଁକି ମୋ ଗୋଡ଼ ତଳେ ପଡ଼ି ମୋତେ ପାପୀ କରୁଛନ୍ତି ? ଆଜି ତୁମେ ଶପଥ କର, କାହା ଗୋଡ଼ କେବେ ବି ଧରିବ ନାହିଁ ।"

ଏତିକି କଥାରେ ବୁଢ଼ା ରିକ୍ସାବାଲା କୋହ ସମ୍ଭାଳି ନପାରି କାନ୍ଦିଲା । ଭାଇନା କହିଲେ– "ମୁଁ ଆପଣମାନଙ୍କ ସେବା ପାଇଁ ଏ ଚୌକିରେ ବସିଛି । ଏଠି ବସିବା ପାଇଁ ଓ ଆପଣମାନଙ୍କ ସମସ୍ୟା ଶୁଣିବା ପାଇଁ ସରକାର ମୋତେ ବହୁତ ମଜୁରି ଦେଉଛନ୍ତି । ନିର୍ଭୟରେ କୁହ ତୁମ ଅସୁବିଧା ।"

ସାହସ ପାଇ ବୁଢ଼ାଲୋକ ଜଣକ କହିଲା– "ମୁଁ ସହରରେ ମୋ ସଞ୍ଚିତ ପଇସାରେ ଖଣ୍ଡେ ଜାଗା କିଣିଥିଲି । ଅଥଚ ଆର୍.ଆଇ.ଠୁଁ ତହସିଲ ଅଫିସ୍ ଯାଏଁ ଘୂରି ଘୂରି ଥକିଲିଣି । ଜାଗାର ନାମଜାରୀ ହେଇପାରୁନାହିଁ ।"

ଭାଇନା ସଂଗେ ସଂଗେ ସେ ତହସିଲ୍‌ଦାରଙ୍କୁ ଡାକିଲେ । ସମ୍ପୃକ୍ତ ଫାଇଲ୍ ଓ ଫାଇଲ୍ ରଖୁଥିବା କର୍ମଚାରୀଙ୍କୁ ବି । ଭାଇନା ନିଜେ ଫାଇଲ୍ ଅନୁଧ୍ୟାନ କଲେ । ତହସିଲ୍‌ଦାର ଥରହର ହେଉଥିଲେ । ସବୁ ବୁଝିଲା ପରେ ଭାଇନା ଜାଣିଲେ ସମ୍ପୃକ୍ତ କର୍ମଚାରୀ ଉତ୍କୋଚ ପାଇଁ ବୁଢାଲୋକର କାମକୁ ପକେଇ ରଖିଛନ୍ତି ।

ଭାଇନା ସମ୍ପୃକ୍ତ କର୍ମଚାରୀଙ୍କୁ କହିଲେ– "ଆରେ ଦରମା ନେଉଛ, ଏସବୁ କାମ କରିବା ପାଇଁ । ଅଥଚ ଏ ବାପ ବୟସର ବୁଢ଼ା ଲୋକଙ୍କୁ ହଇରାଣ କରୁଛ ? ଏ ଲୋକଙ୍କ କାମ ପାଇଁ କେତେ ଟଙ୍କା ଦରକାର, କୁହ ସେ ଟଙ୍କା ମୁଁ ଦେବି । କାମ କିନ୍ତୁ ଆଜି ଫଇସଲା ହେବ ।" ଭାଇନା ସତରେ ଗରିବ ଲୋକଙ୍କ ପାଇଁ ଥିଲେ ସାକ୍ଷାତ ଈଶ୍ୱର ।

\+ + + + +

ଏବେ ଭାଇନାଙ୍କ ବିବାହିତ ଜୀବନର କିଛି ଝଲକ । ହରିଆନାରୁ ଓଡ଼ିଶା କେଡର୍‌କୁ ଆସିଥିବା ସୁନ୍ଦରୀ, ହେମ ହରିଣୀ ଭାରତୀୟ ପ୍ରଶାସନିକ ସେବା ଅଫିସର୍ ମିସ୍ ଅରୁନ୍ଧତୀଙ୍କୁ ଦେଖି ଭାଇନା ଦିବାନା ହେଇଗଲେ । ସେ ସୁନ୍ଦରଗଡ଼ ଜିଲ୍ଲାର ଜିଲ୍ଲାପାଳ ଥିଲାବେଳେ, ମିସ୍ ଅରୁନ୍ଧତୀ ଥିଲେ ସେଇ ଜିଲ୍ଲା ସଦର ମହକୁମାର ସବ୍ କଲେକ୍ଟର । ପ୍ରେମ ଶେଷକୁ ପ୍ରଣୟରେ ପରିଣତ ହେଲା । ଅବଶ୍ୟ ବିବାହ ସମୟରେ ମାତ୍ର ଥରେ ଅରୁନ୍ଧତୀ ମାମ୍ ଗାଁକୁ ଆସିଥିଲେ । ଗାଁରେ ମାଟି କାଦୁଅର ଗୋବର ଲିପା ଘର, ମାଛି ଭଣଭଣ ଚଟାଣ, ସନ୍ତସନ୍ତିଆ ରାସ୍ତା, କାଦୁଅ ପାଣିରେ ପଚ୍‌ପଚ୍ ହେଉଥିଲା ବିଲ ବାଡ଼ି । ଉଆଁସର ଅନ୍ଧାର ରାତି, ପୂନେଇର ଉଜାଲା ଜହ୍ନ, ଶ୍ରାବଣ ମାସର ଅସରା ବର୍ଷା, ଘର କୋଣର ଚୁଂଗୀ ଆଳୁଅ, ଚୁଲିର ଘସି ନିଆଁ ପୋଡ଼ ପିଠା, ବାହାର ଘରର କାନ୍ଥରେ ଝୋଟି, କଉଡ଼ି ଖେଳ, ଭୂଆସୁଣିଙ୍କ

ପାଦରେ ଅଳତା, ବାପାଙ୍କ ସମାଧି, ପଚ୍ଛା ତୁଳସୀ ଚଉରାମୂଳେ ସଂଜ ଦୀପ, ଗାଁ ମନ୍ଦିରରେ ଆରତି ଓ ଘଂଟାଧ୍ୱନି ଭାଉଜଙ୍କୁ କେମିତି ଅଡୁଆ ଅଡୁଆ ଲାଗିଲା । ତା' ପରଠୁ ସେ ଆଉ କେବେ ଗାଁ ମୁହାଁ ହେଇ ନଥିଲେ ।

ଭାଇନାଙ୍କର ପୁଅଟେ ହେଇଗଲା ପରେ ଭାଉଜ ଆଉ ତାଙ୍କ ସହିତ ରହିବାକୁ ପସନ୍ଦ କଲେ ନାହିଁ । ଯେହେତୁ ଭାଇନା ତାଙ୍କୁ ସବୁବେଳେ ଗାଁ ଓ ଗାଁର ମଣିଷମାନଙ୍କୁ ଭଲ ପାଇବା କଥା କହୁଥିଲେ । ଏସବୁ କଥା କିନ୍ତୁ ଭାଉଜଙ୍କୁ ଠିକ୍ ଲାଗୁ ନଥିଲା । ଭାଉଜ ବି ନୀତି ଓ ନ୍ୟାୟର ପକ୍ଷପାତୀ ଥିଲେ । ହେଲେ ତାଙ୍କର ହୃଦୟ ଭାଇନାଙ୍କ ପରି ସ୍ୱଚ୍ଛ ଓ ନିର୍ମଳ ନଥିଲା । ତାଙ୍କ ଭିତରେ ଥିଲା ଅନେକ ଅଯୌକ୍ତିକ ଚିନ୍ତନ ଓ କ୍ଷମତାକୁ ନେଇ ଅନାବଶ୍ୟକ ଅହଂକାର ।

ସେଥିପାଇଁ ସେ ଭାଇନାଙ୍କୁ ପରମ୍ପରାନିଷ୍ଠ ମଣିଷ ମନେ କରି ପ୍ରତ୍ୟାଖ୍ୟାନ କରି ଦେଇଥିଲେ । ଆଇନ ସମ୍ମତ ଭାବେ ବିବାହ ବିଚ୍ଛେଦ ହେଇ ଯାଇଥିଲା । ପୁଅ ମାଆ ପାଖରେ ଲାଳିତ ହେବାକଥା କୋର୍ଟ ନିଷ୍ପତ୍ତି ଶୁଣାଇଲା । ଭାଇନା ସବୁଥିରେ ନୀରବ ରହି ଯାଇଥିଲେ ।

ସେ ନା ପ୍ରଶାସନକୁ ସଜାଡ଼ି ପାରିଲେ ନା ଭାଉଜ ତାଙ୍କ ଦର୍ଶନକୁ ଗ୍ରହଣ କରି ପାରିଲେ । ଭାଇନା ସାହିତ୍ୟ ରଚନା ଓ ଗାଁର ସମ୍ପର୍କକୁ ନେଇ କେବଳ ବଂଚି ରହିଲେ । ଚାକିରୀ ଥିଲା ତାଙ୍କ ପାଇଁ ମାତ୍ର ଗୋଟେ ବଂଚିବାର ଅବଲମ୍ବନ ।

ଓଡ଼ିଶା ସରକାରରୁ ବୀତସ୍ପୃହ ହେଇ ସେ କେନ୍ଦ୍ରକୁ ଚାଲି ଯାଇଥିଲେ । ଯେଉଁଠିକୁ ଗଲେ ଶାସନ ସେଇ ଏକ ପ୍ରକାରର । ସେଇ ପ୍ରଭୁତ୍ୱ ଜାହିର ଓ ସ୍ୱଜନ ତୋଷଣର କଥା । ଭାଇନା ପଦ୍ମପତ୍ରର ପାଣି ପରି କେବଳ ଢଳଢଳ ହେଉଥିଲେ । ଟ୍ରେନରେ ଦିଲ୍ଲୀ ଯାଇଥିଲା ବେଳେ ଓଡ଼ିଶାରୁ ମହାନଗରୀକୁ ଯାଉଥିବା ଓଡ଼ିଆମାନଙ୍କୁ କହୁଥିଲେ "ଆପଣ ଦିଲ୍ଲୀରେ ନୂଆ । ରାତିରେ ଟ୍ରେନ୍ ଲାଗିବ । କିଛି ଅସୁବିଧା ନାହିଁ । ମୁଁ ଆପଣଙ୍କୁ ମୋ ସରକାରୀ ବାସଭବନକୁ ନେଇଯିବି ।" ତାଙ୍କ କଥା ଶୁଣିଲେ କେହି ଭାବିବ ନାହିଁ ସେ ଏତେ ବଡ଼ ସିନିଅର ଆଇ.ଏ.ଏସ. ଅଫିସର୍ ବୋଲି ।

କଲମ ଥିଲା ତାଙ୍କର ଚିରସାଥୀ । ସେଇଥିରେ ବିନିଦ୍ର ରଜନୀରେ ସେ ତାଙ୍କ ସାରସ୍ୱତ ସଂଭାର ଭିତରେ ଫୁଟାଇଥିଲେ ମାନବିକତାର ସ୍ୱର । ତାସ୍ ଘର ପରି ଭୁଶୁଡ଼ି ପଡୁଥିବା ସ୍ୱପ୍ନ ଖଣ୍ଡକୁ ନେଇ ସେ ଶବ୍ଦ ଓ ବର୍ଣ୍ଣର ଉଆସ ଗଢୁଥିଲେ । ସତ୍ୟ ସିଂହାସନରେ ବସି ଯନ୍ତ୍ରଣାର କିରୀଟ ପିନ୍ଧି ଠୋ ଠୋ ହସ କାନ୍ଦ ଓ ସତ ମିଛର ସଂସାରକୁ ନେଇ ସେ ରଚୁଥିଲେ କାହାଣୀ । ଦୁଃସ୍ଥ ମଣିଷର ଦୀର୍ଘ ନିଶ୍ୱାସର ପ୍ରତିଧ୍ୱନି ଓ ପୀଡ଼ିତ ଆତ୍ମାର କରୁଣ ଆତ୍ମଲିପିକୁ ନେଇ ସେ ଗଢୁଥିଲେ ଉପନ୍ୟାସର ନୂଆ ନକ୍ସା ।

\+ \+ \+

ଭାଇନା ଦିନେ ହଠାତ୍ ଆମ ସମସ୍ତଙ୍କୁ ସ୍ତବ୍ଧ କରି ଦେଇ ଗାଁରେ ପହଂଚିଥିଲେ । ଯେଉଁଦିନ ତାଙ୍କ ଚାକିରିର ଅବ୍ୟାହତି ହେଲା, ସେଦିନ ସେ ଦିଲ୍ଲୀର ସରକାରୀ ବାସଭବନକୁ ସଂଗେ ସଂଗେ ହସ୍ତାନ୍ତରିତ କରି ପ୍ଲେନ୍‌ରେ ରାଜଧାନୀ ଭୁବନେଶ୍ୱର ଓ ତା' ପରେ ଟ୍ରେନ୍ ଧରି ଗାଁରେ ପହଂଚିଥିଲେ ପର ଦିନ ଭୋର ପାଂଚଟାରେ । ସାତ ପୁରୁଷର ଭିଟା ମାଟିରେ ଛିଡ଼ା ହେଇଥିବା ଘର, ମାଆ ଓ ଆମମାନଙ୍କର ମୋହ ମାୟା ତାଙ୍କୁ ମୋହିତ କରି ରଖିଥିଲା । ସମସ୍ତଙ୍କୁ ସେ ଡାକିଥିଲେ । ଆମେ ସଂଗେ ସଂଗେ ତାଙ୍କ ପାଖରେ ପହଂଚି ଯାଇଥିଲୁ ଗୋଟେ ଅପୂର୍ବ ଆତ୍ମୀୟପଣରେ । ସେ ଛଳଛଳ ହେଇ ସମସ୍ତଙ୍କୁ କୁଣ୍ଢାଇ ପକାଇ କହିଲେ – "ମୁଁ ଆଜି ଠୁଁ ତୁମମାନଙ୍କ ପରି ସ୍ୱାଧୀନ ମଣିଷ ହେଇଗଲିରେ । ଏଣିକି ମୁଁ ନିର୍ଭୀକ ଭାବେ ସବୁ ସତ କହି ପାରିବି ।"

ମୋତେ ବ୍ୟକ୍ତିଗତ ଭାବେ ପଚାରିଲେ– "ଆରେ ତୁ ଆମ ଗାଁ ଚିକିଟା ମାଟିକୁ ନେଇ ଯେଉଁ ମୂର୍ତ୍ତି ଗଢୁଥିଲୁ, ସେ କାମ ଚାଲିଛି ତ ?"

ମୁଁ ଭାଇନାଙ୍କ କଥାରେ ଆଶ୍ଚର୍ଯ୍ୟ ହେଇଗଲି ଓ ସେ ମୋର ମୂର୍ତ୍ତି ତିଆରି କରିବା କଥା ବି ଜାଣିଛନ୍ତି ! ମୁଁ ପାଠ ପଢ଼ା ସରିବା ପରେ ସକାଳଠୁଁ ସଂଜଯାଏ ମୋ ଗାଁର ମାଟିକୁ ଧରି ତିଆରି କରେ ମୋ ପୃଥିବୀର କଳା ସାମ୍ରାଜ୍ୟ । ସେସବୁକୁ ରଙ୍ଗତୂଳୀରେ କରେ ରଙ୍ଗୀନ । ଥରେ ଚକରେ ମାଟି ପଶିଗଲେ ତା' କେତେବେଳେ କେଉଁ ରୂପ ନେଉଥିଲା । ଘୋଡ଼ା, ହାତୀ, ଶ୍ରୀଚୈତନ୍ୟ ସଂକୀର୍ତନ, ଏମିତି ଅନେକ ମୂର୍ତ୍ତିର ରୂପ ନେଉଥିଲା ଆମ ଗାଁ ଚିକିଟା ମାଟି । ଏଇ ମାଟିକୁ ନେଇ ମୁଁ ଗାଁରେ ତିଆରି କରୁଥିଲି ମୋ ବୃତ୍ତିର ପରିଧି । ଏତେ ଦୂରରେ ଥାଇ ବି ଭାଇନା ମୋର ଏ ବୃତ୍ତି କଥାକୁ ମନରେ ଧରି ରଖିବା କିଛି କମ୍ କଥା ନଥିଲା । ମୋ ଆଖି ଛଳଛଳ ହେଇଗଲା ତାଙ୍କ କଥା ଶୁଣି ।

ମୁଁ କହିଲି– "ଭାଇନା ପାଠ ପଢି ସାରିଲା ପରେ ମୁଁ ଆଉ ଚାକିରି ପଛରେ ଘୂରି ପାରିଲି ନାହିଁ । ଏଇ କଣ୍ଢେଇ ତିଆରିକୁ ମୋ ବୃତ୍ତି ଭାବରେ ଆପଣାଇଛି ।"

ଭାଇନା କହିଲେ– "ଆରେ ଆମ ଗାଁର ମାଟିକୁ ତୁ ଜୀବନ୍ୟାସ ଦେଇ ସାରା ଜଗତରେ ପହଂଚାଇ ଦେଇଛୁ । ଏଇଟା କ'ଣ ଛୋଟ କଥା ! ଦିଲ୍ଲୀରେ ଜଣେ ବଡ଼ ବିଦ୍ୱାନ ଲୋକଙ୍କ ଘରେ ତୋ ନିର୍ମିତ ସୂକ୍ଷ୍ମ କଳାର ମୂର୍ତ୍ତି ଦେଖି ତୋ କଥା ଭାବୁଥିଲି । ସେସବୁ ଦେଖି ମୁଁ ନିଜକୁ ଗର୍ବିତ ମନେ କରିଥିଲି ସେତେବେଳେ ।"

ସେ ଆମ ଗାଁର ସମସ୍ତ ଜଣା ଅଜଣା ପିଲାଙ୍କ ସହ କଥା ହେଉଥିଲେ । ସମସ୍ତଙ୍କୁ ଗାଁର ଚାଷବାସ, କୁଟୀରଶିଳ୍ପକୁ ବୃତ୍ତି କରିବାକୁ ଉତ୍ସାହ ଦେଉଥିଲେ । ସେ ସହୁଥିଲେ– "ତୁମେମାନେ ଆମ ବାଲେଶ୍ୱରର ଅମୁକ୍ କବିଙ୍କ କବିତା ବହି 'ଆମ ଗାଁ' ପଢ଼ । ସେ ବହିର ପ୍ରଚ୍ଛଦ ଦେଖ । କେମିତି ଆମ ଅଂଚଳର ମକର ସଂକ୍ରାନ୍ତି ସନ୍ଧ୍ୟାର ପାଛିଆ ପୂଜାର ଜୀବନ୍ତ ଛବି ପ୍ରଚ୍ଛଦରେ ଦୃଶ୍ୟ ହେଉଛି । ସେଥିରେ ଥିବା ପାର୍ବଣଗୁଡ଼ିକରେ ଆମ ଗାଁମାନଙ୍କର ସଂସ୍କୃତି ଓ ଚାଷବାସର କଥା ବି ଅଛି ।"

(ମୁଁ ବିସ୍ମିତ ହେଇ ଯାଉଥିଲି, ଭାଇନା ଏତେ ବଡ଼ ଜାଗାରେ ଥାଇ ବି ବାଲେଶ୍ୱରରେ ପ୍ରକାଶିତ କବି ଭୂଦେବଙ୍କ କବିତା ବହିକୁ ବି ନିଜ ନଜରରେ ରଖିଛନ୍ତି)

ଭାଇନା ତାଙ୍କ ଜମିକୁ ଘେରାଇ ଗୋଟେ ଫାର୍ମହାଉସ୍‌ର କାମ ଆରମ୍ଭ କଲେ । ଫାର୍ମର ତତ୍ତ୍ୱାବଧାନ କଥା ସେ ନିଜେ ବୁଝୁଥିଲେ । ସେ ଲୋକ ପକାଇ ବିଭିନ୍ନ ରବି ଫସଲ, ସୂର୍ଯ୍ୟମୁଖୀ ଫୁଲ ଚାଷ, ପିଜୁଳି, ଜାମୁରୋଳ, ଆମ୍ବ ଇତ୍ୟାଦି ଚାଷ କରିବାକୁ ମନସ୍ଥ କଲେ । ଫାର୍ମ ଭିତରେ ଗୋଟେ ଘର ତିଆରି କଲେ । ସେ ସେଇଠି ଅବସରରେ ବସି ବହି ପଢ଼ିଲେ, ଗପ ଲେଖିଲେ ବା ଗାଁ ପିଲାମାନଙ୍କ ସହିତ କଥା ହେଉଥିଲେ ।

ସେ ଆମ ଅଂଚଳର ପାଂଚଶହ ବର୍ଷ ତଳର ଇତିହାସ ସଂଗ୍ରହ କରିଥିଲେ । ସେ ସବୁକୁ ନେଇ ଭାଇନା ଗୋଟେ ଉପନ୍ୟାସ ଲେଖୁଥିଲେ । ସେଇ ଉପନ୍ୟାସର ଗୋଟେ ଗୋଟେ ଭାଗ ସନ୍ଧ୍ୟାରେ ଆମମାନଙ୍କୁ କୁହନ୍ତି ତାଙ୍କ ଘର ଅଗଣାର ଫର୍ଚ୍ଚା ଜହ୍ନ ଆଲୁଅରେ ବସି । ସେଥିରେ ଆମ ଗାଁର ପୂର୍ବପୁରୁଷଙ୍କ କଥା ସବୁ ଉଲ୍ଲେଖ ଥିଲା ।

ବିଭୁ ଭାଇନା ପାଂଚଶହ ବର୍ଷ ତଳେ ଆମ ଉତ୍ତର ବାଲେଶ୍ୱରର ବାଣିଜ୍ୟ, ବନ୍ଦର ତଥା ଲୋକମାନଙ୍କର ଗୌରବ ଓ ସାହସପଣର ଇତିହାସର କଥା କହୁଥିଲେ । ଆମେମାନେ ମନ୍ତ୍ରମୁଗ୍ଧ ହେଇ ଶୁଣୁଥିଲୁ ସେ କହୁଥିବା କଥା । ଏଥିରୁ ଆମେ ଆକଳନ କରୁଥିଲୁ ଆମ ପ୍ରାଚୀନ ଓଡ଼ିଶାର ହୃତଗୌରବ ଓ ଅବକ୍ଷୟର ଗାଥା ବି । କିନ୍ତୁ ତାଙ୍କ ଇତିହାସର ବିଶେଷତଃ – ଏହା ଯେ ଏଥିରେ ରାଜା ରାଜୁଡ଼ାଙ୍କ କଥା ନଥିଲା । ଥିଲା ଚାଷୀ, କାରିଗର, ଲୁଗା ବୁଣାଳୀ, ନାବିକ, ବଣିକ ଓ ସାଧବଙ୍କ କୀର୍ତିର ଲୋମହର୍ଷଣ କଥା ସବୁ । ସେ ସେଇ ପୁରୁଣା ଦିନର ଅର୍ଥନୀତି, ସଂସ୍କାର ସାମାଜିକ ସ୍ଥିତିର କଥା ବି ବଖାଣୁଥିଲେ । ତାଙ୍କ କଥା ପୁରାଣ ଶୁଣିବା ବା ଟି.ଭିରେ ସିରିଏଲ ଦେଖାଠୁଁ ଆହୁରି ରୋମାଞ୍ଚକର ଲାଗୁଥିଲା । ଏସବୁ କଥାରେ ଉଦ୍‌ବୁଦ୍ଧ ହେଇ ଆମ ଗାଁର ଯୁବକ ମଧ୍ୟବୟସ୍କ ଓ ବୃଦ୍ଧ ଲୋକମାନେ ବି ସଂଜ ହେଲେ

ବିଭୁ ଭାଇନାଙ୍କ ଅଗଣାକୁ ଆସୁଥିଲେ । ବର୍ଷା ଦିନ ଆସିଲେ ଆସର ତାଙ୍କ ଦାଣ୍ଡ ବଂଗଳାରେ ବସୁଥିଲା । ବିଭୁ ଭାଇନାଙ୍କ ନବେ ବର୍ଷର ମାଆ ବି ସେଇ ବଂଗଳାରେ ପଡିଥିବା ଗୋଟେ ଖଟରେ ବସି କଥା ଶୁଣୁଥିଲେ ବା ନିଦ ମାଡ଼ିଲେ ସେଇଠି ଘୁମେଇ ପଡୁଥିଲେ । ଭାଇନା ପ୍ରତି ସନ୍ଧ୍ୟାରେ ଗୋଟେ ଗୋଟେ ଅଧ୍ୟାୟ ଆରମ୍ଭ କରୁଥିଲେ ଓ ତାହା ସରିବା ଯାଏଁ ଆମେ ସବୁ ତାଙ୍କ ମୁହଁକୁ ଭେକଲା ହେଇ ଚାହିଁ ରହିଥିଲୁ ରାତି ଯେତେ ହେଲେ ବି ।

+ + +

ସେ ଆମ ପିପିଲି (ପିପଲେଶ୍ୱର ଗାଁ) ହୃତ ବନ୍ଦରର କଥା କହୁଥିଲେ । ସେଇ ବନ୍ଦର ପଥରେ ୧୩ ସମୁଦ୍ର ପାର ହେଇ ପର୍ତ୍ତୁଗୀଜମାନେ ପହଂଚିଲେ । ପିପିଲି ବନ୍ଦର ସୁବର୍ଣ୍ଣରେଖା ନଦୀର ମୁହାଣ ଠିଁ ଅବସ୍ଥିତ ଥିଲା । ଏଇଠୁ ଓଡ଼ିଆ ପୁଅମାନେ ବୋଇତ ଚଢ଼ି ବିଦେଶ ଯାଉଥିଲେ ବଣିଜ କରିବାକୁ । ପିପିଲି ଅଧିପତି ଥିଲେ ମାନ୍ଧାତା ।

ପିପିଲି ବନ୍ଦରକୁ ପର୍ତ୍ତୁଗୀଜମାନେ ଆସି ସେ ଅଂଚଳରେ ରାହାଜାନି କରି ଚାଲୁଥିଲେ । କିନ୍ତୁ ସେତେବେଳେ ଆମ ଓଡ଼ିଆ ନାବିକମାନେ ବି କିଛି କମ୍ ନଥିଲେ ସେମାନେ ବି ଥିଲେ ଭାରି କୁଶଳୀ ଯୋଦ୍ଧା । ଜଳଦସ୍ୟୁ ଓ ବିଦେଶୀ ନାବିକମାନଙ୍କ ସହ ଜୁଝିବା ପାଇଁ ।

'ଗରୁଡ଼' ନାମରେ ଗୋଟେ ବାଲେଶ୍ୱରୀ ଜାହାଜ ପିପିଲି ବନ୍ଦର ପାଖାପଖି ସମୁଦ୍ରରେ ଆସି ଲଂଗର ପକାଇ ଥିଲା । 'ଗରୁଡ଼' ଜାହାଜ ଉପରକୁ ପ୍ରଥମେ ପର୍ତ୍ତୁଗୀଜ ଜାହାଜ ଭିତରୁ ଦଶଟି ପୋତରେ ଅସ୍ତ୍ରଶସ୍ତ୍ର ଧରି ପର୍ତ୍ତୁଗୀଜ ଦୁର୍ଦ୍ଧର୍ଷ ନାବିକମାନେ ଆଗେଇ ଆସିଥିଲେ ସେଇ ଅନ୍ଧକାର ବର୍ଷଣ ରାତିରେ ।

ଭାଇନା ଏମିତି ସବୁ କଥା ଆରମ୍ଭ କଲେ ଆମେ ସମସ୍ତେ ଭୋକ ଶୋଷ ଭୁଲି ତାଙ୍କ ମୁହଁକୁ ଚାହିଁ ରହିଥିଲୁ । କେଉଁଠୁ ଏତେ ଆମ ଅଂଚଳର ଇତିହାସ ସବୁ ସେ ସଂଗ୍ରହୀତ କରୁଥିଲେ କେଜାଣି । କିନ୍ତୁ ସେ ସବୁ କଥାରେ ଥିଲା ଆମ ମାଟିର ବଣିକ ଓ ନାବିକଙ୍କ କୀର୍ତି ଓ ଯଶର କଥା । ବାସ୍ତବିକ ଆମ ପୂର୍ବପୁରୁଷ କେତେ ଲଢୁଆ ଜାତି ଥିଲେ ସେ କଥା ଶୁଣି ଆମେ ଆଶ୍ଚର୍ଯ୍ୟ ହେବା ଥଲା ସ୍ୱାଭାବିକ ।

ହଁ, ଏବେ ସେଇ 'ଗରୁଡ଼' ଜାହାଜର ବଣିକମାନଙ୍କର ପର୍ତ୍ତୁଗୀଜମାନଙ୍କ ସହ ଲଢ଼ିବାର କଥା । ସେ ଜାହାଜର ବାଲେଶ୍ୱରୀ ମାଲିକ ଖୁବ୍ ଚତୁର ଥିଲେ । ତାଙ୍କ ସହ ଯୋଦ୍ଧାମାନେ ସେଇ ପର୍ତ୍ତୁଗୀଜ ଲୁଟେରାମାନଙ୍କୁ କାବୁ କରି 'ଗରୁଡ଼' ଜାହାଜରେ ବାନ୍ଧି ପକାଇଲେ । ପର୍ତ୍ତୁଗୀଜ ଜାହାଜରେ ଆଉ କେହି ଯୋଦ୍ଧା ନଥିଲେ, ଆକ୍ରମଣ କରିବାକୁ । ସତରେ ପିପିଲିର ଅଧିବାସୀମାନେ ତା ପୂର୍ବରୁ ପର୍ତ୍ତୁଗୀଜ ନାବିକମାନଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହେଇ ପଡିଥିଲେ । ସେମାନେ ଯେତେବେଳେ ଶୁଣିଲେ ଗରୁଡ଼ ଜାହାଜ ଭିତରେ ସେଇ ବିଦେଶୀ ଲୁଟେରାମାନେ ବନ୍ଧା ହେଇଛନ୍ତି, ସେମାନେ ନୌକାରେ ବହୁ ସଂଖ୍ୟାରେ 'ଗରୁଡ଼'କୁ ଯାଇଥିଲେ ସେଇ ବିଦେଶୀ ଦୁର୍ଦ୍ଧର୍ଷମାନଙ୍କୁ ଦେଖିବା ପାଇଁ ।

ଗରୁଡ଼ ଜାହାଜର ମାଲିକ ଓ ତାଙ୍କର ସହଯୋଗୀମାନେ ସେହି ବନ୍ଧା ହେଇଥିବା ପର୍ତ୍ତୁଗୀଜ ନାବିକମାନଙ୍କୁ ଧରି ପୋତରେ ପିପିଲି ମାଟିକୁ ଆସିଲେ । ପିପିଲିର ସାଧାରଣ ଲୋକ ତାଙ୍କୁ କୃତଜ୍ଞତା ଜଣାଇଲେ । ପିପିଲିର ଲୋକମାନେ ଅନୁନୟ କଲେ ପର୍ତ୍ତୁଗୀଜ ପାଜୀମାନଙ୍କୁ ସମୁଦ୍ର ଭିତରକୁ ଫୋପାଡ଼ି ଦେବା ପାଇଁ । ସେମାନଙ୍କ ଦୌରାତ୍ମ୍ୟରେ ସେମାନେ ପ୍ରକୃତରେ ଅତିଷ୍ଠ ହେଇ ପଡ଼ିଥିଲେ । କିନ୍ତୁ ଜାହାଜର ମାଲିକ କହିଲେ– "ନା, ସେମିତି କରି ହେବ ନାହିଁ । ଏହା ମୋ ସାଧବ ଧର୍ମର ପରିପନ୍ଥୀ । ପିପିଲିବାସୀଙ୍କ ହାତରେ ମୁଁ ଏହି ବନ୍ଦୀମାନଙ୍କୁ ସମର୍ପି ଦେଉଛି । ବରଂ ମାନ୍ଧାତା ଆପଣମାନେ ବିଚାର କରନ୍ତୁ ।"

ଲୋକମାନେ ଏହି ବନ୍ଦୀମାନଙ୍କୁ ପାଇଲା ପରେ ସଗୌରବରେ ସାହସୀ ଲୋକମାନେ ନୌକାରେ ପର୍ତ୍ତୁଗୀଜ ଜାହାଜ ଭିତରକୁ ଯାଇଥିଲେ । ଜାହାଜରେ ଥିବା କପ୍ତାନ ଓ ଅନ୍ୟ ଦୁଇଜଣ ସହଯୋଗୀ ନାବିକ ଭୟରେ ହାତ ଟେକିଦେଲେ । ସେମାନଙ୍କୁ ବନ୍ଦୀ କରାଗଲା । ଲୋକମାନେ ଜାହାଜ ଦରାଣ୍ଡି ଆଉ କେତେଜଣ ତୁର୍କୀ, ଆଫ୍ରିକୀୟ ଓ ଜଣେ ଓଡ଼ିଆ କ୍ରୀତଦାସ ବି ଜାହାଜରେ ତ୍ରସ୍ତ ଅବସ୍ଥାରେ ଥିବାର ଦେଖିଲେ ।

ଲୋକମାନେ ଓଡ଼ିଆ କ୍ରୀତଦାସକୁ ପଚାରିଲେ – "ଏ ଜାହାଜରେ ଆଉ କ'ଣ ସବୁ ଅଛି କୁହ ?" ଓଡ଼ିଆ କ୍ରୀତଦାସ କହିଲା– "ପର୍ତ୍ତୁଗୀଜ ନାବିକମାନେ ଯା ଭିତରେ ଗୋଟେ ଉପହାର ରଖିଛନ୍ତି । ଏଠି ବ୍ୟବସାୟ ପୂର୍ବରୁ ରାଜାଙ୍କୁ ଭେଟି ଦେଇଥାନ୍ତେ । କିନ୍ତୁ ରାଜା କିଏ ଜାଣି ନ ପାରିବାରୁ ସେମାନେ ଦୌରାତ୍ମ୍ୟରେ ଲିପ୍ତ ହେଲେ ।"

ସେମାନେ ସେଇ ଓଡ଼ିଆ କ୍ରୀତଦାସର ସହାୟତାରେ ନିବୁଜ ସବାରୀରେ ଥିବା ଉପହାରକୁ ଠିକଣା କଲେ । ସବାରୀଟି ହାତୀ ଦାନ୍ତ, ସୁନାରୂପା, ମଣିମାଣିକ୍ୟରେ ଝଲମଲ ହେଉଥିଲା । ଓଡ଼ିଆ କ୍ରୀତଦାସ ଓ ଆଉ କେତେଜଣ ସ୍ଥାନୀୟ ଲୋକ ସେ ସବାରୀକୁ କାନ୍ଧ ଲଗାଇ ଜାହାଜରୁ ଡଙ୍ଗାକୁ ଆଣିଲେ । ଡଙ୍ଗାରୁ ବନ୍ଦର । ଅବଶ୍ୟ ସେତେବେଳକୁ ଅନ୍ୟ ସମସ୍ତେ ବନ୍ଦରରେ ପହଂଚି ଯାଇଥିଲେ ।

ସବାରୀ, ବନ୍ଦୀ କ୍ୟାପ୍ଟାନ ଓ ବନ୍ଦୀ ନାବିକମାନଙ୍କୁ ଧରି ହଜାର ହଜାର ଜନସାଧାରଣ ସେ ଅଂଚଳର ଅଧିକାରୀ ମାନ୍ଧାତାଙ୍କ ଦରବାରକୁ ସେମାନଙ୍କ ବିଚାର ପାଇଁ ଗଲେ ।

ମାନ୍ଧାତାଙ୍କ କଚେରୀ ଘର ଭିତରକୁ କେବଳ କପ୍ତାନ ଓ ସବାରୀକୁ ବୋହି ନିଆଗଲା । ବନ୍ଦୀ ହେଇଥିବା କ୍ୟାପ୍ଟେନକୁ ଧରି ଓଡ଼ିଆମାନେ ଜୟଧ୍ୱନି ସହିତ ପହଂଚିଲେ ମାନ୍ଧାତାଙ୍କ ସାମ୍ନାରେ । ସେ ଗୋଟେ ବଡ଼ ସୌଖୀନ ଚୌକିରେ ବସିଥିଲେ । ପାଖରେ ଗୋଟେ ତକ୍ତପୋଷ ଖଟ ପଡ଼ିଥିଲା । ସେ କହିଲେ – "ଏ କପ୍ତାନର ହାତ ଗୋଡ଼ ଶିକୁଳି ମୁକ୍ତ କର ।"

ନିର୍ଦ୍ଦେଶ ଅନୁସାରେ ତାକୁ ମୁକ୍ତ କରାଗଲା । ପୁଣି ମାନ୍ଧାତା ନିର୍ଦ୍ଦେଶ ଦେଲେ: "ଏ ଖଟରେ ବସ ।" ପର୍ତ୍ତୁଗୀଜ ଜାହାଜରେ ଥିବା ଅନୁବାଦକ ତାକୁ ସେ କଥା ବୁଝାଇ ଦେଲାରୁ କ୍ୟାପ୍ଟାନ୍ ସେଇ ତକ୍ତପୋଷ ଖଟରେ ବସିଥିଲେ ।

ସେ ହାତ ଯୋଡ଼ି କହିଲା– "ମହାନୁଭବ ମୁଁ ଆପଣଙ୍କ ପାଇଁ ସୁଦୂର ଆମ ଦେଶରୁ ଗୋଟେ ଉପହାର ଆଣିଛି ।" ବିସ୍ମିତ ମାନ୍ଧାତା କହିଲେ– "କି ଉପହାର ?" କ୍ୟାପ୍ଟେନ୍ ସବାରୀର ଦୁଆର ଖୋଲି ଦେବାକୁ ଇସାରା ଦେଲା । ମାନ୍ଧାତା ସବାରୀ ଭିତରେ ଜଣେ ସୁନ୍ଦରୀ ତନୁଶ୍ରୀ ଲାବଣ୍ୟବତୀ ବିଦେଶିନୀକୁ ଦର୍ଶନ କଲେ । ସେ ଉତ୍ସୁକ ହେଇ କହିଲେ– "ଇଏ କ'ଣ ? ଏ ତରୁଣୀକୁ କାହିଁକି ଅଣା ଯାଇଛି ?".

କ୍ୟାପ୍ଟେନ ଥରି ଥରି କହିଲେ– "କେବଳ ଆପଣଙ୍କ ଭୋଗ ପାଇଁ । ଆପଣ ଏହାକୁ କ୍ରୀତଦାସୀ କରି ରଖିବେ ।"

ମାନ୍ଧାତା କହିଲେ– "ମୋର ଏ ବିଦେଶିନୀ କ୍ରୀତଦାସୀର କି ଆବଶ୍ୟକତା ?" କ୍ୟାପ୍ଟେନ୍ କହିଲେ– "ମହାଭାଗ ଥରେ ଆମେ ଏ ଉପହାର ପ୍ରଦାନ କଲା ପରେ ଆଉ ଫେରାଇବା ଆମ ଧର୍ମ ନୁହେଁ । ଦୟାକରି ଏ ତରୁଣୀଙ୍କୁ ମହାଭାଗ ଆଶ୍ରୟ ଦିଅନ୍ତୁ ।"

ମାନ୍ଧାତା ଧର୍ମ ସଂକଟରେ ପଡ଼ି କହିଲେ– "ଇଏ ନାରୀ ଏବେ ଆମର ଆଶ୍ରିତା । ଅରକ୍ଷିତାକୁ ଆଶ୍ରୟ ଦେବା ଆମ ଧର୍ମ ବି ।" ପୁଣି ଟିକେ ଚିନ୍ତା କରି କହିଲେ – "ଏ ନାରୀକୁ ଅନନ୍ତପୁରକୁ ନିଆଯାଉ ।"

(ସବାରୀରୁ ସେଇ ନାରୀକୁ ଓହ୍ଲାଇ ଆଣିଲା ବେଳେ ସେ ତରୁଣୀର ସୁନ୍ଦର ମୁହଁ ଓ ଅବୟବ ସତରେ ମାନ୍ଧାତାଙ୍କୁ ପ୍ରଲୁବ୍ଧ କରି ଦେଇଥିଲା ।)

କ୍ୟାପ୍ଟାନ ତା'ପରେ ତାଙ୍କ ବନ୍ଧୁକ ମାନ୍ଧାତାଙ୍କୁ ଅର୍ପଣ କରି ତାଙ୍କ ବଶ୍ୟତା ସ୍ୱୀକାର କଲେ । ମାନ୍ଧାତା ନିଜକୁ ଧନ୍ୟ ମନେ କଲେ । ସେ ଖୁସିରେ ଗଦ୍‌ଗଦ୍ ହେଇ କ୍ୟାପ୍ଟାନକୁ କହିଲେ– "ତୁମେମାନେ ଏ ଅଂଚଳରେ ବଣିଜ କର । କିନ୍ତୁ ରାହାଜାନି କରିବ ନାହିଁ କଦାଚିତ୍ ।"

କ୍ୟାପ୍ଟାନ ସମ୍ମତି ପ୍ରକାଶ କଲେ । ସମସ୍ତ

ପର୍ତ୍ତୁଗୀଜମାନଙ୍କୁ ବନ୍ଧନମୁକ୍ତ କରି ଦିଆଗଲା । ସେମାନେ ବନ୍ଦର ଅଭିମୁଖେ ପ୍ରତ୍ୟାବର୍ତ୍ତନ କଲେ ।

ହଁ, ସେ କୁଆଁରୀ ଯୁବତୀଟି ମାନ୍ଧାତାଙ୍କ ନାରୀ ଅନ୍ତଃପୁରରେ ପହଂଚିଲାରୁ ଜଣା ପଡ଼ିଲା ସେ ଅକ୍ଷତା ଅଛି । ତା ଆଖି ଥିଲା ଛଳଛଳ ନୀଳବର୍ଣ୍ଣ ଓ ତା ଦେହକୁ ମୁଦୁସୁଲୀମାନେ କ୍ରମାଗତ ଇଠାଫଳ, ତେନ୍ତୁଳି, ଲେମ୍ବୁ, କଦଳୀ ଗଛର ପୋଡ଼ାପତ୍ରରେ ଘସି ଗାଧୋଇ ଦେଲେ । ତାକୁ ପୁରୀ ମହାପ୍ରସାଦ, ଗାଇ ମୂତ୍ର ଖୁଆଇଲେ । ଶ୍ରୀ ଜଗନ୍ନାଥ ମାଳ ପକାଇ ତାକୁ 'ହରେକୃଷ୍ଣ ହରେରାମ' ମହାମନ୍ତ୍ର ଜପିବାକୁ କହିଲେ । ଆମ ମାଟିର ଭାଷା ଶିଖାଇଲେ । ମାନ୍ଧାତା କହୁଥିଲେ – "ପ୍ରଥମେ ସେ ଝିଅକୁ ଆମ ଧର୍ମ, ଆମ ସଂସ୍କୃତକୁ ଆଣ ।"

ସେ ଆମ ଓଡ଼ିଆ ଖାଦ୍ୟ ଯଥା: ପଖାଳ, କଳମ ଶାଗ, ବଡ଼ିଚୁରା, ଚୂନା ମହୁରାଳି ମାଛ ବି ଧୀରେ ଧୀରେ ଖାଇଲା । ପ୍ରତି ସମୟରେ ମାନ୍ଧାତା ତା'ର ଖିଆଲ ରଖୁଥିଲେ । କିଛି କିଛି ସ୍ୱପ୍ନ ବି ଦେଖୁଥିଲେ ସେ ବିଦେଶିନୀକୁ ନେଇ ତାଙ୍କ ଅବଚେତନ ମନରେ ।

(ଭାଇନାଙ୍କ ମାନ୍ଧାତାଙ୍କ କଥା ସରୁ ନଥିଲା, ରାତି ବହୁତ ହେଇ ଯାଇଥିଲେ ବି ଆମେ ବି ଏ ରୋମାଂଚକର କଥା ଆଗ୍ରହରେ ଶୁଣୁଥିଲୁ ଅନିଦ୍ରା ହେଇ)

ଭାଇନା କଥାର ଖିଅ ଲମ୍ବାଇ ଥିଲେ । ଇତ୍ୟଅବସରରେ କିଛି ଦିନ ବିତି ଯାଇଥିଲା । ପର୍ତ୍ତୁଗୀଜମାନେ ପୁଣି ବନ୍ଦର ଅଂଚଳରେ ବ୍ୟବସାୟରେ ଖୁଚୁରା ରାହାଜାନୀ ଆରମ୍ଭ କରିବାର ଖବର ମାନ୍ଧାତାଙ୍କ କାନକୁ ଆସିଲା । ତାଙ୍କୁ ଆଉ କିଏ ସମ୍ଭାଳେ ? ସେ କ୍ରୋଧରେ ତାଙ୍କ ସୈନ୍ୟସାମନ୍ତ ନେଇ ବନ୍ଦର ପାଖକୁ ଚାଲିଲେ । ମାନ୍ଧାତାଙ୍କ ପଟୁଆର ଦେଖି ସର୍ବସାଧାରଣ ଲୋକେ ଦାଆ, କଟୁରୀ, ପନିଖି, ଶାବଳ ଧରି ମଧ ବାହାରି ଆସିଲେ ।

ସେତେବେଳକୁ ପର୍ତ୍ତୁଗୀଜମାନେ ପୀଠର ପ୍ରସିଦ୍ଧ ପିପେଳେଇ ମାଆଙ୍କ ମନ୍ଦିର ଭାଙ୍ଗି ସେଠି ଗୋଟେ ଚର୍ଚ୍ଚ ଗଢ଼ିବା ଆରମ୍ଭ କରି ଦେଇଥିଲେ ।

ମାନ୍ଧାତା କୋପ କରି ନିର୍ଦ୍ଦେଶ ଦେଲେ, - "ଏ ଶଳା ବେଇମାନମାନଙ୍କୁ ମାର ।" ଏତିକିରେ ଲୋକମାନେ କିଳିକିଳା ରାବ ଦେଇ ପର୍ତ୍ତୁଗୀଜମାନଙ୍କ ଉପରେ ହମ୍‌ଲା କରିଦେଲେ । ସେମାନେ ଅବଶ୍ୟ ତୋପ କେତୋଟି ଫୁଟାଇ ଥିଲେ । ହେଲେ ଏତେ ଲୋକଙ୍କୁ ସେମାନେ ସାମ୍ନା କରି ପାରିନଥିଲେ ।

ଯୁଦ୍ଧରେ କ୍ୟାପ୍ଟେନ ଓ ତା ନାବିକମାନେ ପୁଣି ବନ୍ଧା ହେଲେ । ମାନ୍ଧାତା ନିର୍ଦ୍ଦେଶ ଦେଲେ– "ଏମାନଙ୍କ ହାତ ଗୋଡ଼ ବାନ୍ଧି ଏଇ ଗୋଦାମ ଘରେ ପକାଇ ଦିଅ । ମୁଁ ମାସେ ପରେ ଆସିଲେ ଏ ବେଇମାନ କ୍ୟାପ୍ଟେନର ବିଚାର କରିବି । ହଁ ଏମାନଙ୍କୁ ଠିକ୍ କରି ଆମ ଦେଶୀ ଖାଦ୍ୟ ଖାଇବାକୁ ଦେଉଥିବ ।"

ବିଜୟ ଉଲ୍ଲାସରେ ମାନ୍ଧାତା ନିଜ ଉଆସକୁ ଫେରି ଆସିଲେ । ତାଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ଆମ୍ବପତ୍ର କଇଁଫୁଲ, ପଦ୍ମଫୁଲ, କଦଳୀ ଗଛର ତୋରଣ ତିଆରି ହେଲା । ଦେଶୀ ତୋପ ବି ଫୁଟିଲା ।

ଏସବୁ ମାନ୍ଧାତାଙ୍କ ସ୍ତ୍ରୀ ଆୟୋଜନ କରିଥିଲେ । ଏସବୁ ଦେଖି ସେ ମନେ ମନେ ଉଲ୍ଲସିତ ହେଇ ଯାଉଥିଲେ । ତାଙ୍କ ଦରବାର ଅଗଣାରେ ଗୋଟେ ବେଦୀ ବି ସଜ୍ଜିତ ହେଇଥିଲା । ସେଠି ଅବଗୁଣ୍ଠିତ ବେଶରେ କନ୍ୟା ଜଣେ ବସିଥିଲା । ମାନ୍ଧାତା ଆଶ୍ଚର୍ଯ୍ୟ ହେଇ ସ୍ତ୍ରୀଙ୍କୁ ପଚାରିଲେ – "ଏସବୁ କ'ଣ ?"

ସ୍ତ୍ରୀ କିଛି ନ କହି ତାଙ୍କ ହାତ ଧରି ଗାଧୁଆ ଘରକୁ ନେଇ ଭଲ କରି ସ୍ନାନ କରାଇ ବର ବେଶରେ ସଜାଇ ଦେଲେ ଓ କହିଲେ– "ତୁମର ବିଜୟ ପାଇଁ ମୁଁ ତୁମକୁ ସେଇ ତୁରସ୍କ ଝିଅକୁ ଭେଟି ଦେଉଛି । ସେ ଏବେ ଖାଂଟି ଓଡ଼ିଆଣୀ । ମାନ୍ଧାତା ଟିକେ ମୃଦୁ ଅଭିମାନରେ ଗମ୍ଭୀର ହେଇ ତାଙ୍କୁ ଅନାଇଲେ ।



ସ୍ତ୍ରୀ ପୁଣି କହିଲେ– "କହିଲ ସେ ନିରିମାଖି ଝିଅଟି ଏ କଂଚା ବୟସରେ ଏକା ଏକା କେମିତି ରହିବ ?"

+ + +

ବିଭୁ ଭାଇନା ସେଇ ବିଳମ୍ବିତ ରାତିରେ ଏତିକି କହୁଁ କହୁଁ ହଠାତ୍ ତାଙ୍କ ଅଗଣାରେ ଗୋଟେ କାର୍ ଆସି ହର୍ଣ୍ଣ ଦେଲା । ସେ ଆଶ୍ଚର୍ଯ୍ୟ ହେଇ କହିଲେ – "ଏତେ ରାତିରେ ଆମ ଘରକୁ କିଏ ଆସିଲା, କେଜାଣି ?"

(ଆମେ କିନ୍ତୁ ଭାରି ମନସ୍ତାପ କରୁଥିଲୁ, ଭାଇନାଙ୍କ ଠୁଁ କାହାଣୀର କ୍ଲାଇମେକ୍ସ ନ ଶୁଣିପାରି । ସତରେ ଭାଇନା ଆମ ମାଟିକୁ ନେଇ କି ସୁନ୍ଦର କଥା କହିଲେ !)

ଭାଇନା ସଂଗେ ସଂଗେ ବାହାରକୁ ବାହାରି ଆସିଲେ । ସେ ଭାବୁଥିଲେ ନିଶ୍ଚେ ତାଙ୍କର କେହି ପୁରୁଣା ବନ୍ଧୁ ବା ସରକାରୀ ଲୋକ ହେଇଥିବେ । ସରକାରୀ ଲୋକମାନେ ତାଙ୍କ ଉପରେ ଚାପ ପକାଉଛନ୍ତି, କେଉଁ ଗୋଟେ ରାଜ୍ୟ ବା କେନ୍ଦ୍ରୀୟ କମିଶନ ବା ସଂସ୍ଥାନର ଦାୟିତ୍ୱ ଦେବା ପାଇଁ । କିନ୍ତୁ ଭାଇନାଙ୍କର ସେ ସବୁରେ ଆଉ ଆସକ୍ତି ନଥିଲା । ବୋଧହୁଏ ସେଇଥି ପାଇଁ କିଏ ଆସିଥିବେ ତାଙ୍କୁ ପ୍ରବର୍ତ୍ତାଇବାକୁ ।

କାର୍‌ରୁ ଓହ୍ଲାଇଲା ଚବିଶ ପଚିଶ ବର୍ଷ ବୟସ୍କର ସୌମ୍ୟ ଡେଙ୍ଗା ଗୌର ବର୍ଣ୍ଣର ଯୁବକ ଜଣେ । ସେ ଭାଇନାଙ୍କ ପାଖକୁ ଆସି ଗୋଡ଼ ଛୁଇଁ ଦଣ୍ଡବତ ହେଲା । ଯୁବକକୁ ଦେଖି ଭାଇନା ବିସ୍ମିତ ହେଇ ପଚାରିଲେ - "ବାବୁ ତୁମ ପରିଚୟ ? ମୋ ପାଖରେ କିଛି କାମ ଅଛି ?"

ଯୁବକ କହିଲେ- "ମୁଁ ବାପା ଆପଣଙ୍କ ପୁଅ, ଚନ୍ଦ୍ରଭାନୁ ମିଶ୍ର ।"

ଭାଇନା ଏତିକି କଥାରେ ଆହୁରି ଆଶ୍ଚର୍ଯ୍ୟ ହେଇ ପୁରୁଣା କଥା ମନେ ପକାଇଲେ । କଥା ହେଲା ତାଙ୍କର ବିବାହ ବିଚ୍ଛେଦ ହେଲା ବେଳେ ଏ ପୁଅ ସାନ ଥିଲା । ଅବଶ୍ୟ ଭାଇନା ପୁଅର ନାମ ଖୁବ୍ ଶ୍ରଦ୍ଧାରେ ଚନ୍ଦ୍ରଭାନୁ ଦେଇଥିଲେ । କିନ୍ତୁ କୋର୍ଟ ନିର୍ଦ୍ଦେଶ ଦେଲା, ମାଆ ପାଖରେ ପିଲା ରହିବ । ସେ ପୁଅ ସାଆବାଳକ ହେଲା ପରେ ତା ଇଚ୍ଛା ମୁତାବକ ଯାହାଙ୍କୁ ଆପଣାଇ ପାରେ । ଭାଇନାଙ୍କ ସେଇ ଦିନୁ

ପୁଅକୁ ଆଉ ଦେଖି ନଥିଲେ । କିନ୍ତୁ ଏତେ ଦିନ ପରେ ସେ ପୁଅ ଦେଖି ଭିତରେ ଭିତରେ ବିଭୋର ହେଉଥିବା ଥିଲା ସ୍ୱାଭାବିକ ।

ସେ ନମ୍ର ଧୀର ଓ ଥମ୍ ଥମ୍ ହେଇ କହିଲେ, – "କହ ମୋ ପାଖରେ କିଛି କାମ ଅଛି ?"

ପୁଅ କହିଲା– "ମୁଁ ଆମେରିକାରେ ଗୋଟେ ବଡ଼ ଆଇ.ଟି. କମ୍ପାନୀରେ ଚାକିରି କରେ । ମୋର ବିଦେଶ ଗହଣି ଆନନ୍ଦ ଦେଇ ପାରୁନାହିଁ । ମୁଁ ଆପଣଙ୍କ ପାଖକୁ ଓ ଏଇ ମାଟିକୁ ଫେରି ଆସିବାକୁ ଚାହୁଁଛି । ମୋର ଆପଣଙ୍କ ଅଧିକାର ଦରକାର ।"



ଭାଇନା ତା ପିଠି ଆଉଁସି ଦେଲାବେଳେ ତାଙ୍କ ଆଖି ଲୁହରେ ଆପ୍ଲୁତ ହେଇ ଯାଇଥିଲା ।

ସେ ପୁଣି କହିଲା– "ବାପା, ମୁଁ ଆପଣଙ୍କ ପାଖରୁ ଗୋଟେ ଅନୁମତି ଚାହୁଁଛି !" ଭାଇନା ଛଳଛଳ ହେଇ ତାକୁ ଅନିସନ୍ଧିସ୍ନୁ ଆଖିରେ ଅନାଇଲେ । ଆମେ ସମସ୍ତେ ବି ଏମିତି ବାପ ପୁଅଙ୍କୁ ସଂଯୋଗ ଦେଖି ତଟସ୍ଥ ହୋଇ ଯାଇଥିଲୁ । ପୁଅ ପୁଣି ସଂକୁଚିତ ଓ ସଂଭ୍ରମ ହେଇ କହିଲା, "ମୁଁ ଆମେରିକାରେ ଯେଉଁ କମ୍ପାନୀରେ କାମ କରୁଥିଲି, ସେଠି ଲୋରିଏଲ ନାମରେ ଜଣେ ଝିଅ ଚାକିରୀ କରୁଥିଲା । ସେ ମୋତେ ଜୀବନସାଥୀ କରିବାକୁ ଋହେଁ । ଆପଣ 'ହଁ' କଲେ ସେ କାର୍‌ରୁ ଓହ୍ଲାଇବ । ନହେଲେ ସିଧା ଆମେରିକା ଫେରିଯିବ ।"

କି ଉତ୍ତର ଦେବେ ଭାଇନା, ଜାଣିପାରୁ ନଥିଲେ । ସେ ତାଙ୍କ ନିଜ କଥା ଭାବୁଥିଲେ । ହରିଆନାରୁ ଅରୁନ୍ଧତୀଙ୍କୁ ବିବାହ କରିଥିଲେ ବି ତାଙ୍କ ବୈବାହିକ ଜୀବନ ଠିକ୍ ହେଇ ପାରିଲା ନାହିଁ । ଅଥଚ ପୁଅ ଅନୁମତି ମାଗୁଛି ଜଣେ ବିଦେଶିନୀକୁ ଜୀବନସାଥୀ କରିବା ପାଇଁ !

ଏଇ ଅଳ୍ପ ସମୟ ପୂର୍ବରୁ ସେ ଏ ମାଟିର ମାନ୍ଧାତାଙ୍କ ତୁରସ୍କ ଝିଅ ସହିତ ହାତଗଣ୍ଠି ପଡ଼ିବାର ଇତିହାସ ବଖାଣୁ ଥିଲେ ଗଦ୍ ଗଦ୍ ହେଇ । ଏବେ କିନ୍ତୁ ସେ ଭାରାକ୍ରାନ୍ତ ହୋଇଗଲେ, ଏମିତି ଏକ ଜଟିଳ ପରିସ୍ଥିତିରେ ପୁଅର ବିଦେଶିନୀ ଝିଅ ସହ ପ୍ରେମ କଥାଶୁଣି । ସେ ତାଙ୍କ ମାଆ, ବଂଗଳାରେ ଶୋଇଥିବା ଖଟ ପାଖକୁ ଗଲେ । ନବେ ବର୍ଷ ବୟସର ମାଆଙ୍କର ସ୍ମୃତି ବିଭ୍ରମ ହେଲାଣି । ନୈଷ୍ଟିକ ବ୍ରାହ୍ମଣ ଘର ବିଧବା ନାରୀ । ବେକରେ ତାଙ୍କର ତୁଳସୀ ଓ ଦୟଣା ମାଳ । ଘର ଭିତରେ ଶ୍ରୀଜଗନ୍ନାଥ, ଦୁର୍ଗା ଓ ଲକ୍ଷ୍ମୀଙ୍କ ବିଗ୍ରହ । ଅଗୁରୁ ଚନ୍ଦନ, ବାସ ଫୁଲ ଓ ଧୂପ ଝୁଣାରେ ଠାକୁର ଘରର ପବିତ୍ର ମହ ମହ ବାସ୍ନା ଓ ସକାଳ ସନ୍ଧ୍ୟାରେ ଭାଗବତ, ଲକ୍ଷ୍ମୀ ପୁରାଣ ପାଠ ।

ଭାଇନା ମାଆଙ୍କ ପାଖରେ ଛିଡ଼ା ହେଇ ନିଜ ପୁଅର ଅଭୀପ୍‌ସା ବ୍ୟକ୍ତ କଲେ । ମାଆ ଭାଇନାଙ୍କୁ କୋଳେଇ ନେଲେ, ଯେମିତି କଅଁଳା ଛୁଆକୁ କୋଳରେ ବସାଇ ମାଆ "ଆ ଜହ୍ନ ମାମୁଁ" ଗୀତ ଶୁଣାଇ ଥାଏ । ଭାଇନା କାନ୍ଦୁଥିଲେ । ତାଙ୍କ ଲୁହ ସବୁ ଥପ୍‌ଥପ୍ ହେଇ ମାଟିରେ ପଡୁଥିଲା । ବାହାରେ ପୁଅ, ବାପାଙ୍କ ଅନୁମତିକୁ ଅପେକ୍ଷା କରିଥିଲା । ଲୋରିଏଲ ସେମିତି କାର୍ ଭିତରେ ହିଁ ବସିଥିଲା । ଭାଇନା ମାଆଙ୍କ ମୁହଁକୁ ଚାହିଁଥିଲେ ।

ମା ମୁହଁ ଖୋଲିଲେ, "ହଁ, ତୁ ଆଜି ସନ୍ଧ୍ୟାରେ ମାନ୍ଧାତା ଭାରିଜା କଥା କହୁଥିଲୁ ପରା । ସେ ବି ସେଦିନ ତା ଗିରସ୍ତକୁ ବର ବେଶରେ ସଜାଇ ବିଦେଶୀ ଝିଅ ସହିତ ହାତଗଣ୍ଠି ପକାଇ ଦେଇଥିଲା । ହେଲେ ତୋ ସ୍ତ୍ରୀକୁ ଦେଖ୍ । ସେ ସବୁ ସମ୍ପର୍କ ତୋ ଠୁଁ କାଟି ଚାଲିଗଲା । କାମିନୀର ମାୟା କିଏ ବୁଝିବରେ ?"

ଏତିକିରେ ତାଙ୍କ କଣ୍ଠ ବାଷ୍ପରୁଦ୍ଧ ହୋଇଗଲା । ବିଭୁ ଭାଇନା ବି ଟିକେ ଆନମନା ହୋଇ ବଡ଼ ଦୀର୍ଘନିଶ୍ୱାସଟେ ଛାଡ଼ିଲେ । ଜହ୍ନ ପଶ୍ଚିମ ଆକାଶରେ ବୁଡି ଯାଇଥିଲା । ଗଭୀର ରାତିର ନିରୀହ ଅନ୍ଧାରରେ ଭାଇନାଙ୍କ ମୁହଁକୁ ଦେଖି ହେଉ ନଥିଲା । ସେ ଭାବୁଥିଲେ ଅରୁନ୍ଧତୀ ଭାଉଜଙ୍କର ତାଙ୍କ ଠୁଁ ବିଚ୍ଛେଦ ଓ ଯନ୍ତ୍ରଣାର କଥା । ସେ ଜୀବନ ସୁଖର ନୀଳ ସମୁଦ୍ରକୁ ସାମ୍ନା କରିଛନ୍ତି ଖୁବ୍ ନିକଟରୁ । ସମୁଦ୍ର ଭିତରେ ମଣି, ମୁକ୍ତା, ଅମୃତ ଓ ବୈଦୁର୍ଯ୍ୟର ଭଣ୍ଡାର କଥା ସେ ଶୁଣିଛନ୍ତି । କିନ୍ତୁ ସମୁଦ୍ର କ'ଣ ତାଙ୍କୁ ଖୁସିଲେ ମିଠା ଜଳ ଆଞ୍ଜୁଳାଏ ଦେଇ ତାଙ୍କ ଶୋଷ ମେଂଟାଇଛି ତମାମ ଜୀବନ ଯାତ୍ରାରେ ?

ସେ ସେଇ ଅନ୍ଧାର ଭିତରେ ପୁଅକୁ ନିଜ ଛାତିକୁ ଆଉଜାଇ ଆଣି ବିକଳରେ ସେଇ ସମୁଦ୍ରର ପରିତୃପ୍ତିର ମିଠା ଜଳ ଆଞ୍ଜୁଳାଏ ଖୋଜୁଥିଲେ । ଠିକ୍ ଏତିକିବେଳେ ନିଜ ଓଢ଼ଣୀକୁ ମୁହଁରେ ଅବଗୁଣ୍ଠିତ କରି ବିଦେଶିନୀ ଲୋରିଏଲ୍ କାର୍ ବାହାରକୁ ଆସିଲା ଓ ଜଣେ କୁଳୀନ ଓଡ଼ିଆ ବଧୂ ପରି ଭାଇନାଙ୍କ ପାଦଧୂଳି ନେଇ ମଥାରେ ମାରିଲା ।

ସେଇ ବିଦେଶିନୀ ଝିଅର ଏ ଆଚରଣ, ଭାଇନା ଓ ଉପସ୍ଥିତ ଆମ ସମସ୍ତଙ୍କୁ ଚକିତ କରିଥିଲା ସେଇ ଅତିକ୍ରାନ୍ତ ବିବର୍ଣ୍ଣ ରାତିରେ । ଭାଇନା ଆତ୍ମିକ ଭାବାବେଗରେ ଲୋରିଏଲ୍ ମୁଣ୍ଡକୁ ଆଉଁସି ଦେଲେ । ତାଙ୍କ ଭିତରେ ଗୋଟେ ଆତ୍ମବିଶ୍ୱାସ ତଥାପି ଥିଲା ।

# ପୁଷ୍ପ



# ଦ୍ୱନ୍ଦ୍ୱ

**ଭୁବନେଶ୍ୱରୀ ପଣ୍ଡା**
'କଲ୍ୟାଣୀ', ପ୍ଲଟ୍ ନଂ- ପିପି ୧୨୬, ପାଣ୍ଡବ ନଗର
ବଡ଼ଗଡ଼, ଭୁବନେଶ୍ୱର
ଫୋନ: ୬୩୭୧୬୫୨୨୨୪

ଅଳଙ୍କରଣ: ଚିତ୍ରଶିଳ୍ପୀ ସୁସ୍ମିତା ମିଶ୍ର

**ଅନେକ ଓଷା ବ୍ରତ କରେ ଶ୍ୱେତା । ଯୋଉ ଠାକୁରାଣୀଙ୍କ ପାଖକୁ ଯିବାକୁ କହିଲେ ଯାଏ । ଯିଏ ଯାହା ଚେର ମୂଳି କହିଲା ତାକୁ ଖୋଜିକି ଆଣେ । ହାତରେ ଯାବତୀୟ ମୁଦି ଏବଂ ବାହୁରେ ତେଉଁରିଆ ପିନ୍ଧିଛି । ନିଃସନ୍ତାନ ଦମ୍ପତିଙ୍କୁ ସନ୍ତାନ ସୁଖ ଦେଇଥିବା ଦେଶର ନାମକରା ଡାକ୍ତର ପାଖକୁ ବି ଯାଇଛି ଶ୍ୱେତା । ହେଲେ ସମସ୍ତେ ସିଧାସିଧା ମନା କରି ଦେଇଛନ୍ତି ଆଉ କିଛି ସମ୍ଭାବନା ନାହିଁ ବୋଲି ।**

ସକାଳୁ ପ୍ରାୟ ୮ ଥର ସୁକାନ୍ତକୁ ଫୋନ୍ କଲେଣି ତରୁଣ । ହେଲେ ଫୋନ୍ ଉଠାଉନି ସେ । ହ୍ୱାଟ୍ସ ଆପ୍‌ରେ ମେସେଜ୍ ବି କରିଛନ୍ତି । ହେଲେ ଉତ୍ତର ଦେଉନି ସୁକାନ୍ତ । ତନୁ ଜାଣିଲେ ବିରକ୍ତ ହେବା ଥୟ । "ସୁକାନ୍ତ ବାବୁ ଓ ତାଙ୍କ ସ୍ତ୍ରୀ ଶ୍ୱେତା ଅଲଗା ପ୍ରକାରର ମଣିଷ । ସେମାନେ କେବେ ବି ଏତେ ବଡ଼ ନିଷ୍ପତ୍ତି ନେଇ ପାରିବେନି । ତୁମେ ସେଥିରେ ପଶନି ଜମା । ଶେଷକୁ ଅପଦସ୍ତ ହେବ । ଭଦ୍ର ଲୋକରେ ଭାଣ୍ଡିଆ ହେବ" ବୋଲି କୁହେ ତନୁ । ହେଲେ ସ୍ତ୍ରୀ କଥାକୁ ଏ କାନରେ ପୂରେଇ ସେ କାନରେ ବାହାର କରିଦିଅନ୍ତି ତରୁଣ । ଆଉ ଅନ୍‌ଲାଇନ୍ ଆବେଦନ ଠାରୁ ଆରମ୍ଭ କରି ଯେତେ ସବୁ ପ୍ରକ୍ରିୟା ଅଛି ସବୁଥିରେ ସୁକାନ୍ତକୁ ସହଯୋଗ କରି ଆସିଛନ୍ତି ତରୁଣ ।

ଚୌକିରେ ବସିଥିବା ତରୁଣ ପାଖ ଟେବୁଲ ଉପରେ ରଖିଲେ ମୋବାଇଲ୍‌ଟା । ସୁକାନ୍ତ ଓ ଶ୍ୱେତାଙ୍କର ତେବେ କ'ଣ ହେଲା ? ସୁକାନ୍ତ ଆୟକର ଏବଂ ଶ୍ୱେତା ରେଳ ବିଭାଗରେ ଉଚ୍ଚ ପଦବୀରେ ଅବସ୍ଥାପିତ । ଦି ଜଣ ଯାକ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ । ପୁଳାପୁଳା ଟଙ୍କା କମାନ୍ତି । ହେଲେ ଭୋଗ କରିବାକୁ କେହି ନାହାନ୍ତି ।

ଅନେକ ଓଷା ବ୍ରତ କରେ ଶ୍ୱେତା । ଯୋଉ ଠାକୁରାଣୀଙ୍କ ପାଖକୁ ଯିବାକୁ କହିଲେ ଯାଏ । ଯିଏ ଯାହା ଚେର ମୂଳି କହିଲା ତାକୁ ଖୋଜିକି ଆଣେ । ହାତରେ ଯାବତୀୟ ମୁଦି ଏବଂ ବାହୁରେ ତେଉଁରିଆ ପିନ୍ଧିଛି । ନିଃସନ୍ତାନ ଦମ୍ପତିଙ୍କୁ ସନ୍ତାନ ସୁଖ ଦେଇଥିବା ଦେଶର ନାମକରା ଡାକ୍ତର ପାଖକୁ ବି ଯାଇଛି ଶ୍ୱେତା । ହେଲେ ସମସ୍ତେ ସିଧାସିଧା ମନା କରି ଦେଇଛନ୍ତି ଆଉ କିଛି ସମ୍ଭାବନା ନାହିଁ ବୋଲି ।

ଏହି ସମୟରେ ଏକ ବାହାଘରରେ ଦୂର ସଂପର୍କୀୟ ଲତା ମାଉସୀ ସହ ଭେଟ ହୁଏ ଶ୍ୱେତାର । ଲତା ମାଉସୀଙ୍କ ଝିଅ ରୋଜିର ବାହାଘର ସରି ସେତେବେଳକୁ ଦି'ଟା ଝିଅ ହେଇ ସାରିଲାଣି । ରୋଜିର ଆର୍ଥିକ ଅବସ୍ଥା ଭଲ ନୁହେଁ । ହେଲେ ପୁଅଟିଏ ନିହାତି ଦରକାର । ତେଣୁ ତୃତୀୟ ଥର ପାଇଁ ଗର୍ଭବତୀ ଥାଏ ରୋଜି । ଶ୍ୱେତାର ଏଯାଏଁ କିଛି ପିଲାଛୁଆ ହେଇନି ବୋଲି ଜାଣିବା ପରେ ଲତା ମାଉସୀ କହିଲେ, "ଯଦି ଏଥର ରୋଜିର ପୁଣି ଝିଅ ହୁଏ ତାହେଲେ ତୁ ନେଇଯିବୁ । ସେ ତ ପାଳି ପୋଷି ପାରିବନି । ତାପରେ ଏଥର ଝିଅ ହେଲେ ତାକୁ ଆଉ ତା' ସ୍ୱାମୀ କି ଶାଶୁଘରେ ପୂରେଇ ଦେବେନି ।"

୮ ଦିନ ପରେ ରୋଜିର ଡେଲିଭରି ହେଲା । ଏଥର ପୁଣି ଝିଅ । ଲତା ମାଉସୀ ଖବର ଦେଲା ଶ୍ୱେତାକୁ । ରୋଜି ନିଜ ଝିଅକୁ କୋଳରେ ଧରିବା ଆଗରୁ ହିଁ ଶ୍ୱେତା ତାକୁ ଡାକ୍ତରଖାନାରୁ ଧରିକି ଚାଲି ଆସିଲା । ଢେର୍ ଯତ୍ନରେ ବଢ଼େଇଲେ ତାକୁ । ନାଁ ଦେଲେ ନିଧି । ଦେଢ଼ ବର୍ଷର ହେଇଥିବା ବେଳେ ମାମୁଁଙ୍କ ପୁଅ ବାହାଘରକୁ ନିଧିକୁ ନେଇ ଯାଇଥିଲା ଶ୍ୱେତା ।

କଣ୍ଢେଇଟେ ଭଳି ଲାଗୁଥାଏ ନିଧି । ପରୀ ଭଳି ଡ୍ରେସ୍ ପିନ୍ଧିଥାଏ ସେ । ମୁଣ୍ଡରେ ଡ୍ରେସ୍‌କୁ ମ୍ୟାଚ୍ କରି ହେୟାର୍ କ୍ଲିପ୍ । ପାଦରେ ଦାମୀ ଜୋତା । ଖନେଇ ଖନେଇ କଥା କହୁଥାଏ । 'ହେଡ୍' କୋଉଟା ପଚାରିଲେ ନିଜ ମୁଣ୍ଡକୁ ଦେଖାଇ ଦେଉଥାଏ । 'ନୋଜ୍' କାଇଁ ବୋଲି ପଚାରିଲେ ନାକ ଟେକିକି କୌତୁକିଆ ମୁହଁ ଭଙ୍ଗୀ ବାହାର କରୁଥାଏ । ନିଧିକୁ ଲୁଚିଲୁଚି ଦେଖୁଥାଏ ରୋଜି । କେହି ନଥିଲା ବେଳେ ଜାବୁଡ଼ିକି ଗେଲ କରି ପକାଉଥାଏ । କାହିଁ ତୋତେ ଦେଇଦେଲି ପର ହାତକୁ ବୋଲି ଧିକ୍କାରୁ କରୁଥାଏ ନିଜକୁ ।

ବାହାଘରରୁ ଆସିବାର ମାତ୍ର ୮ ଦିନ ହେଇଛି କି ନାହିଁ । କ'ଣ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ହେଲା କେଜାଣି । ରୋଜି ଓ ତା' ସ୍ୱାମୀ ଆସି ଶ୍ୱେତା ଘରେ



▶ ଗାଳ୍ପିକା ଭୁବନେଶ୍ୱରୀ ପଣ୍ଡା

**ଗଳ୍ପ ପଛର ଗଳ୍ପ**

**ଦୂରରେ ଥିବା ଯେ କୌଣସି ଜିନିଷ ପାଇବା ପାଇଁ ମଣିଷ ବେଶ୍ ଆଗ୍ରହ ଦେଖାଏ । କିନ୍ତୁ ଯେତେବେଳେ ସେହି ଜିନିଷଟି ପାଖକୁ ଆସିଯାଏ, ସେତେବେଳେ ସେ ପଛଘୁଞ୍ଚା ଦିଏ । ସେତେବେଳେ ଭଲ-ମନ୍ଦ, ଲାଭ-କ୍ଷତି ଏତେ ମାତ୍ରାରେ ହିସାବ କରେ ଯେ ନିଷ୍ପତ୍ତି ନେବା ସହଜ ହୁଏନି । ମୋ ଆଖପାଖରେ ଏମିତି ଚରିତ୍ରର ଅଭାବ ନାହିଁ । ସେମିତି ଚରିତ୍ରଙ୍କୁ ଅନେକ ଥର ଭେଟିଛି । ପୁଣି ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଦମ୍ପତିଙ୍କୁ ମଧ୍ୟ ନିକଟରୁ ଦେଖିଛି । ଏସବୁ ମୋତେ ଏହି ଗପଟି ଲେଖିବାକୁ ପ୍ରେରଣା ଯୋଗାଇଛି । ଏମିତି ସବୁ ଚରିତ୍ରକୁ ମୋ ଗଳ୍ପ 'ଦ୍ୱନ୍ଦ୍ୱ'ରେ ସ୍ଥାନ ଦେଇଛି...**

ଭୁବନେଶ୍ୱରୀ ପଣ୍ଡା

ହାଜର । "ଯାହା ଭୁଲ୍ କରିଥିଲୁ କ୍ଷମା କରିଦିଅ । ଆମ ଛୁଆକୁ ଆମକୁ ଦେଇଦିଅ । ଶାଗ ପଖାଳରେ ଆମେ ତାକୁ ବଡ଼ କରିବ", କହିଲା ରୋଜି ।

ସେଦିନ ରାତିରେ ପୁରା ଗୁମସୁମ୍ ଥିଲା ଶ୍ୱେତା । ସୁକାନ୍ତ ବୁଝେଇଲେ ତାକୁ । "ମୁଁ ସେତେବେଳେ ମନା କରିଥିଲି ବନ୍ଧୁବାନ୍ଧବରୁ ଛୁଆ ନ ଆଣିବାକୁ । କାରଣ ମୁଁ ଜାଣିଥିଲି ଏମିତି କିଛି ହବ ବୋଲି । ତୁମେ ତ ଶୁଣିଲନି । ଜିଦ୍ ଧରିଲ । ଏମାନେ ମୁର୍ଖ ଲୋକ । ଯେ କୌଣସି ସ୍ତରକୁ ଯାଇ ପାରିବେ । ଘର ଆଗରେ ଆସି ବସିବେ । ପାଟି ତୁଣ୍ଡ କରି ଆମ ଇଜ୍ଜତ ନେଇଯିବେ । ଆମେ ଦି ଜଣ ଯାକ ସରକାରୀ ଚାକିରିଆ । ଯଦି ଭଲରେ ଭଲରେ ନିଧିକୁ ତାଙ୍କ ହାତକୁ ଟେକି ନଦେବା ତାହେଲେ କିଳା ନେବା ଥୟ", କହିଲେ ସୁକାନ୍ତ । ଶ୍ୱେତା ବୋଧେ ବୁଝିଗଲା ଜିଦ୍ ଧରିଲେ ସମସ୍ୟା ଜଟିଳ ହେବ । ତେଣୁ ବିନା ପ୍ରତିବାଦରେ ନିଧିକୁ ଟେକିଦେଲା ରୋଜି ହାତକୁ ।

ରାଜଲକ୍ଷ୍ମୀ ଆପାର୍ଟମେଣ୍ଟ୍‌ରେ ରହୁଥିଲେ ଉଭୟ ସୁକାନ୍ତ ଓ ତରୁଣ । ସେଇଠୁ ଉଭୟ ପରିବାରର ପରିଚୟ । ସମ୍ପର୍କ ବେଶ୍ ନିବିଡ଼ ହୋଇ ଯାଇଥିଲା । ପରେ ସୁକାନ୍ତ ନିଜେ କିଣିଥିବା ଜାଗାରେ ଘର କରନ୍ତି । ପ୍ରତିଷ୍ଠା ପରେ ସ୍ୱାମୀ-ସ୍ତ୍ରୀ ଚାଲି ଆସନ୍ତି ନୂଆ ଘରକୁ । ହେଲେ ଉଭୟ ପରିବାର ମଧ୍ୟରେ ଫୋନ୍‌ରେ କଥାବାର୍ତ୍ତା, ଯିବା ଆସିବା ଲାଗି ରହିଥାଏ ।

ତରୁଣ ଓ ତନୁ ବାହାଘରର ୪ ବର୍ଷ ପରେ ପୋଷ୍ୟ ସନ୍ତାନ ହିସାବରେ ଝିଅଟିଏ ଗ୍ରହଣ କରନ୍ତି । ଆଇନଗତ ପ୍ରକ୍ରିୟା ସରିବା ପରେ ୫ ମାସର ଝିଅକୁ ଧରି ସ୍ୱାମୀ-ସ୍ତ୍ରୀ ଆସନ୍ତି ଘରକୁ । ଜଣେ ଗାଧେଇ ଦେଲେ ଆଉ ଜଣେ ବୋତଲରେ ନାନ୍ ପ୍ରୋ ପିଆଇ ଦିଏ । ଗେଲ ବସରରେ ବଢୁଥାଏ କୁନି ଝିଅ ମିକି । ତନୁ ଲୋରି ଶୁଣେଇକି ଶୁଆଇ ଦିଅନ୍ତି ଝିଅକୁ । ଭିଟାମିନ୍ ଡି ପାଇଁ ମିକିକୁ କଅଁଳିଆ ଖରାରେ ଧରି ବସନ୍ତି ତରୁଣ । ତନୁଙ୍କ ସ୍ନେହ ମମତାରେ ଡଉଲଡାଉଲ ଦେଖା ଯାଉଥାଏ ମିକି । ଅଚିହ୍ନା ଅଜଣା ବୋଲି ତା'ର କିଛି ନଥାଏ । ମାଆ କି ବାପା ଯାହା କୋଳରେ ଥିଲେ ବି ସାମ୍ନାରେ ଥିବା ମଣିଷକୁ ଦେଖି ପାକୁଆ ପାଟିରେ ହସିଦିଏ । ସାମ୍ନା ମଣିଷ ବି ମିକିର ହସକୁ ଅଣଦେଖା କରି ପାରନ୍ତିନି । ତାଳିଟେ ମାରନ୍ତି । ହାତ ବଢ଼େଇ ଦିଅନ୍ତି କାଖ ଟିକିଏ କରିବାକୁ । ମିକି ବି ଡେଇଁପଡ଼ିକି ସମସ୍ତଙ୍କ ପାଖକୁ ପଳାଏ ।

ରାଜଲକ୍ଷ୍ମୀ ଆପାର୍ଟମେଣ୍ଟ୍‌ରେ ରହୁଥିବା ମୌସୁମୀଙ୍କ ସହ ସେଦିନ ମଲ୍‌ରେ ଭେଟ ହୁଏ ଶ୍ୱେତାର । ତରୁଣ ବାବୁ ଓ ତନୁ ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଖବର ଜାଣିବାକୁ ପାଏ ଶ୍ୱେତା । ଆଉ ଘରକୁ ଆସି ଫୋନ୍ ଲଗାଏ ତନୁକୁ । "ଆରେ ଆମେ କ'ଣ ଏତେ ପର ହେଇଗଲୁ ? ଏତେ ଭଲ କଥାଟା ଟିକିଏ ଜଣେଇଲନି ଆମକୁ ? ହଉ ଏଇ ରବିବାର ତମ ଘରକୁ ଯିବି । ଝିଅକୁ ଦେଖିକି ଆସିବି", କହିଲା ଶ୍ୱେତା ।

ହଉ ହଉ ଆସନ୍ତୁ ଆପଣ । ମିକି ସହ ଖେଳିବେ । କେତେବେଳେ ସମୟ କଟିଯିବ ଜଣା ପଡିବନି । ହଉ ସେଦିନ ଆପଣ ଆମ ଘରେ ଲଞ୍ଚ୍ କରିବେ ବୋଲି କହି ଫୋନ୍ ରଖିଲା ତନୁ ।

ରବିବାର ଦିନ ଶ୍ୱେତାକୁ ଆଣି ତରୁଣ ଘରେ ଛାଡ଼ି ଦେଇଗଲା ସୁକାନ୍ତ । ମିକି ପାଇଁ ଡ୍ରେସ୍, ଖେଳଣା, ହଗିସ୍, ବେବି ଅଏଲ୍, ପାଉଡର ସବୁ ଧରିକି ଆସିଥିଲା ଶ୍ୱେତା । ସତେ ଯେମିତି ଚିହ୍ନା ମୁହଁ । ଶ୍ୱେତାକୁ ଦେଖି ଦେଖି ଲକ୍ଷେ ଟଙ୍କିଆ ହସଟେ ହସିଦେଲା ମିକି । କାଖ କରିବାକୁ ଦି' ହାତ ବଢ଼େଇ ଦେଲା ଶ୍ୱେତା । ମାଆ ତନୁ କାଖରୁ ଡେଇଁ ପଡ଼ିଲା ଭଳି ଚାଲି ଆସିଲା ମିକି । ଶ୍ୱେତା କାଖରେ ରହି ତା' ବିନ୍ଦିକୁ ନିରିଖେଇ ଦେଖିବା ସହ ବାରମ୍ବାର ଉଠେଇ ଆଣୁଥିଲା । ପୁଣି କେତେବେଳେ ଚେନ୍‌ର ଲକେଟ୍ ଟାଣୁଥିଲା । କେତେବେଳେ ହାତ ଯାଇ କାନଫୁଲରେ । ଏଡ଼ିକି ବକଟେ ପିଲା ଏମିତି ଦେଖୁଥାଏ ଯେ ଲାଗୁଥାଏ କିଛି ଗୋଟେ ନୂଆ ଜିନିଷ ଆବିଷ୍କାର କରିବ ।



ସପ୍ତାହକୁ ଗୋଟିଏ ମାତ୍ର ଛୁଟିଦିନ । ସଫା ଡ୍ରେସ୍ ସବୁ ଆଇରନ୍ ପାଇଁ ଦେଇଥାନ୍ତା ଶ୍ୱେତା । ଫୁଲ ଗଛ ସବୁରେ ପାଣି ଦିଆ ହେଇଥାଆନ୍ତା । ତେଣୁ ଲଞ୍ଚ୍ ପରେ ମାନେ ୨ଟା ସୁଦ୍ଧା ଆସି ମତେ ଘରକୁ ନେଇଯିବ ବୋଲି ସୁକାନ୍ତକୁ କହିଥିଲା ଶ୍ୱେତା । ହେଲେ ମିକିକି ଯେତେ ଗେଲ କଲେ ବି ମନ ପୂରୁନି । ତନୁ ବାରମ୍ବାର ଡାକିଲାଣି ଖାଇବ ଆସ ବୋଲି । ହେଲେ ଶ୍ୱେତା କହୁଥାଏ, "ନାଇଁ ମ ଭୋକ ହେଇନି ।" ତନୁକୁ ଆଶ୍ଚର୍ଯ୍ୟ ଲାଗୁଥିଲା । ୧୨ଟାରୁ ସାଢ଼େ ୧୨ଟା ଭିତରେ ଲଞ୍ଚ୍ କରେ ଶ୍ୱେତା । ହେଲେ ମିକି ଏମିତି ବାୟା କରିଛି ଯେ ଭୋକ ଶୋଷ ଆଜି ହେଉନି । ଘରେ ଗୁଡ଼ାଏ କାମ ପଡ଼ିଥିଲେ ବି ସୁକାନ୍ତକୁ ସଂଧ୍ୟା ବେଳେ ନବାକୁ ଆସିବାକୁ ଫୋନ୍ କରି କହିଲା ଶ୍ୱେତା ।

ଏଣିକି ରବିବାର ଗୁଡ଼ିକ ମିକି ସହ କଟୁଥିଲା ଶ୍ୱେତାର । କେବେକେବେ ମିକିକୁ ଧରି ତନୁ ପଳେଇ ଆସେ ଶ୍ୱେତା ଘରକୁ । ସବୁ କାମ ଧନ୍ଦା ପଛରେ ପକେଇ ମିକି ପଛରେ ଧାଏଁ ଶ୍ୱେତା । ଏବେ ଛୁଟି ହେଲେ ଶ୍ୱେତା ଆଉ କୁଆଡ଼େ ଯିବାର କାର୍ଯ୍ୟକ୍ରମ ରଖୁନଥିଲା । ସାଙ୍ଗସାଥୀଙ୍କ ପାର୍ଟିରେ ସାମିଲ ନହେବାକୁ ଅନେକ ବାହାନା ଦେଖାଉଥିଲା । ବାପ ଘର, ଭଉଣୀ ସରିତା ଘର କୁଆଡ଼େ ଯାଏନି । ଉତ୍କଣ୍ଠାର ସହ ରବିବାରକୁ ଅପେକ୍ଷା କରେ ମିକି ସହ ଭେଟ ହେବ ବୋଲି । ରବିବାର ଛଡ଼ା ଅନ୍ୟ ଛୁଟି ଦିନରେ ବି ମାଡ଼ିଯାଏ ମିକି ପାଖକୁ । ନିଧି ଯିବା ପରର ସେ ଶୂନ୍ୟତା ଅନେକ ମାତ୍ରାରେ ଭରି ଦେଇଥିଲା ଏଇ ମିକି । ଆଗଭଳି ଆଉ ଗୁମ୍‌ସୁମ୍ ରହୁନଥିଲା ଶ୍ୱେତା । କାନ୍ଦୁଥିବା ମିକିକି ହସେଇବାକୁ ନିଜେ ହସୁଥିଲା । ମିକି ପଛରେ ଗୋଡ଼ାଉଥିଲା । କେବେକେବେ ମିକିକି ଦେଖେଇବାକୁ ମିଛରେ କାନ୍ଦିବା ସହ ଆଖି ପୋଛୁଥିଲା ।

ଗରିବ ଦୂର ସଂପର୍କୀୟଙ୍କ ପିଲାକୁ ଆଣି କୋଳେଇ କାଖେଇ ଦେଢ଼ ବର୍ଷର କଲା ପରେ ଗଲା ସେ । ଆଉ ଚିହ୍ନା ଜଣା ଭିତରୁ ନୁହେଁ । ବରଂ ତରୁଣ ଓ ତନୁଙ୍କ ଭଳି ପୋଷ୍ୟ ସନ୍ତାନ ଗ୍ରହଣ କରିବା ଭଲ ବୋଲି କେବେଠୁ ଭାବିଲାଣି ସୁକାନ୍ତ । ହେଲେ ମୁହଁ ଖୋଲିକି କିଛି କହିପାରେନି ଶ୍ୱେତାକୁ । ନିଧିକି ଦେଢ଼ ବର୍ଷର କଲା ପରେ ତା' ଜନ୍ମ କଲା ବାପା-ମାଆ ଅଧିକାର ଜାହିର କରି ନେଇଗଲେ ତାକୁ । ସେହି ଘଟଣା ପରଠୁ ଆଉ ବୋଧେ କୌଣସି ପ୍ରକାରେ ମାଆ ସାଜିବା ସପକ୍ଷରେ ନଥିବ ଶ୍ୱେତା । ମିକି ସହ କେମିତି ଗୋଟେ ମାୟା ମମତା ଲାଗି

ଯାଇଛି ଯାହା ବୋଲି ମନେ ମନେ ଭାବେ ସୁକାନ୍ତ ।

"ଗୋଟେ କଥା ତୁମକୁ କହିବି ବୋଲି କେବେଠୁ ଭାବୁଛି", କହିଲେ ସୁକାନ୍ତ ।

"କୋଉ କଥା ?" ପଚାରିଲା ଶ୍ୱେତା ।

"ତମର ଯଦି ଆପତ୍ତି ନଥାଏ ଆମେ ବି ତରୁଣ ଏବଂ ତନୁଙ୍କ ଭଳି ପୋଷ୍ୟ ସନ୍ତାନ ଗ୍ରହଣ କରନ୍ତେ", କହିଲା ସୁକାନ୍ତ ।

"ମୁଁ କାହିଁକି ଆପତ୍ତି ଉଠେଇବି ?" ଉତ୍ତର ଦେଲା ଶ୍ୱେତା ।

ଶ୍ୱେତା ଠାରୁ ସବୁଜ ସଙ୍କେତ ପାଇବା ପରେ ତରୁଣଙ୍କୁ ଫୋନ୍ ଲଗେଇଲା ସୁକାନ୍ତ । ପୋଷ୍ୟ ସନ୍ତାନ ଗ୍ରହଣ କରିବାର ପ୍ରକ୍ରିୟା ଜାଣିବାକୁ ଚାହିଁଲେ । କୋଉଠି କେମିତି ଆବେଦନ କରିବାକୁ ହୁଏ, କ'ଣ କାଗଜ ପତ୍ର ଦରକାର ସବୁ କହିଲେ ତରୁଣ ।

"ତୁମେ ଢିଲା ଲୋକ । ଆଜି କହି ଦଉଛ । କାଲିକି କାମ ବ୍ୟସ୍ତ ଭିତରେ ରହି ଆଉ ମନ ଦବନି । ତୁରଣଙ୍କୁ ଘରକୁ ଡାକ । ମୁଁ ତାଙ୍କ ସହ କଥା ହେବି । ଗୋଟିଗୋଟ କରି ସବୁ ବୁଝିବି" ବୋଲି ସୁକାନ୍ତକୁ କହିଲା ଶ୍ୱେତା ।

ପତ୍ନୀଙ୍କ କଥା ମାନି ପରଦିନ ସଂଧ୍ୟା ବେଳେ ତରୁଣଙ୍କୁ ଘରକୁ ଡକାଇଲା ସୁକାନ୍ତ । ଆଗରୁ ପୋଷ୍ୟ ସନ୍ତାନ ଗ୍ରହଣ କରିବା ସହଜ ଥିଲା । ହେଲେ ଏବେ ଏହା ଏକ ଜଟିଳ ପ୍ରକ୍ରିୟାରେ ପରିଣତ ହୋଇଛି । ଅନ୍‌ଲାଇନ୍‌ରେ ଆବେଦନ କରିବା ପରେ କାହାକୁ ବର୍ଷେ ଭିତରେ ପିଲା ମିଳିଯାଉଛି ତ ଆଉ କାହାକୁ ୩ ବର୍ଷ ପାଖାପାଖି ଅପେକ୍ଷା କରିବାକୁ ପଡୁଛି । ଝିଅ ପାଇଁ ଆବେଦନ କଲେ ଟିକିଏ ଜଲ୍‌ଦି ମିଳି ଯାଉଛି । କିନ୍ତୁ ପୁଅ ଚାହୁଁଥିଲେ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଛି ଦମ୍ପତିଙ୍କୁ, କହିଲେ ତରୁଣ ।

ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ହେଲେ କାହା ପରେ କଣ କରିବାକୁ ହୁଏ ସବୁ ଗୋଟିଗୋଟି କରି ବୁଝାଇଲେ ତରୁଣ । ମନଧ୍ୟାନ ଦେଇ ଶୁଣିଲା ଶ୍ୱେତା । ତରୁଣ କହିବା ମୁତାବକ ପୋଷ୍ଟକାର୍ଡ ସାଇଜ୍ ଫଟୋ, ବିବାହ ପ୍ରମାଣ ପତ୍ର, ରୋଜଗାର ପ୍ରମାଣପତ୍ର ଆଦି ସବୁ ପ୍ରସ୍ତୁତ କରି ଗୋଟିଏ ଫାଇଲ ଭିତରେ ରଖିଲେ ସ୍ୱାମୀ-ସ୍ତ୍ରୀ । ଏହାପରେ ତରୁଣ କହିବା ମୁତାବକ 'ସେଣ୍ଟ୍ରାଲ୍ ଆଡପ୍‌ସନ୍ ରିସୋର୍ସ ଅଥରିଟି' (କାରା)ରେ ଅନଲାଇନ୍‌ରେ ଆବେଦନ କଲେ ସୁକାନ୍ତ ଓ ଶ୍ୱେତା । ଏହାର କିଛି ଦିନ ପରେ ହୋମ୍ ଷ୍ଟଡି ପାଇଁ ଘରକୁ ଆସିଲେ ଲୋକ । ସୁକାନ୍ତ ଓ ଶ୍ୱେତାଙ୍କୁ ଅନେକ ପ୍ରଶ୍ନ ପଚାରିଲେ । ଉଭୟଙ୍କ ଘର ଓ ଚଳଣି ଦେଖିଲେ । ସେମାନଙ୍କ ଆର୍ଥିକ ଏବଂ ମାନସିକ ସ୍ଥିତି ପରଖିଲେ । ପଡ଼ୋଶୀଙ୍କୁ ମଧ ପଚାରିଲେ ସୁକାନ୍ତ ଓ ଶ୍ୱେତାଙ୍କ ବାବଦରେ । ପରିବାର, ସାଙ୍ଗସାଥୀଙ୍କ ଫୋନ୍ ନମ୍ବର ମଧ ନେଲେ ସୁକାନ୍ତ ଏବଂ ଶ୍ୱେତାଙ୍କ ସଂପର୍କରେ ବୁଝିବାକୁ । ପିଲାଟିଏ ଆଣି ପାଳିବାକୁ ସତରେ ଏ ସ୍ୱାମୀ-ସ୍ତ୍ରୀ ପ୍ରସ୍ତୁତ କି ନାହିଁ ବୋଲି ଅନେକ ଅଡୁଆ ଏବଂ ନିତାନ୍ତ ବ୍ୟକ୍ତିଗତ ପ୍ରଶ୍ନ ବି ପଚାରିଲେ । ବିରକ୍ତ ଲାଗୁଥିଲେ ବି ଛୁଆଟିଏ ପାଇବା ଲୋଭରେ ସବୁକୁ ବରଦାସ୍ତ କରୁଥାଆନ୍ତି ଉଭୟ ।

ବ୍ୟସ୍ତ ହୋଇ ପଡୁଥାଆନ୍ତି ଶ୍ୱେତା ଓ ସୁକାନ୍ତ । ଅତି ଚୋପା ଛୋଡ଼ା ଲୋକଗୁଡ଼ା । ଏତେ ଲମ୍ବା ଓ ଜଟିଳ ପ୍ରକ୍ରିୟା ବୋଲି ଜାଣିଥିଲେ କେବେଠୁ ଆବେଦନ କରି ଥାଆନ୍ତୁ ଆମେ । ସତରେ ଆମକୁ ପିଲା ମିଳିବ ତ ? ଯଦି ମିଳିବ କେବେ ମିଳିବ ବୋଲି ଭାବୁ ଥାଆନ୍ତି ସ୍ୱାମୀ-ସ୍ତ୍ରୀ ।

ଅପେକ୍ଷା କରିବାକୁ ଧୈର୍ଯ୍ୟ ନଥାଏ ଉଭୟଙ୍କର । ବ୍ୟତିବ୍ୟସ୍ତ ଲାଗିଲେ ତରୁଣ ଏବଂ ତନୁକୁ ଫୋନ କରି ବୁଝନ୍ତି ତମେ ମିକିକୁ ଆଣିଲା ବେଳେ ଏଇଆ ହେଇଥିଲା କି ନାହିଁ ବୋଲି ।

ଏ ଭିତରେ ଦେଢ଼ ବର୍ଷ ବିତିଗଲାଣି । ନୂଆ ଅତିଥିଙ୍କୁ ସ୍ୱାଗତ କରିବାକୁ ଘରକୁ ଖାଲି ସଜାଉଥାନ୍ତି ସ୍ୱାମୀ-ସ୍ତ୍ରୀ । ଗୋଟେ ଘରର କାନ୍ଥରେ କାର୍ଟୁନ ଚିତ୍ର କରେଇ ଥାଆନ୍ତି ଖାଲି । ଝିଅ ପାଇଁ ଆବେଦନ କରିଥିଲେ ସୁକାନ୍ତ ଓ ଶ୍ୱେତା । ତେଣୁ ତା' ପାଇଁ ଆଗୁଆ ଡ୍ରେସ୍, ଦୋଳି, ଖେଳଣା କିଣିକି ରଖିବେ ବୋଲି ଭାବନ୍ତି ଶ୍ୱେତା । "ସେ ଆଗ ଆସୁ । ତାକୁ ସାଙ୍ଗରେ ନେଇ କିଣିବାକୁ ଯିବା", କୁହନ୍ତି ସୁକାନ୍ତ ।

ଅପେକ୍ଷାର ଅନ୍ତ ହେଲା । ଶ୍ୱେତା ଓ ସୁକାନ୍ତ ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେଲେ ବୋଲି ମେଲ୍ ଆସିଲା । ଘରକୁ ଆଣିବା ପୂର୍ବରୁ ଆସନ୍ତା ମାସ ୮ ତାରିଖରେ କଟକ ବସୁନ୍ଧରା ଆସି ଛୁଆକୁ ଦେଖିବାକୁ ଫୋନ୍ ଆସିଛି ସୁକାନ୍ତ ପାଖକୁ । ଖୁସିରେ ଗୋଡ଼ ହାତ ଆଉ ତଳେ ଲାଗୁନଥାଏ ସ୍ୱାମୀ-ସ୍ତ୍ରୀଙ୍କର । କ'ଣ ନାଁ ଦେବେ ବୋଲି ଭାବୁଥାଆନ୍ତି ଉଭୟ । ଶ୍ୱେତା ବାଛୁଥିବା ନାଁ ସୁକାନ୍ତଙ୍କ ମନକୁ ପାଉନଥାଏ । ସୁକାନ୍ତ ବାଛୁଥିବା ନାଁକୁ ଗାଉଁଲିଆ ଲାଗୁଛି ବୋଲି କହୁଥାଏ ଶ୍ୱେତା ।

ତରୁଣ କିଛି କାମ ରଖିବନି ୮ ତାରିଖ ଦିନ । ଆମେ କଟକ ଯିବା ସମସ୍ତେ । ଛୁଆକୁ ସେଦିନ ଦେଖିବାକୁ ଡାକିଛନ୍ତି ପରା । ତମେ ଆଶା ଦେଖେଇଲ ବୋଲି ଆମେ ଏତିକି ବାଟ ଆସିଲୁଣି । ଦୟାକରି ସେଦିନ ଆମ ସହ ରହିବ ବୋଲି କହିଥିଲା ଶ୍ୱେତା ।

ଆଜି ତ ଅଗଷ୍ଟ ୮ ତାରିଖ । ସକାଳୁ ଫୋନ୍ ଲଗେଇ ଚାଲିଛନ୍ତି ତରୁଣ । ସୁକାନ୍ତ ନଧରିବାରୁ ଶ୍ୱେତାକୁ ଫୋନ୍ କଲେ । ହେଲେ ଦୁଇ ଜଣ ଯାକ କେହି ବି ଫୋନ୍ ଉଠାଉ ନାହାଁନ୍ତି ? ଦି ଜଣଙ୍କର ଆଉ କିଛି ଅସୁବିଧା ହେଲାକି ବୋଲି ଭାବି ତରୁଣ ଗାଡି ଷ୍ଟାର୍ଟ କରି ବାହାରିଲେ ସୁକାନ୍ତଙ୍କ ଘରକୁ । କବାଟ ଖୋଲିଲା ଶ୍ୱେତା ।

"ନ ଆଣ ପଛେ ସେ ଛୁଆକୁ । କଣ ଗୋଟେ କହି ମନା କରିଦବ । ହେଲେ ଆଜି ଯେତେବେଳେ ଦେଖିବା ପାଇଁ ତାରିଖ ସ୍ଥିର ହେଇଛି, ଯାଇ ଦେଖିଦେଇ ଆସ ଅନ୍ତତଃ ନହେଲେ ସେ ଲୋକଗୁଡ଼ା କ'ଣ ଭାବିବେ !", କହିଲେ ତରୁଣ । ହେଲେ ସୁକାନ୍ତ କି ଶ୍ୱେତା କିଛି ବୁଝିବାକୁ ନାରାଜ ।


"କି ନାଇଁ କି ଘର ଛୁଆ ହେଇଥିବ । ଧର୍ମ, ଜାତି ଗୋତ୍ର କିଛି ଜଣା ନାହିଁ ଆମକୁ ଖାଲି ଯେ ଝିଅ ହେଇଛି ବୋଲି କିଏ ଛାଡ଼ିଦେଇଗଲା ସେମିତି ତ ଆମେ କହି ପାରିବାନି । ଅବୈଧ ସଂପର୍କରୁ ବି ଜନ୍ମ ହୋଇ ଥାଇପାରେ । ଅପବାଦରୁ ବଞ୍ଚିବାକୁ ତା' ମାଆ ବସୁନ୍ଧରା ଗେଟ୍ ସାମ୍ନାରେ ଛାଡ଼ି ଦେଇ ଯାଇଥିବ । ନାଇଁ ତରୁଣ । ମନଟା କାଇଁ ଜମା ମାନୁନି", କହିଲା ଶ୍ୱେତା ।

"ଯାହା ହେଲେ ବି ଆମର ବ୍ରାହ୍ମଣ । ତା' ଛଡ଼ା ମୋ ପର ଠୁ କ'ଣ ପିଢ଼ିଟା ଭାଙ୍ଗିଯିବ ? ଜାତି, ବାପ-ମାଆ କିଛି ଜଣା ନଥିବା ବାହାରର ଜଣେ ପିଢ଼ିର ଧାଡ଼ି ଭିତରକୁ ପଶି ଆସିବ ? ମୁଁ କାଇଁ ଏଇଟାକୁ ସହଜରେ ଗ୍ରହଣ କରିପାରୁନି । ତୁମେ ଆମ ପାଇଁ ବହୁତ ହଇରାଣ ହେଲ । ଗୁଡ଼ାଏ ସମୟ ବରବାଦ କଲ । ସେଥିପାଇଁ ମୁଁ ଦୁଃଖିତ", କହିଲା ସୁକାନ୍ତ ।

ଭାରି ମନ ନେଇ ଘରକୁ ଫେରିଲେ ତରୁଣ । ତନୁକୁ ଆସି କହିଲେ, ମହାନ କାମ କରିଛନ୍ତି ବୋଲି ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ବାପା-ମାଆଙ୍କୁ ପ୍ରଶଂସାରେ ପୋତି ପାରିବେ ସୁକାନ୍ତ ଓ ଶ୍ୱେତା । ଅନ୍ୟର ପୋଷ୍ୟ ସନ୍ତାନକୁ ଦେଖିଲେ ସ୍ନେହ ଆଦର ଅଜାଡ଼ି ପକେଇବେ । ହେଲେ ନିଜେ କେବେ ବି ଏତେବଡ଼ ନିଷ୍ପତ୍ତି ନେବାକୁ ସାହସ କରିବେନି । ଦୂର ଏବଂ ଗରିବ ସଂପର୍କୀୟଙ୍କ ଛୁଆ ଉପରେ ଏମାନଙ୍କର ସବୁବେଳେ ନଜର । ଯେତେ ଯାହା ହେଲେ ବି ଜାତି ଭିତରର ଛୁଆ ଦରକାର ଏମାନଙ୍କୁ ।

ଗୋଟିଏ କ୍ଷେତ୍ରରେ ନାହିଁର ସମ୍ଭାବନା ଅଧିକ ଥିବା ପର୍ଯ୍ୟନ୍ତ ଢେର ଆଗ୍ରହ ଦେଖାଏ ମଣିଷ । ହାସଲ କରିବାକୁ ବ୍ୟଗ୍ର ହୋଇପଡ଼େ । ହେଲେ ନାହିଁର ସମ୍ଭାବନା ଯେତେବେଳେ 'ହଁ'ରେ ପରିଣତ ହୁଏ ପଛଘୁଞ୍ଚା ଦିଏ ମଣିଷ । ଆଜି ଯାଏଁ ପୋଷ୍ୟ ସନ୍ତାନ ପାଇଁ ବିକଳ ହେଉଥିବା ଶ୍ୱେତା ଓ ସୁକାନ୍ତ ପିଲାକୁ ଦେଖିବାକୁ ନଯିବା ତା'ର ବଡ଼ ଉଦାହରଣ ବୋଲି କହିଲା ତନୁ । ମନ ହାଲ୍‌କା କରିବାକୁ ଶୋଇଥିବା ମିକିର ପାଦକୁ ଆଙ୍ଗୁଠିରେ ସଲସଲ କରି ଉଠେଇବାକୁ ଚେଷ୍ଟା କରୁଥିଲେ ତରୁଣ ।

# ସାର୍ଥକ ଶୈଳୀର ସେନାପତି



# ଜୀବନ ଓ ଜିଜ୍ଞାସାର ମାନ୍ତ୍ରିକ ସ୍ଥପତି:
# ସେନାପତି ପ୍ରଦ୍ୟୁମ୍ନ କେଶରୀ


**ସୁବ୍ରତ କୁମାର ଦାସ**
ମୁଖ୍ୟ ଅଧ୍ୟାପକ, ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ବରୁଣେଶ୍ୱର ମହାବିଦ୍ୟାଳୟ,
ଅରେଇ, ଯାଜପୁର-୭୫୫୦୨୭
ଫୋନ: ୯୮୫୩୬୮୨୨୧୪


ଫଟୋ ସୌଜନ୍ୟ : ଗୁଗୁଲ୍ ଓ ଲେଖକ


ସମକାଳୀନ ଓଡ଼ିଆ କାବ୍ୟଚୌହଦୀରେ ସେନାପତି ପ୍ରଦ୍ୟୁମ୍ନ କେଶରୀ ଜଣେ ସମର୍ଥ ସ୍ରଷ୍ଟା । ଚର୍ଚ୍ଚିତ ବ୍ୟକ୍ତିତ୍ୱ । ଦୀର୍ଘ ଚାରିଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ତାଙ୍କ ଯାତ୍ରା- ବେଶ୍ ଅବାରିତ । କବିତା ଯେତେବେଳେ ଦୁର୍ବୋଧତାର ଅପବାଦରେ ମୁହ୍ୟମାନ, ପାଠକ ବିମୁଖତାରେ ଧୂମାଭ, ଠିକ୍ ସେହି ସମୟରେ ସେ ପାଦ ଥାପିଥିଲେ । ମାଟି, ମଣିଷ, ପ୍ରକୃତି, ପ୍ରବୃତ୍ତି, ସ୍ୱପ୍ନ-ସ୍ୱପ୍ନଭଙ୍ଗ, ପ୍ରତୀୟ-ପ୍ରତ୍ୟୟ ସାଂସ୍କୃତିକ ଅବବୋଧ, ଲହୁ-ଲୁହର ଅନିଭୋଗ, ସଂଗ୍ରାମ ଓ ସଂଘାତର କଥା କହୁ କହୁ ଜୀବନବୋଧ ପ୍ରତି ଯେଉଁ ଚରମ ଆକର୍ଷଣ ବାଣ୍ଟିଥିଲେ ତାହା ହିଁ ତାଙ୍କୁ ସ୍ୱତନ୍ତ୍ର କରି ଚିହ୍ନାଇଥିଲା ।




◀ ଲେଖକ ସୁବ୍ରତ କୁମାର ଦାସ

ସମକାଳୀନ ଓଡ଼ିଆ କାବ୍ୟଚୌହଦୀରେ ସେନାପତି ପ୍ରଦ୍ୟୁମ୍ନ କେଶରୀ ଜଣେ ସମର୍ଥ ସ୍ରଷ୍ଟା । ଚର୍ଚ୍ଚିତ ବ୍ୟକ୍ତିତ୍ୱ । ଦୀର୍ଘ ଚାରିଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ତାଙ୍କ ଯାତ୍ରା- ବେଶ୍ ଅବାରିତ । କବିତା ଯେତେବେଳେ ଦୁର୍ବୋଧତାର ଅପବାଦରେ ମୁହ୍ୟମାନ, ପାଠକ ବିମୁଖତାରେ ଧୂମାଭ ଠିକ୍ ସେହି ସମୟରେ ସେ ପାଦ ଥାପିଥିଲେ । ମାଟି, ମଣିଷ, ପ୍ରକୃତି, ପ୍ରବୃତ୍ତି, ସ୍ୱପ୍ନ-ସ୍ୱପ୍ନଭଙ୍ଗ, ପ୍ରତୀୟ-ପ୍ରତ୍ୟୟ ସାଂସ୍କୃତିକ ଅବବୋଧ, ଲହୁ-ଲୁହର ଅନିଭୋଗ, ସଂଗ୍ରାମ ଓ ସଂଘାତର କଥା କହୁ କହୁ ଜୀବନବୋଧ ପ୍ରତି ଯେଉଁ ଚରମ ଆକର୍ଷଣ ବାଣ୍ଟିଥିଲେ ତାହା ହିଁ ତାଙ୍କୁ ସ୍ୱତନ୍ତ୍ର କରି ଚିହ୍ନାଇ ଦେଇଥିଲା । ମିଥ୍‌ର ପୁନଃ ନିର୍ମାଣ ଓ ମାଟିମନସ୍କତା, ମେଟାଫର୍ ଓ ଚିତ୍ରକଳ୍ପର ସୁସଂହତ ପ୍ରୟୋଗ, ପ୍ରତୀକର ପ୍ରାଞ୍ଜଳ ଭାବ-ଭୁକ୍ତି ହିଁ ତାଙ୍କ କବିତାର ପରାକାଷ୍ଠା ।

୧୯୫୯ରେ ପଟ୍ଟାମୁଣ୍ଡାଇ କଷଣଅଣ୍ଡା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଏହି କବିଙ୍କର ଅଦ୍ୟାବଧି ନଅ ଗୋଟି କବିତା ସଂକଳନ ଯଥା- 'ମହୁମୁହାଣ'(୧୯୯୨), 'ଅଲଗା ଅଯୋଧ୍ୟା'(୧୯୯୪), 'ଧୂଳିବେଶ'(୧୯୯୯), 'ପୂତନା'(୨୦୦୬), 'ପାପତୃଷ୍ଣା'(୨୦୦୯), 'ପୁରାଣନଦୀ'(୨୦୧୨), 'ଭାଜ୍ୟ ଭାଜକ'(୨୦୧୪), 'ଖେଳଛୁଟିର ଖରା'(୨୦୧୭), 'ଗୋପଯାତ୍ରା'(୨୦୨୦), ଜୟନ୍ତ ମହାପାତ୍ରଙ୍କ ଦ୍ୱାରା ଇଂରାଜୀ ଅନୁଦିତ କବିତା ଗ୍ରନ୍ଥ 'The Gate is open' ଏବଂ 'ପୂତନା'ର ହିନ୍ଦୀ ଅନୁବାଦ ପ୍ରକାଶିତ ।

ସମକାଳୀନ ଓଡ଼ିଆ କବିତାର ସେ ଅନ୍ୟତମ ଅଗ୍ରଦୂତ । ବସ୍ତୁବାଦ, ଅର୍ଥତନ୍ତ୍ର, ଶିଳ୍ପାୟନ, ଜଗତୀକରଣ ଓ ତୀବ୍ର ପ୍ରତିଯୋଗିତା ମଧ୍ୟରେ ଗଳଦ୍‌ଘର୍ମ ମଣିଷ ଯେଉଁ ବାସ୍ତବତାକୁ ଭୋଗିଛି । ସେଇ ବାସ୍ତବତାକୁ ଉପଜୀବ୍ୟ କରି ସେ ଅନେକ କବିତା ପରିମିତ ଶବ୍ଦ ମଧ୍ୟରେ ବାଢ଼ି ଦେଇଛନ୍ତି । ତାଙ୍କ କବିତାର ଆଙ୍ଗିକ ଭାରାକ୍ରାନ୍ତ ନୁହେଁ । ସାବଲୀଳ, ସ୍ୱଚ୍ଛନ୍ଦ, ମିଠାମୁକୁଳା ଶବ୍ଦରେ ଶବ୍ଦରେ ଭାଗସଂରଚଣ ପାଠକକୁ ଆନମନା କରିଦିଏ । କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବାଦ ଓ ନିର୍ଦ୍ଦିଷ୍ଟ ଶଗଡ଼ଗୁଳାରେ ସେ ଗତି କରିନାହାନ୍ତି । କାବ୍ୟ ଜୀବନର ପ୍ରାରମ୍ଭରେ ଗୁରୁପ୍ରସାଦ, ରମାକାନ୍ତ, ଦୀପକ, କମଳାକାନ୍ତଙ୍କ କୌଣିକ ପ୍ରଭାବ ତାଙ୍କୁ କେତେକାଂଶରେ ଅନୁପ୍ରେରିତ କରିଛି । କିନ୍ତୁ ସେମାନଙ୍କ ପ୍ରଭାବକୁ ଅତିକ୍ରମ କରି ନିଜର ସ୍ୱତନ୍ତ୍ର ଶୈଳୀ ନିର୍ମାଣରେ ସେ ଯଥେଷ୍ଟ ସଫଳ- ଏହାକୁ ମୁକ୍ତ କଣ୍ଠରେ ସ୍ୱୀକାର କରିବାକୁ ହେବ ।

କବିଙ୍କ ପ୍ରଥମ କବିତା ସଂକଳନ 'ମହୁମୁହାଣ'ରେ କୋଡ଼ିଏଟି କବିତା ସ୍ଥାନିତ ହୋଇଛି । କବି ଆରମ୍ଭ କରନ୍ତି ତାଙ୍କ ସୁବ୍ୟବସ୍ଥିତ କାବ୍ୟଯାତ୍ରା । ଏଇଠି ମୁଖ୍ୟତଃ ସେ ରୋମାଣ୍ଟିକ ଓ ବର୍ଣ୍ଣନାଧର୍ମୀ, ବକ୍ତବ୍ୟବହୁବିଧ, ଅତୀତ ପ୍ରତି ଗଭୀର ଉତ୍କଣ୍ଠା ଫିଟି ପଡ଼ିଲେ ସ୍ମୃତିର ଖିଅ ଧରି ଆମେ ପହଞ୍ଚିଯିବା ମହୁମୁହାଣ ପାଖରେ । ପଛକୁ ଫେରି ଚାହିଁଲେ ମାମୁଘର ଗାଁ, ମାଇଲ ମାଇଲ ଧାନକ୍ଷେତ, ଶିମୁଳିଗଛରେ କପୋତୀ, ଲଣ୍ଡା ବରଗଛରେ ଅସ୍ତସୂର୍ଯ୍ୟଙ୍କ ହେମବରଣୀ ପାଟ, ଖଜୁରୀ ଓ ତାଳଗଛ ଡେଇଁ ଗାଁ ଆଡ଼କୁ ଲମ୍ବି ଆସୁଥିବା ଗୋରୁପଲ ଦିଶିଯାନ୍ତି । ପ୍ରେମିକା ଚିଠିର ଶବ୍ଦମାନେ ରତୁମତୀ ପକ୍ଷୀର ମଉନ ଆକାଂକ୍ଷା ପର୍ଯ୍ୟନ୍ତ ଲମ୍ବିଯାନ୍ତି । ନୂଆ ଭୂଆସୁଣୀର ଅଳତା ମଖା ପାଦ ଆଖିରେ ନିବିଡ଼ ଅନ୍ୟମନସ୍କତା ଭରିଦିଏ । ଏଇବେଳେ ହଳଦୀମଖା ପାଦରେ ରୂପା-ରଗଡ଼ା ପିନ୍ଧି ମୁଦା ଲଫାପାର ସୁହାଗିଆ ଶବ୍ଦ ପରି ଥମ୍‌ଥମ୍ ମନନେଇ ଠିଆହୁଏ ନୂଆବୋଉ । ନଣନ୍ଦଙ୍କ କେଶ ବାନ୍ଧିବା ବେଳେ, ଶାଶୁଙ୍କ ଗୋଡ଼ ଘସୁଥିବା ବେଳେ ଶ୍ୱଶୁରଙ୍କ ପାନଖିଲି ମୋଡୁଥିବା ବେଳେ କଥାର କୁହୁକରେ ମନ ମୋହିନିଏ । ସବୁ ଅଳି, ଅର୍ଦ୍ଦଳି, ମାତୃତ୍ୱ ଓ ମମତ୍ୱବୋଧର, ସ୍ମୃତିରେ, ସନ୍ତାପରେ ଝଳିଝଳି ନାନାଦି ଜଞ୍ଜାଳରେ ହାଣ ଖାଇଖାଇ ଆଖି ତଳେ ବିଛା ପରି ସରୁ ଦାଗଟିଏ କେତେବେଳେ ଉକୁଟି ଉଠେ ସେ ଜାଣିନଥାଏ । କବିଙ୍କ ବର୍ଣ୍ଣନାଟି ଖୁବ୍ ସୁନ୍ଦର: "ଛାତିର କଣ୍ଟା ବାଡ଼ରେ / ବେଲୁନ ଦୁଇଟି ଫୁଟି ଲଟକି ଥାଏ / କୋଉ ବିଷଦାନ୍ତର ଦଂଶନରେ / ଆଉ ମୋତେ ନୂଆ ଲାଗେନି ନୂଆବୋଉ / ଗୋଧୂଳିର ମିଠାହସ / ଯେମିତି ଅନ୍ଧାରରେ ଲୁଚିଯାଏ / ସଞ୍ଜ ନଉଁ ନଉଁ ।"(ନୂଆବୋହୂ/ମହୁମୁହାଣ/ପୃ-୬୭)

ଏହି ସଂକଳନରେ ସ୍ଥାନିତ 'ଅପେକ୍ଷା', 'ପାଦ', 'ପ୍ରତିବିମ୍ବ', 'ଚନ୍ଦ୍ରସେଣୀ', 'କାଳର କଇଁଚି' ଆଦି କବିତା ପ୍ରତିନିଧି ଶ୍ରେଣୀୟ କବିତା । 'ପରକୀୟା' କବିତାରେ କବି ଭ୍ରୁଣହତ୍ୟାର

କଥା କହିଥିବା ବେଳେ 'କାଳର କଇଁଚି'ରେ ଜୀବନର ନିରର୍ଥକତା, ପୁଣି ତାର ପଶ୍ଚାତ୍‌ରୁ ଫୁଟି ଦିଶୁଥିବା ରହସ୍ୟାଚ୍ଛନ୍ନତା, ମନରାଜ୍ୟର ମନୋବୈଜ୍ଞାନିକ ତେଜସ୍କ୍ରିୟତା ଚିନ୍ତନକୁ ବାନ୍ଧି ରଖେ ।

'ଅଲଗା ଅଯୋଧ୍ୟା' କବିତା ସଙ୍କଳନରୁ ସ୍ୱତଃ ବାରିହୋଇ ପଡ଼େ ଯେ, କବି ଉତ୍ତରଣମୁଖୀ । ପଞ୍ଚଶୀଳ ନୀତିର ଉଦାରତା, ତତ୍‌ପଶ୍ଚାତ୍ ବିଫଳତା, ବେକାରୀ ଓ ଦାରିଦ୍ର୍ୟ ସମସ୍ୟା, 'ଗରିବ ହଟାଓ' କେବଳ ସ୍ଲୋଗାନରେ ସୀମିତ ହୋଇଯିବା, ଧର୍ମୀୟ କନ୍ଦଳ ମଧ୍ୟରେ ଅଯୋଧ୍ୟା ଏକ ସମସ୍ୟା ବନିଯିବା, ବୈଦିକ ସଂସ୍କୃତି ଓ ପରମ୍ପରା ମଧ୍ୟରେ ବଂଚୁଥିବା ମଣିଷମାନଙ୍କ ସହନଶୀଳତା, କବିଙ୍କୁ ପ୍ରବୋଧିତ କରିଛି, ଅନୁପ୍ରେରିତ କରିଛି । ରାଜନୈତିକ ଚଞ୍ଚକତା, ନୈତିକ ସ୍ଖଳନ, ଦାରିଦ୍ର୍ୟ ଓ କ୍ଷୁଧା ତାଙ୍କ ଛାତିରେ ହାମର୍ ପିଟିଛି । କଳାହାଣ୍ଡି କି ବାଲିଆପାଲ, କାଂଜିପାଣି କି କରଂଜିଆ ସବୁଠି ସେ ଦେଖିଛନ୍ତି ଭୋକ ଓ ବଞ୍ଚିବାର ବିଘଟନ ଚିତ୍ର । 'ପାଚେରୀ' କବିତାରେ କଷ୍ଟ-ଜଗତକୁ ପ୍ରବେଶ କରିବା ।

ଖରାରେ ଡହକୁଥିବା ଡେଙ୍ଗୁଆଳର ପରି ଗୋଟେ ଘର । ବାପା, ବୋଉ, ଭଉଣୀକୁ ନେଇ ପୂର୍ଣ୍ଣ । ହେଲେ, ଦୁଃଖ, ଦୁର୍ଦ୍ଦଶା, କ୍ଷୁଧାର ତାଡ଼ନା, ଦରିଦ୍ରମଖା ଜୀବନ ମଝିରେ ସ୍ୱପ୍ନ ଭାଙ୍ଗେ । ଜୀବନର ଝରଣା ଶୁଖିଯାଏ । ଅଭାବ ମେଣ୍ଟେଇବାକୁ ଯାଇ ବିଦେଶରେ ଭାଇ, ନିରୁଦ୍ଦିଷ୍ଟ । କାବ୍ୟପୁରୁଷ ଭେଦେ । ମୃତ ଯୁବକର ଫଟୋ ଖବରକାଗଜରୁ ଦେଖି ସ୍ଥିର ହୋଇ ଯାଉଥିବା ବାପାଙ୍କ ଆଖିକୁ ପଢ଼େ । ବେଳେବେଳେ ଜଗନ୍ନାଥଙ୍କ ପାଖରେ ହାତପାତେ କେତୋଟି ଇଚ୍ଛାର  ବର୍ଷ ଦେବା ପାଇଁ । ପ୍ରଥମ ବର୍ଷରେ ତିଆରିବାକୁ ହେବ ଅନ୍ଧାରର ସୁଡ଼ଙ୍ଗଟିଏ । ଯେଉଁଥିରେ ଜୀବନର ବ୍ରତ ଉପବାସ ଭାଙ୍ଗିଭୁଙ୍ଗି ରଖି ହେବ । ଦ୍ୱିତୀୟ ବର୍ଷରେ ତିଆରିବ କୋକେଇଟିଏ । ଯେଉଁଥିରେ ସେ ଭଉଣୀର ଶବ ସ୍ୱର୍ଗଦ୍ୱାରକୁ ନେବ ।  ଜଗନ୍ନାଥ ଦେଖିବେ ଅଭିଆଡ଼ି ବୟସର ସ୍ୱପ୍ନ ଜଳିଯିବା ପରେ ନାରୀଟିଏ କେମିତି ଦିଶେ । ତୃତୀୟ ବର୍ଷରେ କାବ୍ୟନାୟକ ନିଜକୁ ତିଆରି କରିବ ।

ଏବଂ "ତୃତୀୟ ବର୍ଷ / ମୋତେ ଇ ମୁଁ ତିଆରିବି ଶାଣଦିଆ ଛୁରୀ / ଶ୍ରୀକ୍ଷେତ୍ରକୁ ଫିଙ୍ଗିବି ଏପରି / ଯେମିତି ତୁମ ଚକାଚକା ଡୋଳାକୁ ଚିରି / ଭାଙ୍ଗିଦେବ ସବୁ ବଡ଼ପଣର ପାଚେରୀ !" (ପାଚେରୀ/ଅଲଗା ଅଯୋଧ୍ୟା/ପୃ-୪୨)

କବି ପ୍ରଗତିବାଦୀ ଦୃଷ୍ଟିଭଙ୍ଗୀରେ ଶାଣ ଦେଇଛନ୍ତି, ମାତ୍ର କବିତାଟିରେ ନିହିତ ଥିବା ଦୁଃଖ ଓ ପାଠକର ଚିତ୍ତଭୂଇଁକୁ ଲୁହରେ ଓଦା କରିଦିଏ । ବ୍ୟକ୍ତିକୈନ୍ଦ୍ରିକତା ଭିତରେ ନିଜକୁ, ନିଜ ସମାଜକୁ ଆବିଷ୍କାର କରିହେବ ନିଶ୍ଚୟ । ନିଜସ୍ୱ ଦୃଷ୍ଟିକୋଣରେ କାରୁଣ୍ୟ କେତେ ବିଶ୍ୱସ୍ତ ! କେତେ ପ୍ରଖର ଏ ପ୍ରତିବାଦ !

ବୃକ୍ଷରୋପଣର ଘଟଣାକୁ ଆଧାର କରି ବସ୍ତ୍ରହରଣ କବିତାକୁ ପ୍ରବେଶ କରିବା । 'ବୃକ୍ଷରୋପଣ' ପାଇଁ ନିରୂପିତ ହୋଇଥିବା ଦିନରେ ମହାମହିମମାନେ ଟ୍ରେନ୍‌ରୁ ଓହ୍ଲାଇଲେ । ଦମକଳର ନିଆଁ ଲିଭାଳିଙ୍କ ପରି ସ୍ଥାନୀୟ ଲୋକମାନେ ତାଙ୍କୁ ଘେରିଗଲେ । ସେମାନେ ଦାସ ପରି ବଶମ୍ୱଦତାର ସହ ଈଶ୍ୱରଙ୍କ ହାତରୁ ନେଲେ କାନ୍ଧଝୁଲା, କମ୍ବଳ, ଲୋଟା ଓ ମୃଗଛାଲର ବିଛଣା । ଈଶ୍ୱରମାନେ ବୃକ୍ଷରୋପଣ କଲେ । ସଭାସ୍ଥଳ ପ୍ରକମ୍ପିତ ହେଲା ଜୟଜୟକାରରେ । କବିତାର ଦ୍ୱିତୀୟ ପର୍ଯ୍ୟାୟଟି ଖୁବ୍ ରୋଚକ । ଯେଉଁଦିନ ଦେଶର ମହିୟସୀ ମହିଳା (ସେବିକା)ଙ୍କ ଛାତିରେ ଆତତାୟୀର ଗୁଳି ବାଜିଲା, ସେଦିନ ବୃକ୍ଷର ଡାଳେ ଡାଳେ ଅସଂଖ୍ୟ ରାଇଫଲ୍ ପରି ଝୁଲୁଥିଲେ ବାଦୁଡ଼ିମାନେ । ଆଉ ଦିନେ ଈଶ୍ୱର ଓ ଆଲ୍ଲା ମୁଥ ମରାମରି ହେଇ ରାସ୍ତାରେ ଗଡୁଥିଲେ । ଚେଲା ଚାମୁଣ୍ଡାମାନେ ଲାଙ୍ଗୁଡ଼ରେ ନିଆଁ ଲଗାଇ ଦେଶକୁ ପୋଡୁଥିଲେ ।

"ସେଦିନ ଦେଖାଗଲା / ସେଇ ବୃକ୍ଷ ଡାଳମାନଙ୍କରେ / ଝୁଲୁଚି କ୍ଲୀବ ଈଶ୍ୱରମାନଙ୍କର ଅପହୃତ ଦାଢ଼ି ଓ କୌପୁନୀ / ଏବଂ ମହା ଅନ୍ଧାରର ପ୍ରଳୟ ପୟୋଧି ଭିତରେ / ହାତଯୋଡ଼ି ରୋଦନ କରୁଛନ୍ତି / ଉଲଗ୍ନ ଈଶ୍ୱରମାନେ ।" (ବସ୍ତ୍ର ହରଣ/ଅଲଗା ଅଯୋଧ୍ୟା/ପୃ-୬୨)

ଅଶୀ ଦଶକରେ ପରବର୍ତ୍ତୀ କାଳରେ କବିତାର ପ୍ରକାଶ ଭଙ୍ଗୀ ଯେତିକି ସରଳ ହୋଇଛି, ହୋଇଛି ବି ସେତିକି ସ୍ୱଚ୍ଛନ୍ଦ । ପାଠକ ପ୍ରାଣରେ ଯେଉଁ ବିମୁଖତା ଆସିଥିଲା ତାହା କ୍ରମେ ଅପସରି ଯାଇଛି । ଏହି ସମୟରେ ଲୋକଭାଷା, ଲୋକଛନ୍ଦ, ପୁରାଣ, ମହାଭାରତ, ରାମାୟଣ, ହରିବଂଶ, ଲୋକକଥା, କିମ୍ବଦନ୍ତୀର ଚରିତ୍ରମାନେ ଓହ୍ଲେଇ ଆସିଲେ ଏଇ ଧୂଳି ଧୂସରିତ ମାଟିକୁ । ବିଘଟିତ, ବିଜାରିତ ହେଲେ ସେମାନେ । ତରଳିଲା ସେମାନଙ୍କ 'ସିଦ୍ଧରୂପ' । କେବଳ ପୌରାଣିକ ଚରିତ୍ରର ଗୁଣଧର୍ମକୁ ଧାରଣ କରି ଠିଆ ହେଲେନି ସେମାନେ । ବରଂ ସମୟ ସହ, ଜୀବନ ସହ ଦ୍ୱନ୍ଦ୍ୱ, ଯନ୍ତ୍ରଣା, ଆଶା, ଆକାଂକ୍ଷା ସହ ଗୋଳି ହୋଇ ପୁନଃ ନିର୍ମିତ ହେଲେ ଅର୍ଥପୂର୍ଣ୍ଣ ଗଭୀର ହୋଇ । ଶବରୀ, ଶ୍ରୀରାଧା, ଯଶୋଦା, ଦେବକୀ, ଦୁର୍ଯ୍ୟୋଧନ, ଲକ୍ଷ୍ମଣ କୁମାର, କର୍ଣ୍ଣ, ମହିସାସୁର, ପୂତନା, ମାଣିକ, ଲଳିତା, ବିଶ୍ୱାବସୁ, ବିଶର ମହାନ୍ତି ଆଦି ଚରିତ୍ର ମଧ୍ୟରେ ଏ ସମୟର ସ୍ରଷ୍ଟା ଭୋଗୁଥିବା ସମୟକୁ ଆରୋପଣ କରି ନିଜ ସହ ସାମିଲ୍ କରିନେଲେ । ରମାକାନ୍ତଙ୍କ 'ଶ୍ରୀରାଧା', ସୀତାକାନ୍ତଙ୍କ 'ଦୁର୍ଯ୍ୟୋଧନ', ଦୀପକଙ୍କ 'ରକ୍', 'କାୟାପ୍ରବେଶ', ପ୍ରତିଭାଙ୍କ 'ଶବରୀ', ହୃଷୀକେଶଙ୍କ 'କର୍ଣ୍ଣ', ସେନାପତିଙ୍କ 'ପୂତନା'ରେ ଆମେ ବିପୁଳ ଜୀବନ ବୋଧକୁ ଭେଟିବା ନିଶ୍ଚୟ । 'ଶ୍ରୀରାଧା'ରେ ମିଥ୍ ଆଲୋଡିତ, ବିପର୍ଯ୍ୟସ୍ତ ଓ ବିଗଠିତ । ଇତିହାସ ସ୍ପନ୍ଦିତ ଓ ଉଦ୍ଦୀପିତ (ମଲ୍ଲିକ ହୃଷୀକେଶ- ଉଦ୍‌ଭାସ-ଜୁନ୍-୩) କେବଳ ଶ୍ରୀରାଧା ନୁହେଁ, ହଜାର ହଜାର ବର୍ଷର ମିଥ୍ ଏଠି ଭାଙ୍ଗିଛି । ଏକ ନୂତନ ପ୍ରାୟୋଗିକ ଅର୍ଥଦ୍ୟୋତନା ଓ ଜୀବନବୋଧରେ ପୁନଃ ନିର୍ମିତ ହୋଇଛି ।

ଉତ୍ତର-ଆଧୁନିକ କବି ଆଉ ପାଦେ ଆଗେଇଛି । ମିଥ୍‌କୁ ଭାଙ୍ଗିବା ବେଳେ ସେ ଅନେକ ପ୍ରଶ୍ନର ଛାଂପି ହୋଇଛି । ସତରେ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ ନା ନିଜ ପରାଜୟ ଓ ପଳାୟନକୁ ଲୁଚେଇବାକୁ ଯାଇ- ଧର୍ମାଶୋକରେ ରୂପାନ୍ତରିତ ହୋଇଥିଲେ ? ବିଶର ମହାନ୍ତି ଖୋଳ ମଧ୍ୟରେ ଜଗନ୍ନାଥଙ୍କ ବ୍ରହ୍ମକୁ ପୂରାଇ ଆଣିଥିଲା ନା ନୁହେଁ । ତାଜମହଲ ସତରେ କ'ଣ ପ୍ରେମର ପ୍ରତୀକ ?- ଏମିତି ନାନା ପ୍ରଶ୍ନ ତାକୁ ଆଗକୁ ନେଇଛି ? ପ୍ରତିନାୟକ, ନକାରାତ୍ମକ ଚରିତ୍ର ମଧ୍ୟରେ ଏକ ସକାରାତ୍ମକ ଆଲୋକ ଖିଏ ଉଦ୍‌ଘାଟନ କରିବାକୁ ଚାହିଁଛି । ମିଥ୍ ମଧ୍ୟରେ ମିଥ୍‌କୁ ଖୋଜିଛି । ଗୋଟେ ହାଇପର୍ ମିଥ୍‌କୁ ଚେତନାର ସର୍ଜନା କାଳରେ ସମୟ ଓ ଜୀବନବୋଧର ସ୍ପନ୍ଦନକୁ ତୋଳି ଧରିଛି ।

'ପୂତନା'କୁ ଭେଟିବା' ।

'ହରିବଂଶ'ରେ ପୂତନା ଭୋଜରାଜା ଓ କଂସର ଧାଈମା ଥିବା କଥା ଉଲ୍ଲେଖ ରହିଛି । ସାରଳାଙ୍କ 'ଭାରତ ହରିବଂଶ'ରେ ଅଛି ପୂତନା ଇନ୍ଦ୍ରଙ୍କ ଅଭିଶାପ ହେତୁ ମଥୁରାରେ ରାକ୍ଷସୀ ଭାବେ ଜନ୍ମ ନେଇଥିଲା । 'ବ୍ରହ୍ମବୈବର୍ତ୍ତ ପୁରାଣ'ର ଦଶମ ଅଧ୍ୟାୟରେ ବଳୀରାଜାଙ୍କ କନ୍ୟା 'ରତ୍ନମାଳା' ବାମନରୂପୀ ଭଗବାନଙ୍କ ବାଳକ ରୂପରେ ମୁଗ୍ଧ ହୋଇ ପୁତ୍ର ରୂପରେ ସ୍ତନ୍ୟପାନ କରାଇବାର ଇଚ୍ଛା ପୋଷଣ କରିଥିଲା । ସେଥିପାଇଁ ତା' ଅଭିଆଡ଼ି କୁଚକୁମ୍ଭରୁ ଝରି ପଡ଼ିଥିଲା କ୍ଷୀର ଦୁଇଟୋପା । ରତ୍ନମାଳା ମୋକ୍ଷ ପାଇବା ଯାଏଁ ମାତୃତ୍ୱ ପାଇ ନାହିଁ ।  ଭାଗବତରେ ପୂତନା ପୁତଖାଇ ଭାବେ ଖ୍ୟାତ । କୃଷ୍ଣଙ୍କୁ ମାରିବା ପାଇଁ କଂସର ଚକ୍ରାନ୍ତ ଓ ପରିଣତି ସ୍ୱରୂପ- ପୂତନା କୃଷ୍ଣଙ୍କୁ ସ୍ତନ୍ୟପାନ କରାଇଛି । ଯୁଗଯୁଗ ଜନ୍ମଜନ୍ମାନ୍ତର ପ୍ରତୀକ୍ଷାର ପରିଣତି ନିଗୃହୀତ ଅନ୍ତଃସତ୍ତାର ଅମୃତସ୍ରାବୀ ମାତୃତ୍ୱ । ଏଇ ପରିଣତି ଠାରୁ ଛିଟ୍‌କି ଯାଇ ନାହାନ୍ତି ସେନାପତି । ପୂତନାର  ମୁଖବନ୍ଧରେ କବି କହନ୍ତି- "ପୂତନା ହେଉଛି ଏକାଧାରରେ ଜୀବନ ଓ ଯନ୍ତ୍ରଣାର ପ୍ରତୀକ । ଅମୃତ ଓ ହଳାହଳର ମିଶ୍ରରାଗ । + + + ପାଠକର ଚେତନାରେ ତାର ରାକ୍ଷସୀ ରୂପଟି ଯେଉଁ ଦୁଃସହ ଜ୍ୱାଳା ସୃଷ୍ଟି କରେ ।



ଅନ୍ୟ ରୂପଟି ବାସଚନ୍ଦନର ଶୀତଳ ପ୍ରଲେପ ଦେଇ ସେ ପୀଡ଼ାକୁ ପ୍ରାଣରୁ ହରଣ କରିନିଏ ।”

କବି ମିଥ୍ ମଧ୍ୟରେ ମିଥ୍ ଗଢ଼ିଛନ୍ତି । ଏଇ ନୂଆ ନିର୍ମାଣରେ ସେ ପୂତନାକୁ ଯେଉଁ ଅମୃତତ୍ୱର ପ୍ରତିନିଧିତ୍ୱ ପ୍ରଦାନ କରିଛନ୍ତି ତାହା ହିଁ ମୁଖବନ୍ଧ ସୂଚାଇଦିଏ । ସତ୍ୟ ସ୍ଥିର ନୁହେଁ କୌଣିକ । ଏକ ଆଭାସ ସତ୍ୟର କଥା ଉତ୍ତର ଆଧୁନିକତା ବଖାଣେ । ଯାହା ହେୟ, ଅବହେଳିତ, ଅପାଂକ୍ତେୟ ତାକୁ ଏହା ଐଶ୍ୱର୍ଯ୍ୟ ପ୍ରଦାନ କରେ । ଏହା ହିଁ ଫୁଟି ଉଠିଛି 'ପୂତନା'ରେ । କବି ନିନ୍ଦା, ଅପବାଦ, ଅସରନ୍ତି କଳଂକର ଘେର ମଧ୍ୟରୁ ପୂତନାକୁ ବାହାର କରି ଆଣିଛନ୍ତି । ଗୋଟେ ଅନୂଢ଼ା, ଉପେକ୍ଷିତା, ନିଗୃହୀତା, ସଂଭାବନାହୀନ ବିଷକନ୍ୟାକୁ ପରିପୂର୍ଣ୍ଣ କରି ଦେଇଛନ୍ତି ଚିର ଆକାଂକ୍ଷିତ ମାତୃତ୍ୱର ପରମ ତୃପ୍ତିରେ । ଅଛୁଆଁ ନଈର କଚ୍ଛ ମଧ୍ୟରୁ ତାଳଗଛ ପରି ଠିଆ ଅଶରୀରି ଇଚ୍ଛା ମଧ୍ୟରେ ପୂତନା ପୁଷ୍ପିତା ହୁଏ । କବିଙ୍କ ଭାଷାରେ: "ଭୋକ କ'ଣ ବୁଝେ/ ଛାତିର କେଉଁ ଗହୀରରୁ ଉଠେ / କଲିଜାର ଜଳାପୋଡ଼ା / ଦୁଃଖ କଣ ବୁଝେ / ଅନ୍ତର ଫଟେଇ / କେମିତି ତରଳ ଲୁହଟୋପା ବଢ଼ିପାଣି ପରି / ସେମାନେ ଜାଣନ୍ତି କେବଳ ଭସେଇ ନେବା ।” (ପୂତନା/ପୃ.୩୬)

'ପୂତନା' ଓଡ଼ିଆ କାବ୍ୟ ଜଗତରେ ଏକ ପ୍ରତିନିଧିଶ୍ରେଣୀୟ କାବ୍ୟଗ୍ରନ୍ଥ, ମାଇଲଖୁଣ୍ଟ- ଏହାକୁ ଏକାନ୍ତ ଅସ୍ୱୀକାର କରିହେବ ନାହିଁ ।

ସମସାମୟିକ ସମାଜଜୀବନ ଯେତିକି ବିକ୍ଷୁବ୍ଧ ସେତିକି ଚାଞ୍ଚଲ୍ୟପୂର୍ଣ୍ଣ । ଅର୍ଥନୈତିକ ପ୍ରଗତି ଲାଭ ନିମିତ୍ତ ବ୍ୟକ୍ତି ମଣିଷ ଯେକୌଣସି ସ୍ତରକୁ ଯିବାକୁ ପଛାଉନାହିଁ । ଭ୍ରାମ୍ୟଭାଷ,ଇଣ୍ଟରନେଟ୍ ପରି ଅତ୍ୟାଧୁନିକ ଅନୁଷଙ୍ଗ, ପାଶ୍ଚାତ୍ୟ ରୀତିରେ ଅବିକଳ ଅନୁକୃତି ଏବଂ ଚାକଚକ୍ୟପୂର୍ଣ୍ଣ ବିଳାସଗର୍ଭା ଜୀବନଯାପନର ଶୋଷ ଆଜି ସମାଜର ପ୍ରତିଟି ସ୍ତରକୁ ବ୍ୟାପି ଯାଇଛି । ଫଳରେ ଆମେ ଭୋଗିନଥିବା ଆଧୁନିକତାର ପରବର୍ତ୍ତୀ ଅବସ୍ଥା ଭୋଗିବା ସଙ୍ଗେ ସଙ୍ଗେ ଏକ କିମ୍ଭୂତ କିମାକାର ଅବସ୍ଥା ମଧ୍ୟକୁ ଠେଲି ହୋଇ ଯାଉଛୁ; ଏହାକୁ ଅସ୍ୱୀକାର କରିପାରିବା ନାହିଁ । ତେବେ ଏ ପଚମାନ ଅବସ୍ଥାରୁ ମୁକୁଳି ଯିବାକୁ ସ୍ୱପ୍ନ ଦେଖୁଛି କବି ।

"ଯୋଉଠି ରକ୍ତ ରକ୍ତକୁ / ମନଠୁ ମନକୁ / ଭାଗ ଭାଗ କରିଦେବାର / ଗୁମର ବୋଲି କିଛି ଇ ନଥିବ / କେବଳ ଚଉଦିଗେ ବେଢ଼ିଥିବ / ଖୋଲା ଛାତି / ଖୋଲା ଆଖି, ଖୋଲାମେଲା ଗୀତ ।” (ପୁରାଣ ନଦୀ)

କବି ଖୁବ୍ ଆଶାବାଦୀ । କବି ଦେଖୁଛି ଚାରିଆଡ଼େ ଭୋକର ନାଟ ଚାଲିଛି । କିଏ ଦେହର ଓ ମନର ଭୋକକୁ ନେଇ ହରବର ତ କିଏ ପେଟର ଭୋକ ପାଇଁ ଅହରହ ସଂଗ୍ରାମରତ । ପେଟର ଭୋକ ପାଇଁ କିଏ ଦେହ ବିକୁଚି ତ ମକର ଭୋକ ପାଇଁ କାଠଗଡ଼ାରେ ଥୋଇ ଦେଇଛି ବିଶ୍ୱାସ, ପ୍ରତ୍ୟୟ । କେଉଁଠି ଅଶ୍ଳୀଳ ଲୋଭ ସବୁରି ଆଖିରେ ହେଣ୍ଡି ମାରୁଚି ତ କେଉଁଠି ଅସଂଖ୍ୟ ଦୁଃଖ କଲିଜାରେ ଆଙ୍କି ଲାଗିଛି ଘା' । ଏହାରି ଭିତରେ ଝଡ଼ ଆସେ । ଖୁବ୍ ଭୟଙ୍କର ତାଣ୍ଡବ ସଂରଚନା କରେ । କ୍ଷୟକ୍ଷତି ବିପର୍ଯ୍ୟୟ ମଧ୍ୟରେ ମଣିଷ ପୁଣି ବଂଚିବାପଣରେ ଶାଣ ଦିଏ । ଏଇ ଝଡ଼କୁ କବି ପ୍ରତୀକିତ କରି ଘେନି ଆସନ୍ତି ଯୌନ ଲାଳସାକୁ ପୂର୍ଣ୍ଣ କରିବାକୁ ଯାଇ ରାକ୍ଷସ-ମଣିଷ କିପରି ଫୁଲ ପାଖୁଡ଼ାକୁ ଦଳିମକ୍ଥି ଫିଙ୍ଗିଦିଏ ସମୟର ଅଳିଆଗଦାକୁ । କୋଉଠି ଗୋଟେ କୋମଳ-ପ୍ରାଣକୁ ଖିନ୍‌ଭିନ୍ କରି ହତ୍ୟା କରାଯାଏ । ଝଡ଼ ଉଠେ ସମାଜ ଜୀବନରେ । ହରତାଳ-ଜନସମାବେଶ ପୁଣି ତୁମ୍ବିତୋଫାନରେ ବିଧାନସଭା ହୁଲ୍‌ସ୍ଥୁଲ ହୁଏ । କୋଚିଲା କି ବିରୂପା ନଈରେ କ୍ଷତବିକ୍ଷତ ନଗ୍ନନାରୀର ଶବ ଭାସୁଥାଏ ତ କେଉଁଠି ତନ୍ଦୁରି ଭାଟିରୁ ଉଦ୍ଧାର ହୁଏ ଅର୍ଦ୍ଧ-ଦଗ୍ଧ ଶବ । କବି ଝଡ଼ ବାହୁଡ଼ିବା ବେଳେ କବିତା ମଧ୍ୟରେ ଦୁଇଟି ଝଡ଼କୁ ସମତୁଲ କରି ଯେଉଁ ବିପର୍ଯ୍ୟୟକୁ ପ୍ରକାଶ କରିବାକୁ ଚାହିଁଛନ୍ତି ତାହା ହିଁ ପାଠକଙ୍କ ଛାତିକୁ ଓଦା କରିବାର କ୍ଷମତା ରଖେ ।

"ଦୂରରେ ଉଭା ଲଂଗଳା ପଡ଼ିଚି ଯେଉଁନଈ / ଯା'ର ଜନନେନ୍ଦ୍ରିୟରେ / ଭୁଷା ଯାଇଚି ମୁଠାମୁଠା ବାଲି / ଶୁଖିଲା ଡାଳ / ଧୂଷର ମାଟି ପିଇଯାଇଚି/ ଯେଉଁ ଚଡ଼କାଏ ମହାରକ୍ତ / ସେଥିରୁ ବେଶ୍ ବୁଝା ପଡୁଚି- / କି ବିଭତ୍ସ ଥିଲା ଝଡ଼ର ଅତ୍ୟାଚାର ।” (ଭାଜ୍ୟଭାଜନ/ପୃ-୫୫)

ଅତୀତ ଠାରୁ ଭବିଷ୍ୟତକୁ ସୁନ୍ଦର କରିବାକୁ ପ୍ରତିଟି ମଣିଷ ନିଜ ବାଟରେ ଧାଉଁଥାଏ । ପଛରେ ଛାଡ଼ି ଆସେ ଅନେକ ଘଟଣାର ଘନଘଟା । ପଛରେ ଛାଡ଼ି ଆସେ ପୌଗଣ୍ଡ, କୈଶୋର, ଯୌବନ, ପିଲାଦିନ । ସେଇ ସମୟକୁ, ସେଇ ଜୀବନକୁ ଆଉଡ଼ାଏ, ପିଛିଲା ଦିନକୁ ଖୋଜେ । ଯଥାର୍ଥରେ ନିତ୍‌ସେ କହିଥିଲେ- "ଅତୀତକୁ ଭୁଲି ନପାରିବାର ପ୍ରବଣତା ହିଁ ମଣିଷକୁ ପଶୁ ଠାରୁ ଉନ୍ନତ କରି ଚିହ୍ନାଏ ।” ଜୀବନର ଜଟିଳ ଗଣିତ କଷୁ କଷୁ ପଛକୁ ଫେରିପଡ଼ିବା ବେଳେ ତ ଭେଟ ପଡ଼ିଯାଏ ଆସନ, ବହିବସ୍ତାନୀ ଧରି ଧାଉଁଥିବା ପିଲାଟିଏ । ପ୍ରାର୍ଥନା ସଭାର ଧାଡ଼ିରେ ଠିଆ ହୋଇଯାଏ, ପାଠ ପଢ଼େ । ପଦ୍ୟ ବୋଲେ, ଖେଳଛୁଟିକୁ ଅପେକ୍ଷା ରଖେ । ଗୋଟେ ଗହଳ ଚହଳରେ ଫାଟି ପଡ଼େ ସ୍କୁଲ ପରିସର । ଝାଳଟୋପାରେ ଚକ୍‌ମକ୍ ଖରାଧାସ । ଜୀବନ ଅଢ଼େଇଦିନ କହୁକହୁ 'ଜରାନିବାସ'ରେ ଅବଶିଷ୍ଟ ଆୟୁଷ ଭୋଗୁଥିବା ମଣିଷଟି ପଛକୁ ଫେରିପଡ଼େ ତ ଭେଟିଦିଏ ଛାତିତଳର ମହୁଲ ଆଷାଢ଼କୁ । ବୋହି ପଡୁଥାଏ ପ୍ରଥମ ଚୁମ୍ବନର ଉଷ୍ମ ଲାଭା । ଅମଉଳା ଦୁଃଖର ବାରମାସୀ ଫୁଲ ତୋଳୁ ତୋଳୁ ତ ମଣିଷ ଅଟକିଯାଏ ଇତିହାସ ପାଖରେ । ଯେଉଁଠି ଠିଆ ହୋଇଥାଏ ଅତୀତ । 'ସଂସାର ଦୁଃଖପୂର୍ଣ୍ଣ, କାମନାର ବିନାଶରେ ଦୁଃଖର ବିନାଶ, ଦୁଃଖର ବିନାଶରେ ନିର୍ବାଣପ୍ରାପ୍ତି'ର କଥା ଭିତରେ ନିଜକୁ ନିମନ୍ତ୍ରିତ କରେ, ଖୋଜେ । ଏଇ ଖୋଜାଲୋଡ଼ା ତ ଚାଲିଛି, ଚାଲିଥିବ । କାମନା ଜଳୁଥିବ । ଲଂଗଳା ମଣିଷ ଅନ୍ୟକୁ ଲଂଗଳା କରିବାରେ- ଲଙ୍ଗଳା ସୁଖକୁ ଖୋଜୁଥିବ । ଅହଂକାରର ଲଢ଼େଇ, କଟାକ୍ଷର ତୀରରେ ବାରବାର ନିଜେ ହିଁ ବିଦ୍ଧ ହେଉଥିବ । ପୁଣି ମଧ୍ୟବିତ୍ତ ମଣିଷଟି ଝଡ଼ର ପାହାର ଖାଇ ଆଶାରେ ଫୁଟାଉଥିବ ପେନ୍ଥା ପେନ୍ଥା କଢ଼ି । ସେଇ କଢ଼ି ଫୁଲ ହେଉ କି ନହେଉ ଅଂଶୁଘାତ କି ବରଫପାତ ତାକୁ ନଷ୍ଟ କରିପାରୁ ନଥିବ । ଅଥଚ କୋଉଠି କ'ଣ ପୋଡ଼ିଯାଉଥିବ ହାଣ୍ଡିର ଭାତ, ବଢୁଥିବ ଭ୍ରୁଣ, ଅଲୁଗୁଣିର ଲୁଗା କି ଭାଲୁକୁଣୀର କେଶ ! ଅଶ୍ଳୀଳ ଶୋଷ ରକ୍ତ ଝରାଇ ଦେଉଥିବ । ତଥାପି ଜୀବନ ଲାଗୁଥିବ ସୁନ୍ଦର, ଫଗୁଖେଳ ଚାଲିଥିବ-


"ମଲା ଦଦରା ବୁଢ଼ାବୁଢ଼ୀ କେଇଟା / ହାଡ଼ମାଳ ଧରି ଚାଲି ପାରୁ ନଥିବା ପୁଞ୍ଜାଏ ଛୁଆ / ନହେଲା ନାଇଁ ପଛେ / ଛୁଆଙ୍କ ପାଇଁ ନୂଆ ଜାମାପଟା / ବେଳେବେଳେ ଦୁଃଖରେ ବି / ଜୀବନ ଲାଗେ ମିଠା ମିଠା ।” (ଆର ଥରକୁ ଖେଳିବା/ଖେଳଛୁଟିରେ ଖରା/ପୃ-୧୧୧)

କବିତା ଏକ ଯାତ୍ରା, ଜୀବନ ପରି, କବି ଯାତ୍ରିକ, ପଥଚାରୀ, କବି ଘୂରୁଛି, କବିତା ସ୍ୱର ବଞ୍ଚୁଛି, ମରୁଛି, କବି ଝୁରିହୁଏ, ଝରେ ପୁଣି ଝୁଣ୍ଟେ । ରକ୍ତକ୍ଷରଣ ପର୍ବରେ ଉଠେ, ଠିଆ ହୁଏ, ପୁଣି ଚାଲେ । କବି ଏକ ସାମାଜିକ ପ୍ରାଣୀ । ଅନ୍ୟମାନଙ୍କ ପରି ସେ ବି ହସେ, କାନ୍ଦେ, ଅନେକ ଘଟଣାକୁ ଗୋଟିଏ ସୂତ୍ରରେ ଗୁନ୍ଥି ଦିଏ । ନିଜ ସମୟକୁ ଦେଖେ । ପ୍ରତ୍ୟୟହୀନ ଅନ୍ଧ ଦିଗନ୍ତରେ ଘାଣ୍ଟି ହେଉଥିବା ମଣିଷମାନଙ୍କର ବ୍ୟର୍ଥତା, ଛଳନା, ପ୍ରବଚନା, କାରସାଦି, କାରନାମାକୁ ଭୋଗେ, ପ୍ରତିବାଦ କରେ । କବି ଏଥିରୁ ବାଦ୍ ଯାଇ ନାହାନ୍ତି । ଏ ସମସ୍ତ କଥା କହୁକହୁ ଅଟକି ଯାଇନାହାନ୍ତି । ଦୁଃଖର କଥା ଶୁଣି ଶୁଣି, ଦୁଃଖ ସହ ଓଗାଳି ହୋଇ ଗତାନୁଗତିକ ରଥଚକ୍ରର ଆବର୍ତ୍ତନକୁ ଅତିକ୍ରମ କରି ସେ ପହଂଚିଛନ୍ତି ଚିରହରିତ ନଈପଠାରେ । ନଈ ବାଲିରେ ଧ୍ୱଜ ଅଙ୍କୁଶ ଚିହ୍ନ । ଏଇଠି ତ ପ୍ରାପ୍ତିର ଆକୁଳତା । ଦୂରନ୍ତ ଅଭିମାନଟିଏ ବୁଣି ବିଛୁଡ଼ି ହେଉଥିବା ବେଳେ କବି ବୁନ୍ଦାବୁନ୍ଦା ରକ୍ତସ୍ୟାହିରେ ଭୋର୍‌ରେ ଆକାଶ ଆଙ୍କେ । ସେଇ ଆକାଶର ମହାଶୂନ୍ୟତାକୁ ଦୁଃଖ ହିଁ ନୂଆବସ୍ତ୍ର ପିନ୍ଧାଇଥାଏ । ଅଥଚ- "ହେଲେ ସେ ଜମାରୁ ଶୁଣେନି ମୋ କଥା / ମୋତେ ମଥାରେ ମୁଣ୍ଡେଇ / ସଂସାରର ଭରାନଈରେ / ପଶି ପଶି କୁଆଡ଼େ ଚାଲିଛି / କେଜାଣି, ଏ ତାର କି ପ୍ରକାର ଗୋପଯାତ୍ରା ।” (ଗୋପଯାତ୍ରା)

ଶୈଳୀ କବିତାକୁ ଚିହ୍ନାଏ । ଶୈଳୀ ନିଜସ୍ୱ । ଶୈଳୀର ସାର୍ଥକତା କବିଙ୍କ ପରିବେଷଣର ମୌଳିକତା ଉପରେ ନିର୍ଭର କରେ । ଏ ଦୃଷ୍ଟିରୁ ବିଚାର କଲେ ସେନାପତିଙ୍କ ଶୈଳୀ ସ୍ୱତନ୍ତ୍ର । କବିତାର ବିଶ୍ୱନିର୍ମାଣର ଚାତୁର୍ଯ୍ୟ ଅନନ୍ୟ । ବିଷୟବସ୍ତୁର ବିବିଧତା, ନୂତନକାବ୍ୟ ଭାଷାର ସୂକ୍ଷ୍ମ କାରିଗରୀ, ବାକ୍‌ଛାନ୍ଦ ଓ କାବ୍ୟିକଛନ୍ଦର ଅପୂର୍ବ ସମନ୍ୱୟ ତଥା ମିଠାପଣର ମାଧୁର୍ଯ୍ୟର ତାଙ୍କ କବିତାର ବିଶେଷତ୍ୱ ନିହିତ ।

ପ୍ରସଙ୍ଗ-୧

# ଓଡ଼ିଆ କବିତା
# ଚାରିକେ ଚାରି



# ଆଲୋକିତ କାବ୍ୟସ୍ୱର

**॥ ଭାଗ : ୯ ॥**

**ଇପ୍‌ସିତା ଷଡ଼ଙ୍ଗୀ**

ଫ୍ଲାଟ୍ ନଂ-୩୦୩, ବ୍ଲକ୍-ଏ, ପଣ୍ଡା ରେସିଡେନ୍ସି,
ବିଜେଇଏମ୍ ସ୍କୁଲ-୨ ପାଖ, ସତ୍ୟଭାମାପୁର,
ଭୁବନେଶ୍ୱର-୭୫୨୧୦୦
ଫୋନ:୯୯୩୮୩୭୦୨୮୯/୯୮୬୧୩୩୩୯୪୪
ଫଟୋ ସୌଜନ୍ୟ : ଲେଖିକା

**'ରେବତୀ' ପାଇଁ ଏକ ଫିଚରଧର୍ମୀ ଆଲୋଚନା ପ୍ରସ୍ତୁତ କରିବା ପାଇଁ ଅଗ୍ରଜ କବି ତଥା ଏ ପତ୍ରିକାର ନିର୍ବାହକ କୃଷ୍ଣ କୁମାର ମହାନ୍ତିଙ୍କ ବାରମ୍ବାର ତାଗିଦାକୁ ସମ୍ମାନ ଦେଇ ଏ ଆଲୋଚନାଟି ଗତ ଅପ୍ରେଲ ସଂଖ୍ୟାରୁ ଲେଖିବାକୁ ଆରମ୍ଭ କଲି । ପ୍ରତି ଦୁଇ ମାସରେ ଥରେ ଚାରିଜଣ କବିଙ୍କ ମୁଗ୍ଧ ଆଲୋଚନା କରୁଛି ଓ କରିବି । କୌଣସି ପ୍ରକାରର ଆଧାର ଏହି କ୍ରମର ନିର୍ଣ୍ଣାୟକ ନୁହେଁ । ଏକ ମୁଗ୍ଧ ପାଠକୀୟ ଦୃଷ୍ଟି ଏହି ଆଲୋଚନା ଓ କ୍ରମର ଆଧାର । ଏଠାରେ ଆଲୋଚିତ ହୋଇଥିବା ପିଢିର କବିଙ୍କ କବିତା ସେତିକି ଭାବରେ ଆଲୋଚିତ ହୋଇ ନଥିବାରୁ ମୁଁ ଏହି ପିଢ଼ିର କାବ୍ୟଧାରାକୁ ମୋ ଆଲୋଚନାର ପ୍ରସଙ୍ଗ ଭାବରେ ବାଛିଛି । ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ, ଷଷ୍ଠ, ସପ୍ତମ ଓ ଅଷ୍ଟମ ଭାଗର ଆଲୋଚନା ପରେ ଏଥର ନବମ ଭାଗରେ କବି ଇନ୍ଦିରା ଦାଶ, ମନୁଆ ଦାସ, ଅମିୟ ରଞ୍ଜନ ମହାପାତ୍ର ଓ ସିତାଂଶୁ ଲେଙ୍କାଙ୍କୁ ନେଇଛି । ଏମାନଙ୍କ କବିତା, ଭିନ୍ନ ଦିଶା, ଶୈଳୀ ଓ ବିଷୟବସ୍ତୁକୁ ନେଇ ସମୃଦ୍ଧ ।**



ଲେଖିକା ଇପ୍‌ସିତା ଷଡ଼ଙ୍ଗୀ

'ଆଲୋକିତ କାବ୍ୟସ୍ୱର', ବର୍ତ୍ତମାନ ସାହିତ୍ୟ ସାଧନାରେ ବ୍ରତୀ ଥିବା ଏବଂ ନିଜ କାବ୍ୟ-ସ୍ୱରକୁ ସମ୍ବଳ କରି ଏକ ସ୍ଥିର ଆସନ ପାଇଁ ଓଡ଼ିଆ କବିତା ଜଗତରେ ନିଜକୁ ପ୍ରତିଷ୍ଠିତ କରିଥିବା ବରେଣ୍ୟ କବିମାନଙ୍କ ସାମଗ୍ରିକ କବିତାର ଏକ ମୁଗ୍ଧ ଅବଲୋକନ । ଏହି କ୍ରମରେ ପ୍ରାୟ ବତିଶ ଜଣ ପ୍ରତିଷ୍ଠିତ କବିଙ୍କ କବିତା 'ରେବତୀ'ରେ ଆଲୋଚିତ ହୋଇ ସାରିଲେଣି । ବର୍ତ୍ତମାନ ସମୟରେ ଆମେ ପଢୁଥିବା କବିତା ସମୂହକୁ ଲକ୍ଷ୍ୟ କଲେ, ଆମେ ତିନି ପିଢ଼ିର କବିତାକୁ ପାଉଛେ । ଏଠାରେ ମଧ୍ୟମ ପିଢ଼ିର କବିମାନଙ୍କ କବିତାର ସାମଗ୍ରିକତାକୁ ଆଲୋଚନା କରାଯାଉଛି, ଯେଉଁମାନେ ନିଜ ନିଜର କାବ୍ୟ-ସ୍ୱରର ଦିଗ ପ୍ରାୟତଃ ନିର୍ଦ୍ଦିଷ୍ଟ କରିସାରିଲେଣି । ସେମାନଙ୍କ କବିତା ରଚନା ପ୍ରଚ୍ଛଦପଟରେ, ବିଷୟବସ୍ତୁର ଭିନ୍ନତା, ସ୍ୱର ତଥା ଆବେଦନର ଅନନ୍ୟତା ଏବଂ ଉପସ୍ଥାପନ ଶୈଳୀର ସ୍ୱାତନ୍ତ୍ୟ ହିଁ ମୋ ଆଲୋଚନାର ମୁଖ୍ୟ ଉପଜୀବ୍ୟ । ଏଥର 'ଆଲୋକିତ କାବ୍ୟସ୍ୱର-୯'ରେ ଅଛନ୍ତି କବି ଇନ୍ଦିରା ଦାଶ, ମନୁଆ ଦାସ, ଅମିୟ ରଂଜନ ମହାପାତ୍ର ଏବ ସିତାଂଶୁ ଲେଙ୍କା । ସମସ୍ତେ ସମକାଳରେ କବିତା ରଚନାରେ ବ୍ରତୀ । ମାତ୍ର ପ୍ରତ୍ୟେକ ପ୍ରତ୍ୟେକଙ୍କ ଠାରୁ ଆବେଦନ, ଶୈଳୀ ଏବଂ ସ୍ୱରରେ ଭିନ୍ନ ।

## ଇନ୍ଦିରା ଦାଶ(୧୯୫୭)



ଇନ୍ଦିରା ଦାଶ

ସ୍ୱାଧୀନତୋତ୍ତର ଓଡ଼ିଆ କାବ୍ୟସାହିତ୍ୟରେ ଯେଉଁ ନାରୀ କବିଗଣ ଜୀବନଧାରାକୁ କବିତାର ବିଷୟବସ୍ତୁ ଭାବରେ ଗ୍ରହଣ କରି କବିତା ରଚନା କରି ଉତ୍କର୍ଷକୁ ସ୍ପର୍ଶ କରିଛନ୍ତି, ତନ୍ମଧ୍ୟରୁ କବି ଇନ୍ଦିରା ଦାଶ ଅନ୍ୟତମ । ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ଉପଲବ୍ଧି ହେଉଥିବା ସାଂସ୍କୃତିକ ଏବଂ ନୈତିକ ମୂଲ୍ୟବୋଧ ସହ ବ୍ୟକ୍ତିଗତ ଦୁଃଖ, ଯନ୍ତ୍ରଣା, ନିଃସଙ୍ଗତା ଏବଂ ଏକ୍ଲାପଣର ଅସହାୟତା କବି ଇନ୍ଦିରା ଦାଶଙ୍କ କାବ୍ୟଜୀବନର ଆଦ୍ୟ ପ୍ରେରଣା । ପରବର୍ତ୍ତୀ ସମୟରେ ମାନବିକ ମୂଲ୍ୟବୋଧର ପୁନଃପ୍ରତିଷ୍ଠା, ନିଃସଙ୍ଗ ଜୀବନ ଭିତରୁ ଏକ ସକାରାତ୍ମକ ସମୟର ଅନ୍ୱେଷଣ, ଏକ୍ଲାପଣର ଅସହାୟତାକୁ ନିଜ ଶକ୍ତି ଭାବରେ ବ୍ୟବହାର କରିବାର ମାନସିକ ପ୍ରସ୍ତୁତିରେ ତାଙ୍କ କାବ୍ୟସ୍ୱର ଆପ୍ଲୁତ ହେବାର ଲକ୍ଷ୍ୟ କରାଯାଏ । ନାରୀପୁରୁଷ ନିର୍ବିଶେଷରେ ମଣିଷର ଅବଚେତନାର ବିଶ୍ଳେଷଣ କରିବାର ଧାରା ତାଙ୍କ କାବ୍ୟସ୍ୱରର ମୁଖ୍ୟ ଧାରା ଭାବରେ ପରିଲକ୍ଷିତ ହେବାର ଲକ୍ଷ୍ୟ କରାଯାଏ ।

'ପୀତିଲଗ୍ନା' (୧୯୯୯), 'ଶୂନ୍ୟସ୍ଥାନ' (୧୯୯୮), 'ଅଧାନକ୍ସା ଘର'(୨୦୦୮), 'ନିଖୋଜ ନଈର କୋହ'(୨୦୦୯), 'ଛାଇ ଆଲୁଅ'(୨୦୧୧), 'ମଲ୍ଲିକା ଏକା ଏକା' (୨୦୧୪), 'ତଳ ପାହାଚର ମଣିଷ' (୨୦୧୭), 'ପୁରୁଣା ଗୀତର ଧୂନ୍'(୨୦୨୨) ଆଦି ସାତୋଟି କବିତା ସଂକଳନର ସ୍ରଷ୍ଟା କବି ଇନ୍ଦିରା ଦାଶ କୁହନ୍ତି, "ସାହିତ୍ୟ ଏକ ବର୍ଣ୍ଣାଢ଼୍ୟ ଚିତ୍ରଖାତା, ଯେଉଁଥିରେ ସମାଜର ବାସ୍ତବତାର ଛବିକୁ ଦେଖାଇ ହୁଏ । .....ସମାଜକୁ ପ୍ରଭାବିତ ନ କରୁଥିବା ଲେଖାକୁ ସାହିତ୍ୟ ଭାବରେ ଗ୍ରହଣ କରାଯାଇ ନପାରେ ।"

ସେହିପରି ତାଙ୍କ କବି ଜୀବନର ଆରମ୍ଭ ସଂପର୍କରେ କବି ଇନ୍ଦିରା କୁହନ୍ତି, "ସମସ୍ତଙ୍କ ଜୀବନରେ ଏମିତି ଏକ ସମୟ ଆସେ, ଯେତେବେଳେ ତାଙ୍କୁ ଆଲୋକ ଠାରୁ ଅନ୍ଧାର, କୋଳାହଳ ଠାରୁ ନିର୍ଜନତା, କହିବା ଅପେକ୍ଷା ନୀରବ ରହିବାକୁ ଭଲ ଲାଗେ । ସେମିତି ଏକ ଅବସାଦ ମୁହୂର୍ତ୍ତରେ ମୋ କବିତାର ଆରମ୍ଭ । + + + ସେ ମୋ ଜୀବନର ସହଯାତ୍ରୀ । କେହି ନଥିଲା ବେଳେ ସେ ମୋ ପାଖରେ ଥାଏ ଛାଇଟିଏ ଭଳି ।" କବି ସ୍ୱୀକାର କରନ୍ତି ଯେ, ଅତୀତର ସ୍ମୃତି, ବିରହ, ବିପ୍ରାତ୍ ଏବଂ ଏକାକୀତ୍ୱକୁ ନେଇ ତାଙ୍କ ପ୍ରାଥମିକ କବିତା ସମୂହ ରଚିତ । ମାତ୍ର କ୍ଷତ ପୁରୁଣା ହେବା ପରେ, ଦାଗ ରହିଯାଏ, ଯନ୍ତ୍ରଣାର ରୁଗୁରୁଗୁ ଜ୍ୱଳନ କମି ଯାଇଥାଏ । ଏପରି ଅବସ୍ଥାରେ ଯେବେ ସେ ନିଜ ଠାରୁ ଅଧିକ ଦୁଃଖୀ, ଲାଂଛିତ, ନିର୍ଯ୍ୟାତିତମାନଙ୍କୁ ଭେଟିଛନ୍ତି, ସେ ସବୁ ତାଙ୍କ କାବ୍ୟ ମାନସକୁ ଆନ୍ଦୋଳିତ କରିଛି ।

କବି, ଆଲୋଚକ ଗୌତମ ଜେନାଙ୍କ ବିଶ୍ଳେଷଣରେ କବି ଇନ୍ଦିରା ଦାଶଙ୍କ "ନାରୀ ଚେତନାର ଉଦାତ୍ତ ସ୍ୱର ଭିତରେ ସବୁ ଏକାକୀତ୍ୱ ଓ ଯନ୍ତ୍ରଣା ଥାଏ । ତା' ଭିତରେ ତାଙ୍କ ନାରୀସତ୍ତା ବଂଚିବା ପାଇଁ କାମନା କରୁଛି । ଯେଉଁଠି ସମସ୍ତ ଗ୍ଳାନି ଓ ପରାଜୟ ଭିତରେ ବି ସେ ସମୟକୁ ଉତ୍ତୀର୍ଣ୍ଣ ହେବାକୁ ଚାହିଁଛନ୍ତି । ବଂଚିବାର ଏହି ଦୁର୍ବାର ସଂଗ୍ରାମ ହିଁ ଆଧୁନିକ ନାରୀ ସତ୍ତାର ବଳିଷ୍ଠ ଆତ୍ମଉପଲବ୍ଧଜାତ ବିଶ୍ୱାସ, ଯାହା କାବ୍ୟିକ ଚେତନାରେ ଆଣିଛି ନୂତନ ଦିଶା ।" (ସ୍ୱାଧୀନତୋତ୍ତର ଓଡ଼ିଆ କବିତାର ସ୍ୱରୂପ, ପୃ/୨୯୨)

କବିଙ୍କ ଉପଲବ୍ଧିକୁ ଏଠାରେ ଉଦାହରଣ ଭାବରେ ନିଆ ଯାଇପାରେ । "ସାରାକାଳ ବିତେଇଥିବା / ମୁହୂର୍ତ୍ତ ସବୁ ଛଡ଼ା / କିଏ ବା ଆଉ ନିଜର / ନିରବ ଏକାକୀତ୍ୱ ଭିତରେ / ମିଛ ମିଛ କୋଳାହଳର ସଂସାର ।" (ଅଧା ନକ୍ସା ଘର, ପୃ-୬୭) କବିଙ୍କ ପାଇଁ ଏ କୋଳାହଳର ସଂସାର, ଏ ବସ୍ତୁବାଦୀ ମୋହ, ନିଜର ନିଜର ବୋଲି ଆବୋରିଥିବା ମଣିଷଙ୍କ ଅର୍ଗଳି, ସବୁକିଛି ମିଛ । ଅତି ଅନ୍ତରଙ୍ଗ ବୋଲି, ନିଜର ବୋଲି ନିଜ ଏକ୍ଳାପଣକୁ ହିଁ ନିଆ ଯାଇପାରେ ଯାହା । ଏହି ବଂଚିଥିବା ମୁହୂର୍ତ୍ତ ହିଁ ଦୁଃଖ ଦିଏ, ଫେରେଇ ବି ନିଏ ଶୋକ । ଛାତିରେ ଲୁଚେଇ ଦେଇପାରେ କ୍ଷତ ତ ମୁହୂର୍ତ୍ତକର ପ୍ରାର୍ଥନା ବି ଭୁଲେଇ ଦିଏ ମୃତ୍ୟୁର ବାଟ । ତେଣୁ ସେ ଏହି ଅନୁଭବକୁ ଗୁରୁତ୍ୱ ଦେଇ ଏ ସ୍ୱଗତୋକ୍ତି ବି କରନ୍ତି- "ପୁରୁଣା ଆୟୁଷର ଶେଷ ମୁହୂର୍ତ୍ତ ହିଁ ନବ ଜନ୍ମଦିନ ।" ସମୟଚକ୍ରର ଗୋଲାକାର ଘୂର୍ଣ୍ଣନ ମଧ୍ୟରେ ନିଜେ ଅଙ୍ଗେ ନିଭେଇଥିବା ମୁହୂର୍ତ୍ତତକ ହିଁ ଅନ୍ୟସବୁ ଉପଲବ୍ଧିର ଊର୍ଦ୍ଧ୍ୱରେ । କବିଙ୍କ ଅନୁଭବରେ ସଂସାରର ଜଞ୍ଜାଳ, ଜୀବନର ରୁକ୍ଷତା ଏସବୁ ଭିତରୁ ନିଜକୁ ବାହାର କରି ନେଇ ନିରାସକ୍ତ ହୋଇଯାଆନ୍ତି । ତତ୍ ସଙ୍ଗେ ସଙ୍ଗେ ପ୍ରତ୍ୟେକ ଶେଷ ହିଁ ଏକ ନବ ଆରମ୍ଭ ବୋଲି ଉଦ୍‌ଘୋଷଣା କରନ୍ତି ।

ପ୍ରିୟ ମଣିଷର ଅନୁପସ୍ଥିତି ଜନିତ ଖେଦ ହେଉ ଅବା ହେଉ ଜୀବନର ଧରାବନ୍ଧା ନିୟମ ବିରୁଦ୍ଧରେ ପ୍ରତିକ୍ରିୟା କବି ଶ୍ରୀମତୀ ଦାଶ ନିଜ ହୃଦୟର କଷଣକୁ, ଯନ୍ତ୍ରଣାକୁ ଏକ ଦାର୍ଶନିକ ଛିଟ ଦେଇପାରନ୍ତି । ଉପସ୍ଥାପନରେ ଦାର୍ଶନିକତା କବିତା ବ୍ୟକ୍ତିବାଦୀ ଚେତନାକୁ ସାର୍ବଜନୀନ ଚେତନାରେ ପରିବର୍ତ୍ତିତ କରୁଥାଏ । ଯେପରି- କବିଙ୍କ ପ୍ରେମର ନିରାଜନାରେ ପାଖ ଏବଂ ଦୂରର ଫରକ କଟି ଯାଉଥାଏ । "ପାଖ ଆଉ ଦୂରର ଅର୍ଥ କ'ଣ / ଫରକ ବା କ'ଣ ? ହେତୁ କଲେ ତମେ ଯଦି ଖେଳୁଥାଅ / ରକ୍ତ ହୋଇ ମୋର ଶିରା ପ୍ରଶିରାରେ / ଜୀବନକୁ ମଧୁମୟ କରିଦିଅ ତମ ଭଲ ପାଇବାରେ ।" (ପ୍ରୀତିଲଗ୍ନା/ ପୃ-୧)

ନାରୀ ଜୀବନର ଆବେଗିକ ଯନ୍ତ୍ରଣା, କବି ଶ୍ରୀମତୀ ଦାଶଙ୍କ କବିତା ରଚନାରେ ଉତ୍ସମାନଙ୍କ ଭିତରୁ ଗୋଟିଏ । ଏବଂ ନାରୀ ଅନ୍ତଃମନର କଷ୍ଟ ଭୋଗକୁ ଚମତ୍କାର ଅବ୍‌ଜେକ୍‌ଟିଭ୍ କୋ-ରିଲେଟିଭ୍ ଦେଇ ସେ ଶବ୍ଦାୟିତ କରିନିଅନ୍ତି । ତାଙ୍କ କବିତା 'ଶୂନ୍ୟତାର ଈଶ୍ୱରୀ'ରେ ସେଇ ଶୂନ୍ୟତାର ଈଶ୍ୱରୀ ହେଉଛି ସେହି ନାରୀ ଯିଏ ନିଜ ପ୍ରିୟ ମଣିଷର ମୃତ୍ୟୁରେ ମ୍ରିୟମାଣ । ଏବଂ ଆମ ସମାଜରେ ସ୍ୱାମୀକୁ ହରାଇଥିବା ନାରୀଟି ଜୀବନ ବଞ୍ଚେ ସିନା, ସେ ବା କି ଜୀବନ ! ବଞ୍ଚି ଥାଉ ଥାଉ ମୃତ୍ୟୁସମ କଷ୍ଟ ଯେଉଁଠି ପ୍ରତିଦିନ, ପ୍ରତିରାତି, ସେ ନାରୀଟିର ଜୀବନ ଆଉ ମରଣ ବା କ'ଣ ? ତା' ଜୀବନରେ ସ୍ୱପ୍ନ ନଥାଏ, ସୁଗନ୍ଧ ନଥାଏ । "ଜହ୍ନ ତାକୁ ଦେଖିବାକୁ ମନା / ମନା ପୁଣି ମାଖିବାକୁ ଫଗୁଣରେ ରଙ୍ଗ / ମଲ୍ଲୀ ଗଜରାକୁ ସରାଗରେ / ଛୁଇଁ ଦେଲେ/ ଜଳିଯାଏ / ସମାଜର ନୀରବ ଈର୍ଷାରେ / ଶ୍ରାବଣ ଝରୁଛି ଏଠି ଲୁହରେ କୋହରେ ।" (ପ୍ରୀତିଲଗ୍ନା-ପୃ-୪୦)

ବ୍ୟକ୍ତିଗତ ଯାତନାକୁ ସାର୍ବଜନୀନ କରି ଏକ କଳାତ୍ମକତା ସ୍ପର୍ଶ ମାଧ୍ୟମରେ ବିଧବା ନାରୀର ଯନ୍ତ୍ରଣାକୁ ବ୍ୟଂଜିତ କରାନ୍ତି କବି । "ଋତୁମତୀ ବସନ୍ତ ସଭାରେ / ଶୂନ୍ୟତାର ଈଶ୍ୱରୀଟି /ଜାଣିଜାଣି ଭୁଲିଯାଏ/ ଚଂପା ଆଉ ମଲ୍ଲୀର ମହକ / ସନ୍ନ୍ୟାସିନୀ ସାଜିଥାଏ / ସାରା ସଂସାରୀଙ୍କ ମେଳେ ।" (ପ୍ରୀତିଲଗ୍ନା, ପୃ.୪୦)

ସମାଜର ଅନ୍ଧ ବିଶ୍ୱାସ ଏବଂ ନାରୀ ପାଇଁ କ୍ରୁର ନିୟମ ବିରୁଦ୍ଧରେ ଏକ ଶୀତଳ ବିଦ୍ରୋହ କରେ କବିଙ୍କ କବିତା । ଶୂନ୍ୟତାର ଈଶ୍ୱରୀ ଆଖିରେ ଉଷ୍ମ ଲୁହ ଚିକ୍ ଚିକ୍ କରେ । ସେ ଲୁହକୁ କେହି କେବେ ଦେଖିପାରେ ନାହିଁ କି ପୋଛିବାର କୌଣସି ପ୍ରୟାସ ହୁଏ ନାହିଁ । ଏସବୁ ସତ୍ତ୍ୱେ, ସେ ଜୀବନ ଜିଇଁବା ଜାରି ରଖେ । ନିଜକୁ ଦୃଢ଼ କରେ ଏବଂ ସ୍ଥିର କରେ, "ବଂଚିବାକୁ ହେବ ପୁଣି କାଲି ରାତି ପାଇଁ / ଠିକ୍ ଆଜି ରାତି ପରି ।" (ପ୍ରୀତିଲଗ୍ନା/ପୃ-୪୨)

ଶ୍ରୀମତୀ ଦାଶଙ୍କ କବିତା ଅନ୍ଧ ପରମ୍ପରାର ଦ୍ୱାହିରେ ନାରୀ ଯାତନା ଏବଂ ଯନ୍ତ୍ରଣାକୁ ରୂପ ଦିଏ ଏବଂ ତତ୍ ସଙ୍ଗେ ସଙ୍ଗେ ସେହି ଭିତରେ ଈଶ୍ୱରୀ ପରି ନିଜକୁ ଦୃଢ଼ କରି ବଂଚିଯିବାର ରାହା ପ୍ରଦାନ ମଧ୍ୟ କରୁଥାଏ ।

କବିଙ୍କ କବିତାରେ ନାରୀ ଏବଂ ଦେବୀ, ଦେବୀ ଏବଂ ନାରୀ ଏକ ଏବଂ ଅଭିନ୍ନ ପରି ପ୍ରତେ ହୋଇଛନ୍ତି । ଦେବୀ ଦୁର୍ଗାଙ୍କ ବିସର୍ଜନ ଏବଂ ନାରୀ ପ୍ରତି ସାମାଜିକ ଅବିଚାର- ଏ ଦୁଇଟିକୁ ଏକ ସୂକ୍ଷ୍ମ ରଜ୍ଜୁରେ କବି ଏକତ୍ର କରିପାରିଛନ୍ତି । ସେ ପ୍ରଶ୍ନ କରନ୍ତି: "କୋଳାହଳର ପୃଥିବୀରେ / କେତେଦିନ ଆଉ / ନୀରବତାର ମନ୍ତ୍ର / ପଢୁଥିବୁ ମା'/ ଚାହିଁ ରହିଥିବୁ ମାଟିକୁ / ଅକୁହା ଅଭିମାନରେ ମିଳେଇ ଯାଉଥିବୁ ପାଣିରେ ।"(ଛାଇ ଆଲୁଅ/ପୃ-୧୧) ଦେବୀ ଗଢ଼ା ହେଉଥିବା ମାଟିରେ ଧର୍ଷଣର ଆର୍ତ୍ତନାଦ, ଲିଭି ଯାଇଥିବା ମୃତ କନ୍ୟାର ସନ୍ତପ୍ତ ଇତିହାସ ସଂଶ୍ଳିଷ୍ଟ ଅଛି । ସଂଶ୍ଳିଷ୍ଟ ହୋଇ କରିଅଛି ଛିନ୍‌ଭିନ୍ ହୋଇ ଯାଇଥିବା ବିକଳ ମାତୃତ୍ୱ । ନାରୀ ଯନ୍ତ୍ରଣାକୁ ତା' କଷ୍ଟକୁ ବ୍ୟଂଜିତ କରି ପାରିବାର ସ୍ୱଚ୍ଛ ମାନବବାଦୀ ସ୍ୱର ଏହା । କେତେ କଳାତ୍ମକତା ସହ କବି ମିଶ୍ରଣ କରିପାରିଛନ୍ତି ଜଗତ୍ ଜନନୀ ମା' ଦୁର୍ଗାଙ୍କ ଜନ୍ମମାଟି ସହ । ଆଜିର ସମୟରେ ନାରୀ ଅତ୍ୟାଚାର, କନ୍ୟା ଭ୍ରୁଣ ହତ୍ୟା, ବିକଳ ମାତୃତ୍ୱର ବିଷୟବସ୍ତୁକୁ ।

କବି ଏୟା ମଧ୍ୟ ଅନୁଭବ କରିଛନ୍ତି ଯେ ଏସବୁ ଅତ୍ୟାଚାର ଦୁଷ୍କର୍ମ ବିରୁଦ୍ଧରେ ସ୍ୱର ଉତ୍ତୋଳନ ଏକ ଫମ୍ପା ଆଓ୍ୱାଜ୍ ପରି । ଏସବୁରେ ସ୍ୱର ଉଠେ ସିନା । ସମାଧାନ ନଥାଏ । ବରଂ ଯନ୍ତ୍ରଣାର ରୂପ, ପରିବର୍ତ୍ତିତ ହୋଇଯାଏ । ଶୋଷକ ଅଧିକାରୀ ନୂଆଜାଲ ବିଛାଏ । ଧରେ ଏବଂ ମନଇଚ୍ଛା ହଇରାଣ ମଧ୍ୟ କରେ । ଏ ପ୍ରକାର ପରିସ୍ଥିତିରେ ସାଧାରଣ ନାରୀଟିଏ ମୂକ ପରି ଅଭିନୟ କରେ । କରିବାକୁ ଶ୍ରେୟସ୍କର ମନେକରେ । କବିଙ୍କ ଭାଷାରେ: "ପ୍ରତିଟି ନାରୀ ଏବେ / ତୋ ଭଳି ମୂକ / ଚେଳାଏ ଚକଟା ମାଟି / ପୁଳାପୁଳା ଅଂଶ ଯା'ର / ପ୍ରତିଦିନ ଫିଙ୍ଗାଯାଏ / ଘନ ଅରଣ୍ୟରେ / ନଦୀ ତଡ଼ାଗରେ ।"(ଛାଇ ଆଲୁଅ/ପୃ-୧୧)

ସମାଜର ବଡ଼ପଣ୍ଡାମାନେ ତିଆରିଥିବା ନିଷ୍ଠୁର ନିୟମ ବିରୁଦ୍ଧରେ କବିଙ୍କ ମର୍ମସ୍ପର୍ଶୀ ଓ କରୁଣ ବିଦ୍ରୋହ: "ଚୁଲି ଉପରେ ଉତୁରି ପଡୁଥିବା / ଭାତହାଣ୍ଡି ପରି / ଉଛୁଡ଼ିଆ ସୁଖ / ଗୋଟିଏ ଜୀଅନ୍ତା ପଶୁକୁ / ଟାଣିଟାଣି ବଳି ଦେବା ଭଳି / ପାଂଚ ମାଇପେ ମିଳି / ଗାଧୁଆ ତୁଠରେ ଚୁଡ଼ି / ଭାଙ୍ଗିବାର ସେ ଦୃଶ୍ୟ ?"(ଅଧା ନକ୍ସା ଘର/ପୃ-୬୨)

ଯେମିତି ସ୍ୱାମୀର ମୃତ୍ୟୁ, ସ୍ତ୍ରୀ ଜୀବନରୁ ସବୁ ସୁଖ ସବୁ ସ୍ୱପ୍ନର ମୃତ୍ୟୁ । ଏ ଅନ୍ଧ ସିଦ୍ଧାନ୍ତକୁ ଏକ ମର୍ମସ୍ପର୍ଶୀ ଚିତ୍ର ଦେଇ କବି କେବଳ ଏହାର କାରୁଣ୍ୟକୁ ଚିତ୍ରିତ କରିନାହାନ୍ତି, ଏହି ପ୍ରଥା ପରମ୍ପରା ବିରୁଦ୍ଧରେ ଏକ ବିଦ୍ରୋହ ମଧ୍ୟ ଉପସ୍ଥାପନ କରିଛନ୍ତି । ତାଙ୍କ ପଂକ୍ତିରେ: "ସଦ୍ୟ ବିଧବାଟି / କବନ୍ଧଟି ଭଳି ସତ୍ୟପାଠ କରେ / ମୋର ହାତ ନାହିଁ, ଗୋଡ଼ ନାହିଁ / ନିଜ ଇଚ୍ଛାରେ ଚାଲିବା ଭଳି ହୃଦୟ ନାହିଁ / ସେଇଥିପାଇଁ ତ ବରିନିଏ / କଟା ଛେଳିର ଆଖି ପରି / ସାଦାସାଦା ଜୀବନ ।" (ପୃ-୬୨)

ଯନ୍ତ୍ରଣାର ନକ୍ସା ଆଙ୍କି ଦେଇ କେବଳ କବି ନୀରବଦ୍ରଷ୍ଟା ପାଲଟି ନାହାନ୍ତି । ତାଙ୍କ କାବ୍ୟ ସ୍ୱରଟି ଏକ ଆହତ ଆତ୍ମାର ସ୍ୱର । ସବୁ ଯନ୍ତ୍ରଣା ଦଗ୍‌ଧ ନାରୀସ୍ୱର ଭାବରେ ଦୃଢ଼ ଭାବରେ ପ୍ରତିଷ୍ଠିତ । ନିଜ କଥନ ଶୈଳୀର ସାବଲୀଳତା ଏବଂ କ୍ଲିଷ୍ଟତା ରହିତ ପଙ୍‌କ୍ତି, କବିଙ୍କ ବକ୍ତବ୍ୟକୁ ରସାଣିତ ଭାବରେ ପାଠକ ହୃଦୟରେ ରୋପିତ କରିପାରେ । ଏସବୁ ଯନ୍ତ୍ରଣାର ସମୟ ଭିତରେ କବି ଜୀବନକୁ ସରସ ସୁନ୍ଦର ଭାବରେ ବଂଚିଯିବାର ଉପାୟଟିଏ ବି ଦେଇଦିଅନ୍ତି । କବିତା ପରି ଏକ କମନୀୟ ବିଭବ, ସୁଶୀତଳ ଛାୟା ତଳେ ଜୀବନ ବାହିନେଇ 'ଏକ ରୂପାନ୍ତର' ପାଇଁ ଆହ୍ୱାନ ଦିଅନ୍ତି: "ଆସ ଆଜି ! କବିତା ପାଲଟିଯିବା / ସହଜ

ସରଳ ମୁକ୍ତ / କୁଳୁକୁଳୁ ଗୀତର ଝର୍ଣ୍ଣାଟିଏ ହେବା + + + + + ଆସ ! ଏବେ ବିଶ୍ୱାସରେ / କବିତା ପାଲଟି ଯିବା / ଯେଉଁ ପ୍ରତ୍ୟୟରେ / ନଦୀ ଯାଏ ସମୁଦ୍ରକୁ / ବାଟୋଇ ପାଦ ରଖେ / ଆଖି ପାଉ ନଥିବା ରାସ୍ତାକୁ ।" (ଛାଇ ଆଲୁଅ/ପୃ-୨୫)


ଅନନ୍ୟ ଚିତ୍ରକଳ୍ପ, ବିମ୍ବ ଓ ଶବ୍ଦ-ଚିତ୍ର ମାଧ୍ୟମରେ କବି ଆଙ୍କି ପାରିଛନ୍ତି ମୃତ୍ୟୁର ଅନନ୍ୟ ନକ୍ସା । ସ୍ୱପ୍ନ ଭଙ୍ଗ, ଦୁର୍ଭାଗ୍ୟ ଓ ଯନ୍ତ୍ରଣା ଯେପରି ଶକ୍ତିମୟ କରିଛି କବିଙ୍କ କାବ୍ୟସ୍ୱରକୁ । ଏସବୁର ତାଡ଼ନାକୁ ଆଡ଼େଇ, ଶୂନ୍ୟତାରେ ବି ନିଜକୁ ଈଶ୍ୱରୀ ପରି ବଂଚି ରହିବାର ପ୍ରତ୍ୟୟ ଦେଇଛନ୍ତି କବି ନିଜ କବିତା ସମୂହରେ ।

'ଗଛରେ ସବୁଜ ପତ୍ରର ବିନ୍ୟାସ' ପରି ପଦ ସୂଚୀତ କରାଉଥାଏ କବି ଇନ୍ଦିରାଙ୍କ ଜୀବନ ଅନେକ ପତ୍ରଝଡ଼ାର ସମୟକୁ ପଛରେ ପକାଇ ଆଗକୁ ଚାଲି ଆସିବାର ସନ୍ଦେଶ । ସଂସାରର ଯାବତୀୟ ଜଞ୍ଜାଳ ଭିତରେ ଯନ୍ତ୍ରଣା, ଜୀବନରେ, ମୃତ୍ୟୁ ମୋକ୍ଷରେ, ଆକାଂକ୍ଷା ସବୁ ଈଶ୍ୱରରେ ପରିଣତ କରାଇ ପାରନ୍ତି ନିଜ କବିତାରେ କବି ଶ୍ରୀମତୀ ଦାଶ । ଅନେକ ଅନନ୍ୟତାରେ ପରିପୁଷ୍ଟ ନିଜ କାବ୍ୟ-ଦର୍ଶନ ପାଇଁ କବି ଶ୍ରୀମତୀ ଦାଶ ସମସାମୟିକ କାବ୍ୟସ୍ୱରମାନଙ୍କ ଭିତରେ ଆଲୋକିତା ।

## ମନୁଆ ଦାସ(୧୯୬୩)

କବି ମନୁଆ ଦାସଙ୍କ କବିତା, ମାନବୀୟ ଅନ୍ତପୀଡ଼ାର ଗଭୀର ଅବବୋଧର ଉପସ୍ଥାପନ । ଅନ୍ତର୍ଦ୍ଦନ୍ଦମୟ ସ୍ଥାପତ୍ୟ, ବିହ୍ୱଳ ବିଷୟ ନିର୍ଯ୍ୟାସ ତଥା ମାନବୀୟ ସମ୍ବେଦନା ଓ ବିଶ୍ୱାସର ପୁନଃସ୍ଥାପନ ତାଙ୍କ କବିତାର ମୁଖ୍ୟ ବୈଶିଷ୍ଟ୍ୟ ଯୋଉଥିପାଇଁ ସାଂପ୍ରତିକ ଓଡ଼ିଆ କବିତା କ୍ଷେତ୍ରରେ ସେ ଜଣେ ଅନନ୍ୟ ଓ ଆଲୋକିତ କାବ୍ୟ-ସ୍ୱର ।

'ମହୁଫେଣା'(୧୯୮୬) କବିଙ୍କ ପ୍ରଥମ କବିତା ସଂକଳନ, 'କାହାରି ଆଖିରେ ନିଦ ନାହିଁ'(୨୦୦୮) ଓ 'ଅନ୍ତବୁଜୁଳା'(୨୦୨୩) ତିନୋଟି କବିତା ସଂକଳନ । କବି ତାଙ୍କ ଆରମ୍ଭ ସମୟର କବିତା ଠାରୁ ଏ ପର୍ଯ୍ୟନ୍ତର କବିତାରେ ଏକ ମାନବୀୟ ସମ୍ବେଦନା ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଥାଏ । କବି ସବୁ ଛଳନା, ଶୋଷଣ ଏବଂ ସାଧାରଣ ମଣିଷର ହକ୍, ଅଧିକାର ଓ ତା' ସ୍ୱାଭିମାନ ପ୍ରତି ଅବଜ୍ଞା ଭଳି ଭାବଧାରା ବିରୁଦ୍ଧରେ ନିଜ କବିତାକୁ ଅସ୍ତ୍ର କରିଛନ୍ତି । ଏସବୁ ମାନସିକତାକୁ ବିଦ୍ରୁପ କରିଛନ୍ତି ଏବଂ ଯେଉଁ ମାନବିକ ଶକ୍ତି ଏସବୁ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି, ସତ୍ୟ, ଶିବ, ସୁନ୍ଦର ପ୍ରତିଷ୍ଠା କରିବାରେ ପ୍ରତିବଦ୍ଧତା ଓ ପ୍ରତିଜ୍ଞା ଦର୍ଶାଇଛନ୍ତି, ସେ ସତ୍ତା ପ୍ରତି, ସେ ମଣିଷମାନଙ୍କ ପ୍ରତି କବି ନିଜର ଶ୍ରଦ୍ଧାଞ୍ଜଳି ବାଢ଼ି ଦେଇଛନ୍ତି । 'ମହୁଫେଣା' ସଂକଳନର ନିଜ କଥାରେ କବି ଶ୍ରୀ ଦାସ କବିତାର 'ନିର୍ଦ୍ଦିଷ୍ଟ ସ୍ୱଷ୍ଟବାଦିତା' ହିଁ ତାଙ୍କ କବିତାର ସ୍ଥିତି ବୋଲି ଦର୍ଶାଇଛନ୍ତି । ତାଙ୍କ କବିତା 'ଗୁଂଜନର ଆଂଜୁଳାଏ ସମୁଦ୍ର' ବୋଲି ମଧ୍ୟ ଅଭିହିତ କରା ଯାଇପାରେ । କବିତା ଲେଖିବାର ପୃଷ୍ଠଭୂମି ସଂପର୍କରେ ଶ୍ରୀ ଦାସଙ୍କ ମତ ମଧ୍ୟ ଅନ୍ୟ ସୃଜନଶୀଳ ମଣିଷମାନଙ୍କ ପରି: "ପ୍ରତ୍ୟେକ କବିତା ଲେଖିଲା ପରେ ମୁଁ କ'ଣ ଥରକୁଥର ମରିଛି ? କିଏ ସେ ? କାହାର ଅନୁପସ୍ଥିତି ? ସମୟର ଏକ ଶୀତଳ ଅନୁଭୂତି ମୋତେ ଅସ୍ୱଚ୍ଛ ଅବସ୍ଥାକୁ ଟାଣି ନେଇଛି । ଏକ ବିବାଦପୂର୍ଣ୍ଣ ସଂଶୟ-ଅବସ୍ଥା ।"


▶ ମନୁଆ ଦାସ

ପୁନଶ୍ଚ କବିଙ୍କ ସ୍ୱୀକାରୋକ୍ତି: "ଆଶଙ୍କା ଅଛି । ବିଳାପର ଧ୍ୱନି ଅଛି । ଅସହାୟବୋଧ ଆଉ ଆକ୍ରୋଶ ଅଛି । ସମୟେ ସମୟେ ନିମଜ୍ଜିତ ହୋଇଯିବା ମୁହୂର୍ତ୍ତରେ ବିସ୍ମୟ ଲାଗିଛି । ଏହିପରି ସୃଷ୍ଟି ଉତ୍ତର ଏକ ଅନିଶ୍ଚିତ, ଅସ୍ଥିର ଅଥଚ ବିହ୍ୱଳ ପରିବେଶରେ କବିତାଗୁଡ଼ିକ ନିଜର ସତ୍ତା ବିସ୍ତାର କରିଛନ୍ତି ।"

ଠିକ୍ କଥା । କବିଙ୍କ କବିତାରେ ମଣିଷର ଅସହାୟତା ଅଛି । ସରଳ ଖଟିଖିଆ ଅବୋଧ ମଣିଷର ଅସହାୟତାକୁ ନିଲାମ୍ କରୁଥିବା ମଣିଷ ପ୍ରତି ଆକ୍ରୋଶ ମଧ୍ୟ ଅଛି । ପ୍ରାଥମିକ କବିତାରେ ଏ ଅସହାୟବୋଧର ନିରାଜନା ହୋଇଥିବା ସ୍ପଷ୍ଟ ଭାବରେ ପ୍ରତିପାଦିତ ହୋଇଛି । ମାତ୍ର ଆକ୍ରୋଶ ଏବଂ କଟାକ୍ଷ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୋଇଛି ପରବର୍ତ୍ତୀ କବିତା ସଂକଳନମାନଙ୍କରେ ।

ସ୍ୱେଚ୍ଛାଚାରୀ କ୍ଷମତା, ଦମନକାରୀ ହିଂସା, ମୁଷ୍ଟିମେୟ ସମୃଦ୍ଧି- ଏସବୁର ନକାରାତ୍ମକତାରୁ କବି ଛାଣି ଆଣନ୍ତି ସକାରାତ୍ମକ ଶକ୍ତି । ସଂଶୋଧନ, ନବ ନିର୍ମାଣ, ସମୂହର ପ୍ରଗତି ପାଇଁ କବିଙ୍କ ଶବ୍ଦ ଗୋଟିଏ ଗୋଟିଏ ମୁକ୍ତି ମଶାଲ ସାଜେ । ଏକ ସଶକ୍ତ ସ୍ୱର ଭାବରେ ଉଭା ହୁଏ ।

ଆରମ୍ଭ ସମୟରୁ କବିଙ୍କ କବିତା ଲେଖିବାର ପ୍ରେରଣା ହେଉଛି ସମୟ ଓ ସମାଜ । ଯନ୍ତ୍ରଣାସିକ୍ତ ଆତ୍ମା ଓ ଭୋକ କଷ୍ଟରେ ସ୍ତ୍ରୀକୁ ବାର ପୁରୁଷଙ୍କ ମଧ୍ୟରେ ବାଣ୍ଟି ଚାଲିଥିବା ପୁରୁଷର ଦହନ, ଇଚ୍ଛାର ମୃତ୍ୟୁ, ହଜିଲା ସ୍ୱପ୍ନ- ଏସବୁ ବ୍ୟଥିତ କରି ଆସିଛି କବିଙ୍କ କାବ୍ୟମାନସକୁ ।

'ଭ୍ରୁଣ ହତ୍ୟା କରି ଫେରୁଛି ସେ' କବିତାରେ କବି ଏଠି କନ୍ୟାଭ୍ରୁଣ ହତ୍ୟା କଥା କହୁନାହାନ୍ତି । କହୁଛନ୍ତି ଭୋକର ଦାଣ୍ଡରେ ଠିଆ ବାପ, ମା ଉଭୟଙ୍କ ଅସହାୟତାର କଥା । କବିଙ୍କ ବ୍ୟଞ୍ଜନା: "ବାପା ମା' ଏବେ କେବେ ହୋଇଯିବେ / ଏକାବେଳେକେ ବନ୍ଧ୍ୟା / ଭୋକକୁ ନେଇ ବାପା ଆଉ ଖେଳିବନି ଜୁଆ / ପଶାପାଲିରେ ରଖିବନି ନିଜର କା ।" (କାହାରି ଆଖିରେ.../ପୃ-୧୫)

ସେଇମିତି କର୍ଦ୍ଦମାକ୍ତ ସମୟର ସୁନ୍ଦର ଶବ୍ଦଚିତ୍ର ଦେଇ କବି ସାଂପ୍ରତିକ ସମାଜର ଚିତ୍ର ବାଢ଼ନ୍ତି । ଯେମିତି (୧) "ବର୍ଷା ଝରୁଛି, ଏବେ ଆଖିର ପତାରେ / ସ୍ମୃତିର ସିଆର ଉଭୁଛି ଏ କାଳ ବର୍ଷାରେ / କର୍ଦ୍ଦମାକ୍ତ ସମୟର ମୃତ ଝିଟିପିଟି ଦେହେ ।"(ମହୁଫେଣା/ ପୃ-୧)

ପରବର୍ତ୍ତୀ ସମୟରେ କବିଙ୍କ ସ୍ୱର ଖଟିଖିଆ ସର୍ବହରା ମଣିଷଙ୍କ ସ୍ୱର ପାଲଟିଛି । ସମାଜର ବଡ଼ବଡ଼ିଆ ମଣିଷମାନଙ୍କ ଦ୍ୱାରା ଶୋଷିତ ଅତ୍ୟାଚାରିତ ବର୍ଗ ହିଁ ତାଙ୍କ କବିତାର ମୁଖ୍ୟ ଚରିତ୍ର ଭାବରେ ପ୍ରତିଷ୍ଠିତ ହୋଇଛନ୍ତି । ତାଙ୍କ ଅନୁଭବରେ 'କ୍ରୋଧୀ କାଂଗାଳ' ହେଉଛି ଏହି ଖଟିଖିଆ ମଣିଷ ସମାଜ, ଯିଏ ନିଜର ସର୍ବ ସ୍ୱତ୍ତ୍ୱ ହଜାଇ ମଧ୍ୟ ବଂଚି ରହେ ।

ଅନୁଶାସନର ହାଟର, ଘାଟରେ, ବାଟରେ ଦପ୍ତରରେ- ଜୀବନର ପ୍ରତ୍ୟେକ ଗଳିକନ୍ଦିରେ ସାଧାରଣ, ସରଳ ମଣିଷଟି ବ୍ୟଭିଚାର ଭୋଗେ, ଭୋଗି ଚାଲି ଆସୁଥାଏ । ଜୀବନର ଦୁଃଖ, ଯନ୍ତ୍ରଣା ଓ ଅପମାନର ଜ୍ୱାଳାରେ ସବୁକିଛି ହରାଇ ସେ ଜଳୁଥାଏ । ଜଳି ନଥାଏ ତା'ର ବଂଚି ରହିବାର ଅଦମ୍ୟ ଅଭିଳାଷ । ଏ ଅଭିଳାଷ ହିଁ କବି ଶକ୍ତି । ତାଙ୍କ କବିତାର ଅର୍ନ୍ତନିହିତ ଶକ୍ତିର ଉତ୍ସ ।

ପ୍ରଗତିର ଅର୍ଥ ଏବେ ମୃତ୍ୟୁ । ପ୍ରଗତି ଆଳରେ ସମାଜ ଏବେ ମରଣମୁହାଁ । ଏ ଶତାବ୍ଦୀରେ ଏବେ ଧର୍ମ ନାଁରେ ଦଙ୍ଗା । ଭୋଟ୍ ସନ୍ତ୍ରାସ, ନୀତି ନାଁରେ ପୁଞ୍ଜିର ଶାସନ । ଉଗ୍ର ଜାତୀୟତା । ଶାସନ ନାଁରେ ସ୍ୱେଚ୍ଛାଚାରୀ ଘରୋଇ କରଣ । ଗଣତନ୍ତ୍ର ନାଁରେ ଦିଗଭ୍ରଷ୍ଟଙ୍କ ବହୁମତ । ବିକଳ୍ପର ବାଟ ମଧ୍ୟ ସବୁ ବନ୍ଦ ।" ଏସବୁକୁ ଦର୍ଶାଇ ସାରିବା ପରେ କବିଙ୍କ ପ୍ରଶ୍ନ: "ଏ ଯୁଗର କେଉଁ ବିପର୍ଯ୍ୟୟ ମାନସିକ ନୁହେଁ!/ ମାନୁଷିକ ନୁହେଁ!" (ଅନ୍ତବୁଜୁଳା/ପୃ-୧୬)

ଏଇ ମାନସିକ ବିପର୍ଯ୍ୟୟ, ମାନୁଷିକ ବିପର୍ଯ୍ୟୟ ବିରୁଦ୍ଧରେ ଶ୍ରୀ ଦାସଙ୍କ କବିତା ଏକ ଶବ୍ଦ-ସଂଗ୍ରାମ । ବଜାରବାଦୀ, ଅନୀତି, ମିଥ୍ୟାଚାର ବିପକ୍ଷରେ କବି ଶ୍ରୀ ଦାସଙ୍କ ଶବ୍ଦ ହିଁ ହୁଏ ଅସ୍ତ୍ର । ଏହି ଶବ୍ଦ ଜରିଆରେ ସର୍ବହରାଙ୍କ ପାଇଁ କବି ଆଙ୍କିବାକୁ ଚେଷ୍ଟା କରନ୍ତି, "ସ୍ୱପ୍ନର ଟିକାରେ ସମୟର କାକଳି ।"

(ଅନ୍ତବୁଜୁଳା/ପୃ-୧୮)

ଏ ଅନୀତି ଓ ମିଥ୍ୟାଚାରକୁ ନେଇ ତଥା ପ୍ରଚଳିତ ବ୍ୟବସ୍ଥାର ବିରୁଦ୍ଧରେ ଯାଇ ତୀବ୍ର ଶାଣିତ ବିଦ୍ରୋହ କରିବା ଏବଂ ଏହି ବିଦ୍ରୋହକୁ କବିତା କରିପାରିବା, ଏକ କଷ୍ଟସାଧ୍ୟ ବ୍ୟାପାର । କବିତାର ଯାବତୀୟ ସୌନ୍ଦର୍ଯ୍ୟକୁ ଏବଂ ତା'ର କଳାତ୍ମକତାକୁ ବଜାୟ ରଖି ଏହି ବିଷୟବସ୍ତୁକୁ କବିତାର ଆକର୍ଷଣର ମୂଳବିନ୍ଦୁ କରିବା ତା'ଠାରୁ ମଧ୍ୟ କଷ୍ଟସାଧ୍ୟ । ଶ୍ରୀ ଦାସ କିନ୍ତୁ ଏପରି କବିତା ସୃଷ୍ଟିରେ ଜଣେ ଧୂରୀଣ ଶିଳ୍ପୀ । ଏକ ଉଦାହରଣକୁ ଦେଖାଯାଉ: "ସେ ହେଉ ଠାକୁରାଣୀର ପଶୁବଳି/ ଅପୁଷ୍ଟିରେ ଶିଶୁବଳି/ ଅଶିକ୍ଷାରେ ମଣିଷ ବଳି / + + + / ସେ ହେଉ ଖଣିରେ ଜଙ୍ଗଲ ବଳି / ପ୍ରଦୂଷଣରେ ନଦୀ ବଳି / ଧର୍ମାନ୍ଧତାରେ ଈଶ୍ୱର ବଳି / ସେ ହେଉ ବଜାରର ନିଲାମରେ ଆତ୍ମବଳି / ଏ ଯୁଗର କେଉଁ ବିପର୍ଯ୍ୟୟ / ମାନସିକ ନୁହେଁ! ମାନୁଷିକ ନୁହେଁ!"(ଅନ୍ତ ବୁଜୁଳା/ପୃ-୧୯)

କବିତାର ପ୍ରବହମାନତାକୁ ଲକ୍ଷ୍ୟ କରାଯାଇପାରେ । ସାବଲୀଳ ପ୍ରବହମାନତା ଏବଂ ଶବ୍ଦ ପ୍ରୟୋଗ ଜରିଆରେ ଅନୁଭୂତ ତୀବ୍ର ସ୍ୱର (Story Syllables) କବିଙ୍କ ଅନୁଭବକୁ ଅନ୍ୟ ଏକ ଉଚ୍ଚତାକୁ ନେଇଯାଏ ।

ସାଧାରଣତଃ ସମାଜର କ୍ରୁର ବାସ୍ତବତାର ଚିତ୍ର କୌଣସି କବିତାକୁ ଏତେ ମାତ୍ରାରେ ରସାୟିତ କରି ନଥାଏ । ମାତ୍ର ଶ୍ରୀ ଦାସ ପ୍ରୟୋଗ କରୁଥିବା ରିଦିମ୍ ଏବଂ ଆବେଗ ଏପରି ଏକ ସୂକ୍ଷ୍ମ ରଜ୍ଜୁରେ ନିବିଡ଼ ଭାବରେ ବନ୍ଧା, ଯେ ତାହା ପାଠକ ହୃଦୟରେ ଏକ ଚମତ୍କାରକାରୀ ଭାବ ସଂପ୍ରେଷଣକ୍ଷମ ଧ୍ୱନି ଉତ୍ପନ୍ନ କରେ । ସେହି ଧ୍ୱନି ମଣ୍ଡଳ ପ୍ରତ୍ୟେକ ପାଠକଙ୍କୁ ନିଜ ଆବେଶରେ ଆବୋରି ରଖିବାରେ ଯଥେଷ୍ଟ ସାମର୍ଥ୍ୟ ବହନ କରୁଥାଏ ।

ସାଧାରଣ ମଣିଷ ସ୍ୱପ୍ନ, ବିଶ୍ୱାସ ଏବଂ ନିରୀହତାର ଖଣ୍ଡବିଖଣ୍ଡିତ ଅଂଶ ଦେଖି କବି ଯେତିକି ମାତ୍ରାରେ ବିଦ୍ରୋହାତ୍ମକ ନିଜ ଶବ୍ଦରେ, ସେତିକି ମାତ୍ରାରେ ସମ୍ବେଦନଶୀଳ ଏବଂ ଆର୍ଦ୍ର । ଯେମିତି: "ସେ ହେଉ / ଭାସିଗଲା ଭୂମିହୀନ ଖଟିଖିଆ ଲାପତା / ଇନ୍ଦ୍ରାବତୀ ଯୋଜନାରେ / ନଅଙ୍କିଆ ପିଲା ସହରିଆ କ୍ରେତା ବୁଭୁକ୍ଷୁ ମାଳରେ / ସେ ହେଉ / ନୂଆ ନୂଆ ମହାମାରୀରେ, ବିରୋଧ ଯନ୍ତାରେ / କେତେ ଦେଶିଆ, ମାଲୁଆ, ପାହାଡ଼ିଆ / ମଲାଗଲା  ସଂଖ୍ୟାର ହିସାବ /.../ ସେ ହେଉ ଧର୍ଷିତା ଅଂଜନା, ଧର୍ଷିତା ଛବିରାଣୀ, ଧର୍ଷିତା ଅନ୍ଧୁଣୀ / .../ ଏ ଯୁଗର କେଉଁ ବିପର୍ଯ୍ୟୟ / ମାନସିକ ନୁହେଁ! ମାନୁଷିକ ନୁହେଁ!" (ପୃ-୧୮/୧୯)

ଆମେ ଦେଖୁଥିବା ସବୁ ବିପର୍ଯ୍ୟୟ ମାନସିକ ଓ ମାନୁଷିକ ଉଭୟ । ଏମିତି ଏକ ବିପର୍ଯ୍ୟସ୍ତ ସମୟର ମୁକ ସାକ୍ଷୀ ହୋଇ କେବଳ ଠିଆ ରହିବାକୁ ଗ୍ରହଣ କରିନାହାନ୍ତି କବି । ଏ ପ୍ରକାର ନୈତିକ ସ୍ଖଳନରେ କବିଙ୍କ ସ୍ୱୀକାରୋକ୍ତି: "ଜୀବନଟା ହଠାତ୍ ଘଟିଯାଏ / ଭୀଷଣ ବିପର୍ଯ୍ୟୟ ନଷ୍ଟ / ସମଗ୍ର କବିତା ବାଚାଳତା / ବାଂଝ ଅତିଷ୍ଠ ।" (ପୃ-୩୦ଓ ୩୧)

ଏ ସବୁ ଚିତ୍ରରେ ଇଂରାଜୀ କବି ଟି.ଏସ୍.ଏଲିଅଟ୍‌ଙ୍କ 'ହଲୋ ମ୍ୟାନ୍'ର ମହକ ମିଳେ । ମାତ୍ର କବିଙ୍କ ବିଦ୍ରୋହୀ ସ୍ୱର ଏ କବିତାକୁ ଏଲିଅଟଙ୍କ 'ହଲୋମ୍ୟାନ୍'ର ଅବଧାରଣା ଠାରୁ ଅନେକ ଊର୍ଦ୍ଧ୍ୱକୁ ନେଇଯାଏ । ଏହି ଦୀର୍ଘ କବିତାରେ ଶେଷ ଆଡ଼କୁ 'ପାହାଡ଼ ଛାତିରେ ଲହରେଇ ଲହରେଇ ମାଡ଼ି ଯାଉଥିବା ବଣୁଆ ନିଆଁ'ର ଶବ୍ଦଚିତ୍ର ସମୂହ ଦେଇ କବି ଏହି ଶୋଷଣ, ପ୍ରବଂଚନା ଏବଂ ବିଶ୍ୱାସହୀନତା ବିରୁଦ୍ଧରେ ତେଜି ଚାଲିଥିବା ଅହରହ ନିଆଁ, ଅହରହ ସଂଘର୍ଷର ଉଦ୍‌ଘୋଷଣା କରୁଥିବାର ମନେହୁଏ । ଏ ନିଆଁ ଯେମିତି ଅଲିଭା ମୁକ୍ତି ମଶାଲ ସମଗ୍ର ମାନବ ଜାତି ପାଇଁ ।

କବିଙ୍କ 'ଅନ୍ତବୁଜୁଳା' ସଂକଳନସ୍ଥ ଅନ୍ୟ ଏକ କବିତା 'କଟା ହାତର ପାପୁଲିରେ ସୂର୍ଯ୍ୟୋଦୟ' । ଏହାର ନାମକରଣରୁ କଳିଙ୍ଗନଗରର ରୋମନ୍ଥନକାରୀ ଇତିହାସ ମନେ ପଡ଼ିଯାଏ । ଦୁଇ ହଜାର ଛଅ, ଜାନୁଆରୀ ଦୁଇ ତାରିଖ । କଳିଙ୍ଗ ନଗର ଠାରେ ଟାଟା ଶିଳ୍ପ ପ୍ରକଳ୍ପର ପ୍ରତିଷ୍ଠା ବିରୁଦ୍ଧରେ ବିସ୍ଥାପିତ ହେଉଥିବା ଜନତାଙ୍କ ଆନ୍ଦୋଳନରେ ଅନେକ ସଂଗ୍ରାମୀ ପୁଲିସ୍ ଗୁଳି ଖାଇ ମୃତ୍ୟୁବରଣ କରିଥିଲେ । ଶହୀଦ୍ ହୋଇଥିବା ଲୋକମାନଙ୍କୁ ଚିହ୍ନିବା ପାଇଁ ସେମାନଙ୍କର ହାତର ପାପୁଲିକୁ କଟାହୋଇ ସଂରକ୍ଷିତ କରାଯାଇଥିଲା । ଏ ପ୍ରକ୍ରିୟା କେତେ ମର୍ମନ୍ତୁଦ ନୁହେଁ ସତେ ! କବିଙ୍କ ଆର୍ଦ୍ର କଟାକ୍ଷ:

"ମାଲା ପୁଅଙ୍କ ଚିହ୍ନଟ ପାଇଁ / ଡାକ୍ତର କାଟି ରଖିଲା ହାତର ପାପୁଲି / ଜୀଅନ୍ତାକୁ ମାରିବାଠୁ ମଡ଼ାକୁ ମାରିବା / ଆହୁରି ଦୟନୀୟ, ଆହୁରି କରୁଣ / ଆହୁରି ଉଦ୍ଭଟ ।" (ପୃ-୩୯)

କେଡ଼େ ମର୍ମନ୍ତୁଦ ସତରେ "ଜୀଅନ୍ତାକୁ ମାରିବାଠୁ ମଡ଼ାକୁ ମାରିବା !" ପରବର୍ତ୍ତୀ ସମୟରେ ଗଣମାଧ୍ୟମ, ସାମାଜିକ କର୍ମୀ ଇତ୍ୟାଦିଙ୍କ ଚାପ ହେଉ, ବା ହେଉ ମାନବିକତାର ଉଦ୍ରେକ, କଟା ପାପୁଲିକୁ ଫେରାଇ ଦିଆଗଲା ସତ, ମାତ୍ର "ସେଠି ଭାଗ୍ୟରେଖାରେ ଲେଖା ସରିଥିଲା / ଶିଳ୍ପର ପ୍ରତିଷ୍ଠା, ପ୍ରଗତିର ନକ୍‌ସା / ତିଆରି ସରିଥିଲା ଶାନ୍ତି ଓ ପ୍ରତାରଣାର / ନୂଆ ପତାକା, ନୂଆ ସନ୍ଧି, ନୂଆ ଭରସା ।"

ଭଗ୍ନ ଜୀବନର ବିଷର୍ଣ୍ଣ ବିଳାପ, ବ୍ୟଭିଚାର ଓ ଶୋଷଣ ବିରୁଦ୍ଧରେ ମହାମୁକ୍ତିର ମାର୍ଗର ଅନ୍ୱେଷଣରେ ବ୍ରତୀ କବି ଶ୍ରୀ ଦାସ ପ୍ରବହମାନ ସ୍ରୋତରେ ପରିବର୍ତ୍ତିତ ସମାଜର ନଗ୍ନରୂପ ପ୍ରଦାନ କରିବାରେ ସିଦ୍ଧହସ୍ତ । ସାମାଜିକ ବ୍ୟଭିଚାର ଏବଂ ଅତ୍ୟାଚାର ବିରୁଦ୍ଧରେ ତାଙ୍କ ମାନବବାଦୀ ସ୍ୱର ଯେଉଁ ଚିତ୍ରକୁ ପ୍ରଦାନ କରୁଥାଏ, ତାହା ଯେତିକି ଶାଣିତ, ସେତିକି ତୀବ୍ର ତଥା ଆର୍ଦ୍ରତାରେ ପରିପୂର୍ଣ୍ଣ । ଏହି ପଂକ୍ତି ସମୂହ ଯେ କୌଣସି ପାଷାଣ ହୃଦୟୀ ମଣିଷର ଆତ୍ମାକୁ ଆନ୍ଦୋଳିତ ଏବଂ ପରିବର୍ତ୍ତନ କରିବାର ଯଥେଷ୍ଟ ସାମର୍ଥ୍ୟ ରଖିଥାଏ । କବିଙ୍କ ପ୍ରୟୋଗକୁ ଅନୁଶୀଳନ କରାଯାଉ: "କେହି ମାନ୍ଧାତା ଅମଳରୁ ଅଜସ୍ର ଥର ଛିଡ଼ିଯାଇ / କେଉଁ ପୁରାଣ ଦେହରୁ କଟିଯାଇ କଳିଙ୍ଗନଗର / ଆଜି ବିଶିଷ୍ଟ ଅର୍ଥନୀତି ମଣ୍ଡଳ ।"(ଅନ୍ତବୁଜୁଳା,ପୃ-୪୦)

ଜଗତୀକରଣର ଚାକଚକ୍ୟର ପ୍ରଭାବ କ୍ରମଶଃ ପ୍ରବଂଚନା ବର୍ତ୍ତମାନର ସରଳ ମଣିଷକୁ ଆବୋରି ନେଇ ଚାଲିଛି । କବିଙ୍କ କବିତା: 'ବିଶ୍ୱ ବଜାରରେ ଡାକବାଜି' ସେମିତି ଚଂଚକତାର ଭେଳିକି ଲଦେ କେମିତି ଆମେ ସଭିଏଁ ଆମ ସରଳ ନିରୀହତା ଭିତରେ ବଂଚି ରହି ଠକି ହେଉଛେ, ହେଇ ଚାଲିଛେ– ତା'ର ଏକ ମନୋଜ୍ଞ ଏବଂ କଳାତ୍ମକ ଉପସ୍ଥାପନ । ମଣିଷ ବିଶ୍ୱ ବଜାରରେ କେବଳ ଏକ ଗ୍ରାହକ । ତା'ର ସରଳତାର ସୁଯୋଗ ନେଇ ଏଇ ବଜାର ସଂସ୍କୃତି ଅବଗାହନ କରି ଚାଲିଥାଏ ତା'ର ସ୍ୱପ୍ନ ଓ ସଂସ୍କୃତି, ତା'ର ପରିଚୟ । ଆଖିରେ ଅଂଜନ ଲଗେଇ, ଡାକବାଜି ଯନ୍ତ୍ରରେ ପ୍ରଚାରର ଭେଳିକି ଲଗେଇ ତାକୁ ହିଁ ବିକ୍ରି କରିଚାଲେ ତା' ସ୍ୱପ୍ନ, ସଂସ୍କୃତି, ତାରି ଭୂଗୋଳ ତା'ରି ଇତିହାସ । ବହୁରାଷ୍ଟ୍ରୀୟ କମ୍ପାନି, ଜଗତୀକରଣ, ଲାଭର ଲୋଭ– ଏସବୁକୁ ନିଜ କବିତାର ବିଷୟବସ୍ତୁ ଆକାରରେ ସଜାଇବା ବେଳେ, କବି ଶ୍ରୀ ଦାସ ଯେତିକି ସିରିୟସ୍, ସେତିକି ସଂବେଦନଶୀଳ । ଗୋଟିଏ ପଟେ ନିରୀହ ସରଳ ମଣିଷ ଅନ୍ୟପଟେ ବଜାର ସଂସ୍କୃତି ଓ ଲାଭଖୋର ମାନସିକତା । ଏ ଦୁଇ ମୂଲ୍ୟବୋଧର ବିରୋଧାଭାସ ଖୁବ୍ ଚମତ୍କାର ଶୈଳୀରେ ବ୍ୟଂଜିତ ହୁଏ ଶ୍ରୀ ଦାସଙ୍କ କବିତାରେ ।

ଅନ୍ୟ ଅନେକ ଗୁଡ଼ିଏ କବିତା ଏହି ସ୍ୱପ୍ନ ଭଗ୍ନ, ସ୍ୱପ୍ନ ବିକ୍ରି, ସ୍ୱପ୍ନ ଚୋରୀ ଏବଂ ସର୍ବୋପରି ଚଞ୍ଚକତାରେ ସରଳ ମଣିଷର ବିଶ୍ୱାସକୁ ଖିନ୍‌ଭିନ୍ କରା ଯାଉଥିବାର କ୍ଷୋଭକୁ ନେଇ କବିଙ୍କ ପ୍ରତିକ୍ରିୟା ସୁସ୍ପଷ୍ଟ । ସେ ହେଉ, "ମୁଁ ଦେବି ତୁମକୁ ସଂପୂର୍ଣ୍ଣ ସ୍ୱାଧୀନତା / ତୁମ ଠାରୁ ତୁମକୁ / ତୁମ ଇତିହାସର ଖଣ୍ଡ ଖଣ୍ଡ ଦର୍ପଣ ଭିତରେ / ଦେବି ରଙ୍ଗ ଦେବି ଆଲୁଅ / ତୁମ ଖଣ୍ଡିଆ ମୁହଁକୁ / ମୁଁ ଚଟେଇ ଦେବି ନୂଆ କରି / ସ୍ୱାଧୀନତାର ପୁରୁଣା ସୁଆଦ / ତୁମ ଭୋକରେ, ତୁମ ଅସହାୟତାରେ / ଜଡ଼ ପାଲଟୁଥିବା ତୁମ ସମୟର ସନ୍ଧିରେ / ତୁମକୁ ଦେବି ବିସ୍ମୃତିର ଆତ ।" (ଅନ୍ତବୁଜୁଳା/ପୃ-୪୩) ଅବା ହେଉ 'ରାତିକେତେ' 'ତାରୁଣ୍ୟର ତର୍ଜମା', 'ଗଜଲକ୍ଷ୍ମୀ', 'କ'ଣ ବା ଲେଖିବି' ଆଦି କବିତାରେ କବିଙ୍କ କ୍ଷୋଭ, ଖେଦ ସ୍ପଷ୍ଟ ବାରି ହୋଇପଡ଼େ ।

କେବଳ ସାମାଜିକ ଅବ୍ୟବସ୍ଥା ବା ମୂଲ୍ୟବୋଧର ସ୍ଖଳନ କଥା କହି, ଦେଖେଇ କବି ଶ୍ରୀ ଦାସ ଅଟକି ରହି ଯାଇନାହାନ୍ତି । ସେ ଆହ୍ୱାନ ଦିଅନ୍ତି ସମଗ୍ର ମଣିଷ ସମାଜକୁ: "ବାହାରି  ଆସ ଚିରାଛିଡ଼ା ଆଦର୍ଶର / ଅଳିଆ ଗଦା

ମୂଲ୍ୟବୋଧ ଭିତରୁ / ବାହାରି ଆସ / ଅତୀତର ସେଇସବୁ / ନିପାରିଲା ଚାହାଁଣୀ ଭିତରୁ ।" (ପୃ-୪୭/୪୮)

ଶ୍ରୀ ଦାସଙ୍କ କବିତା ସମୂହ ସାହିତ୍ୟ ଏବଂ ଓଡ଼ିଶାର ଗତ ପଚାଶ ବର୍ଷର ଘଟଣାବଳୀ ମଧ୍ୟରେ ଏକ ସେତୁ ପରି । ଅନ୍ୟ ଶବ୍ଦରେ କହିଲେ, ଶ୍ରୀ ଦାସ ନିଜ କବିତା ସମୂହରେ ଓଡ଼ିଶାର ସାମାଜିକ, ରାଜନୈତିକ, ଅର୍ଥନୈତିକ ପରିବର୍ତ୍ତନକୁ ଧାରଣ କରି ରଖିଛନ୍ତି । ତାଙ୍କର କବିତା ଦର୍ପଣ ପରି- ବାସ୍ତବତାକୁ ଧରି ରଖିଛି ସତ; ମାତ୍ର ଦେଖିବାର ଭିନ୍ନ ଭିନ୍ନ ଦିଗରୁ ଏହି ପରିବର୍ତ୍ତନର ଚିତ୍ର ପରିବେଷିତ । ଶ୍ରୀ ଦାସଙ୍କ କବିତା ଅବଦୁଲ୍ଲା ଅଲ୍ ଦବାଗ୍‌ଙ୍କ ଭାଷାରେ କହିଲେ, "Creates a relationship between literature and the change or remodeling of ideological Outlook."

ଶୋଷିତ ବର୍ଗଙ୍କ ଚିନ୍ତାଧାରା ଏବଂ ସଂସ୍କୃତି ସହିତ ଶୋଷକ ବର୍ଗଙ୍କ ଚିନ୍ତାଧାରା ଏବଂ ସଂସ୍କୃତିର ସଂଘର୍ଷର କାହାଣୀ ବ୍ୟଂଜିତ କରେ ଶ୍ରୀ ଦାସଙ୍କ କବିତା । ସଦାକାଳେ ସମାଜ, ଶୋଷକ ଶ୍ରେଣୀର ଚିନ୍ତାଧାରାକୁ ପ୍ରାଧାନ୍ୟ ଦେଇଥାଏ । ତା'ର ଚିନ୍ତାଧାରା ଏବଂ ଦୃଷ୍ଟିଭଙ୍ଗୀ ଅନୁସାରେ ହିଁ ସମାଜରେ ନୀତି ନିୟମ ପ୍ରଚଳିତ ହୋଇଥାଏ ମାତ୍ର କବି ଶ୍ରୀ ଦାସଙ୍କ ଚିନ୍ତନରେ ଏକ ନୂତନ ପୃଥିବୀର ନକ୍ସା ବିଦ୍ୟମାନ । ସମାଜବାଦୀ ଦୃଷ୍ଟିଭଙ୍ଗୀରୁ ବିଭାଜିତ ସମାଜର ତିନିପ୍ରକାରର ସ୍ୱରୂପ ଠାରୁ ସଂପୂର୍ଣ୍ଣ ଅଲଗା, ସଂପୂର୍ଣ୍ଣ ନୂଆ । ତାଙ୍କ ପୃଥିବୀ ମଣିଷମାନଙ୍କ ନିରୀହତା, ସରଳତା, ଭାବପ୍ରବଣତାର ବିଶ୍ୱାସର ପୃଥିବୀ ହେବା ଆବଶ୍ୟକ, ବୋଲି କବିଙ୍କ ଅନ୍ତରାତ୍ମା ଚାହେଁ ।

ଏବଂ ଶେଷରେ, ନିଜ ପରମ୍ପରା ଏବଂ ସଂସ୍କୃତି ଧୀରେ ଧୀରେ କେଉଁଠିକି ଅପସରି ଯାଉଥିବାର, କେଉଁଠି ମିଶି ଲୀନ ହେଇ ଯାଉଥିବାର, କେଉଁଠି ନୂଆ କଳେବର ଘେନି ନେଉଥିବାର ବାସ୍ତବତାରେ କବିଙ୍କ କ୍ଷୋଭ । "ଲାଗିଲା ଭିଟାମାଟିର ପରିଚୟରେ/ ନଥିଲା ଆଉ ମଣିଷର ବହପ ।" (ପୃ-୮୭)

'ଦେବୀଦାସ, ତୁ କିଛି କହ', 'ସାଙ୍ଗରେ ବିୟୋଗରେ ବିଦାୟ ସଂଗୀତ', 'ପାଖରୁ ହରେଇଛି ହେଲେ ହାରିନି', 'ଅକାଳ ପ୍ରେମ', 'ଜୀବନଟା ଗୋଟେ ମୂଳଚାଲ' ଆଦି ଅନେକ କବିତା ରହିଛି ଯେଉଁଠି କବି ବଦଳି ଯାଉଥିବା ସମୟ ଏବଂ ସଂସ୍କୃତିକୁ ଚିତ୍ରିତ କରିବା ସଂଗେ ସଂଗେ ଏ ପରିବର୍ତ୍ତନକୁ ନିଜ ପରିବର୍ତ୍ତିତ ମାନସିକତାରେ ଏକ ନୂତନ ପରିବର୍ତ୍ତନରେ ପରିଣତ କରିବାର ଆହ୍ୱାନ ଦିଅନ୍ତି । ସରଳ ନିରୀହତା ଗୁଣକୁ ଆଉ ଜାବୁଡ଼ି ନଧରି ବରଂ ନୂତନ ବ୍ୟବସ୍ଥାରେ ନିଜକୁ ନିଜ ପାଇଁ ସଜାଡ଼ି ନେବା ଭଲ । କବିଙ୍କ ଉଦ୍ଧୃତିରୁ: "ସବୁରି ମୂଳଚାଲ ଚାଲିଛି / ନାଗରିକ ଓ ରାଷ୍ଟ୍ର ଭିତରେ / ବ୍ୟକ୍ତି ଓ ପଟା ଭିତରେ / ନିବିଡ଼ତା ଓ ଅନାସକ୍ତି ଭିତରେ / ମୂଳଚାଲ ଚାଲିଛି / ଅହର୍ନିଶ ଅହରହ, ଅହଂଅହଂ ।" (ପୃ-୧୫୫)

'ଦେବୀଦାସ'କୁ ଆହ୍ୱାନ ଦେବା ଛଳରେ କବି ସମଗ୍ର ଶୋଷିତ ବର୍ଗଙ୍କୁ କୁହନ୍ତି: "ଏ ଧରାର, ଏ ବଂଚିବାର, ଏ ବିପର୍ଯ୍ୟୟ ସଭ୍ୟତାର ଜ୍ୱାଳା,/ ଏ ଘୃଣ୍ୟ ସାଲିସ୍‌ର, ଏ ଭୟର, ଏ ପ୍ରାଚୀନ ବିବର୍ଣ୍ଣ ଇତିହାସର ଜ୍ୱାଳା- / କେତେଦିନ ଆଉ କୁହୁଳି କୁହୁଳି ମରି ଯାଉଥିବ / ମନ ଆଉ ପ୍ରାଣ ତୋର !" (ପୃ-୧୦୫)

ଆଦିମ ସମାଜ, ସମାନତାର ସମାଜ ଏବଂ ଶୋଷକ ବର୍ଗଙ୍କ ସମାଜ- ଏ ତିନିପ୍ରକାରର ସମାଜକୁ ପ୍ରତ୍ୟାଖ୍ୟାନ କରି କବି ଯେଉଁ ନୂତନ ସମାଜର ସ୍ୱପ୍ନ ଗଢ଼ନ୍ତି ସେଠି, ଇନ୍ଦ୍ରଧନୁ ନ ଦେଖାଯିବାରେ, ବର୍ଷାରେ ଆହ୍ଲାଦର ରଙ୍ଗ ନ ପାଇବାରେ, ପ୍ରେମରେ ଆଭିଜାତ୍ୟର ଅଭାବରେ, ବସନ୍ତର ଆଗମନ ନହେବାରେ କବି ବିଚଳିତ ନୁହନ୍ତି । ଏସବୁ ବ୍ୟତିକ୍ରମକୁ ସହାସ୍ୟେ ଗ୍ରହଣ କରିନେଇ କୁହନ୍ତି: "କିଛି ନହେଉ ପଛେ, ଝଲମଲ ଶକ୍ତ ପ୍ରେମ ହରଷୁ ଯେମିତି ଗହଗହ ଖରା ।" (ଅନ୍ତବୁଜୁଳା, ପୃ-୧୦୭)

ଏବଂ ପରିଶେଷରେ ସୁନ୍ଦର ସମାଧାନଟିଏ ପେଶ୍ କରନ୍ତି କବି: "ସବୁ କଥାର ମୂଳଚାଲ କରି / ସବୁ ଚାଲବାଜିରେ ନିଜ ମୂଳ / ଭଲ କି ଭର / ମୂଳଚାଲରେ ବଞ୍ଚିବା ଆମେ / ଗଣତନ୍ତ୍ର ପ୍ରତି ବେଶ୍ ଉଦାର ।" (ଅନ୍ତ ବୁଜୁଳା, ପୃ-୧୦୮)

ଶ୍ଳେଷୋକ୍ତି, କ୍ଷୋଭ, କଳାତ୍ମକତା, ସମ୍ବେଦନଶୀଳ ଅଭିବ୍ୟକ୍ତି, ମୂର୍ତ୍ତ ଏବଂ ଅମୂର୍ତ୍ତ ଚିନ୍ତାଧାରାର ଏକତ୍ର ପ୍ରୟୋଗ କବି ମନୁଆ ଦାସଙ୍କ କବିତାର ବୈଶିଷ୍ଟ୍ୟ । ତାଙ୍କ କବିତା ପୃଥିବୀ ବିଗତ ଦିନମାନଙ୍କରେ ସହି ସହି ଆସିଥିବା ଯାବତୀୟ ଅତ୍ୟାଚାରର ସ୍ୱାକ୍ଷର । ବିଶେଷକରି ନିରୀହ ମଣିଷର ବିଶ୍ୱାସକୁ ଜଗତୀକରଣର ଭେଳିକି କିପରି ନଷ୍ଟ କରିଚାଲିଛି, ଆକ୍ରାମାକ୍ରା କରିଚାଲିଛି- ତା'ର ନିର୍ଭୀକ, କଳାତ୍ମକ ଦସ୍ତାବିଜ । କବିତାରେ ଉପସ୍ଥିତ ସମ୍ବେଦନଶୀଳତା, କବିଙ୍କ ସ୍ୱରର ତୀବ୍ରତା, ବକ୍ତବ୍ୟର ତଲ୍ଲୀନତା ଏବଂ ସ୍ୱଷ୍ଟବାଦିତା ପାଠକକୁ ଏକ ଅନନ୍ୟ ଆନନ୍ଦର ଇଲାକାକୁ ନେଇଯାଏ । କବିଙ୍କ କାବ୍ୟସ୍ୱରର ଝଙ୍କାର ସାଂପ୍ରତିକ କାବ୍ୟ-ସ୍ୱରମାନଙ୍କ ଭିତରେ ଅନନ୍ୟ ଏବଂ ଅତୁଳନୀୟ ।

## ଅମିୟ ରଞ୍ଜନ ମହାପାତ୍ର(୧୯୬୬)

ଅମିୟ ରଞ୍ଜନ ମହାପାତ୍ର ନିଜ କାବ୍ୟସ୍ୱରର କମନୀୟ ଓ କଳାତ୍ମକ ପ୍ରତିବେଦନ ପାଇଁ ଅନନ୍ୟ । ନିଜ କବିତାରେ ପ୍ରେମ, ବିଦ୍ରୋହ ଏବଂ ଅସହାୟତାର ନିରାଜନା କରିପାରନ୍ତି ସେ ବିସ୍ମୟକାରୀ ଶବ୍ଦ-ଚିତ୍ର ମାଧ୍ୟମରେ । ଅମୂର୍ତ୍ତ ଭାବମୟ ଅବସ୍ଥାର ଶବ୍ଦମୟ ଚିତ୍ରାଙ୍କନରେ ସେ ଜଣେ ଧୂରୀଣ ଶିଳ୍ପୀ । କବି ଶ୍ରୀ ମହାପାତ୍ରଙ୍କ ଅଦ୍ୟାବଧି ଛଅଟି କବିତା ସଂକଳନ ପ୍ରକାଶିତ । 'ଭିନ୍ନ ଦେବତା' ଠାରୁ କବିଙ୍କ ସୃଜନଯାତ୍ରା ଆରମ୍ଭ ହୋଇ 'ଏକା ଏକା ଏକଲବ୍ୟ', 'କ୍ରୌଞ୍ଚକାବ୍ୟ', 'କାହ୍ନୁ ପରି କେହି ଜଣେ', 'ବାପା' ଓ 'ଅହଲ୍ୟା'ଯାଏଁ ପରିବ୍ୟାପ୍ତ । ଭାବର ଅନ୍ତରଙ୍ଗ ଉଚ୍ଛ୍ୱାସ, ଚିତ୍ରକଳ୍ପର ଅନନ୍ୟ ପ୍ରୟୋଗ, ଶବ୍ଦ ପ୍ରୟୋଗରେ ସ୍ୱାତନ୍ତ୍ର୍ୟ, ଭାବ ଗାମ୍ଭୀର୍ଯ୍ୟ କବି ମହାପାତ୍ରଙ୍କ କବିତାର ଅନନ୍ୟ ବିଭବ ।



▲ ଅମିୟ ରଞ୍ଜନ ମହାପାତ୍ର

ମାନବିକ ସମ୍ବେଦନାରେ ପରିପୂର୍ଣ୍ଣ କବିଙ୍କ କାବ୍ୟସ୍ୱର ଭିତରେ ମଣିଷକୁ ଅନ୍ତରଙ୍ଗ ଭାବରେ ଭଲପାଇବା ଓ ଅନୁରାଗର ଦୃଷ୍ଟିରେ ଚାହିଁଲା ବେଳେ ଏକ ଅନୁଭବର ଦୃଷ୍ଟିଭଙ୍ଗୀର ଅବତାରଣା ଅନୁଭୂତ ହୁଏ । ବ୍ୟକ୍ତିସତ୍ତାଟି ଭିତରେ ସମଗ୍ର ବିଶ୍ୱକୁ ନିରୀକ୍ଷଣ କରିବା, ତାଙ୍କ କାବ୍ୟ-ସ୍ୱରର ବୈଶିଷ୍ଟ୍ୟ । କବିତା ବିଷୟରେ ପ୍ରଶ୍ନ କଲେ କବିଙ୍କ ଚମତ୍କାର ଉତ୍ତର: "ସର୍ଜନାତ୍ମକ ଲେଖା ମାତ୍ରେ ଇ କବିତା ।" ନିଜ କବିତା 'କବି: କ୍ରୌଞ୍ଚପକ୍ଷୀ'ରେ ସେ କୁହନ୍ତି: "କବିତା ପାଇଁ ବୋଧହୁଏ / ଖାଲି ଲୁହ ଇ ଲୋଡ଼ା ହୁଏ..." (କ୍ରୌଞ୍ଚକାବ୍ୟ / ପୃ-୧୭) ତାଙ୍କ ଶବ୍ଦରେ: "ଶବର ପରି ଚେଇଁଥାଏ ରାତି / କ୍ରୌଞ୍ଚପକ୍ଷୀର ଶୋକରୁ / ଖୋଜୁଥାଏ ଶବ୍ଦ / ହେଲେ, ଶବ୍ଦକୁ / କ୍ରୀତଦାସ କରିବା ଏତେ ସହଜ କି !/ ବେଳେବେଳେ ତ କବି / ନିଜେ କ୍ରୌଞ୍ଚପକ୍ଷୀ... !" (ପୃ-୧୭)

ଏଇ ଅନନ୍ତ ଦହନର ଜ୍ୱାଳା, ଅନ୍ତହୀନ ଶୋକ, କବି-ନିଷାଦର ଶବ୍ଦ ପାଇଁ ଅପେକ୍ଷା, କେବେ ସମାଜର ନିସ୍ପୃହତା- ଏସବୁ କବି ଶ୍ରୀ ମହାପାତ୍ରଙ୍କ କାବ୍ୟ-

ମାନସକୁ ଆନ୍ଦୋଳିତ କରେ । ଯାତନା ଜର୍ଜରିତ ମଣିଷଙ୍କ ଆର୍ତ୍ତିରେ ସେ ଭାବବିହ୍ୱଳ ହୋଇଉଠନ୍ତି ଏବଂ ତାଙ୍କ କବିତା ଜନ୍ମ ନିଏ । ପୀଡ଼ିତ ମଣିଷଙ୍କ ଅସହ୍ୟ କଷଣ, ପୁଞ୍ଜିବାଦୀ ଶିଳ୍ପପତିମାନଙ୍କ ଶୋଷଣ ଏବଂ ଅମଣିଷ ପଣିଆ, ଛଳନା ଓ ଅବିଶ୍ୱାସ, ବିକାଶ ଆଢୁଆଳରେ ବିସ୍ଥାପନ ଓ ଗାଁ ଗାଁ ମାନଙ୍କର ସହରୀକରଣ ଯେମିତି ସ୍ଥାନ ପାଇଥାଏ କବିଙ୍କ କବିତାରେ, ସେହିପରି ଭାବର ମାନବୀୟ ସମ୍ବେଦନ, ଆବେଗିକ ଉଚ୍ଛ୍ୱାସ ତଥା କିଛି ଆହତ ଅମଣିଷପଣିଆକୁ ନେଇ ତାଙ୍କ ଲେଖନୀ ଚଳଚଂଚଳ ହୋଇଥାଏ । ପ୍ରତ୍ୟେକ ପ୍ରସଙ୍ଗକୁ ଦେଖିବାର ଭଙ୍ଗୀ ଏବଂ ତା'ର ପରିପ୍ରକାଶରେ ତାଙ୍କ ନିଷ୍ପାପର ଶୈଳୀ ତାଙ୍କ କବିତାକୁ ଅଲଗା କରୁଥାଏ । କବିତାରେ ନାଟକୀୟତା ତାଙ୍କର ଅନ୍ୟ ଏକ ବିଶେଷତା । କବିତା ଲେଖିବାର ପ୍ରକ୍ରିୟା ଏବଂ ତନ୍ମଧ୍ୟରୁ ଉପୁଜୁଥିବା ଦିବ୍ୟ ଅସନ୍ତୋଷ ପ୍ରତ୍ୟେକ କବି ପାଇଁ ପ୍ରାୟତଃ ସମାନ ଅନୁଭବ ରଖିଥାଏ । ମାତ୍ର କବିତାରେ ତାକୁ ବ୍ୟଞ୍ଜିତ କରିବାର ଢଙ୍ଗଟି ଅଲଗା ଅଲଗା ଥାଏ । ଏକ ଚମତ୍କାର ନାଟକୀୟ ଶୈଳୀରେ କବି ଏବଂ ଶବ୍ଦ– ଏ ଦୁହିଁଙ୍କ ଅନାବିଳ, ନୈସର୍ଗିକ ସଂପର୍କ କଥା କୁହନ୍ତି କବି ଶ୍ରୀ ମହାପାତ୍ର: "ଶବ୍ଦରେ ଶବ୍ଦରେ ଯଦି / କହି ଦେଇ ହୁଅନ୍ତା / ସବୁ ସୁଖ / ସବୁ ଶୋକ / ସବୁ କଥା/ ସବୁ ବ୍ୟଥା / କୋଉ କାଗଜ / ଆଉ ରହନ୍ତା ଅଲେଖା !"**(କ୍ରୌଞ୍ଚକାବ୍ୟ, ପୃ-୯୧)**

ଶବ୍ଦମାନେ ଶବ୍ଦରୁ, ଶବ୍ଦାର୍ଥରୁ, ଶବ୍ଦମୟ ସଶବ୍ଦତାରୁ ବାହାରି କରନ୍ତି ଶୂନ୍ୟ ଉଡ଼ାଣ, ଶୃଙ୍ଗାର, ଶୃଙ୍ଗାରୋହଣ । ଏସବୁ ପରେ ବି କବିଙ୍କ କ୍ଷୋଭ– "ଶବ୍ଦରେ ଶବ୍ଦରେ କ'ଣ / ବୁଝେଇ ହୁଏ / ବ୍ୟାକୁଳତାର ବ୍ୟାକରଣ...!"(ପୃ-୯୨) 'ଶବ୍ଦରେ ଶବ୍ଦରେ କ'ଣ / ବୁଝେଇ ହୁଏ / ଗୋଟାଏ ନୂଆ ପ୍ରଜନ୍ମ ପାଇଁ / ଜୀବନର ଯନ୍ତ୍ରଣା ସହ ସହବାସ / ଜିଇଁଥିବା ଲୋକର / ଜୀବନରୁ ବନବାସ !" (ପୃ-୯୩) ଏସବୁ ବୟାନ ସତ୍ତ୍ୱେ କବି ପ୍ରଶ୍ନ କରନ୍ତି ପୁଣି ବି– "ଜଣା ନ ପଡ଼ିଲେ ବି/ ଶବ୍ଦମାନେ ଭାରି ଅସହାୟ / ବେଳେବେଳେ ଆଖିଠାରରେ / ପରସ୍ପରକୁ ପଚାରୁ ଥାଆନ୍ତି / ନିଜ ନିଜ ପରିଚୟ ।" (ପୃ-୯୩)

ପୂର୍ବରୁ ଉଲ୍ଲେଖ କରାଯାଇଛି ଅମୂର୍ତ୍ତ ଭାବକୁ– ଶବ୍ଦଚିତ୍ରରେ ମୂର୍ତ୍ତ କରି ପାରିବାର କଳା କାରିଗରୀରେ କବି ଶ୍ରୀ ମହାପାତ୍ର ବେଶ୍ ପାରଙ୍ଗମ । କବିତା ଲିଖନ କଳାକୁ 'ନୂଆ ପ୍ରଜନ୍ମ' ସହ ଏବଂ 'ଜୀବନର' 'ଯନ୍ତ୍ରଣା' ସହ 'ସହବାସ' ପରି ଅନୁଭବକୁ ନୂଆ ରୂପରେ ପ୍ରକାଶ କରିବା ତାଙ୍କ ସ୍ୱଚ୍ଛ ଏବଂ ଭାବୋଦୀପ୍ତ ତଥା ଅନୁପମ କାବ୍ୟଦୃଷ୍ଟିର ପରିଚୟ ।

କବି ଶ୍ରୀ ମହାପାତ୍ରଙ୍କ କାବ୍ୟିକ ଜୀବନର ମୁଖ୍ୟ ଉପଲବ୍ଧି ଭିତରେ ତାଙ୍କର ତିନୋଟି କାବ୍ୟକୁ ନିଆଯିବାରେ କୌଣସି ଦ୍ୱିଧା ନାହିଁ । 'କାହ୍ନୁ ପରି କେହି ଜଣେ', 'ବାପା' ଓ 'ଅହଲ୍ୟା'– ତିନୋଟି ଦୀର୍ଘ କାବ୍ୟ । ପ୍ରତ୍ୟେକ ସଂକଳନରେ ତିରିଶ ଗୋଟି କବିତା । ଏହି ଦୀର୍ଘ କବିତାଗୁଡ଼ିକରେ ପ୍ରକୃତରେ କବିଙ୍କ ଅନନ୍ୟତା ଚମତ୍କାର ଭାବରେ ପ୍ରସ୍ଫୁଟିତ ହୋଇ ପାରିଛି । 'କାହ୍ନୁ ପରି କେହି ଜନଣେ' ସଂକଳନର ଆରମ୍ଭରେ କବିଙ୍କ ସ୍ୱୀକାରୋକ୍ତି: "କାଠଯୋଡ଼ିର ସିମେଣ୍ଟ ବେଞ୍ଚରେ ବସିଥିବା ଅସହାୟତା ବି / ହୁଏତ କାହ୍ନୁ ପରି ଜଣେ କରିତ୍‌କର୍ମା ହୋଇପାରେ / .....ଅନ୍ଧାରର ସବୁ ଦମ୍ଭ, ସବୁ ଦର୍ପ ଓ ସବୁ ଅହଂକାର / ହାରିଯାଏ ଗୋଟିଏ ଛୋଟିଆ ଦୀପର ମ୍ଳାନ ଶିଖା ସାମ୍ନାରେ !/ ସେ ଦୀପ ଜାଳୁଥିବା ଲୋକଟି ହୁଏତ କାହ୍ନୁ ପରି କେହି .../ ସବୁ ବିଯୁକ୍ତତା ଓ ବିରୋଧତା ଭିତରେ ବି / ଏମିତି ହସଟିଏ ପିନ୍ଧିଥାଏ ସେ ଯେ / ହୁଏତ ହାର୍ ମାନିଯାଏ ନିୟତି ଓ ନିଃସ୍ୱପ୍ନତା ।" ଏଣୁ 'କାହ୍ନୁ ପରି କେହି ଜଣେ' ଏମିତି ଜଣେ ଚରିତ୍ର ଯାହାକୁ ସାକ୍ଷୀ ରଖି କବି ଭିନ୍ନ ଭିନ୍ନ ପରିସ୍ଥିତିର ଅବତାରଣା କରନ୍ତି, ଯେଉଁଠି ସ୍ୱୟଂ ଈଶ୍ୱର ମଧ୍ୟ ଅସହାୟ । ସମାଜର ଭିନ୍ନ ଭିନ୍ନ ବର୍ଗର ମଣିଷମାନଙ୍କ ଯନ୍ତ୍ରଣା ଭିତରେ ଛଳନାର ମୁଖାଧାରୀ କପଟାଚାରୀମାନଙ୍କ ଦୌରାତ୍ମ୍ୟ କବି ଅନୁଶୀଳନ କରନ୍ତି । ଅନୁଭବ କରନ୍ତି ନିଅଣ୍ଟିଆ ମାଟିର କଥା । ଅକୁଳା ପେଟର ଭୋକ ଓ ଅଭାବୀ ରାତିର ସ୍ୱପ୍ନକୁ । ଅନୁଭବ କରନ୍ତି ଗଛରୁ ବଳିଲେ ହିଁ ପ୍ରଶ୍ୱାସ ପାଇଁ ମିଳେ ପବନ, ଫୁଟପାଥିରୁ ବଳିଲେ, ମୁଣ୍ଡ ପାଇଁ ମାଟି । ଖଟିଖିଆ ମଣିଷଟିର ସଂଗ୍ରାମ ଆଉ ସେ ଭିତରେ "ଅଦେଖା ଈଶ୍ୱରଙ୍କଠୁ ନିଇତି ଦେଖିଥିବା ସଇତାନ୍‌ମାନଙ୍କ ଯାଏଁ" ସଭିଙ୍କୁ ପ୍ରଣାମ କରିବାର ବାଧ୍ୟବାଧ୍ୟକତା ଓ ଅସହାୟତା ।

କାରୁଣ୍ୟ ଏବଂ କଟାକ୍ଷର ଫେଣ୍ଟାଫେଣ୍ଟି ରଙ୍ଗ ଦେଇ କବି ଯନ୍ତ୍ରଣା ଆଉ ଜୀବନର ସନ୍ଧି କରାନ୍ତି । ଶିଖାନ୍ତି ଜୀବନ ଜିଇଁବାର କୌଶଳ । କୁହନ୍ତି– "ମତେ ବି ଶିଖିବାକୁ ହେବ ଏମିତି କିଛି କପଟ..., ଏମିତି କିଛି କଳାକୌଶଳ !/ ପିନ୍ଧିବାକୁ ହେବ କିଛି ଧୋବ ଫରଫର ମିଛ / କିଛି ମିଛ ଆହା, କିଛି ମିଛ ଲୁହ / ସାଇତି ରଖିବାକୁ ହେବ ପ୍ରତିଶ୍ରୁତିର ପ୍ୟାଣ୍ଟ, ପକେଟ୍‌ରେ ।" ଏସବୁ ହେଇଗଲେ "ପ୍ରଭୁପଣ ପାଳିବା ଭାରି ସହଜ ବ୍ୟାପାର ହେ...", କହି କବି ଯେଉଁ କଟାକ୍ଷ କରନ୍ତି ତାହା ସମାଜର ସବୁ ଦିଗକୁ ବ୍ୟାପିଥିବା ମିଥ୍ୟାଚାର, ଛଳନା ଓ କପଟଚର୍ଯ୍ୟା ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରେ ।

ପ୍ରବହମାନ ସ୍ରୋତରେ ପରିବର୍ତ୍ତିତ ସମାଜର ନଗ୍ନରୂପ ଓ ଈଶ୍ୱର ତଥା ଧର୍ମ ବିଶ୍ୱାସୀ ସରଳ ନିରୀହ ବିଚାରର ମଣିଷ– ଦୁଇଟି ଅବବୋଧ ଭିତରେ ଛକାପଞ୍ଝାର ଖେଳ, ଅବିଶ୍ୱାସ ଏବଂ ଅସହାୟତାକୁ ବ୍ୟଞ୍ଜିତ କରିପାରିବାରେ ଏ କଟାକ୍ଷ ଠାରୁ ଆଉ ଅଧିକ କଳାତ୍ମକ କଟାକ୍ଷ ବିରଳ । ଏ ବିରୋଧାଭାସର ମୂର୍ତ୍ତ ରୂପ ବିରଳ । ଆଉ ଏକ ସୁନ୍ଦର ଉଦାହରଣ: "ସ୍ୱପ୍ନ, ଏବେ ଏମିତି ଏକ ସାମ୍ପେନ / ଯାହା ପାଇଁ ସମସ୍ତଙ୍କ ଅଣ୍ଟି ସକ୍ଷମ ନୁହେଁ ।" **(କାହ୍ନୁ ପରି...ପୃ.୧୬)**

ଏ ଭିତରେ, ବର୍ତ୍ତମାନ ସମୟର ବିଶ୍ୱନିୟନ୍ତା ଅବା ତ୍ରାଣକର୍ତ୍ତା ହୋଇ ପାରିବାର ବିଚକ୍ଷଣତାକୁ କବିଙ୍କ ଶବ୍ଦରେ ଲକ୍ଷ୍ୟ କରାଯାଇପାରେ: "ଅନ୍ୟମାନେ ହାଣକାଟ ଲାଗିଥିବେ ଯୁଦ୍ଧରେ । / ତମେ ସାଂଙ୍କୁ ଶିରସ୍ତାଣ ପିନ୍ଧି ଧରିଥିବ ସେମାନଙ୍କ ରଥ ଦଉଡ଼ି । / ଯିଏ ଜିତିଲା, ତା' ପାଖରେ ସାବାସି / ଓ ଯିଏ ହାରିଲା, ତା' ପାଖରେ ସମ୍ବେଦନା ହୋଇ / ଠିଆ ହୋଇଥିବ ତମେ ।" **(କାହ୍ନୁ ପରି...ପୃ.୭୪)**

ଏଇ ହିପୋକ୍ରାସୀ ତକ ନିଜ ବ୍ୟକ୍ତିତ୍ୱରେ ଆୟତ୍ତ କରିନେଲେ ପ୍ରଭୁପଣ ପାଳିବା ସହଜ ହୋଇଯାଏ । ପୌରାଣିକ ଚରିତ୍ର 'କାହ୍ନୁ' ଏଠି ସତକୁ ସତ ଉପସ୍ଥିତ ନାହିଁ । 'କାହ୍ନୁ ପରି କେହି ଜଣେ' ଚରିତ୍ରଟି ପାଖରେ କବିଙ୍କ ସବୁ କ୍ଷୋଭ, ସବୁ ଅଭିସମ୍ପାତ । ବର୍ତ୍ତମାନ ସମୟରେ ବଞ୍ଚିଯିବାର, ପ୍ରଭୁପଣ ଦେଖେଇ ବାହା ବାହା ନେଇ ପାରିବାର କୌଶଳଟିକୁ ଚମତ୍କାର ବାଗରେ ଉପସ୍ଥାପନ କରି ଏକ ସଙ୍ଗରେ ଦୁଇଟି କାର୍ଯ୍ୟ ସଂପନ୍ନ କରିପାରୁଛନ୍ତି । 'କାହ୍ନୁ' ଚରିତ୍ରରେ ଥିବା ବ୍ୟକ୍ତିସତ୍ତାର ଜୀବନକୁ ବାହି ନେବାର କୌଶଳ ଯେ ବର୍ତ୍ତମାନ ବି ପ୍ରଯୁଜ୍ୟ, ଏବଂ ସେହି କୌଶଳ ଯେ ଏକ କପଟାଚାର, ତାହାର ଅବତାରଣା । ପ୍ରଭୁପଣ ପାଳିବା ଇଏ, ପ୍ରଭୁପଣ ତ ନୁହେଁ । ନିଜ ପ୍ରଭୁପଣ ଏବଂ ପ୍ରଭୁପଣର ମୁଖା– ଏ ଦୁଇଟି ଅବବୋଧକୁ ସାମ୍ନାସାମ୍ନି ଠିଆ କରାଇ ଶ୍ଳେଷୋକ୍ତି ମାଧ୍ୟମରେ ବର୍ତ୍ତମାନ ସମୟର କପଟାଚାରକୁ ସମସ୍ତଙ୍କ ଆଖି ସାମ୍ନାରେ ଉନ୍ମୋଚିତ କରାନ୍ତି ।

ତଥାପି କବି ଆଶାବାଦୀ । ସେ କୁହନ୍ତି– "ସବୁ ମରୀଚିକା ବୋଧହୁଏ ସ୍ୱପ୍ନ ପରିକା... ।" ସତ ହେଇପାରେ । ସତ ହଉ ହେଉ ସ୍ୱପ୍ନ ପରି ମିଳେଇ ଯାଇପାରେ । କିନ୍ତୁ ଏଠି କାହ୍ନୁ ପରି କେହି ଜଣେ ଥାଏ ଯିଏ ପୁନର୍ଜୀବିତ କରେଇ ନେଇ ପାରିପାରେ ମାନବିକ ବିଶ୍ୱାସକୁ, ଯାବତୀୟ ବିସଂଗତି ଭିତରେ ବି ।

"ହସମାନଙ୍କୁ ନିରୀହ ଛେଳିଛୁଆ ପରି / ହତ୍ୟା କରାଗଲା ବେଳେ / ସେମାନଙ୍କୁ ପୁର୍ନଜୀବିତ କରିପାରିବାର ବିଶ୍ୱାସ / ବଇଁଶୀ ପରି ବାଜୁଥାଏ / ଯେଉଁ ଅଦୃଶ୍ୟ ଅନ୍ଧାରରେ, / ସେ ହୁଏତ ସେଇଠି ଥାଏ..."**(କାହ୍ନୁପରି...ପୃ-୭୬)**

ଏଠି 'କାହ୍ନୁ ପରି କେହି ଜଣେ' କାହ୍ନୁ ସହ ସାମଞ୍ଜସ୍ୟ ରଖିଥିବା ଏକ ଚରିତ୍ର । କିନ୍ତୁ 'ଅହଲ୍ୟା' କବିତା ସଂକଳନରେ କବିଙ୍କ କାବ୍ୟ ଆବେଦନ ଚମତ୍କାର ଭାବରେ ପ୍ରକାଶିତ । ଏଠି 'ଅହଲ୍ୟା' ପ୍ରତ୍ୟେକ ନିଷ୍ପେଷିତ ନାରୀ । ଅତ୍ୟାଚାରିତ, ଅବହେଳିତ, ଲୁଣ୍ଠିତ, କଷଣରେ ଆପ୍ଳୁତ, ଅସହାୟ ପ୍ରତ୍ୟେକ ନାରୀଙ୍କ ଆର୍ତ୍ତଚିତ୍କାର ଏହି କବିତା ସମୂହର ପ୍ରଚ୍ଛଦରେ ବିଦ୍ୟମାନ । ନାରୀମନର ଯନ୍ତ୍ରଣା, ତା' ସ୍ୱାଭିମାନର ଖଣ୍ଡନ, ତା ଯନ୍ତ୍ରଣାକୁ କବି ଶ୍ରୀ ମହାପାତ୍ର ଯେତିକି

ନିଷ୍ପାପର ଭାବରେ ଶବ୍ଦରେ ଉତାରି ପାରିଛନ୍ତି, ତାହା ଅନନ୍ୟ । ଏଠି 'ଅହଲ୍ୟା' ଗୋଟିଏ ଚରିତ୍ର ନୁହେଁ ଅନେକ ନାରୀ ଚରିତ୍ର ।

ସମକାଳୀନ ଓଡ଼ିଆ କବିତାରେ 'ଅହଲ୍ୟା' ମିଥ୍‌କୁ ନେଇ ଅନେକ କବିତା ରଚନା ହୋଇଛି । ତନ୍ମଧ୍ୟରୁ କବି ଡକ୍ଟର ଫନୀ ମହାନ୍ତିଙ୍କ 'ଅହଲ୍ୟା' କାବ୍ୟ ଅନ୍ୟତମ । କବି ତଥା ସମାଲୋଚକ ଶତ୍ରୁଘ୍ନ ପାଣ୍ଡବଙ୍କ 'ଆଧୁନିକ ଓଡ଼ିଆ ...ପରିଚର୍ଚ୍ଚା' ପୁସ୍ତକରେ ଉଲ୍ଲେଖ କରନ୍ତି: "କବିତାର ପରମ୍ପରା ମାନ୍ୟତାର ବହୁ ପ୍ରସଙ୍ଗ ଭିତରୁ 'ପୌରାଣିକ ଆଖ୍ୟାନ' (Myth) ପ୍ରୟୋଗ ଏକ ଉଲ୍ଲେଖଯୋଗ୍ୟ ପ୍ରସଙ୍ଗ । ଏହାର ବିଶେଷତ୍ୱ ହେଉଛି ପୌରାଣିକ ଚରିତ୍ରମାନେ ତହିଁରେ ଚରିତ୍ର ରୂପେ ଠିଆ ହୁଅନ୍ତି । ଅତୀତର ରୂପ ବା ଦୃଶ୍ୟ ବର୍ତ୍ତମାନରେ ମିଶି ଯାଇ ଏକାତ୍ମ ହୋଇଯିବାର ଏଷଣା ପ୍ରଦାନ କରେ ।" (ପୃ-୫) ସେହିପରି କବି ତଥା ସମାଲୋଚକ ଦିଲ୍ଲୀପ କୁମାର ସ୍ୱାଇଁ, 'ଉତ୍ତର-ଆଧୁନିକ କାବ୍ୟଧାରା: ପ୍ରମୁଖ ସପ୍ତସ୍ୱର' ପୁସ୍ତକରେ ଉତ୍ତର-ଆଧୁନିକ କାବ୍ୟଧାରାର ସର୍ବନିମ୍ନ ବିଶେଷତ୍ୱକୁ ଚିହ୍ନିତ କରିବାକୁ ଯାଇ ଚମତ୍କାର ବିଶ୍ଳେଷଣ ଦେଇଛନ୍ତି । "ଶତାବ୍ଦୀର ଶେଷ ଦଶକ ପ୍ରସବିତ 'Fornist Movement' କ୍ରମରେ ଆମ ପରମ୍ପରାର ନିକ୍ଷେପିତ ନାରୀ ଚରିତ୍ର (ଅହଲ୍ୟା, କୁବୁଜା, ସାବିତ୍ରୀ) ପ୍ରତି ନୂତନ ସମ୍ବେଦନା ଓ ପ୍ରତିବାଦ ।" (ପୃ-୬୦) ଏହି କ୍ରମରେ ସେ ଆହୁରି ମଧ୍ୟ ଉଲ୍ଲେଖ କରନ୍ତି- "ମିଥ୍‌ର ପ୍ରାଚୀନ ପରୀକ୍ଷାଧର୍ମୀ ପ୍ରଚଳନକୁ ଉପେକ୍ଷା କରି ଅନେକ କ୍ଷେତ୍ରରେ ମିଥ୍‌ଭାସ, ଆଭାସ, ମିଥ୍‌ହୀନ ମିଥ୍ ଓ ମିଥ୍‌ର ଉତ୍ସକୁ କବିତାରେ ନିଯୁକ୍ତି ମିଳିଥାଏ" (ପୃ-୬୧) । ତେବେ ଏଠାରେ କହିବା ବାହୁଲ୍ୟ କବି ଫନୀ ମହାନ୍ତିଙ୍କ 'ଅହଲ୍ୟା' କାବ୍ୟରେ କବି 'ଅହଲ୍ୟା'ଙ୍କ ଯନ୍ତ୍ରଣାକୁ ନିଜ ପ୍ରେରଣା କରିଛନ୍ତି । 'ଅହଲ୍ୟା' ପୌରାଣିକ ଚରିତ୍ର ପ୍ରତି କବିଙ୍କ ସମ୍ବେଦନଶୀଳ ଦୃଷ୍ଟିଭଙ୍ଗୀ, ଯନ୍ତ୍ରଣାର ନିଆଁ ଭିତରେ ଅହଲ୍ୟାଙ୍କ ପୌରାଣିକ ସତ୍ତାକୁ ଆହୁରି ଆଲୋକିତ କରୁଛି । ସେଠି ଅହଲ୍ୟାଙ୍କ ପ୍ରତୀକ୍ଷା ଏବଂ ସେ ପ୍ରତୀକ୍ଷାର ବିସ୍ତାରିତ ପ୍ରତୀକ୍ଷା ଏକ ନୂତନ ପରିଭାଷା ପାଇଛି । ଯେମିତି "ଆଦି ନାହିଁ / ଅନ୍ତ ନାହିଁ / ନିଷ୍ଫଳ ଭୂମିରେ ମୋର ଅନନ୍ତ ପ୍ରତୀକ୍ଷା / ପ୍ରତୀକ୍ଷାରେ ବିପର୍ଯ୍ୟସ୍ତ ଝଡ଼ର ଆକାଶ ପରି / ଜୀବନ / ଯୌବନ / ପ୍ରତୀକ୍ଷାର ଶେଷ ନାହିଁ / ପ୍ରତୀକ୍ଷାର ଅନ୍ୟ ନାମ ଡହଡହ ଜୀବନ୍ତ ମରଣ ।" ସେହିପରି 'ଦେବୀ' ଶୀର୍ଷକ ଏକ କବିତାରେ ଏହି ଲେଖିକା, ଅହଲ୍ୟାଙ୍କ ଅପେକ୍ଷାକୁ ଆଡ଼େଇ ଦେବାର ନିଷ୍ପତ୍ତି ନେବା ପାଇଁ ପ୍ରତ୍ୟେକ ନାରୀକୁ ଆହ୍ୱାନ ଦେଉଥାଏ । ଯେମିତି- "ଅପେକ୍ଷା ବୋଲି ଗୋଟେ ଶବ୍ଦ / ସେ ହେଉ ପଛେ ପୁରୁଷୋତ୍ତମଙ୍କୁ / ଲିଭେଇ ଦେବାକୁ ହେବ ମନରୁ, ଆକାଂକ୍ଷାରୁ / ଅଳୀକ ସବୁ ଅଳି ଭିତରୁ ।" (ଈପ୍‌ସିତା ଷଡଙ୍ଗୀ, 'ଶବ୍ଦ-ଆରପାଖ', ପୃ-୩୪) କିନ୍ତୁ କବି ଶ୍ରୀ ମହାପାତ୍ରଙ୍କ କବିତାରେ 'ଅହଲ୍ୟା' ଯେ କେହି ନିର୍ଯ୍ୟାତିତ ନାରୀ ଏବଂ ତାଙ୍କ ଯନ୍ତ୍ରଣା ଭିନ୍ନେ ଭିନ୍ନେ ରୂପ ନେଇ ଆସିଛି, ବିଭିନ୍ନ ପ୍ରସଙ୍ଗ କ୍ରମେ କବିଙ୍କ ଏହି କାବ୍ୟରେ । 'ଅହଲ୍ୟା' ଏଠି ଗୋଟିଏ ନାରୀର ବ୍ୟଥାତୁର ବେଦନାର ଅନୁଭବ ନୁହେଁ । "ଡହଡହ ନିଆଁର ଜିଭରେ ବାରମ୍ବାର / ନିଜକୁ ପରଖିଥିବା ନାରୀଟିଏ ପାଇଁ / ଓହ୍ଲେଇ ଆସିଲେ କିଛି ଉଦ୍‌ଗ୍ରୀବ ଶବ୍ଦ । / ଅହଲ୍ୟାମାନେ ଯେମିତି ମୋରି ଭିତରେ ଥିଲେ ।" କବିଙ୍କ ଏ ସ୍ୱୀକରୋକ୍ତି ଭିତରେ ଅନ୍ୟ ଏକ ଗମ୍ଭୀର ଅନୁଭବକୁ ଏଠାରେ ଉଲ୍ଲେଖ ନକରି ରହିହେବନି । ନାରୀ ପୁରୁଷ ଭେଦଭାବ ଯେମିତି ମନୁଷ୍ୟକୃତ ନୁହେଁ କି ! କବିଙ୍କ ଏ ପ୍ରଶ୍ନ- "ଈଶ୍ୱରଙ୍କ ଆଖିରେ ବି ଯେମିତି ନାରୀ ପୁରୁଷ ପ୍ରଭେଦ ।/ ପଥରରୁ ଉଦ୍ଧାର ପାଇଁ ହାତ ନୁହେଁ, ବଢ଼େଇ ଦେଲେ ପାଦ ।"

ଶ୍ରୀ ମହାପାତ୍ରଙ୍କ 'ଅହଲ୍ୟା' କବିତା ସଂକଳନରେ ଭିନ୍ନ ଭିନ୍ନ ଶୀର୍ଷକରେ ତିରିଶ୍ ଗୋଟି କବିତା । ସବୁ କବିତା 'ନାରୀ ଅତ୍ୟାଚାର' 'ନାରୀ ଯନ୍ତ୍ରଣା', 'ନାରୀକୁ ପାଦର ପାଣ୍ଡୋଇ କରି ସଜେଇ ରଖିବାର ସାମାଜିକ ବ୍ୟବସ୍ଥା ଓ ମାନସିକତା' ବିରୁଦ୍ଧରେ ଏକ ଏକ ବିଦ୍ରୋହ । ବିଦ୍ରୋହର ସ୍ୱରରେ ତୀକ୍ଷ୍ଣ ବ୍ୟଙ୍ଗ, ସମ୍ବେଦନଶୀଳ ଓ ଆବେଗିକ ସଂଲଗ୍ନତା ସ୍ପଷ୍ଟ । 'ଅହଲ୍ୟା' ପରି ଯନ୍ତ୍ରଣାରେ ପଥର ହୋଇ ସାରିଥିବା ନାରୀମାନଙ୍କ ପ୍ରୋଟୋଟାଇପ୍ ସାଜି କବି ପ୍ରଶ୍ନ କରନ୍ତି ସମାଜକୁ- "ମୁଁ କ'ଣ ସତରେ / ନାରୀ ହୋଇଥିଲି ଯେ / ପଥର ହେବାକୁ ଡରିଲି !" (ପୃ-୨୫) ସତକଥା ଶାଳଗ୍ରାମ ଓ ଗୈରିକ ପ୍ରେମ ଖୋଜୁଥିବା ସ୍ୱାମୀ ତାଙ୍କର ତାଙ୍କୁ କେବେଠୁ ପଥର କରି ସାରିଥିଲେ ଯେମିତି । ସେ ପୁନଶ୍ଚ କ୍ଷୋଭ ପ୍ରକାଶ କରନ୍ତି- "ଜୀବନ ଯେଉଁଠି / ଏକ ଉପୁଡ଼ି ପଡ଼ିଥିବା ଫୁଲଗଛ / ସେଠି ସମୟର ଶେଷ ପାହାଚରେ / ମୁଁ ପଥର ହେବା ନହେବାରେ / ଯାଏ ଆସେ କ'ଣ ?"(ପୃ-୨୫)

ନାରୀ ଚରିତ୍ରର କୋମଳତା, କମନୀୟତା, ତା' କ୍ଷମାଶୀଳ ଗୁଣକୁ ପୁରୁଷ କୈନ୍ଦ୍ରିକ ସାମାଜିକ ବ୍ୟବସ୍ଥା ଫାଇଦା ନେଇ ଆସିଛି । 'ଅହଲ୍ୟା'ଙ୍କୁ ଏଠି ପ୍ରତି ନାରୀର ସ୍ୱର ଭାବରେ ଠିଆ କରେଇଛନ୍ତି କବି ଏବଂ କୁହନ୍ତି- "ପ୍ରତ୍ୟେକ ନାରୀ / ଏମିତି ଜଣେ ଜଣେ ଅହଲ୍ୟା / ଯିଏ ଅଭିଶାପକୁ କେଳେଇବା ଆଗରୁ / ମାଗି ପାରେନି କୈଫିୟତ୍ / ଅନ୍ୟାୟ ବିରୁଦ୍ଧରେ / କରିପାରେନି ଦ୍ରୋହ / ଓ ପ୍ରବେଶ କି ପ୍ରସ୍ଥାନର ବେଳ ନପଚାରି / ପଥରର ଅମୁହାଁ ଦୁର୍ଗ ଭିତରେ / ରକ୍ତର ଦୁଆର କିଳି / ରହିପାରେ କାଳକାଳ ।" (ପୃ-୩୭)

ଆପ୍ତବାକ୍ୟ ପରି କବିଙ୍କ କବିତାର ପଙ୍‌କ୍ତି ଗୁଂଜରିତ ହେଉଥିବ ଚିରକାଳ । "ସ୍ୱାମୀମାନେ ବି ଗୌତମଙ୍କ ପରି ଜଣେ ଜଣେ ମହର୍ଷି / ଅସ୍ତ୍ରଶସ୍ତ୍ର ଧରି ବାହାରି ପଡ଼ନ୍ତି / ଫୁଲମାନଙ୍କ ବିରୁଦ୍ଧରେ ଯୁଦ୍ଧ ପାଇଁ ।" ଏଣୁ କବିଙ୍କ ପ୍ରଶ୍ନ- "ବୋଧହୁଏ ପୁରୁଷର ପାଦ ହିଁ / ଚିରକାଳ ନିୟତି.... ।" (ପୃ-୩୮)

'ପୁରୁଷର ପାଦ'ରେ ସନ୍ନିହିତ ଦୁଇଟି ଅର୍ଥ – ନାରୀର ଭାଗ୍ୟ ଭୋଗ ପରୁଷର ଚରଣ ତଳେ, ତଥା ଅହଲ୍ୟାଙ୍କ ପରି ପ୍ରତ୍ୟେକ ନାରୀ ମୁକ୍ତି ପାଇଁ ଶ୍ରୀରାମଙ୍କ ପଦସ୍ପର୍ଶର ଆବଶ୍ୟକତା– ଏହି ଦୁଇ ଅର୍ଥକୁ କବି ବ୍ୟଞ୍ଜିତ କରାଇବା ସହ ନାରୀ ଅପମାନ ଓ ଅଭିଶାପର ଦହନର କାହାଣୀ ଉପସ୍ଥାପନ କରୁଛନ୍ତି । ଏବଂ ସିଧାସଳଖ ପୁରୁଷ କୈନ୍ଦ୍ରିକ ମାନସିକତାକୁ ପ୍ରତ୍ୟାଖ୍ୟାନ ବି କରୁଛନ୍ତି । ପ୍ରତ୍ୟାଖ୍ୟାନ କରିଛନ୍ତି ପୁରୁଷର ଆସ୍ପର୍ଦ୍ଧାକୁ । ନାରୀର ସହି ନେବାର ଶକ୍ତିକୁ ଉଜ୍ଜୀବିତ କରାଇଛନ୍ତି ।

"ପରସ୍ତ ପରସ୍ତ ଧୂଳି ତଳେ / ଚୁପ୍‌ଚାପ୍ ପଡ଼ି ରହି / ସମୟକୁ ପରାସ୍ତ କରିବା / କ'ଣ କମ୍ ଆସ୍ପର୍ଦ୍ଧା ! /..../ ପଦ୍ମ ଥିଲି ପଙ୍କ ହେଲି ପଥର ହେଲି / ସବୁ ବାଟ ପାଇଁ ବାରଣଟିଏ ହୋଇ / ଆଲୁଅରେ ପଡ଼ି ରହିଲି / ମୁଣ୍ଡାଏ ଅନ୍ଧାର ପରି । / ଇଏ କ'ଣ କ'ମ ଆସ୍ପର୍ଦ୍ଧା !" (ପୃ-୫୪) ଏତେ ସବୁ ପରେ ବି ସେ ଫେରେଇ ପାରେନି ତା ଜୀବନର ଅନାବଶ୍ୟକ ଅନ୍ଧାରକୁ କି ଅଭିଶାପ ଦିଏନି ଅନ୍ଧ ହେବାର । ଇଏ କି କମ୍ ବଡ଼ ଆସ୍ପର୍ଦ୍ଧା ନୁହେଁ ଅତ୍ୟାଚାରିତା ନାରୀଟିଏର ।

ହଁ, ଉତ୍ତର-ଆଧୁନିକ କବିତାରେ 'ଫେମିନିଜମ୍' ଅନ୍ୟ ଏକ ବଳିଷ୍ଠ ଭାବଭୂମି । ତେଣୁ ଏ ସମୟର କବି ଶ୍ରୀ ମହାପାତ୍ରଙ୍କ କବିତାରେ 'ଅହଲ୍ୟା' ଚରିତ୍ର ମାଧ୍ୟମରେ ଏକ ଦେହମୁକ୍ତ ସ୍ୱାଧୀନତାର କଥା ବି ଉଠାଇଛନ୍ତି । ସତ୍ୟବାଦୀ ଓ ସନ୍ତ୍ରାସବାଦୀ ଭାବରେ ପୁରୁଷଙ୍କୁ ଠିଆ କରାଇ ସେ ଏ ଉପଲବ୍ଧି ବି ଦିଅନ୍ତି- "ଜଣେ ମାଗେ ଅଗ୍ନି ପରୀକ୍ଷା / ଓ ଜଣେ ଫିଙ୍ଗେ ଅଗ୍ନିଗର୍ଭରେ / ନାରୀ, ଏକ ଭଙ୍ଗାରୁଜା ଦୀର୍ଘଶ୍ୱାସ / ପୁରୁଷମାନଙ୍କ / ମର୍ଜିର ନିଷ୍ଠର ନୀଡ଼ରେ ।" (ପୃ-୧୦୩)

ଏଠାରେ ବି ନିଜର ଦୈହିକ କାମନା, ନିଜ ଯୌନ ସ୍ୱତନ୍ତ୍ରତାକୁ ଆଧାର କରି ନାରୀ ମନସ୍ତାତ୍ତ୍ୱିକ ବିଶ୍ଳେଷଣଟିକୁ କବି ଉପସ୍ଥାପିତ କରାନ୍ତି । 'ଅହଲ୍ୟା' ଏଠି ନାରୀ ଦେହର ମୁକ୍ତିକାମୀ ସ୍ୱର । "ଯେଉଁଦିନ / ଦେବରାଜ / ଭିକ୍ଷାଂଦେହି' ମୁଦ୍ରାରେ / ଠିଆ ହେଲେ / ମୋ ଦେହ ପାଖରେ / ବୁଝିଲି ମୁଁ / କେତେ ଐଶ୍ୱର୍ଯ୍ୟବତୀ; ମୋ ନାରୀତ୍ୱର / ନିରବ ଦ୍ରୋହ / ହସି ହସି ସମର୍ପି ଦେଲ / ସବୁକିଛି ।"(ପୃ-୧୦୧)

ଏବଂ ଶେଷରେ ନାରୀର ଅଲଂଘ୍ୟ ଶକ୍ତିର ଅବତାରଣା କରାଇ କାବ୍ୟକୁ ସମାପ୍ତ କରିଛନ୍ତି କବି । "କାହା ଅଭିଶାପରେ / ଏତେ ଶକ୍ତି ଯେ / ନାରୀକୁ କରିପାରିବ / ପଥର.../ ପୁରାଣ ପରଷି ଦେଇଚି ଡାହାମିଛ । / କିନ୍ତୁ ମୁଁ ଜାଣେ, ଦିନେ ନା ଦିନେ / ସେ ଶବ୍ଦମାନେ ଫେରିଯିବେ / ମତେ ପୁଣି / ପଥରରୁ ଅହଲ୍ୟା କରିବାକୁ ।" (ପୃ-୧୦୯)

ନାରୀମନ, ଦେହ, ମନସ୍ତତ୍ତ୍ୱ, ସାମାଜିକ ତତ୍ତ୍ୱ-ସବୁ ଦିଗରୁ ଅନୁଶୀଳନ

ରୂପକ କବିଙ୍କ 'ଅହଲ୍ୟା' କବିତା ସଂକଳନ ଏକ ଅନନ୍ୟ ସୃଷ୍ଟି । ନାରୀ ଯନ୍ତ୍ରଣାକୁ ଏତେ ନିକଟରୁ, ଏତେ ସୂକ୍ଷ୍ମ ଭାବରେ, ଏତେ ଶାଣିତ ଭାବରେ ବ୍ୟଞ୍ଜିତ କରିବା କଷ୍ଟସାଧ୍ୟ ଏକ କଳା ଯାହା କବି ନିଜ ଲେଖନୀ ମାଧ୍ୟମରେ ସମର୍ଥ କରେଇ ପାରିଛନ୍ତି । ନାରୀ ସ୍ୱାଭିମାନ, ନାରୀ ଶକ୍ତି ଏବଂ ନାରୀ ସମ୍ମାନକୁ ଚମତ୍କାର ଶବ୍ଦ-ରୂପ ଦେବାରେ କବିଙ୍କ ଅନନ୍ୟତା ଅନସ୍ୱୀକାର୍ଯ୍ୟ ।

ଦୀର୍ଘ କବିତା ରଚନାର ପରମ୍ପରାରେ ଓଡ଼ିଆ କାବ୍ୟ-ସଂସାର ସମୃଦ୍ଧ । ଦୀର୍ଘ କବିତା ରଚନା କରିବା ଏକ ଆହ୍ୱାନ ଯେଉଁଥିରେ ଭାବର ଗାମ୍ଭୀର୍ଯ୍ୟ, ବିଷୟବସ୍ତୁର ଗତିଶୀଳତାରେ ସ୍ଥିରତା ଉଭୟ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭେଇ ଥାଆନ୍ତି । ଦୀର୍ଘ କବିତା ରଚନାର ଏଇ ମୁଖ୍ୟ ଦୁଇ ବିଭବକୁ ବ୍ୟବହାର କରି ଆଗେଇ ନେବାରେ କବି ଶ୍ରୀ ମହାପାତ୍ର ଜଣେ ଶକ୍ତିଶାଳୀ କବି । 'ବାପା' କବିତା ସଂକଳନ ତାଙ୍କର ଏହିପରି ଏକ ଦୀର୍ଘ କବିତା, ଯେଉଁଠି କବି ନିଜ ପିତାଙ୍କ ବିୟୋଗଜନିତ ଯନ୍ତ୍ରଣାକୁ ଶବ୍ଦଦେଇ ମୂର୍ତ୍ତ ରୂପ ଦେଇଛନ୍ତି । ବ୍ୟକ୍ତିଗତ ଯନ୍ତ୍ରଣା କିନ୍ତୁ ସାର୍ବଜନୀନ ସ୍ତରକୁ ଏପରି ଭାବରେ ଉତ୍ତରିତ, ତାହା କବିତା ପଢୁଥିବା ପ୍ରତ୍ୟେକ ବ୍ୟକ୍ତି ନିଜସ୍ୱ ସ୍ତରରେ ଉପଲବ୍ଧି କରିପାରିବ । କବିଙ୍କ ଉପଲବ୍ଧିରେ- "ଲୋକେ କହନ୍ତି ବାପା ହିଁ ଆକାଶ // ତମେ କ'ଣ ଆକାଶ ହେଇଗଲ ବାପା ? ଆକାଶ ମାନେ ତ କେବଳ ଶୂନ୍ୟତା / ଏବେ ତମ ମୁହଁ, ରାତିର ତାରା ପରି...ସକାଳର କୁହୁଡ଼ି ପରି.../ ସଞ୍ଜବେଳର ଦୀପ ଶିଖା ପରି.../ ତା ବିରୁଦ୍ଧରେ ଅନେକ ଅଭିଯୋଗ ମୋର ।"(ପୃ-୧୧)

ଉପସ୍ଥାପନା ଶୈଳୀରେ ସ୍ୱଚ୍ଛତା, ଅନନ୍ୟ ଚିତ୍ରକଳ୍ପ ଏବଂ ଅନୁଭବ ପ୍ରତି ନିବିଡ଼ ଆତ୍ମମଗ୍ନତା କବି ଶ୍ରୀ ମହାପାତ୍ରଙ୍କ କବିତାକୁ ଖୁବ୍ ଅନ୍ତରଙ୍ଗ ଅନୁଭବର କବିତା କରି ଦେଉଥାଏ । ଏଇ ଯେମିତି- "ପବନ ପିଠିରୁ ଖସି ପଡୁଥିବା ଚିତ୍କାର ପାଖରେ / ମୁଁ କେବଳ ପାଳଭୂତ ହୋଇ ଠିଆ ହୋଇଚି /.../ ଯାହା ବି ଲେଖିବାକୁ ଯାଉଛି ମୁଁ / ତା'ର ପ୍ରଥମ ଅକ୍ଷର କାନ୍ଦଣା / ଦ୍ୱିତୀୟ ଅକ୍ଷର କାନ୍ଦଣା / ତୃତୀୟ ଅକ୍ଷର ଲୁହ ଲୁହ ନିରବତା / ଓ ଶେଷ ଅକ୍ଷର ପାଖରେ ଆ'କାର ପରି / ଠିଆ ହୋଇଚି ମୋ ଅସରନ୍ତି ଅସହାୟତା ।" (ପୃ-୯୯)

ବାପାମାନେ ସଦାକାଳେ ବିରାଟ ବଡ଼ ଆଶ୍ୱାସନା । ଏ ଅନୁଭବ ସମସ୍ତଙ୍କର । କବିଙ୍କ ଶବ୍ଦରେ- "ଖରା ଆଉ ବର୍ଷାକୁ ତାଲା ପକେଇ ପୁରୁଣା ଟିଣବାକ୍ସରେ / ତମେ କେମିତି ସିଧା ହୋଇ ଚାଲୁଥିଲେ ବାଟ / ସେକଥା ଏଯାଏଁ ମୁଁ ଶିଖି ପାରିଲିନି ବା !" (ପୃ-୧୦୨)

ଏଇ ଅନ୍ତରଙ୍ଗ ଅନୁଭବ ହିଁ ଜାବୁଡ଼ି ଧରେ ପାଠକକୁ । ତଲ୍ଲୀନ କରି ରଖେ କବିଙ୍କ ଶବ୍ଦ-ଚିତ୍ର, ଚିତ୍ରକଳ୍ପ ସହ ପାଠକକୁ ।

କବି ଶ୍ରୀ ମହାପାତ୍ରଙ୍କ କବିତାରେ ଭିନ୍ନ ଭିନ୍ନ ପ୍ରସଙ୍ଗର ଅବଧାରଣା ଥାଏ । ଥାଏ ଅନନ୍ୟ ଚିତ୍ରକଳ୍ପର ପ୍ରୟୋଗ । ଅନେକ ପଙ୍କ୍ତି ଲାଗନ୍ତି ଆପ୍ତବାକ୍ୟ ପରି, ମନ୍ତ୍ର ମନ୍ତ୍ର ପରି । ଅନୁଭବର ସାନ୍ଦ୍ରତା, ପରିପ୍ରକାଶ ଶୈଳୀରେ ପରିଚ୍ଛନ୍ନତା ଏବଂ ଅନନ୍ୟ ଦୃଷ୍ଟିଭଙ୍ଗୀ, ସମକାଳର କବିମାନଙ୍କ ଭିତରେ ତାଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନରେ ପ୍ରତିବିମ୍ବିତ କରେ ।

## ସିତାଂଶୁ ଲେଙ୍କା(୧୯୬୮)

କବି ସିତାଂଶୁ ଲେଙ୍କା ସମକାଳର ଓଡ଼ିଆ କାବ୍ୟ କବିତା ଜଗତରେ ଏକ ଉଚ୍ଚାଙ୍ଗ ସ୍ୱର । ନିଜ କବିତାରେ ଏକ ସମୟରେ ବିଦ୍ରୋହ ଓ ପ୍ରେମ ସଂପର୍କ ଓ ଏକାକୀତ୍ୱ, କୋଳାହଳ- ନିଃସଙ୍ଗତା ତଥା ଉଦ୍ଦାମତା ଓ ଔଦାର୍ଯ୍ୟକୁ ଉପସ୍ଥାପିତ କରାଇପାରନ୍ତି ଏକ ଅଦ୍ଭୁତ ନାନ୍ଦନିକତା ସହ । ସିତାଂଶୁଙ୍କ କବିତାରେ ପ୍ରେମ ଥାଏ କିନ୍ତୁ ଏକ ନିରାସକ୍ତ,ନୈସର୍ଗିକ ଭାବରେ । କବିଙ୍କ ଉଦାର ମାନସିକତାରେ ବିଦ୍ରୋହ ବି ଫୁଲ ପରି ଫଲଗୁ ବିଛାଏ । କବିଙ୍କ କବିତାକୁ ନେଇ ବିଶିଷ୍ଟ ଗାଳ୍ପିକ ତଥା ଔପନ୍ୟାସିକ ଭୀମ ପୃଷ୍ଟି ମତ ରଖନ୍ତି: "ବିଶ୍ୱକୁ ଝର୍କା ବନ୍ଦ କରି ନିଜ ଭିତରକୁ ସିତାଂଶୁର ଯେତେବେଳେ ପଶି ଆସନ୍ତି- ସେଠି ପ୍ରେମ ହିଁ ଥାଏ, କବିତା ହେବା ପାଇଁ ।"

ପ୍ରେମ ଅତିରିକ୍ତେ ଅନ୍ୟ ଯେଉଁ ଭାବବସ୍ତୁ କବି ସିତାଂଶୁଙ୍କୁ ଆଚ୍ଛନ୍ନ କରିରଖେ ତାହା ପ୍ରଚଣ୍ଡ ସ୍ୱାଭିମାନ । ଖୁବ୍ କମ୍ ଶବ୍ଦରେ ସିତାଂଶୁ ମଣିଷର ଅସହାୟ ଅବସ୍ଥାନକୁ ଚିତ୍ରଣ କରିପାରନ୍ତି । କଥାକାର ଭୀମ ପୃଷ୍ଟିଙ୍କ ଶବ୍ଦରେ- "ଭଲ କବିଟିଏ ଲେଖିପାରି ନଥିବା କବିତା ଭଳି ସମୟ । ନିଜେ ଯେତେବେଳେ କବିତା ସମୟରେ ଶାପଗ୍ରସ୍ତ, ସେ କିପରି ଲେଖି ପାରିବ ଶାପମୁକ୍ତିର କବିତା ! + + + ସିତାଂଶୁଙ୍କ କବିତା ଧାଡ଼ି ଗୁଡ଼ିକରେ ସେ ନିଜ ସମୟର ଅତୃପ୍ତି ଓ ହାହାକାରକୁ ଖୁବ୍ କମ୍ ଶବ୍ଦ ଓ ଧାଡ଼ିରେ ଲେଖି ପାରନ୍ତି + + + କବିତା ତ ଏୟା, ହାତମୁଠାରେ ମୁଠାଏ ସୁଗଂଧ ।"

ନିଜ ଆଖପାଖର ମଣିଷମାନେ ତାଙ୍କ କବିତାର ଚରିତ୍ର । ସେମାନଙ୍କ ଜୀବନ ଓ ଯନ୍ତ୍ରଣା ବଖାଣିବା ବେଳେ ସେ ଯେତିକି ମାତ୍ରାରେ ବାସ୍ତବତାକୁ ତୋଳି ଧରନ୍ତି, ତାକୁ କବିତାରେ କବିତାୟିତ କଲା ବେଳେ ସେତିକି ମାତ୍ରାରେ କାଳ୍ପନିକତା ଓ କଳାତ୍ମକତାକୁ ବଜାୟ ରଖିପାରନ୍ତି ।


ସିତାଂଶୁ ଲେଙ୍କା

ନିଜ କାବ୍ୟ-ଶକ୍ତି ଦ୍ୱାରା ସର୍ବାଗ୍ରେ ଆଦୃତ କବି ସିତାଂଶୁଙ୍କ ପ୍ରଥମ କବିତା ସଂକଳନ 'ମନ' ୨୦୦୧ରେ ପ୍ରକାଶ ପାଏ । 'ମନ'କୁ ନେଇ ଏହା ଅନେକ କିଛି ଭାବନାର ଏକତ୍ରୀକରଣ । ଏକ କାବ୍ୟ । ୨୦୦୨ ମସିହାରେ ତାଙ୍କର ଦ୍ୱିତୀୟ ସଂକଳନ 'ଦିନେ ଦିନେ', ୨୦୦୮ରେ ତୃତୀୟ ସଂକଳନ 'ନିଅ', ପରବର୍ତ୍ତୀ ସଂକଳନ 'ଚିହ୍ନବର୍ଣ୍ଣ' ଓ '୨୦୨୩ରେ 'ଖରା ଓ ଅନ୍ୟାନ୍ୟ କବିତା' ସଂକଳନ ପ୍ରକାଶ ପାଏ ।

ସେ ହେଉ 'ଯୁଦ୍ଧ' ପରି ବିଷୟବସ୍ତୁ ଅବା 'ଶୋକ', ସିତାଂଶୁଙ୍କ କାବ୍ୟ-ଚିନ୍ତନର ସ୍ୱାତନ୍ତ୍ର୍ୟତା ସବୁଠି ପରିବ୍ୟାପ୍ତ ହୋଇଥାଏ । ଯୁଦ୍ଧର ଆରମ୍ଭ ବିଶ୍ୱାସର ମୃତ୍ୟୁରେ । ବିଶ୍ୱାସ ଆଉ ଅବିଶ୍ୱାସ ମଝିରେ ମାନବିକତା ମରୁଥାଏ । ମଣିଷର ପ୍ରେମ, ଦରଦୀ ହୃଦୟ ପାଷାଣରେ ପରିବର୍ତ୍ତିତ ହେଉଥାଏ । କଟାକ୍ଷରେ ପରିପୂର୍ଣ୍ଣ ଅଥଚ ଦରଦରେ ଭରପୂର କବିଙ୍କ 'ଯୁଦ୍ଧ' କବିତାର କିଛି ପଂକ୍ତିକୁ ଏଠାରେ ଉଦ୍ଧାର କରା ଯାଇପାରେ: "ଆମକୁ ବିଶ୍ୱାସ ହୁଏନି/ଭାଇ କାନ୍ଧରେ / ଭାଇ ରଖେ ବନ୍ଧୁକ ।"

ଖୁବ୍ କ୍ଷୁଦ୍ର ଅଥଚ ଭାବ ଉଦ୍ରେକକାରୀ ସୂକ୍ଷ୍ମ ଏକ ଭାବନାର ଖିଅ ଧରି ସିତାଂଶୁ କବିତା ରଚନା କରନ୍ତି । ତାଙ୍କ ବାଗଟି ହିଁ ଆକର୍ଷଣର କେନ୍ଦ୍ରବିନ୍ଦୁ । ଆଟୋପ କି ଆଡ଼ମ୍ବର ନଥାଏ ଅଳଙ୍କାର କି ଜଟିଳ ଶବ୍ଦମାନଙ୍କର । କିନ୍ତୁ ହୃଦୟକୁ ଚିରିଦିଏ ତାଙ୍କ କଟାକ୍ଷର ଧାର, ମନକୁ ଆବୋରି ନେଇଥାଏ ମର୍ମସ୍ପର୍ଶୀ ଦରଦ । ଗୋଟିଏ କବିତାରେ ଭାବନାର ଅଣୁଟିଏକୁ ଧରି ସେ ବିସ୍ତରି ଯାଇ ପାରନ୍ତି କଳ୍ପନାର ଆକାଶରେ । ପାଦଥାଏ ଭୂମିସଂଲଗ୍ନ । ଜଟିଳ ଏବଂ ଅନେକ ବିଷୟବସ୍ତୁର ଗହଳି ନଥାଏ ତାଙ୍କ କବିତାରେ । ଏମିତି କିଛି ଅତି ସୂକ୍ଷ୍ମ ଅବବୋଧର ଅବତାରଣାର ଉଦାହରଣକୁ ସାମ୍ନା କରିବା ଏଠି: ୧. "ମୁଁ ଯେଉଁକଥା / କହିବି ନାହିଁ / ବୋଲି ଭାବୁଚି / ସେଇକଥା ସକାଳୁ ସକାଳୁ ଲେଖିଚି ପେପର / ଗୁଡ଼ାଏ ଅକଥା ।"(ଖରା ଓ...ପୃ-୧୨)

୨. "ଅଡୁଆ ତଡୁଆ କରି ବାନ୍ଧୁଚି / ଯୋଖୁଚି/ ଯେଉଁ ତୀରରେ ମାରିହେବ ନାହିଁ ଚଢ଼େଇ / ଯେଉଁ ଗଣ୍ଡିରେ ପଡ଼ିବା ନାହିଁ / ଗୋଟିଏ ରାତିରେ ଟିକିଏ ବୋଲି ସ୍ୱପ୍ନ / ଯେଉଁ ଫାଶରେ ଧରା ଦେବ ନାହିଁ ଢେଉ,/ ଯେଉଁ ପୋଖରୀରେ

ପଙ୍କ ନାହିଁ / ସେଇଠି କହୁଛି ଫୁଟେଇବ ପଦୁଅଁ ।" ('ମନ'/ପୃ-୭)

କେତେ ସନ୍ତର୍ପଣରେ କବି ଗଢ଼ନ୍ତି ତାଙ୍କ କବିତାର ସୌଧ । ମନେହୁଏ ଯେପରି ଲହୁଣୀର ସୌଧ । ହାଲ୍କା ଧାସରେ ତରଳି ମିଶିଯାଏ ପାଠକର ମନରେ, ରକ୍ତରେ ।

ମଣିଷ ପ୍ରତି ଯୁଗରେ ହିପୋକ୍ରେସି ଭିତରେ ବଞ୍ଚେ । ନିଜର ଏ ଠକି ଦେବାର ମାନସିକତା ନେଇ ଠକି ଚାଲେ ମିତ୍ର ଠାରୁ ବନ୍ଧୁବାନ୍ଧବ ଯାଏଁ । ମଣିଷର ଏ ଠକି ଦେବାର ମାନସକତା, କେଉଁଠି ବିଶ୍ୱାସ ଭଙ୍ଗର ଆଖ୍ୟାୟିକା- କବି ସିତାଂଶୁଙ୍କୁ କଷ୍ଟ ଦିଏ । ଏ ବିଶ୍ୱାସ ଭଙ୍ଗର କାହାଣୀକୁ କବି ଭିନ୍ନ ଭିନ୍ନ ଚରିତ୍ର ମାଧ୍ୟମରେ, ନିଜ ତୀର୍ଯ୍ୟକ ଦୃଷ୍ଟିଭଙ୍ଗୀ ଏବଂ ଉଦାର ପରିପ୍ରକାଶ ଶୈଳୀରେ କବିତା ନିର୍ମାଣ କରନ୍ତି । ତାଙ୍କ କବିତା ଧୀରେ ସ୍ପର୍ଶ କରୁଥାଏ ପାଠକର ହୃଦୟକୁ ଏବଂ ଏକ ଦୀର୍ଘସ୍ଥାୟୀ ପ୍ରଭାବ ବିସ୍ତାର କରି ଚିରସ୍ଥାୟୀ ହୋଇଯାଏ ସେଇଠି ।

ଅନେକତ୍ର ସିତାଂଶୁ ସମାଜର ମିଥ୍ୟାଚାର, ଶୈଶବର ହତ୍ୟା, ପ୍ରେମ ଅଙ୍କୁରିତ ହେବା ପୂର୍ବରୁ ନଷ୍ଟ ହୋଇଯିବା ଆଦି ଅନେକ ଆବେଗିକ ସମସ୍ୟା ପ୍ରତି ପ୍ରତିକ୍ରିୟାଶୀଳତା ନିଜ କବିତା ମାଧ୍ୟମରେ ବ୍ୟଂଜିତ କରାଇଛନ୍ତି । ସୂକ୍ଷ୍ମ ବ୍ୟଙ୍ଗ, ଶାଣିତ କଟାକ୍ଷ ଏବଂ ଶ୍ଲେଷର ତରବାରୀରେ ଶୈଶବର ଓ କୈଶୋର ହତ୍ୟାର ଚିତ୍ର ଅନୁଭବ କରାଯାଇପାରେ ଏ ପଙ୍କ୍ତି ସମୂହରେ:

୧. "ଚୁଲି ଜାଳୁରଚି ଝିଅ / .../ ଭାତ ଫୁଟୁଚି /.../ ଆଖି ନାକରେ ପଶି ଯାଉଛି ଧୂଆଁ /..../ ବା' ଯାଇଛି କ୍ଷେତକୁ / ବୋଉ ଯାଇଚି ପାଖ ଜଙ୍ଗଲକୁ / ଭୋକ ଓ ପ୍ରେମର ଗୀତଟିଏ / ଗାଇ ପାରୁନି ଝିଅ / ଚାହିଁଚି ଆସିବା ବାଟକୁ ।" (ଖରା ଓ.../ପୃ-୧୭-୧୮)

ହଜି ଆସୁଥିବା ଗାଁର ଚିତ୍ର ଓ ଗାଁର ଅନୁଭବକୁ କବିତାରେ ସ୍ଥାନ ଦେଇ ପାରିବାରେ, ସିତାଂଶୁଙ୍କ ନାଟକୀୟତା, ସମସାମୟିକ କବିମାନଙ୍କ ଠାରୁ ନିଆରା, ସ୍ୱତନ୍ତ୍ର ଏବଂ ସର୍ବୋତ୍ତମ । 'ଗାଁ କଥା' କବିତାରେ କବିଙ୍କ ପ୍ରଶ୍ନ- "ଏ ଦେଶର କ'ଣ ଗାଁ ଦର୍କାର ?" ଗାଁଟିଏ କେମିତି ଦର୍କାର ଠିକେ ଠିକେ ସ୍ପର୍ଶ ଦେଇ ଶବ୍ଦର, ଅନୁଭବର, ଆବେଗର- ବ୍ୟଂଜିତ କରିଛନ୍ତି କବି କିପରି ଦେଖାଯାଉ । "ଏ ଦେଶର ଗୋଟେ ଗାଁ ପଡ଼ିଆ / ମଶାଣି, ସବୁଜ କ୍ଷେତ ଦର୍କାର / ମୁଁ ଜାଣେନି ।" (ଖରା ଓ .../ପୃ-୨୬) ଏପରି ଅନେକ ଗାଁ ସହ ଆବେଗଜଡ଼ିତ ମୂର୍ତ୍ତ-ଅମୂର୍ତ୍ତ ଚିଜକୁ ଦର୍ଶାଇ କେତେବେଳେ ନିଜେ ଉହ୍ୟ ହୋଇ ଯାଇଥା'ନ୍ତି କବିତାରୁ, ପାଠକଟିଏ ଜାଣି ପାରି ନଥାଏ । କିନ୍ତୁ ନିଜ ଚାରିପାଖରେ ଗାଁ ମହକରେ ମହକିତ ଚିଜ ଏବଂ ଦୃଶ୍ୟାବଳୀରେ ପାଠକ ଆଚମ୍ବିତ ହେଉଥାଏ ।

କବି ସିତାଂଶୁଙ୍କ କାବ୍ୟ-ଚେତନା ଯେଉଁ ଘଟଣାକୁ ସମ୍ମୁଖୀନ ହୋଇ ବା ଅବଲୋକନ କରି ନିଜ କବିତାରେ ତାକୁ ପ୍ରତିଫଳିତ କରାଏ ତାହା ଆଉ କିଛି ନୁହେଁ, ବର୍ତ୍ତମାନର ମୂଲ୍ୟବୋଧ ରହିତ ସମୟ । ନିଜ ଐତିହ୍ୟ, ପରମ୍ପରା, ସ୍ୱାଭିମାନକୁ ଜଳାଞ୍ଜଳି ଦେଇ, ଅନୀତି ସହ ସାଲିସ୍ କରିନେବାର ମାନସିକତାକୁ ସହ୍ୟ କରିପାରେନି କବିଙ୍କ କାବ୍ୟସତ୍ତା । ମିଛର ମିଛତ୍ୱକୁ କେତେଦିନ ମଣିଷ ଆଉ ମୁଖ କରି ନିଜ ମୁହଁ ଉପରେ ଲଗାଇ ସତ ବୋଲି ଦେଖେଇ ହେଉଥିବ- ଏ ପ୍ରଶ୍ନ ତାଙ୍କୁ ବ୍ୟଥିତ କରେ । ଛାତିକୁ ଓଜନ କରେ । ସେ ଭାବନ୍ତି, ଏସବୁ କଷ୍ଟ ଦେଉଥିବା, ଯନ୍ତ୍ରଣାରେ ଭାରି କରି ଦେଉଥିବା ମନକୁ, ଏସବୁର ମୁକ୍ତ କରି ଦେଇ, ହାଲ୍କା କରିଦେବାକୁ । ସକ୍ଷମ ହେଇପାରନ୍ତିନି କବି । ଖୁବ୍ କମ୍ ଶବ୍ଦରେ ଏବଂ ଚମତ୍କାର ନାଟକୀୟ ଶୈଳୀରେ କବିଙ୍କ ସ୍ୱୀକାରୋକ୍ତି ଉପଲବ୍ଧି କରା ଯାଇପାରେ- (୧) ଅନେକ ଲୋକ / ଅନେକ ମିଛ,/ ସତ ପରି ଲାଗୁଥିବା ସତ ଟିକକ/ କୁଆଡ଼େ ଲୁଚିଯାଏ / ବହୁ ପଛରେ ଏଇ ମଛ ଭିତରୁ / ମୁଣ୍ଡ ଟେକେ ସତ / ଅନେକ ମିଛ ଲୋକ / କାନ୍ଦନ୍ତି ମିଛରେ ।"(ନିଅ/ପୃ-୩୮)

୨. "ଆଜି / କାନ୍ଦ ଲାଗୁଛି ପ୍ରଭାବର / ଅନ୍ଧାର ପରି ଲାଗୁଛି / ଗୁଡ଼ାଏ ସତକଥା / କ'ଣ କୋଉଠି ରହିଗଲା କି / ଗୋଟେ ଖଇ ଭଳି ନିଦା ବିଶ୍ୱାସ ।" (ନିଅ/ପୃ-୩୫)

୩. "ଆମକୁ ଲୁଚିଯିବାକୁ ହେବ / କୋଉଠି ନା କୋଉଠି / ଅନ୍ଧାର ଲୁଚେଇ ପାରିବ ନାହିଁ କେବେ / ଏତେ ବଡ଼ ବିପର୍ଯ୍ୟୟର ସତ୍ୟତାକୁ ।" (ନିଅ/ପୃ.୩୧)

୪. "ବଂଚିବା ପାଇଁ / ମିଛ କହିବା ବି ଗୋଟେ ଅଧିକାର / ମିଛକୁ ସତ କରି କହିବା / ଯେ ବି ଗୋଟେ ଚାଲାକି ମଣିଷର ।" (ଖରା../ପୃ-୮୩)

୫. "ନା, / ଯେତିକି ଲୋଡ଼ା / ସେତିକି ଅଲୋଡ଼ା ରହୁ / ଯେତିକି ସତ୍ୟ / ସେତିକି ମିଥ୍ୟାର କାନ୍ଧରେ ଥାଉ ।"(ମନ/ପୃ-୫୦)

୬. "କେତେଦିନ ଅମଣିଷମାନଙ୍କୁ / ବୟସରେ ବଡ଼ ବୋଲି କହି / ସହି ଚାଲିବା ଏ ଡରକୁ ନିଜ ଭିତରେ / ଚାଲ ଫିଟି ପଡ଼ିବା ପବନରେ !/ ପ୍ରତି ଢୋକ ନିଃଶ୍ୱାସରେ ଜାଣିବା ଲୋକ ଜାଣିବେ / କେଉଁଟା ମିଛ / କେଉଁଟା ସତ !" (ଦିନେ ଦିନେ/ପୃ-୧୪)

ସତ ଓ ମିଛ- ଦୁଇଟି ଯାକ ଅବଧାରଣ, ଦୁଇ ପ୍ରକାରର ପରିସ୍ଥିତି ସହ ସାଲିସ୍ କରି ବଂଚିଯିବା, ଚଳେଇ ନେବା, - ଏ ମାନସିକତା ଆଧୁନିକ ଯନ୍ତ୍ର ସଭ୍ୟତାର ଦାନ । ମଣିଷ ସମାଜରେ କେବେ ନିଜ ସତ୍ୟ ରକ୍ଷା ପାଇଁ ସବୁକିଛି ତ୍ୟାଗ କରି ପାରୁଥିଲା । କେବେ ମିଛ କହି ନପାରିବାର ଦାୟବଦ୍ଧତା ପାଇଁ ଅନେକ ବିପର୍ଯ୍ୟୟକୁ ସାମ୍ନା କରୁଥିଲା । ବର୍ତ୍ତମାନର ସମାଜ ବଜାରକୈନ୍ଦ୍ରିକ ସମାଜ । ଲାଭ, ମୁନାଫା ଯାହାର ଶେଷ ଲକ୍ଷ୍ୟ । ଛୋଟ ଛୋଟ ଶବ୍ଦର ନୀତିନିୟମ, କ୍ଷୀପ୍ରଗତିରେ କହି ଦେଇଯାଉଥିବା ସାବଧାନ ରହିବାର ସୂଚନା ସମୂହ- ସବୁଠି ଖାଉଟିକୁ ଠକି ଦେଇ, ମୁହୂର୍ତ୍ତକର ମିଛରେ ଭଣ୍ଡେଇ ଦେବାର ମାନସିକତା । କବି ଏ ପ୍ରକାରରର ବ୍ୟବସ୍ଥାକୁ ଗ୍ରହଣ କରି ପାରିନାହାନ୍ତି ସତ । କିନ୍ତୁ ଜାଣନ୍ତି ବି ଅନେକ କିଛି ମିଛ ବି ଏଠି ଜୀବନ ବଂଚିବାର ସାଧନ ହୋଇ ସାରିଛି । ଅନେକ ଦ୍ୱନ୍ଦ୍ୱକୁ ସାମ୍ନା କଲା ପରେ କବିଙ୍କ ସମୀକରଣର ପାଠକଟି ବି ଏକ ରାହା ପାଇଯିବ ଯେମିତି । କାରଣ ଏ ଦ୍ୱନ୍ଦ୍ୱ କବଳ କବି ସିତାଂଶୁଙ୍କର ନୁହଁ, ବର୍ତ୍ତମାନ ସମୟରେ ବଞ୍ଚୁଥିବା ପ୍ରତ୍ୟେକ ସମ୍ବେଦନଶୀଳ ମଣିଷର ଦ୍ୱନ୍ଦ୍ୱ । କବିଙ୍କ ମତରେ: "ଏଇ ନିଅ / ସମର୍ପଣ ନିଅ / .../ ଦେଖିବ । ଟିକିଏ ଚିରାଚରିତ ଆତ୍ମବିଶ୍ୱାସ / ଚାରାଗଛଟିଏ ପରି / ଆମକୁ ଦେବ ସବୁଜ ସଂକେତ ।" (ନିଅ..../ପୃ-୪୪)

କବି ସିତାଂଶୁଙ୍କ କବିତାରେ ପ୍ରେମ, ନାରୀ, ଜୀବନର ଭଗ୍ନ ଅଂଶ, ବିଫଳତା, ମା', ମାଟି, ବାପା ଆଦି ଅନେକ ଅବବୋଧ ଭିନ୍ନ ଭିନ୍ନ ଦୃଷ୍ଟିକୋଣରେ ଅନୁଭୂତ ହୁଅନ୍ତି । ଯେଉଁ ଆବେଗ ଏବଂ ତଲ୍ଲୀନ ମନୋସ୍ଥିତିରେ କବି ସିତାଂଶୁ ଏ ସବୁରେ ବର୍ଣ୍ଣନା କରନ୍ତି, ତାହା ଅନୁପମ । କବି ଏ ଯନ୍ତ୍ରଣାକ୍ତ ପୃଥିବୀର ଉପସ୍ଥାପନ କରନ୍ତି, ଉପସ୍ଥାପନ କରନ୍ତି ବିଭିନ୍ନ ସମୟ ଏବଂ ପରିସ୍ଥିତିକୁ । ଯେଉଁଠି ତାଙ୍କ ଆବେଗପୂର୍ଣ୍ଣ ଆତ୍ମାଟି କଷ୍ଟାପ୍ଲୁତ ହେଉଥାଏ । କିନ୍ତୁ ଏ ପୃଥିବୀର ଅନ୍ତରାଳେ ଆଉ ଏକ ଜଗତ କଳ୍ପନା ତାଙ୍କ କବିତାରେ ନଥାଏ । ଏଇ ପୃଥିବୀର ଯାବତୀୟ ଦୁର୍ବଳତାକୁ ହଟେଇ ଦେଇ, ଏଇ ପୃଥିବୀକୁ ସୁନ୍ଦରତାର ସହ ଅନୁଭବ କରିବା ତାଙ୍କ କାବ୍ୟ-ଦର୍ଶନର ବୈଶିଷ୍ଟ୍ୟ ।

ଅଳ୍ପ ଶବ୍ଦରେ କବିତା ଗଠନ ଏବଂ ଶବ୍ଦ-ଚିତ୍ର, ଉପମା, ଅଳଙ୍କାର ଆଦି ଆଟୋପ ବିନା କେବଳ କେବଳ ଭାବ-ବସ୍ତୁ ବଂ ଲିଖନ ଶୈଳୀର ଦମ୍‌ରେ କବିତା ଲେଖିବାର ସାହସ ସିତାଂଶୁଙ୍କ ପାଖରେ ଦେଖିବାକୁ ମିଳେ । ଏକ ବିସ୍ତୀର୍ଣ୍ଣ ଭାବ ସମୁଦ୍ର । ବିଶେଷ ଝଡ଼ଝଂଜାର ଆଭାସ ନଥିବା ସମତଳତାରେ ସିତାଂଶୁଙ୍କ କବିତାର ଯାତ୍ରା । ସମତୁଲ, ସାବଲୀଳ, ଶାନ୍ତ ଏବଂ ପ୍ରଭବ ବିସ୍ତାରୀ ଅନୁଭବ ।

କବିଙ୍କ କବିତାରେ ରହିଛି ଗଭୀର ମାନବିକ ମୂଲ୍ୟବୋଧର ଅନୁଶୀଳନ, ଜୀବନକୁ ସତରେ ବଂଚିପାରିବାର ଆହ୍ୱାନ, ଏକ ବିଷାଦ, ତଥାପି କିଛି ଆଶା । ସିତାଂଶୁଙ୍କ ବିଷୟବସ୍ତୁ ଅନୁଯାୟୀ ତାଙ୍କ ଭାବ ରୂପ ନିଏ ଶବ୍ଦରେ । ଖୁବ୍ କମ୍ ଶବ୍ଦରେ କବିତା ଗଠନ, ଏକ ମାନବିକ ସମ୍ବେଦନଶୀଳତାରେ କବିତା ସୁନ୍ଦରୀର ସୌନ୍ଦର୍ଯ୍ୟୀକରଣ, କବି ସିତାଂଶୁଙ୍କୁ ଏ ସମୟର କବିମାନଙ୍କ କବିତା ଠାରୁ ଅଲଗା କରି ତୋଳେ ।

ପ୍ରସଙ୍ଗ-୮

# ବିନ୍ଦୁରୁ ସିନ୍ଧୁ



# ଆଧୁନିକ କବିତାରେ ବିଶ୍ୱଚେତନା

**ଡକ୍ଟର ସଂଘମିତ୍ରା ଭଞ୍ଜ**
ବିଭାଗୀୟ ମୁଖ୍ୟ, ଓଡ଼ିଆ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ବିଦ୍ୟାବିହାର,
ଭୋଇନଗର, ଭୁବନେଶ୍ୱର-୭୫୧୦୨୨,
ଫୋନ:୯୪୩୮୨୯୪୪୧୮

ଫଟୋ ସୌଜନ୍ୟ : ଗୁଗୁଲ୍ ଓ ଲେଖିକା



ଲେଖିକା ଡକ୍ଟର ସଂଘମିତ୍ରା ଭଞ୍ଜ

ଆଧୁନିକତା ଏକ ନୂତନ ଦୃଷ୍ଟିକୁ ବୁଝାଏ । କବିର ଜୀବନ ସର୍ଜନା ସ୍ଥାନୀୟତାର ବେଷ୍ଟନୀରୁ ବିଶ୍ୱଜୀବନ ଆଡ଼କୁ ଗତିଶୀଳ ହେବା ହିଁ ଆଧୁନିକତା । ବିଶ୍ୱ ଗବାକ୍ଷକୁ ଦୃଷ୍ଟିରେ ରଖି ତା'ର ମଙ୍ଗଳକାରୀ, ଶୁଭମୟ ତଥା ମହତ୍ତମ ଭୂମିକୁ କବିଟିଏ ଯେତେବେଳେ ନିଜ ଭିତରେ ଶଙ୍ଖୋଳି ବସେ, ସେତିକିବେଳେ ସେ ହୁଏ ଆଧୁନିକ । ବିଂଶ ଶତାବ୍ଦୀର କବିତାକୁ ଆମେ ଆଧୁନିକ କବିତା ଭାବରେ ଗ୍ରହଣ କରୁ । ତେବେ ଏହା ସେହି ସମୟର ଲିଖିତ କବିତା ମାତ୍ର ନୁହେଁ ବରଂ ତତ୍କାଳୀନ ସମୟର ପ୍ରତିଟି ବେଦନା ତଥା ସମ୍ବେଦନାକୁ ରୂପାୟିତ କରି ସ୍ଥାନୀୟତାରୁ ମୁକ୍ତ ହୋଇଛି ଏବଂ ନବଜାଗରଣ ସୃଷ୍ଟି କରିଛି । ଊନବିଂଶ ଶତାବ୍ଦୀର ଶେଷ ପାଦ ଏବଂ ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଆଧୁନିକବାଦର ଜନ୍ମ । ଶୂନ୍ୟ, ନୈରାଶ୍ୟ, ବିଚ୍ଛିନ୍ନତା, ଅସହାୟତା, ଉଦ୍ଭଟତା, ଉଦ୍‌ବେଗ, ଆତଙ୍କ ଓ ଅର୍ଥହୀନତା ମଧ୍ୟ ଦେଇ ମାନବ ଜୀବନର ସ୍ଥିତି ।

କବି - ବ୍ୟକ୍ତି ମଣିଷଟିଏ, ସେ ପୁଣି ବିଶ୍ୱ ସମୁଦାୟର ଅଂଶବିଶେଷ । "କବିତାର ଯାହା ଆଭିମୁଖ୍ୟ, ବିଶ୍ୱସାହିତ୍ୟରେ ସେହି ଆଭିମୁଖ୍ୟ ହିଁ ଆମର ଏଠି ସାବ୍ୟସ୍ତ ହେବ । ସାହିତ୍ୟର ମାନଦଣ୍ଡ ଆଜି ସାର୍ବଭୌମ ଓ ସାର୍ବଜନୀନ ।" [୧] ବୈଦିକ ପୁରୁଷସୂକ୍ତରେ- "ସହସ୍ରଶୀର୍ଷ ପୁରୁଷଃ ସହସ୍ରାକ୍ଷ ସହସ୍ରପାତ, ସଭୂମି ବିଶ୍ୱତୋଭୃତ୍ୱା"ର ଉଚ୍ଚାରଣରେ ବିଶ୍ୱଚେତନାର ଏକୀଭୂତ ରୂପ (the spiritual unity of the universe)କୁ ଆମେ ଅନୁଭବ କରିଥାଉ । ସମ୍ଭବତଃ ଏହି ଭାବାନୁସାରୀ ଅନୁଭବକୁ ନେଇ ଏକ୍‌ହାର୍ଟ ଟୋଲେ (Eckhart Tolle) କହିଥିବେ- "You are not in the universe, you are the universe." ଆମରି ଭିତରେ ବିଶ୍ୱଜଗତର ସ୍ଥିତି ଏବଂ ଆମେ ବିଶ୍ୱ ଭିତରେ । ମଣିଷମାତ୍ରେ ବିଶ୍ୱଜଗତକୁ ବୁଝିବାର ଏକ ମାର୍ଗ ଏବଂ ମାନବୀୟ ଚେତନାର ଉପଲବ୍ଧି ବ୍ୟତୀତ ବିଶ୍ୱଜଗତର ରୂପରେଖ ନିରର୍ଥକ । ତେଣୁ ବ୍ୟକ୍ତିକ ଆବେଗ, ଉଲ୍ଲାସ, ବିଷାଦ, ଉଦାସୀନତା, ଯନ୍ତ୍ରଣା, ନୈରାଶ୍ୟ, ବିଫଳତା, ଅପାରଗତା, ଅର୍ଥହୀନତା ସହିତ ବାହ୍ୟପ୍ରକୃତିର ସମସ୍ତ ରୂପ ବିଶ୍ୱ ଚେତନାର ଅଂଶବିଶେଷ । ମାନବ ଚେତନାର ଦ୍ୱିବିଧ ରୂପ ରହିଛି । ଗୋଟିଏ ସୃଜନାତ୍ମକ ଏବଂ ଅନ୍ୟଟି ଅନୁଭବାତ୍ମକ । ବିଶ୍ୱବୀକ୍ଷା ଉଭୟବିଧ ଚେତନାର ସ୍ୱତନ୍ତ୍ର ସମ୍ମେଳନ । ତେଣୁ କବିର କବିତା ନିଜ ଅସ୍ମିତା ପ୍ରତି ଯେତିକି ବିଶ୍ୱସ୍ତ ଭୂମିରେ ଥାଇ ଭୂମା ପ୍ରତି ସେତିକି ଉନ୍ମୁଖ । କବିର କବିତାରେ ଜୀବନର ରଙ୍ଗ, ଗନ୍ଧ ଓ ରୂପର ଧାରା ପ୍ରବହମାନ ହୁଏ । ତେଣୁ ସାମାଜିକ ସଂଘର୍ଷରତ ମାନବର ସୁଖ-ଦୁଃଖ ଚେତନାର ଲୋକମୟ ପ୍ରବାହ ହୃଦ୍ୟ ହେବା ସ୍ୱାଭାବିକ । କବିର କବିତା ଚୈତନିକ ନିମଜ୍ଜନ ମଧ୍ୟରୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଶବ୍ଦରେ ରୂପାଙ୍କନ କରେ ଜଡ଼, ଜୀବ, ଭୂଲୋକ, ନଭୋମଣ୍ଡଳର କ୍ରିୟା-ପ୍ରତିକ୍ରିୟା ଅଦୃଶ୍ୟ ପୁଣି ଇଥରର ନିରବ ଚିତ୍ରକୁ । କବି କେବଳ ନିଜ ଭୂଖଣ୍ଡର ବିଶ୍ୱସ୍ତ ବାର୍ତ୍ତାବହ ହୁଏ ନାହିଁ ବରଂ ଭୌଗୋଳିକ ସୀମାବଦ୍ଧତାରୁ ମୁକ୍ତ ହୋଇ ରବୀନ୍ଦ୍ରୀୟ ଦର୍ଶନକୁ ଆଲିଙ୍ଗନ କରି ସ୍ୱୀକାର କରେ ସେଇ ବିଶ୍ୱକବିଙ୍କ ଶବ୍ଦକୁ- "ଆମ୍ରା ବିଶ୍ୱେର୍ ମାନୁଷ୍, କେବଲ୍ ମାତ୍ର ଦେଶେର୍ ମାନୁଷ୍ ନୟ ।" "ରେନେଁସାର ଉତ୍ତର-ସାଧକ ଭାବରେ ରବୀନ୍ଦ୍ରନାଥ ସତ୍ୟସନ୍ଧିତ୍ସା, ବ୍ୟକ୍ତିସ୍ୱାତନ୍ତ୍ର୍ୟବୋଧ ଓ ବିଶ୍ୱମାନବତାର ପ୍ରତ୍ୟୟ ଉପରେ ଗଭୀର ଆସ୍ଥା ରଖିଥିଲେ । ସେ ବିଶ୍ୱାସ କରୁଥିଲେ ଯେ ମାନବ ମନରେ ଯାହା ଯୁକ୍ତିଶୀଳତା ରୂପେ ବିଦ୍ୟମାନ ତାହା ପ୍ରକୃତରେ ବିଶ୍ୱପ୍ରକୃତିର ଅନ୍ତର୍ନିହିତ ଶୃଙ୍ଖଳା ଆଉ ପ୍ରକୃତିର ଗତିଶୀଳତା ମାନବ ମଧ୍ୟରେ ମୁକ୍ତିସ୍ପୃହା ରୂପେ ଦେଖାଦିଏ ।" [୨] ମାନବତାବାଦ ହିଁ ବିଶ୍ୱବୀକ୍ଷାର ଆଦ୍ୟ ସୋପାନ ।

ଅଷ୍ଟାଦଶ ଶତାବ୍ଦୀର ଉତ୍ତରାର୍ଦ୍ଧ ଏବଂ ଊନବିଂଶ ଶତାବ୍ଦୀର ପୂର୍ବାର୍ଦ୍ଧରେ ବିଶ୍ୱବାଦ ସମ୍ମୁଖରେ ରୋମାଣ୍ଟିସିଜିମ୍‌ର ଯେଉଁ ପ୍ରସଙ୍ଗ ଉଠିଥିଲା, ତାହା ଫରାସୀ ସଂସ୍କୃତିର ମୂଲ୍ୟବୋଧ ବିରୋଧରେ ଜର୍ମାନୀର ଯୁଗାନ୍ତକାରୀ ଆହ୍ୱାନ ଥିଲା । ବିଦେଶୀ ସଂସ୍କୃତି ବିରୋଧରେ ନିଜର ଐତିହ୍ୟ, ମାତୃଭାଷା, ପୁରାତତ୍ତ୍ୱର ପରିଚିତିକୁ ମହତ୍ତ୍ୱ ଦେଇ ସେ ତା'ର ଅସ୍ମିତାକୁ ସ୍ଥାପନ କରିଥିଲା । ପାଶ୍ଚାତ୍ୟର ଆଧୁନିକ କବିମାନଙ୍କ ସାହିତ୍ୟରେ କ୍ରମେ ରାଷ୍ଟ୍ରୀୟତା, ସ୍ଥାନୀୟତା ଏବଂ ଆଞ୍ଚଳିକତା ଅତି ଅଭିନବ ଶୈଳୀରେ ଚିତ୍ରିତ ହେଲା ଯାହାକୁ ମାର୍କ୍ସ, ଏଙ୍ଗଲ୍‌ସ ନିଜ କମ୍ୟୁନିଷ୍ଟ ଅବଧାରଣା ମଧ୍ୟରେ ପରିଭାଷିତ କରିଥିଲେ । ଏହି ଅବଧାରଣାରେ ଥିଲା ବୈଶ୍ୱିକ ଚେତନା ପକ୍ଷ(universally conscience aspect)ର ବିବିଧ ରୂପ । ଯେଉଁଥିରେ ଅନ୍ତର୍ଭୁକ୍ତ ଥିଲା କବିର ମାନସିକ ଜଗତ, ପରିବେଶ, ପ୍ରକୃତି, ମନୁଷ୍ୟର ବିବିଧ ସଂପର୍କ ତଥା ପରମ୍ପରାପ୍ରାପ୍ତ ମୂଲ୍ୟର ପ୍ରତିବିମ୍ବନ । ଆଧୁନିକ ଋଷୀୟ କବି ଆନ୍ଦ୍ରେଇ ଭୋଜନେସନ୍‌ସ୍କି କବିତାକୁ ଅସୀମ ବିଶ୍ୱଦୃଷ୍ଟିର ଏକ ପ୍ରକୃଷ୍ଟ ମାଧ୍ୟମ ଭାବରେ ଅଭିହିତ କରି ମତ ଦେଇଥିଲେ- "କବିର କବିତା ସ୍ଫଟିକଟିଏ, ବିଶ୍ୱର ଦର୍ପଣଟିଏ, ସମନ୍ୱୟର ସଂରଚନାଟିଏ, ଚତୁଃପାର୍ଶ୍ୱର ଘଟନା ସମୂହର ନିର୍ଯ୍ୟାସକୁ ଧରି ରଖିଥିବା ଚିନ୍ତାଚେତନାର

ପଦ୍ଧତିଟିଏ, ସତ୍ୟକୁ ଆବିଷ୍କାର କରିବାର ପଥ ଓ ପ୍ରକ୍ରିୟାଟିଏ । କବିତା ସୀମା ବୁଝେ ନାହିଁ, ତା'ର ନା ନିର୍ଦ୍ଦିଷ୍ଟ ରାଜ୍ୟ ଥାଏ ନା ରାଜଧାନୀ, ଭାଷା ଅନେକ କବିତା ଏକ ।" [୩]

ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର ପ୍ରଥମ ପର୍ଯ୍ୟାୟରେ କବି ଜେରୋସ୍ଲାଭ ସାଇଫର୍ଟ, ପାବ୍ଲୋ ନେରୁଦା, ୟାନିସ୍ ରିଚ୍‌ସୋ, ପଲ୍ ସେଲାନ୍, ଟେଡ୍ରୁସ୍ ରୋଜେଓ୍ୱିକ୍, ଫିଲିପ୍ ଲାର୍କିନ୍, ଚେସ୍‌ଲ ମିଲୋଷ, ଅକ୍ଟାଭିଓ ପାଜ୍, ଇଟାଲୀୟ କବି ଆନ୍ଦ୍ରିୟା ଜାଞ୍ଜୋଟୋ, ପର୍ତ୍ତୁଗାଲର କବି ଇୟୁଗେନିଓ ଆନ୍ଦ୍ରାଦେ, ଫରାସୀ କବି ୟୁବ୍ ବୋନେଫୟ, ଇସ୍ରାଏଲୀ କବି ୟେହୁଦା ଆମିଆଇ, ସୁଇଡିଶ୍ କବି ଟମାସ୍ ଟ୍ରାନ୍‌ସଟ୍ରୋମର, ରୋମାନିଆର କବି ମାରିନ୍ ସୋରେସ୍କୁ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଜିଗ୍ନିଓ ହର୍ବର୍ଟ, ଘାନାର କୋଫି ଆଓ୍ୱନୋର ପ୍ରମୁଖଙ୍କ କବିତାରେ ବ୍ୟକ୍ତିକ ଆବେଗ ସହିତ ସତ୍ୟର ରହସ୍ୟ ଏବଂ ଉପଲବ୍ଧି ପୁଣି ବିଶ୍ୱବୋଧର ମିଶ୍ରରାଗ ଉଚ୍ଚାରିତ ହୋଇଛି ।

ଓଡ଼ିଆ ସାହିତ୍ୟରେ କବିବର ରାଧାନାଥ ରାୟ ବିଶ୍ୱଗବାକ୍ଷର ନିକଟବର୍ତ୍ତୀ ହୋଇ ନିଜ କ୍ଷେତ୍ରୀୟ ପ୍ରକୃତିକୁ ପ୍ରଗାଢ଼ ସୌନ୍ଦର୍ଯ୍ୟମୟ ପରିବେଶରେ ଆବିଷ୍କାର କରିଛନ୍ତି । ତାଙ୍କ ଉପରେ ପାଶ୍ଚାତ୍ୟ କବି ସ୍କଟ୍, ଓ୍ୱାର୍ଡସଓ୍ୱର୍ଥ, ବାଇରନ୍, କୀଟ୍‌ସ ଇତ୍ୟାଦି କବିଙ୍କର ରସ-ବୋଧ ଏବଂ ପ୍ରକୃତି ପ୍ରତି ସେମାନଙ୍କର ଦୃଷ୍ଟିକୋଣର ପ୍ରଭାବ ରହିଛି । ପ୍ରକୃତି ସହିତ ମାନବୀୟ ନୀତିବୋଧକୁ ଆଧାର କରି ରାଧାନାଥଙ୍କ କବିତା କେତେବେଳେ ତାଙ୍କ ଦାର୍ଶନିକତାର ତ ପୁଣି କେତେବେଳେ ତାଙ୍କ ଭୂୟୋଦୃଷ୍ଟିର ସ୍ୱାକ୍ଷର ବହନ କରିଛି । ସକଳ ପ୍ରାଣୀଙ୍କ ଆର୍ତ୍ତିକୁ ନିଜ ଭିତରେ ଅନୁଭବ କରିପାରିଥିବା ସନ୍ଥକବି ଭୀମଭୋଇଙ୍କ ଆତ୍ମାର ସେଇ ନମ୍ର ଉଚ୍ଚାରଣ ଓ ବିଶ୍ୱମାନବତାବୋଧର ଆଦ୍ୟ ନିର୍ଘୋଷ ପ୍ରଦାନକାରୀ କବିଚିତ୍ତରେ ତାହା ସାମାନ୍ୟମାତ୍ର ଆୟୋଜନ ନ ଥିବ ଯେ ଯୁଗାବ୍ଦିପରେ ସେହି ଶବ୍ଦସବୁ ବିଶ୍ୱଭୂମିପରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ' - ଏହି ଆତ୍ମୋତ୍ସର୍ଗର ଆକାଂକ୍ଷା କବି ଚେତନାର ଆତ୍ମିକ ଜାଗରଣର ନିର୍ମଳ ଅବବୋଧ । ଅପରର ଦୁଃଖକୁ ନିଜ ଭିତରେ ଅନୁଭବ କରିବା ହିଁ ତ ବିଶ୍ୱଚେତନା । ଯେଉଁଠି ମେହେରୀୟ ଭାବପ୍ରବଣତା ମଧୁକ୍ଷରା ଜଗତ ସହିତ ମାନବକୁ ପରିଚିତ କରାଇ କୁହେ- "ବିଶ୍ୱ ଦେଖ ମଧୁମୟରେ ଜୀବନ" ସେଇଠି ଜଡ଼, ଚେତନ, ଅଚେତନ, ସ୍ଥାବର, ଜଙ୍ଗମର ସ୍ଥିତି ପ୍ରତି ମଧ୍ୟ କବି ସଚେତନ ହୋଇ ଭୌତିକ ମାୟାବୀ ନିଦ୍ରାରୁ ମୁକ୍ତ ହୋଇ ବିଶ୍ୱମାନବ ସାଜେ ।

ମାନବତାବାଦର ବୀଜମନ୍ତ୍ରକୁ ଉପବୀତ ଭାବରେ ଧାରଣ କରିଥିବା ଉତ୍କଳମଣି ଗୋପବନ୍ଧୁ ଦାସ ବିଶ୍ୱଚେତନା ପାଖରେ ଓଡ଼ିଆ ଜାତି ନତମସ୍ତକ । 'ସତ୍ୟବାଦୀ'ରେ ତାଙ୍କର ସ୍ୱୀକରଣ ତାଙ୍କ ବିଶ୍ୱଦୃଷ୍ଟିର ପରିଚାୟକ ହୋଇଛି । "ନଦୀ, ଗିରି, ପ୍ରାନ୍ତର ଦ୍ୱାରା ଅବିଚ୍ଛିନ୍ନ ବିଭିନ୍ନ ଦେଶଖଣ୍ଡରେ ମାନବର ଆକାର-ପ୍ରକାର, ବ୍ୟବହାର, ରୀତି-ନୀତି ପୃଥକ୍ ହେଲେ ସୁଦ୍ଧା ମାନବୀୟ ପ୍ରକୃତି ଏକ ଓ ଅବିଚ୍ଛିନ୍ନ । ମାନବର ଲକ୍ଷ୍ୟ ଅଖଣ୍ଡ ।" [୪] ସମ୍ଭବତଃ ଏହି ବିଚାର ତାଙ୍କୁ କୁହାଇଥିବ- "ବିଶ୍ୱଜୀବନ ପରିଧିରେ ରଚି ସମ୍ମୋହ କାରାପୁରୀ / ବାହାରେ ଅଛି ଯେ ବିପୁଳ ଜୀବନ / ମୁଁ ତ ନ ପରିବି ଏଡ଼ି / x x x / ଚାଲିଯାଏ ଆଦି ଚାଲିଯାଏ ମୁହିଁ ବିଶ୍ୱ ଜୀବନପଥେ ।"

ପୁଣି ମଧ୍ୟ 'କାରାକବିତା'ରେ ତାଙ୍କ ଶବ୍ଦ- "ବିଶ୍ୱହିତ ଯା'ର ଆହାର ବିହାର / କରେ ବିଶ୍ୱହିତେ ସେ ଜୀବନଦାନ ।"

ଆଧୁନିକ ଓଡ଼ିଆ କବିତାରେ ମଧୁସୂଦନ ରାଓ, ନୀଳକଣ୍ଠ ଦାସ, ସଚ୍ଚି ରାଉତରାୟ, ବୈକୁଣ୍ଠନାଥ ପଟ୍ଟନାୟକ, କାଳିନ୍ଦୀଚରଣ ପାଣିଗ୍ରାହୀ, ଗୋଦାବରୀଶ ମହାପାତ୍ର, ମାୟାଧର ମାନସିଂହ, ଗୋଦାବରୀଶ ମିଶ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର, କୁନ୍ତଳା କୁମାରୀ ସାବତ, ରାଧାମୋହନ ଗଡ଼ନାୟକ, କୁଞ୍ଜବିହାରୀ ଦାଶ, ଜ୍ଞାନୀନ୍ଦ୍ର ବର୍ମା, ନିର୍ମଳା ଦେବୀ, ବିନୋଦ ଚନ୍ଦ୍ର ନାୟକ, ବେଣୁଧର ରାଉତ, ଜାନକୀବଲ୍ଲଭ ମହାନ୍ତି, ଗୋପାଳଚନ୍ଦ୍ର ମିଶ୍ର, ଚିନ୍ତାମଣି ବେହେରା, ବିଦ୍ୟୁତ୍‌ପ୍ରଭା ଦେବୀ ପ୍ରମୁଖ କବିଗଣ କବିତାର ଚେତନାଗତ ସ୍ତରକୁ ବିବିଧ ଅନୁଭବାତ୍ମକ ପ୍ରଲେପ ଦେଇ ପରିପୁଷ୍ଟ କରିଛନ୍ତି । ରୋମାଣ୍ଟିକ୍ ଅବବୋଧ ସହିତ ଜାତୀୟତା, ରହସ୍ୟବାଦିତା, ବିଷାଦବୋଧ ଏବଂ ଆତ୍ମିକ ଜାଗୃତିର ସ୍ୱର ସେମାନଙ୍କ କବିତାକୁ ଆଚ୍ଛନ୍ନ କରିଛି । ଏଠାରେ ଜାଗତିକ କଲ୍ୟାଣକାମୀ କବି ଚେସ୍‌ଲ ମିଲୋଷଙ୍କ କବିତା 'ସ୍ମୃତିର ଶତାବ୍ଦୀ'ର ଅନୁବାଦକ କବି ପ୍ରମୋଦ ସରଙ୍କ ପଙ୍‌କ୍ତି ଉଲ୍ଲେଖନୀୟ- "ଥରଟେ କ'ଣ ମନେପକାଅ ନାହିଁ / କ୍ରୁଶରେ ଘଟିଥିବା ସେଇ ମୃତ୍ୟୁକୁ / ଯଦିଓ ପ୍ରତ୍ୟେକ ଦିନ ସେ ମୃତ୍ୟୁଲାଭ କରୁଥାନ୍ତି / କେବଳ ଜଣେ ସମସ୍ତଙ୍କ ସେଇ ପ୍ରେମର ପୁରୁଷ / କୌଣସି ପ୍ରୟୋଜନ ବ୍ୟତିରେକ / ଯିଏ ସବୁ କିଛିର ଅସ୍ତିତ୍ୱକୁ ମାନି ନେଇଥିଲେ / ଏପରିକି ଯନ୍ତ୍ରଣାଭରା କଣ୍ଟାକ୍ଷତକୁ ବି ।"

କବିର ଶବ୍ଦ ସବୁବେଳେ ତତାଏ ଓ ସମାଜକୁ ହେଜାଏ । କବି ମାୟକୋଭସ୍କି ମଧ୍ୟ ନିଜ ଭିତରେ କ୍ରୁଶବିଦ୍ଧ ହେବାର ଯନ୍ତ୍ରଣାକୁ ଅନୁଭବ କରି ଅନୁରୂପ ଭାବରେ କହିଥିଲେ- "Wherever pain is, there am I with single drop of tear that is shed I myself am crucified." ସବୁଜ କବିଙ୍କର ରୋମାଣ୍ଟିକ୍ ମିଷ୍ଟିକ୍ ଏବଂ ପ୍ରୋଗ୍ରେସିଭ୍ ଦୃଷ୍ଟିକୋଣକୁ ଆପଣା କବିତାର ଅନୁପ୍ରେରକ ଶକ୍ତି ରୂପେ ମାନିନେଇ ସେମାନେ ବିଶ୍ୱଭୂମିରୁ ପ୍ରେରଣା ସଂଗ୍ରହ କରିଛନ୍ତି । ଯେଉଁଠି ଅନ୍ନଦାଶଙ୍କର 'ଡାକେ ମୋତେ ବିଶ୍ୱର ଆକାଶ' ବୋଲି ଉଚ୍ଛ୍ୱସିତ କବି ସଚ୍ଚି ରାଉତରାୟ ସେଇଠି ଉଚ୍ଚକିତ- "ମୁଁ କବି ଧରିତ୍ରୀର, ମାଟିର ଓ ମଣିଷର କଥା । / ଗାଇବା ମୋ ଧର୍ମ ମଣେ ଏ ପୃଥିବୀ, ଏ ଆକାଶ କଥା ।" (କବିତାର ଏକ ସଂଜ୍ଞା / ସଚ୍ଚି ରାଉତରାୟ)

ନବଚେତନାର ସଂବାହକ କବି ସଚ୍ଚିଦାନନ୍ଦଙ୍କ 'ନ୍ୟୁୟର୍କ ଏୟାରପୋର୍ଟ'ର ନିର୍ଦ୍ଧୁମ ସକାଳ, ବିନୋଦ ଚନ୍ଦ୍ର ନାୟକଙ୍କ 'ଅଷ୍ଟ୍ରେଲିଆ' ମରୁପ୍ରାନ୍ତର ଛବି ତଥା 'ସୁମେରୁରେ ସନ୍ଧ୍ୟା' ଦୂର ବିସ୍ମୟ ସଂଚାର କରିବା ସଂଗେ ସଂଗେ ଭୌଗୋଳିକ ବିଶ୍ୱଚେତନାବୋଧର କଥା କହେ । ଇଲିଅଟ୍‌ଙ୍କ ପ୍ରଭାବୀ ସାହିତ୍ୟକୁ ନେଇ ଓଡ଼ିଆ କବିତା କ୍ଷେତ୍ରରେ ଗୁରୁପ୍ରସାଦ ମହାନ୍ତି ସ୍ମରଣୀୟ । ସମସାମୟିକ କବିମାନଙ୍କ ମଧ୍ୟରେ ବେଣୁଧର ରାଉତ, ଜାନକୀ ବଲ୍ଲଭ ମହାନ୍ତି, ସୌରୀନ୍ଦ୍ର ବାରିକ, ଦୀପକ ମିଶ୍ର, ଭାନୁଜୀ ରାଓ ଓ ବିଭୁଦତ୍ତ ମିଶ୍ରଙ୍କ ନାମ ସ୍ମରଣୀୟ ।

୧୯୬୮-୮୦ର କବିତାରେ ବିବିଧ ନବ ଚେତନାର ପରୀକ୍ଷଣ ହୋଇଛି । କବିର ମୌଳିକ ଜୀବନଦୃଷ୍ଟି ଅନୁଭୂତିରସାଣିତ ହେଲେହେଁ ଅଧିକ ପ୍ରଜ୍ଞାନିଷ୍ଠ ହୋଇଛି । "ଜୀବନକୁ ସମକାଳୀନ ଜ୍ଞାନ ବିଜ୍ଞାନର ବହୁଧାରା, ଚେତନା ସମୃଦ୍ଧ ବିଶ୍ୱମାନସିକତା ତଥା ସ୍ୱପରିବୋ ଓ ପରମ୍ପରାର ଭାବ ନିୟନ୍ତ୍ରଣ କରୁଥିବାରୁ, ଜୀବନ ପ୍ରତି କବିର ଦୃଷ୍ଟିଭଙ୍ଗୀ ହୋଇଛି ବିଶ୍ୱସ୍ତ ଓ ବ୍ୟାପ୍ତ । ପାଶ୍ଚାତ୍ୟ ଦୃଷ୍ଟି ବଦଳିଛି ଏବଂ ମୌଳିକ ମାନସିକତା ସହିତ ସମନ୍ୱୟବାଦୀ ବିଶ୍ୱ ମାନସିକତାର ବିକାଶ ଘଟିଛି ।" [୫]

ରମାକାନ୍ତ ରଥଙ୍କ 'ସନ୍ଦିଗ୍ଧ ମୃଗୟା', 'ସପ୍ତମ ଋତୁ', ସୀତାକାନ୍ତ ମହାପାତ୍ରଙ୍କ 'ସମୟର ଶେଷନାମ', 'ଜାରାଶବରର ସଂଗୀତ', ଜଗନ୍ନାଥ ପ୍ରସାଦ ଦାସଙ୍କ 'ମୃତ୍ୟୁବୋଧ', 'ପ୍ରତ୍ୟାଗମନ', ସୌଭାଗ୍ୟ କୁମାର ମିଶ୍ରଙ୍କ 'ନଇ ପହଁରା', 'ମଧ୍ୟପଦଲୋପୀ', 'ଅନ୍ଧ ମହୁମାଛି', ରାଜେନ୍ଦ୍ର କିଶୋର ପଣ୍ଡାଙ୍କ 'ଜୀବନପ୍ରତି', ପ୍ରତିଭା ଶତପଥୀଙ୍କ 'ଅଜରାମର', ସଂଘମିତ୍ରା ମିଶ୍ରଙ୍କ 'ମମତାର ଉପପାଦ୍ୟ' ପ୍ରଭୃତି କବିତାରେ କାବ୍ୟଚେତନାର ବିଶ୍ୱମାନସିକତା ହୃଦ୍ୟ ହୁଏ । ତେବେ ୧୯୬୭ ମସିହା ପରବର୍ତ୍ତୀ ସମୟରେ ଅନେକ ଶକ୍ତିଶାଳୀ କବି ଆଧୁନିକ ବିଶ୍ୱଚେତନାର ବାର୍ତ୍ତାବହ ସାଜିଛନ୍ତି । କବି ପ୍ରତିଭା ଶତପଥୀଙ୍କ ସମ୍ବେଦନାର ଶବ୍ଦ କବିତାର ଶବ୍ଦ ପରେ ଶବ୍ଦ ବାହାରି ଆସିଲା-

"ପର୍ବତରୁ ନିର୍ଝର ପରି / ପୀଡ଼ା ଓ ସହନଶୀଳତାକୁ / ମୂର୍ତ୍ତିମନ୍ତ କରି ତୋଳିଲା ।" (ଅଜରାମର - ସମ୍ବଳ)

୧୯୮୦ ମସିହା ପରେ ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ନୂତନ ଭାବଧର୍ମୀ ପ୍ରୟୋଗକାରୀ କବିଗଣଙ୍କ ମଧ୍ୟରେ ଅଛନ୍ତି ବଂଶୀଧର ଷଡ଼ଙ୍ଗୀ, ପ୍ରମୋଦ କୁମାର ମହାନ୍ତି, ମମତା ଦାଶ, ଗିରିଜାକୁମାର ବଳୀୟାରସିଂହ, ଆଶୁତୋଷ ପରିଡ଼ା, ଶତ୍ରୁଘ୍ନ ପାଣ୍ଡବ, ହୃଷୀକେଶ ମଲ୍ଲିକ, ଅମରେଶ ପଟ୍ଟନାୟକ, ଫନୀ ମହାନ୍ତି, ଅପର୍ଣ୍ଣା ମହାନ୍ତି, ସେନାପତି ପ୍ରଦ୍ୟୁମ୍ନ କେଶରୀ, ସୁନୀଲ ପୃଷ୍ଟି, ପ୍ରବାସିନୀ ମହାକୁଡ଼, ପ୍ରଦୀପ ବିଶ୍ୱାଳ, ସୂର୍ଯ୍ୟ ମିଶ୍ର, ଶତ୍ରୁଘ୍ନ ପାଣ୍ଡବ, ମନୋଜ ମେହେର, ସୁଚେତା ମହାନ୍ତି, ଈପ୍‌ସିତା ଷଡ଼ଙ୍ଗୀ ପ୍ରମୁଖ । ୧୯୮୦ ମସିହା ପରବର୍ତ୍ତୀ କବିତାରେ ରହିଛି ବ୍ୟକ୍ତିସତ୍ତାର ଅନ୍ୱେଷାବୋଧ ସହିତ ବିଶ୍ୱର ଘଟଣ-ଅଘଟଣ, ସ୍ଥିତି-ପ୍ରକୃତିକୁ ନେଇ କବିର ଆଙ୍ଗିକ ତଥା ଆତ୍ମିକ ପ୍ରୟୋଗ । କବି ଆଶୁତୋଷ ପରିଡ଼ାଙ୍କ 'ଦେଶବାସୀ' କବିତାରେ କବିଆତ୍ମା ଦୁଃଖୀ-ମଣିଷର ଅସହାୟ ସ୍ଥିତିକୁ ଅନୁଭବ କରି ନିରବିତ ସନ୍ତାପରେ ବିଦଗ୍ଧ । "ଶିରଳା ସାତସିଆଁ ଦେହ ଭିତରୁ / ତୁମର ଆଉ କ'ଣ କହିବାକୁ ଥାଏ / ନିର୍ଲିପ୍ତ ଦେଶକୁ / ତୁମ ଚାରିପାଖରେ ଠିଆ ହୋଇଥିବା / ତୁମରି ଭଳି ଦୁଃଖମାନଙ୍କୁ ?" (ଦେଶବାସୀ/ ଆଶୁତୋଷ ପରିଡ଼ା)

ପୁଣି କେବେ ସେ ହଜାର ହଜାର ମଣିଷଙ୍କ ଟୁକୁରା ଜୀବନକୁ ଶବ୍ଦକୁ ସମାଜ ସମ୍ମୁଖରେ ପହଞ୍ଚାଇବାକୁ ପ୍ରୟାସ କରିଛନ୍ତି- "ଦେଖ, ମୁଁ ଗୋଟାଇ ଆଣିଛି / ସବୁ ହଜିଯାଇଥିବା କଥା, / ପରିତ୍ୟକ୍ତ ସଂଳାପ, ନିଷିଦ୍ଧ ଉଚ୍ଚାରଣ / ଦୟା ଭିତରୁ ମୁକୁଳି ଆସିଥିବା କାନ୍ଦଣା, / ଦୁଃଖ ଠାରୁ ଖସି ଆସିଥିବା ଦୀର୍ଘଶ୍ୱାସ, / ମୁଁ ଗୋଟାଇ ଆଣିଛି ପଥର, / ଧକ୍ ଧକ୍ ହୃତ୍‌ପିଣ୍ଡ ଓ ତାରାଙ୍କ ବିସ୍ଫୋରଣ ।" (କୋଳାହଳ)

କବି ଅମରେଶ ପଟ୍ଟନାୟକ ଗୁଳାବନ୍ଧା ଜୀବନରେ ନିଖୋଜ ନିଜକୁ ଖୋଜୁ ଖୋଜୁ ବିଭକ୍ତ ବ୍ୟକ୍ତିତ୍ୱକୁ ବିଚ୍ଛିନ୍ନ ଆକାଶର ଝରଝର ଦେହରେ ଖୋଜିପାଉଛନ୍ତି । କାରଣ ସେ ବୁଝନ୍ତି ମାଟିକୁ ଅନେଇ ବସିଲେ ବୟସ ମାଡ଼ିବସିବ । ତେଣୁ ସେ ଆକାଶଠାରୁ ଆଶ୍ୱାସ ଲୋଡ଼ିଛନ୍ତି । (ଛନ୍ଦ ବିଛନ୍ଦ) କବି ବିପିନ୍ ନାୟକ 'ଶୁକ ଉବାଚ' କବିତାରେ ଜୀବ-ଜଗତର ଓ ସୃଜନର ଉତ୍ସ ଭାବରେ ଶବ୍ଦକୁ ଗୁରୁତ୍ୱ ଦେଇଛନ୍ତି- "ସୃଜନ ମୂଳେ ଶବଦ ଥାଇ / ଜୀବଜଗତ ପ୍ରକାଶଇ । / ଅନ୍ଧାର ଆଲୋକ ଅଦୃଶ୍ୟ / ଶବ୍‌ଦର ତୁଲେ ପରକାଶ । / ସଂସାର ଘେନିଥାଏ ଅର୍ଥ / ସୃଷ୍ଟିର ଯେତେକ ପଦାର୍ଥ ।" (ଶୁକ ଉବାଚ)

କବି ଶୁଭେନ୍ଦୁ ମୁଣ୍ଡଙ୍କ କବିତା ବ୍ୟାପ୍ତି ଚାହିଁଛି- "ଚଢ଼େଇମାନଙ୍କ ଆକାଶ ଦେଖିବାକୁ ଯିବା ମୋର / ହୁଏତ ହୋଇପାରେ ଆବଶ୍ୟକ / କିନ୍ତୁ ଶବ୍ଦର ପାଚେରି ଡେଇଁ ଯିବାକୁ / ନା ଅଛି / ମୋର ପ୍ରସ୍ତୁତି,/ ନା ସମୟ ।"

ସୌଭାଗ୍ୟବନ୍ତ ମହାରଣାଙ୍କ ସେଦିନ ସୁନାମି ସକାଳରେ ନିଦ୍ରାଳୁ ମଣିଷଙ୍କ ମୃତ୍ୟୁର ଦଲିଲ୍ ଓ ବିପର୍ଯ୍ୟୟର ଚିତ୍ର ବର୍ଣ୍ଣିତ । ଏହି ସମୟର କବି ସଂଗ୍ରାମ ଜେନା, ଅଶ୍ୱିନୀ କୁମାର ମିଶ୍ର, ଭରତ ବେହେରା, ତୀର୍ଥାନନ୍ଦ ମିଶ୍ର, ରଞ୍ଜିତା ନାୟକ, ସନତ୍ ରାୟ, ଅମରେନ୍ଦ୍ର ଖଟୁଆ, ପ୍ରବାସିନୀ ମହାକୁଡ଼, ଜ୍ୟୋତ୍ସ୍ନା ଦାସ, ଅକ୍ଷୟ ବେହେରା, ପ୍ରସନ୍ନ ମହାନ୍ତି ପ୍ରମୁଖ ।

କବି ରଞ୍ଜିତା ନାୟକଙ୍କ ଶବ୍ଦରେ- "ସ୍ୱପ୍ନ ପରି ଲାଗୁଚି ସବୁ / ମୁଖ ଗହ୍ୱରରେ ସାତ ସମୁଦ୍ର, ଗଛବୃଛ / ପୁଞ୍ଜା ପୁଞ୍ଜା ପାହାଡ଼-ପର୍ବତ, ପଶୁପକ୍ଷୀ / ମାଳମାଳ ବ୍ରହ୍ମାଣ୍ଡ ଓ ତା' ଭିତରେ ମୁଁ ।" (ପଦ୍ମଗନ୍ଧା)

ଶତ୍ରୁଘ୍ନ ପାଣ୍ଡବଙ୍କ ଶବ୍ଦରେ- "ଅସ୍ତ୍ରମାନେ ସବୁକାଳେ ନିରୀହ ମାଂସର / ସନ୍ଧାନରେ ଇ ଯାଆନ୍ତି /ମନ୍ଦିର ମସଜିଦ୍ ଗୀର୍ଜା ଭାଙ୍ଗିପଡ଼େ ।"

କବି କମଳ କୁମାର ମହାନ୍ତି କହନ୍ତି- "ଇତିହାସ ଯଦି ବଖାଣିବ / ପ୍ରାଚ୍ୟ ହେଉ କି ମଧ୍ୟ ପ୍ରାଚ୍ୟ / ତା'ର ସଂସ୍କାର ଆଗରେ / ବସ୍ତୁବାଦର ଉଗ୍ର ଆଲୁଅ / ଫିକା ପଡ଼ିଯିବ । x x x / ଶୁଭିଲାଣି କ୍ଷୀଣ ସ୍ୱରେ / ମାନବବାଦର ମହାମନ୍ତ୍ର / ପୋଥିପୁରାଣ ଫର୍ଦ୍ଦ ଟୁକୁରା ଟୁକୁରା କରି / ପବନ ଝିଙ୍କିନିଏ ପଡ଼ିରହେ ସବୁ ସ୍ମୃତି ।" (ସାରବମତି/ ଶତ୍ରୁଘ୍ନ ପାଣ୍ଡବ)

"ବାଗ୍‌ଦାଦ୍ ଆହା ବାଗ୍‌ଦାଦ୍ / ତୁମେ ଖୋଲିଦିଅ / ବିଶ୍ୱକୁ ଗବାକ୍ଷ ।"

କବି ସୁଚେତା ମିଶ୍ର ତାଙ୍କ କବିତାରେ ଧସେଇ ଯାଉଥିବା ମଣିଷର ଜୀବନକୁ ପୁଣି ବ୍ୟବସ୍ଥିତ ଅବସ୍ଥାରେ ଦେଖିବାକୁ ଚାହୁଁଛନ୍ତି । ତାଙ୍କ ଶବ୍ଦରେ- "ପୃଥିବୀର କନ୍ଦଳରେ ଛଳଛଳ ସବୁ ସକାଳ ସଂଜ / ଏବେ ଖାଲି ଭଲପାଇବାର କଥା କୁହ / ହୁଏତ ଫେରାର ପକ୍ଷୀମାନେ ଫେରିବେ / ତାଙ୍କ ପରିତ୍ୟକ୍ତ ବସାକୁ ।" (ଏବେ ଖାଲି ଭଲପାଇବାର କଥା କୁହ)

କବି ଈପ୍‌ସିତା ଷଡ଼ଙ୍ଗୀ ନୂତନ ପୃଥିବୀର ସ୍ୱପ୍ନ ଦେଖିଛନ୍ତି ତାଙ୍କର 'ଆରମ୍ଭ' କବିତାରେ, ଯେଉଁଠି ସେ ଉଚ୍ଛ୍ୱସିତ- "ଶୂନ୍ୟକୁ ଫେରେଇ ଦେବି / ସମସ୍ତ ଅଳୀକତା / ନିଆଁରେ ଜାଳିଦେବି/ ସମସ୍ତ ହିଂସା ପ୍ରତିହିଂସା / ତେବେ କ'ଣ ସମ୍ଭବ ପ୍ରବର୍ତ୍ତନ /ନୂତନ ପୃଥିବୀର ?" (ଆରମ୍ଭ-୨)

"ଭଲ କବିତା ସବୁଦିନ ବିଶ୍ୱକବିତା । ଭାଷା-ସଂସ୍କୃତି-ଇତିହାସ-ପରମ୍ପରାର ଊର୍ଦ୍ଧ୍ୱରେ ଏକ ସାର୍ବଜନୀନ ସତ୍ୟକୁ ଆବିଷ୍କାର କରିବାର ପ୍ରକ୍ରିୟାଟିଏ । ରୂପଗତ ବୈଚିତ୍ର୍ୟ, ବୈଶିଷ୍ଟ୍ୟ ଓ ବିସ୍ମୟର ଅନ୍ତରାଳରେ ଫୁଟି ଉଠୁଥିବା ନିର୍ବିଶେଷ ସତ୍ୟର ରହସ୍ୟ ପାଖରେ ପହଞ୍ଚିବାର ପ୍ରୟାସଟିଏ । ଯାବତୀୟ ସୀମାବଦ୍ଧତା ଦେଇ ଅସୀମ ଅଭିସାରର ଅଭିଳାଷ ପୋଷେ କବିତା; ସୀମା ଓ ସ୍ୱାତନ୍ତ୍ର୍ୟର ସୌନ୍ଦର୍ଯ୍ୟ, ଅସୀମତା ଓ ଅଭିନ୍ନତା ହିଁ ସତ୍ୟ ।" (୬)

ପ୍ରକୃତରେ କବି ଅହଂ ଗଣ୍ଠିରୁ ଉନ୍ମୁକ୍ତ ହେଲେ ଯାଇ ସବୁ ଭ୍ରମ (illusion) ନଷ୍ଟ ହୁଏ ଏବଂ ତା'ର ଚେତନାସ୍ତର ବିସ୍ତୃତ ହୋଇ ସେ ବିଶ୍ୱଚେତନାର ବଳୟକୁ ପ୍ରବେଶ କରେ । ଥରେ ବିଶ୍ୱଚେତନାକୁ ଉପଲବ୍ଧି କରିବା ପରେ ଜାଗତିକ ପ୍ରତିଟି ଅବସ୍ଥାକୁ ସେ ନିଜ ଭିତରେ ଉପଲବ୍ଧି କରେ । ଏହା ହିଁ କବିର ବିଶ୍ୱବୋଧ (Cosmic Awareness) । କବି ତୁଳସୀ ଦାସଙ୍କ ଚିରନ୍ତନୀ ଦୋହା ଏଠାରେ ଉଲ୍ଲେଖଯୋଗ୍ୟ-

"ଈଶ୍ୱର ଅଂଶ ଜୀବ ଅବିନାଶୀ ଚେତନ ଅମଲ ସହଜ ସୁଖ ରାଶି ।"

ଚେତନା ହିଁ ଆତ୍ମା ଏବଂ ଏହା ସ୍ଫଟିକତୁଲ୍ୟ ଶୁଦ୍ଧ ଏବଂ ଆନନ୍ଦମୟ । ହୁଏତ କବି ମଣିଷଟି ନିଜସ୍ୱ ଏବଂ ବିଶ୍ୱର ଅସ୍ତିତ୍ୱକୁ ନେଇ ଭ୍ରମିତ ହୋଇପାରେ, ମାତ୍ର ଚେତନା (conscience) କଦାପି ଭ୍ରମ (illusion) ହୋଇପାରେ । 'ଚେତନା' ସର୍ବଦା ଦେହଭାବ (Ego)ର ନିମ୍ନତମ ସ୍ତରରୁ ଉଚ୍ଚତମ ସ୍ତରରେ ପହଞ୍ଚାଏ । ଯେବେଠୁ କବି ସଚରାଚର ବିଶ୍ୱାନୁଭୂତିକୁ ପାଥେୟ କରି ବିଶ୍ୱମୟ ହୋଇଯାଏ, ସେ ସେବେଠାରୁ 'ମୁଁ' - 'ଆମେ'ରେ ପରିଣତ ହୋଇସାରିଥାଏ । ବିଶ୍ୱର ଅମୃତ ସିନ୍ଧୁରେ ସେ ମାତ୍ର ଏକ ବିନ୍ଦୁ ପାଲଟେ ଏବଂ ତାହା ହିଁ ପ୍ରକୃତରେ ବିଶ୍ୱଚେତନା (Cosmic Awareness) ।

**ପାଦଟୀକା:**


୧. ଦାସ ଦାଶରଥି - ଓଡ଼ିଆ ସାହିତ୍ୟ ଚିନ୍ତା - ଏନ୍.ବି.ଟି. - ପୃ:୨୪୭
୨. କର ବାଉରୀବନ୍ଧୁ - ସୁବର୍ଣ୍ଣ ସମାଲୋଚନା - ଫ୍ରେଣ୍ଡ୍‌ସ ପବ୍ଲିଶର୍ସ- ୨୦୧୯ - ପୃ: ୫୩୪
୩. ସର ପ୍ରମୋଦ - ଅନେକ ଶବ୍ଦ ଏକଇ ନୀରବତା - ପ୍ରକାଶକ-ଅନୁସୃଷ୍ଟି- ୨୦୧୩ - ପୂର୍ବାଭାସ
୪. କର ବାଉରୀବନ୍ଧୁ - ସୁବର୍ଣ୍ଣ ସମାଲୋଚନା - ଫ୍ରେଣ୍ଡ୍‌ସ ପବ୍ଲିଶର୍ସ- ୨୦୧୯ - ପୃ: ୫୩୩
୫. ପାଣ୍ଡବ ଶତ୍ରୁଘ୍ନ - ଆଧୁନିକ ଓଡ଼ିଆ କବିତାର ଉତ୍ତରାୟଣ - ଆର୍ଯ୍ୟବେଦାନ୍ତ ପବ୍ଲିକେଶନ୍-୨୦୦୭ - ପୃ: ୩୪
୬. ସର ପ୍ରମୋଦ - ଅନେକ ଶବ୍ଦ ଏକଇ ନୀରବତା - ପ୍ରକାଶକ-ଅନୁସୃଷ୍ଟି- ୨୦୧୩ - ପୂର୍ବାଭାସ

# ସାହିତ୍ୟରେ ଅସହିଷ୍ଣୁତା

ଆମେ ଯେଉଁମାନେ ସାହିତ୍ୟ-ଜଗତ ସହିତ ଜଡ଼ିତ ଏବଂ ଲେଖାଲେଖିରେ ମନୋନିବେଶ କରି ଏକ ଲେଖକୀୟ ପରିଚିତି, ପ୍ରସିଦ୍ଧି ବା ଖ୍ୟାତି ଅର୍ଜନ ପୂର୍ବକ ସମ୍ମାନଜନକ ସ୍ଥିତିରେ ସମାଜରେ କାଳାତିପାତ କରୁଛୁ, ସମାଜ ଆମ ଠାରୁ ଅନୁରୂପ କଥା ଆଶା କରିଥାଏ । ବର୍ତ୍ତମାନ ସମୟରେ ସାହିତ୍ୟରେ ବିସଙ୍ଗତିର ଇୟତ୍ତା ନାହିଁ । ନାନାପ୍ରକାର ନହେବା କଥା ହିଁ ସାହିତ୍ୟରେ ଘଟୁଛି ଏବଂ ଦିନକୁ ଦିନ ଆମେ ଜଣେ ଲେଖକ ଭାବରେ ଆମର ମାନସମ୍ମାନ ହ୍ରାସ କରି ଚାଲିଛୁ । ଲେଖାଲେଖି କରିବା କ୍ଷେତ୍ରରେ ଯେଉଁମାନେ ସାଧନାରତ ସେମାନେ ଅନ୍ୟ ସାଧାରଣ ମଣିଷମାନଙ୍କ ଠାରୁ ବହୁ ଦିଗରୁ ଭିନ୍ନ । ସେମାନଙ୍କ ଅବବୋଧ, ଚିନ୍ତନ, ବିଚାରଶକ୍ତି, ଆଚରଣ, ବ୍ୟବହାର, ଉଦାରଶୀଳତା- ସବୁକିଛି ସାଧାରଣ ମଣିଷ ଠାରୁ ଉନ୍ନତତର ବା ଉଚ୍ଚତର ହୋଇଥାଏ । କିନ୍ତୁ ଅନେକ ସମୟରେ ଦେଖାଯାଉଛି ଯେ, ସାହିତ୍ୟରେ ଯେଉଁସବୁ କାଣ୍ଡକାରଖାନା ହେଉଛି, ସେସବୁ କଳ୍ପନାତୀତ । ଅର୍ଥାତ୍ ହେବା କଥା ନୁହେଁ । ଲେଖକଟି ଭିତରେ ଲେଖକଟି ପ୍ରତି ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବନା ରହିବା କଥା । ରହୁ ନାହିଁ । ଗୋଟିଏ ଲେଖକ ଆଉ ଗୋଟିଏ ଲେଖକର ସଫଳତାରେ ଆନନ୍ଦ ଅନୁଭବ କରିବା କଥା । କରୁ ନାହିଁ । କୌଣସି ଲେଖକର ନୂଆ ଆଗମନରେ ଆଉ ଜଣେ ଲେଖକ ତା' ପାଇଁ ପ୍ରେରଣାଟିଏ ହେଇ ଆଗେଇ ଆସିବା ଉଚିତ । ଆସୁ ନାହିଁ । କିନ୍ତୁ ଏପରି ଘଟୁଛି କାହିଁକି ? ଲେଖକ-ଲେଖକ ଭିତରେ ଗୋଟେ ପ୍ରକାର 'ହାମ୍‌ବଡ଼ା' ନୀତି ଅଦୃଶ୍ୟ ଭାବରେ ବିଦ୍ୟମାନ ଥିବା ଯୋଗୁଁ ପରସ୍ପର କଳିଗୋଳ ଓ ଗୋଡ଼ ଟଣାଟଣିରେ ନିମଗ୍ନ । କେହି ଯେପରି କାହାକୁ ଗ୍ରହଣ କରିବାକୁ ନାରାଜ । ସମସ୍ତେ 'ମୁଁ'ତ୍ୱକୁ ନେଇ ମସ୍‌ଗୁଲ୍ । ମୁଁ ନାହିଁ ତ କିଛି ନାହିଁ । ମୋ ବିନା କିଛି ହେଉଛି ଯଦି ତାହା ସାହିତ୍ୟ ପଦବାଚ୍ୟ ନୁହେଁ । ଏପରି କଦର୍ଯ୍ୟ ମନୋଭାବ ନେଇ ଆମେ ଲେଖକମାନେ କର୍ଦ୍ଦମାକ୍ତ କରି ସାରିଲୁଣି ସାହିତ୍ୟର ସଫେଦ ଚଟାଣକୁ । ସାହିତ୍ୟିକ ବୋଲି ପରିଚୟ ଦେବାକୁ ଏବେ ଲଜ୍ଜା ଲାଗିଲାଣି । ସମାଜରେ ସାଧାରଣ ଲୋକେ ଆମକୁ ସମ୍ମାନ ଦେବା ପରିବର୍ତ୍ତେ ହସାହସି ହେଉଛନ୍ତି । ଏସବୁ ପାଇଁ ଆମେ ମାନେ ହିଁ ଦାୟୀ ।

ଲେଖକୀୟ ଅସହିଷ୍ଣୁତା ଆମ ଭିତରେ ଚକା ମାରି ବସିଛି । ଆମକୁ ପ୍ରତି ନିୟତ ତା କବ୍‌ଜାକୁ ନେଇ ସାହିତ୍ୟକୁ କରୁଛି ପ୍ରଦୂଷିତ । ଆମେ ଜାଣୁ ଅସହିଷ୍ଣୁତା ଏକ ମାନବୀୟ ଗୁଣ । ଏହା ସବୁ ମଣିଷର ଗୋଟିଏ ପ୍ରବୃତ୍ତି । କାହା ପାଖରେ କମ୍ କାହା ପାଖରେ ଉତ୍କଟ ହୋଇ ଏହା ବସିଥାଏ । ଆମେ ଅସହିଷ୍ଣୁତାକୁ ଧରି ନିଜ ନିଜ ଭିତରେ ବାଡ଼ିଆପିଟା ହୋଇ ଏକ ପ୍ରକାର ଛଦ୍ମ ଆନନ୍ଦ ପାଉଛେ କହିଲେ ଅତ୍ୟୁକ୍ତି ହେବ ନାହିଁ ।

କୌଣସି ଏକ ସାରସ୍ୱତ ସଂଗଠନ ଦ୍ୱାରା ଆୟୋଜିତ ଜାତୀୟ ବା ରାଜ୍ୟସ୍ତରୀୟ, ଏପରିକି ଆଞ୍ଚଳିକ କାର୍ଯ୍ୟକ୍ରମ କରାଗଲେ, ସେଠାକୁ କିଛି କିଛି ସାହିତ୍ୟିକମାନଙ୍କୁ ଅତିଥି, ଶ୍ରୋତା ଏବଂ ପୁରସ୍କୃତ ପ୍ରତିଭା ଭାବରେ ଡକାଯିବାର ପ୍ରଥା ରହିଛି । କିନ୍ତୁ ଆଜିକାଲି ଆମ ଭିତରେ ପ୍ରତ୍ୟାଶା ଏତେ ବୃଦ୍ଧି ପାଇଛି ଯେ, ଆମେ ଯଦି ସେଥିରୁ ବାଦ୍ ପଡ଼ିଲୁ, ଏବଂ ଦେଖିଲୁ ଯେ ଆମର ସାଥୀ-ଲେଖକ ବା ସହ-ଲେଖକ ସେଥିରେ ଅନ୍ତର୍ଭୁକ୍ତ, ତେବେ କଥା ଶେଷ । ଆମ ଭିତରୁ କିଏ ଜଣେ ତେଜି ଦେବ ଆମର ଅସହିଷ୍ଣୁତାକୁ : ଆଁ, ମୁଁ ପାଇବିନି ଡାକରା, ସେ ପାଇଯିବ ! ଅସମ୍ଭବ । ଆରମ୍ଭ ହେବ ଫେସବୁକ୍ ଅପେରା । କିଛି ଛଦ୍ମ ମିତ୍ରଙ୍କୁ ନେଇ ଆରମ୍ଭ ହେବ ତୁମ୍ବିତୋଫାନ ।

ସମସ୍ତେ ନିଜ ନିଜ ବିଚାରରେ ନିଜକୁ ଶ୍ରେଷ୍ଠ ମନେ କରି, କାହିଁକି ମୁଁ ବାଦ୍ ପଡ଼ିଲି ବୋଲି ହୁରି ପକାନ୍ତି । ସବୁଠାରୁ ହାସ୍ୟାସ୍ପଦ କଥା ଏଇ ଯେ, ଏଇ ପାଟିତୁଣ୍ଡ କେବଳ ଫେସ୍‌ବୁକ୍ ଭଳି ଏକ ସାମାଜିକ ଗଣମାଧ୍ୟମରେ ଘୂରିବୁଲେ । ଏହାର ଫଳାଫଳ ଶୂନ୍ୟ । କାରଣ କୌଣସି ସାହିତ୍ୟ ଅନୁଷ୍ଠାନ, ତାହା ସରକାରୀ ହେଉ ଅବା ବେସରକାରୀ, ଫେସ୍‌ବୁକ୍ ସେମାନଙ୍କର ଅଧିକୃତ ମଞ୍ଚ ନୁହେଁ, ଯେଉଁଠି ଭୁଲ୍ ତ୍ରୁଟିକୁ ଲେଖି ହେବ । କେବଳ ପରସ୍ପର ଭିତରେ ଆତ୍ମପ୍ରଚାର କରିବା ହିଁ ସାର ହୁଏ । ଯଦି ପ୍ରକୃତରେ କୌଣସି ତ୍ରୁଟିପୂର୍ଣ୍ଣ ନୀତି ବିରୁଦ୍ଧରେ ସ୍ୱର ଉଠାଇବାର ଥାଏ, ତେବେ ଦଳଗତ ଭାବେ ମିଳିତ ସ୍ୱାକ୍ଷର ଥିବା ଏକ ଦରଖାସ୍ତ ଉକ୍ତ ସଂଗଠନର ସଭାପତି ବା ସମ୍ପାଦକଙ୍କୁ ପ୍ରଦାନ କଲେ ସେମାନେ ତାକୁ ବିଚାର କରିବାକୁ ବାଧ୍ୟ । ମାତ୍ର ଏପରି ହୁଏନାହିଁ କି ଏମିତି ଏକ ଶୃଙ୍ଖଳିତ ଉପାୟରେ ତ୍ରୁଟିକୁ ସଂଶୋଧନ କରିବାର ଧୈର୍ଯ୍ୟ କାହା ପାଖରେ ନଥାଏ । ଫେସ୍‌ବୁକ୍‌ରେ କିଏ ଛିଙ୍କିଲା, କିଏ କାଶିଲା ଲେଖା ଯାଉଥିବା ବେଳେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କଥାକୁ ବିଚାର କରିବ କିଏ ? ଫେସ୍‌ବୁକ୍‌ର ମାଲିକ ? ସେ ତ ଆମକୁ ବୋକା ବନେଇ ଆମ ଭିତରେ କଳହ ସୃଷ୍ଟି କରିବା ପାଇଁ କଣ୍ଟାର କାନ୍ଥଟିଏ ତିଆରି କରି 'ନିଅ କେତେ ଝଗଡ଼ା କରୁଛ କର, କେତେ ଗାଳି କରୁଛ କର'ର ଏକ ଲାଇସେନ୍ସ ଧରାଇ ଦେଇଛନ୍ତି । କଣ୍ଟାବାଡ଼ରେ କଳି କଲା ପରି ଆମେ କଳି କରୁ । ଆମର ପ୍ରାଇଭେସିକୁ ଆମେ ନିଲାମ କରୁ । ଆମ ସାହିତ୍ୟର ଦୈନ୍ୟ ଦେଖାଉ । ଆମର ଭାଇଚାରାକୁ ଆମେ ଦଳିମକ୍ଟି ଦେଉ । ଏହାଦ୍ୱାରା ତୃତୀୟ ପକ୍ଷର ଆନନ୍ଦ ହିଁ ଆନନ୍ଦ । ଏ କଥା ଆମେ ହେଜିବା ଦରକାର ଯେ, ଫେସ୍‌ବୁକ୍ ଆମର ସବୁକିଛି ନୁହେଁ । ହଁ, ଏହା ମାଧ୍ୟମରେ ନିଜ ଲେଖାର ବିଶ୍ୱବ୍ୟାପୀ ପ୍ରଚାରପ୍ରସାର କରା ଯାଇପାରେ, କରାଯାଉ । କିନ୍ତୁ ଲେଖକଟିଏ ଆଉ ଜଣେ ଲେଖକକୁ କୁଭାଷାରେ ଭର୍ତ୍ସନା କରିବା ପାଇଁ ଫେସ୍‌ବୁକ୍‌କୁ ଏକ ସହଜ ଅସ୍ତ୍ର କରାନଯାଉ ।

ସହନଶୀଳତାର ଅଭାବ ଏବଂ ଅନ୍ୟ କାହାର ମତାମତକୁ ସମ୍ମାନ ବା ସହ୍ୟ କରିବାର ଅନିଚ୍ଛା ହିଁ ହେଉଛି 'ଅସହିଷ୍ଣୁତା' । ଆମ ଲେଖକଙ୍କ ଭିତରେ ବଡ଼ପଣ ଭାବନା ଏବଂ ଅହଂଭାବ ସବୁବେଳେ ମନ୍ଦଗୁଣ ଭାବରେ ମହଜୁଦ୍ ଅଛି । ଯେମିତି ଅପଶକ୍ତି କ୍ଷତି କରାଏ, ସେମିତି ମନ୍ଦଗୁଣ ମଧ୍ୟ କ୍ଷତି କରାଏ । ଭଲଗୁଣକୁ ଅତିକ୍ରମ କରି ମନ୍ଦଗୁଣ ସବୁବେଳେ ଲେଖକଟିକୁ ପିରିଚାଳିତ ବା ନିୟନ୍ତ୍ରିତ କରିଥାଏ । ଲେଖକଟିଏ ସହଜ, ସୁନ୍ଦର ସରଳ ଓ ଶୃଙ୍ଖଳିତ ହୋଇଗଲେ ହିଁ ବଡ଼ିମା ବା ଅହଂର ମୃତ୍ୟୁ ହୋଇଥାଏ । ଅହଂକାର ଓ ଅସହ୍ୟତା ଆତ୍ମୀୟତାର ରୂପ ନେଇ ଲେଖକ ଭିତରେ ବଞ୍ଚିଲେ ଯାଇ ପ୍ରକୃତ ଲେଖକଟିଏକୁ ଆମେ ପାଇବା ଏବଂ ତା'ର ଆଚରଣ, ବ୍ୟବହାର ଓ ସୃଷ୍ଟିରେ ସେଇ ଆତ୍ମୀୟତାର ସ୍ପର୍ଶ ତାକୁ ଲେଖକୀୟ ପରିଚୟ ଦେବା ସହ ଅସହିଷ୍ଣୁତାର ଭାବନାଟି ତାକୁ ଆଉ ସ୍ପର୍ଶ କରିବ ନାହିଁ । କହିବା ନିଷ୍ପ୍ରୟୋଜନ, ଅହଂକାର ଓ ଅସହ୍ୟତା ବିହୀନ ଲେଖକଟିଏ ହିଁ ପ୍ରକୃତ ଲେଖକ । ଅସହିଷ୍ଣୁତାକୁ ପାଳିପୋଷି ରଖିଥିବା ଓ ନିଜକୁ ବଡ଼ ଲେଖକ ବୋଲାଉଥିବା ଛଦ୍ମ ଲେଖକମାନେ ଏହାକୁ ଭୁଲିଯିବା ଉଚିତ ନୁହେଁ ଯେ, ସମୟ ହିଁ ସବୁଠାରୁ ବଡ଼ ନିର୍ଣ୍ଣାୟକ ।




SMILE GOLD
100% Hall Marked Jewellery
BIS
Desire meets
A New Style
Mob: +91-9438019696/ 9438029797
Plot No: B-38,Fancy Market,Saheed Nagar,Bhubaneswar

The REBATI AMA MATIRA SWARA ● April 2024 Vol - 6 Issue - 06 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2023-2024 ● Rs. 50
Total Page : 108




Associate editor : **Krushna Kumar Mohanty**
Editor : **Subasini Jena**